ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
**2016 - 2017 ଅନୁଯାୟୀ ଲିଖିତ**
ପତ୍ର ମାଧ୍ୟମ ଶିକ୍ଷା (+୨) କଳା, ପ୍ରଥମ ବର୍ଷ

# ଇତିହାସ

(ପ୍ରଥମ ପତ୍ର)

ପ୍ରକାଶକ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର
**COUNCIL OF HIGHER SECONDARY EDUCATION, ODISHA**
BHUBANESWAR
2016

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
2016-2017 ଅନୁଯାୟୀ ଲିଖିତ
ଉଚ୍ଚ ମାଧ୍ୟମ ଶିକ୍ଷା (+୨) କଳା, ପ୍ରଥମ ବର୍ଷ

# ଇତିହାସ

(ପ୍ରଥମ ପତ୍ର)


ଲେଖକ

**ଡକ୍ଟର ଫଣିନ୍ଦ୍ରମ ଦେଓ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ଖଡ଼ିଆଳ, ନୂଆପଡ଼ା

**ଶ୍ରୀ ଲକ୍ଷ୍ମୀଧର ରାଉତ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ବଣେଇଗଡ଼ ମହାବିଦ୍ୟାଳୟ
ବଣେଇଗଡ଼, ସୁନ୍ଦରଗଡ଼



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର
COUNCIL OF HIGHER SECONDARY EDUCATION ODISHA, BHUBANESWAR
2016

# ମୁଖବନ୍ଧ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଓଡ଼ିଶା, ଭୁବନେଶ୍ୱର ତରଫରୁ ପ୍ରକାଶିତ +୨ ପ୍ରଥମ ବର୍ଷ ଇତିହାସ ପୁସ୍ତକ ପତ୍ର ମାଧ୍ୟମ ଶିକ୍ଷା (Correspondence Course) ମାଧ୍ୟମରେ ୨୦୧୭ ବାର୍ଷିକ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିପାରିବ, ବିଶ୍ୱାସ । ୨୦୧୬-୧୭ ନୂଆ ପାଠ୍ୟକ୍ରମ ଅନୁଯାୟୀ ଏହା ଲିଖିତ ।

ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେବା ନିମନ୍ତେ ଚାହୁଁଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏହା ଏକ ଭଲ ପଦକ୍ଷେପ ।

ଏହି ଅବସରରେ ସଚିବ ଶ୍ରୀ ଜ୍ଞାନରଞ୍ଜନ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଶ୍ରୀ ବିରଞ୍ଚି ନାରାୟଣ ମିଶ୍ର ଏବଂ ଅନ୍ୟ କର୍ମଚାରୀବଂଧୁମାନଙ୍କୁ ଆନ୍ତରିକ ଧନ୍ୟବାଦ । ଲେଖକମାନଙ୍କୁ ବିଶେଷ କୃତଜ୍ଞତା ।

ପାଠ୍ୟସୂଚୀ ପ୍ରସ୍ତୁତିରେ ଯଦି କିଛି ତ୍ରୁଟି ଥାଏ, ତେବେ ପରବର୍ତ୍ତୀ ସଂସ୍କରଣରେ ତାହା ସଂଶୋଧନ କରାଯିବ ।

ପ୍ରଫେସର ବାସୁଦେବ ଛାଟୋଇ

ଅଧ୍ୟକ୍ଷ

# ବିଷୟ ସୂଚୀ


| ଅଧ୍ୟାୟ | | ବିଷୟ | ପୃଷ୍ଠା |
|---|---|---|---|
| UNIT - I | | | 1-27 |
| | ପ୍ରଥମ ଅଧ୍ୟାୟ | ଇତିହାସ : ଅର୍ଥ ଓ ପ୍ରାସଙ୍ଗିକତା | ୧ |
| | ଦ୍ୱିତୀୟ ଅଧ୍ୟାୟ | ମାନବ କ୍ରମବିକାଶର ଇତିହାସ<br>ଆଧୁନିକ ମାନବର ଅଗ୍ରଦୂତ | ୩ |
| | ତୃତୀୟ ଅଧ୍ୟାୟ | ପ୍ରାଚୀନ ନଦୀ ଉପତ୍ୟକା ସଭ୍ୟତାର ଅବଦାନ :<br>ମିଶର, ମେସୋପୋଟାମିଆ ଓ ଚୀନ | ୭ |
| UNIT - II | | | 28-50 |
| | ଚତୁର୍ଥ ଅଧ୍ୟାୟ | ପ୍ରାଚୀନ ଗ୍ରୀସ୍<br>ନଗର ରାଜ୍ୟର ଉତ୍ଥାନ | ୨୮ |
| | ପଞ୍ଚମ ଅଧ୍ୟାୟ | ପ୍ରାଚୀନ ରୋମ୍ | ୩୭ |
| | ଷଷ୍ଠ ଅଧ୍ୟାୟ | ଇଉରୋପ୍‌ରେ ସାମନ୍ତବାଦ | ୪୫ |
| UNIT - III | | | 51-81 |
| | ସପ୍ତମ ଅଧ୍ୟାୟ | ପୃଥିବୀର ପ୍ରମୁଖ ଧର୍ମ :<br>ଖ୍ରୀଷ୍ଟଧର୍ମ, ଇସଲାମଧର୍ମ | ୫୧ |
| | ଅଷ୍ଟମ ଅଧ୍ୟାୟ | ଇଉରୋପୀୟମାନଙ୍କ ଦୂର ଜଳଯାତ୍ରା | ୫୮ |
| | ନବମ ଅଧ୍ୟାୟ | ଆମେରିକାରେ ସଭ୍ୟତା | ୬୩ |
| | ଦଶମ ଅଧ୍ୟାୟ | ଇଉରୋପରେ ବିଜ୍ଞାନ ଓ ପରିବର୍ତ୍ତନଶୀଳ ସାଂସ୍କୃତିକ ପରମ୍ପରା | ୬୯ |
| UNIT - IV | | | 82-105 |
| | ଏକାଦଶ ଅଧ୍ୟାୟ | ଶିଳ୍ପ ବିପ୍ଳବ | ୮୨ |
| | ଦ୍ୱାଦଶ ଅଧ୍ୟାୟ | ଆମେରିକା ସ୍ୱାଧୀନତା ସଂଗ୍ରାମ | ୮୯ |
| | ତ୍ରୟୋଦଶ ଅଧ୍ୟାୟ | ଫରାସୀ ବିପ୍ଳବ | ୯୬ |

| | | |
|---|---|---|
| **UNIT - V** | | **106-130** |
| ଚତୁର୍ଦ୍ଦଶ ଅଧ୍ୟାୟ | ପ୍ରଥମ ବିଶ୍ୱଯୁଦ୍ଧର କାରଣ ଏବଂ ଫଳାଫଳ | ୧୦୬ |
| ପଞ୍ଚଦଶ ଅଧ୍ୟାୟ | ଋଷ ବିପ୍ଳବ କାରଣ ଏବଂ ଫଳାଫଳ | ୧୧୪ |
| ଷୋଡ଼ଶ ଅଧ୍ୟାୟ | ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଏବଂ ଫଳାଫଳ | ୧୨୦ |
| ସପ୍ତଦଶ ଅଧ୍ୟାୟ | ମିଳିତ ଜାତିସଂଘ | ୧୨୬ |

❑❑❑

Unit-I

ପ୍ରଥମ ଅଧ୍ୟାୟ

# ଇତିହାସ : ଅର୍ଥ ଓ ପ୍ରାସଙ୍ଗିକତା

## History : Meaning and Relevance

'ସୌର ଜଗତ, ପୃଥିବୀ ପ୍ରକୃତି, ଜୀବଜଗତ ଓ ମାନବ ସମାଜ ସଦାସର୍ବଦା ପରିବର୍ତ୍ତନଶୀଳ । ସମୟର ଗତି ସହିତ ପରିବର୍ତ୍ତନ ଆସେ । କେତେକ ପରିବର୍ତ୍ତନ ଗୋଟିଏ ଦିନରେ ବି ହୁଏ କିନ୍ତୁ ଅନେକ ପରିବର୍ତ୍ତନ ଶହ ଶହ, ହଜାର ହଜାର ବର୍ଷରେ ଆସେ । ବର୍ତ୍ତମାନରେ ଯାହା ସବୁ ପୃଥିବୀରେ ଅଛି ଓ ଯେଉଁ ସ୍ଥିତିରେ ଅଛି ତାହା ପୂର୍ବରୁ କିପରି ଥିଲା ଓ କାହିଁକି ଓ କିପରି ପରିବର୍ତ୍ତନ ହେଲା ଜାଣିବାର ଇଚ୍ଛାରୁ ଅନୁସନ୍ଧାନ ଆରମ୍ଭ ହେଲା । ଏ ପ୍ରକାର ଅନ୍ୱେଷଣ ଓ ଅନୁସନ୍ଧାନ କୁ ଗ୍ରୀକ୍ ଭାଷାରେ 'ହିଷ୍ଟୋରିଆ' ଓ ଇଂରାଜୀ ଭାଷାରେ 'ହିଷ୍ଟ୍ରି' ଓ ଭାରତୀୟ ଭାଷାରେ 'ଇତିହାସ' କୁହାଯାଏ । ଗ୍ରୀକ୍ ଦେଶର ପ୍ରଥମେ ପ୍ରଥମେ ଅନୁସନ୍ଧାନରୁ ମିଳିଥିବା ତଥ୍ୟକୁ ପଦ୍ୟ ମାଧ୍ୟମରେ ପ୍ରକାଶ କରୁଥିଲେ । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଗ୍ରୀକ୍ ନାଗରିକ ହେରୋଡୋଟସ୍ ଅତୀତର ଅନ୍ୱେଷଣ ଓ ଅନୁସନ୍ଧାନ କରି ଯାହା ତଥ୍ୟ ପାଇଲେ ତାକୁ ଗଦ୍ୟ ରୂପରେ ଉପସ୍ଥାପନ କଲେ । ତାଙ୍କର ଏ କୃତି ପାଇଁ ତାଙ୍କୁ 'ଫାଦର୍ ଅଫ୍ ହିଷ୍ଟ୍ରି' (Father of History) ବା 'ଇତିହାସର ଜନକ' ବୋଲି ସ୍ୱୀକୃତି ମିଳିଛି । ହେରୋଡୋଟସ୍‌ଙ୍କ ଇତିହାସ ରଚନା ପରମ୍ପରାକୁ ଆଗେଇ ନେଇ ଥୁସିଡାଇସ୍ ବିଜ୍ଞାନ ସମ୍ମତ ଅନୁସନ୍ଧାନ ଓ ବିଶ୍ଳେଷଣ ଜରିଆରେ ତଥ୍ୟଭିତ୍ତିକ ଇତିହାସ ରଚନା କରିଥିଲେ । ରୋମ ସାମ୍ରାଜ୍ୟର ନାଗରୀକ ଲିଭି ଓ ଟାସିଟର୍ସ୍ ଇତିହାସ ଲିଖନ ଧାରାକୁ ଆଗେଇ ନେଇ ରୋମ ସାମ୍ରାଜ୍ୟର ଇତିହାସ ରଚନା କରିଥିଲେ ।

ଇତିହାସ ରଚନା ପାଇଁ ବିଭିନ୍ନ ପ୍ରକାର ଉପଦାନ ଯଥା କଥିତ ଓ ଲିଖିତ ପରମ୍ପରା, ସଂସ୍କୃତି, ସାହିତ୍ୟ, ଜୀବାଶ୍ମ, ପତ୍ନତାତ୍ତ୍ୱିକ ଅବଶେଷ, ମୁଦ୍ରା, ଶିଳାଲେଖ,ଲୋକଗୀତ, ପରିବ୍ରାଜକଙ୍କ ବିବରଣୀ , ବଂଶାବଳୀ ଇତ୍ୟାଦି ଜରୁରୀ । ଏ ସମସ୍ତ ଉପାଦାନ ଓ ତଥ୍ୟକୁ ଇତିହାସ ରଚନା ପାଇଁ ବିଶ୍ଳେଷଣ କରି ଐତିହାସିକମାନେ ନିଜ ନିଜର ମତପୋଷଣ କରିଥାନ୍ତି । ଇତିହାସର ସଂଜ୍ଞାକୁ ନେଇ ଅନେକ ବିଜ୍ଞ ଲୋକ ନିଜ ନିଜର ମତ ରଖିଛନ୍ତି । କାର୍ଲମାର୍କ୍ସଙ୍କ ମତରେ ଇତିହାସର ବିଷୟବସ୍ତୁ ଶ୍ରେଣୀ ସଂଘର୍ଷ । ସାମାଜିକ ଓ ଆର୍ଥିକ ବିଷମତାର ଶ୍ରେଣୀ ସଂଘର୍ଷ ହୋଇଥାଏ । ଇ.ଏଚ.କାରଙ୍କ (E.H.Car) ମତରେ ଅତୀତ ଓ ବର୍ତ୍ତମାନ ମଧ୍ୟରେ ନିରବଚ୍ଛିନ୍ନ କଥୋପକଥନ ତଥ୍ୟ କୁ ଐତିହାସିକ ସଂଗ୍ରହ କରି ନିଜର ମତ ଓ ବିଚାର ମାଧ୍ୟମରେ ଉପସ୍ଥାପନ କରିଥାଏ । ଏହା ଇତିହାସ । ଆର୍.ଜି.କଲିଙ୍ଗଉଡ (R.G.Callingwood) ଙ୍କ ମତରେ କେବଳ ତଥ୍ୟ ନୁହେଁ କିମ୍ବା କେବଳ ଐତିହାସିକର ମତ ଓ ବିଚାର ନୁହେଁ , ବରଂ ଅତୀତର ତଥ୍ୟ ସହିତ ଐତିହାସିକର ମତ ଓ ବିଚାର ସମନ୍ୱୟ ଓ ପରସ୍ପର ସଂପର୍କରୁ ଇତିହାସର ସୃଷ୍ଟି ହୁଏ ।

ଅତୀତରୁ ବର୍ତ୍ତମାନ, ବର୍ତ୍ତମାନରୁ ଭବିଷ୍ୟତର ସୃଷ୍ଟି ଓ ଗତି । ଯଦି ମାନବ, ସମାଜ ଓ ଦେଶର ଅତୀତ ସହିତ ବର୍ତ୍ତମାନର ସମ୍ପର୍କର ଜ୍ଞାନ ଆହରଣ ନ କରିବ ତାହେଲେ ନିଜନିଜର ସୃଷ୍ଟି, ପରିଚୟ ଓ ଗତି ଜାଣି ପାରିବ ନାହିଁ । ଫଳ ସ୍ୱରୂପ ବର୍ତ୍ତମାନ ସଠିକ୍ ଧାରାରେ ଆଗେଇ ପାରିବ ନାହିଁ । ସେ ଭାଗ୍ୟବାଦୀ ହୋଇଯିବ । ସେଥିପାଇଁ ଇତିହାସର ପରିସର କ୍ଷେତ୍ର ବ୍ୟାପକ ଓ ତାହାର ପ୍ରାସଙ୍ଗିକତା ରହିଛି ।

## ଇତିହାସର ପ୍ରାସଙ୍ଗିକତା

ପୃଥିବୀର ସମସ୍ତ ବସ୍ତୁ ଓ ବିଷୟବସ୍ତୁର ମୂଳ ଇତିହାସରେ ନିହିତ । ଇତିହାସ ସମସ୍ତ ଜ୍ଞାନ ଓ ବିଜ୍ଞାନର ଭଣ୍ଡାର । ଇତିହାସ ଦ୍ୱାରା ଅତୀତର ଅଧ୍ୟୟନ ସହ ବର୍ତ୍ତମାନର ସଠିକ୍ ଧାରଣା ଓ ସ୍ୱରୂପ ଅନୁଧ୍ୟାନ କରି ହୁଏ ଓ ଭବିଷ୍ୟତର ଦିଶା ନିର୍ଣ୍ଣୟ କରିହୁଏ । ତେଣୁ ଇତିହାସ ସମସ୍ତଙ୍କ ପାଇଁ ମାର୍ଗଦର୍ଶକ ହୋଇ ଚିର ଦିନ ପ୍ରାସଙ୍ଗିକ ରହିବ ।

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯାହାକରେ ତାହା ମଣିଷର ସଂସ୍କୃତି ହୁଏ । ସେ ସୃଷ୍ଟିକରେ ସମାଜ, ପରମ୍ପରା, ଧର୍ମ, ସାହିତ୍ୟ, କଳା ଓ ସ୍ଥାପତ୍ୟ ଇତ୍ୟାଦି । ସମାଜ, ପରମ୍ପରା ଓ ଧର୍ମ ରକ୍ଷଣଶୀଳ ହେଲେ ପୁଣି ଆରମ୍ଭ ହୁଏ ସାମାଜିକ ସଂସ୍କାର, ଧର୍ମ ସଂସ୍କାର, ଆନ୍ଦୋଳନ ଓ ବିପ୍ଳବ । ଏ ସମସ୍ତ ବୌଦ୍ଧିକ ଚିନ୍ତନ ପାଇଁ ଇତିହାସର ପ୍ରାସଙ୍ଗିକତା ରହିଛି ।

ମଣିଷ ପରିବାର, ଗୋଷ୍ଠୀ ଓ ସମାଜ ସୃଷ୍ଟିକରି ଗ୍ରାମ, ସହର, ଦେଶ ସରକାର ସୃଷ୍ଟି କରିଛି । ଗୋଷ୍ଠୀ, ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ସମନ୍ୱୟ ଦେଶ ଦେଶ ମଧ୍ୟରେ ଯୁଦ୍ଧ, ମହାଯୁଦ୍ଧ, ବିଶ୍ୱଯୁଦ୍ଧ ଓ ଯୁଦ୍ଧପରେ ଶାନ୍ତି ପାଇଁ ପ୍ରଚେଷ୍ଟା କରିଆସିଛି । ଇତିହାସ ଏ ସମସ୍ତ ବିଷୟବସ୍ତୁ ସୁ'ଫଳ ଓ କୁ'ଫଳ ଓ ପ୍ରକ୍ରିୟା ଉପରେ ଆଲୋକପାତ କରେ ମାନବ କଲ୍ୟାଣ ତଥା ନୀତି ନିର୍ଦ୍ଧାରଣ ପାଇଁ ।

ଇତିହାସ ଜ୍ଞାନ ବିଜ୍ଞାନର ପରିସରକୁ ପ୍ରସାରିତ କରି ସମୃଦ୍ଧ କରେ । ସମୟ ଥିଲା ଇତିହାସରେ କେବଳ ଶାସକ, ରାଜନୀତି ଓ ଯୁଦ୍ଧ ବିଷୟରେ ବର୍ଣ୍ଣନା ହଉଥିଲା । ଏ ସମସ୍ତ ବିଷୟର ଆଜିବି ମହତ୍ତ୍ୱ ରହିଛି ଓ ଲେଖା ବି ହଉଛି କିନ୍ତୁ ତା ସହିତ ପରିସର ବ୍ୟାପକ ହୋଇ ମଣିଷର ଜୀବନ ଧାରଣ ପ୍ରଣାଳୀ, କଣ ଓ କି ଉପାୟରେ ସେ ଉତ୍ପାଦନ କରେ ଓ କଣ ଖାଏ, କିପରି ରାଜ୍ୟ ଓ ସରକାର ସ୍ଥାପନ ହେଲା, କିପରି ନୂତନ ଚିନ୍ତାଧାରା ଜନ୍ମ ନେଲା ଓ ଗ୍ରହଣୀୟ ହେଲା ଓ କିପରି ସମାଜ ଓ ସଂସ୍କୃତିର ପରିବର୍ତ୍ତନ ଆସିଛି ଓ ଆସୁଛି. ଇତ୍ୟାଦି ଇତିହାସର ପରିସରଭୁକ୍ତ ହେଉଛି ।

ଇତିହାସ ପ୍ରେରଣା ଯୋଗାଇଥାଏ । ମହାପୁରୁଷ, ସମାଜ ସଂସ୍କାରକ, ଧର୍ମ ସଂସ୍କାରକ, ସୁଶାସକ, ଦାର୍ଶନିକ ଓ ସାହିତ୍ୟିକମାନଙ୍କ ବାଣୀ, କୃତୀ ଓ ଜୀବନ ଶୈଳୀ ଇତିହାସରେ ସ୍ଥାନ ପାଇଥାଏ ଓ ନୂତନ ପିଢିଙ୍କ ପାଇଁ ପ୍ରେରଣା ଯୋଗାଏ ବୌଦ୍ଧିକ ଅଧ୍ୟୟନ କରି ସିଦ୍ଧାନ୍ତ ନେବାକୁ ।

ଇତିହାସରେ ସାମ୍ରାଜ୍ୟବାଦ, ସାମନ୍ତବାଦ, ଉପନିବେଶବାଦ, ପୁଞ୍ଜିବାଦ, ସମାଜବାଦ, ସାମ୍ୟବାଦର ସୁଫଳ ଓ କୁଫଳ ଉପସ୍ଥାପନ ଦ୍ୱାରା ମଣିଷର ଜ୍ଞାନ ବଢେ । ସେ ଜାତି, ସମାଜ, ଦେଶ, ସରକାର ଓ ବ୍ୟବସ୍ଥାର ସଠିକ୍ ରୂପ ଉପରେ ଅବଗତ ହୁଏ । ଇତିହାସ ଶୋଷଣ ଓ ପରାଧୀନତା ବିରୋଧରେ ସ୍ୱର ଉତ୍ତୋଳନ କରି ସ୍ୱାଧୀନତା, ଅଧିକାର ପାଇଁ ଓ ଲଢେଇ ବିପ୍ଳବ କରିବାର ବାଟ ଦେଖାଏ ।

ଶେଷରେ ଇତିହାସ ମାନବ ସମାଜର ନିଜସ୍ୱ ଜ୍ଞାନ ପାଇଁ ଉଦ୍ଦିଷ୍ଟ. ତେଣୁ ଇତିହାସର ପ୍ରାସଙ୍ଗିକତା ଧରାପୃଷ୍ଠରେ ମାନବ ଥିବା ପର୍ଯ୍ୟନ୍ତ ରହିବ ।

❑❑❑

### ଦ୍ୱିତୀୟ ଅଧ୍ୟାୟ

# ମାନବ କ୍ରମବିକାଶର ଇତିହାସ

## (History of Human Evolution)

# ଆଧୁନିକ ମାନବର ଅଗ୍ରଦୂତ

## (The Precursor of Modern Humanities)

---

ଆଧୁନିକ ମାନବର କ୍ରମବିକାଶର କାହାଣୀ ଜଟିଳ ଓ ସୁଦୀର୍ଘ । ପ୍ରତି ମୁହୂର୍ତ୍ତରେ ନୂତନ ଗବେଷଣା ଓ ସନ୍ଧାନ ସହିତ ନୂତନ ତଥ୍ୟ ଲୋକଲୋଚନକୁ ଆସୁଛି ତଥା ଉପଲବ୍ଧ ତଥ୍ୟର ପୁନଃବ୍ୟାଖ୍ୟାନଦ୍ୱାରା ନୂତନ ଦୃଷ୍ଟିଭଙ୍ଗୀ ଓ ଜ୍ଞାନର ପରିସର ବଢୁଛି । ଫଳସ୍ୱରୂପ ବହୁ ପ୍ରଶ୍ନ ଅସମାହିତ ରହିଛି । ତନ୍ମଧ୍ୟରୁ ଅଳ୍ପ କେତେକ ମତ ଓ ତାହାର ନିହିତାର୍ଥ ଏଠାରେ ବୁଝିବାକୁ ଚେଷ୍ଟା କରିବା ।

ଆଜକୁ ପ୍ରାୟ ୨୪ ନିୟୁତ ବର୍ଷ ପୂର୍ବେ ଅବିକଶିତ ମଣିଷ "ହୋମିନଏଡ" (Hominoid) ବା 'ବଣମଣିଷ' ଧରାପୃଷ୍ଠରେ ଦେଖାଦେଲା । ତାପରେ ମଣିଷପରି ଦୃଶ୍ୟମାନ ଅନେକ ପ୍ରଜାତିର ପ୍ରାଣୀ ଧରାପୃଷ୍ଠରେ ଦେଖାଦେଲେ ଓ ତନ୍ମଧ୍ୟରୁ ଅଧିକାଂଶ ଅବଲୁପ୍ତ ହୋଇଗଲେ । ଆଜିକାଲିକା ମଣିଷପରି ଦେଖାଯାଉଥିବା "ହୋମିନିଡ" (Hominid) ଆଜକୁ ପ୍ରାୟ ୬ ନିୟୁତ ବର୍ଷ ପୂର୍ବେ ଧରାପୃଷ୍ଠରେ ବିଚରଣ ଆରମ୍ଭ କରିବା ପ୍ରମାଣ ମିଳେ । ଉପଲବ୍ଧ ଜୀବାଶ୍ମ ପଥରର ହାତ ହତିଆର ଓ ଗୁମ୍ଫା ଚିତ୍ରକଳା / ଅଙ୍କିତଚିତ୍ର ଆଦି ମଣିଷର ଇତିହାସକୁ ବୁଝିବାକୁ ସାହାଯ୍ୟ କରୁଛି । ହୋମିନଏଡ୍ ପ୍ରାକୃତିକ ରୀତିରେ କ୍ରମବିକଶିତ ହୋଇ ହୋମିନଡ୍ ହେଲେ । ହୋମିନଏଡ ଓ ହୋମିନିଡ ମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିବା ସତ୍ତ୍ୱେ ଅନେକ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟ ମଧ୍ୟ ଥିଲା । ଅପୂର୍ଣ୍ଣାଙ୍ଗ ବଣମଣିଷର ମସ୍ତିଷ୍କ ଛୋଟ ଥିଲା , ସେମାନେ ଚାଲିବା ଓ ଦୌଡିବା ସମୟରେ ଚତୁଃଷ୍ପଦ ପ୍ରାଣୀପରି ହାତକୁ ଗୋଡ ରୂପେ ବ୍ୟବହାର କରୁଥିଲେ । କ୍ରମବିକାଶରେ ପରବର୍ତ୍ତୀ ସମୟରେ ହୋମିନଏଡ ସିଧା ହୋଇ ଦୁଇଗୋଡରେ ଚାଲିବା ଆରମ୍ଭ କଲା । ସେମାନେ ହାତ ସାହାଯ୍ୟରେ ପଥରର ହାତ ହତିଆର ତିଆରି କରି ବ୍ୟବହାର କରିବା ସୂଚନା ମିଳେ । ପ୍ରାକ୍ ସ୍ତରର ହୋମିନିଡମାନଙ୍କ ଜୀବାଶ୍ମ ପୂର୍ବ ଆଫ୍ରିକାର ଅଷ୍ଟ୍ରାଲୋପିଥେକସ୍ ଓ ଆଫ୍ରିକା ବାହାରେ ଅନେକ ସ୍ଥାନରେ ସନ୍ଧାନ ମିଳିଛି । ଗବେଷକ ଅନୁମାନ କରନ୍ତି ଯେ, ଅଷ୍ଟ୍ରାଲୋପଥେକସ୍ ଠାରେ ଉପଲବ୍ଧ ଜୀବାଶ୍ମ ପ୍ରାୟ ୬ ନିୟୁତ ବର୍ଷ ତଳ ହୋମିନିଡର । ଆଫ୍ରିକା ବାହାରେ ମିଳୁଥିବା ହୋମିନିଡର ଜୀବାଶ୍ମ ପ୍ରାୟ ୧ ନିୟୁତ ୮ ଲକ୍ଷ ବର୍ଷ ପୂର୍ବର ବୋଲି ଅନୁମାନ କରନ୍ତି ।

ହୋମିନଏଡ୍ କ୍ରମବିକାଶ ପ୍ରକ୍ରିୟାରେ ହୋମିନିଡ୍ର ରୂପ ନେଲେ । ହୋମିନଏଡ ତୁଳନାରେ ହୋମିନିଡମାନଙ୍କ ବୃହତ ମସ୍ତିଷ୍କ, ସିଧା ମେରୁଦଣ୍ଡ, ଦୁଇ ଗୋଡରେ ଚାଲିବା ଓ ହାତକୁ ଅନ୍ୟାନ୍ୟ ବିଶେଷ କାମରେ ଲଗାଇବା ଅନୁମିତ । ହୋମିନିଡ ମାନଙ୍କୁ ଅନେକ ଶାଖା ବା ପ୍ରଜାତିରେ ବିଭାଜନ କରାଯାଇଛି । ତନ୍ମଧ୍ୟରୁ ଅଷ୍ଟ୍ରାଲୋପିଥେକସ ଓ ହୋମୋ ପ୍ରଧାନ । ପ୍ରତ୍ୟେକ ଶାଖାରେ ମଧ୍ୟ ଅନେକ ପ୍ରଜାତି ଅଛନ୍ତି । ପ୍ରଧାନ ଦୁଇ ପ୍ରଜାତି ହୋମିନିଡ ମଧ୍ୟରେ ମସ୍ତିଷ୍କର ଆକାର, ଦାନ୍ତର ତାରତମ୍ୟ ଅଛି । ହୋମୋ ମାନଙ୍କ ତୁଳନାରେ ଅଷ୍ଟ୍ରାଲୋପିଥେକସ୍ ମାନଙ୍କ ଛୋଟ ମସ୍ତିଷ୍କ, ଓଜନିଆ ମାଢ଼ି ଓ ବଡ଼ଦାନ୍ତ । ବୈଜ୍ଞାନିକ ଓ ବିଶେଷଜ୍ଞମାନେ ପ୍ରାକ୍‌ମଣିଷମାନଙ୍କ ନାମକରଣ ମୁଖ୍ୟତଃ ଲାଟିନ୍ ଓ ଗ୍ରୀକ୍ ଶବ୍ଦରୁ ନେଇଛନ୍ତି । ଅଷ୍ଟ୍ରାଲୋପିଥେକସ୍ ଦୁଇଟି ଶବ୍ଦ 'ଅଷ୍ଟ୍ରାଲ' '(Austral) +ପିଥେକସ୍ (Pithecus)' କୁ ନେଇ ଗଠିତ ଏକ ଲାଟିନ୍ ଶବ୍ଦ । 'ଅଷ୍ଟ୍ରାଲ'ର ଅର୍ଥ 'ଦକ୍ଷିଣ' ଓ 'ପିଥେକସ୍'

ଗ୍ରୀକ୍‌ଶବ୍ଦର ଅର୍ଥ ଲାଙ୍ଗୁଳ ବିହୀନ ବାନର ବା ବଣମଣିଷ । ଏପ୍ରକାର ନାମ କରଣର କାରଣ ହେଲା ମଣିଷର କ୍ରମବିକାଶ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ମଣିଷରେ, ବଣମଣିଷର ଅନେକ ଲକ୍ଷଣ ଓ ଆକୃତି ବିଦ୍ୟମାନ ଥିଲା । ପର୍ଯ୍ୟାବରଣ ପରିବର୍ତ୍ତନ ସହ ପ୍ରାକୃତିକ ଉପାୟରେ ପ୍ରାଣୀର ଦୈନିନ୍ଦିନ କାର୍ଯ୍ୟକଳାପ ବଦଳିଯିବା ବଣମଣିଷର ଶରୀର ଗଠନକୁ ପ୍ରଭାବିତ କଲା । ପୃଥିବୀର ତାପମାତ୍ରାରେ ପରିବର୍ତ୍ତନ ଦ୍ୱାରା ଘଞ୍ଚ ଜଙ୍ଗଲ କମିଯାଇ ତୃଣ ଅଞ୍ଚଳ ବଢ଼ିବାରେ ଲାଗିଲା । ଫଳସ୍ୱରୂପ ଜଙ୍ଗଲରେ ବସବାସ କରୁଥିବା ପ୍ରାକ୍ ପର୍ଯ୍ୟାୟର ଅଷ୍ଟ୍ରାଲୋପିଥେକସ୍ ବିଲୋପ ହେବାକୁ ଲାଗିଲେ ଏବଂ ଶୁଷ୍କ ଅଞ୍ଚଳରେ ବସବାସ କରୁଥିବା 'ହୋମୋ'ପ୍ରଜାତିର ମଣିଷ ବଢ଼ିବାକୁ ଲାଗିଲେ । ନାମକରଣର ଆଉ ଏକ ପରମ୍ପରା ହେଲା ଯେଉଁ ସ୍ଥାନରେ ସର୍ବପ୍ରଥମ ଜୀବାଶ୍ମ ଆବିଷ୍କାର ହେଲା ସେ ସ୍ଥାନର ନାମ ଅନୁସାରେ ନାମକରଣ କରିବା, ଯେମିତି ଜର୍ମାନୀର ହାଇଡଲବର୍ଗ (Heidalberg) ଠାରେ ଆବିଷ୍କୃତ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମଣିଷ ଅବଶେଷ ଅନୁସାରେ ନାମକରଣ କରାହୋଇଛି । 'ହୋମୋହାଇଡଲବର୍ଗୀୟ' ଓ ନିନଡରଥାଲ (Neandarthal) ଉପତ୍ୟକାରେ ନିର୍ଦ୍ଦିଷ୍ଟ ପ୍ରଜାତିର ମିଳିଥିବା ଅବଶେଷରୁ ନାମକରଣ ହୋଇଛି 'ନିନ୍‌ଡରଥଲବର୍ଗୀୟ' । 'ହୋମୋ' ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ 'ପୁରୁଷ' ଯଦିଓ 'ହୋମୋ' କେବଳ ପୁରୁଷ ନଥିଲେ ମହିଳା ମଧ୍ୟ ଥିଲେ । ବୈଜ୍ଞାନିକମାନେ ଅନେକ ପ୍ରଜାତିର ହୋମୋ ଚିହ୍ନଟ କରିଛନ୍ତି । ପ୍ରତ୍ୟେକ ପ୍ରଜାତିର ବୈଶିଷ୍ଟ୍ୟ ଅନୁସାରେ ବୈଜ୍ଞାନିକମାନେ ନାମକରଣ କରିଥାନ୍ତି । ସେଥିପାଇଁ ହୋମୋମାନଙ୍କ ଜୀବାଶ୍ମକୁ ଅନୁଧ୍ୟାନ କରି ହାତହତିଆର ତିଆରିକାରୀ ହୋମୋ ବା ହୋମୋହେବିଲିସ୍ (Homo Habilis), ଦଣ୍ଡାୟମାନ ହେମୋ ବା ହୋମୋଇରେକର୍ଟସ (Homo Erectus) ଓ ବୁଦ୍ଧିମାନ ଓ ଅଭିଜ୍ଞତା ସମ୍ପନ୍ନ ହୋମୋ ବା ହୋମୋ ସେପିୟନସ୍ (Homo Sapiens) ର ଆଖ୍ୟା ଦେଇଛନ୍ତି ।

ତାଞ୍ଜାନିଆର ଓଲଡୁଭାଇ ଗୋରଜ୍ (Oluvai Gorge) ଓ ଓମୋ (Omo) ଠାରେ ହୋମୋହେବିଲିସ୍ ପ୍ରଜାତିର ମାନବ ଜୀବାଶ୍ମ ଆବିଷ୍କାର ହୋଇଛି । ଏସିଆର ଜାଭା (Java) ଓ ଆଫ୍ରିକାର କେନିଆ (Kenya) ଉପତ୍ୟକାରେ କୁବିଫୋରା ( Koobi Fora) ଏବଂ ତୁରକାନା (Turkana) ଅଞ୍ଚଳରେ ପ୍ରଥମେ ହୋମୋଇରେକଟସ୍ (Homo Erectus) ପ୍ରଜାତିର ମାନବଙ୍କ ଜୀବାଶ୍ମ ଆବିଷ୍କାର ହୋଇଛି । ଆବିଷ୍କୃତ ଜୀବାଶ୍ମର ଅନୁଧ୍ୟାନରୁ ଜଣାପଡେ ଯେ, ଏସିଆର ହୋମୋଇରେକସ୍‌ଙ୍କ ଠାରୁ ଆଫ୍ରିକାର ହୋମୋଇରେକଟସ ମାନେ ପୁରୁଣା ତେଣୁ ଅନୁମାନ କରାଯାଏ ଯେ, ଆଫ୍ରିକାର ହୋମୋଇରେକଟସ ପ୍ରଜାତିର ମାନବ କୌଣସି କାରଣରୁ ଏସିଆକୁ ଯାତ୍ରା କରି ବସବାସ କରିଥିଲେ । ହୋମିନିଡ ମାନେ ଋତୁ ଅନୁସାରେ ଓ ଖାଦ୍ୟ ଶସ୍ୟ ଓ ଶୀକାର ଅନ୍ୱେଷଣରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଥିଲେ ଓ ବାସସ୍ଥାନ ମଧ୍ୟ ପରିବର୍ତ୍ତନ କରୁଥିଲେ । ବୋଧହୁଏ ଏପରି ଯାତ୍ରାରେ ହୋମିନିଡମାନେ ଆଫ୍ରିକା, ଏସିଆ ଓ ୟୁରୋପ ମଧ୍ୟରେ ଆତଯାତ, ଋତୁକାଳୀନ ଯାତ୍ରା, ଖାଦ୍ୟ ଓ ଶିକାର ପାଇଁ ଯାତ୍ରା ତଥା ବସବାସ ପାଇଁ ଯାତ୍ରା କରୁଥିଲେ । ହୋମିନିଡ ପ୍ରଜାତିର ମାନବର ଜୀବାଶ୍ମରୁ ଜଣାପଡେ ଯେ ପାଖାପାଖି ୧୦ଲକ୍ଷ ବର୍ଷ ଧରାପୃଷ୍ଠରେ ଏମାନେ ବଞ୍ଚିଥିଲେ ।

ହୋମୋମାନଙ୍କ ମସ୍ତିଷ୍କ ଅଷ୍ଟ୍ରାଲୋପିଥେକସ୍ ମାନଙ୍କ ମସ୍ତିଷ୍କ ତୁଳନାରେ ବଡଥିଲା । ଫଳସ୍ୱରୂପ ସେମାନଙ୍କ ମନେରଖିବା ଶକ୍ତି ଓ ବୁଦ୍ଧିମତ୍ତାର ଅନୁପାତ ଅଧିକ ଥିଲା । ହୋମୋ ମାନଙ୍କ ମାଢି ଓ ଦାନ୍ତ ଅଷ୍ଟ୍ରାଲୋପିଥେକସ୍‌ଙ୍କ ତୁଳନାରେ ସାନ । ସେମାନଙ୍କ ଆହାରର ଖାଦ୍ୟବସ୍ତୁ ଓ ଖାଇବା ପ୍ରଣାଳୀ ସେମାନଙ୍କ ଦାନ୍ତ ଓ ମାଢିର ଗଠନ ପ୍ରଣାଳୀକୁ ପ୍ରଭାବିତ କରୁଥିଲା ।

## (ଖ) ଆଧୁନିକ ବା ନବ୍ୟ ମାନବ:

ହୋମୋ ସେପିୟନ ପ୍ରଜାତିର ଆଦିମାନବରୁ ନବ୍ୟ ବା ଆଧୁନିକ ମଣିଷର କ୍ରମବିକାଶ ହୋଇଛି । କେତେକ ବିଶେଷଜ୍ଞ ଗୋଷ୍ଠୀଙ୍କ ମତରେ ଆଦ୍ୟ ହୋମୋ ସେପିୟନ ଆଫ୍ରିକାରେ ଦେଖାଦେଲେ ଓ ପୃଥିବୀରୁ ଅନ୍ୟାନ୍ୟ ସ୍ଥାନକୁ ଖାଦ୍ୟ ଅନ୍ୱେଷଣରେ କିମ୍ବା ପର୍ଯ୍ୟାବରଣର ପରିବର୍ତ୍ତନ ଯୋଗୁ ଯାତ୍ରା କରିଥିଲେ । ତେଣୁ ସେମାନଙ୍କ ମତରେ ଆଦିମାନବର ମୂଳ ଜନ୍ମ ସ୍ଥାନ ଆଫ୍ରିକା । ଅନ୍ୟ ବିଶେଷଜ୍ଞ ଗୋଷ୍ଠିଙ୍କ ମତରେ ଆଦି ହୋମୋସେପିୟନ ଏକା ସମୟରେ ପୃଥିବୀର ଅନେକ ସ୍ଥାନରେ ଦେଖାଦେଇଥିଲେ ଓ ନିଜ ନିଜର ପରିବେଶ ଅନୁସାରେ ତାଙ୍କର କ୍ରମବିକାଶ କେଉଁଠି ମନ୍ଥର ଓ ଆଉ କେଉଁଠି ତତ୍‌ଅପେକ୍ଷା କ୍ଷିପ୍ର ହୋଇଥିଲା ।

ସେଥିପାଇଁ ସେମାନଙ୍କ ସ୍ୱରୂପ ଭିନ୍ନ ଭିନ୍ନ ହୋଇଥିଲା । ଉପରୋକ୍ତ ମତ ଆଦିମାନବର ଉପଲବ୍ଧ ଅବଶେଷ ଯଥା ହାଡ, ଖପୁରୀ, କଙ୍କାଳ ଓ ଜୀବାଶ୍ମର ଅଧ୍ୟୟନ ଓ ବିଶ୍ଳେଷଣ ଉପରେ ଆଧାରିତ ।

## (ଖ)୧. ଆଦିମାନବ : ସେମାନଙ୍କ ଖାଦ୍ୟ ସଂଗ୍ରହ ଶୈଳୀ

ପ୍ରାଣୀ ବଞ୍ଚିରହିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ । ଆଦିମାନବ ଓ ନବ୍ୟ ମଣିଷ ବିବିଧ ଶୈଳୀ ଓ ପ୍ରଣାଳୀରେ ଖାଦ୍ୟ ସଂଗ୍ରହ କରୁଥିଲେ । ଯଥା ଜୀବଜନ୍ତୁ ପଶୁପକ୍ଷୀ ଶିକାର କରିବା, ମାଛ ଧରିବା, ଫଳମୂଳ , ଖାଦ୍ୟ ଶସ୍ୟ ସଂଗ୍ରହ କରିବା, ମୃତ ପଶୁପକ୍ଷୀ ସଂଗ୍ରହ କରିବା ଇତ୍ୟାଦି ।

ପ୍ରଥମେ ପ୍ରଥମେ ଖାଦ୍ୟ ପାଇଁ ଉଦ୍ଭିଦର ଖାଦ୍ୟ ଉପଯୋଗୀ ମଞ୍ଜି, କନ୍ଦା, ଫଳ ସଂଗ୍ରହ କରୁଥିଲେ ଓ ଜଙ୍ଗଲ ନିଆଁରେ ପୋଡି ମରିଯାଇଥିବା ପଶୁପକ୍ଷୀ ତଥା ପ୍ରାକୃତିକ କାରଣରୁ ମରୁଥିବା ପଶୁପକ୍ଷୀ କିମ୍ବା ଶୀକାରୀ ପଶୁ ମାରିଥିବା ପଶୁପକ୍ଷୀ ମାଂସ ଖାଇବା ପାଇଁ ସଂଗ୍ରହ କରୁଥିଲେ । ଆହୁରି ଅନୁମାନ କରାଯାଏ ଯେ, ପ୍ରାକ୍ ହୋମିନିଡ ମାନେ ଛୋଟ ଛୋଟ ମୂଷା ଜାତୀୟ ପ୍ରାଣୀ, ସରୀସୃପ, ପକ୍ଷୀ ଓ ସେମାନଙ୍କ ଅଣ୍ଡା ତଥା ଭଲ ଜାତୀୟ କୀଟ ପତଙ୍ଗଙ୍କୁ ଖାଦ୍ୟ ରୂପେ ବ୍ୟବହାର କରୁଥିଲେ ।

ଅନୁମାନ କରାଯାଏ ଯେ, ଆଜକୁ ପ୍ରାୟ ୫ ଲକ୍ଷ ବର୍ଷ ପୂର୍ବେ ମଣିଷ ପଶୁପକ୍ଷୀଙ୍କୁ ପ୍ରସ୍ତର ନିର୍ମିତ ଅସ୍ତ୍ର ଦ୍ୱାରା ଶୀକାର କରିବା ଆରମ୍ଭ କଲା । ଯୋଜନାବଦ୍ଧ ଭାବେ ପଶୁ ପକ୍ଷୀର ଶିକାରର ସଠିକ୍ ସୂଚନା ମିଳେ ଦୁଇଟି ସ୍ଥାନରୁ । ସେ ସ୍ଥାନମାନ ହେଲା ଦକ୍ଷିଣ ଇଂଲଣ୍ଡର ବଂସ୍କଗ୍ରୋଭ (Boxroove) ଏବଂ ଜର୍ମାନୀର ସ୍କୋନୀନଜେନ (Schoninjen) । ଅନେକ ସ୍ଥାନରୁ ମାଛର କଣ୍ଟା ମିଳୁଥିବାରୁ ଜଣାଯାଏ ଯେ ମାଛ ଧରି ଖାଦ୍ୟ ରୂପେ ବ୍ୟବହାର କରିବା ହୋମିନିଡ୍ ମାନେ ଭଲ ଭାବରେ ଜାଣିଥିଲେ । ଆଜକୁ ପ୍ରାୟ ୩୫୦୦୦ ବର୍ଷ ପୂର୍ବେ ସେମାନେ ଯୋଜନା କରି ପଶୁ ଶିକାର କରିବା କୌଶଳ ଜାଣିଥିବା ସୂଚନା ମିଳେ । ଡେଲାନି ଭେସ୍‌ଟୋନିସ୍, ୟୁଗୋସ୍ଲୋଭାକିଆ ସେମାନେ ପଶୁଙ୍କ ଋତୁକାଳୀନ ଯିବା ଆସିବା ରାସ୍ତା ଜାଣିଥିଲେ ଏବଂ ସେହି ସମୟରେ ଏକାଥରକେ ବହୁ ସଂଖ୍ୟାରେ ପଶୁ ଶିକାର କରୁଥିଲେ ।

## (ଖ)୨. ଆଦିମାନବର ବାସସ୍ଥାନ, ଗଛରୁ ଗୁମ୍ଫା ଓ ଖୋଲା ମଇଦାନ:

ଏକ ସ୍ଥାନରେ ବହୁ ସଂଖ୍ୟାରେ ଆଦିମାନବ ତିଆରି ପଥରର ହାତ ହତିଆର ଆବିଷ୍କାର ସୂଚନା ଦିଏ ଯେ ସେ ସ୍ଥାନରେ ପର୍ଯ୍ୟାପ୍ତ ଖାଦ୍ୟ ସଂଭାର ଉପଲବ୍ଧ ଥିଲା ଏବଂ ସେ ସ୍ଥାନକୁ ଆଦିମାନବ ବାରମ୍ବାର ଯିବା ଆସିବ କରୁଥିଲେ ଏବଂ ତାଙ୍କ ହାତ ହତିଆର ଛାଡି ଯାଉଥିଲେ । ଯେଉଁ ସ୍ଥାନ ମାନଙ୍କରେ ତାଙ୍କର ପଥର ହାତ ହତିଆର କମ ମିଳୁଛି ବା ଖଣ୍ଡେ ଦି ଖଣ୍ଡରେ ବିଛୁରିତ ହୋଇ ମିଳୁଛି ସେ ସ୍ଥାନକୁ ସେମାନେ ଅନ୍ୟ ସ୍ଥାନ ତୁଳନାରେ କମ୍ ସମୟ ପାଇଁ ଯାଉଥିଲେ । ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ମତରେ ପ୍ରାକ୍ ହୋମିନିଡ ହୋମା ହେବିଲିସ (Homo habilis) ମାନେ ଯେଉଠି ଖାଦ୍ୟ ପାଉଥିଲେ ସେଠାରେ ଖାଉଥିଲେ ଓ ସେ ପାଖାପାଖି ବିଶ୍ରାମ ନେଉଥିଲେ ଏବଂ ଅନେକ ସମୟ ଗଛ ଉପରେ ରହୁଥିଲେ ।

ଚାରିଲକ୍ଷରୁ ଏକ ଲକ୍ଷ ବର୍ଷ ପୂର୍ବେ ଆଦିମାନବ ଗୁମ୍ଫା ଓ ଖୋଲା ଆକାଶ ତଳେ ବସବାସ କରୁଥିବା ଅନେକ ସୂଚନା ମିଳେ । ଫ୍ରାନ୍ସର ଲାଜାରେଟ (Lazaret) ଗୁମ୍ଫା କାନ୍ଥକୁ ଲାଗି ୧୪ମିଟର × ୪ମିଟର ବିଶିଷ୍ଟ ଏକ ଆଶ୍ରୟ ସ୍ଥଳୀ ପ୍ରତ୍ନତତ୍ତ୍ୱବିଦମାନେ ଆବିଷ୍କାର କରିଛନ୍ତି । ସେ ଭିତରୁ ଦୁଇଟି ନିଆଁ ପୁଇଁବା ସ୍ଥାନ କିମ୍ବା ଚୁଲିର ସ୍ଥାନ ଏବଂ ସେଠାରୁ ଅନେକ ଫଳ, ଶସ୍ୟ, ପନିପରିବା, ମଞ୍ଜି, ପକ୍ଷୀ ଅଣ୍ଡା ଏବଂ ମାଛର ଅବଶେଷ ମିଳିଛି । ଫ୍ରାନ୍ସର ପଶ୍ଚିମ ଉପକୂଳର ଟେରା ଅମାତ (Terra Amata) ଠାରେ କାଠ ଓ ତୃଣରେ ତିଆରି ହୋଇ ଥିବା ବାସସ୍ଥାନ ଆବିଷ୍କାର କରିଛନ୍ତି ।

ପୋଡା ମାଟି ଓ ପୋଡା ହାଡ ଆବିଷ୍କାର ହୋଇଛି କେନିଆର ଚେସୋୱାନଜା (Chesowanja) ଓ ଦକ୍ଷିଣ ଆଫ୍ରିକାର ସ୍ୱାରକାଡକା ( Swartkram) ଠାରେ । କିନ୍ତୁ ଏହା ମଣିଷ କୃତ କିମ୍ବା ପ୍ରାକୃତିକ ଜଙ୍ଗଲ ନିଆଁ ବା ଆଗ୍ନେୟଗିରି ଉଦ୍‌ଗୀରଣ ଦ୍ୱାରା ହୋଇଛି ତାହା ପ୍ରମାଣ ହୋଇନାହିଁ ।

ନିଆଁର ବ୍ୟବହାର ମଣିଷକୁ ଶୀତରୁ ରକ୍ଷା ପାଇଁ ଖାଦ୍ୟ ପ୍ରସ୍ତୁତ ପାଇଁ ଓ ଅନ୍ଧାରରେ ଆଲୋକ ଯୋଗାଇବା ପାଇଁ ସାହାଯ୍ୟ କରିଥିଲା । ନିଆଁ ମଣିଷର ଅନେକ କାମରେ ବ୍ୟବହାର ହେଲା ଯଥା ହାତ ହତିଆରକୁ ତୀକ୍ଷଣ ଓ ମୁନିଆ କରିବା ବାଉଁଶବାଡିକୁ ପୋଡ଼ି ଶକ୍ତ ଓ ମଜବୁତ୍ କରିବା ଓ ହିଂସ୍ର ଜନ୍ତୁଙ୍କୁ ଘଉଡାଇବା ପାଇଁ ।

## (ଖ)୩. ଆଦିମାନବର ହାତ ହତିଆର ଓ ଉପକରଣ ତିଆରି

ସିମ୍ପାଞ୍ଜୀମାନେ ଖାଦ୍ୟ ସଂଗ୍ରହ ସମୟରେ ଅନେକ ଉପକରଣ ତିଆରି କରିଥିଲେ, ପକ୍ଷୀ ମାନେ ମଧ୍ୟ ଅନେକ କୁଟା କାଠି, ପତ୍ର ଓ ବସ୍ତୁର ବ୍ୟବହାର କରିଥାନ୍ତି କିନ୍ତୁ ମଣିଷ ଯେଉଁ ପ୍ରକାର ଉପକରଣ ଓ ହାତ ହତିଆର ତିଆରି କଲା ସେ ସବୁ ମାଙ୍କଡ଼, ସିମ୍ପାଞ୍ଜି ଓ ପକ୍ଷୀମାନଙ୍କଠାରୁ ସଂପୂର୍ଣ୍ଣ ଅଲଗା । ମଣିଷର ଉନ୍ନତ ବୁଦ୍ଧି ଓ କୌଶଳ, ଏହାର ବ୍ୟବହାର ଉନ୍ନତମାନର ହାତ ହତିଆର ଓ ଉପକରଣ ତିଆରି କରିବାରେ ଅନେକାଂଶରେ ସାହାଯ୍ୟ କରିଥିଲା । ଇଥିଓପିଆ ଓ କେନିଆର ଅନେକ ଅଞ୍ଚଳର ଅଷ୍ଟ୍ରାଲୋପିଥେକସ ପ୍ରଜାତି ମଣିଷର ତିଆରି ପ୍ରଥମ ପ୍ରସ୍ତର ହାତ ହତିଆର ଓ ଉପକରଣର ଆବିଷ୍କାର ହୋଇଛି ।

ଧନୁତୀର ବ୍ୟବହାର ପଥର ଫିଙ୍ଗିବା ଓ ବର୍ଚ୍ଛା ଫିଙ୍ଗିବା କୌଶଳ ଜାଣିବା ମଣିଷ ପାଇଁ ଶିକାର କରିବାରେ ଅନେକ ସାହାଯ୍ୟ କରିଥିବ । ଆବିଷ୍କୃତ ହାତହତିଆରରୁ ଜଣାପଡେ ଯେ ମଣିଷ ଆଜକୁ ପ୍ରାୟ ୩୫୦୦୦ ବର୍ଷ ପୂର୍ବେ ଏ ସମସ୍ତ ଉନ୍ନତ କୌଶଳ ବ୍ୟବହାର କରୁଥିଲା । ଶିକାର ପରେ ଜୀବଜନ୍ତୁରୁ ଚମଡା, ମାଂସ, ହାଡ଼କୁ ଅଲଗା କରିବା, ମାଂସକୁ ଶୁଖାଇ ପୋଡି ଦିର୍ଘଦିନ ପରେ ଖାଇବା ପାଇଁ ସାଇତି ରଖିବା କୌଶଳ ଶିଖିଲା । ସେମଣ ପଶୁର ଚମଡାକୁ ପୋଷାକ ଓ ତମ୍ବୁ ପାଇଁ ବ୍ୟବହାର କରିବା ମଧ୍ୟ ଶିଖିଲା । ଆବିଷ୍କାରରୁ ଜଣାପଡେ ଯେ ଆଜକୁ ପ୍ରାୟ ୨୧୦୦୦ ବର୍ଷ ପୂର୍ବେ ମଣିଷ ସିଲେଇ ପାଇଁ ଛୁଞ୍ଚିର ବ୍ୟବହାର କରୁଥିଲା । ତା ବ୍ୟତୀତ ଧାରୁଆ ପଥର ହାତହତିଆର ତିଆରି କୌଶଳ ପଥରକୁ ହାତ ସାହାଯ୍ୟରେ ଓ ଛୋଟ ଛୋଟ ଛେଦ କରି ନିହଣ ହାତହତିଆର ତିଆର କରିବାରେ ସାହାଯ୍ୟ କରିଥିଲା ।

## ଖ)୪. ଆଦିମାନବ ଭାବର ଆଦାନ ପ୍ରଦାନ ପ୍ରଣାଳୀ : ଭାଷା ଓ କଳା

ଜୀବ ଜଗତରେ କେବଳ ମଣିଷହିଁ ଭାଷାର ବ୍ୟବହାର କରେ । ମଣିଷ ଭାଷାର ବିକାଶର ବିକାଶ ପ୍ରକ୍ରିୟାକୁ ନେଇ ଅନେକ ମତ ଅଛି, କେତେକଙ୍କ ମତରେ ହୋମିନିଡ ପ୍ରଜାତର ମଣିଷ ମନୋଭାବ ସୂଚକ ଅଙ୍ଗଭଙ୍ଗୀ କରୁଥିଲେ । ଅନ୍ୟ କେତେକ ମତରେ କଥିତ ଭାଷା ବ୍ୟବହାର ପୂର୍ବରୁ ବୋଧହୁଏ ମଣିଷ ବିଭିନ୍ନ ସ୍ୱର ଦ୍ୱାରା ଭାବ ପ୍ରକାଶ କରୁଥିଲା । ଧିରେ ଧିରେ ଏ ସ୍ୱର ଶବ୍ଦ ଓ ଭାଷାର ରୂପ ନେଲା ।

ଭାଷା ଆଜକୁ ଦୁଇ ଲକ୍ଷ ବର୍ଷ ପୂର୍ବେ ଆରମ୍ଭ ହୋଇଥାଇପାରେ । କାରଣ ହୋମୋ ହେବିଲିସ୍ ପ୍ରଜାତିର ଆଦି ମଣିଷ ଅବଶେଷରୁ ସେମାନଙ୍କ ଶରୀରରେ କହିବାର ଲକ୍ଷଣ ମିଳିଛି । ଅନ୍ୟ ଏକ ମତରେ ଭାଷା ଓ କଳା ପ୍ରାୟ ଏକ ସମୟରେ ବିକାଶ ହେଲା । କାରଣ କଳା ଓ ଭାଷା ଭାବର ଆଦାନ ପ୍ରଦାନର ମାଧ୍ୟମ । ଏହା ଆଜକୁ ପ୍ରାୟ ୩୫୦୦୦ ରୁ ୪୦୦୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଶହ ଶହ ସଂଖ୍ୟାରେ ଗୁମ୍ଫା ଚିତ୍ରରେ ପଶୁପକ୍ଷୀ ଚିତ୍ର ଆବିଷ୍କାର ହୋଇଛି, ଫ୍ରାନ୍ସ ଓ ସ୍ପେନ୍‌ରେ । ଅନୁମାନ କରାଯାଏ ଯେ ଏହା ଆଜକୁ ପ୍ରାୟ ୩୦୦୦୦ରୁ ୧୨୦୦୦ ବର୍ଷର ହେବ ।

## (ଗ) ଉପସଂହାର

ମଣିଷ ପ୍ରଥମେ ବନ୍ୟ ଜୀବଜନ୍ତୁ ଶିକାର ଓ ଜଙ୍ଗଲର ଗଛପତ୍ର ଫଳମୂଳ ସଂଗ୍ରହ କରି ଜୀବନ ଯାପନ କରୁଥିଲା । ଲକ୍ଷ ଲକ୍ଷ ବର୍ଷ ଧରି ଏ ପ୍ରକ୍ରିୟା ଚାଲିଲା ଓ ଆଜକୁ ୧୦୦୦୦ରୁ ୪୫୦୦ ବର୍ଷ ପୂର୍ବେ ମଣିଷ ପଶୁପକ୍ଷୀଙ୍କୁ ଗୃହପାଳିତ କଲା ଓ ଚାଷ କରିବା ଜାଣିଲା । ଫଳସ୍ୱରୂପ ମାନବ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଦେଲା ।

ତୃତୀୟ ଅଧ୍ୟାୟ

# ପ୍ରାଚୀନ ନଦୀ ଉପତ୍ୟକା ସଭ୍ୟତାର ଅବଦାନ ମିଶର, ମେସୋପୋଟାମିଆ ଓ ଚୀନ

ପୃଥିବୀର ଜଳବାୟୁ ପରିବର୍ତ୍ତନ, ମାନବର ଜ୍ଞାନ କୌଶଳ ବୃଦ୍ଧି ତଥା ମାନବ ଜାତିର ଜୀବନ ଯାପନ ପ୍ରଣାଳୀରେ ପ୍ରଭାବ ପକାଇଥିଲା । ମାନବ ଯାଯାବର ଜୀବନ ପରିତ୍ୟାଗ କରି ଚାଷ କରିବା ପାଇଁ ଅର୍ଦ୍ଧସ୍ଥାୟୀ ଜୀବନ ଆରମ୍ଭ କଲା । ସେ ଖୋଜିଲା ଚାଷଉପଯୋଗୀ ଅଂଚଳ । ପୃଥିବୀର ଅନେକ ନଦୀ ଉପତ୍ୟକା ମାନଙ୍କରେ ଚାଷ ଉପଯୋଗୀ ମୃତ୍ତିକା ଓ ପ୍ରଚୁର ଜଳ ଉପଲବ୍ଧ ଥିଲା । ସେଠାରେ ମାନବ ତାର ସ୍ଥାୟୀ ବାସସ୍ଥାନ ତିଆରି କଲା । ଫଳସ୍ୱରୂପ ମାନବ ସଭ୍ୟତା ସେଠାରେ ବିକାଶଲାଭ କଲା । ସେଥି ମଧ୍ୟରୁ ନୀଳନଦୀ ତଟରେ ମିଶର ସଭ୍ୟତା, ଟାଇଗ୍ରିସ ଓ ଇଉଫ୍ରେଟିସ ନଦୀ ତଟରେ ମେସୋପୋଟାମିଆ ସଭ୍ୟତା, ହୋୟାଂହୋ ଓ ୟାଙ୍ଗସିକିୟାଂ ନଦୀ ତଟର ଚୀନ୍ ସଭ୍ୟତା ଓ ସିନ୍ଧୁ ନଦୀ ତଟର ସିନ୍ଧୁ ସଭ୍ୟତା ସର୍ବ ପ୍ରାଚୀନ । ଏ ସମସ୍ତ ସଭ୍ୟତାର ନିଜ ନିଜର ଅନବଦ୍ୟ ବୈଶିଷ୍ଟ୍ୟ ଅଛି । ସେମାନେ ପୃଥିବୀ ଇତିହାସ ଓ ସଂସ୍କୃତିକୁ ସମୃଦ୍ଧ ଓ ଗୁରିମାନ୍ତ କରିଛନ୍ତି ।

## ନୀଳନଦୀ ଉପତ୍ୟକା ସଭ୍ୟତା : ମିଶର ସଭ୍ୟତା

ଆଫ୍ରିକା ମହାଦେଶର ଉତ୍ତର-ପୂର୍ବ ଦିଗରେ ଓ ଭୂମଧ୍ୟସାଗର ଉପକୂଳରେ ମିଶର ଦେଶ ଅବସ୍ଥିତ । ମିଶରର ଦକ୍ଷିଣ ଅଂଚଳର ଏକ ପାହାଡ଼ ନ୍ୟୁ ବିଆନରୁ ନୀଳ ନଦୀ ଆରମ୍ଭ ହୋଇ ମିଶର ଦେଶ ଦେଇ ଶେଷରେ ଅନେକ ଶାଖା ପ୍ରଶାଖାରେ ବିଭକ୍ତ ହୋଇ ମୁହାଣ ସୃଷ୍ଟି କରି ମିଶରର ଉତ୍ତରରେ ଅବସ୍ଥିତ ଭୂମଧ୍ୟ ସାଗରରେ ମିଶିଛି । ଏହି ନୀଳନଦୀର ଉଭୟ ପାର୍ଶ୍ୱର ଉପତ୍ୟକା ଓ ଏହାର ମୁହାଣରେ ଗଢ଼ି ଉଠିଥିଲା ପ୍ରାଚୀନ ମିଶର ସଭ୍ୟତା । ମୁହାଣର ଅପର ପାର୍ଶ୍ୱରେ ଦୁର୍ଗମ ଛୋଟବଡ଼ ପାହାଡ଼ ଓ ଦୀର୍ଘ ପ୍ରସାରୀ ମରୁଭୂମି । ପ୍ରାକୃତିକ ପରିବେଶ ବହୁଦିନ ଧରି ନୀଳନଦୀର ଉପତ୍ୟକାକୁ ବାହ୍ୟ ଜଗତର ପ୍ରତ୍ୟକ୍ଷ ପ୍ରଭାବରୁ ମୁକ୍ତ ରଖିଥିଲା । ପୂର୍ବରେ ଆରବ ସାଗର ଓ ପଶ୍ଚିମରେ ସାହାରା ମରୁଭୂମି ବାହ୍ୟ ଶତ୍ରୁ ପ୍ରତି ପ୍ରାକୃତିକ ପ୍ରାଚୀର ଭଳି ଛିଡ଼ା ହୋଇଥିଲା । ଏହା ସ୍ୱକୀୟ ସଭ୍ୟତା ବିକାଶରେ ସହାୟକ ହୋଇଥିଲା । ପରବର୍ତ୍ତୀ ସମୟରେ ମିଶର ପୃଥିବୀର ପାଶ୍ଚାତ୍ୟ ଓ ପୂର୍ବ ଭୂଖଣ୍ଡ ମଧ୍ୟରେ ସମ୍ପର୍କ ସେତୁର କାମ କରିଥିଲା । ମିଶର ଭାରତ ମହାସାଗରରେ ଅବସ୍ଥିତ ଦେଶମାନଙ୍କ ସହ ବାଣିଜ୍ୟ ସମ୍ବନ୍ଧ ବିସ୍ତାର କରିଥିଲା ।

ମିଶର ସଭ୍ୟତା ସ୍ଥାପନ, ଉତ୍‌ଥାନ ଓ ବିକାଶରେ ନୀଳନଦୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବରଫାବୃତ ପାହାଡ଼ରୁ ବାହାରିଥିବା ନୀଳନଦୀ ଖରାଦିନେ ପ୍ରତିବର୍ଷ ବନ୍ୟାଜଳ ସହ ଉର୍ବର ପଟୁମାଟି ଦୁଇ କୂଳବର୍ତ୍ତୀ ଅଂଚଳରେ ପକାଇଥାଏ । ବନ୍ୟାପରେ ଜମିରେ ପଟୁମାଟି କୃଷି ଉପଯୋଗୀ ପରିବେଶ ସୃଷ୍ଟି କରେ । ଏଥିପାଇଁ ମିଶର ବସବାସ କରୁଥିବା ଯାଯାବରମାନଙ୍କୁ ଆକର୍ଷଣ କରି ଚାଷୋପଯୋଗୀ ଜମି ସହିତ ପଶୁ ପାଳନର ଚାରଣଭୂମି ଯୋଗାଇଲା । ଧିରେଧିରେ ଏହା ସେମାନଙ୍କ ଅସ୍ଥାୟୀ ସ୍ଥାୟୀ ବସତି ସ୍ଥାପନ ଓ ସର୍ବାଙ୍ଗୀନ ବିକାଶରେ ସହାୟକ ହେଲା । ଚାଷ ଓ ପଶୁପାଳନ ବ୍ୟତୀତ ନଦୀ ମୁହାଣରେ ପୋତ ଚାଳନା ପାଇଁ ସହାୟକ ହେଲା । ଯଦ୍ୱାରା ବାଣିଜ୍ୟ ବ୍ୟବସାୟ ସହଜ ହେଲା । ମିଶର ଏକ ଅଳ୍ପବୃଷ୍ଟି ଅଂଚଳ, ଯଦି ନୀଳନଦୀ ନ ଥାନ୍ତା ତାହେଲେ ମିଶର ଦେଶରେ ସଭ୍ୟତାର ବିକାଶ କେଉଁ ଦିଗ ନେଇଥାନ୍ତା ତାହା କହିବା ଅସମ୍ଭବ । ଜୀବନ ଓ ସମୃଦ୍ଧି ମିଶରରେ ସମ୍ଭବ ହେବା ପଛରେ ନୀଳନଦୀ ହିଁ ମୂଳ ଉତ୍ସ । ତେଣୁ ଗ୍ରୀକ୍ ଐତିହାସିକ ହେରୋଡୋଟସ୍ ମିଶର ସଭ୍ୟତାକୁ "ନୀଳନଦୀର ଦାନ" (Gift of Nile) ବୋଲି କହିଥିଲେ ।

## ରାଜନୈତିକ ଇତିହାସ-

ମିଶର ପ୍ରତ୍ନତତ୍ତ୍ୱ ଅଧ୍ୟୟନ ସୂଚନା ଦିଏ ଯେ ଆଜକୁ ପ୍ରାୟ ୭୦୦୦ ବର୍ଷ ପୂର୍ବେ ନୀଳନଦୀର ଉପତ୍ୟକାରେ ଛୋଟ ଛୋଟ ଗୋଷ୍ଠୀର ବସତି ସ୍ଥାପନ ଆରମ୍ଭ ହୋଇ ଧିରେ ଧିରେ ସଭ୍ୟତାର ରୂପ ନେଲା । ଖ୍ରୀଷ୍ଟପୂର୍ବ ୪୩୦୦ ବେଳକୁ ଛୋଟ ଛୋଟ ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ରଥମେ ବିବାଦ ପରେ ପରେ ମିଳନ ହୋଇ ଶେଷରେ ଦୁଇଟି ବୃହତ୍ ଗୋଷ୍ଠୀରେ ରୂପାନ୍ତରିତ ହୋଇ ଦୁଇଟି ଛୋଟ ଛୋଟ ରାଜ୍ୟ ସ୍ଥାପନ ହେଲା । ମିଶର ଉଚ୍ଚ ଅଂଚଳ ବା ନୀଳନଦୀର ଦକ୍ଷିଣ ଉପତ୍ୟକା ଅଂଚଳ (Upper Egypt) ଓ ନୀଳନଦୀର ମୁହାଣ ଅଂଚଳ ତଳୁଆ ଅଂଚଳ ତ୍ରିକୋଣ ଭୂମି (Lower Egypt) । ଦକ୍ଷିଣରେ ପ୍ରତିଷ୍ଠିତ ରାଜ୍ୟର ନାମ ହେଲା ଉଚ୍ଚତର ସ୍ଥାନସ୍ଥ ମିଶର (Upper Egypt) ଏବଂ ଉପରରେ ସ୍ଥାପିତ ରାଜ୍ୟର ନାମ ହେଲା (Lower Egypt) । ସମୟ କ୍ରମେ ଦୁଇ ମିଶର ରାଜ୍ୟର ବିଲୟ ହୋଇ ଏକ ଶାସାଧିନ ରାଜ୍ୟରେ ପରିଣତ ହେଲା ।

ଆଜକୁ ପ୍ରାୟ ୬୪୦୦ ବର୍ଷ ପୂର୍ବେ ଉପର ମିଶରର ରାଜ୍ୟର ଫାରୋ ମେନେସ (Menes) ଉପର ଓ ତଳୁଆ ମିଶରର ମିଳନ ଘଟାଇ ସମଗ୍ର ମିଶରକୁ ଏକ ଶାସନାଧିନ କଲେ । ଫାରୋ ମିନେଓ ସମସ୍ତ ମିଶରର ପ୍ରଥମ ଫାରୋ ବା ନରପତି । ଫାରୋ ଶବ୍ଦର ଆକ୍ଷରିକ ଅର୍ଥ ବିଶାଳ ପ୍ରାସାଦ ନିବାସୀ । ଫାରୋ ମାନଙ୍କ ମିଶର ଦେଶର ଅଧିବାସୀ ଦୈବୀଶକ୍ତିର ପ୍ରତିନିଧି ବୋଲି ବିଶ୍ୱାସ କରୁଥିଲେ । ତେଣୁ ଫାରୋମାନେ ଅମାପ କ୍ଷମତାର ସହ ନିରଙ୍କୁଶ ଶାସନ କରୁଥିଲେ । ବିଶାଳ ରାଜ ପ୍ରାସାଦରେ ବାସ କରି ଦେଶ ଶାସନ କରୁଥିଲେ ।

ଫାରୋ ମେନେସଙ୍କ ପରି ଅନେକ ଫାରେ ପୁରାତନ ମିଶର ରାଜ୍ୟ ଶାସନ କରିଥିଲେ । ସେମାନଙ୍କ ମଧ୍ୟରେ ଜୋସର (Zoser), ସ୍ନେଫେରୁ (Snefeiru), ଖୁଫୁ ବା ଚିଓପ୍ (Khufu or Cheops)ଓ ଦ୍ୱିତୀୟ ପେପୀ (Pepi II) ଅନ୍ୟତମ । ଫାରୋ ଓ ଧନିକ ଗୋଷ୍ଠୀ ସେମାନଙ୍କ ନିଜର ଜୀବନକାଳ ମଧ୍ୟରେ ନିଜର ବିଶାଳ ପିରାମିଡ ବା ପଥର ଘର ବା କବର ତିଆରି କରୁଥିଲେ । ମିଶରୀୟମାନେ ବିଶ୍ୱାସ କରୁଥିଲେ ଆତ୍ମା ଅମର ଓ ମୃତ୍ୟୁ ପରେ ଆତ୍ମା ଦିନେ ମର ଶରୀରକୁ ଫେରି ଆସିବ । ତେଣୁ ନିଜ ନିଜର ମୃତ ଶରୀରକୁ ସଂରକ୍ଷଣ ଓ ସଂରକ୍ଷିତ ରଖିବା ପାଇଁ ପିରାମିଡ ନିର୍ମାଣ କରିଥିଲେ । ଏପରି ଏକ ବିଶ୍ୱାସକୁ ନେଇ ସେମାନେ ମଲମର ଉଦ୍‌ଭାବନ ଓ ସ୍ଥାପତ୍ୟ ସୃଷ୍ଟି କରିଥିଲେ । ମୃତ ଶରୀରକୁ ଦୀର୍ଘଦିନ ସଂରକ୍ଷଣ କରିବା ପାଇଁ ଏକ ପ୍ରକାର ମଲମ ଉଦ୍ଭାବନ କଲେ । ଏହି ମଲମ ଲେପନ ଦ୍ୱାରା ସୁରକ୍ଷିତ ମୃତ ଶରୀରକୁ ମମି (Mummy) କୁହାଯାଏ । ଫାରୋ ଖଫୁଙ୍କ ସମୟରେ ମିଶରର ସର୍ବ ବୃହତ ପିରାମିଡ୍ ଗିଜେ (Gizeh) ଠାରେ ୧୩ ଏକର ଜମି ଉପରେ ନିର୍ମିତ । ଏହାର ଉଚ୍ଚତା ୧୪୭ ମିଟର ଓ ଦେଖିବାକୁ ତ୍ରିଭୂଜ ପରି । ଏହି ପିରାମିଡ୍‌ର ଅନତୀ ଦୂରରେ ମିଶର ସଭ୍ୟତାର ବୃହତ୍ତମ ମୂର୍ତ୍ତି ସ୍ଫିଙ୍କସ (Sphinx) ଅବସ୍ଥିତ । ଏହି ମୂର୍ତ୍ତିର ବିଶେଷତ୍ୱ ହେଲା ଏହାର ଶରୀର ସିଂହର ଓ ମୁଣ୍ଡ ମନୁଷ୍ୟର । ଫାରୋ ଖାଫରେ (Khafre) ଏହି ମୂର୍ତ୍ତି ତିଆରି କରାଇଥିଲେ । ଖ୍ରୀଷ୍ଟପୂର୍ବ ୩୫୦୦ ରୁ ୨୭୦୦ ମଧ୍ୟରେ ଅନେକ ପିରାମିଡ୍ ମିଶର ଦେଶରେ ତିଆରି ହୋଇଥିଲା । ଏଣୁ ସେ ସମୟକୁ 'ପିରାମିଡ୍ ଯୁଗ' (Pyramid Age) ବୋଲି କୁହାଯାଏ ।

ଖ୍ରୀଷ୍ଟପୂର୍ବ ୨୪୦୦ ବେଳକୁ ମିଶରର କେନ୍ଦ୍ର ଶାସନ ଦୁର୍ବଳ ହେଲା ଓ ରାଜନୈତିକ ଏକତା ନଷ୍ଟ ହେଲା । ଆଂଚଳିକ ରାଜାମାନେ ନିଜ ନିଜ ଅଂଚଳରେ ନିଜ ନିଜର ଛୋଟ ଛୋଟ ରାଜ୍ୟକୁ ସ୍ୱାଧିନ ଘୋଷଣା କଲେ । ପ୍ରାୟ ୩୦୦ ବର୍ଷ ପରେ ଖ୍ରୀଷ୍ଟପୂର୍ବ ୨୧୦୦ ବେଳକୁ ପୁଣିଥରେ ସୁଦକ୍ଷ ଫାରୋମାନେ ମିଶରକୁ ଏକ ଶାସନାଧିନ କଲେ । ସେମାନଙ୍କ ମଧ୍ୟରେ ଥିଲେ ପ୍ରଥମ ଆମେନ ହୋଟେପ (Amenhotep-I) ଓ ତୃତୀୟ ଆମେନ୍‌ହୋଟେପ (Amenhotep-III) । ଖ୍ରୀଷ୍ଟପୂର୍ବ ୧୮୦୦ ବେଳକୁ ପୁଣି ମିଶରର ଏକତା କ୍ଷୁଣ୍ଣ ହେଲା ଓ ତାହାର ସୁଯୋଗ ନେଇ ଏସିଆର ଏକ ଶକ୍ତିଶାଳୀ ଗୋଷ୍ଠୀ ହାଇକସ (Hyksos) ନିଜର ଅଶ୍ୱଶକ୍ତି ଓ ଅଶ୍ୱଚାଳିତ ରଥର ବ୍ୟବହାର କରି ମିଶରର ଫାରୋମାନଙ୍କୁ ପରାସ୍ତ କରି ନିଜ ଶାସନ ସ୍ଥାପନ କଲେ ।

ସେମାନେ ୨୦୦ ବର୍ଷ ଶାସନ କଲେ । ମିଶରବାସୀ ଫାରୋ ଅହମୁସ୍ (Ahmose)ଙ୍କ ନେତୃତ୍ୱରେ ହାଇକସ ଓ ବଡାଡିତ ମାନଙ୍କୁ ପରାସ୍ତ କରି ମିଶରକୁ ସ୍ୱାଧୀନ କରିଥିଲେ ।

ବିଦେଶୀ ଶାସକ ଓ ଆକ୍ରମଣକାରୀଙ୍କ ଠାରୁ ମୁକ୍ତ ହେଲାପରେ ମିଶରରେ ଖ୍ରୀଷ୍ଟପୂର୍ବ ୧୬୦୦ ବେଳକୁ ଏକ ନୂତନ ଯୁଗର ଆରମ୍ଭ ହେଲା । ମିଶରର ଫାରୋମାନେ ମିଶର ବାହାରର ରାଜ୍ୟ ସିରିଆ, ସାଇପ୍ରସ, ସୁଦାନ, ପଶ୍ଚିମ ଏସିଆ, ପାଲେଷ୍ଟାଇନ ଓ କ୍ରିଟ୍ ପ୍ରଭୃତି ରାଜ୍ୟ ଜୟକରି ନିଜ ଅଧିନକୁ ଆଣି ଏକ ସାମ୍ରାଜ୍ୟ ସ୍ଥାପନ କଲେ । ଏ ସାମ୍ରାଜ୍ୟ ଯୁଗରେ ଫାରୋ ଥତମୋସ୍ ତୃତୀୟ (Thutmos-III), ଆଖନାଟୋନ (Akhnaton) ଓ ଫାରୋ ରାମସେସ ଦ୍ୱିତୀୟ (Rameses-II) ନିଜ ନିଜକୁ ଯୋଦ୍ଧା, ପରାକ୍ରମି, ଦିଗବିଜୟୀ, ରାଜନିତିଜ୍ଞ ଓ ସୁଶାସକ ଭାବେ ପ୍ରତିଷ୍ଠିତ କରିଥିଲେ । ହସସେପମଟ ସେ ଯୁଗର ପ୍ରଥମ ମହିଳା ଫାରୋ । ଫାରୋ ତୃତୀୟଙ୍କ ରାଜତ୍ୱ କାଳରେ ମିଶରର ସୁପ୍ରସିଦ୍ଧ ମନ୍ଦିର କର୍ଣ୍ଣକ (Karnak) ତିଆରି ହୋଇଥିଲା । ଫାରୋ ଏମେନହେଟେପ ତୃତୀୟଙ୍କ ସମୟରେ ପ୍ରସିଦ୍ଧ ମନ୍ଦିର ଲକସର (Luxer)ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତାଙ୍କ ପରେ ଫାରୋ ଏମେନହୋଟେପ ଚତୁର୍ଥ ପ୍ରଥମେ ମିଶରରେ ଧର୍ମ ସଂସ୍କାର ଆଣି ଏକ ଈଶ୍ୱରବାଦର ପ୍ରଚାର ପ୍ରସାର କଲେ । ସେ ଈଶ୍ୱର ଏଟନ (Aton) ଉଦ୍ଦେଶ୍ୟରେ ପ୍ରାର୍ଥନା ବା ସ୍ତୁତି ରଚନା କରିଥିଲେ । ହ୍ୟାମନ-ଟୁ-ଦି ଏଟନ (Hymn-to-the-Aton) ନାମକ ଏକ ସ୍ତୁତି ପୁସ୍ତକ ରଚନା କରିଥିଲେ । ସେ ନିଜ ନାମ ଏମେନହୋଟେପକୁ ପରିବର୍ତ୍ତନ କରି ଆଖନାଟନ (Akhnaton) ବା ଏଟନଙ୍କ ଭକ୍ତ ଓ ସେବକ ବୋଲି ରଖିଲେ । ରେମିସେସ୍ ଦ୍ୱିତୀୟ ମିଶରର ଅନ୍ୟତମ ଖ୍ୟାତିନାମା ଫାରୋ । ତାଙ୍କ ଶାସନ କାଳରେ ଆବୁସିମ୍ବେଲ (Abi-Simbel) ଠାରେ ଅନେକ ମନ୍ଦିର ତିଆରି ହୋଇଥିଲା ।

ଖ୍ରୀଷ୍ଟପୂର୍ବ ୬୮୦ ବେଳକୁ ମିଶରରେ ଅରାଜକତା ଦେଖା ଦେଲା । ଫାରୋ ଓ ରାଜପୁରୋହିତ ମଧ୍ୟରେ କଳହର ସୂତ୍ରପାତ ହେଲା । ଏହାର ସୁଯୋଗ ନେଇ ସିରିଆର ରାଜା ଅସୁରବନିପାଲ ମିଶର ଆକ୍ରମଣ କରି ମିଶରକୁ ନିଜ ରାଜ୍ୟ ପାରସ୍ୟର ଅନ୍ତର୍ଭୁକ୍ତ କଲେ । ଖ୍ରୀ.ପୂ. ୩୩୨ରେ ଗ୍ରୀକ ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର ମିଶର ଫେରୋ ରାଜ୍ୟ ଅଧିକାର କଲେ । ଏଥିରୁ ଜଣାଯାଏ ମିଶର ସାମ୍ରାଜ୍ୟର ପତନ ପରେ ଏସିରିଅନ, ପାର୍ସିଅ ଓ ଗ୍ରୀକ୍‌ମାନେ ମିଶର ଅକ୍ତିଆର କଲେ । ବିଦେଶୀ ଶାସନର ଘାତ ପ୍ରତିଘାତ ମଧ୍ୟରେ ମିଶର ଇତିହାସର ଗୌରବମୟ ସମୟ ହୋଇଛି ମିଶରୀୟ ଫାରୋମାନଙ୍କ ଶାସନ କାଳ । ସେ ସମୟରେ ମିଶରର ସର୍ବାଙ୍ଗୀନ ଉନ୍ନତି ହୋଇ ପୃଥିବୀ ଇତିହାସ ଓ ସଂସ୍କୃତିକୁ ଅନେକ ଅବଦାନ ଦେଇଯାଇ ଅଛନ୍ତି ।

## ମିଶର ସଭ୍ୟତା ବା ନୀଳନଦୀ ଉପତ୍ୟକାର ଅବଦାନ-

ମାନବ ସଭ୍ୟତାକୁ ପ୍ରାଚୀନ ମିଶରୀୟ ମାନଙ୍କ ଅବଦାନ ସମୃଦ୍ଧ କରିଛି । ସେମାନଙ୍କ ଲିଖନ ପ୍ରଣାଳୀ ଓ ଲିପି, ଲିଖନ ସାମଗ୍ରୀ, ପୁସ୍ତକ ଓ ପାଠାଗାର, ସାହିତ୍ୟ, ଜ୍ୟୋତିର୍ବିଜ୍ଞାନ, ଜ୍ୟାମିତି ଓ ଗଣିତ, କଳା ଓ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଶାସନ ପଦ୍ଧତି ଓ ଧର୍ମବିଶ୍ୱାସ ପୃଥିବୀର ମାନବ ସମାଜକୁ ଋଦ୍ଧିମନ୍ତ କରିଛି । ନିମ୍ନରେ ତାର ସଂକ୍ଷିପ୍ତ ବିବରଣୀ ଦିଆଗଲା ।

### ଲିଖନ ପ୍ରଣାଳୀ ଓ ଲିପି –

ମନର ଭାବ ପ୍ରକାଶ କରିବା ଅନେକ ମାଧ୍ୟମ ମଧ୍ୟରୁ ଭାଷା ଏକ ମାଧ୍ୟମ ଓ ଭାଷାକୁ ପ୍ରକାଶ ଅନେକ ମାଧ୍ୟମରୁ ଲିଖନ ପ୍ରଣାଳୀ ଅନ୍ୟତମ । ପ୍ରାଚୀନ ମିଶରୀୟମାନେ ନିଜ ଭାବ ପ୍ରକାଶ କରିବାପାଇଁ ପ୍ରଥମେ ଛବି ଅଙ୍କନ କରୁଥିଲେ । ପରବର୍ତ୍ତୀ କାଳରେ ଛବିଲିପି ବଦଳରେ ସରଳ ଚିହ୍ନ ଅଙ୍କନ କଲେ ଓ ପ୍ରତ୍ୟେକ ଚିହ୍ନ ସହିତ ଶବ୍ଦର ଧ୍ୱନି ଗୁଡ଼ିକର ସମ୍ପର୍କ ସ୍ଥିର କଲେ । ଚିହ୍ନ ସହିତ ଶବ୍ଦର ଧ୍ୱନିର ସମ୍ପର୍କ ସ୍ଥାପିତ ହେଲାପରେ ଲିଖନ ପ୍ରଣାଳୀ ସହଜ ହେଲା । ସେମାନେ ଧିରେଧିରେ ୪୦୦ ଚିହ୍ନ ସ୍ଥିର କଲେ ଓ ପ୍ରତ୍ୟେକ ଚିହ୍ନ ଗୋଟିଏ ଶବ୍ଦାଂଶ (Syllablee) ଥିଲା । ଏହି ୪୦୦ ଶବ୍ଦାଂଶ ସାହାଯ୍ୟରେ ନିଜ ଭାବକୁ ଲିଖିତ ଭାବେ ପ୍ରକାଶ କରୁଥିଲେ । ମୁଖ୍ୟତଃ ପୁରୋହିତମାନେ ଲିଖନକାର୍ଯ୍ୟ ସମ୍ପାଦନ କରୁଥିଲେ । ସେଥିପାଇଁ ମିଶରୀୟ ମାନଙ୍କ ଲେଖାକୁ 'ପବିତ୍ର ଲିପି'

(Heiroglyph or Sacred writing) କୁହାଯାଏ । କ୍ରମଶଃ ୪୦୦ ଶବ୍ଦାଂଶ ବଦଳରେ ୨୬ ଟି ଶବ୍ଦର ବ୍ୟବହାର ଓ ତାଙ୍କ ଲିପି ଲିଖନ ପ୍ରଣାଳୀରେ ସେମାନଙ୍କ ଏହି ୨୬ଟି ଅକ୍ଷର ପରବର୍ତ୍ତି କାଳରେ ଫୋନେସୀୟ ଓ ଗ୍ରୀକ୍ ମାନଙ୍କୁ ସାହାଯ୍ୟ କରିଥିଲା ଲିପିର ଉନ୍ନତି ପାଇଁ ।

## ଲିଖନ ସାମଗ୍ରୀ-କାଗଜ, କଲମ, କାଳି, ପୁସ୍ତକାଗାର-

ନୀଳନଦୀ ଉପକୂଳରେ ପେପିରସ ନାମକ ଏକ ଉଦ୍ଭିଦ ଜାତ ହେଉଥିଲା ତାହାର ଶାଖାକୁ କାଟି ପାତିଆ ତିଆରି କରି ଶୁଖେଇ ଅଠା ସାହାଯ୍ୟରେ ପରସ୍ପରକୁ ଯୋଡି ଲମ୍ବ କରୁଥିଲେ । ଏହାର ଲମ୍ବ ୧୦୦ ଫୁଟରୁ ମଧ୍ୟ ଅଧିକ ରହୁଥିଲା । ତାକୁ ସେମାନେ ଗୁଡାଇ (roll) କରୁଥିଲେ । ଏହି ପେପିରସ ପାତିଆ ଉପରେ ଲେଖିବାପାଇଁ ନୀଳନଦୀ ଅଂଚଳରେ ଉପଲବ୍ଧ ଏକ ତୃଣରୁ କଲମ ଓ ଉଦ୍ଭିଦର ଅଠା ସହିତ ଲଣ୍ଠନ କଳା ମିଶ୍ରଣ କରି କାଳି ପ୍ରସ୍ତୁତ କରୁଥିଲେ । ଏ କଲମ ଓ କାଳି ସାହାଯ୍ୟରେ ପେପିରସ ପାତିଆ ଉପରେ ଲେଖୁଥିଲେ ଓ ଲେଖିବା ପରେ ଲିଖିତ ପେପିରସ ପାତିଆକୁ ଗୁଡାଇ ମାଟିର ପାତ୍ରରେ ରଖୁଥିଲେ । ପେପିରସ ହିଁ ପୃଥିବୀର ସର୍ବପୁରାତନ କାଗଜ । ଇଂରାଜୀ ଶବ୍ଦ ପେପର ପେପିରସ ଶବ୍ଦରୁ ଆନୀତ। । ମାଟି ପାତ୍ରରେ ସୁରକ୍ଷିତ ଲିଖିତ ପେପିରସ ରୋଲ ବା ଫର୍ଦ୍ଦ ହିଁ ମିଶରୀୟମାନଙ୍କ ମଲାଟବନ୍ଧା ବହି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ନତତ୍ତ୍ୱବିତ୍‌ମାନେ ମିଶରର ଅବଶେଷ ଖନନରୁ ତିନୋଟି ସ୍ଥାନ ଆବିଷ୍କାର କରିଛନ୍ତି । ଯେଉଁଠାରେ ଶହଶହ ପେପିରସ ସୁରକ୍ଷିତ ମାଟିପାତ୍ର ମିଳିଛି । ବୋଧହୁଏ ଏ ସ୍ଥାନମାନ ମିଶରୀୟ ସଭ୍ୟତାର ପୁସ୍ତକାଗାର ଥିଲା ।

## ସାହିତ୍ୟ-

ପିରମିଡର କାନ୍ଥରେ ଖୋଦିତ ଲେଖାଗୁଡିକ ସେମାନଙ୍କ ଧର୍ମ ବିଶ୍ୱାସ ଉପରେ ପର୍ଯ୍ୟବେସିତ । ଏସବୁ ତାଙ୍କର ଧର୍ମ ସାହିତ୍ୟ ବ୍ୟତିତ ସେମାନଙ୍କ ପାଠାଗାରରୁ ଶହଶହ ପୁସ୍ତକ ଉଦ୍ଧାର ହୋଇଛି । ଏହି ପୁସ୍ତକ ମାନଙ୍କରେ ଧର୍ମ ସାହିତ୍ୟ, ଭ୍ରମଣ ବୃତ୍ତାନ୍ତ, ବୟନ ପ୍ରଣାଳୀ, ଭେଷଜ ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ନୌଯାତ୍ରା, ଗଣିତ ଶାସ୍ତ୍ରର ବିଷୟବସ୍ତୁକୁ ପଦ୍ୟ ଓ ଗଦ୍ୟ ଆକାରରେ ଉପସ୍ଥାପନ କରିଛନ୍ତି । ଧର୍ମ ସାହିତ୍ୟରେ ମୃତ ବ୍ୟକ୍ତିର ପୁସ୍ତକ (Book of the Dead), ପ୍ରବେଶ ପଥର ପୁସ୍ତକ (ଉଜ୍ଜ୍ୱଳ ଜ୍ଵଳ ଏବଂଘର), ସୂର୍ଯ୍ୟ ସ୍ତୁତି (Hymn to the Aton) ଅନ୍ୟତମ । ଅନ୍ୟ ଲେଖାମାନଙ୍କ ମଧ୍ୟରେ ନିୟତି ହାତରେ ରାଜକୁମାରର କାହାଣୀ (Tale of the doomed Prince) ସିନୁହିର କାହାଣୀ (), ବାଗ୍ମୀ କୃଷକର କାହାଣୀ () ଧ୍ୱସ୍ତ ଜାହାଜର କାହାଣୀ () । ଉପରୋକ୍ତ ସାହିତ୍ୟ ସୂଚନା ଦିଏ ଯେ ମିଶରୀୟମାନେ ସାହିତ୍ୟ କ୍ଷେତ୍ରରେ ସମୃଦ୍ଧ ଓ ଖୁବ୍ ଉନ୍ନତ ଥିଲେ ।

## ଜ୍ୟୋତିର୍ବିଜ୍ଞାନ-

ସୂର୍ଯ୍ୟ, ଚନ୍ଦ୍ର, ତାରକା ଓ ଗ୍ରହର ଗତିବିଧି ଲକ୍ଷ୍ୟ ଓ ଅନୁଧ୍ୟାନ, ଋତୁ ଓ ବର୍ଷ ଗଣନା ପ୍ରକ୍ରିୟା ଆରମ୍ଭ କରି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ୩୬୫ ଦିନରେ ଋତୁ ପୁଣିଥରେ ଫେରିଆସେ । ଏହି ୩୬୫ ଦିନକୁ ସେମାନେ ୧୨ ମାସ ଓ ପ୍ରତ୍ୟେକ ମାସକୁ ୩୦ ଦିନରେ ବିଭକ୍ତ କଲେ ଓ ବଳକା ୫ ଦିନକୁ ଉତ୍ସବ ଦିବସ ରୂପେ ଗ୍ରହଣ କରିଥିଲେ । ଖ୍ରୀଷ୍ଟପୂର୍ବ ୪୨୪୧ରେ ମିଶରୀୟମାନେ ସର୍ବପ୍ରଥମ ଦିନପଞ୍ଜି (Calendar) ପ୍ରସ୍ତୁତ କରିଥିଲେ । ସେଥିପାଇଁ ମାନବ ସମାଜର ପ୍ରଥମ ତାରିଖଯୁକ୍ତ ଘଟଣା ହେଉଛି ନୀଳନଦୀ ଉପତ୍ୟକାର ପ୍ରଥମ ଦିନପଞ୍ଜିକା ବା କ୍ୟାଲେଣ୍ଡର ପ୍ରସ୍ତୁତି । ଜୁଲିଅସ ସିଜର ଏ ଦିନପଞ୍ଜିକାକୁ ଉନ୍ନତ କରି ରୋମ ସାମ୍ରାଜ୍ୟରେ ପ୍ରଚଳନ କରିଥିଲେ । ପୋପ ତ୍ରୟୋଦଶ ଗ୍ରେଗୋରୀ (Pope Gregory XIII) ମିଶରର ଦିନପଞ୍ଜିକାକୁ ପରିବର୍ତ୍ତନ ଓ ଉନ୍ନତ କରିଥିଲେ । ତାହା ଆଜି ଗ୍ରେଗୋରିୟନ କ୍ୟାଲେଣ୍ଡର ଭାବେ ପୃଥିବୀର ସମସ୍ତ ଦେଶରେ ପ୍ରଚଳିତ ।

## ଜ୍ୟାମିତି ଓ ଗଣିତ–

ଜ୍ୟାମିତି ଓ ଗଣିତ ଜ୍ଞାନ କ୍ଷେତ୍ରରେ ମିଶରୀୟମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଛି । ପିରାମିଡ ଓ ମନ୍ଦିର ନିର୍ମାଣ ପାଇଁ, ସ୍ଥାପତ୍ୟ ପାଇଁ ସ୍ଥାନ ଓ ଜମିଜମା ମାପ ପାଇଁ ଜ୍ୟାମିତି ଓ ଗଣିତ ଜ୍ଞାନ ଦରକାର ପଡୁଥିଲା ସେଥିପାଇଁ ମିଶରୀୟମାନେ ଜ୍ୟାମିତି ଓ ଗଣିତ ଜ୍ଞାନ ବ୍ୟବହାର କରି ତ୍ରିକୋଣ, ଚତୁର୍ଭୁଜ, ବର୍ଗକ୍ଷେତ୍ର, ଯୋଗ, ବିୟୋଗ, ଗୁଣନ, ହରଣ ଓ ଭାଗର ପ୍ରୟୋଗ କରୁଥିଲେ । ଏହି ପ୍ରକ୍ରିୟାରେ ସେମାନେ ଗଣିତ ଓ ଜ୍ୟାମିତ ବିଦ୍ୟାର ବିକାଶ କରି ଦକ୍ଷତାର ପରିଚୟ ଦେଇଛନ୍ତି ।

## ଚିକିତ୍ସା ବିଜ୍ଞାନ–

ମିଶରୀୟମାନଙ୍କ ପୁସ୍ତକରୁ ଜଣାପଡ଼େ ଯେ ସେମାନେ ଅନେକ ରୋଗବ୍ୟାଧିର କାରଣ ଓ ତାହାର ଚିକିତ୍ସା ଜାଣିଥିଲେ । ସେମାନେ ଅସ୍ତ୍ରୋପଚାର ବିଦ୍ୟା ମଧ୍ୟ ଜାଣିଥିଲେ । ସେମାନେ ରସାୟନ ବିଜ୍ଞାନରେ ଏକ ଉଲ୍ଲେଖନୀୟ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି, ତାହାହେଲା ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ମୃତ ଦେହକୁ ସୁରକ୍ଷିତ ରଖିବା । ହଜାର ହଜାର ବର୍ଷ ପରେବି ସୁରକ୍ଷିତ ମୃତ ଶରୀର ବା ମମି ସତେଜ ଦେଖାଯାଉଛି ।

## କୃଷି, ଜଳସେଚନ ଓ ନୌଯାତ୍ରା–

ନୀଳନଦୀର ଉପତ୍ୟକାରେ ମିଶରୀୟମାନେ ଗହମ, ବାର୍ଲି, ବାଜରା ଶସ୍ୟ ଓ ଅଙ୍ଗୁର, ଖଜୁରୀ ଆଦି ଫଳ ଚାଷ କରୁଥିଲେ । ସେମାନେ ଟାଙ୍ଗିଆ, କୋଡି ଓ ଲଙ୍ଗଳ ଆଦି ଚାଷ ଯନ୍ତ୍ରପାତି ବ୍ୟବହାର କରି ମାଟିକୁ ଚଷି ମଞ୍ଜି ବୁଣି ଫସଲ ଉତ୍ପାଦନ ଜାଣିଥିଲେ । ଗୃହପାଳିତ ଗୋରୁ ସାହାଯ୍ୟରେ ହଳଲଙ୍ଗଳର ବ୍ୟବହାର କରି ଚାଷ କରିବା ସେମାନେ ଜାଣିଥିବାର ସୂଚନା ମିଳେ । ନୀଳନଦୀର ବନ୍ୟା ଜଳକୁ ନିୟନ୍ତ୍ରଣ କରିବା ପାଇଁ ସେମାନେ ଜଳଭଣ୍ଡାର, ବନ୍ଧ ଓ କେନାଲ ମାନ ନୀଳନଦୀର ଦୁଇ ପାର୍ଶ୍ୱରେ ତିଆରି କରିଥିଲେ । ଉନ୍ନତି ଜଳସେଚନର କୌଶଳ ପ୍ରୟୋଗ କରି କୃଷିର ଉନ୍ନତି କରିଥିଲେ । କେନାଲରେ ଛୋଟ ଛୋଟ ଡଙ୍ଗା ସାହାଯ୍ୟରେ ଯିବା ଆସିବା ତଥା ସାମଗ୍ରୀ ପରିବହନ ପାଇଁ ବ୍ୟବହାର କରୁଥିଲେ । କାଳକ୍ରମେ ବଡ଼ ବଡ଼ ଡଙ୍ଗା ଓ ପୋତଯୁକ୍ତ ଜାହାଜ ନିର୍ମାଣ କରି ନୌବାଣିଜ୍ୟ ଓ ଦୂର ଯାତ୍ରାରେ ଲୋହିତ ସାଗର ଓ ଭୂମଧ୍ୟସାଗରକୁ ପ୍ରବେଶ କଲେ । ସେମାନେ କେନାଲ ସାହାଯ୍ୟରେ ନୀଳନଦୀର ଏକ ଶାଖାକୁ ଲୋହିତ ସାଗର ସହିତ ସଂଯୋଗ କରି ନୌଯାତ୍ରାକୁ ସୁଗମ କରିଥିଲେ । ସେମାନେ ସୁଦୂର ସୁଦାନ ସହିତ ମୂଲ୍ୟବାନ ସୁନା, ହାତୀଦାନ୍ତ ପ୍ରଭୃତିର ବାଣିଜ୍ୟ କାରବାର କରୁଥିବାର ସୂଚନା ମିଳେ ।

## କଳା, ସୂକ୍ଷ୍ମକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ–

ହଜାର ହଜାର ମନ୍ଦିର, ସୌଧ, ମୂର୍ତ୍ତି ଓ ସର୍ବୋପରି ପିରାମିଡ ନିର୍ମାଣ ମିଶରୀୟ ମାନଙ୍କ ଉଚ୍ଚକୋଟୀର ସ୍ଥାପତ୍ୟ କଳାର ପରିଚୟ ଦିଏ । ପୃଥିବୀରେ ସେମାନେ ସେଥିପାଇଁ ଚିର ସ୍ମରଣୀୟ । ନୀଳନଦୀର ମୁହାଣ ଠାରୁ ୮୦ କିଲୋମିଟର ଉପରକୁ ତ୍ରିକୋଣ ଭୂମିରେ ଶହଶହ ପିରାମିଡ଼ ଗୁଡ଼ିକ ଦଣ୍ଡାୟମାନ । ସେମାନଙ୍କ ମଧ୍ୟରେ ୨୩୦୦୦୦୦୦ (ତେଇଶ ଲକ୍ଷ) ପଥର ତିଆରି ଖଣ୍ଡରେ ସର୍ବବୃହତ ପିରାମିଡ ଗିଜେ ନାମକ ସ୍ଥାନରେ ଦଣ୍ଡାୟମାନ । ପ୍ରତ୍ୟେକ ପ୍ରସ୍ତର ଖଣ୍ଡର ଓଜନ ୨ ½ ଟନ । ଏହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଏକ । ହଜାର ହଜାର ଦଣ୍ଡାୟମାନ ପିରାମିଡ ପ୍ରତିପାଦନ କରେ ଯେ ମିଶରୀୟ ମାନଙ୍କ ସ୍ଥାପତ୍ୟ କାଳଜୟୀ । ଏଣୁ କୁହାଯାଏ 'ପୃଥିବୀ ସମୟକୁ ଭୟ କରେ, କିନ୍ତୁ ସମୟ ଭୟ କରିଥାଏ ପିରାମିଡକୁ ।' ପିରାମିଡ ବ୍ୟତୀତ ଥେବସ ସହରର ଅମନ–ରାଙ୍କ କାରନାକ ମନ୍ଦିର ଏବଂ ଲକସର ଠାରେ ହୋରସଙ୍କ ମନ୍ଦିର ମିଶରୀୟ ଉଚ୍ଚକୋଟୀର ସ୍ଥାପତ୍ୟର ଅନ୍ୟ ଏକ ଉଦାହରଣ । ଯଦିଓ ଏ ମନ୍ଦିରର ଭଗ୍ନାବଶେଷ ଅଛି ତାହାର ସମ୍ମୁଖଭାଗର ଲମ୍ବ ୧୦୪ ମିଟର ଓ ପ୍ରସ୍ଥ ୫୨ ମିଟର ଓ ୨୧ ମିଟର ଉଚ୍ଚତା ବିଶିଷ୍ଟ ୧୬ଟି ସ୍ତମ୍ଭ ଥିଲା । ଅବୁସିମ୍ବେଲର ମନ୍ଦିର ମଧ୍ୟ ଉଚ୍ଚକୋଟିର ଥିଲା । ଗିଜେ ପିରାମିଡର ଅନତୀ ଦୂରରେ ବୃହତ ମୂର୍ତ୍ତି ସ୍ଫିଙ୍କସ (Sphynx) ଦଣ୍ଡାୟମାନ । ଏହାର ନିମ୍ନ ଅଂଶ ୪୬ ମିଟର ଓ ଉଚ୍ଚତା ୨୩ ମିଟର ସିଂହର ଶରୀର ଉପରେ ମଣିଷ ମୁଣ୍ଡ ସ୍ଥାପିତ ହୋଇ ଏ ମୂର୍ତ୍ତି

ତିଆରି ହୋଇଛି । ଭାସ୍କର୍ଯ୍ୟ ଦୃଷ୍ଟିରୁ ଏହା ମାନବ ସମାଜକୁ ଏକ ପ୍ରଶ୍ନବାଚୀ କାରଣ ସ୍ଫିଙ୍କସର ମୁଖର ସଠିକ୍ ଭାବ ଜାଣିବା ଆଜି ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତା ବ୍ୟତୀତ ଲକସର ଠାରେ ଫାରୋ ଆମେନହୋଟେପଙ୍କ ଦୁଇଟି ବିଶାଳ ମୂର୍ତ୍ତି, ଆବୁସିମ୍ବେଲ ସ୍ଥିତ ଫାରୋ ରାମସେସ ଦ୍ୱିତୀୟ, ତାଙ୍କ ରାଣୀ ଓ ଦେବତା ଅମନରାଙ୍କ ମୂର୍ତ୍ତି ବିଶାଳ ମୂର୍ତ୍ତି ମାନଙ୍କ ମଧ୍ୟରେ ଅନ୍ୟତମ । ରମଣୀୟ ମୂର୍ତ୍ତି ମାନଙ୍କ ମଧ୍ୟରେ ଫାରୋ ଅଖନାଟୋନ ଓ ତାଙ୍କ ରାଣୀ ନେଫ୍ରେଟେଟିଙ୍କ ମୂର୍ତ୍ତି ପ୍ରଶଂସନୀୟ ।

ସୂକ୍ଷ୍ମ କଳାରେ ମଧ୍ୟ ମିଶରୀୟମାନେ ଅନବଦ୍ୟ ସୃଷ୍ଟି କରିଯାଇଛନ୍ତି । ମୃଣ୍ମୟ ପାତ୍ର ତିଆରି କରି ତାକୁ ଆକର୍ଷଣୀୟ କରିବାପାଇଁ ବିଭିନ୍ନ ରଙ୍ଗରେ ଚିତ୍ରିତ କରୁଥିଲେ । ସେମାନେ ସୁନା, ରୁପା ଓ ହାତୀଦାନ୍ତର ଅଳଙ୍କାର ତିଆରି କରୁଥିଲେ । ସେମାନେ କାଠର ସୁନ୍ଦର ଗୃହ ଉପକରଣ ଓ ବ୍ୟବହାର ସାମଗ୍ରୀ ତିଆରି କରୁଥିଲେ । ସେମାନଙ୍କ ଚିତ୍ରକଳାରୁ ମିଶର ସଭ୍ୟତାର ସମାଜ, ଧର୍ମ ଓ ରାଜନୀତି ବିଷୟରେ ଅନେକ ସୂଚନା ମିଳିଥାଏ ।

ମିଶରୀୟମାନଙ୍କ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରୁ ସେମାନଙ୍କ ନିର୍ମାଣ ଦକ୍ଷତା, ଜ୍ଞାନ କୌଶଳ ଓ ଅପୂର୍ବ ଶିଳ୍ପ ପ୍ରତିଭାର ପରିଚୟ ମିଳେ । ସେମାନଙ୍କ ଅବଦାନ ମାନବ ସମାଜକୁ ଓ ବିଶ୍ୱକୁ ଅତୁଳନୀୟ ।

## ମେସୋପଟାମିଆ ସଭ୍ୟତା

ପୃଥିବୀ ଇତିହାସର ପ୍ରାଚୀନ ଓ ପ୍ରସିଦ୍ଧ ସଭ୍ୟତାମାନଙ୍କ ମଧ୍ୟରେ ମେସୋପଟାମିଆର ସଭ୍ୟତା ଅନ୍ୟତମ । ମିଶର ପ୍ରାଚୀନ ସଭ୍ୟତାର ସମସାମୟିକ ମେସୋପଟାମିଆର ପ୍ରାଚୀନ ସଭ୍ୟତା । ଗ୍ରୀକ୍‌ମାନେ ଇଉଫ୍ରେଟିସ୍ ଓ ଟାଇଗ୍ରୀସ୍ ଦୁଇ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରୁ ଅଭ୍ୟୁଦୟ ସଭ୍ୟତାକୁ ମେସୋପଟାମିଆ କହୁଥିଲେ କାରଣ ଗ୍ରୀକ୍ ଭାଷାରେ ମେସୋପଟାମିଆର ଅର୍ଥ "ଦୁଇନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ" । ଏ ନଦୀ ଦୁଇଟିର ମୁହାଣଠାରେ ଆରମ୍ଭ ହୋଇ ଉତ୍ତର ପଶ୍ଚିମ ଦିଗରେ ସିରିଆ ଓ ଏସିଆ ମାଇନର ପର୍ଯ୍ୟନ୍ତ ବିସ୍ତୃତ ଉପତ୍ୟକା ସମତଳ ଓ ଉର୍ବର । ଯଦିଓ ଏ ଅଞ୍ଚଳ କମ୍ ବୃଷ୍ଟିପାତ ଅଞ୍ଚଳ ତଥାପି ଇଉଫ୍ରେଟିସ୍ ଓ ଟାଇଗ୍ରୀସ୍ ନଦୀ ଜଳ ଦ୍ୱାରା ଚାଷଉପଯୋଗୀ ହୋଇ ଏ ଅଞ୍ଚଳରେ ଗଢି ଉଠିଥିଲା ଏକ ଉନ୍ନତ ସଭ୍ୟତା ଯାହାର ନାମ ମେସୋପଟାମିଆ ସଭ୍ୟତା । ମେସୋପଟାମିଆର ପୂର୍ବ ଦିଗରେ ପାରସ୍ୟ, ଦକ୍ଷିଣ ପାର୍ଶ୍ୱରେ ଆରବ ମରୁଭୂମି, ପଶ୍ଚିମ ଦିଗରେ ସିରିଆର ମରୁଭୂମି ଓ ଉତ୍ତର ଦିଗରେ ଆର୍ମେନିଆ ପର୍ବତମାଳା ।

ମେସୋପଟାମିଆର ଚାରିପାଖ ପ୍ରାକୃତିକ ସୁରକ୍ଷା ବଳୟ ମିଶର ପରି ସୁଦୃଢ଼ ନଥିଲା । ସେଥିପାଇଁ ଅନେକ ଯାଯାବର ଗୋଷ୍ଠୀ ମରୁଭୂମିର ସେମିଟିକ ଓ ଇଣ୍ଡୋ-ଇଉରୋପୀୟ ଗୋଷ୍ଠୀ ମେସୋପଟେମିଆର ଉର୍ବର ଭୂମି ପ୍ରତି ଆକୃଷ୍ଟ ହୋଇ ଆସିଲେ । ପ୍ରାଧାନ୍ୟ ବିସ୍ତାର ପାଇଁ ସେମାନଙ୍କ ମଧ୍ୟରେ କଳହ, ସଂଘର୍ଷ ଲାଗିରହିଥିଲା । ଫଳ ସ୍ୱରୂପ ମେସୋପଟାମିଆର ବହୁ ଗୋଷ୍ଠୀ, ବହୁ ରାଜ୍ୟ ଓ ବହୁ ସଭ୍ୟତାର ଉତ୍‌ଥାନ ଓ ପତନ ଘଟିଥିଲା । ବିବିଧ ସଭ୍ୟତା ଦ୍ୱାରା ପରିପୁଷ୍ଟ ହୋଇଥିଲା ମେସୋପଟାମିଆ । ତନ୍ମଧ୍ୟରୁ ସୁମେରୀୟ, ବେବିଲୋନୀୟ ଓ ଏସିରୀୟ ସଭ୍ୟତା ପ୍ରଧାନ ।

## ସୁମେରୀୟ ସଭ୍ୟତା:-

ମେସୋପୋଟାମିଆର ଦକ୍ଷିଣ ଅଞ୍ଚଳ ସୁମେରିଆ ନାମରେ ପରିଚିତ ଥିଲା । ଆଜକୁ ପ୍ରାୟ ୭୦୦୦ ବର୍ଷ ପୂର୍ବେ ଏ ଅଞ୍ଚଳର ଏକ ଯାଯାବର ବୋଧହୁଏ ମଙ୍ଗୋଲିୟ କିମ୍ବା ଟାଟରୟ ଗୋଷ୍ଠୀ ବାହାରୁ ଆସି ସ୍ଥାୟୀ ବସତି ସ୍ଥାପନ କଲେ । ସୁମେରିଆ ଅଞ୍ଚଳରେ ବସବାସ କରୁଥିବାରୁ ସେମାନଙ୍କୁ ସୁମେରୀୟ ବୋଲି କୁହାଯାଏ । କିନ୍ତୁ ସୁମେର ଶବ୍ଦର ଅର୍ଥ 'କୃଷ୍ଣବର୍ଣ୍ଣ ମସ୍ତକ' ଓ ସୁମେରୀୟ ଅର୍ଥ 'କୃଷ୍ଣବର୍ଣ୍ଣ ମସ୍ତକ ବିଶିଷ୍ଟ ମନୁଷ୍ୟ' (Black headed people) । ସେମାନେ ନିଜର ସାମାଜିକ ଓ ଅର୍ଥନୈତିକ ପ୍ରଗତି, ରାଜନୈତିକ ସଙ୍ଗଠନ ତଥା ଉନ୍ନତ ସାଂସ୍କୃତିକ ଜୀବନ ମାଧ୍ୟମରେ ମାନବ ସଭ୍ୟତା ଓ ସଂସ୍କୃତିକୁ ଅନେକ ଅବଦାନ ଛାଡିଯାଇଛନ୍ତି ।

## ସାମାଜିକ ଓ ଅର୍ଥନୈତିକ ଜୀବନ:-

ସୁମେରୀୟ ମାନଙ୍କ ମୁଖ୍ୟ ଜୀବିକା ଥିଲା କୃଷି, ପଶୁପାଳନ ଓ ବ୍ୟବସାୟ । ୟୁଫ୍ରେଟିସ ଓ ଟାଇଗ୍ରୀସ ନଦୀ ଅବବାହିକା କୃଷି ପାଇଁ ସହାୟକ ଥିଲା । ସୁମେରୀୟ ନିଜ ବୁଦ୍ଧି ଓ କୌଶଳ ବଳରେ ଉନ୍ନତ ଜଳସେଚନ, ବନ୍ୟାଜଳ ନିୟନ୍ତ୍ରଣ ଓ ନିଷ୍କାସନ ପ୍ରଣାଳୀ ପ୍ରୟୋଗ କରି କୃଷିର ସର୍ବାଙ୍ଗୀନ ଉନ୍ନତି କରିଥିଲେ । ସେମାନଙ୍କ ମୁଖ୍ୟ ଚାଷ ଥିଲା ଗହମ, ବାର୍ଲି, ପନିପରିବା, ଖଜୁରୀ । କୃଷି କାର୍ଯ୍ୟରେ ଗୋରୁକୁ ହଳ କରିବାରେ ଓ ଗଧକୁ ଭାରବାହୀ ପଶୁରୂପେ ବ୍ୟବହାର କରୁଥିଲେ । ତା ବ୍ୟତୀତ ଛେଳି, ମେଣ୍ଢା, ଘୁଷୁରୀ, କୁକୁଡ଼ା ପ୍ରଭୃତି ପଶୁପକ୍ଷୀକୁ ଗୃହପାଳିତ କରି ନିଜ ଉପକାରରେ ଲଗାଉଥିଲେ । ସେମାନେ ପଶୁକୁ ଶଗଡ ଟାଣିବା ପାଇଁ ବ୍ୟବହାର କରୁଥିଲେ । କୃଷି ଓ ପଶୁପାଳନ ବ୍ୟତୀତ କୁଟୀର ଶିଳ୍ପ ସୁମେରୀୟ ମାନଙ୍କ ଅର୍ଥନୀତିର ଅଭିନ୍ନ ଅଙ୍ଗ ଥିଲା । ସେମାନଙ୍କ ପ୍ରସ୍ତୁତ ସୁନା, ରୂପା ଓ ହାତି ଦାନ୍ତର ଅଳଙ୍କାର, ସୂତା ଓ ପଶମର ବସ୍ତ୍ର, ସୁନ୍ଦର ସୁନ୍ଦର ମାଟି ଓ କାଚର ପାତ୍ର ଦେଶ ଭିତରେ ଓ ଦେଶ ବାହାରେ ବେଶ ଚାହିଦା ଥିଲା । ପାରସ୍ୟ ମଧ୍ୟଏସିଆ ଓ ସିନ୍ଧୁନଦୀ ଉପତ୍ୟକା ପର୍ଯ୍ୟନ୍ତ ସେମାନଙ୍କ ବାଣିଜ୍ୟ ବ୍ୟବସାୟ ବ୍ୟାପ୍ତଥିଲା । ତାଙ୍କ ଉର୍ ନଗର ଆନ୍ତର୍ଜାତିକ ବାଣିଜ୍ୟ କେନ୍ଦ୍ର ଥିଲା । ସୁମେରିଆର ଆବିଷ୍କୃତ ବିଭିଧ ପତ୍ନତାତ୍ତ୍ୱିକ ଅବଶେଷରୁ ଜଣାଯାଏ ଯେ ସୁମେରୀୟ ସମାଜ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ ଥିଲା, ସେମାନେ ହେଲେ ଉଚ୍ଚ ବର୍ଗରେ ଜମିମାଲିକ ଓ ସାମରିକ ଅଧିକାରୀ, ମଧ୍ୟ ବର୍ଗରେ କାରିଗର, ବଣିକ ଓ ରାଜ କର୍ମଚାରୀ ଓ ନିମ୍ନ ବର୍ଗରେ କୃଷକ, ଶ୍ରମିକ ଓ ଦାସ । ସୁମେରୀୟଙ୍କ ବିଭିନ୍ନ ଚିତ୍ରକଳାରୁ ଜଣାଯାଏ ଯେ ସେମାନେ ଲଣ୍ଡିତ ମସ୍ତକ ହେବା ଓ କାର୍ପାସ ବସ୍ତ୍ର ପରିଧାନ ପସନ୍ଦ କରୁଥିଲେ ।

## ରାଜନୈତିକ ସାମରିକ ଜୀବନ:-

ପ୍ରତ୍ନତତ୍ତ୍ୱବିତମାନେ ମେସୋପଟାମିଆ ଅଞ୍ଚଳ ଖନନ କରି ଅନେକ ନଗର ସଭ୍ୟତାର ଅବଶେଷ ପାଇଛନ୍ତି । ସେ ନଗରମାନଙ୍କ ମଧ୍ୟରେ ଉର୍, କିସ୍, ଉରକ୍, ଲଗାସ୍, ନିପୁର, ଇରେଡ, ଆରେଡେ ପ୍ରଧାନ । ପ୍ରତ୍ୟେକ ନଗର ଗୋଟିଏ ଗୋଟିଏ ନଗର ରାଜ୍ୟ ଥିଲା ଓ ନଗର ରାଜ୍ୟର ଜଣେ ମୁଖିଆ ଥିଲେ । । ଯିଏ ରାଜା ସେ ସେନାଧ୍ୟକ୍ଷ ତଥା ମୁଖ୍ୟ ପୁରୋହିତର କାର୍ଯ୍ୟ ସମ୍ପାଦନ କରୁଥିଲେ । ସୁମେରୀୟ ମାନେ ତାଙ୍କୁ 'ପଟେସି' (Patesi) କହୁଥିଲେ । ନଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗୀତା କଳହର ସୂତ୍ରପାତ କରୁଥିଲା । ବନ୍ଧୁତାର ଅଭାବରୁ ନଗର ରାଜ୍ୟ ରାଜ୍ୟ ମଧ୍ୟରେ ଯୁଦ୍ଧ ଲାଗିରହିଥିଲା । ସେଥିପାଇଁ ସୁମେରୀୟମାନେ ଯୁଦ୍ଧ ବିଦ୍ୟାରେ ଦକ୍ଷତା ଲାଭ କରି ସାମରିକ ଶକ୍ତି ଭାବେ ନିଜକୁ ସ୍ଥାପିତ କରିପାରିଥିଲେ । ସାମରିକ ସଙ୍ଗଠନ, ଯୁଦ୍ଧବିଦ୍ୟା, ଅସ୍ତ୍ରଶସ୍ତ୍ର ଉଦ୍ଭାବନରେ ସେମାନେ ସିଦ୍ଧହସ୍ତ ଥିଲେ । ଖଣ୍ଡା, ବର୍ଚ୍ଛା , ଧନୁଶର ସେମାନଙ୍କ ପ୍ରଧାନ ଅସ୍ତ୍ର ଥିଲା । ଆତ୍ମରକ୍ଷା ପାଇଁ ସେମାନେ ଢାଲ, ସାଞ୍ଜୁ ବ୍ୟବହାର କରୁଥିଲେ । କ୍ରମାଗତ ଯୁଦ୍ଧ ଦ୍ୱାରା ସେମାନଙ୍କ ସାମାଜିକ, ଅର୍ଥନୈତିକ କ୍ଷତି ହେବା ସଙ୍ଗେ ସଙ୍ଗେ ନଗର ମାନ ଧ୍ୱଂସ ପ୍ରାପ୍ତ ହେଲା ଓ ରାଜନୈତିକ ଶକ୍ତି ରୂପରେ ଦୁର୍ବଳ ହେଲେ ।

## ଧାର୍ମିକ ଜୀବନ:-

ରାଜ୍ୟର ମୁଖ୍ୟ ମନ୍ଦିର ଜିଗୁରାତ୍ (Ziggurat) ଥିଲା ରାଜକୀୟ ଶାସନର କେନ୍ଦ୍ରସ୍ଥଳ । ସେମାନେ ବହୁ ଦେବାଦେବୀ ଉପାସକ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ତିଆରି ଜିଗୁରତ୍ ସାଧାରଣତଃ ନଗରର କେନ୍ଦ୍ରସ୍ଥଳରେ ଥିଲା । ଏହା ବହୁତଳ ବିଶିଷ୍ଟ ଓ ନଗରର ଅନ୍ୟସମସ୍ତ ପ୍ରାସାଦ ଅପେକ୍ଷା ଉଚ୍ଚ ଥିଲା । ପ୍ରତ୍ୟେକ ନଗର ରାଜ୍ୟର ମୁଖ୍ୟ ଦେବାଦେବୀ ଥିଲେ । ସମୃଦ୍ଧି ଓ ଯୁଦ୍ଧରେ ଜୟ ପାଇଁ ଦେବାଦେବୀଙ୍କ ନୈବେଦ୍ୟ ଓ ବଳିଦାନ ଦେଉଥିଲେ । ସୁମେରୀୟମାନେ ପୂର୍ବଜନ୍ମରେ ବିଶ୍ୱାସ କରୁନଥିଲେ । ସେମାନେ ମୃତ ବ୍ୟକ୍ତିକୁ ନିଜ ଗୃହ ମଧ୍ୟରେ ସମାଧି ଦେଉଥିଲେ ।

## ସୁମେରୀୟମାନଙ୍କ ଅବଦାନ:

ସୁମେରୀୟମାନଙ୍କ ମାନବ ସଂସ୍କୃତିକୁ ଅନେକ ଅବଦାନ ମଧ୍ୟରୁ ଲିଖନ ପ୍ରଣାଳୀ, ଜଳଘଣ୍ଟା, ବର୍ଷ ପଞ୍ଜିକା, କଳା, ସ୍ଥାପତ୍ୟ, ସାହିତ୍ୟ, ବିଜ୍ଞାନ ଓ ଚକର ବ୍ୟବହାର ପ୍ରଧାନ ।

## ଲିଖନ ପ୍ରଣାଳୀ:

ସୁମେରୀୟମାନେ ମିଶରୀୟଙ୍କ ପରି ପ୍ରଥମେ ପ୍ରଥମେ ଛବି ଲିପି ବ୍ୟବହାର କରି ନିଜ ଭାବ ପ୍ରକାଶ କରୁଥିଲେ । ପରବର୍ତ୍ତୀ କାଳରେ ସେମାନେ କୀଳକ ଲିପି ବା କ୍ୟୁନିଫର୍ମ (Cuneiform) ଲିପି ବ୍ୟବହାର କଲେ । ସେମାନେ ୩୫୦ଟି କୀଳକ ସଦୃଶ ସଙ୍କେତକୁ ଏକ ଏକ ଧ୍ୱନି ସହିତ ଚିହ୍ନଟ କରିଥିଲେ, ପ୍ରତ୍ୟେକ କୀଳକ ସଙ୍କେତ ତାଙ୍କର ଗୋଟିଏ ଗୋଟିଏ ଅକ୍ଷର । ସେମାନେ ମାଟିକୁ ପାଣିରେ ଚକଟି ଏକ ପ୍ରକାର ସ୍ଲେଟ ବା ଇଟା ତିଆରି କରି କଞ୍ଚା ଥିବା ଅବସ୍ଥାରେ ସେଗୁଡ଼ିକ ଉପରେ ମୁନିଆ କାଠି ସାହାଯ୍ୟରେ ଲେଖି ଖରାରେ କିମ୍ବା ନିଆଁରେ ପୋଡ଼ି ତାକୁ ସୁଦୃଢ଼ କରି ସାଇତି ରଖୁଥିଲେ । ପୁରାତନ ସୁମେରୀୟାର ନଗରର ଧ୍ୱଂସାବଶେଷରୁ ବହୁ ଲିଖିତ ସ୍ଲେଟ ଓ ଇଟା ଉଦ୍ଧାର ହୋଇଛି । ସୁମେରୀୟମାନଙ୍କ ପୁସ୍ତକ ହେନେରୀ ରାଓଲିନସନ ଜଣେ ଇଂରାଜୀ କର୍ମଚାରୀ ପ୍ରଥମେ କୀଳକ ଲିପି ଉଦ୍ଧାର ଓ ଅଧ୍ୟୟନ କରିଥିଲେ । ଯଦ୍ୱାରା ସୁମେରୀୟମାନଙ୍କ ସାମାଜିକ, ଧାର୍ମିକ, ସାମରୀକ ଜୀବନର ଅନେକ ଦିଗ ଲୋକ ଲୋଚନକୁ ଆସିଛି ।

## ଜଳଘଣ୍ଟା ଓ ବର୍ଷ ପଞ୍ଜିକା:

ସୁମେରୀୟମାନେ ଗୋଟିଏ ରାତି ଓ ଗୋଟିଏ ଦିନ ବା ସମସ୍ତ ଦିନକୁ ୨୪ଘଣ୍ଟାରେ ବିଭକ୍ତ କରିଥିଲେ । ସେମାନେ ଘଣ୍ଟାକୁ ୬୦ମିନିଟ୍ ଓ ମିନିଟ୍‌କୁ ୬୦ ସେକେଣ୍ଡରେ ବିଭକ୍ତ କରିଥିଲେ । ସମୟ ଗଣନା ରେ ଷାଠିଏକୁ ପରିମାପକ କରିବା ସୁମେରୀୟମାନଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । ଏଥି ସହିତ ପ୍ରତିଦିନର ସମୟ ଜାଣିବା ପାଇଁ ଛିଦ୍ରଯୁକ୍ତ ଜଳପାତ୍ରରେ ଜଳ ପତନର ଚିହ୍ନକୁ ଦେଖି ସମୟ ନିର୍ଣ୍ଣୟ କରୁଥିଲେ । ଏହି ଜଳପାତ୍ର ତାଙ୍କ ଜଳ ଘଣ୍ଟା (Water clock) । ସେମାନେ ଚନ୍ଦ୍ରର ଗତିବିଧି କ୍ଷୟ ବୃଦ୍ଧି ଅନୁଧ୍ୟାନ କରି ମାସକୁ ୩୦ଦିନ ଓ ବର୍ଷକୁ ୧୨ ମାସ ବା ୩୬୦ ଦିନ ନିର୍ଦ୍ଧାରଣ କରିଥିଲେ । ଚନ୍ଦ୍ରର କ୍ଷୟ ବୃଦ୍ଧି ହେଉଥିବାରୁ ସେମାନେ ପ୍ରତିବର୍ଷ ଗଣନା କରି କରି ତାଙ୍କର ବର୍ଷ ପଞ୍ଜିକା ପ୍ରକାଶ କରୁଥିଲେ ।

## କଳା ଓ ସ୍ଥାପତ୍ୟ :

ସୁମେରୀୟମାନେ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଅନେକ ସଫଳତା ଲାଭ କରିଥିଲେ । ମାଟିର ପାତ୍ରରେ ଚିତ୍ରରାଜି, ସିଲମୋହରର ଚିତ୍ର, ହାତୀ ଦାନ୍ତ, ସୁନା-ରୂପା ଅଳଙ୍କାରରେ କାରୁକାର୍ଯ୍ୟ ସେମାନଙ୍କ ଉଚ୍ଚକୋଟିର କଳାର ପରିଚୟ ଦିଏ । ସେମାନଙ୍କ ପ୍ରାସାଦ, ମନ୍ଦିର ଓ ନଗର ତିଆରି କରି ସ୍ଥାପତ୍ୟ କ୍ଷେତ୍ରରେ ସ୍ୱାକ୍ଷର ଛାଡି ଯାଇଛନ୍ତି । ସୁମେରୀୟ ମାନଙ୍କ ପ୍ରାସାଦ ଓ ମନ୍ଦିରରେ ଖିଲାଣ (Arch), ଝୁଲାଣ ଛାତ (Vault), ଗମ୍ବୁଜ (Dome) ତିଆରି କରି ପଥର ବଦଳରେ ପୋଡ଼ା ଇଟାର ବ୍ୟବହାର ମାନବ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । ସେମାନଙ୍କ ଜିଗୁରତ୍ ବା ମନ୍ଦିର ବହୁତଳ ବିଶିଷ୍ଟ ଥିଲା ଓ ପ୍ରତ୍ୟେକ ମହଲାକୁ ଯିବା ପାଇଁ ପାହାଚ ନିର୍ମାଣ କରିଥିଲେ ଓ ସବା ଉପରେ ମହଲାରେ ଦେବତାକୁ ସ୍ଥାପନ ତଥା ଉପର ମହଲାରେ ଗ୍ରହ ନକ୍ଷତ୍ର ମାନଙ୍କ ଗତିବିଧି ଅଧ୍ୟୟନ କରିବା ପାଇଁ ବ୍ୟବସ୍ଥା ଥିଲା । ଜିଗୁରତ୍ ବହୁ ଉଚ୍ଚ ଥିବାରୁ 'ସ୍ୱର୍ଗର ପର୍ବତ' (Hill of Heaven) ବୋଲି କହୁଥିଲେ । ସେମାନଙ୍କ ମୁଖ୍ୟ ଦେବତା ଏନ୍‌ଲିଲଙ୍କ ପାଇଁ ନିର୍ମିତ ସର୍ବବୃହତ ଜିଗୁରାତ୍ ନିପୁର ସହରରେ ଥିଲା ।

## ସାହିତ୍ୟ ବିଜ୍ଞାନ ଓ ଚକର ବ୍ୟବହାର :

ପ୍ରାର୍ଥନା ଓ କାହାଣୀ ଆଦିକୁ ନେଇ ସୁମେରୀୟମାନଙ୍କ ସାହିତ୍ୟ ଗଢିଉଠିଥିଲା । 'ମାରଡ୍ରୁକଙ୍କ କାହାଣୀ' 'ସୃଷ୍ଟିର କାହାଣୀ' ଓ 'ମନୁଷ୍ୟ ପତନର କାହାଣୀ' ପୁସ୍ତକରେ ପୃଥିବୀ, ସ୍ୱର୍ଗ, ମନୁଷ୍ୟ, ଜୀବଜନ୍ତୁ ଓ ବୃକ୍ଷଲତାର ବର୍ଣ୍ଣନା ରହିଛି । ସୁମେରୀୟ

ମାନେ ସୂର୍ଯ୍ୟପରାଗ ଓ ଚନ୍ଦ୍ର ଗ୍ରହଣ ଗଣନା କରି ବହୁ ଆଗରୁ କହିପାରୁଥିଲେ । ଏଥିରୁ ସେମାନଙ୍କ ଜ୍ୟୋତିର୍ବିଜ୍ଞାନ (Astronomy) ଜ୍ଞାନର ସୂଚନା ମିଳେ । ବିଜ୍ଞାନ ଜ୍ଞାନ ସାହାଯ୍ୟରେ ସେମାନେ ଚକ୍ରର ବ୍ୟବହାର ଓ ଚକ ଲଗା ଗାଡ଼ି ଉଦ୍ଭାବନ କରିଥିଲେ ।

**ସୁମେରୀୟ ସାମ୍ରାଜ୍ୟର ପତନ ଓ ବେବିଲୋନୀୟନ ସାମ୍ରାଜ୍ୟର ଉତ୍ଥାନ:**

ଖ୍ରୀଷ୍ଟପୂର୍ବ ୨୭୫୦ ବେଳକୁ ଆକାଡିୟନ (Akkadian) ନାମକ ଏକ ସେମିଟିକ ଗୋଷ୍ଠୀ ସୁମେରୀୟ ମାନଙ୍କୁ ପରାସ୍ତ କଲେ । ସେମାନେ ପ୍ରଥମେ ଆକାଡ ନାମକ ସ୍ଥାନରେ ବସତି ସ୍ଥାପନ କଲେ । ପରବର୍ତ୍ତୀ କାଳରେ ସେମାନଙ୍କ ମୁଖିଆ ଭୂମଧ୍ୟସାଗଠାରୁ ପାରସ୍ୟ ମଧ୍ୟରେ ଥିବା ସମସ୍ତ ନଗର ରାଜ୍ୟ ଜୟ କରି ଏକ ସାମ୍ରାଜ୍ୟ ସ୍ଥାପନ କଲେ । ସେ ସୁମେରୀୟ ସଭ୍ୟତାକୁ ନଷ୍ଟ ନକରି ନିଜ ଆକାଡିୟନ ସଭ୍ୟତା ସହ ଏକ ମିଳନ ସ୍ଥାପନ କଲେ । ଫଳସ୍ୱରୂପ ଗଢିଉଠିଲା ସୁମେରୀୟ – ଆକାଡିୟ ସଭ୍ୟତା ଓ ସାମ୍ରାଜ୍ୟ । ପ୍ରାୟ ଦୁଇଶହ ବର୍ଷ ଆକାଡିୟନ ମାନେ ମେସୋପଟାମିଆରେ ନିଜର ଶାସନ କରିବା ପରେ ଦୁର୍ବଳ ହେଲେ ଓ ଏହାର ସୁଯୋଗ ନେଇ ପୁଣିଥରେ ସୁମେରୀୟମାନେ ଶାସନ ଭାର ଗ୍ରହଣ କଲେ । ଖ୍ରୀଷ୍ଟପୂର୍ବ ୨୦୦୦ ବେଳକୁ ଅନ୍ୟ ଏକ ସେମିଟିକ ଗୋଷ୍ଠି ଆମୋରାଇଟ୍ସ୍ (Amorites) ମେସୋପଟାମିଆର ବେବିଲୋନ ଅଞ୍ଚଳରେ ପ୍ରସିଦ୍ଧି ଲାଭ କଲେ । ସେମାନଙ୍କୁ ନେତୃତ୍ୱ ଦେଲେ ହାମ୍ମୁରାବୀ ନାମକ ଜଣେ ଯୋଦ୍ଧା । ସେ ବେବିଲୋନକୁ କେନ୍ଦ୍ର କରି ଗଢ଼ିଲେ ଏକ ଶକ୍ତିଶାଳୀ ରାଜ୍ୟ । ହାମ୍ମୁରାବୀ ସୁମେରୀୟ ଓ ଆକାଡିଅନ ମାନଙ୍କୁ ପରାସ୍ତ କରି ଏକ ସାମ୍ରାଜ୍ୟ ସ୍ଥାପନ କଲେ ଓ ଗଢ଼ିଲେ ଏକ ନୂତନ ସଭ୍ୟତା । ଏହି ସଭ୍ୟତାକୁ ମେସୋପଟାମିଆର ବେବିଲୋନୀୟ ସଭ୍ୟତା କୁହାଯାଏ ।

**ହାମ୍ମୁରାବୀ:-**

ଖ୍ରୀଷ୍ଟପୂର୍ବ ୨୦୦୦ ବେଳକୁ ହାମ୍ମୁରାବୀଙ୍କ ନେତୃତ୍ୱରେ ବେବିଲୋନୀୟ ସଭ୍ୟତା ଓ ସଂସ୍କୃତି ବିକାଶ ଲାଭ କରିଥିଲା, ସେ ସାମ୍ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରି କୃଷି, ଶିକ୍ଷା, ବାଣିଜ୍ୟ, ଆଇନ ତଥା ଶାସନ ପଦ୍ଧତିକୁ ଉତ୍ତମ ରୂପେ ପରିଚାଳନା କରି ବେବିଲୋନୀୟ ସଭ୍ୟତାକୁ ଉନ୍ନତିର ଚରମ ସୋପାନରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ ।

**ଶାସନ ପଦ୍ଧତି:**

ହାମ୍ମୁରାବୀ ଥିଲେ ଜଣେ ସୁଦକ୍ଷ ଶାସକ । ସେ ସମାଜର ପ୍ରଚଳିତ ରୀତିନୀତି, ପରମ୍ପରା, ବିଶ୍ୱାସ ଆଦିର ଗଭୀର ଅନୁଧ୍ୟାନ କରି ସମାଜର ଜନସାଧାରଣ ତଥା ସାମ୍ରାଜ୍ୟର ଆବଶ୍ୟକତା ଅନୁଯାୟୀ ସମଗ୍ର ବେବିଲୋନ ସାମ୍ରାଜ୍ୟ ପାଇଁ ଏକ ଆଇନ ପ୍ରଣାଳୀ ସ୍ଥାପନ ଓ ପ୍ରଚଳନ କରି ଏକ ଉନ୍ନତ ମାନର ଶାସନ ବ୍ୟବସ୍ଥାର ରୂପ ରେଖ ଦେଇଥିଲେ । ରାଜ କର୍ମଚାରୀଙ୍କୁ ଜନହିତକର କାମ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବେବିଲୋନ ନଗରୀର ଧ୍ୱଂସାବଶେଷରୁ ଆବିଷ୍କୃତ ତାଙ୍କର ୫୫ ନିର୍ଦ୍ଦେଶନାମାରୁ ଏହା ସୁସ୍ପଷ୍ଟ । ଏହି ଆଦେଶରେ ପ୍ରଶାସକଙ୍କୁ ରାଜସ୍ୱ ଆଦାୟ ସମୟରେ ଦୟାଶୀଳ ହେବା, ବନ୍ୟା ପରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ କାମ କରିବା, ଲାଞ୍ଚୁଆ ଲୋକଙ୍କୁ ଦଣ୍ଡ ଦେବା ତଥା ନାରୀ ଓ ଶିଶୁମାନଙ୍କୁ ସୁବିଧା ସୁଯୋଗ ଯୋଗାଇବା ପରି ମହତ୍ତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ ଅଛି ।

ହାମ୍ମୁରାବୀ ପୃଥିବୀର ଅଗ୍ରଣୀ ଆଇନ ପ୍ରଣେତା ମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ପ୍ରଣୀତ ଆଇନକୁ 'କୋଡ୍ ଅଫ୍ ହାମ୍ମୁରାବୀ' ବା 'ହାମ୍ମୁରାବି ବିଧିସଂହିତା' କୁହାଯାଏ । ଏହା ବିଶ୍ୱ ସଭ୍ୟତାକୁ ଏକ ମହତ୍ ଅବଦାନ । ତାଙ୍କର ବିଧି ସଂହିତାରେ ୨୮୫ ଧାରା ଥିଲା । ସର୍ବସାଧାରଣଙ୍କ ଗୋଚରାର୍ଥେ ଏହି ଧାରାମାନ ଆଠଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ଫଳକରେ ଖୋଦିତ କରାଯାଇ ବେବିଲୋନିଆ ସାମ୍ରାଜ୍ୟର ମୁଖ୍ୟ ସ୍ଥାନ ମାନଙ୍କରେ ସ୍ଥାପନ କରାଯାଇଥିଲା । ଖୋଦିତ ପ୍ରସ୍ତର ଫଳକର ଉପରିଭାଗରେ ଥିଲା ଏକ ଚିତ୍ର ଯେଉଁ ଚିତ୍ରରେ ସାମାଶ୍ (Samash) ବା ସୂର୍ଯ୍ୟଦେବତାଙ୍କଠାରୁ ସ୍ୱହସ୍ତରେ ନତଜାନୁ ହୋଇ ହାମ୍ମୁରାବି ଆଇନ ଗ୍ରହଣ କରୁଛନ୍ତି । ଏହା ବୋଧହୁଏ ଆଇନ ପ୍ରତି ଲୋକଙ୍କ ମନରେ ଶ୍ରଦ୍ଧା ଓ ସମ୍ମାନ ଭାବ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା । ୧୯୦୨

ମସିହାରେ ବେବିଲୋନ୍‌ର ସୁସାଠାରେ ଆବିଷ୍କୃତ ଆଇନ ଖୋଦିତ ପ୍ରସ୍ତରରୁ ଜଣାଯାଏ ଯେ ହାମ୍ମୁରାବିଙ୍କ ବିଧି ସଂହିତାରେ ଚାରୋଟି ବିଭାଗ ଥିଲା ଯଥା ଦଣ୍ଡବିଧାନ ବିଭାଗ (Penal Code), ସାମାଜିକ ଜମିଜମା ସଂକ୍ରାନ୍ତୀୟ ବିଭାଗ (Civil code), ବାଣିଜ୍ୟ ସଂକ୍ରାନ୍ତୀୟ ବିଭାଗ (Commercial code) ଓ ବିଚାର ସଂକ୍ରାନ୍ତୀୟ ନିୟମାବଳୀ ବିଭାଗ (Code of procedure)। ବିଧି ସଂହିତାରେ ସମାଜର ସମସ୍ତଙ୍କ ପାଇଁ ଧନଜୀବନର ରକ୍ଷା, ଶାନ୍ତିଶୃଙ୍ଖଳା ଓ ନ୍ୟାୟର ବ୍ୟବସ୍ଥା ଥିଲା। ବିଧବା ଶିଶୁ, ଅନାଥ, ଶ୍ରମିକ ଓ ଅସହାୟ ବ୍ୟକ୍ତିଙ୍କ ସୁରକ୍ଷା ଓ ସହାୟତା ପାଇଁ ବିଶେଷ ବ୍ୟବସ୍ଥା ଥିଲା। ଏତଦ୍ ବ୍ୟତୀତ କୃଷି, ଜମିଜମା, କ୍ରୟ, ବିକ୍ରୟ, ଭୂବନ୍ଧକ ଚୁକ୍ତି, ବାଣିଜ୍ୟ ବ୍ୟବସାୟ, ବିବାହ, ଛାଡପତ୍ର ଓ ପାରିବାରିକ ସମ୍ବନ୍ଧ ଓ ସମ୍ପର୍କ ଆଦି ବିଷୟରେ ନିୟମାବଳୀରେ ଉଲ୍ଲେଖ ଥିଲା।

ଦଣ୍ଡବିଧାନ ବ୍ୟବସ୍ଥା ଆଇନ ଅମାନ୍ୟ କାରିଙ୍କ ପାଇଁ ବହୁତ ଶକ୍ତ ଥିଲା। ଆଖି ବଦଳରେ ଆଖି ଓ ଦାନ୍ତ ବଦଳରେ ଦାନ୍ତ (An Eye for an Eye and a tooth for a tooth) ବା ଯେସାକୁ ତେସା ନୀତି ଉପରେ ଗଢିଉଠିଥିଲା ହାମ୍ମୁରାବୀଙ୍କ ଆଇନ। ଉଦାହରଣ ସ୍ୱରୂପ ବିଧି ସଂହିତାରେ ଉଲ୍ଲେଖ ଥିଲା ଯଦି ଗୋଟିଏ ଘର ତିଆରି ହେବା ପରେ ଘର ଭାଙ୍ଗିଯାଇ ଗୃହକର୍ତ୍ତା ଚାପି ହୋଇ ମରିଯାଆନ୍ତି ତେବେ ଗୃହ ନିର୍ମାଣ କରିଥିବା ମିସ୍ତ୍ରୀକୁ ପ୍ରାଣଦଣ୍ଡ ଦିଆଯିବ। ଯଦି ଜଣେ ଚିକିତ୍ସକ ଚିକିତ୍ସାରେ ଅବହେଳା କଲେ ଚିକିତ୍ସକର ହାତ ଛେଦନ କରିବା ପାଇଁ ଆଇନ ନିର୍ଦ୍ଦେଶ ଥିଲା। ନିର୍ଦ୍ଧାରିତ ମୂଲ୍ୟ ଅପେକ୍ଷା ଯଦି କେହି ବ୍ୟବସାୟୀ ଅଧିକ ଦାବୀ କରେ ତାହେଲେ ସେହି ବ୍ୟବସାୟୀକୁ ମୃତ୍ୟୁଦଣ୍ଡର ନିର୍ଦ୍ଦେଶ ଥିଲା। ହାମ୍ମୁରାବିଙ୍କ ବିଧି ସଂହିତାରେ ଚିକିତ୍ସକ ଓ କର୍ମଚାରୀଙ୍କ ପ୍ରାପ୍ୟ ଓ ଦରମା ଧାର୍ଯ୍ୟ କରାଯାଇଥିଲା। ବିଚାର ବିଭାଗ ପାଇଁ ବିଚାରପତିଙ୍କ ଯୋଗ୍ୟତା, ବିଚାରପତିଙ୍କ ସଂଖ୍ୟା ଓ ବିଚାରାଳୟ ପ୍ରତିଷ୍ଠାର ନୀତିନିୟମ ଉଲ୍ଲେଖ ଥିଲା।

ଏପରି ଏକ ଅପରାଧ ସମ୍ବନ୍ଧୀୟ ନ୍ୟାୟ ବ୍ୟବସ୍ଥା ଆଧୁନିକ ଦୃଷ୍ଟି କୋଣରୁ ଅମାନବୀୟ ଥିଲା। ବୋଧହୁଏ ଦଣ୍ଡ ଭୟରେ ଲୋକେ କୁକର୍ମରୁ ନିବୃତ୍ତ ରହିବେ ଆଶାରେ ନିୟମ ତିଆରି ହୋଇଥିଲା। ତା ସତ୍ତ୍ୱେ ହାମ୍ମୁରାବିଙ୍କ ବିଶାଳ ସାମ୍ରାଜ୍ୟ ପାଇଁ ଏକ ବିଧିସଂହିତା ଓ ମନମୁଖି ଶାସନ ନକରି ଆଇନ ଅନୁଯାୟୀ ଶାସନ ବ୍ୟବସ୍ଥାର ନିର୍ଦ୍ଦେଶାବଳୀ ଚିନ୍ତା ଓ ପ୍ରୟୋଗ ନିଶ୍ଚିତ ଭାବରେ ଏକ ବଳିଷ୍ଠ ପଦକ୍ଷେପ। ଆଇନର ପବିତ୍ରତା ଉପରେ ବିଶ୍ୱରେ ଆଧାରିତ ସାମାଜିକ ନ୍ୟାୟ ବ୍ୟବସ୍ଥା, ହାମ୍ମୁରାବୀଙ୍କ ବିଧି ସଂହିତା ବିଶ୍ୱର ଅଗ୍ରଗଣ୍ୟ ଆଇନଗ୍ରନ୍ଥ ରୂପେ ମାନବ ସମାଜକୁ ଅଗ୍ରଗତିର ପଥ ପରିଷ୍କାର କରିଛି। ସେଥିପାଇଁ ହାମ୍ମୁରାବୀ ସ୍ମରଣୀୟ।

**ଶିକ୍ଷା ଓ ସାହିତ୍ୟ:-**

ଉନ୍ନତ ସଭ୍ୟତାର ଏକ ବଳିଷ୍ଠ ଦିଗ ହେଲା ଶିକ୍ଷା ଓ ସାହିତ୍ୟର ଅଭିବୃଦ୍ଧି। ହାମ୍ମୁରାବୀ ଶିକ୍ଷାନୁଷ୍ଠାନ ଉପରେ ଧ୍ୟାନ ଦେଇଥିବାର ଯଥେଷ୍ଟ ସୂଚନା ମିଳେ। ବେବିଲୋନ ସଭ୍ୟତାର ଧ୍ୱଂସାବଶେଷରୁ ଆବିଷ୍କୃତ କୋଠରୀମାନଙ୍କରୁ ଶହଶହ ସଂଖ୍ୟାରେ କୀଳକ ଲିପିରେ ଲେଖାଥିବା ମାଟିର ଇଟା ଓ ସ୍ଲେଟ (Clay Tablet) ଉଦ୍ଧାର ହୋଇଛି। ଧ୍ୱଂସାବଶେଷରୁ ଆବିଷ୍କୃତ ଏକ ଘରର କାନ୍ଥରେ ଏକ ପ୍ରବାଦ ଲେଖା ଦୃଷ୍ଟି ଆକର୍ଷଣ କରେ। ଲେଖାରେ ଅଛି "ଯେଉଁ ବ୍ୟକ୍ତି ଫଳକ ଲେଖା କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିପାରିବ ସିଏ ସୂର୍ଯ୍ୟଙ୍କ ପରି ଉଜ୍ଜ୍ୱଳ ଚକ୍ ଚକ୍ ହେବ" (He who shall excel in tablet writing shall shine like the sun)। ଯେଉଁ ସ୍ଥାନରୁ ଶହଶହ ପୁସ୍ତକ ଫଳକ ଲେଖା ଉଦ୍ଧାର ହୋଇଛି ବୋଧହୁଏ ତାହା ଏକ ଗ୍ରନ୍ଥାଗାର ଥିଲା ଓ ଯେଉଁ ଗୃହରେ ପ୍ରବାଦ ଲେଖାଅଛି ତାହା ଏକ ଶିକ୍ଷାନୁଷ୍ଠାନ ଥିଲା। ବେବିଲୋନୀୟନମାନଙ୍କ ହଜାର ହଜାର ପୁସ୍ତକ ଆବିଷ୍କାର ହୋଇଛି। ଏହି ପୁସ୍ତକ ମାନଙ୍କ ମୁଖ୍ୟ ବିଷୟବସ୍ତୁ ପୁରାଣ, ଧର୍ମ, ଗଣିତ, ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଓ ଫଳିତ ଜ୍ୟୋତିଷ। ସେମାନଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରୁ ଗିଲଗାମେଶ ମହାକାବ୍ୟ (Epic of Gilgamesh), ପ୍ରଳୟ କାହାଣୀ (The story of Deluge) ଏବଂ ସୃଷ୍ଟିର କବିତା (Poem of creation) ଅନ୍ୟତମ।

### ଧର୍ମବିଶ୍ୱାସ:

ବେବିଲୋନୀୟ ମାନେ ବହୁ ଦେବାଦେବୀର ବିଶ୍ୱାସ ଓ ଉପାସକ ଥିଲେ । ସେମାନଙ୍କ ବିଶ୍ୱାସରେ ମାରଡୁକ (Marduk) ଦେବତା ସୃଷ୍ଟିକର୍ତ୍ତା ଏବଂ ନାନସେ (Nanshe) ଦେବୀ ତାଙ୍କର ରାଣୀ । ପ୍ରେମର ଦେବୀ ରୂପେ ଇସ୍‌ତାର (Istar) ଦେବୀଙ୍କୁ ପୂଜା କରୁଥିଲେ । ଅନ୍ୟାନ୍ୟ ଦେବତାଙ୍କ ମଧ୍ୟରେ ସୂର୍ଯ୍ୟ ଦେବତା ସାମାସ୍ (Samash), କୃଷିଦେବତା ତାମୁଜ (Tamuj) ଓ ଚନ୍ଦ୍ରଦେବତା ନାନାର (Nanner) ମୁଖ୍ୟ ଥିଲେ । ସେମାନେ ଦେବତାମାନଙ୍କ ପୂଜାଅର୍ଚ୍ଚନା ଓ ସ୍ଥାପନ ପାଇଁ ନଗରୀର କେନ୍ଦ୍ର ସ୍ଥଳରେ ଜିଗୁରାଟ୍ ବା ମନ୍ଦିର ତିଆରି କରିଥିଲେ । ପୁରୋହିତ ଗୋଷ୍ଠି ସମାଜର ପ୍ରଭାବଶାଳୀ ଥିଲେ, ସେମାନେ ଗ୍ରହ ନକ୍ଷତ୍ର ଅନୁଧ୍ୟାନ କରି ଫଳିତ ଜ୍ୟୋତିଷ ଓ ଗଣିତ ଜ୍ୟୋତିଷ ବିଦ୍ୟାର ଅଧିକାରୀ ଥିଲେ । ଜିଗୁରତର ପ୍ରାଙ୍ଗଣ ଥିଲା ସାମାଜିକ ଉତ୍ସବ ଓ ପର୍ବପର୍ବାଣୀର କେନ୍ଦ୍ର ବିନ୍ଦୁ ।

### କଳା ଓ ସ୍ଥାପତ୍ୟ:

ବିଶାଳ ଜିଗୁରାଟ ଓ ଶସ୍ୟାଗାରମାନଙ୍କ ଭଗ୍ନାବଶେଷରୁ ବେବିଲୋନୀୟମାନଙ୍କ ନିର୍ମାଣ ଶୈଳୀ ବିଷୟରେ ଜଣାପଡେ । ଦେବତା ମାରଡୁକପାଇଁ ନିର୍ମିତ ଜିଗୁରାଟ ସାତ ତଳ ଥିବାର ସୂଚନା ମିଳେ । ଏହାଛଡା ଜିଗୁରାଟ୍ ଓ ପ୍ରାସାଦମାନଙ୍କ କାନ୍ଥ ମାନଙ୍କରେ ଅଙ୍କିତ ଚିତ୍ର ସେମାନଙ୍କ ଚିତ୍ରକଳାର ବିଶିଷ୍ଟତା ପ୍ରତିପାଦନ କରେ । ସେମାନଙ୍କ ନିର୍ମିତ ମନୁଷ୍ୟ, ପଶୁପକ୍ଷୀଙ୍କ ମୂର୍ତ୍ତି ତାଙ୍କର ଉନ୍ନତ ଭାସ୍କର୍ଯ୍ୟ କଳାର ଉତ୍କର୍ଷତା ପ୍ରତିପାଦନ କରେ ।

### କୃଷି ଓ ବାଣିଜ୍ୟ:

ନାନାବିଧ ଖାଦ୍ୟଶସ୍ୟ, ଗହମ, ବାର୍ଲି, ଖଜୁରୀ ଓ ତୈଳବୀଜ ସେମାନଙ୍କ ପ୍ରଧାନ କୃଷିଜାତ ଦ୍ରବ୍ୟ ଥିଲା । କୃଷିର ଉନ୍ନତି ପାଇଁ କେନାଲ ଜଳସେଚନର ବ୍ୟବସ୍ଥା କରିଥିଲେ ହାମୁରାବି । ଅନେକ କେନାଲ ମଧ୍ୟରୁ ମୁଖ୍ୟ କେନାଲ ଥିଲା କିସ୍ ସହରଠାରୁ ପାରସ୍ୟ ଉପସାଗର ପର୍ଯ୍ୟନ୍ତ । ଏ କେନାଲ ଟାଇଗ୍ରୀସ୍ ନଦୀର ବନ୍ୟାଜଳକୁ ନିୟନ୍ତ୍ରଣ କରିବା ସହିତ ବେବିଲୋନିଆର ଦକ୍ଷିଣାଞ୍ଚଳକୁ କୃଷି ପାଇ ଜଳ ଯୋଗାଉଥିଲା । ବାଣିଜ୍ୟ କ୍ଷେତ୍ରରେ ହାମୁରାବିଙ୍କ ସମୟରେ ଉନ୍ନତ ହୋଇ ସମୃଦ୍ଧି ଲାଭ କରିଥିଲା । ସୁନ୍ଦର ସୁନ୍ଦର ମାଟିର ପାତ୍ର, ପଶମ ବସ୍ତ୍ର ଓ ଚମଡା ଓ ଚମଡା ତିଆରି ଜିନିଷ ବିଦେଶକୁ ରପ୍ତାନୀ କରୁଥିଲେ ଓ ସୁନା, ରୂପା, ତମ୍ବା, ଲୁଣ ଓ କାଠ ଆମଦାନୀ କରୁଥିଲେ । ହାମୁରାବୀଙ୍କ ସମୟରେ ବେବିଲୋନ ସାମ୍ରାଜ୍ୟରେ ଉନ୍ନତ ଶାସନ ପ୍ରଣାଳୀ, ଉନ୍ନତ ସାମାଜିକ ଓ ଅର୍ଥନୈତିକ ଜୀବନ ତଥା ମାନବ ସଂସ୍କୃତିର ଅଭିବୃଦ୍ଧି ହୋଇଥିଲା । ସେମାନଙ୍କ ମାନବ ସମାଜକୁ ଅନେକ ଅବଦାନ ମଧ୍ୟରୁ ଶିକ୍ଷା, ସାହିତ୍ୟ, କଳା, ସ୍ଥାପତ୍ୟ, ଧର୍ମ, ଶାସନ ବ୍ୟବସ୍ଥା ଓ ସର୍ବୋପରି ଆଇନ ବ୍ୟବସ୍ଥା ସ୍ୱତନ୍ତ୍ର ।

### ବେବିଲୋନୀୟ ସାମ୍ରାଜ୍ୟର ଅସ୍ଥିରତା ଓ ବିଘଟନ :

ହାମୁରାବୀଙ୍କ ମୃତ୍ୟୁ ପରେ ତାଙ୍କର ସାମ୍ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା । ବିଶାଳ ସାମ୍ରାଜ୍ୟର ଦୂର ଦୂରାନ୍ତ ଅଞ୍ଚଳରେ ଆଞ୍ଚଳିକ ଶାସକମାନେ ନିଜ ନିଜର ସ୍ୱାଧୀନତା ଘୋଷଣା କରିଥିଲେ । ଏହାର ସୁଯୋଗ ନେଇ ହିଟାଇଟ୍, କାସାଇଟ୍, ମିତାନୀ ଓ ଏସିରୀୟ ଗୋଷ୍ଠୀ ନିଜ ନିଜର ରାଜନୈତିକ ପରିଧି ବଢାଇ ବେବିଲୋନ ସାମ୍ରାଜ୍ୟକୁ ଅଧିକାର କଲେ । ଶେଷରେ ଏସିରୀୟ ମାନେ ମେସୋପଟାମିଆରେ ନିଜର ସାମ୍ରାଜ୍ୟ ସ୍ଥାପନ କଲେ ଓ ବେବିଲୋନୀୟ ସାମ୍ରାଜ୍ୟର ସମସ୍ତ ଅଞ୍ଚଳ ନିଜର ସାମ୍ରାଜ୍ୟରେ ସାମିଲ କରିଥିଲେ ।

### ଏସିରୀୟ ସାମ୍ରାଜ୍ୟ

ମେସୋପଟାମିଆର ଉତ୍ତର ଅଞ୍ଚଳ ଏସିରୀୟ ଅଞ୍ଚଳ ରୂପେ ପରିଚିତ । ଏହି ଅଞ୍ଚଳରୁ ଟାଇଗ୍ରୀସ ନଦୀର ଉତ୍ପତ୍ତି ହୋଇଛି । ସେ ଅଞ୍ଚଳରେ ଏକ ସ୍ଥାନୀୟ ଆଦିବାସୀ ଗୋଷ୍ଠୀ ବା ସେମିଟିକ ଗୋଷ୍ଠୀ ବସବାସ କରୁଥିଲେ । ସେମାନେ ବେବିଲୋନୀୟ ସାମ୍ରାଜ୍ୟ

ଅଧୀନରେ ଥିଲେ ଓ ଧିରେ ଧିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ ଓ ମେସୋପଟାମିଆରେ ଏସିରୀୟ ରୂପେ ପ୍ରସିଦ୍ଧି ଲାଭ କଲେ ।

ଏସିରୀୟମାନେ ବସବାସ କରୁଥିବା ଅଞ୍ଚଳର ପ୍ରାକୃତିକ ପରିବେଶ ତାଙ୍କର ଜୀବନ ଧାରାକୁ ପ୍ରଭାବିତ କରି କଷ୍ଟ ସହିଷ୍ଣୁ ଓ କଠିନ ପରିଶ୍ରମୀ କରିଥିଲା । ସେମାନେ ଇଟାଇଟ, ମିତାନୀ, ସୁମେରୀୟ ଓ ବେବିଲୋନୀୟଙ୍କ ସହିତ ସଂଘର୍ଷ ରତ ଥିଲେ । ତେଣୁ ଯୁଦ୍ଧ ସେମାନଙ୍କ ଜୀବନ ଧାରାର ଅଭିନ୍ନ ଅଙ୍ଗ ଥିଲା । ସେମାନେ ଯୁଦ୍ଧରେ ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର, ଅଶ୍ୱ ଓ ଅଶ୍ୱଚାଳିତ ରଥ ବ୍ୟବହାର କରି ଉଚ୍ଚକୋଟୀର ଯୁଦ୍ଧବିଦ୍ୟାର ଅଧିକାରୀ ହେଲେ । ଧିରେ ଧିରେ ସେମାନେ ଏକ ଶକ୍ତିଶାଳୀ ସାମରିକ ଗୋଷ୍ଠୀ ହୋଇ ମେସୋପଟାମିଆର ସମସ୍ତ ଅଞ୍ଚଳ ଅଧିକାର କରି ନିଜର ସାମ୍ରାଜ୍ୟ ସ୍ଥାପନ କଲେ । ଖ୍ରୀଷ୍ଟପୂର୍ବ ୧୧୦୦ ବେଳକୁ ସେମାନଙ୍କ ମୁଖ୍ୟ ନଗରୀ ଦ୍ୱୟ ନିନେଭେ (Nineveh) ଓ ଅସୁର (Assur) ସେମାନଙ୍କ ସାମ୍ରାଜ୍ୟର କେନ୍ଦ୍ରବିନ୍ଦୁ ହେଲା ।

ଏସିରୀୟ ରାଜ୍ୟର ଭିତ୍ତି ଟିଗଲେଥ୍ ପିଲେସର-ପ୍ରଥମ (Tiglath Pilesar-I) ସ୍ଥାପନ କରିଥିଲେ । ସେ ବେବିଲୋନିଆ ଅଞ୍ଚଳରେ ବସବାସ କରୁଥିବା ଅନେକ ଗୋଷ୍ଠିକୁ ଯୁଦ୍ଧରେ ପରାସ୍ତ କରି ଏସିରିଆ ରାଜ୍ୟ ଅଧିନକୁ ଆଣିଥିଲେ । ତାଙ୍କ ପରେ ଟିଗଲେଥ୍ ପିଲେସର-ତୃତୀୟ (Tiglath Pilesar-III) ଖ୍ରୀ:ପୂ ୭୪୫ ଠାରୁ ୭୧୭ ମଧ୍ୟରେ ସମଗ୍ର ମେସୋପଟାମିଆ, ସିରିଆ, ଫୋନେସିଆ, ସୁମାରିଆ ଅଞ୍ଚଳ ଜୟକରି ଏକ ବିରାଟ ସାମ୍ରାଜ୍ୟ ସୃଷ୍ଟି କରିଥିଲେ । ଏସିରୀୟ ସାମ୍ରାଜ୍ୟର ପରବର୍ତ୍ତୀ ପ୍ରସିଦ୍ଧ ଶାସକମାନଙ୍କ ମଧ୍ୟରେ ସାରଗନ-ଦ୍ୱିତୀୟ (Sargan II), ସେନ୍ନାଚେରିବ (Senacherib) ଓ ଅସୁରବାନିପାଲ (Assurbanipal) ଅନ୍ୟତମ । ସାରଗନ ଦ୍ୱିତୀୟ ସାରଗନବର୍ଗ (Sarganberg) ଠାରେ ଏକ ବିଶାଳ ପ୍ରାସାଦ ନିର୍ମାଣ କରିଥିଲେ । ସେନାଚେରିବ ନିନେଭେ ନଗରୀକୁ ନିଜର ରାଜଧାନୀ କରି ଉନ୍ନତ ମନୋରମ ନଗରୀରେ ପରିଣତ କରିଥିଲେ । ସେ ଏସିରୀୟ ସାମ୍ରାଜ୍ୟକୁ ପାଲେଷ୍ଟାଇନ୍ ଇସ୍ରାଏଲ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ଅସୁରବନିପାଲ ଖ୍ରୀଷ୍ଟପୂର୍ବ ୬୬୯ ରୁ ୬୨୯ ମଧ୍ୟରେ ସୁମେରୀୟ ସାମ୍ରାଜ୍ୟର ଶାସକ ଥିଲେ । ତାଙ୍କ ସମୟରେ ତାଙ୍କ ସାମ୍ରାଜ୍ୟରେ କେତେକାଂଶରେ ବିଦ୍ରୋହ ହୋଇଥିଲା । ସେ ସେହି ବିଦ୍ରୋହୀଙ୍କୁ ବନ୍ଦୀ କରି ନୃଶଂସ ଓ ନିର୍ମମ ଭାବେ ହତ୍ୟା କରିଥିଲେ । ସେଥିପାଇଁ ସେ ଏକ ନୃଶଂସ ଶାସକର ଆଖ୍ୟା ପାଇଛନ୍ତି । ସେ ନୃଶଂସ ଓ ନିର୍ମମ ଥିଲେ ଶତ୍ରୁ ଓ ବିଦ୍ରୋହୀଙ୍କ ପାଇଁ କିନ୍ତୁ ସେ ନିଜ ଦେଶ ପାଇଁ କଳା, ସଂସ୍କୃତି ଓ ଶିକ୍ଷାର ପୃଷ୍ଠପୋଷକ ଥିଲେ । ସେ ତାଙ୍କର ରାଜଧାନୀ ନିନେଭେ ଠାରେ ଏକ ବିଶାଳ ପାଠାଗାର ପ୍ରତିଷ୍ଠା କରିଥିଲେ ଓ ପ୍ରାୟ ଦୁଇ ଲକ୍ଷ ସ୍ଲେଟ ପୁସ୍ତକ ସେଠାରେ ସ୍ଥାପିତ କରିଥିଲେ । ଏହି ପାଠାଗାରର ଭଗ୍ନାବଶେଷରେ ତନ୍ମଧ୍ୟରୁ ୩୦୦୦ରୁ ଊର୍ଦ୍ଧ୍ୱ ମୃତ୍ତିକା ସ୍ଲେଟ ପୁସ୍ତକ ଆବିଷ୍କୃତ ହୋଇଛି । ଗୋଟିଏ ପୁସ୍ତକରେ ଉଲ୍ଲେଖ ଅଛି ଯେ ଅସୁରବନୀପାଳଙ୍କ ପିତା ତାଙ୍କୁ ଅଶ୍ୱାରୋହଣ, ଯୁଦ୍ଧବିଦ୍ୟା ସହିତ ଲିଖନ ପଠନ ଆଦି ଶିକ୍ଷା ଦେଇଥିଲେ । ତା ବ୍ୟତୀତ ଏ ସମସ୍ତ ପୁସ୍ତକରୁ ଏସିରୀୟ ସଭ୍ୟତାର ସାହିତ୍ୟ, ସଂସ୍କୃତି ସମାଜ, ଅର୍ଥନୀତି ବିଶ୍ୱାସ ଓ ଧର୍ମ ଉପରେ ଅନେକ ସୂଚନା ମିଳେ । ଅସୁରବନିପାଳଙ୍କ ପରେ ଏସିରୀୟ ସାମ୍ରାଜ୍ୟର ବିଘଟନ ଆରମ୍ଭ ହେଲା । ସାମରିକ ଶକ୍ତି ଉପରେ ଆଧାରିତ ସାମ୍ରାଜ୍ୟ ଶକ୍ତିଶାଳୀ ଶାସକ ଅଭାବରୁ ତିଷ୍ଠିପାରିଲା ନାହିଁ । ଆଞ୍ଚଳିକ ଶାସକ ମାନେ ନିଜର ସ୍ୱାଧିନତା ଘୋଷଣା କଲେ । ଖ୍ରୀ:ପୂ ୬୧୨ ବେଳକୁ ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ମିଡିସ୍ (Medes) ଓ ଚାଲଡିଆନ (Chaldeans) ମାନେ ଆକ୍ରମଣ କରି ଏସିରିଆ ସାମ୍ରାଜ୍ୟର ପତନ ଘଟାଇଲେ । ସେମାନେ ଏସିରିଆର ରାଜଧାନୀ ନିନେଭ ନଗରୀ ଧ୍ୱଂସ କରିଦେଲେ । ଚାଲଡିଆନ ମାନେ ବେବିଲୋନଠାରେ ତାଙ୍କର ରାଜଧାନୀ ସ୍ଥାପନ କରି ବେବିଲୋନୀୟ ନଗରୀକୁ ପୁନର୍ବାର ବିକଶିତ କଲେ । ସେମାନେ ବେବିଲୋନ ଠାରେ ନିଜ ରାଜପ୍ରାସାଦ ଉପରେ ଏକ ସୁନ୍ଦର 'ଦୋଳାୟମାନ ଉଦ୍ୟାନ' (Hanging Garden) ସୃଷ୍ଟି କରିଥିଲା । ଅନେକ ଦିନ ପର୍ଯ୍ୟନ୍ତ ଏହି ଦୋଳାୟମାନ ଉଦ୍ୟାନ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଗଣନା କରାଯାଉଥିଲା । ଖ୍ରୀଷ୍ଟପୂର୍ବ ୫୩୯ ବେଳକୁ ଚାଲଡିଆନ୍ ସାମ୍ରାଜ୍ୟର ପତନ ଘଟିଲା ।

## ଏସିରୀୟମାନଙ୍କ ଅବଦାନ :

ଏସିରୀୟ ମାନେ ଯଦିଓ ଏକଛତ୍ରବାଦୀ ସାମରୀକ ଶାସକ ଥିଲେ ତଥାପି ସେମାନେ ଲିପି, କଳା, ସ୍ଥାପତ୍ୟ, ଶାସନ ଓ ସର୍ବୋପରି ଅଶ୍ୱଚାଳିତ ଚକ ଯୁକ୍ତ ରଥର ବ୍ୟବହାର କରି ମାନବ ସମାଜକୁ ତାଙ୍କର ଅବଦାନ ଛାଡି ଯାଇଛନ୍ତି ।

## ଲିପି, ପୁସ୍ତକ, ପାଠାଗାର :

ଏସିରୀୟମାନେ ପ୍ରଥମେ ସୁମେରୀୟ ମାନଙ୍କ କୀଳକ ଲିପି ବ୍ୟବହାର କରୁଥିଲେ କିନ୍ତୁ ପରବର୍ତ୍ତୀ କାଳରେ ବର୍ଣ୍ଣମାଳା ସମ୍ବଳିତ ଆରମେନୀୟ ଲିପି ବ୍ୟବହାର କଲେ । ଏ ଲିପି ସେମାନେ ମୃତ୍ତିକା ଫଳକ ଓ ସ୍ଲେଟରେ ଲେଖୁଥିଲେ । ଏହି ସ୍ଲେଟ ତାଙ୍କର ପୁସ୍ତକ ଥିଲା ଓ ପୁସ୍ତକକୁ ପାଠାଗାରରେ ସଂଗ୍ରହ କରୁଥିଲେ । ଅସୁରବାନିପାଲଙ୍କ ଏକ ବିଶାଳ ପାଠାଗାର ନିନେଭେ ନଗରୀର ଭଗ୍ନାବଶେଷରୁ ଉଦ୍ଧାର ହୋଇଛି । ପୁସ୍ତକରେ ଧର୍ମ, ବିଜ୍ଞାନ, ଜ୍ୟୋତିଷବିଦ୍ୟା, ସାମାଜିକ, ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଅନେକ ବିଷୟବସ୍ତୁ ଥିବାର ଦୃଷ୍ଟିଗୋଚର ହୋଇଛି ।

## କଳା ଓ ସ୍ଥାପତ୍ୟ:

ଏସିରୀୟ ରାଜଧାନୀ ନିନେଭେ ଓ ଅନ୍ୟାନ୍ୟ ନଗରୀ ସାରଗନବର୍ଗ, ଅସୁର ଓ କାଲାଖ ର ଭଗ୍ନାବଶେଷରୁ ସୁମେରୀୟମାନଙ୍କ କଳା ଓ ନୈପୁଣ୍ୟର ସୂଚନା ମିଳେ । ସେମାନେ ବିରାଟ ରାଜପ୍ରସାଦ, ମନ୍ଦିର ଓ ସୌଧ ନିର୍ମାଣ କରିଥିଲେ । ସୌଧମାନଙ୍କରେ ବିରାଟ ତୋରଣ, ପ୍ରାସାଦମାନଙ୍କରେ କାନ୍ଥରେ କାରୁକାର୍ଯ୍ୟପୂର୍ଣ୍ଣ ମୂଲ୍ୟବାନ ଆଲବାଷ୍ଟର ପଥର ଖଣ୍ଡ ସ୍ଥାନ ପାଇଥିଲା । ଏହା ଉଚ୍ଚମାନର ସ୍ଥପତି ଥିବାର ସୂଚନା ଦିଏ । ପଥରରେ ଖୋଦିତ ଡେଣା ଯୁକ୍ତ ବୃଷଭ ମୂର୍ତ୍ତୀ, ମଣିଷ ମୁଣ୍ଡିଆ ବୃଷଭ ମୂର୍ତ୍ତୀ ଓ ଯୁଦ୍ଧରଥ ଏସିରୀୟ ମାନଙ୍କ ଉଚ୍ଚ କୋଟୀର ଭାସ୍କର୍ଯ୍ୟ କଳାର ପରିଚୟ ଦିଏ । ଏତତ୍ ବ୍ୟତୀତ ସେମାନେ ସୁନ୍ଦର ମାଟି ପାତ୍ର ପ୍ରସ୍ତୁତ କରୁଥିଲେ ଯାହା ସେମାନଙ୍କ ସୂକ୍ଷ୍ମକଳାର ପରିଚୟ ଦିଏ ।

## ଶାସନ, ଧର୍ମ :

ସୁମେରୀୟମାନେ ସାମରିକ ଶାସକ ଥିଲେ । ସେଥିପାଇଁ ଦକ୍ଷତାର ସହ କେନ୍ଦ୍ର ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ସମ୍ରାଟ ଥିଲେ ଏକାଧାରରେ ରାଜ୍ୟର ଶାସନ ମୁଖ୍ୟ, ମୁଖ୍ୟ ପୁରୋହିତ, ମୁଖ୍ୟ ସେନାଧ୍ୟକ୍ଷ ଓ ମୁଖ୍ୟ ବିଚାରପତି । ସାମ୍ରାଜ୍ୟର ଖବର ସଂଗ୍ରହ କରିବା ପାଇଁ ଗୁପ୍ତଚର ଓ ଦୂତମାନ କାମ କରୁଥିଲେ । ସେମାନଙ୍କ ସୁ-ସଙ୍ଗଠିତ ସୈନ୍ୟ ଦଳ ଦ୍ୱାରା ସାମ୍ରାଜ୍ୟକୁ ଏକତ୍ରିତ କରି ରଖିଥିଲେ । ରଣକୌଶଳରେ ଧୁରନ୍ଧର ଥିଲେ, ଯୁଦ୍ଧରେ ଅଶ୍ୱଚାଳିତ ଚକ ଯୁକ୍ତ ରଥର ବ୍ୟବହାର ସେମାନେ ପ୍ରଥମେ କରିଥିଲେ ଓ ସଫଳ ହୋଇଥିଲେ ଶତ୍ରୁକୁ ପରାସ୍ତ କରିବାରେ । ରଥ ଓ ଚକ ପରିବର୍ତ୍ତୀକାଳରେ ମଣିଷର ସଂସ୍କୃତି ଓ ଉନ୍ନତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସେମାନେ ତାଙ୍କର ମୁଖ୍ୟ ଦେବତା ଅସୁରଙ୍କୁ ପୂଜା କରୁଥିଲେ । ସେମାନଙ୍କ ମୁଖ୍ୟ ଦେବୀ ଥିଲେ ନାନା । ମୁଖ୍ୟ ଦେବତା ଅସୁର ଓ ମୁଖ୍ୟ ଦେବୀ ନାନାଙ୍କ ନାମରେ ତାଙ୍କର ମୁଖ୍ୟ ସହର ଅସୁର ଓ ନିନେଭେ ସ୍ଥାପନ କରିଥିଲେ ।

ମେସୋପଟାମିଆର ତିନୋଟି ସଭ୍ୟତା ସୁମେରୀୟ, ବେବିଲୋନୀୟ ଓ ଏସିରୀୟ ସଭ୍ୟତା ନିଜ ନିଜର ବୈଶିଷ୍ଟ୍ୟତା ସହ ମାନବ ସମାଜକୁ ଉନ୍ନତ ସ୍ତରକୁ ନେଇ ନିଜ ନିଜର ଅବଦାନ ଛାଡିଯାଇଛନ୍ତି ଓ ବିଶ୍ୱ ସଂସ୍କୃତିକୁ ସଂବୃଦ୍ଧ କରିଛନ୍ତି ।

## ପ୍ରାଚୀନ ଚୀନ ସଭ୍ୟତା

ଚୀନ ଦେଶର ହ୍ୱାଂ-ହୋ, ୟାଂ-ସି-କିୟାଂ ନଦୀ ଦ୍ୱୟର ଉପକୂଳ ଅଂଚଳରେ ଆଜକୁ ପ୍ରାୟ ୪୦୦୦ ବର୍ଷ ପୂର୍ବେ ମଣିଷ ସ୍ଥାୟୀ ବସତି ସ୍ଥାପନ କରି ତାହାର ମୂଳଦୁଆ ଉପରେ ଏକ ଉଚ୍ଚକୋଟୀର ସଭ୍ୟତା ଗଢ଼ିଥିଲା । ଚୀନ ଦେଶର ପ୍ରାକୃତିକ ପରିବେଶ ଓ ଭୂଗୋଳ ଚୀନ ସଭ୍ୟତାର ଗତି, ପ୍ରକୃତି ଓ ଅଗ୍ରଗତିକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଚୀନ ଦେଶର ପୂର୍ବରେ ପ୍ରଶାନ୍ତ

ମହାସାଗର, ଦକ୍ଷିଣରେ ହିମାଳୟ ପର୍ବତମାଳା ଓ ଘଂଚ ଜଙ୍ଗଲ, ପଶ୍ଚିମରେ ବିସ୍ତୀର୍ଣ୍ଣ ତିବ୍‌ବତୀୟ ମାଳଭୂମି ଓ ଉତ୍ତରରେ ସିଏନସାନ ପର୍ବତମାଳା ଓ ମରୁଭୂମି । ପାହାଡ଼, ସାଗର, ମରୁଭୂମି, ପ୍ରାକୃତିକ ପ୍ରାଚୀର ଦ୍ୱାରା ପରିବେଷ୍ଟିତ ହୋଇ ଚୀନ ଦେଶ ବହୁଦିନ ଧରି ବାହ୍ୟ ଜଗତ ସହିତ ପ୍ରାୟତଃ ସ୍ୱଳ୍ପ ସଂପର୍କ ରଖିଥିଲା । ନିଜ ଭୌଗଳିକ ସୀମା ଭିତରେ ସୀମିତ ରହି ନିଜର ବିଶେଷତ୍ୱ ଓ ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲେ ଚୀନ ଦେଶର ମୂଳ ଅଧିବାସୀ । ଖ୍ରୀ.ପୂ. ୧୦୦୦ ବେଳକୁ ସେମାନେ ଏକ ସ୍ୱୟଂସମ୍ପୂର୍ଣ୍ଣ ଉନ୍ନତ ଚୀନ ସଂସ୍କୃତିର ଗଠନ କରି ପାରିଥିଲେ । ଏହି ସଭ୍ୟତା ପୁରାତନ ମିଶର, ମେସୋପଟାମିଆ ଓ ସିନ୍ଧୁ ନଦୀର ସଭ୍ୟତା ପରି ନିଜ ଦେଶର ନଦୀ ମାନଙ୍କ ଉପରେ ନିର୍ଭର କରି ସମୃଦ୍ଧ ହୋଇଥିଲା ।

## ସାମାଜିକ ଓ ଅର୍ଥନୈତିକ ଜୀବନ

ଚୀନ ଦେଶର ଲୋକମାନଙ୍କ କୃଷି ଥିଲା ମୂଳ ଜୀବିକା ଓ ଜମି ଥିଲା ମୁଖ୍ୟ ସମ୍ବଳ । ସେମାନେ ଜଳସେଚନ ବ୍ୟବସ୍ଥା କରି ଧାନ, ଗହମ, ବାଜରା, ସୋୟାବିନ ଓ ଚା ଚାଷ କରୁଥିଲେ । ସେମାନେ ଖୋସା ବା ରେସମ ପୋକ ଚାଷ କରି ଖୋସରୁ ସୂତା ବାହାର କରି ରେସମ ବସ୍ତ୍ର ତିଆରି କରୁଥିଲେ । ମାଟିର ପାତ୍ର ତିଆରି କରିବାରେ ଦକ୍ଷ ଥିଲେ । ତାଙ୍କର ମାଟିର ପାତ୍ରକୁ ଚୀନା ମାଟିର ପାତ୍ର ନାମରେ ବିଶ୍ୱ ବିଖ୍ୟାତ । ବୟନ ଓ ଚୀନା ମାଟି ପାତ୍ର ତିଆରି ଚୀନ ଅଧିବାସୀଙ୍କ ଜୀବିକାର ଅନ୍ୟତମ ମାଧ୍ୟମ । ତା ଛଡ଼ା ଚୀନ ଦେଶରେ କାଠ କାମ, ଧାତୁ କାମ ଓ କାଚ କାମ ଅର୍ଥନୈତିକ ସମୃଦ୍ଧିରେ ସହାୟକ ଥିଲା । ଚୀନ ଦେଶର ସମାଜରେ ପରିବାରର ଭୂମିକା ମହତ୍ତ୍ୱପୂର୍ଣ୍ଣ । ପ୍ରତ୍ୟେକ ଶିଶୁର ଲାଳନ ପାଳନ, ଶିକ୍ଷା, ନିରାପତ୍ତା, ଜୀବିକା ଓ ନୈତିକତା ପରିବାର ସମ୍ପାଦନ କରୁଥିଲା । ଯଦିଓ ପୁରୁଷ କୈନ୍ଦ୍ରିକ ସମାଜ ବ୍ୟବସ୍ଥା ଥିଲା ନାରୀର ଭୂମିକା ମୁଖ୍ୟ ଥିଲା ସମାଜରେ ସ୍ଥିରତା ଆଣିବାରେ । ଚୀନ ସମାଜରେ କୃଷକ, ଦାସ, କଳାକାର, ବ୍ୟବସାୟୀ, ବିଦ୍ୱାନ ଓ ଶାସକ ବର୍ଗ ଥିଲେ । ସମାଜକୁ ବିଦ୍ୱାନ ଓ ଶାସକ ବର୍ଗ ନିୟନ୍ତ୍ରଣ କରୁଥିଲେ । ରାଜ ଶାସନ ସ୍ଥାପନ ହେବାପରେ ଶାସକବର୍ଗ ସମ୍ଭ୍ରାନ୍ତ ଶ୍ରେଣୀଭୁକ୍ତ ହେଲେ ଓ ସମାଜରେ ସୈନ୍ୟମାନଙ୍କ ପ୍ରଭାବ ବିସ୍ତାର ହେଲା । ଏହା ସତ୍ତ୍ୱେ ବିଦ୍ୱାନ ପୁରୋହିତ ଓ ପରିବାରର ମୁଖିଆଙ୍କ ସମ୍ମାନ ଚୀନ ସମାଜରେ କମ ହୋଇନଥିଲା ।

## ରାଜନୈତିକ ଇତିହାସ-

ଚୀନ ସଭ୍ୟତାର ରାଜନୈତିକ ଇତିହାସର କେତେକ ରାଜବଂଶର ଭୂମିକା ମହତ୍ତ୍ୱପୂର୍ଣ୍ଣ । ସେମାନଙ୍କ ମଧ୍ୟରେ ପ୍ରାଚୀନ କାଳର ଶାଙ୍ଗ (Shang), ଚାଉ (Chou), ଚୀନ (Chin), ହାନ (Han), ସୁଇ (Sui), ତାଙ୍ଗ (Tang) ଇତ୍ୟାଦି ରାଜବଂଶ ଶାସନ କରିଥିବା ସୂଚନା ମିଳେ । ଖ୍ରୀ.ପୂ. ୧୭୫୦ ରୁ ଖ୍ରୀ.ପୂ. ୧୧୨୫ ମଧ୍ୟରେ ସାଙ୍ଗ ରାଜବଂଶ ନିଜ ରାଜ୍ୟ ଚୀନର ହୋୟାଂହୋ ନଦୀ ଉପକୂଳରେ ସ୍ଥାପନ କରି ଶାସନ କରିଥିଲେ । ସେମାନଙ୍କ ସମୟର ସୁନ୍ଦର ଚୀନାମାଟିର ପାତ୍ର ଆବିଷ୍କାର କରିଛନ୍ତି ପତ୍ନତତ୍ତ୍ୱବିତ୍‌ମାନେ । ଶାଙ୍ଗ ଶାସନ କାଳରେ କଉଡ଼ି ବିନିମୟ ମୁଦ୍ରା ଥିଲା । ଲୋକେ ଶକଟର ବ୍ୟବହାର କରୁଥିଲେ ନିଜ ନିଜର ଯାତାୟାତ ସାମଗ୍ରୀ ନେବା ଆଣିବା ପାଇଁ । ଚୀନା ମାଟିର ପାତ୍ର ବ୍ୟତୀତ କଂସା ପାତ୍ର ଓ ରେଶମ ବସ୍ତ୍ରର ବ୍ୟବସାୟକୁ ପ୍ରୋତ୍ସାହନ ଦେଉଥିଲେ ଶାଙ୍ଗ ଶାସକବର୍ଗ । ଶାଙ୍ଗ ଶାସନ କାଳରେ ଚୀନ ସଭ୍ୟତାର ସର୍ବାଙ୍ଗୀନ ଉନ୍ନତି ହୋଇଥିଲା । ପ୍ରାୟ ୧୧୨୦ ଖ୍ରୀ.ପୂ. ବେଳକୁ ଶାଙ୍ଗ ଶାସକମାନଙ୍କୁ ହଟେଇ ଚାଉ ବଂଶର ଶାସକମାନେ ନିଜର ରାଜ୍ୟ ସ୍ଥାପନ କଲେ ଓ ପାଖାପାଖି ୯୦୦ ବର୍ଷ ଶାସନ କରିଥିଲେ । ସେମାନେ କୃଷି ଓ କୃଷକର ଉନ୍ନତିପାଇଁ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରିଥିଲେ । ଚାଉ ଶାସନ କାଳରେ ଚୀନ ଦେଶର ଲୋକେ ମଙ୍ଗୋଲୀୟ ଓ ତୁର୍କୀସ୍ତାନର ଲୋକଙ୍କ ସହିତ ବାଣିଜ୍ୟ ବ୍ୟବସାୟ କରୁଥିବାର ସୂଚନା ମିଳେ । ସେମାନେ ଲୁହାର ବ୍ୟବହାର ଜାଣିଥିଲେ ଓ ଚାଷ ପାଇଁ ଲୁହା ଲଙ୍ଗଳମୁନ ଓ ଯୁଦ୍ଧରେ ଲୌହ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ ।

ଚୀନ ପରି ଏକ ବିଶାଳ ଦେଶରେ ଏକ କେନ୍ଦ୍ରରୁ ଶାସନ କରିବା ପାଇଁ ସବଳ ଶକ୍ତିଶାଳୀ ସମ୍ରାଟ ଦରକାର । ସବଳ ଶକ୍ତିଶାଳୀ କେନ୍ଦ୍ର ଶାସନ ଅଭାବରୁ ଆଂଚଳିକ ରାଜାମାନେ ନିଜ ନିଜର ଅଂଚଳରେ ନିଜ ନିଜର ଆଧିପତ୍ୟ ବିସ୍ତାର କ ରୁଥିଲେ ।

କେନ୍ଦ୍ର ଶାସକ ବା ସମ୍ରାଟ ଏମାନଙ୍କୁ ସ୍ୱୀକୃତି ଦେଇଥିଲେ ଓ ଆଂଚଳିକ ଶାସକ ସମ୍ରାଟଙ୍କ ବଶ୍ୟତା ସ୍ୱୀକାର କରୁଥିଲେ । ଫଳସ୍ୱରୂପ ଖ୍ରୀଷ୍ଟପୂର୍ବ ୧୦ମ ଶତାବ୍ଦୀରୁ ଖ୍ରୀ.ପୂ. ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ଚୀନରେ ସାମନ୍ତ ରାଜାଙ୍କ ପ୍ରାଧାନ୍ୟ ଦେଖାଦେଲା । ଆଂଚଳିକ ରାଜାମାନେ ନିଜନିଜ ଅଂଚଳରେ ଉନ୍ନତି ପାଇଁ ଚେଷ୍ଟା କଲେ । ଅନେକ ଅଂଚଳ ଉନ୍ନତିର ଚରମ ସୀମାରେ ପହଂଚିଲା । କିନ୍ତୁ ନିଜ ଅଂଚଳର ଉନ୍ନତିପାଇଁ ସେମାନେ ଚାଷୀଙ୍କ ଉପରେ ଅଧିକ ରାଜସ୍ୱ ଆଦାୟ ପାଇଁ ଚାପ ପକାଇଲେ । ଦ୍ୱିତୀୟତଃ ଆଂଚଳିକ ଶାସକମାନେ ନିଜ ପଡ଼ୋଶୀ ଅଂଚଳ ସହିତ ଯୁଦ୍ଧରେ ଲିପ୍ତ ହେଲେ । ଦେଶରେ ଅରାଜକତା ଦେଖାଦେଲା ଓ ଚାଉ ଶାସନ ବ୍ୟବସ୍ଥାର ବିଘଟନ ହେଲା । ଚୀନ ଦେଶର ସୌଭାଗ୍ୟକୁ ଆଂଚଳିକ ଶାସନର ଅବସାନ ଘଟାଇ ଦେଶରେ ଚୀନ ନାମକ ଏକ ରାଜବଂଶ ନିଜର ପରାକ୍ରମ ଦେଖାଇ ସମଗ୍ର ଚୀନକୁ ଏକ ଶାସନାଧିନ କଲେ ଓ ଚୀନ ସଭ୍ୟତା ଓ ସଂସ୍କୃତିକୁ ଉନ୍ନତିର ଚରମ ସୀମାରେ ପହଂଚାଇଥିଲେ । ଏହି ରାଜବଂଶର ନାମ ଅନୁସାରେ ତାଙ୍କ ଦେଶର ନାମ ହେଲା ଚୀନ । ଶି-ହୁଆଙ୍ଗ-ତି (Shih-Huang-Ti) ଚୀନ ରାଜ ବଂଶର ଗୌରବମୟ ସମ୍ରାଟ ଯିଏକି ଚୀନ ଦେଶର ରାଜନୈତିକ ଏକତା ସ୍ଥାପନ କରିଥିଲେ । ଶି-ହୁଆଙ୍ଗ-ତି ର ଅର୍ଥ ପ୍ରଥମ ସମ୍ରାଟ । ସେ କେବଳ ଅର୍ଥରେ ପ୍ରଥମ ସମ୍ରାଟ ନ ଥିଲେ ବରଂ ପ୍ରକୃତରେ ପ୍ରଥମ ସମ୍ରାଟ ଥିଲେ ଚୀନ ଦେଶର ।

ସେ ତାଙ୍କର ଶକ୍ତି ଓ ସାମର୍ଥ୍ୟ ବଳରେ ଚୀନରେ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ପ୍ରଚଳନ କରି ହିନୟାଙ୍ଗଠାରେ ରାଜଧାନୀ ସ୍ଥାପନ କଲେ । ହାନ, ଚାଉ, ୱଇ, ଚୁ, ଇଏନ ଓ ଚୀନ ଅଂଚଳ ଜୟକରି ସେ ବାହ୍ୟ ଶତ୍ରୁରୁ ଚୀନକୁ ରକ୍ଷା କରିବାପାଇଁ ସୁଦୀର୍ଘ ପ୍ରାଚୀର (Great Wall of China) ନିର୍ମାଣ କରିଥିଲେ । ପ୍ରାଚୀର ୨୨୫୦ ମାଇଲ ଲମ୍ବ, ୨୨ ଫୁଟ ଉଚ୍ଚ ଓ ୨୦ ଫୁଟ ପ୍ରସ୍ଥ ଥିଲା । ସେ ସୁଶାସନ ବ୍ୟବସ୍ଥା ପାଇଁ ଚୀନକୁ ୪୧ଟି ଚୁନ ବା ପ୍ରଦେଶ ଓ ପ୍ରଦେଶକୁ ଶିଏନ ବା ଜିଲ୍ଲାରେ ଭାଗ କରି ପ୍ରତ୍ୟେକ ଅଂଚଳପାଇଁ ଶାସକମାନ ନିଯୁକ୍ତି ଦେଇଥିଲେ । ସେ ଜନମଙ୍ଗଳ ଓ କୃଷକର ଉନ୍ନତି ପାଇଁ ତାଙ୍କ ଅଧିନର ଶାସକମାନଙ୍କୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳେ । ଶି-ହ୍ୱା-ତି ତାଙ୍କ ଏସବୁ ମହତ୍ କାର୍ଯ୍ୟ ସହିତ ଏକ ବିଚିତ୍ର ଆଦେଶ ଦେଇଥିଲେ ଯେ କେବଳ କୃଷି, ଚିକିତ୍ସା ଓ ଜ୍ୟୋତିଷ ବିଦ୍ୟା ସମ୍ବନ୍ଧୀୟ ପୁସ୍ତକ ବ୍ୟତୀତ ସମସ୍ତ ଚୀନର ସମସ୍ତ ସାହିତ୍ୟ ସୃଷ୍ଟିକୁ ନଷ୍ଟ କରିଦେବାକୁ । ତାଙ୍କର ଏକ ଅବଧାରଣା ଥିଲା ଯେ ଉପଲବ୍ଧ ସାହିତ୍ୟ କୃତିକୁ ନଷ୍ଟ କଲେ ନୂତନ ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟିକ ଆଗ୍ରହୀ ହେବେ । ଫଳସ୍ୱରୂପ ଅନେକ ମୂଲ୍ୟବାନ ସାହିତ୍ୟ କୃତି ଧରାପୃଷ୍ଠରୁ ବିଲୀନ ହୋଇଥିବାର ସୂଚନା ମିଳେ ।

ଖ୍ରୀଷ୍ଟପୂର୍ବ ୨୧୦ରେ ଶି-ହ୍ୱା-ତିଙ୍କ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁର ୫ ବର୍ଷ ପରେ ହାନ ରାଜବଂଶ ଚୀନ ଅଧିକାର କଲେ ୨୦୫ ଖ୍ରୀଷ୍ଟପୂର୍ବରେ । ସେମାନେ ପ୍ରାୟ ୪୦୦ ବର୍ଷ ଶାସନ କରିଥିଲେ । ସେମାନେ ହୁଣ, ଟାଟର, କୋରୀୟନ ମାନଙ୍କ ସହ ଲଢ଼େଇ କରିଥିଲେ । ହାନ ରାଜତ୍ୱ କାଳରେ ପ୍ରଥମଥର ପାଇଁ ଚୀନ ସୈନ୍ୟ ମଧ୍ୟଏସିଆ ଆକ୍ରମଣ କରି ପାମିର ଓ କୋକାଣ୍ଡ ଅଂଚଳ ଅଧିକାର କରିଥିଲେ । ୧୨୭୯ ଖ୍ରୀଷ୍ଟାବ୍ଦରେ ହାନ ରାଜବଂଶକୁ ହରାଇ ମଙ୍ଗୋଲୀୟମାନେ ଚୀନ ଦେଶ ଅକ୍ତିଆର କଲେ ।

### ମାନବ ସମାଜକୁ ଚୀନ ସଭ୍ୟତାର ଦାନ-

ମାନବ ସମାଜକୁ ନିଜର କୃତି ଓ ଅବଦାନ ବଳରେ ସମୃଦ୍ଧ କରିଛି ତନମଧ୍ୟରୁ ଚୀନାମାନଙ୍କ ଲିଖନ ପ୍ରଣାଳୀ, କାଗଜ, କାଚ, ଟସର ବସ୍ତ୍ର, ବିଜ୍ଞାନ, ଦିଗଦର୍ଶନ ଯନ୍ତ୍ର, ବାରୁଦ, ମୁଦ୍ରା, ଧର୍ମ ଓ ଦର୍ଶନ ଅନ୍ୟତମ ।

### ଲିଖନ ପ୍ରଣାଳୀ, କାଗଜ, କାଳି ଓ ତୁଳାଳୀ-

ମନର ଭାବ ପ୍ରକାଶ ପାଇ ଚୀନ ଦେଶର ପ୍ରାଚୀନ ଅଧିବାସୀ ମିଶର ଓ ମେସୋପଟାମିଆର ପ୍ରାଚୀନ ଅଧିବାସୀଙ୍କ ପରି ଲିଖନ ପ୍ରଣାଳୀର ପ୍ରୟାସ କରି ସଫଳ ହୋଇଥିଲେ । ଆରମ୍ଭ କାଳରେ ଛବି ଅଙ୍କନ କରି ଭାବ ପ୍ରକାଶ କରୁଥିଲେ । ପରବର୍ତ୍ତୀ କାଳରେ ପ୍ରତ୍ୟେକ ଧ୍ୱନିର ପ୍ରକାଶ ପାଇଁ ସଂକେତ ଓ ଭାବର ପ୍ରକାଶ ପାଇଁ ମଧ୍ୟ ଛବି ବଦଳରେ ସଂକେତ ବ୍ୟବହାର କଲେ । ଚୀନ ଦେଶର ଲେଖାରେ ଛବି ସଂକେତ (Pictogram), ଧ୍ୱନି ସଂକେତ (Phonograph) ଓ ଭାବ ସଂକେତ (Ideograph)

ପରିଲକ୍ଷିତ ହୁଏ । ସେମାନେ ହାଡ଼ ଓ ବାଉଁଶ ପାତିଆ ଉପରେ ଲାଖାକାଳି ବ୍ୟବହାର କରି କାଠକଲମ ସାହାଯ୍ୟରେ ଉପରୁ ତଳକୁ ଲେଖୁଥିଲେ । ଉପରୁ ତଳକୁ ଲେଖିବା ପଦ୍ଧତି ଚୀନ ଦେଶରେ ଆଜି ପର୍ଯ୍ୟନ୍ତ ପାଳନ ହେଉଛି ।

ଲେଖାପାଇଁ ବ୍ୟବହୃତ ସଂକେତ ଓ ଚିହ୍ନ ହଜାର ହଜାର ସଂଖ୍ୟାରେ ବ୍ୟବହାର କରୁଥିଲେ ପ୍ରାଚୀନ ଚୀନ ଦେଶରେ ଓ ବର୍ତ୍ତମାନ ମଧ୍ୟ ହଜାର ସଂଖ୍ୟାରେ ସଂକେତ ବ୍ୟବହୃତ ହୁଏ ଚୀନ ଲେଖାରେ । ଏତେ ସଂଖ୍ୟାରେ ସଂକେତ ମନେ ରଖିବା କଷ୍ଟସାଧ ହେଲେ ମଧ୍ୟ ଚୀନ ଦେଶରେ ଲୋକେ ଲେଖାପଢ଼ାରେ ଅନେକ ଅଗ୍ରସର ଥିଲେ ।

ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ବେଳକୁ ଟସର କପଡ଼ା ଉପରେ ତୂଳୀ ଓ ରଙ୍ଗ ସାହାଯ୍ୟରେ ଲେଖିବା ଆରମ୍ଭ କରିଥିବା ସୂଚନା ମିଳେ । ସେମାନେ ଓଟ ଲୋମରେ ତୂଳୀ ତିଆରି କରୁଥିଲେ । ପରବର୍ତ୍ତୀ କାଳରେ ଗଛର ବଲ୍‌କଳ, ଛଣ ଓ ଛିଣା ଲୁଗାର ମିଶ୍ରଣ କରି ଏକ ପ୍ରକାର କାଗଜ ତିଆରି କରିବା ଆରମ୍ଭ କଲେ ଓ ଖ୍ରୀଷ୍ଟାବ୍ଦ ୧୦୫ ବେଳକୁ ଏ କାଗଜ ଚୀନ ଦେଶରେ ବହୁଳ ପ୍ରଚାର ହେଲା । ଚୀନ୍ ମାନଙ୍କ ଠାରୁ ଆରବ ଦେଶର ଲୋକେ କାଗଜ ପ୍ରସ୍ତୁତ ପ୍ରଣାଳୀ ଶିକ୍ଷାଲାଭ କଲେ ଓ ଆରବ୍ ଦେଶରୁ ୟୁରୋପୀୟ ଦେଶକୁ କାଗଜ ପ୍ରସ୍ତୁତ ପ୍ରଣାଳୀ ବିସ୍ତାରଲାଭ କଲା । କାଗଜ ପ୍ରସ୍ତୁତ ପ୍ରଣାଳୀ ଚୀନ ସଭ୍ୟତାର ବିଶ୍ୱ ସଭ୍ୟତାକୁ ଏକ ମହତ୍ୱପୂର୍ଣ୍ଣ ଅବଦାନ ।

### ସାହିତ୍ୟ ଓ ଇତିହାସ –

ପ୍ରାଚୀନ ଚୀନ ସଭ୍ୟତାରେ କବିମାନେ ଲିଖନ ପ୍ରଣାଳୀର ବ୍ୟବହାର କରି ସାହିତ୍ୟ ଓ ଇତିହାସ ସୃଷ୍ଟି କରିଯାଇଛନ୍ତି । ଚୀନ ଇତିହାସର ରଚୟିତାମାନେ ଥିଲେ ସୁମା-ଚୀନ (Szuma-Chin), ଜୁମା (Zuma), କନଫ୍ୟୁସିୟସ ଓ ଲାଓ ସେଙ୍କ ଲେଖା ଚୀନ ସାହିତ୍ୟକୁ ସମୃଦ୍ଧ କରିଥିଲା । ଅନ୍ୟାନ୍ୟ ସାହିତ୍ୟ ସୃଷ୍ଟି ମଧ୍ୟରେ "ସଙ୍ଗ ଅପ ଦି ଫେଲିସିଟସ୍ କ୍ଲାଉଡ" (Song of the Feliciteous Cloud), ଫାଇଭ କ୍ଲାସିକଲ (Five Classics) ଓ ବୁକ୍ ଅଫ୍ ଚେଞ୍ଜେସ (Book of Changes) ପୁସ୍ତକ ପ୍ରସିଦ୍ଧ । ଏହା ବ୍ୟତୀତ ଧର୍ମ, ବିଜ୍ଞାନ, ଭେଷଜ ଓ ସଙ୍ଗୀତ ଉପରେ ଲିଖିତ ପୁସ୍ତକ ଭଣ୍ଡାର ହୋଇ ଚୀନ ଦେଶର ଗ୍ରନ୍ଥାଗାରରେ ସ୍ଥାନ ପାଇଛି ।

### କାଚ, ଟସର ବସ୍ତ୍ର, ଚୀନାମାଟି ଓ ଚା –

ଚୀନ ଦେଶରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବେଳକୁ କାଚ, କାଚପାତ୍ର ବ୍ୟବହାର କରୁଥିବାର ସୂଚନା ମିଳେ ଓ ଚୀନ ଦେଶର କାଚ ସାମଗ୍ରୀ ଅନ୍ୟ ଦେଶରେ ଆଦୃତ ଥିଲା । ସେହିପରି ଚୀନ ଦେଶର ଟସର ବସ୍ତ୍ର ଚାହିଦା ନିଜ ଦେଶ ଓ ଦେଶ ବାହାରେ ଖ୍ୟାତି ଲାଭ କରିଥିଲା । ଚୀନ ଦେଶର ମାଟିର ପାତ୍ର ବିଶ୍ୱ ବିଖ୍ୟାତ ଥିଲା ଓ ଚାଇନା ପ୍ଲେଟ ଭାବରେ ଆଜିବି ପ୍ରସିଦ୍ଧ । ଚା ଚୀନ ଦେଶର ଏକ ଲୋକପ୍ରିୟ ପାନୀୟ । ହାନ ବଂଶର ରାଜତ୍ୱ କାଳରେ ପ୍ରଥମେ ଚୀନ ଦେଶରେ ପାନୀୟ ରୂପରେ ଚା ବ୍ୟବହୃତ ହେଲା । ଆଜି ବିଶ୍ୱର ପ୍ରାୟ ସବୁ ଦେଶର ପାନୀୟ ରୂପେ ବ୍ୟବହାର ହେଉଛି ।

### ଦିଗନିର୍ଣ୍ଣୟ ଯନ୍ତ୍ର, ବାରୁଦ ଓ ବିଜ୍ଞାନ–

ଚୀନ ସଭ୍ୟତାରେ ଚୁମ୍ବକର ବ୍ୟବହାର କରି ଦିଗ ନିର୍ଣ୍ଣୟ ଯନ୍ତ୍ର ପ୍ରସ୍ତୁତ କରିଥିଲେ । ଏହି ଯନ୍ତ୍ରକୁ ନାବିକମାନେ ବ୍ୟବହାର କରୁଥିବାରୁ ଏହାର ଅନ୍ୟ ନାମ ହେଲା ନାବିକ କମ୍ପାସ (Mariners Compas) । ସେମାନେ ବାରୁଦର ବ୍ୟବହାର କରି ଆସତବାଜି ତିଆରି ଜାଣିଥିଲେ ଓ କରୁଥିଲେ । ବିଜ୍ଞାନ କ୍ଷେତ୍ରରେ ଚୀନ ଅଧିବାସୀ ମହତ୍ୱପୂର୍ଣ୍ଣ ପାରଦର୍ଶିତା ଦେଖାଇ ଯାଇଛନ୍ତି । ଭୂଗୋଳ, ଗଣିତ, ଜ୍ୟାମିତି, ପ୍ରାଣୀବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲେ । ସଠିକ୍ ଗଣନା କରି ବର୍ଷର କେବେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେବ ତାର ଦିନ ଧାର୍ଯ୍ୟ କରି ପାରୁଥିଲେ । ଔଷଧ ଓ ଚିକିତ୍ସା ବିଜ୍ଞାନରେ ଅନେକ ଅଗ୍ରଗତି କରିଥିଲେ ।

ଅସ୍ତ୍ରୋପଚାର ପାଇଁ ନିଶ୍ଚେତକର (Anasthesia) ବ୍ୟବହାର କରୁଥିଲେ । ଏକ୍ୟୁପଂକଚର (Acupuncture) ଚିକିତ୍ସା ପ୍ରଣାଳୀ ଜାଣିଥିଲେ । ସେମାନେ ଦିନ, ମାସ ଓ ବର୍ଷ ଗଣନା କରି ଏକ ପ୍ରକାର କ୍ୟାଲେଣ୍ଡର ବ୍ୟବହାର କରୁଥିଲେ ।

### ଧର୍ମ ଓ ଦର୍ଶନ –

ପ୍ରକୃତି ଉପାସନା ଚୀନ ଦେଶର ମୂଳ ଧର୍ମ । ସେମାନେ ପୃଥିବୀ, ସୂର୍ଯ୍ୟ, ତାରାଙ୍କୁ ଉପାସନା କରୁଥିଲେ । ପରବର୍ତ୍ତୀ କାଳରେ ପୂର୍ବପୁରୁଷଙ୍କ ପୂଜା ଓ ଭୂତପ୍ରେତରେ ବିଶ୍ୱାସ ଚୀନ ସମାଜରେ ଦେଖାଦେଲା ।

ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ଚୀନର ଧର୍ମ ଓ ଦର୍ଶନ ଜଗତରେ ଏକ ଆଧ୍ୟାତ୍ମିକ ଚିନ୍ତାଧାରାର ସ୍ରୋତ ପ୍ରବାହିତ ହେଲା । ଭୂତପ୍ରେତ ଉପରେ ବିଶ୍ୱାସ ଓ ପରଜନ୍ମର ସ୍ଥିତି ଚିନ୍ତା ନ କରି ଜୀବନକାଳ ମଧ୍ୟରେ ମଣିଷ କିପରି ଶାନ୍ତି ପାଇ ପାରିବ ଓ ମାନବୀୟ ଗୁଣାବଳୀ ଅନୁସରଣ କରିବ ତାହାର ପଥପ୍ରଦର୍ଶକ ଥିଲେ ଦାର୍ଶନିକ ତଥା ସମାଜ ସଂସ୍କାରକ କନଫୁସିୟସ ଓ ଲାଓ-ସି ।

### କନଫ୍ୟୁସିୟସ (ଖ୍ରୀ.ପୂ.-୫୫୧-ଖ୍ରୀ.ପୂ.୪୭୯)

କନଫ୍ୟୁସିୟସ ୫୫୧ ଖ୍ରୀ.ପୂ.ରେ 'ଲୁ' ବା ବର୍ତ୍ତମାନର ସାନତୁଙ୍ଗ ପ୍ରଦେଶରେ ଜନ୍ମଗ୍ରହଣ କରି ସମାଜ ସଂସ୍କାରକ ଓ ଦାର୍ଶନିକ ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ସେ ରାଜକର୍ମଚାରୀ ରୂପେ କର୍ମଜୀବନ ଆରମ୍ଭ କରି ନିଜର ନିଷ୍ଠା ଓ ସାଧୁତାର ପରାକାଷ୍ଠା ଦେଖାଇ ଲୁ ରାଜ୍ୟରେ ପ୍ରଧାନ ବିଚାରପତି ହେଲେ । କିନ୍ତୁ ସମାଜ ଓ ଦେଶର ତତ୍କାଳୀନ ପ୍ରଚଳିତ ବ୍ୟବସ୍ଥାରେ ବିମୁଖ ହୋଇ ପଦତ୍ୟାଗ କଲେ ଓ ଦୀର୍ଘ ୧୪ ବର୍ଷ ଚୀନ ଦେଶର ଗ୍ରାମାଂଚଳ ଭ୍ରମଣ କଲେ ସ୍ୱଅନୁଭୂତି ଓ ଅନୁଧ୍ୟାନ ପାଇଁ । ସେ ସମୟରେ ଚୀନରେ ଆଂଚଳିକ ରାଜ୍ୟମାନ ଥିଲା ଓ ସେ ଅନେକ ଆଂଚଳିକ ରାଜାଙ୍କୁ ନୀତି ଉପରେ ଆଧାରିତ ରାଜବ୍ୟବସ୍ଥା ସ୍ଥାପନ ପାଇଁ ପ୍ରସ୍ତାବ ଦେଲେ  କିନ୍ତୁ ନିରାଶ ହୋଇ ଶେଷରେ ୬୭ ବର୍ଷ ବୟସରେ ନିଜ ଜନ୍ମସ୍ଥାନ ଲୁ ରାଜ୍ୟକୁ ଫେରିଆସି ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ ଓ ଶିକ୍ଷାର୍ଥୀଙ୍କୁ ମାନବୀୟ ମୂଲ୍ୟବୋଧ, ନୈତିକତା, ସଦାଚାର ଓ ରାଜନୀତି ବିଷୟରେ ଶିକ୍ଷାଦାନର ବିଶଦ ବ୍ୟବସ୍ଥା କଲେ । ସେ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ନିଷ୍ଠାପର ସହ ହଜାର ହଜାର ବିଦ୍ୟାର୍ଥୀଙ୍କୁ ପ୍ରଭାବିତ କରି ୭୨ ବର୍ଷ ବୟସରେ ଖ୍ରୀ.ପୂ. ୪୭୯ରେ ମୃତ୍ୟୁବରଣ କରିଥିଲେ ।

କନଫ୍ୟୁସିୟସଙ୍କ ଶିକ୍ଷା ଓ ବାଣୀ ଥିଲା 'ନୀତିବାନ ଓ ଉତ୍ତମ ଚରିତ୍ରବାନ ହୁଅ' । ତାଙ୍କର ଦର୍ଶନ ସ୍ନେହ, ଭ୍ରାତୃଭାବ ଓ ମାନବବାଦ ଉପରେ ପ୍ରତିଷ୍ଠିତ ଥିଲା । ତେଣୁ ସେ କହୁଥିଲେ, ଅନ୍ୟର ଯେଉଁ ଆଚରଣ ତୁମକୁ ଭଲ ଲାଗେ ନାହିଁ ସେ ଆଚରଣ ତୁମେ ଅନ୍ୟ ପ୍ରତି ଦେଖାଅ ନାହିଁ । ସେ ପରିବାର ଓ ପରିବାରର ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା ଶିଖାଉଥିଲେ । ପରିବାର ସୁଖୀ ହେଲେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବ ବୋଲି ଭାବୁଥିଲେ । ଶିକ୍ଷା ଦ୍ୱାରା ସମାଜରେ ଯୁବ ପିଢ଼ୀର ଯୋଗ୍ୟତା ଓ ସଦ୍‌ଗୁଣ ବୃଦ୍ଧି ପାଇଁ ପ୍ରଚେଷ୍ଟା କରିଥିଲେ । ଶିକ୍ଷା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଓ ଉତ୍ତମ ଶିକ୍ଷା ସମସ୍ତଙ୍କୁ ମୁକ୍ତ କରିବ ବୋଲି ସେ ବିଶ୍ୱାସ ରଖିଥିଲେ । ସେ ଶିକ୍ଷା ମାଧ୍ୟମରେ ଆଦର୍ଶ ମାନବ ଗଠନ ଓ ସମାଜ ସଂସ୍କାରିତ ହୋଇପାରିବ ବୋଲି ପ୍ରଚାର ପ୍ରସାର କରିଥିଲେ । ସଂକ୍ଷେପରେ ତାଙ୍କର ଶିକ୍ଷା ମାଧ୍ୟମରେ ମାନବର ଅନ୍ତର୍ନିହିତ ଉତ୍ତମଗୁଣର କିପରି ପରିପ୍ରକାଶହେବ ସେଥିପାଇଁ ଚେଷ୍ଟା କରିଥିଲେ । ତାଙ୍କର ପ୍ରୟାସ ଓ ଶିକ୍ଷା ଚୀନ ଦେଶର ସତ୍‌ଚରିତ୍ର ଗଠନ କରିବାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ କରିଥିଲା ।

### ଲାଓ-ସି –

କନଫ୍ୟୁସିୟସଙ୍କ ସମସାମୟିକ ଥିଲେ ଚୀନର ଅନ୍ୟଏକ ଚିନ୍ତାନାୟକ ଓ ସମାଜ ସଂସ୍କାରକ ଲାଓ-ସି । ସମ୍ଭବତଃ ଖ୍ରୀ.ପୂ. ୬୦୪ରେ ଲାଓ-ସିଙ୍କ ଜନ୍ମ । ବାଲ୍ୟ କାଳରେ ତାଙ୍କର ନାମ ଥିଲା ଲି । ତାଙ୍କର ଯୌବନ କାଳରେ ଜଣେ ଉତ୍ତମ ଜ୍ଞାନୀ ରୂପେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ସମୟର ଅନ୍ୟାୟ ଓ ନୈତିକ ଅଧୋପତନ ଦେଖି ସେ ମର୍ମାହତ ହୋଇଥିଲେ । ସେ ସମାଜ ସଂସ୍କାର ଓ

ଚୀନ ଦେଶର ଉଦ୍ଧାର ପାଇଁ ଏକ ଦର୍ଶନ ପୁସ୍ତକ ତାଓ-ତି-କିଙ୍ଗ (Tao Te King) ବା ପୁଣ୍ୟମାର୍ଗ ରଚନା କରିଥିଲେ । ସେ 'ତାଓ' ଦର୍ଶନର ପ୍ରତିଷ୍ଠାତା ଓ ପ୍ରଚାରକ ହେଲେ । ତାଓ ଶବ୍ଦର ଅର୍ଥ ପଥ ବା ମାର୍ଗ । ସେ ଲେଖିଛନ୍ତି ନମ୍ରତା, ତ୍ୟାଗ, ବିନୟ ଓ ଯନ୍ତ୍ର ମାର୍ଗ ଅନୁସରଣ କଲେ ସାଂସାରିକ ବିଭବ ମିଳି ପାରିବ । ସେ ସରଳ ପ୍ରାକୃତିକ ଜୀବନ ଯାପନ ପାଇଁ ଚୀନ ଦେଶର ଲୋକଙ୍କୁ ଆହ୍ୱାନ ଦେଇଥିଲେ ।

ପରବର୍ତ୍ତି କାଳରେ ଲାଓ-ସି ଙ୍କ ତାଓ ମାର୍ଗ ଏକ ସଂଗଠନ ଓ ଅନୁଷ୍ଠାନରେ ପରିଣତ ହୋଇ ଲାଓ-ସିଙ୍କ ବାଣୀ ପ୍ରଚାର ପ୍ରସାର କଲା କିନ୍ତୁ ଏହି ପ୍ରକ୍ରିୟାରେ ତାଓ ମାର୍ଗର ସରଳ ପ୍ରାକୃତିକ ଜୀବନ ଯାପନ ପରିବର୍ତ୍ତେ ନୀତି ନିୟମ ତିଆରି ହୋଇ ଅନ୍ଧବିଶ୍ୱାସର ରୂପ ନେଲା ଓ ଲାଓ-ସିଙ୍କୁ ତାଙ୍କର ଅନୁଗାମୀମାନେ ଦେବତା ରୂପରେ ମନ୍ଦିରରେ ପୂଜା କରିବା ଆରମ୍ଭ କରିଦେଲେ ।

ଏସିଆ ମହାଦେଶର ଚୀନ ଭୂଖଣ୍ଡରେ ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ନିଜର ସୁପରିଚୟ ନେଇ । ବିଶ୍ୱର ଅନ୍ୟାନ୍ୟ ପ୍ରଚୀନ ନଦୀ ଉପତ୍ୟକା ସଭ୍ୟତା ପରି ଚୀନର ପ୍ରାଚୀନ ନଦୀ ଉପକୂଳ ସଭ୍ୟତା ମହତ୍ୱପୂର୍ଣ୍ଣ ଅବଦାନ ଦ୍ୱାରା ବିଶ୍ୱ ସଭ୍ୟତା ଓ ସଂସ୍କୃତିକୁ ସମୃଦ୍ଧ କରିଛି ।

## ଆଦର୍ଶ ପ୍ରଶ୍ନାବଳୀ

### ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(କ). ଇତିହାସର ଜନକ କିଏ ?

(ଖ). ଇତିହାସ ଶବ୍ଦ କେଉଁ ଗ୍ରୀକ୍ ଶବ୍ଦରୁ ଆନୀତ ?

(ଗ). "ଇତିହାସ କଣ ?" ପୁସ୍ତକର ରଚୟିତା କିଏ ?

(ଘ). ଆର.ଜି. କଲିଙ୍ଗହୁଡ୍‌ଙ୍କ ମତରେ ଇତିହାସ କିପରି ସୃଷ୍ଟି ହୁଏ ।

(ଙ). ଗ୍ରୀସ୍ ଦେଶରେ ପ୍ରଥମେ ଇତିହାସକୁ କେଉଁ ମାଧ୍ୟମରେ ଲେଖୁଥିଲେ ।

(ଚ). ରୋମ ସାମ୍ରାଜ୍ୟର ଇତିହାସ ରଚନାର ଧାରା ଆରମ୍ଭ କରିଥିବା ଐତିହାସିକ ଦ୍ୱୟଙ୍କ ନାମ ଲେଖ ।

### ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ). ଇତିହାସର ରଚନା ପାଇଁ ବିଭିନ୍ନ ଉପାଦାନ କଣ ?

(ଖ). ଇତିହାସ ଅଧ୍ୟୟନର ଆବଶ୍ୟକତା କଣ ?

(ଗ). ଇତିହାସର ପ୍ରାସଙ୍ଗିକତା ଲେଖ ।

## ମାନବର କ୍ରମବିକାଶର ଇତିହାସ

### ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

(କ). କେତେ ବର୍ଷ ପୂର୍ବେ ହୋମିନଏଡ ବା ଅବିକଶିତ ମଣିଷ ଧରାପୃଷ୍ଠରେ ଦେଖା ଦେଲେ ?

(ଖ).ଆଜିକାଲିକା ମଣିଷପରି ଦେଖାଯାଉଥିବା ହୋମିନିଡ ଧରାପୃଷ୍ଠରେ କେତେବର୍ଷ ପୂର୍ବେ ଦେଖା ଦେଲେ ?

(ଗ). ପ୍ରାକ୍ ସ୍ତରର ହୋମିନିଡଙ୍କ ଜୀବାଶ୍ମ ଆଫ୍ରିକାର କେଉଁ ସ୍ଥାନରେ ମିଳୁଛି ?

(ଘ). ହୋମିନିଡ ମାନଙ୍କ ଦୁଇ ପ୍ରଧାନ ଶାଖାର ନାମ କଣ ?

(ଙ). ନିରଡରଥଲବର୍ଗୀୟ ନାମକରଣ କେଉଁ ସ୍ଥାନର ନାମ ଅନୁସାରେ ହୋଇଛି ।

(ଚ). ହୋମୋମାନଙ୍କ ମାଡି ଓ ଦାନ୍ତ ଅଷ୍ଟ୍ରାଲୋପିଥେକସଙ୍କ ତୁଳନାରେ ବଡ଼ ନା ସାନ ?

## ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ). ବିଶେଷଜ୍ଞଙ୍କ ମତରେ ଆଦ୍ୟ ହୋମୋ ସେପିୟନ କେଉଁ କେଉଁ କାରଣରୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କଲେ ।

(ଖ). ଆଦିମାନବ କେଉଁ ଶୈଳୀ ଓ ପ୍ରଣାଳୀରେ ଖାଦ୍ୟ ସଂଗ୍ରହ କରୁଥିଲେ ।

(ଗ). ଆଦିମାନବର ବାସସ୍ଥାନ ବିଷୟରେ ଲେଖ ।

(ଘ). ଆଦିମାନବର ହାତ ହତିଆର କଣ କଣ ଥିଲା ।

(ଙ). ଆଦିମାନବର ଭାଷା ଓ କଳା ବିଷୟରେ ଲେଖ ।

## ନୀଳନଦୀ ଉପତ୍ୟକା ସଭ୍ୟତା

## ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ବାକ୍ୟରେ ଉତ୍ତର ଲେଖ

(କ). କେଉଁ ସଭ୍ୟତାକୁ ନୀଳ ନଦୀର ଅବଦାନ କୁହାଯାଏ ?

(ଖ). ମିଶର ଇତିହାସର ପ୍ରଥମ ନରପତି କିଏ ?

(ଗ). ଫାରୋ ଶବ୍ଦର ଅର୍ଥ କଣ ?

(ଘ). ମିଶରର ଲିପିକୁ କଣ କୁହାଯାଏ ?

(ଙ). ସ୍ଫିଙ୍କସ କେଉଁ ଫାରୋ ତିଆରି କରିଥିଲେ ?

(ଚ). ମିଶରର ସର୍ବ ବୃହତ ପିରାମିଡ୍ କେଉଁଠାରେ ଅବସ୍ଥିତ ?

(ଛ). ପ୍ରଥମ ମହିଳା ଫାରୋ କିଏ ଥିଲେ ?

(ଜ). ମିଶର ସଭ୍ୟତାର ଦୁଇଟି ସାହିତ୍ୟ ସୃଷ୍ଟିର ନାମଲେଖ ।

(ଝ). ମିଶର ଦିନପଞ୍ଜିକା କେଉଁ ଖ୍ରୀଷ୍ଟ ପୂର୍ବରେ ପ୍ରଥମେ ପ୍ରସ୍ତୁତ ହୋଇଥିଲ ।

## ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ

(କ).ମିଶରକୁ ନୀଳ ନଦୀର ଦାନ ବୋଲି କାହିଁକି କୁହାଯାଏ ।

(ଖ). ମିଶରର ଲିଖନ ସାମଗ୍ରୀ ଓ ପ୍ରଣାଳୀ ଲେଖ ।

(ଗ).ଫାରୋ ଆଖନାଟନ୍‌ଙ୍କ ବିଷୟରେ ଲେଖ ।

(ଘ). ମିଶର ସଭ୍ୟତାର ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧରେ ଲେଖ ।

## ମେସୋପଟାମିଆ ସଭ୍ୟତା

### ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ବାକ୍ୟରେ ଉତ୍ତର ଲେଖ

(କ). ମେସୋପଟାମିଆ ଶବ୍ଦର ଅର୍ଥ ଲେଖ ।

(ଖ). କୀଳକ ଲିପି କଣ ?

(ଗ). ସୁମେରୀୟ ଶବ୍ଦର ଅର୍ଥ କଣ ?

(ଘ). ଜିଗୁରାଟ୍ କଣ ?

(ଙ). ବେବିଲୋନୀୟ ସଭ୍ୟତାର ଶିକ୍ଷା ଓ ସାହିତ୍ୟ ବିଷୟରେ ଲେଖ ।

(ଚ). ହାମ୍ମୁରାବିଙ୍କ ଦଣ୍ଡବିଧାନ ବିଷୟରେ ଲେଖ ।

(ଛ). ଏସିରୀୟ ମାନଙ୍କ ଦୁଇଟି ମୁଖ୍ୟ ଅବଦାନ ଲେଖ ।

(ଜ). ସୁମେରୀୟମାନଙ୍କ ଜଳଘଣ୍ଟା ଓ ବର୍ଷ ପଞ୍ଜିକା ବିଷୟରେ ଲେଖ ।

(ଝ). ହାମ୍ମୁରାବି ଶିକ୍ଷାର ପ୍ରସାର ପାଇଁ କିକି ପଦକ୍ଷେପ ନେଇଥିଲେ ।

### ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ

(କ). ମେସୋପଟାମିଆ ସଭ୍ୟତାର ମୁଖ୍ୟ ତିନୋଟି ଅବଦାନ ବିଷୟରେ ଲେଖ ।

(ଖ). 'କୀଳକ ଲିପି' ସମ୍ବନ୍ଧରେ ଲେଖ ।

(ଗ). ଏସିରୀୟଙ୍କ ଶାସନ ବ୍ୟବସ୍ଥା ବର୍ଣ୍ଣନା କର ।

(ଘ). ଜିଗୁରାଟ୍ ବିଷୟରେ ଲେଖ ।

(ଙ). ହାମ୍ମୁରାବିଙ୍କ ବିଧି ସଂହିତା ବିଷୟରେ ଲେଖ ।

## ପ୍ରାଚୀନ ଚୀନ ସଭ୍ୟତା

(କ). ପ୍ରାଚୀନ ଚୀନ ସଭ୍ୟତାକୁ ସାହାର୍ଯ୍ୟ କରିଥିବା ଦୁଇ ନଦୀର ନାମ କଣ ?

(ଖ). ଶି-ହୁଆଙ୍ଗ-ତି ଙ୍କ ବିଷୟରେ ଲେଖ ।

(ଗ). ପ୍ରାଚୀନ ଚୀନ ସଭ୍ୟତାର ଦିଗନିର୍ଣ୍ଣୟ ଯନ୍ତ୍ର ବିଷୟରେ ଲେଖ ।

(ଘ). କନଫ୍ୟୁସିୟସ କିଏ ।

(ଙ). ଲା-ଓ-ସେ କିଏ ?

(ଚ). ଚୀନର ପ୍ରାଚୀନ ରାଜବଂଶର ନାମ ଲେଖ ।

(ଛ). ଚୀନ ସଭ୍ୟତାର କାଗଜ, କାଳୀ ଓ ତୁଳୀ ବିଷୟରେ ଲେଖ

(ଢ). ଚୀନ ସଭ୍ୟତାର ସାହିତ୍ୟ ବିଷୟରେ ଲେଖ।

(ଝ). ଚୀନ ଦେଶର ମାଟି ପାତ୍ର ଓ ତା ବିଷୟରେ ଲେଖ।

### ଦୁଇ ବା ତିନି ବାକ୍ୟରେ ଉତ୍ତର ଲେଖ

(କ). ଚୀନ ସଭ୍ୟତାର ଭୌଗୋଳିକ ଅବସ୍ଥିତି ଲେଖ।

(ଖ). ପ୍ରାଚୀନ ଚୀନ ସଭ୍ୟତାର ଲିଖନ ପ୍ରଣାଳୀ ଲେଖ।

(ଗ). ପ୍ରାଚୀନ ଚୀନ ସଭ୍ୟତାର ଚିକିତ୍ସା ପଦ୍ଧତି ଲେଖ।

(ଘ). କନ୍‌ଫୁସିୟସଙ୍କ ବାଣୀର ସାରମର୍ମ ଲେଖ।

(ଙ). ଲାଓ-ସି ଙ୍କ ବାଣୀର ସାରମର୍ମ ଲେଖ।

❑❑❑

**Unit-II**

চতুর্থ ଅଧ୍ୟାୟ

# ପ୍ରାଚୀନ ଗ୍ରୀସ୍

# Ancient Greece

# ନଗର ରାଜ୍ୟର ଉତ୍ଥାନ : ଏଥେନ୍ସ ଏବଂ ସ୍ପାର୍ଟା

# Rise of City-States : Athens and Sparta

# ପ୍ରତ୍ୟକ୍ଷ ଗଣତନ୍ତ୍ରର ବିକାଶ

# Evolution of Democracy

# ପେରିକ୍ଲିସ୍‌ଙ୍କ ଯୁଗ

# Age of Pericles

---

ଗ୍ରୀସ୍ ଥିଲା ଏକ ଉପଦୀପ ଏବଂ ସେଠାରେ ଏକ ପ୍ରାଚୀନ ସଭ୍ୟତା ବିକଶିତ ହୋଇଥିଲା । ଏକଦା ଏହି ସଭ୍ୟତାରେ ଆଧୁନିକ ଇଉରୋପୀୟ ସଭ୍ୟତା ଏବଂ ସଂସ୍କୃତିର ଶୁଭାରମ୍ଭ ହୋଇଥିଲା । ଐତିହାସିକ ଆରନୋଲ୍ଡ ଟଏନ୍‌ବି (Arnold Toynbe) ତାଙ୍କ "The Legacy of Greece" ପୁସ୍ତକରେ ଉଲ୍ଲେଖ କରିଛନ୍ତି - "ମାତୃ ଗର୍ଭରେ ସନ୍ତାନ ସଞ୍ଚାରିତ ହେଲା ପରି ଇଉରୋପୀୟ ସଭ୍ୟତା ଗ୍ରୀକ୍ ସମାଜ ମଧ୍ୟରେ କ୍ରିୟାଶୀଳ ହୋଇଥିଲା ।"

### ଭୌଗୋଳିକ ଅବସ୍ଥିତି (Geographical Location)

ଗ୍ରୀକ୍ ସଭ୍ୟତାର ବିକାଶ ନିମନ୍ତେ ସେଠାକାର ଭୌଗୋଳିକ ପରିବେଶ ତଥା ଜଳବାୟୁ ଯଥେଷ୍ଟ ସହାୟକ ହୋଇଥିଲା । ପୂର୍ବରେ ଏଜିଆନ୍ ସାଗର (Aegean Ocean), ପଶ୍ଚିମରେ ଆଡ୍ରିଆଟିକ୍ ସାଗର (Adriatic Ocean), ଦକ୍ଷିଣରେ ଭୂମଧ୍ୟସାଗର (Mediterranean Ocean) ଦ୍ୱାରା ଏହା ପରିବେଷ୍ଟିତ । ଏହାର ଦକ୍ଷିଣରେ ବିଶାଳ ଇଉରୋପ ମହାଦେଶ ଅବସ୍ଥିତ । ଏହା ପାହାଡ଼ ପର୍ବତରେ ପରିପୂର୍ଣ୍ଣ ଥିଲା । ଗ୍ରୀସ୍‌ର ପ୍ରାକୃତିକ ପରିବେଶ ଥିଲା ଅତ୍ୟନ୍ତ ମନମୁଗ୍ଧକର ।

### ଐତିହାସିକ ପୃଷ୍ଠଭୂମି (Historical Background)

ଗ୍ରୀକ୍ ସଭ୍ୟତାର କ୍ରମବିକାଶକୁ ନେଇ ବହୁ ବର୍ଷ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ କିମ୍ବଦନ୍ତୀ ପ୍ରଚଳିତ ଥିଲା । ୧୮୯୯ ମସିହାରେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଆର୍ଥର ଇଭାନ୍ସ (Arthur Evans)ଏବଂ ହେନେରିକ୍ ସେଲିମାନ୍ (Henrich Scheliemann) ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଗ୍ରୀସ୍ ସ୍ଥିତ କ୍ରୀଟ୍‌ଠାରେ ଗଢ଼ି ଉଠିଥିବା ଏକ ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କାର କଲେ । ଏହି ପ୍ରାଚୀନ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀତ ହୁଏ ଯେ ଗ୍ରୀକ୍ ସଭ୍ୟତା ଲୋକଲୋଚନକୁ ଆସିବାର ବହୁ ପୂର୍ବରୁ ଅର୍ଥାତ୍ ଖ୍ରୀ.ପୂ. ୨୦୦୦ ରୁ ୧୬୦୦ ମଧ୍ୟରେ ଆର୍ଯ୍ୟଜାତି ଅନ୍ତର୍ଭୁକ୍ତ ବିଭିନ୍ନ ଗୋଷ୍ଠୀ ଯଥା : ଥେସାଲିଆନ୍ସ (Thessalians), ବୋଏଓସିଆନ୍ସ୍ (Boeotians), ଏକିଆନ୍ସ୍ (Acheans), ଫୋସିଆନ୍ସ (Phocians)

ବା ଡୋରିଆନ୍‌ସ (Dorians) ଗ୍ରୀସ୍‌ରେ ସ୍ଥାୟୀ ବସବାସ ଆରମ୍ଭ କରିଥିଲେ । କ୍ରୀଟ୍‌ରେ ଗଢ଼ି ଉଠିଥିବା ଏହି ପ୍ରାଚୀନ ସଭ୍ୟତାକୁ ରାଜା ମିନୋସ୍‌ଙ୍କ ନାମାନୁସାରେ ମିନୋଆ ସଭ୍ୟତା ନାମରେ ନାମିତ କରାଯାଇଥାଏ । କ୍ରେଟିୟ ସଭ୍ୟତା କ୍ରମଶଃ ସଂମଗ୍ର ଗ୍ରୀସ୍‌ରେ ପରିବ୍ୟାପ୍ତ ହେଲା । ଖ୍ରୀ.ପୂ. ୧୬୦୦ ରୁ ୧୨୦୦ ମଧ୍ୟରେ ମାଇସେନି (Mycenae) ନାମକ ସହରକୁ ଏହି ସଭ୍ୟତାର କେନ୍ଦ୍ରସ୍ଥଳୀ ରୂପେ ମନୋନୀତ କରାଯାଇଥିଲା । ଏଣୁ, ଏହି ସଭ୍ୟତାକୁ ମାଇସେନିୟ ସଭ୍ୟତା ବୋଲି କୁହାଗଲା ।

ଗ୍ରୀସ୍‌ର ବିଭିନ୍ନ ଅଞ୍ଚଳରେ ପୂର୍ବରୁ ବସବାସ କରୁଥିବା ଆର୍ଯ୍ୟମାନେ କାଳକ୍ରମେ ହେଲେନ୍ (Hellen) ନାମରେ ପରିଚିତ ହେଲେ ଏବଂ ସେହି ଅନୁସାରେ ଗ୍ରୀସ୍ ଦେଶ ହେଲାସ୍ (Hellas) ନାମରେ ପ୍ରସିଦ୍ଧି ଲାଭ କଲା । ଗ୍ରୀସ୍‌ର ଅଧିବାସୀମାନେ ନିଜକୁ ଜିୟସ୍ (Zeus) ଙ୍କ ପୁତ୍ର ହେଲେନ୍‌ଙ୍କ ବଂଶଧର ବୋଲି ଦାବୀ କରୁଥିଲେ । ପ୍ରାଚୀନ ଗ୍ରୀକ୍‌ମାନଙ୍କ ସମ୍ପର୍କରେ ଅବଗତ ହେବାପାଇଁ ଗ୍ରୀକ୍ ମହାକବି ହୋମରଙ୍କ ରଚିତ, "ଇଲିଆଡ୍" (Illiad) ଏବଂ "ଓଡେସି" (Odyssey) ବ୍ୟତୀତ ଅନ୍ୟ କୌଣସି ତଥ୍ୟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ପାରିନାହିଁ ।

**ନଗର-ରାଜ୍ୟର ଉତ୍‌ଥାନ (Rise of City-States) :**

ସମଗ୍ର ଗ୍ରୀସ୍, ପାହାଡ଼ ପର୍ବତରେ ପରିପୂର୍ଣ୍ଣ ଥିବାରୁ ଗମନାଗମନର ସେପରି କୌଣସି ସୁବିଧା ନଥିଲା । ଫଳରେ, ବିଭିନ୍ନ ଅଞ୍ଚଳ ମଧ୍ୟରେ ସମ୍ପର୍କ ସ୍ଥାପନ ଅସମ୍ଭବ ହୋଇ ପଡ଼ିଥିଲା । ସେଠାରେ ଗଢ଼ି ଉଠିଥିବା ପ୍ରତ୍ୟେକ ଜନବସତି ଏକ ନଗର-ରାଜ୍ୟ ରୂପେ ପରିଗଣିତ ହେଲା । ଗୋଟିଏ ନଗରକୁ ପରିବେଷ୍ଟିତ ଗ୍ରାମ ସମୂହକୁ ନେଇ ଅନେକ ଗୁଡ଼ିଏ ନଗର-ରାଜ୍ୟର ଉତ୍‌ଥାନ ଘଟିଲା । ନଗରର ମଧ୍ୟ ସ୍ଥଳରେ ରହିଥିଲା ରାଜାଙ୍କ ଦୁର୍ଗ ଯାହାକୁ ଅକ୍ରୋପଲିସ୍ (Acropolis) କୁହାଯାଉଥିଲା । ନଗରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ପଲିସ୍ (Polis) ନାମରେ ନାମିତ କରାଯାଇଥିଲା । ପ୍ରତ୍ୟେକ ଗ୍ରୀକ୍ - ନଗର ରାଜ୍ୟର ଅଧିବାସୀ ମାନେ ନିଜ ନିଜ ରାଜ୍ୟ ପ୍ରତି ଅନୁରକ୍ତ ରହିବା ଫଳରେ ଗ୍ରୀସ୍‌ରେ ରାଜନୈତିକ ଏକତା ରହିଲା ନାହିଁ । ସମଗ୍ର ଗ୍ରୀସ୍‌ରେ ଗଢ଼ି ଉଠିଥିବା ନଗର ରାଜ୍ୟ ଗୁଡ଼ିକ ମଧ୍ୟରେ ମୁଖ୍ୟ ଥିଲେ ଅଥେନ୍‌ସ, ସ୍ପାର୍ଟା, ଥିବ୍‌ସ, କୋରିନ୍‌ଥ, ମେସିଡୋନ୍ ଇତ୍ୟାଦି ।

ସମଗ୍ର ଗ୍ରୀସ୍‌କୁ ୨ ଭାଗରେ ବିଭକ୍ତ କରା ଯାଇଥିଲା ଯଥା : ଉତ୍ତର ଗ୍ରୀସ୍ ଏବଂ ଦକ୍ଷିଣ ଗ୍ରୀସ୍ । ଉତ୍ତର ଗ୍ରୀସ୍‌ରେ ନଗର-ରାଜ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ଦୃଷ୍ଟିରୁ ଏଥେନ୍‌ସ ଥିଲା ସର୍ବାଧିକ ପ୍ରଭାବଶାଳୀ । ଦକ୍ଷିଣ ଗ୍ରୀସ୍ ପେଲୋପୋନେସସ୍ ନାମରେ କଥିତ ଥିଲା । ସେଠାରେ ଥିବା ନଗର-ରାଜ୍ୟମାନଙ୍କ ମଧ୍ୟରେ ସ୍ପାର୍ଟା ଥିଲା ଖୁବ୍ ଶକ୍ତିଶାଳୀ । ଏଥେନ୍‌ସ ଏବଂ ସ୍ପାର୍ଟା ମଧ୍ୟରେ ଦୂରତା ଥିଲା ୧୦୦ ମାଇଲ୍ । ଏହି ଦୁଇ ନଗର ରାଜ୍ୟ ମଧ୍ୟରେ ସର୍ବଦା ଦ୍ୱନ୍ଦ୍ୱ ଲାଗି ରହୁଥିଲା ।

**ଏଥେନ୍‌ସ ନଗର-ରାଜ୍ୟର ଅଭ୍ୟୁଦୟ (Rise of City-State of Athens) :**

ଗ୍ରୀସ୍‌ର ଆଟ୍ଟିକା (Attica) ନାମକ ପ୍ରଦେଶରେ ଏଥେନ୍‌ସ ଅବସ୍ଥିତ । ସର୍ବପ୍ରଥମେ ଏହି ନଗର ରାଜ୍ୟରେ ରାଜତନ୍ତ୍ର ଶାସନ ପ୍ରଚଳିତ ଥିଲା । ଥେସିୟସ୍ ନାମକ ଜଣେ ବ୍ୟକ୍ତି ସେଠାରେ ରାଜତନ୍ତ୍ର ଶାସନର ଶିଳାନ୍ୟାସ କରିଥିଲେ ବୋଲି କିମ୍ୱଦନ୍ତୀରୁ ଜଣାପଡ଼େ । ପରବର୍ତ୍ତୀ ସମୟରେ ସେଠାରେ କୋଦରସ୍ ନାମକ ଜଣେ ରାଜା ଥିଲେ ଏବଂ ଡୋରିଆନ୍‌ମାନେ ତାଙ୍କୁ ହତ୍ୟା କଲାପରେ ରାଜତନ୍ତ୍ର ଶାସନର ଅବସାନ ଘଟିଥିଲା ।

ଖ୍ରୀ:ପୂ: ୭ମ ଶତାବ୍ଦୀରେ ସମ୍ଭ୍ରାନ୍ତ ଶ୍ରେଣୀ ଏଥେନ୍‌ସ୍ ନଗର-ରାଜ୍ୟର ଶାସନ ଦାୟିତ୍ୱ ନିଜ ହାତ ମୁଠାକୁ ନେଲେ । ୧ବର୍ଷ ପାଇଁ ନିର୍ବାଚିତ ୧୦ଜଣ ଆର୍କନଙ୍କ ଠାରେ ଶାସନ ପରିଚାଳନା ଭାର ନ୍ୟସ୍ତ କରାଗଲା । ଆର୍କନମାନେ କ୍ରମଶଃ ଅତ୍ୟାଚାରୀ ହୋଇ ପଡ଼ିବାରୁ ପ୍ରଜା ଅସନ୍ତୋଷ ଭୟଙ୍କର ରୂପ ନେଲା । ଫଳରେ, କେତେକ ସଂସ୍କାରକ, ଜନସାଧାରଣଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାରୁ ଏଥେନ୍‌ସ୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇ ପାରିଲା ।

## ପ୍ରତ୍ୟକ୍ଷ ଗଣତନ୍ତ୍ରର ବିକାଶ

ସର୍ବପ୍ରଥମେ ଏଥେନ୍ସ୍‌ରେ ପ୍ରତ୍ୟକ୍ଷ ଗଣତନ୍ତ୍ରର ଉତ୍ପତ୍ତି ହୋଇ ପରେ ଅନ୍ୟ ରାଷ୍ଟ୍ରମାନଙ୍କୁ ପ୍ରସାର ଲାଭ କରିଥିଲା । ମୁଖ୍ୟତଃ ୪ଜଣ ଆର୍କନଙ୍କ ସଂସ୍କାର ମୂଳକ କାର୍ଯ୍ୟ ଯୋଗୁଁ, ଏଥେନ୍ସ୍‌ରେ ଗଣତନ୍ତ୍ରର ବିକାଶ ସମ୍ଭବପର ହୋଇ ପାରିଥିଲା ।

### ଡ୍ରାକୋ (Draco) :

ଡ୍ରାକୋ ଥିଲେ ଜଣେ ଆର୍କନ ଏବଂ ସଂସ୍କାରକ । ସେ ଏଥେନ୍ସ୍‌ର ପ୍ରଥମ ଆଇନ୍ ପ୍ରଣେତା ଭାବରେ ପରିଚିତ ଥିଲେ । ତାଙ୍କ ପୂର୍ବରୁ ଏଥେନ୍ସ୍‌ର ଆଇନ୍ ଗୁଡ଼ିକୁ ଲିପିବଦ୍ଧ କରାଯାଇ ନଥିଲା । ଏହାଦ୍ୱାରା ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେବାକୁ ପଡୁଥିଲା । ଏଣୁ ଖ୍ରୀ:ପୂ: ୬୨୪ ରେ ଜନସାଧାରଣଙ୍କ କଲ୍ୟାଣ ପାଇଁ ଡ୍ରାକୋ, ଏଥେନ୍ସ୍‌ରେ ପୂର୍ବରୁ ପ୍ରଚଳିତ ଆଇନ୍ ଗୁଡ଼ିକୁ ଏକତ୍ରିତ କରି ଏକ ଆଇନ୍ ପୁସ୍ତକ ପ୍ରକାଶନ କଲେ ।

ଡ୍ରାକୋଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିବା ଆଇନ୍‌ଗୁଡ଼ିକ ଅତ୍ୟନ୍ତ କଠୋର ଥିଲା । ସେଥିରେ ଛୋଟ ଛୋଟ ଅପରାଧ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରଖାଯାଇଥିଲା । ଲୋକମାନେ ଅତିଷ୍ଠ ହୋଇ ଡ୍ରାକୋଙ୍କ ଆଇନ୍ ଗୁଡ଼ିକୁ ବିରୋଧ କଲେ । ଡ୍ରାକୋଙ୍କ ଆଇନ୍‌ଗୁଡ଼ିକ "କାଳିରେ ଲେଖା ନ ହୋଇ ରକ୍ତରେ ଲେଖା ହୋଇଛି" ବୋଲି ସମାଲୋଚକ ମାନେ ପ୍ରଚାର କଲେ ।

### ସୋଲନ୍ (Solon) :-

ଖ୍ରୀ:ପୂ: ୫୯୪ ରେ ସୋଲନ୍ ଏଥେନ୍ସ୍‌ର ଆର୍କନ ଭାବରେ ନିର୍ବାଚିତ ହୋଇଥିଲେ । ସେ ଥିଲେ ଏକାଧାରରେ ଜଣେ ସଂସ୍କାରକ, ରାଜନୀତିଜ୍ଞ ଏବଂ ଦାର୍ଶନିକ । ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସେ ପ୍ରଶାସନିକ ତଥା ଅର୍ଥନୈତିକ କ୍ଷେତ୍ରରେ କେତୋଟି ଆଖିଦୃଶିଆ ସଂସ୍କାର ଆଣିଥିଲେ ।

୧. **ଅର୍ଥନୈତିକ ସଂସ୍କାର :**

କ) ପୂର୍ବରୁ ଏଥେନ୍ସର ଦରିଦ୍ର କୃଷକମାନେ ମହାଜନଙ୍କ ପାଖରେ ନିଜ ଚାଷଜମି ବନ୍ଧକ ରଖି ଋଣ ଆଣୁଥିଲେ । ଶେଷରେ ସୋଲନ୍ ଏହି ପ୍ରଥାକୁ ଉଚ୍ଛେଦ କଲେ ।

ଖ) ଋଣ ଗ୍ରହୀତାମାନେ ଋଣ ପରିଶୋଧ କରି ନପାରି ଋଣଦାତାଙ୍କର କ୍ରୀତଦାସ ରୂପେ ଅବଶିଷ୍ଟ ଜୀବନ ବିତାଉଥିଲେ । ସୋଲନ୍ ମଧ୍ୟ ଏହି କୁପ୍ରଥାର ବିଲୋପ ଘଟାଇଲେ ।

ଗ) ଜଣେ ନାଗରିକ ନିଜ ଅଧିନରେ କେତେ ପରିମାଣରେ ଭୂମି ରଖି ପାରିବେ ତାହା ସ୍ଥିର କରାଗଲା । ପୁନଶ୍ଚ, ଜାତୀୟ ସମ୍ପତ୍ତିକୁ, ଭୂମିହୀନ କୃଷକମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଗଲା ।

ଘ) ଏଥେନ୍ସ୍‌ର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ପାଇଁ ଖାଦ୍ୟଶସ୍ୟ ରପ୍ତାନୀ ଉପରେ କଟକଣା ଧାର୍ଯ୍ୟ କରାଗଲା ।

ଙ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେପରି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଶସ୍ୟ ଉପଲବ୍ଧ ହୁଏ, ସେଥିପ୍ରତି ସେ ଧ୍ୟାନ ଦେଇଥିଲେ ।

୨. **ରାଜନୈତିକ ସଂସ୍କାର :**

କ) ଏଥେନ୍ସ୍‌ର ବିଧାନ ସଭା ବା ଇକ୍‌ଲେସିଆ (Ecclesia)ରେ ଭୋଟ୍ ଦେବା ପାଇଁ ଅଠରବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକଙ୍କୁ ଅଧିକାର ପ୍ରଦାନ କରାଗଲା ।

ଖ) ଏଥେନ୍‌ସ୍‌ର ନାଗରିକମାନଙ୍କୁ ୪ଗୋଟି ଶ୍ରେଣୀରେ ବିଭକ୍ତ କରାଯାଇ ପ୍ରଥମ ୩ଗୋଟି ଶ୍ରେଣୀର ସଭ୍ୟଙ୍କୁ ସରକାରୀ ଚାକିରି କରିବାର ଅଧିକାର ପ୍ରଦାନ କରାଗଲା । ୪ର୍ଥ ଶ୍ରେଣୀ ବା ଥିଟସ୍ (Thetes) କୁ ଉପରୋକ୍ତ ସୁଯୋଗରୁ ବଞ୍ଚିତ ହେବାକୁ ପଡ଼ିଲା ।

ଗ) ସୋଲନ ସମାଜରେ ଥିବା ପ୍ରତ୍ୟେକ ଶ୍ରେଣୀରୁ ୧୦୦ଜଣ ବୟସ୍କ ସଭ୍ୟ ମନୋନୀତ କରି ୪୦୦ ସଭ୍ୟ ବିଶିଷ୍ଟ ଏକ ପରିଷଦ ଗଠନ କରିଥିଲେ । ଏହି ପରିଷଦର ନାମ ଥିଲା ବାଉଲ୍ (Boule) । ଏହା ଥିଲା ଏକ ପରାମର୍ଶଦାତା ପରିଷଦ ।

ଘ) ତାଙ୍କ ଉଦ୍ୟମ ଯୋଗୁ ଏଥେନ୍‌ସ୍‌ରେ 'ହେଲିଆ' (Heliae) ନାମରେ ଏକ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥାପନ କରାଗଲା ।

ଙ) ପୁନଶ୍ଚ, ସେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏରିଓପଗସ୍ (Aeropagus) ନାମରେ ଏକ ପରିଷଦ ଗଠନ କଲେ ।

ସୁତରାଂ, ସୋଲାନଙ୍କ ସଂସ୍କାରମୂଳକ ପଦକ୍ଷେପ ଶେଷରେ ଏଥେନ୍‌ସ୍‌ରେ ଗଣତନ୍ତ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ସହାୟକ ହେଲା ।

## ୩. ପିସିଷ୍ଟ୍ରାଟସ୍ : (Picistratus)

ସୋଲନଙ୍କ ପ୍ରଚେଷ୍ଟା ସତ୍ତ୍ୱେ ଏଥେନ୍‌ସ୍‌ରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇ ପାରିଲା ନାହିଁ । ଧନୀକ ଶ୍ରେଣୀ ଏବଂ କୃଷକ ଶ୍ରେଣୀ ମଧ୍ୟରେ କଳହ ଆରମ୍ଭ ହୋଇଗଲା । ଖ୍ରୀ:ପୂ: ୫୬୦ ରେ ପିସିଷ୍ଟ୍ରାଟସ୍, ଶାସନ କ୍ଷମତାକୁ ଆସିବା ପରେ ପରିସ୍ଥିତି ବଦଳିବାକୁ ଲାଗିଲା । ସେ ଭୂମି ମାଲିକ ମାନଙ୍କଠାରୁ କିଛି ପରିମାଣର ଜମି ଛଡ଼ାଇ ଆଣି ଭୂମିହୀନ କୃଷକମାନଙ୍କ ମଧ୍ୟରେ ବଣ୍ଟନ କଲେ । ସେ ବାହ୍ୟ ଦେଶମାନଙ୍କରେ ଉପନିବେଶ ସ୍ଥାପନ କରିବା ସହିତ କୃଷି, ବାଣିଜ୍ୟ ଏବଂ ଶିଳ୍ପର ବିକାଶ ଘଟାଇବା ପାଇଁ ଉଦ୍ୟମ ଆରମ୍ଭ କଲେ । ପୁନଶ୍ଚ, ସେ ଧର୍ମୀୟ ଉତ୍ସବର ଆୟୋଜନ କରି ପ୍ରଜାମାନଙ୍କ ମନରେ ନୂତନ ଉତ୍ସାହ ଉଦ୍ରେକ କଲେ ।

## ୪. କ୍ଲେଇସ୍ଥିନିସ୍ (Cleisthenes)

ଖ୍ରୀ:ପୂ : ୫୦୮ ରେ କ୍ଲେଇସ୍ଥିନସ୍, ଏଥେନ୍‌ସ୍‌ର ଆର୍କନ ଭାବେ ଶାସନ କ୍ଷମତା ଅଧିକାର କଲାପରେ ପ୍ରଶାସନିକ କ୍ଷେତ୍ରରେ କେତୋଟି ସଂସ୍କାର ଆଣିଲେ ।

କ) କ୍ଲେଇସ୍ଥିନିସ୍, ପ୍ରଥମେ ଏଥେନ୍‌ସ୍‌ର ସମାଜରେ ପ୍ରଚଳିତ ଶ୍ରେଣୀ ବିଭାଗ ବ୍ୟବସ୍ଥାକୁ ଉଚ୍ଛେଦ କଲେ ।

ଖ) ଏକ ନୂତନ ବ୍ୟବସ୍ଥା ପ୍ରଚଳନ କରି ସମସ୍ତ ନାଗରିକମାନଙ୍କୁ ୧୦ଟି ଟ୍ରାଇବ୍ ଏବଂ ପ୍ରତ୍ୟେକ ଟ୍ରାଇବ୍‌କୁ କେତୋଟି ଡେମିସ୍‌ରେ ବିଭକ୍ତ କଲେ ।

ଗ) କ୍ରୀତଦାସ ମାନଙ୍କୁ ନିର୍ବାଚନରେ ମତଦାନ ଅଧିକାର ପ୍ରଦାନ କରାଗଲା ।

ଘ) ପ୍ରତ୍ୟେକ ଟ୍ରାଇବର ୫୦ଜଣ ଲେଖାଏ ପ୍ରତିନିଧିଙ୍କୁ ନେଇ ପାଞ୍ଚଶହ ସଭ୍ୟ ବିଶିଷ୍ଟ ଏକ ପରିଷଦ ଗଠନ କରାଗଲା ।

ଙ) ଏଥେନ୍‌ସ୍‌ରେ "ଅଷ୍ଟ୍ରାସିଜମ୍" ବା "ବହିଷ୍କାର ପ୍ରଥା" ନାମରେ ଏକ ଅଭିନବ ପ୍ରଥାର ପ୍ରଚଳନ ଥିଲା କ୍ଲେଇସ୍ଥିନିସ୍‌ଙ୍କ ସର୍ବଶ୍ରେଷ୍ଠ କୃତିତ୍ୱ । ଏହି ପ୍ରଥା ଅନୁସାରେ, ଯେ କୌଣସି ଶାସକ ବା ନିର୍ବାଚିତ ସଭ୍ୟ ଦେଶପାଇଁ

ବିପଦ୍‌ଜନକ ସାବ୍ୟସ୍ତ ହେଲେ ତାଙ୍କୁ ଅନ୍ୟୁନ ୧୦ବର୍ଷ ପାଇଁ ଦେଶରୁ ବହିଷ୍କାର କରାଯାଇ ପାରୁଥିଲା । ଏଥିପାଇଁ ଅବଶ୍ୟ ୬୦୦୦ ନାଗରିକଙ୍କର ସମର୍ଥନ ଆବଶ୍ୟକ ପଡୁଥିଲା ।

ଚ) ୧୦ଜଣ ସାମରିକ ପଦାଧିକାରୀଙ୍କୁ ନେଇ ଗଠିତ ଏକ ବୋର୍ଡ଼ଠାରେ ସାମରିକ କ୍ଷମତା ନ୍ୟସ୍ତ କରାଗଲା ।

ସୁତରାଂ, କ୍ଲେଇସ୍ଥିନିସ୍‌ଙ୍କ ସଂସ୍କାରମୂଳକ କାର୍ଯ୍ୟ ଯୋଗୁ ଶେଷରେ ଏଥେନେସ୍‌ରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନ ବ୍ୟବସ୍ଥାର ପ୍ରଚଳନ ସମ୍ଭବପର ହେଲା । ଏହି କାରଣରୁ ତାଙ୍କୁ ଏଥେନ୍‌ସ୍‌ରେ "ଗଣତନ୍ତ୍ରର ପ୍ରତିଷ୍ଠାତା" ଆଖ୍ୟା ପ୍ରଦାନ କରାଯାଇଛି ।

# ନଗର-ରାଜ୍ୟ ସ୍ପାର୍ଟାର ଉତ୍‌ଥାନ
## (Rise of City-State of Sparta)

ସାମରିକ ଶକ୍ତି ଦୃଷ୍ଟିରୁ ସ୍ପାର୍ଟା ଥିଲା ସର୍ବାଧିକ ଶକ୍ତିଶାଳୀ ଗ୍ରୀକ୍ ନଗର-ରାଜ୍ୟ । ଏହା ଦକ୍ଷିଣ ଗ୍ରୀସ୍‌ର ଲାକୋନିଆ (Laconia) ପ୍ରଦେଶରେ ଅବସ୍ଥିତ । ସ୍ପାର୍ଟାର ଜନସାଧାରଣ ଥିଲେ ଡୋରିଆନମାନଙ୍କ ଦାୟାଦ । ଏଣୁ ସେମାନେ ଥିଲେ ଖୁବ ସାହସୀ ଏବଂ ଯୁଦ୍ଧପ୍ରିୟ ।

**ସାମରିକ ତାଲିମ୍‌ର ଗୁରୁତ୍ୱ :**

ସ୍ପାର୍ଟାର ପ୍ରତ୍ୟେକ ଅଧିବାସୀଙ୍କୁ ଜଣେ ଯୋଦ୍ଧା ଭାବରେ ଗଢ଼ି ତୋଳିବା ଥିଲା ସରକାରଙ୍କ ଲକ୍ଷ୍ୟ । ଏଣୁ, ସେଠାରେ ସାମରିକ ତାଲିମ୍‌କୁ ବାଧ୍ୟତାମୂଳକ କରାଯାଇଥିଲା । ଏକ ଶିଶୁପୁତ୍ର ଜନ୍ମ ହେବା ମାତ୍ରକେ, ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ ଦଳ ପହଞ୍ଚି ତାର ପରୀକ୍ଷା ନୀରିକ୍ଷା କରୁଥିଲା । ଶିଶୁଟି ସୁସ୍ଥ ସବଳ ହୋଇଥିଲେ, ତାକୁ ୭ବର୍ଷ ପର୍ଯ୍ୟନ୍ତ ପିତାମାତାଙ୍କ ଦାୟିତ୍ୱରେ ଛାଡ଼ି ଦିଆ ଯାଉଥିଲା । ବିକଳାଙ୍ଗ ଶିଶୁମାନଙ୍କୁ ଅତି ଜଘନ୍ୟ ଭାବରେ ହତ୍ୟା କରାଯାଉଥିଲା ।

ସୁସ୍ଥ ଶିଶୁ ପୁତ୍ରଟି ୭ବର୍ଷ ବୟସରେ ପଦାର୍ପଣ କଲାପରେ ତାକୁ ସାମରିକ କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲା । ୨୦ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ ସେ ସାମରିକ ତାଲିମ୍ ଗ୍ରହଣ କରୁଥିଲା । ଖେଳ କସରତ, ଯୁଦ୍ଧବିଦ୍ୟାରେ ନିପୁଣତା ଲାଭ କଲାପରେ ପ୍ରତ୍ୟେକ ଯୁବକ ଜଣେ ଜଣେ ସୈନିକ ଭାବରେ ନିଯୁକ୍ତ ହେଉଥିଲେ । ୩୦ବର୍ଷ ଅତିକ୍ରମ କଲାପରେ ପ୍ରତ୍ୟେକ ଯୁବକ ନାଗରିକ ଭାବରେ ବିବେଚିତ ହେବା ସହିତ ବିବାହ କରିବାର ଅଧିକାର ପାଉଥିଲେ । ପ୍ରତ୍ୟେକ ଯୁବକଙ୍କୁ ୬୦ବର୍ଷ ପର୍ଯ୍ୟନ୍ତ ସୈନିକ ଭାବରେ ଦାୟିତ୍ୱ ନିର୍ବାହ କରିବାକୁ ପଡୁଥିଲା । ସୁତରାଂ, ସ୍ପାର୍ଟାବାସୀଙ୍କର ଶିକ୍ଷା ଏବଂ ସଂସ୍କୃତି ପ୍ରତି ଅନୁରାଗ ନଥିଲା । ସେମାନେ ଥିଲେ ରକ୍ଷଣଶୀଳ, ପରମ୍ପରାର କ୍ରୀତଦାସ, ମାନସିକ ସୃଜନୀବିହୀନ, ମାତ୍ର କିଛି ସଦ୍‌ଗୁଣ ନଥାଇ କେବଳ ସାମରିକ ଶ୍ରେଷ୍ଠତାର ଅଧିକାରୀ ।

**ସାମାଜିକ ବ୍ୟବସ୍ଥା :**

ସ୍ପାର୍ଟାର ସମାଜ ୩ ଗୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ସେଗୁଡ଼ିକ ହେଲା : (୧) ସ୍ପାର୍ଟୀୟ (୨) ପେରିଓକେ (୩) ହେଲଟ୍ ବା କ୍ରୀତଦାସ ।

ସ୍ପାର୍ଟୀୟମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କରିବା ସହିତ ଉଚ୍ଚ ପଦପଦବୀରେ ନିଯୁକ୍ତ ହେଉଥିଲେ । ପେରିଓକେ ଶ୍ରେଣୀ ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ସାମରିକ କାର୍ଯ୍ୟରେ ନିୟୋଜିତ ହେଉଥିଲେ । ହେଲଟା ବା କ୍ରୀତଦାସମାନଙ୍କର ସଂଖ୍ୟା ଥିଲା ସର୍ବାଧିକ । ସେମାନଙ୍କ ଜୀବନଧାରଣର ମାନ ଥିଲା ଖୁବ୍ ଶୋଚନୀୟ ।

**ପ୍ରଶାସନିକ ବ୍ୟବସ୍ଥା :**

**ରାଜା :** ସ୍ପାର୍ଟାରେ ଏକ ସମୟରେ ୨ ଜଣ ରାଜା ଶାସନ କରୁଥିଲେ । ଏହା ଦ୍ୱାରା ରାଜା ସ୍ୱେଚ୍ଛାଚାରୀ ହେବାର ଭୟ ରହୁ ନଥିଲା । ନଗର-ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଥିଲା ରାଜାଙ୍କର ମୁଖ୍ୟ କର୍ତ୍ତବ୍ୟ ।

**ଜେରୁସିଆ :** ଜେରୁସିଆ ବା ପରିଷଦ ଥିଲା ଏକ ପ୍ରତିନିଧିମୂଳକ ଅନୁଷ୍ଠାନ । ଏହା ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇଥିଲା । ରାଜାଙ୍କୁ ଶାସନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବା ଥିଲା ଏହି ପରିଷଦର ମୁଖ୍ୟ କାର୍ଯ୍ୟ ।

**ଆପେଲା :** ୩୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକମାନଙ୍କୁ ନେଇ ବିଧାନସଭା ବା ଆପେଲା ଗଠିତ ହୋଇଥିଲା । ଜେରୁସିଆରେ ଗୃହିତ ଆଇନ୍, ବିଚାର ସମ୍ବନ୍ଧୀୟ ନିଷ୍ପତି ଇତ୍ୟାଦି ଆପେଲା ଦ୍ୱାରା ଅନୁମୋଦିତ ହେଉଥିଲା ।

**ଏଫୋର :** ଶାସନ ପରିଚାଳନା ନିମନ୍ତେ ଆପେଲା ଦ୍ୱାରା ପାଞ୍ଚଜଣ ଏଫୋରଙ୍କୁ ନିଯୁକ୍ତ କରାଯାଉଥିଲା । ଏଫୋରମାନେ ଜନସାଧାରଣଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହିତ ରାଜାଙ୍କୁ ପରାମର୍ଶ ଦେଉଥିଲେ ।

ଅତଏବ୍, ସ୍ପାର୍ଟା ନଗର-ରାଜ୍ୟରେ ରାଜତନ୍ତ୍ର ଏବଂ ଗଣତନ୍ତ୍ରର ପ୍ରକ୍ରିୟାର ସମିଶ୍ରଣରେ ଏକ ମିଶ୍ରିତ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲା ।

# ପେରିକ୍ଲିସ୍ ଯୁଗ

## (Age of Pericles)

କଳା ସ୍ଥାପତ୍ୟ, ସାହିତ୍ୟ, ଦର୍ଶନ, ଇତିହାସ, ଗଣତନ୍ତ୍ର ତଥା ଅନ୍ୟାନ୍ୟ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ବିକାଶକୁ ପାଥେୟ କରି ଗ୍ରୀସ୍ ତଥା ବିଶ୍ୱ ଇତିହାସରେ ପେରିକ୍ଲିସ୍‌ଙ୍କ ଯୁଗକୁ ଏକ ମହାନ୍ ଯୁଗ ରୂପେ ବିବେଚନା କରାଯାଇଛି ।

**ପେରିକ୍ଲିସ :** ଖ୍ରୀ:ପୂ: ୪୯୦ ରେ ଏଥେନ୍ସ୍ ଏବଂ ପାରସ୍ୟ ମଧ୍ୟରେ ମାରାଥନ ଯୁଦ୍ଧ ସଂଘଟିତ ହୋଇଥିଲା ଏବଂ ଠିକ୍ ସେହି ବର୍ଷ ପେରିକ୍ଲିସ୍ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଜାନ୍ଥିପସ୍ ଏବଂ ମାତାଙ୍କ ନାମ ଆଗାରିଷ୍ଟି । ସେ ଥିଲେ କ୍ଲେଇସ୍ଥିନସ୍‌ଙ୍କ ବଂଶଧର । ବାଲ୍ୟଶିକ୍ଷା ସମାପ୍ତ କଲାପରେ, ସେ ଗଣତାନ୍ତ୍ରିକ ଆଦର୍ଶକୁ ଆଦରି ନେଇ ନିଜକୁ ଜଣେ ଶ୍ରେଷ୍ଠ ରାଷ୍ଟ୍ରନାୟକ ଭାବରେ ଗଢ଼ିତୋଳି ଥିଲେ । ଖ୍ରୀ:ପୂ: ୪୬୦ରୁ ୪୨୯ ପର୍ଯ୍ୟନ୍ତ ଦୀର୍ଘ ୩୨ ବର୍ଷ ଧରି କ୍ରମାଗତ ଭାବରେ ସେ, ଏଥେନ୍ସ୍‌ର ଷ୍ଟ୍ରାଟେଗସ୍ (Strategus) ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କ ଉଦ୍ୟମ ଯୋଗୁ ଏଥେନ୍ସ୍‌ରେ ସାଂସ୍କୃତିକ ଅଭିବୃଦ୍ଧି ସମ୍ଭବପର ହୋଇ ପାରିଥିଲା ।

**ପ୍ରତ୍ୟକ୍ଷ ଗଣତନ୍ତ୍ର :** ପେରିକ୍ଲିସ୍‌ଙ୍କ ଶାସନ ସମୟରେ, ଏଥେନ୍ସ୍‌ର ଜନସଂଖ୍ୟା ୧୦୦୦୦୦ ଥିଲାବେଳେ ବିଦେଶୀମାନଙ୍କର ସଂଖ୍ୟା ଥିଲା ୨୦,୦୦୦ । ଅବଶିଷ୍ଟ ୧,୬୦,୦୦୦ଙ୍କ ମଧ୍ୟରୁ ପୁରୁଷ ନାଗରିକଙ୍କ ସଂଖ୍ୟା ଥିଲା ୪୦ ରୁ ୪୮ ହଜାର । ଏଥେନ୍ସ୍‌ରେ ପ୍ରଚଳିତ ଗଣତନ୍ତ୍ର ପ୍ରତିନିଧିମୂଳକ ନଥିଲା । ପୁରୁଷ ନାଗରିକମାନେ ସିଧାସଳଖ ଭାବରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିଲେ ।

ଦୁଇଟି ପ୍ରତିନିଧିମୂଳକ ଅନୁଷ୍ଠାନ ଯଥା ଇକ୍ଲେସିଆ (ସଭା) ଏବଂ ପାଞ୍ଚଶହ ସଭ୍ୟ ବିଶିଷ୍ଟ ପରିଷଦ ଦ୍ୱାରା ଆଇନ୍ ପ୍ରଣୟନ କରାଯାଇଥିଲା । ଏହି କକ୍ଷ ଦ୍ୱୟର ଅଧିବେଶନ ବର୍ଷକୁ ଅତି କମ୍‌ରେ ୧୦ ଥର ଆହୁତ ହେଉଥିଲା । ଆଭ୍ୟନ୍ତରୀଣ ତଥା ବୈଦେଶିକ ନୀତି ନିର୍ଦ୍ଧାରଣ କରିବା ଥିଲା ଉଭୟ ସଭା ଏବଂ ପରିଷଦର ଦାୟିତ୍ୱ । ବିଚାର ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ବିଚାର ବିଭାଗୀୟ ସଂସ୍ଥା ବା ହେଲିଆର କ୍ଷମତାକୁ ବୃଦ୍ଧି କରାଗଲା । ବିଚାରପତିମାନଙ୍କୁ, ପ୍ରଥମ କରି ସେମାନଙ୍କ ପାଉଣା ଦେବାପାଇଁ ବ୍ୟବସ୍ଥା କରାଗଲା ।

ପ୍ରଣୀତ ଆଇନଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା କ୍ଷମତା ଇକ୍‌ଲେସିଆ ଦ୍ୱାରା ନିର୍ବାଚିତ ୧୦ଜଣ ସଭ୍ୟଙ୍କୁ ନେଇ ଗଠିତ ଏକ ପରିଷଦଠାରେ ନ୍ୟସ୍ତ କରାଗଲା । ସୁତରାଂ, ଏଥେନ୍‌ସ୍‌ରେ ଗଣତନ୍ତ୍ରର ଭିତ୍ତିଭୂମି ସୁଦୃଢ଼ ହେବାରୁ ଦେଶବାସୀଙ୍କ ଉପରେ ଅତ୍ୟାଚାରର ମାତ୍ରା ହ୍ରାସ ପାଇଲା ।

**କଳା ଏବଂ ସ୍ଥାପତ୍ୟ :** ପାରସ୍ୟ ଆକ୍ରମଣ ସମୟରେ ଏଥେନୀୟ ସ୍ଥାପତ୍ୟର ଧ୍ୱଂସ ସାଧନ ଘଟିଥିଲା । ଏଣୁ, ପେରିକ୍ଲିସ୍ କଳା ଏବଂ ସ୍ଥାପତ୍ୟର ବିକାଶ ନିମନ୍ତେ ଉଦ୍ୟମ ଆରମ୍ଭ କଲେ । ଏକ୍ରୋପଲି ପାହାଡ଼ ଉପରେ ଥିବା ଭଗ୍ନ ମନ୍ଦିର ଗୁଡ଼ିକର ପୁନଃନିର୍ମାଣ ପାଇଁ ସେ ସ୍ଥପତିମାନଙ୍କୁ ନିୟୋଜିତ କଲେ । ତାଙ୍କ ପ୍ରଚେଷ୍ଟା ଫଳରେ ଏକ୍ରୋପଲି ପାହାଡ଼ର ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହେଲା ପାର୍ଥେନନ୍ ମନ୍ଦିର । ଏଥେନ୍‌ସ୍‌ର ପ୍ରଖ୍ୟାତ ଦେବୀ ଏଥେନାଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିରର ସ୍ଥପତି ଥିଲେ ଇକଟିନସ୍ । ଭାସ୍କର୍ଯ୍ୟଶିଳ୍ପୀ ଫିଡିଆସ୍‌ଙ୍କ ଦ୍ୱାରା ୪୦ ଫୁଟ୍‌ର କାରୁକାର୍ଯ୍ୟ ଖଚିତ ଏଥେନାଙ୍କର ଏକ କାଷ୍ଠ ମୂର୍ତ୍ତୀ ନିର୍ମିତ ହୋଇଥିଲା । ପାର୍ଥେନନ୍ ମନ୍ଦିରର ଏକ ପାର୍ଶ୍ୱରେ ରମଣୀୟ ବିଜୟ ପ୍ରାସାଦ ଏବଂ ଅନ୍ୟ ଏକ ପାର୍ଶ୍ୱରେ ଏଥେନା ଦେବୀଙ୍କର ୭୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ବିରାଟ ବ୍ରୋଞ୍ଜ ମୂର୍ତ୍ତି ନିର୍ମାଣ କରାଯାଇଥିଲା ।

ପେରିକ୍ଲିସ୍‌ଙ୍କ ଶାସନ ସମୟରେ ନିର୍ମିତ ଅନ୍ୟ ମନ୍ଦିର ଗୁଡ଼ିକ ଥିଲା : ଅଲିମ୍ପିଆର "ଜିଅସ୍"ଙ୍କ ମନ୍ଦିର, ଡେଲ୍‌ଫିର "ଆପୋଲ୍" ଙ୍କ ମନ୍ଦିର ଏବଂ ଇର୍ଫ୍ୟୁସ୍‌ର "ଆର୍ଟିମିସ୍" ଙ୍କ ମନ୍ଦିର । ମନ୍ଦିର ସ୍ଥାପତ୍ୟ ବ୍ୟତୀତ ଅସଂଖ୍ୟ ସୌଧ, ପ୍ରାସାଦ, ନାଟ୍ୟଶାଳା ଇତ୍ୟାଦି ଥିଲା ଗ୍ରୀକ୍ କଳାର ଶ୍ରେଷ୍ଠ ନିଦର୍ଶନ ।

**ଭାସ୍କର୍ଯ୍ୟଶିଳ୍ପ ଓ ଚିତ୍ରକଳା :** ଭାଷ୍କର୍ଯ୍ୟଶିଳ୍ପ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ବିକାଶ ସାଧିତ ହୋଇଥିଲା । ସାଇରନ୍‌ଙ୍କ ଦ୍ୱାରା ପ୍ରସ୍ତୁତ "ଡିସକସ୍ ଫିଙ୍ଗାଳୀ" ର ମୂର୍ତ୍ତୀ ଦର୍ଶକମାନଙ୍କ ମନରେ ବିସ୍ମୟଭାବ ସୃଷ୍ଟି କରିଥିଲା । ସେ ଯୁଗର ଅନ୍ୟ ୨ଜଣ ଭାଷ୍କର୍ଯ୍ୟଶିଳ୍ପୀ ଥିଲେ ପ୍ରାକ୍‌ସିଟେଲିକ୍ ଏବଂ ପୋଲିକ୍ଲେଟସ୍ । ସେ ଯୁଗର ଚିତ୍ରଶିଳ୍ପ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ପଶୁପକ୍ଷୀ, ପୁରୁଷ ଓ ନାରୀ ତଥା ଦେବାଦେବୀଙ୍କ ଚିତ୍ର ପ୍ରସ୍ତୁତ କରି ସେ ଯୁଗର ଚିତ୍ରଶିଳ୍ପୀ ମାନେ ସେମାନଙ୍କ ଦକ୍ଷତାର ପରିଚୟ ଦେଇଥିଲେ ।

**ସାହିତ୍ୟ :**

ପେରିକ୍ଲିସ୍ ଯୁଗରେ ସାହିତ୍ୟ କ୍ଷେତ୍ରରେ ଅଭୁତପୂର୍ବ ବିକାଶ ଦେଖିବାକୁ ମିଳିଥିଲା । ସେ ସମୟର ସାହିତ୍ୟିକମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଏଇସ୍କାଇଲାସ୍ (Aeschylus), ସୋଫୋକ୍ଲିସ୍ (Sophocles) ଏବଂ ଇଉରିପାଇଡିସ୍ (Euripides) । ଏହି ତିନିଜଣ ସାହିତ୍ୟିକଙ୍କ ଲିଖିତ ମିଳନ, ବିଚ୍ଛେଦ, ବ୍ୟଙ୍ଗ ଇତ୍ୟାଦି ଉପରେ ଆଧାରିତ ନାଟକ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ଏଇସ୍କାଇଲାସ୍‌ଙ୍କ ରଚିତ ନାଟକ "ଦି ପର୍ସିଆନ୍", "ଦି ମାରାଥନ୍", "ପ୍ରୋମେଥିଅସ୍ ବାଉଣ୍ଡ", ସୋଫୋକ୍ଲିସ୍‌ଙ୍କ "ଏଣ୍ଟିଗୋନା", "ଇଲେକଟ୍ରା" ଆଦି ଖୁବ୍ ଲୋକପ୍ରିୟ ହୋଇ ପାରିଥିଲା । ବ୍ୟଙ୍ଗ ଲେଖା ପାଇଁ ଆରିଷ୍ଟୋଫେନସ୍ ଲୋକମାନଙ୍କ ନିକଟରେ ବେଶ୍ ପରିଚିତ ଥିଲେ । ତାଙ୍କ ରଚିତ ନାଟକ ଗୁଡ଼ିକ ଥିଲା, "ଦି କ୍ଲାଉଡ" ଏବଂ "ଦି ଫ୍ରଗ୍" । ପିଣ୍ଡାର ଥିଲେ ସେ ଯୁଗର ଶ୍ରେଷ୍ଠ ଗୀତିକବି । ସାଫୋ ଥିଲେ ଶ୍ରେଷ୍ଠ ତଥା ପ୍ରଥମ ନାରୀ କବି ।

**ଇତିହାସ :**

ଇତିହାସର ଜନକ ହେରୋଡୋଟସ୍ ଏବଂ ଅନ୍ୟତମ ଐତିହାସିକ ଥ୍ୟୁସିଡାଇଡିସ୍ ଥିଲେ ପେରିକ୍ଲିସ୍‌ଙ୍କ ସମସାମୟିକ । ହେରୋଡୋଟସ୍, "ପାରସିକ୍ ଯୁଦ୍ଧ"ର ଇତିହାସ ଲେଖିଥିଲେ । ଥ୍ୟୁମିଡାଇଡିସ୍, ଏଥେନ୍‌ସ ଏବଂ ସ୍ପାର୍ଟା ମଧ୍ୟରେ ସଂଘଟିତ "ପେଲୋପୋନେସୀୟ ଯୁଦ୍ଧ"ର ଇତିହାସ ଲେଖିଥିଲେ । ସେ ପ୍ରଥମେ ଧାରାବାହିକ ଇତିହାସ ଲେଖିବା ପାଇଁ ସମର୍ଥ ହୋଇଥିଲେ । ଜେନୋଫୋନ୍ ଥିଲେ ସେ ଯୁଗର ଅନ୍ୟତମ ଐତିହାସିକ ।

**ଦର୍ଶନ :** ପେରିକ୍ଲସ୍ ଯୁଗରେ ଦାର୍ଶନିକ ଭାବନାର ଉଦ୍ରେକ ଘଟିଥିଲା । ସେ ଯୁଗର ଦାର୍ଶନିକମାନେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରି ଲୋକମାନଙ୍କୁ ସଚେତନ କରାଇବା ସହିତ ନୂତନ ଚିନ୍ତାଧାରାର ପ୍ରଚାର କରିଥିଲେ । ସେହି ଯୁଗର ଦାର୍ଶନିକମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ସକ୍ରେଟିସ୍ ଏବଂ ପ୍ଲାଟୋ ।

**ସକ୍ରେଟିସ୍ :** ପାଶ୍ଚାତ୍ୟ ଦର୍ଶନର ଜନକ ଭାବେ ପରିଚିତ ସକ୍ରେଟିସ୍ ଥିଲେ ପେରିକ୍ଲିସ୍‌ଙ୍କ ସମସାମୟିକ । ସେ ଖ୍ରୀ:ପୂ: ୪୬୯ ରେ ଜଣେ ପଥର ଶିଳ୍ପୀଙ୍କ ଔରଷରୁ ଜନ୍ମ ହୋଇଥିଲେ । ସତ୍ୟ ଏବଂ ଜ୍ଞାନର ଅନୁସନ୍ଧାନରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ନୈତିକତା, ସତ୍ୟ, ପ୍ରଜ୍ଞା ଇତ୍ୟାଦି ଉପରେ ଆଧାରିତ ଚିନ୍ତାଧାରାକୁ ସେ ଲୋକମାନଙ୍କ ପାଖରେ ପହଞ୍ଚାଇଥିଲେ । ଜ୍ଞାନ ସହିତ ଆଚରଣକୁ ସାମିଲ କରିବା ପାଇଁ ସେ ଉପଦେଶ ଦେଉଥିଲେ । ସେ, କର୍ମ ଏବଂ ଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜ୍ଞାନପ୍ରତି ଆକୃଷ୍ଟ ହେବା ପାଇଁ ସେ ଜନସାଧାରଣଙ୍କୁ ବୁଝାଉଥିଲେ । ସତ୍ୟ ଏବଂ ସାଧୁତା ପ୍ରତ୍ୟେକ ସମାଜର ଭିତ୍ତିଭୂମି ବୋଲି ସେ ଲୋକମାନଙ୍କୁ ଉପଦେଶ ଦେଉଥିଲେ । ସେ, ଥିଲେ ଏଥେନ୍ସ୍‌ର ସର୍ବାଧିକ ଜ୍ଞାନୀ ବ୍ୟକ୍ତି । ସେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଯୁବକମାନଙ୍କୁ ନିଜ ଚିନ୍ତାଧାରା ପ୍ରତି ଆକୃଷ୍ଟ କରିଥିଲେ । ଏଥେନ୍ସ୍‌ର କେତେକ ଧର୍ମଗୁରୁ ଷଡ଼ଯନ୍ତ୍ର କରି ସକ୍ରେଟିସ୍‌ଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଲେ । ଶେଷରେ, ତାଙ୍କୁ ବିଷପାନ କରି ମୃତ୍ୟୁବରଣ କରିବାକୁ ପଡ଼ିଲା । "ଜୀବନଠାରୁ ସତ୍ୟ ଅଧିକ ଶ୍ରେୟସ୍କର ବୋଲି" ସେ ପ୍ରମାଣିତ କଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ପ୍ଲାଟୋ ଥିଲେ ଅନ୍ୟତମ । ପ୍ଲାଟୋଙ୍କ ଭାଷାରେ "ତାଙ୍କ ସମୟର ସମସ୍ତ ଲୋକଙ୍କ ମଧ୍ୟରେ ସକ୍ରେଟିସ୍ ଥିଲେ ସବୁଠାରୁ ଜ୍ଞାନୀ, ସବୁଠାରୁ ଶ୍ରେଷ୍ଠ, ସବୁଠାରୁ ମହତ୍"

**ପ୍ଲାଟୋ :** ପ୍ଲାଟୋ ଥିଲେ ମହାନ୍ ଦାର୍ଶନିକ, ସକ୍ରେଟିସ୍‌ଙ୍କର ପ୍ରିୟ ଶିଷ୍ୟ । ସେ ନିଜ ଗୁରୁଙ୍କ ଚିନ୍ତାଧାରାର ପ୍ରସାର ଘଟାଇଥିଲେ । ଖ୍ରୀ:ପୂ: ୩୮୮ ରେ ସେ ଏକ ଶିକ୍ଷାନୁଷ୍ଠାନ (Academy) ପ୍ରତିଷ୍ଠା କରି ଶିକ୍ଷାଦାନ ବ୍ୟବସ୍ଥାକୁ ସହଜ ଏବଂ ସରଳ କରାଇଥିଲେ । ସେ ଅନେକଗୁଡ଼ିଏ ଉପାଦେୟ ପୁସ୍ତକ ରଚନା କରିଥିଲେ । ସେଗୁଡ଼ିକ ମଧ୍ୟରେ ମୁଖ୍ୟ ଥିଲା – "ଦି' ରିପବ୍ଲିକ୍" (The Republic), "ଦି ଷ୍ଟେଟସ୍‌ମ୍ୟାନ୍" (The Statesman), "ଦି ଲ" (The Law), "ଦି ଆପୋଲୋଜି" (The Apology), "କ୍ରିଟୋ" (Crito) ଇତ୍ୟାଦି । ନ୍ୟାୟ ପ୍ରତିଷ୍ଠା ଏବଂ ଆଦର୍ଶ ରାଷ୍ଟ୍ର ଗଠନ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ ।

**ଆରିଷ୍ଟୋଟଲ୍ :** ରାଜନୀତି ବିଜ୍ଞାନର ଜନକ ଆରିଷ୍ଟୋଟଲ୍ ଥିଲେ ପ୍ଲାଟୋଙ୍କ ଶିଷ୍ୟ । ସେ ବିଭିନ୍ନ ବିଷୟ ଯଥା : ଦର୍ଶନ, ରାଜନୀତି, ନୀତିଶାସ୍ତ୍ର, ପଦାର୍ଥ ବିଜ୍ଞାନ, ପଦ୍ୟ ସାହିତ୍ୟ, ଜୀବ ବିଜ୍ଞାନ ଇତ୍ୟାଦି ଅଧ୍ୟୟନ କରି ଲୋକମାନଙ୍କ ନିକଟରେ ଉପାଦେୟ ତଥ୍ୟମାନ ପହଞ୍ଚାଇ ଥିଲେ । ତାଙ୍କ ଲିଖିତ ପୁସ୍ତକ ଗୁଡ଼ିକ ମଧ୍ୟରୁ "ଅର୍ଗାନନ୍" ଥିଲା ଅନ୍ୟତମ । ଉଭୟ ପ୍ଲାଟେ ଏବଂ ଆରିଷ୍ଟୋଟଲ୍ ମଣିଷର ଚିନ୍ତାଧାରାକୁ ଉନ୍ନତ କରିବା ସହିତ ଶାସନ ବିଜ୍ଞାନକୁ ନୂତନତ୍ୱ ପ୍ରଦାନ କରିଥିଲେ ।

**ଶିକ୍ଷା :** ଏଥେନ୍ସ୍‌ରେ "ସୋଫିଷ୍ଟ" ନାମରେ ଏକ ଚିନ୍ତାଶୀଳ ଏବଂ ଶିକ୍ଷିତ ଗୋଷ୍ଠୀ ପୁରାତନ ସାହିତ୍ୟ, ସଂଗୀତ, ନୃତ୍ୟ, ଖେଳ କସରତ, ବ୍ୟାକରଣ, ଇତିହାସ, ରାଜନୀତି ବିଜ୍ଞାନ ଇତ୍ୟାଦି ବିଷୟରେ ଶିକ୍ଷା ଗ୍ରହଣ କରିବା ସହିତ ଅନ୍ୟ ସମସ୍ତ ବିଷୟବସ୍ତୁର ରହସ୍ୟ ଜାଣିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଉଥିଲେ । ସେମାନେ, ପ୍ରତ୍ୟେକ ପ୍ରଚଳିତ ବିଶ୍ୱାସକୁ ନେଇ ସନ୍ଦେହ କରୁଥିଲେ । ସେମାନେ ସମଗ୍ର ପ୍ରକାର ଛଳନାର ଉପସ୍ଥାପନ କରୁଥିଲେ । ସେମାନେ ଗଣିତ, ଜ୍ୟାମିତି ଶାସ୍ତ୍ର ଏବଂ ଜ୍ୟୋତିର୍ବିଜ୍ଞାନର ମୂଳ ତତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଉଥିଲେ । ସୁତରାଂ, ସୋଫିଷ୍ଟମାନଙ୍କ ଉପସ୍ଥିତି ଯୋଗୁଁ ଏଥେନ୍ସ୍‌ରେ ଶିକ୍ଷା ବ୍ୟବସ୍ଥାର ପ୍ରସାର ଘଟିଥିଲା ।

**ବିଜ୍ଞାନ :** ବିଜ୍ଞାନ ପ୍ରତି ଗ୍ରୀକ୍‌ମାନଙ୍କର ଅବଦାନ ଥିଲା ଅବିସ୍ମରଣୀୟ । ପେରିକ୍ଲିସ୍ ଯୁଗର ଶ୍ରେଷ୍ଠ ଗଣିତଜ୍ଞମାନେ ଥିଲେ ପିଥାଗୋରସ୍, ଇଉକ୍ଲିଡ୍ ଏବଂ ଆର୍କମେଡିସ୍ । ବୃହସ୍ପତି ବିଦ୍ୟା କ୍ଷେତ୍ରରେ ଆର୍କମେଡିସଙ୍କ ପରୀକ୍ଷା ଏପରି ଏକ ନୀତି

ପ୍ରତିଷ୍ଠା କରିଥିଲା ଯାହାର ଭିତ୍ତି ଉପରେ "ଆପେକ୍ଷିକ ସାନ୍ଦ୍ରତା ତଥ୍ୟ" ପର୍ଯ୍ୟବେଶିତ । ସେହିପରି ଆରିଷ୍ଟାକସ୍, "ପୃଥିବୀ, ସୂର୍ଯ୍ୟ ଚାରିପଟେ ଘୁରୁଛି ବୋଲି ଘୋଷଣା କରୁଥିଲେ ।"

ହିପୋକ୍ରେଟିସ୍ ଏବଂ ଗାଲେନ୍ ଚିକିତ୍ସା ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିଥିଲେ । ହିପୋକ୍ରେଟସ୍‌ଙ୍କୁ "ଚିକିତ୍ସା ବିଜ୍ଞାନର ଜନକ" ବୋଲି କୁହାଯାଏ । ପଦାର୍ଥ ଏବଂ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବୈଜ୍ଞାନିକମାନେ ଥିଲେ - ଆନାକ୍‌ସିମାଣ୍ଡର୍, ହେରାକ୍ଲିଟସ୍, ଡିମୋକ୍ରିଟସ୍, ଏମ୍ପିଡୋକ୍ଲିଜ୍ ଇତ୍ୟାଦି । ଇଉକ୍ଲିଡ୍‌ଙ୍କୁ "ଜ୍ୟାମିତି ଶାସ୍ତ୍ରର ଜନକ" ରୂପେ ବିବେଚନା କରାଯାଇଛି ।

ସୁତରାଂ, ପେରିକ୍ଲିସ୍ ଯୁଗରେ ସମ୍ଭବପର ହୋଇ ପାରିଥିବା ସାଂସ୍କୃତିକ ବିକାଶକୁ ଆକଳନ କରି ସେ ଯୁଗକୁ ସୁବର୍ଣ୍ଣ ଯୁଗ କହିବାର ଯଥାର୍ଥତା ରହିଛି । ଇଂରେଜ କବି ଶେଲୀ (Shelley)ଙ୍କ ମତରେ "ଆମେ ସମସ୍ତେ ଗ୍ରୀକ୍ ଅଟୁ, ଆମର ଆଇନ୍, ଆମର ସାହିତ୍ୟ, ଆମର କଳା, ସେ ସବୁର ମୂଳ ଗ୍ରୀସ୍‌ରେ ରହିଛି ।" ଗ୍ରୀକ୍ ଦର୍ଶନ କହେ - "କେହି କାହାର ପ୍ରଭୁ ନୁହେଁ, ଏବଂ ସମସ୍ତଙ୍କ ପାଇଁ ଆଇନ୍ ସମାନ ଭାବରେ ପ୍ରଯୁଜ୍ୟ ।" ଖ୍ରୀ:ପୂ: ୪୩୧ ରେ ପେଲୋପେନେସୀୟ ଯୁଦ୍ଧ ସଂଘଟିତ ହୋଇ ଖ୍ରୀ:ପୂ: ୪୦୪ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ପେରିକ୍ଲିସ୍‌ଙ୍କ ଅନିଚ୍ଛା ସତ୍ତ୍ୱେ, ଏହି ଯୁଦ୍ଧ ସଂଘଟିତ ହେଲା । ଯୁଦ୍ଧ ଚାଲିଥିବା ସମୟରେ ପେରିକ୍ଲିସ୍ ହଠାତ୍ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ଖ୍ରୀ.ପୂ. ୪୨୯ରେ ମୃତ୍ୟୁବରଣ କଲେ ।

❑❑❑

### ପଞ୍ଚମ ଅଧ୍ୟାୟ

# ପ୍ରାଚୀନ ରୋମ୍

## (Ancient Rome)

କ) ସମାଜ (Society) : ଗଠନ (Composition), ଲିଙ୍ଗ (Gender), ସାକ୍ଷରତା (Literacy), ସଂସ୍କୃତି (Culture), ଅର୍ଥନୈତିକ ପ୍ରସାରଣ (Economical Expansion), ଦାସ ପ୍ରଥା (Slavery)

ଖ) ରୋମର ସମ୍ବିଧାନ (Constitution of Rome)

ଗ) ଜୁଲିଅସ୍ ସିଜର (Julius Caesar) ଙ୍କ କୃତିତ୍ୱ (Achievements)

**ପ୍ରାଚୀନ ରୋମ୍ :**

ରୋମ ସଭ୍ୟତାକୁ ମୁଖ୍ୟତ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ପାରେ । ଯଥା : ପ୍ରାଚୀନ ଏବଂ ପରବର୍ତ୍ତୀ । ତୃତୀୟ ଶତାବ୍ଦୀର ପୂର୍ବବର୍ତ୍ତୀ ସମୟକୁ ପ୍ରାଚୀନ ସାମ୍ରାଜ୍ୟ ଏବଂ ପରବର୍ତ୍ତୀ ସମୟକୁ ପରବର୍ତ୍ତୀ ସାମ୍ରାଜ ନାମରେ ନାମିତ କରାଯାଇଛି । ବିଭିନ୍ନ ଇହୁଦି ଅଞ୍ଚଳ ଏବଂ ସଂସ୍କୃତିକୁ ନେଇ ବିଶାଳ ରୋମ ସାମ୍ରାଜ୍ୟ ଗଠିତ ହୋଇଥିଲା । ସେଠାରେ ବିଭିନ୍ନ ଭାଷା ପ୍ରଚଳିତ ହେଉଥିଲେ ମଧ୍ୟ ଗ୍ରୀକ୍ ଏବଂ ଲାଟିନ୍ ଭାଷା ବହୁଳ ଭାବରେ ବ୍ୟବହୃତ ହେଉଥିଲା । ପୂର୍ବ ଭୂଖଣ୍ଡରେ ଉଚ୍ଚ ଜାତିର ବ୍ୟକ୍ତିମାନେ ଗ୍ରୀକ୍ ଭାଷା ବ୍ୟବହାର କରୁଥିଲାବେଳେ ପଶ୍ଚିମ ଭୂଖଣ୍ଡରେ ସେମାନେ ଲାଟିନ୍ ଭାଷା ବ୍ୟବହାର କରୁଥିଲେ ।

ଖ୍ରୀ:ପୂ: ୭୫୩ ରେ ଟାଇବର ନଦୀ କୂଳରେ ରେମ୍ସ୍ ଏବଂ ରୋମୁଲସ୍‌ଙ୍କ ଦ୍ୱାରା ରୋମ୍ ସହର ସ୍ଥାପନ କରାଯାଇଥିଲା ବୋଲି କିମ୍ବଦନ୍ତୀରୁ ଜଣାପଡ଼େ । ସାତଗୋଟି ପାହାଡ଼କୁ କେନ୍ଦ୍ର କରି ରୋମ୍ ସଭ୍ୟତା ବିକଶିତ ହୋଇଥିବାରୁ, ରୋମକୁ "ସପ୍ତ ପାହାଡ଼ର ନଗରୀ" ରୂପେ ଅଭିହିତ କରାଯାଇଛି । ଲାଟିନ୍ ନାମକ ଏକ ଜାତି ରୋମ ନଗରୀର ସ୍ଥାପନ କରିଥିବା ଅନୁମାନ କରାଯାଏ । କ୍ରମଶଃ ଏଟ୍ରୁସ୍କାନ ଏବଂ ଲାଟିନ୍ ଆର୍ଯ୍ୟମାନଙ୍କ ସଭ୍ୟତାର ମିଶ୍ରଣରେ ପ୍ରାଚୀନ ରୋମ ସଭ୍ୟତାର ଅଭ୍ୟୁଦୟ ହେଲା ।

ଖ୍ରୀ:ପୂ: ୫୧୦ ରେ ଶେଷ ଏଟ୍ରୁସ୍କାନ ଶାସକ ଟାରକୁଇନସ୍ ସୁପରବସ୍‌ଙ୍କୁ ଗାଦିଚ୍ୟୁତ କରାଯାଇ ରୋମ୍‌କୁ ଏକ ସାଧାରଣତନ୍ତ୍ରରେ ପରିଣତ କରାଗଲା । ପରବର୍ତ୍ତୀ ସମୟରେ, ଇଉରୋପ୍ ଏବଂ ଆଫ୍ରିକାର ବିଭିନ୍ନ ଅଞ୍ଚଳ ଯଥା : କାର୍ଥେଜ୍, ଗ୍ରୀସ୍, ମ୍ୟାସିଡୋନ୍, ସିରିଆ, ଗଲ ଇତ୍ୟାଦି ରୋମ ସାଧାରଣତନ୍ତ୍ରରେ ସାମିଲ ହେବାରୁ, ଏହା ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହେଲା ।

**କ) ସାମାଜିକ ଗଠନ :** ଐତିହାସିକ ଟ୍ୟାସିଟସ୍‌ଙ୍କ ବିବରଣୀରୁ ଜଣାପଡ଼େ ଯେ ସିନେଟର ବା ପାଟ୍ରିସିଆନ୍ ଏବଂ ନିମ୍ନଶ୍ରେଣୀ ବା ପ୍ଲେବିଆନ୍ ଏବଂ କ୍ରୀତଦାସମାନଙ୍କୁ ନେଇ ରୋମ୍‌ର ସମାଜ ଗଠିତ ହୋଇଥିଲା । ପାଟ୍ରିସିଆନ୍‌ମାନେ ଆଳସ୍ୟପୂର୍ଣ୍ଣ ଜୀବନ ଯାପନ କରୁଥିଲେ । ସେମାନେ ଉଚ୍ଚ ପଦପଦବୀରେ ନିଯୁକ୍ତ ଥିଲେ । ଅପର ପକ୍ଷରେ ପ୍ଲେବିଆନ୍‌ମାନଙ୍କର ଅବସ୍ଥା ଥିଲା ଶୋଚନୀୟ । ଖ୍ରୀ:ପୂ: ୩ୟ ଶତାବ୍ଦୀର ଆରମ୍ଭରେ ସିନେଟ୍‌ର ସଭ୍ୟ ସଂଖ୍ୟା ୧୦୦୦ ଥିଲାବେଳେ, ପାଖାପାଖି ଅର୍ଦ୍ଧାଧିକ ସଭ୍ୟ ଇଟାଲୀୟ ପରିବାରରୁ ଆସିଥିଲେ । ଚତୁର୍ଥ ଶତକର ପ୍ରଥମାର୍ଦ୍ଧରେ ପାଟ୍ରିସିଆନ ଏବଂ ଯୋଦ୍ଧା ବା ନାଇଟ୍

ମାନଙ୍କ ମଧ୍ୟରେ ଏକତା ସୃଷ୍ଟି ହେବାରୁ ଅଭିଜାତ ଗୋଷ୍ଠୀର ବିସ୍ତାର ଘଟିଲା । ଏହି ଗୋଷ୍ଠୀର ଅଧିକାଂଶ ସଭ୍ୟ ଥିଲେ ଆଫ୍ରିକୀୟ । ଧନୀକ ଶ୍ରେଣୀର ବ୍ୟକ୍ତିମାନଙ୍କୁ ନେଇ ଅଭିଜାତ ଗୋଷ୍ଠୀ ଗଠିତ ହୋଇଥିଲା । ମଧ୍ୟବିତ୍ତ ଶ୍ରେଣୀର ସଭ୍ୟମାନେ ସିନେଟ୍ ସମ୍ବନ୍ଧୀୟ ଅନୁଷ୍ଠାନର ଗ୍ରାହକ ଥିଲେ ବୋଲି ଟ୍ୟାସିଟସ୍ ମତବ୍ୟକ୍ତ କରନ୍ତି । ମଧ୍ୟବିତ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ ସଭ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ କର୍ମଚାରୀ ଥିବା ସହିତ ରାଷ୍ଟ୍ର ଉପରେ ନିର୍ଭର କରୁଥିଲେ । ଗ୍ରାମାଞ୍ଚଳ ଶ୍ରମିକମାନେ ସହରରେ ଗଢ଼ି ଉଠିଥିବା ଶିଳ୍ପ, ଖଣି ଇତ୍ୟାଦିରେ ନିୟୋଜିତ ଥିଲେ । ରୋମ ସାମ୍ରାଜ୍ୟରେ ହଜାର ହଜାର କ୍ରୀତଦାସ ବସବାସ କରୁଥିଲେ । ସେମାନଙ୍କର ଅବସ୍ଥା ଥିଲା ଅତ୍ୟନ୍ତ ଦୟନୀୟ ।

**ଲିଙ୍ଗ ଭେଦ (Gender) :**

ପିତା, ମାତା ଏବଂ ସେମାନଙ୍କର ପିଲାମାନଙ୍କୁ ନେଇ ଗଠିତ ଏକକ ପରିବାର ଥିଲା ରୋମୀୟ ସମାଜର ବୈଶିଷ୍ଟ୍ୟ । ପ୍ରାପ୍ତ ବୟସ୍କ ପୁତ୍ରମାନେ ପିତାମାତାଙ୍କ ସହିତ ରହୁ ନଥିଲେ । କ୍ରୀତଦାସ ମାନେ ପରିବାରର ସଭ୍ୟ ଭାବରେ ବିବେଚିତ ହେଉଥିଲେ । ଖ୍ରୀ:ପୂ: ପ୍ରଥମ ଶତକରେ ଏପରି ଏକ ବିବାହ ବ୍ୟବସ୍ଥା ପ୍ରଚଳିତ ଥିଲା, ଯଦ୍ୱାରା କି ପତ୍ନୀର ଜନ୍ମଗତ ସମ୍ପତ୍ତି ଅଧିକାର ସ୍ୱାମୀର ଅଧିନକୁ ସ୍ଥାନାନ୍ତରିତ ହୋଇ ପାରୁ ନଥିଲା । ନାରୀମାନେ ବିବାହ ସମୟରେ ଆଣିଥିବା ଯୌତୁକ ଉପରେ ସ୍ୱାମୀର ଅଧିକାରକୁ ସ୍ୱୀକାର କରା ଯାଉଥିଲା । ବିବାହିତା ନାରୀମାନେ ପୈତୃକ ସମ୍ପତ୍ତି ଉପରେ ନିଜର ଅଧିକାର ଜାହିର କରି ପାରୁଥିଲେ । ନିଜ ସମ୍ପତ୍ତି ଉପରେ ମାଲିକାନା ସାବ୍ୟସ୍ତ କରିବା ସହିତ ସେଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା । ଛାଡ଼ପତ୍ର ପ୍ରକ୍ରିୟା ଖୁବ୍ ସରଳ ଥିଲା । ପତି କିମ୍ବା ପତ୍ନୀ ପରସ୍ପରକୁ ଯେ କୌଣସି ସମୟରେ ଛାଡ଼ପତ୍ର ଦେଇ ପାରୁଥିଲେ । ବିବାହ ସମୟରେ ପତୀର ବୟସ ୨୦ ରୁ ୩୦ ମଧ୍ୟରେ ହୋଇଥିବାବେଳେ ପତ୍ନୀର ବୟସ ଥିଲା ୨୦ ରୁ କମ୍ । ଉଭୟଙ୍କ ବୟସ ସୀମା ମଧ୍ୟରେ ଥିବା ତାରତମ୍ୟ କାରଣରୁ ବେଳେବେଳେ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଘଟୁଥିଲା । ସାଧାରଣତଃ, ସ୍ଥିରୀକୃତ ବିବାହ ପ୍ରଚଳିତ ଥିଲା ଏବଂ ନାରୀମାନେ ଅଧିକାଂଶ ସମୟରେ ସ୍ୱାମୀର ପ୍ରଭୁତ୍ୱକୁ ସ୍ୱୀକାର କରିବା ପାଇଁ ବାଧ ହେଉଥିଲେ । ଦୃଷ୍ଟାନ୍ତ ସ୍ୱରୂପ, ଉତ୍ତର ଆଫ୍ରିକାରେ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିବା ମହାନ୍ କ୍ୟାଥୋଲିକ୍ ବିଶପ୍ ଅଗଷ୍ଟାଇନ୍ କହନ୍ତି ଯେ ତାଙ୍କ ମାତା ଅଧିକାଂଶ ସମୟରେ ପିତାଙ୍କ କ୍ରୋଧର ଶିକାର ହେଉଥିଲେ । ପୁନଶ୍ଚ ସେ କୁହନ୍ତି ଯେ, ଗ୍ରାମାଞ୍ଚଳରେ ତଥା ସହରମାନଙ୍କରେ ସ୍ୱାମୀମାନେ ସେମାନଙ୍କର ପତ୍ନୀମାନଙ୍କୁ ସାମାନ୍ୟ ଭୁଲ ପାଇଁ ବେତରେ ପ୍ରହାର କରୁଥିଲେ । ସନ୍ତାନ ସନ୍ତତିଙ୍କ ଉପରେ ପିତାଙ୍କର କିଛିଟା ଆଇନଗତ ନିୟନ୍ତ୍ରଣ ରହିଥିଲା ।

**ସାକ୍ଷରତା (Literacy) :** ସମଗ୍ର ରୋମ୍ ସାମ୍ରାଜ୍ୟର ସାମୟିକ ସାକ୍ଷରତା ହାର ପ୍ରାୟତଃ ସମାନ ନଥିଲା । ଉଦାହରଣ ସ୍ୱରୂପ ୭୯ ଖ୍ରୀଷ୍ଟାବ୍ଦରେ ଆଗ୍ନେୟଗିରି ଉଦ୍‌ଗୀରଣ ଯୋଗୁଁ ଭୂ-ଗର୍ଭରେ ପୋତି ହୋଇ ପଡ଼ିଥିବା ପମ୍ପେଇ ସହରରେ ସାମୟିକ ସାକ୍ଷରତା ବହୁଳ ଭାବରେ ପ୍ରସାର ଲାଭ କରିଥିଲା । ପମ୍ପେଇ ସହରର ମୁଖ୍ୟ ରାସ୍ତା କଡ଼ରେ ଥିବା ପାଚେରୀ କାନ୍ଥରେ ଲେଖା ଯାଇଥିବା ବିଜ୍ଞାପନ ଏବଂ ସମଗ୍ର ସହରର ବିଭିନ୍ନ ସ୍ଥାନରୁ ମିଳିଥିବା ହାତଲେଖା ଚିତ୍ରଗୁଡ଼ିକ, ସାକ୍ଷରତା ସମ୍ପର୍କରେ ସୂଚନା ମିଳେ ।

ପୁରାତନ ମିଶରରେ ଶହ ଶହ ସଂଖ୍ୟାରେ ପାପିରସ୍ ବୃକ୍ଷର ପତ୍ର ଉପରେ ଥିବା ଲେଖା ରହିଛି । ସେହି ଲେଖା ଅର୍ଥାତ୍ ଦଲିଲ୍ ବା ଚୁକ୍ତିପତ୍ର ସାଧାରଣତଃ ପେସାଦାର ପଞ୍ଜିକାରମାନଙ୍କ ଦ୍ୱାରା ଲେଖା ଯାଉଥିଲା ଏବଂ ସେମାନେ ଆମ୍ଭମାନଙ୍କୁ କହିଥାନ୍ତି ଯେ ଏକ୍ସ କିମ୍ବା ୱାଇ ତାହାଙ୍କୁ ଲେଖିବା କିମ୍ବା ପଢ଼ିବା ପାଇଁ ଅସମର୍ଥ ଥିଲେ । କିନ୍ତୁ ସେହି ଅଞ୍ଚଳରେ ଥିବା ସୈନିକ, ଭୂସମ୍ପତ୍ତି ପରିଚାଳକ ଏବଂ ସେନାପତିମାନେ ସାକ୍ଷର ଥିଲେ ବୋଲି ଜଣାପଡ଼େ ।

**ସଂସ୍କୃତି (Culture)** : ରୋମ ସାମ୍ରାଜ୍ୟରେ ସାଂସ୍କୃତିକ ବିବିଧତା ପ୍ରତିବିମ୍ବିତ ହୋଇଥିଲା । ରୋମବାସୀଙ୍କର ଧର୍ମତତ୍ତ୍ୱ ଏବଂ ସ୍ଥାନୀୟ ଦେବାଦେବୀ ଉପାସନା ପ୍ରାୟତଃ ସମାନ ନଥିଲା । ସେମାନେ ବିଭିନ୍ନ ଭାଷା ବ୍ୟବହାର କରୁଥିଲେ ।

ସେମାନଙ୍କର ପୋଷାକ, ଖାଦ୍ୟପେୟ, ପରମ୍ପରା, ଜୀବନ ଧାରଣ ଶୈଳୀ, ସାମାଜିକ ସଂଗଠନ ପ୍ରକ୍ରିୟାରେ ମଧ୍ୟ ତାରତମ୍ୟ ରହିଥିଲା । ଇଉଫ୍ରେଟିସ୍‌ର ପଶ୍ଚିମ ଭାଗରେ ଆରମାଇକ (Armaic) ଭାଷାଭାଷୀ ଲୋକଙ୍କ ସଂଖ୍ୟା ଥିଲା ସର୍ବାଧିକ । ମିଶରରେ କଥିତ ଭାଷା ଥିଲା କୋପ୍‌ଟିକ (Coptic) । ଅପର ପକ୍ଷରେ, ଉତ୍ତର ଆଫ୍ରିକାରେ ପିଉନିକ୍ ଏବଂ ବରବର (Punic and Berber) ଭାଷା ପ୍ରଚଳିତ ଥିଲାବେଳେ, ସ୍ପେନ୍ ଏବଂ ଉତ୍ତର - ପଶ୍ଚିମାଞ୍ଚଳର କଥିତ ଭାଷା ଥିଲା କେଲ୍‌ଟିକ (Celtic) । ଏକ ବର୍ଣ୍ଣମାଳା ଉଦ୍ଭାବିତ ହେବା ପର୍ଯ୍ୟନ୍ତ ଉପରୋକ୍ତ ଭାଷା ଗୁଡ଼ିକ କେବଳ କଥିତ ଭାଷା ହୋଇ ରହିଥିଲା । ପଞ୍ଚମ ଶତାବ୍ଦୀର ଶେଷାର୍ଦ୍ଧରେ ଆର୍ମେନୀୟ (Armenian) ଭାଷା ଲେଖିବା ସମ୍ଭବପର ହେଲା । ତୃତୀୟ ଶତାବ୍ଦୀର ମଧ୍ୟ ଭାଗରେ ବାଇବେଲ୍‌କୁ କୋପ୍‌ଟିକ (Coptic) ଭାଷାରେ ଅନୁବାଦ କରାଗଲା । ଅନ୍ୟ ସ୍ଥାନମାନଙ୍କରେ ଲାଟିନ୍ (Latin) ଭାଷାର ପ୍ରସାର ଯୋଗୁ ଅନ୍ୟ ଭାଷା ଗୁଡ଼ିକର ବିଲୟ ଘଟିଥିଲା । ପ୍ରଥମ ଶତାବ୍ଦୀ ପରେ "ସେଲ୍‌ଟିକ୍" (Celtic) ଭାଷା ଲେଖିବା ପ୍ରାୟତଃ ସମ୍ଭବପର ହେଲା ନାହିଁ ।

ପ୍ରାଚୀନ ରୋମର ଜନସାଧାରଣ ଥିଲେ ଅତ୍ୟନ୍ତ ଧର୍ମପରାୟଣ । ସେମାନଙ୍କ ଧର୍ମଭାବନା ଥିଲା ଖୁବ୍ ସରଳ । ସେମାନେ ବହୁ ଦେବାଦେବୀ ପୂଜନରେ ବିଶ୍ୱାସ କରୁଥିଲେ । ସେମାନେ କେତେକ ଗ୍ରୀକ୍ ଦେବାଦେବୀଙ୍କ ନାମ ପରିବର୍ତ୍ତନ କରି ସେମାନଙ୍କର ପୂଜାର୍ଚ୍ଚନା କରୁଥିଲେ । ଗ୍ରୀସ୍‌ର ମୁଖ୍ୟ ଦେବତା ଜିଅସ୍ (Zeus) ଙ୍କୁ ସେମାନେ ଜୁପିଟର (Jupiter) ବା ବୃହସ୍ପତି ନାମରେ ପୂଜା କରୁଥିଲେ । ଜୁପିଟରଙ୍କ ପତ୍ନୀ ଜୁନୋ (Juno) ଥିଲେ ନାରୀ ଜାତିର ଦେବୀ । ଗ୍ରୀସ୍‌ର ପ୍ରତ୍ୟକ୍ଷ ଦେବୀ ହେଲେନା (Helena) ମିନେତ୍ର (Minetra) ନାମରେ ପୂଜିତ ହେଉଥିଲେ । ସେହିପରି, ଗ୍ରୀକ୍ ଦେବୀ ହେରା (Hera) ଜୁନେ (Juno) ନାମରେ ପୂଜା ପାଉଥିଲେ । ସେମାନେ ଉପାସନା କରୁଥିବା ଅନ୍ୟ ଦେବାଦେବୀମାନେ ହେଲେ- ଅଗ୍ନିଶାଳର ଦେବତା ଭେଷ୍ଟା (Vesta), ଦ୍ୱାରପାଳ ଦେବତା ଜେନସ୍ (Jenus), ପାରିବାରିକ ଦେବତା ଜିନସ୍ ଫାମିଲି (Jenus Familiae), ଉର୍ବରତାର ଦେବତା ଲାରିସ୍ (Laris), ଯୁଦ୍ଧର ଦେବୀ ମିନର୍ଭା (Minarva) ଇତ୍ୟାଦି ।

**ଅର୍ଥନୈତିକ ପ୍ରସାରଣ : (Economic Expansion) :**

ରୋମ ସାମ୍ରାଜ୍ୟରେ ଅନେକ ଗୁଡ଼ିଏ ବନ୍ଦର, ଖଣି, ଶୀକାର ସ୍ଥାନ, ଇଟା ନିର୍ମାଣ କେନ୍ଦ୍ର, ଅଲିଭ୍ ତୈଳ ଶିଳ୍ପ ଇତ୍ୟାଦିର ଅବସ୍ଥିତି ଯୋଗୁ ଅର୍ଥନୈତିକ ସ୍ଥିତି ସ୍ୱଚ୍ଛଳ ଥିଲା । ସ୍ପେନ୍, ଗାଲିକ୍ ପ୍ରଦେଶ, ଉତ୍ତର ଆଫ୍ରିକା, ମିଶର ଇତ୍ୟାଦି ଦେଶରୁ ଅଲିଭ ତୈଳ, ଗହମ ଏବଂ ମଦ ଆମଦାନୀ କରାଯାଉଥିଲା । ତରଳ ପଦାର୍ଥ ଯଥା: ମଦ ଏବଂ ଅଲିଭ ତୈଳକୁ "ଆମ୍ଫୋରାଇ" (Amphorae) ନାମକ ବୋତଲ ବା ପାତ୍ରରେ ପରିବହନ କରାଯାଉଥିଲା । ସ୍ପେନରେ ପ୍ରଚୁର ପରିମାଣର ଅଲିଭ ତୈଳ ପ୍ରସ୍ତୁତ କରାଯାଇ ଡ୍ରେସେଲ୍-୨୦ (Dressel-20) ନାମକ ଏକ ଡବାରେ ବାହାରକୁ ପଠା ଯାଉଥିଲା । ବଡ଼ ବଡ଼ ଭୂ-ସମ୍ପତି ମାଲିକମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଚାହିଦା ବୃଦ୍ଧି ନେଇ ପ୍ରତିଯୋଗିତା ଚାଲିଥିଲା । ସିରିଆ (Syria), ପାଲେଷ୍ଟାଇନ୍ (Palestine), ତୁରସ୍କ (Turkey) ଆଦି ଦେଶ ଅନ୍ୟ ଦେଶମାନଙ୍କୁ ପ୍ରଚୁର ପରିମାଣରେ ଅଲିଭ୍ ତୈଳ ରପ୍ତାନୀ କରୁଥିଲେ ।

ଷ୍ଟ୍ରାବୋ (Strabo) ଏବଂ ପ୍ଲିନି (Pliny) ଙ୍କ ଲେଖାରୁ ଜଣା ପଡ଼େ ଯେ କେତୋଟି ଅଞ୍ଚଳ ଯଥା : ଇଟାଲୀର କମ୍ପାନିଆ (Compania), ସିସିଲି (Scicily), ମିଶରର ଫାୟୁମ୍ (Fayum), ଗାଲିଲି (Galilee), ଟ୍ୟୁନିସିଆ (Tunisia), ଗଲ୍ (Gaul) ଏବଂ ସ୍ପେନ୍‌ର ବୋଏଟିକା (Boetica) ଥିଲା ଅତ୍ୟନ୍ତ ଉର୍ବର ଏବଂ ସେହି ଅଞ୍ଚଳମାନଙ୍କରେ ବହୁ ସଂଖ୍ୟାରେ ଜନସାଧାରଣ ବସବାସ କରୁଥିଲେ । କମ୍ପାନିଆରୁ ଖୁବ୍ ଉନ୍ନତମାନର ମଦ ଆସୁଥିଲା । ସେହିପରି ଗାଲିକ୍ ଏବଂ ସ୍ପେନ୍‌ରେ ପ୍ରଚୁର ପରିମାଣରେ ଅଲିଭ ତୈଳ ପ୍ରସ୍ତୁତ ହେଉଥିଲାବେଳେ ସିସିଲିରେ ପ୍ରଚୁର ପରିମାଣର ଗହମ ଉତ୍ପାଦିତ ହେଉଥିଲା ।

ମେଷପାଳକ ମାନେ "ମାପାଲିଆ" (Mapalia) ନାମକ ଏକ ଛତ୍ର ଧରି ମେଷମାନଙ୍କ ନିମନ୍ତେ ଚାରଣ ଭୂମି ଅନ୍ୱେଷଣରେ ନୁମିଡିଆ (Nunidia) ର ଗ୍ରାମାଞ୍ଚଳରେ ଭ୍ରମଣ କରୁଥିଲେ । ସ୍ପେନ୍‌ର ଉତ୍ତର ଭାଗ ସେତେ ଉନ୍ନତ ନଥିଲା ଏବଂ ସେଲ୍‌ଟିକ୍ ଭାଷାଭାଷୀ କୃଷକମାନେ ପାହାଡ଼ ଉପରେ ଥିବା ଗ୍ରାମ, (କାଷ୍ଟେଲିଆ) (Castelia) ମାନଙ୍କରେ ବସବାସ କରୁଥିଲେ ।

**ଦାସତ୍ୱ ପ୍ରଥା (Slavery) :**

କ) "ଦାସତ୍ୱ" ଏପରି ଏକ ଅବସ୍ଥା ଯଦ୍ୱାରା କି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିର ମାଲିକାନାଭୁକ୍ତ ହୋଇଥାନ୍ତି । ଜଣେ କ୍ରୀତଦାସ, ତାର ମାଲିକ ପାଇଁ ଦ୍ରବ୍ୟ ବା ସମ୍ପତି ତୁଲ୍ୟ ବିବେଚିତ ହୋଇଥାନ୍ତି । ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ କ୍ରୀତଦାସ ମାନଙ୍କୁ "ଆତ୍ମା ଧାରଣ କରିଥିବା ସମ୍ପତ୍ତି" ବୋଲି ବର୍ଣ୍ଣନା କରିଛନ୍ତି । ଜଣେ ଦାସର ସ୍ୱାଧୀନତା ବା ପସନ୍ଦ ବୋଲି କିଛି ନ ଥାଏ । ଗ୍ରୀକ୍-ରୋମିଓ ସମାଜରେ ଦାସତ୍ୱ ପ୍ରଥାର ଯଥେଷ୍ଟ ଗୁରୁତ୍ୱ ରହିଥିଲା । ବେଠି, ବେଗାରି ଇତ୍ୟାଦିର ବହୁଳ ପ୍ରଚଳନ ଫଳରେ ଦାସପ୍ରଥା ଏକ ଅନୁଷ୍ଠାନରେ ପରିଣତ ହୋଇଥିଲା । ଦାସତ୍ୱ ପ୍ରଥାର ଉତ୍‌ଥାନ ଏବଂ ପତନ ସହିତ ରୋମ ସାମ୍ରାଜ୍ୟର ଉତ୍‌ଥାନ ଏବଂ ପତନ ଓତପ୍ରୋତ ଭାବରେ ଜଡ଼ିତ ଥିଲା । ସେମାନଙ୍କର କୌଣସି ଅଧିକାର ନଥିଲା । ଉଦାହରଣ ସ୍ୱରୂପ, ରୋମ୍‌ରେ ପ୍ରଚଳିତ ଆଇନ୍ ଅନୁଯାୟୀ କୃଷି କ୍ଷେତ୍ରରେ ନିୟୋଜିତ କ୍ରୀତାଦାସଙ୍କୁ "କଥା କୁହା ଯନ୍ତ୍ର" ବୋଲି କୁହା ଯାଇଥାଏ । କ୍ରୀତଦାସମାନଙ୍କ ଦ୍ୱାରା ଆର୍ଥନୈତିକ କାର୍ଯ୍ୟ ସମ୍ପାଦିତ ହେଉଥିଲା । କ୍ରୀତଦାସମାନଙ୍କୁ ଅସ୍ୱାସ୍ଥକର ପରିବେଶରେ ନିୟୋଜିତ ନ କରିବା ପାଇଁ ଏକଦା ଜଣେ କୃଷି ସମ୍ବନ୍ଧୀୟ ଲେଖକ ଭୂମି ମାଲିକଙ୍କ ମାନଙ୍କୁ ପରାମର୍ଶ ଦେଇଥିଲେ । ରୋମ୍‌ର ସମ୍ଭ୍ରାନ୍ତବ୍ୟକ୍ତିମାନେ ଦାସମାନଙ୍କ ପ୍ରତି ଯେତେବେଳେ ନିର୍ଦ୍ଦୟ ହେଉଥିଲେ, ସାଧରଣ ଲୋକମାନେ ସେମାନଙ୍କୁ ଅନୁକମ୍ପା ଦେଖାଉ ଥିଲେ ।

ପ୍ରଥମ ଶତାବ୍ଦୀରୁ ଶାନ୍ତି ପ୍ରତିଷ୍ଠିତ ହେବାରୁ ଯୁଦ୍ଧର ପ୍ରାସାରରେ ସ୍ଥିରତା ଆସିଲା ଏବଂ କ୍ରୀତଦାସ ଯୋଗାଣରେ ମଧ୍ୟ ହ୍ରାସ ଘଟିଲା । ଏଣୁ, ପୂର୍ବରୁ କ୍ରୀତଦାସମାନଙ୍କ ଠାରୁ ସେବା ପାଇ ଆସୁଥିବା ବ୍ୟକ୍ତିବିଶେଷ ବାଧ୍ୟ ହୋଇ ମଜୁରିଆଙ୍କ ଉପରେ ନିର୍ଭର କଲେ । ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ନିମନ୍ତେ ବିନା ପାରିଶ୍ରମିକରେ ଶ୍ରମିକମାନଙ୍କୁ ନିୟୋଜିତ କରା ଯାଉଥିଲା । କେତେକ ମାଲିକ, କ୍ରୀତଦାସମାନଙ୍କୁ ମୁକ୍ତ କଲା ପରେ କୌଣସି ବ୍ୟବସାୟ କରି ପେଟ ପୋଷିବା ପାଇଁ ପୁଞ୍ଜି ମଧ୍ୟ ପ୍ରଦାନ କରୁଥିଲେ ।

ସ୍ପେନୀୟ ଲେଖକ କୋଲୁମେଲା (Columella) ଙ୍କ ଲେଖାରୁ ପ୍ରତୀତ ହୁଏ ଯେ କ୍ରୀତଦାସମାନଙ୍କ ଶ୍ରମର ଅଭାବକୁ ଆଶଂକା କରି ଭୂମି ମାଲିକମାନେ ଅଧିକ ସଂଖ୍ୟାରେ କୃଷି ଯନ୍ତ୍ରପାତି ଏବଂ ଉପକରଣ ମହଜୁଦ୍ କରି ରଖୁଥିଲେ । କ୍ରୀତଦାସମାନଙ୍କ ତତ୍ତ୍ୱାବଧାନ ବିନା କୌଣସି କାମ କରାଯାଇ ପାରିବ ନାହିଁ ବୋଲି ନିଯୁକ୍ତିକାରୀମାନେ ଚିନ୍ତା କରୁଥିଲେ । କେତେକ ସ୍ଥାନରେ "ଦଶଜଣିଆ କ୍ରୀତଦାସ ଗ୍ୟାଙ୍ଗ୍" ଗଠନ କରାଯାଇ ଉତ୍ପାଦନ ପ୍ରକ୍ରିୟାକୁ ସହଜ କରାଯାଉଥିଲା । କ୍ରୀତଦାସ ଗ୍ୟାଙ୍ଗରେ ପ୍ରତ୍ୟେକ କ୍ରୀତଦାସଙ୍କ ଗୋଡ଼କୁ ଶିକୁଳିରେ ବନ୍ଧାଯାଇ, ଉତ୍ପାଦନ ପ୍ରକ୍ରିୟାରେ ସେମାନଙ୍କୁ ଯେଭଳି ନିର୍ମମ ଭାବରେ ବ୍ୟବହାର କରାଯାଉଥିଲା, ତାହାକୁ ଐତିହାସିକ ପ୍ଲୀନି ନାପସନ୍ଦ କରିଛନ୍ତି ।

**ରୋମ୍‌ର ସମ୍ବିଧାନ (Roman Constitution) :**

ଖ୍ରୀ:ପୂ: ୫୦୯ ରେ ଏଟ୍ରୁସ୍କାନ ବଂଶର ଶେଷ ରାଜା ଟାରକୁଇନସ୍ ସୁପରବସ୍‌ଙ୍କୁ ଗାଦିଚ୍ୟୁତ କରାଯାଇ ରୋମ୍‌କୁ ଏକ ସାଧାରଣତନ୍ତ୍ରରେ ପରିଣତ କରାଗଲା । ଏହି ସାଧାରଣତନ୍ତ୍ର ଖ୍ରୀ:ପୂ: ୨୭ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ଜୁଲିଅସ୍ ସିଜରଙ୍କ ପାଳିତ ପୁତ୍ର ଏବଂ ଉତ୍ତରାଧିକାରୀ ଅକଟାଭିଆନ୍ (Octavian) ଏହାର ପତନ ଘଟାଇ ଏବଂ "ଅଗଷ୍ଟସ୍" (Augustus) ନାମ ଧାରଣ କରି ଶାସନ ଆରମ୍ଭ କରିଥିଲେ । ରୋମ୍‌କୁ ଏକ ସାଧାରଣତନ୍ତ୍ରରେ ପରିଣତ କରଗଲା ପରେ ଏକ ସମ୍ବିଧାନ ପ୍ରଣୟନ କରାଯାଇ ଶାସନ ବ୍ୟବସ୍ଥା ପ୍ରଚଳନ କରାଗଲା ।

**ସିନେଟ୍ :** ଧନୀକ ଶ୍ରେଣୀର ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ସିନେଟ୍ ନାମରେ ଏକ ସଂସ୍ଥା ଗଠନ କରା ଯାଇଥିଲା । ଦେଶର ସର୍ବୋଚ୍ଚ କ୍ଷମତା ସିନେଟ୍ ଉପରେ ନ୍ୟସ୍ତ ଥିଲା । ସିନେଟ୍ ନିର୍ଦ୍ଦେଶରେ ଶାସନ ପରିଚାଳିତ ହେଉଥିଲା । ଏହା ଥିଲା ଏକ ସ୍ଥାୟୀ ସଂସ୍ଥା । କନ୍‌ସଲ୍ ଏବଂ ବିଚାର ବିଭାଗର କର୍ମଚାରୀମାନେ ଏହି ସଂସ୍ଥା ଦ୍ୱାରା ନିର୍ବାଚିତ ହେଉଥିଲେ । ସାଧାରଣତନ୍ତ୍ରର ଆର୍ଥିକ କ୍ଷମତା ଏହି ସଂସ୍ଥା ଠାରେ ନ୍ୟସ୍ତ ରହିଥିଲା । କନ୍‌ସଲ୍ ମାନଙ୍କୁ ପରାମର୍ଶ ଦେବା ଥିଲା ସିନେଟ୍‌ର ମୁଖ୍ୟ ଦାୟିତ୍ୱ ।

**କନ୍‌ସଲ୍ :** କନ୍‌ସଲ୍ ଥିଲେ ପ୍ରଶାସନିକ ବିଭାଗର ମୁଖ୍ୟ । ୨ଜଣ କନ୍‌ସଲ୍ ଏକ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ । ଜଣେ କନ୍‌ସଲ୍ ରହିଲେ ସେ ନିରଂକୁଶ ଶାସନର ଅଧିକାର ହୋଇ ପାରନ୍ତି ବୋଲି ଆଶଂକା ଥିବାରୁ ୨ଜଣ କନ୍‌ସଲଙ୍କୁ ନିର୍ବାଚିତ କରିବାର ବ୍ୟବସ୍ଥା କରାଯାଇଥିଲା । କେବଳ ପାଟ୍ରିସିଆନ୍ ଗୋଷ୍ଠୀର ବ୍ୟକ୍ତିବିଶେଷ କନ୍‌ସଲ୍ ଭାବରେ ନିର୍ବାଚିତ ହେଉଥିଲେ ।

**କମିସିଆ ଟ୍ରିବ୍ୟୁଟା :** ପ୍ଲେବିୟାନ ମାନଙ୍କର ପ୍ରତିନିଧି ମୂଳକ ସଂସ୍ଥାକୁ କମିସିଆ ଟ୍ରିବ୍ୟୁଟା କୁହାଯାଉଥିଲା । ଏହା ଟ୍ରିବ୍ୟୁନ୍ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତ କରୁଥିଲା । ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଥିଲା ଟ୍ରିବ୍ୟୁନ୍‌ଙ୍କର ମୁଖ୍ୟ କାର୍ଯ୍ୟ ।

**କମିସିଆ ସେଞ୍ଚୁରିଆଟା :** ସମ୍ଭ୍ରାନ୍ତ ଶ୍ରେଣୀ ବା ପାଟ୍ରିସିଆନ୍ ମାନଙ୍କର ପ୍ରତିନିଧି ମୂଳକ ସଂସ୍ଥାକୁ କୁହାଯାଉଥିଲା କମିସିଆ ସେଞ୍ଚୁରିଆଟା । ଏହା କନ୍‌ସଲମାନଙ୍କୁ ନିଯୁକ୍ତ କରିବା ସହିତ ସିନେଟ୍ ଦ୍ୱାରା ଗୃହୀତ ଆଇନ୍ ଅନୁମୋଦନ କରୁଥିଲା ।

**ଟ୍ରିବ୍ୟୁନ୍ :** ପାଟ୍ରିଆମାନଙ୍କର ଦମନମୂଳକ ନୀତିକୁ ପ୍ରତିରୋଧ କରିବା ସହିତ ପ୍ଲେବିଆନ୍‌ମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ଥିଲା ଟ୍ରିବ୍ୟୁନ୍‌ଙ୍କ ଦାୟିତ୍ୱ ।

**ପ୍ରେଟର୍ :** ରୋମ୍‌ର ସର୍ବୋଚ୍ଚ ବିଚାରପତିଙ୍କୁ ପ୍ରେଟର କୁହାଯାଉଥିଲା । ସେ ନ୍ୟାୟ ବ୍ୟବସ୍ଥାର ସମୀକ୍ଷା କରୁଥିଲେ ।

**ସେନ୍‌ସର୍ :** ସେନ୍‌ସରଙ୍କ ସମୟ ସୀମା ଥିଲା ୫ବର୍ଷ । ଭୂ-ସମ୍ପତ୍ତି ତାଲିକା ପ୍ରସ୍ତୁତ ଏବଂ ମୂଲ୍ୟ ସ୍ଥିର କରିବା ନିମନ୍ତେ ୨ଜଣ ସେନ୍‌ସରଙ୍କୁ ନିଯୁକ୍ତ କରାଯାଉଥିଲା ।

**କ୍ୱେଷ୍ଟର :** କ୍ୱେଷ୍ଟରଙ୍କ ସମୟସୀମା ଥିଲା ୧ ବର୍ଷ । ସେ ରାଜସ୍ୱ ବିଭାଗର ତଦାରଖ କରୁଥିଲେ ।

**ଅଦିଲ୍ :** ଅଦିଲ ଥିଲେ ପୋଲିସ୍ ବିଭାଗର ମୁଖ୍ୟ । ସାମ୍ରାଜ୍ୟର ଆଇନ୍ ଶୃଙ୍ଖଳା ରକ୍ଷା କରିବା ଥିଲା ତାଙ୍କର ମୁଖ୍ୟ ଦାୟିତ୍ୱ ।

**ପୋଣ୍ଟିଫେକସ୍ ମ୍ୟାକ୍ସିମସ୍ :** ପୋଣ୍ଟିଫେକ୍‌ସ ମ୍ୟାକ୍ସିମସ୍ ଥିଲେ ଧର୍ମ ବିଭାଗର ମୁଖ୍ୟ । ସେ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟର ତଦାରଖ କରୁଥିଲେ ।

**ଡିକ୍‌ଟେଟର୍ :** ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଜଣେ ଡିକ୍‌ଟେଟରଙ୍କୁ ୬ ମାସ ପାଇଁ ସିନେଟ୍ ଦ୍ୱାରା ନିଯୁକ୍ତ କରାଯାଉଥିଲା । କୌଣସି ସମସ୍ୟାର ସମାଧାନ ନିମନ୍ତେ ସେ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଥିଲେ, ତାହାକୁ ସମସ୍ତେ ଗ୍ରହଣ କରିବା ପାଇଁ ବାଧ ହେଉଥିଲେ । ସେ ଥିଲେ ଅଶେଷ କ୍ଷମତାର ଅଧିକାରୀ ।

ସୁତରାଂ, ସାମ୍ବିଧାନିକ ଶାସନ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ରୋମ ସାଧାରଣତନ୍ତ୍ରରେ ଶାନ୍ତି ଶୃଙ୍ଖଳା ବହୁ ଦିନ ଧରି ଅବ୍ୟାହତ ରହିଥିଲା ।

# ଜୁଲିୟସ୍ ସିଜରଙ୍କ କୃତିତ୍ୱ

## (Achievement of Julius Caesar)

ଜଣେ ସଫଳ ସୈନିକ, ମହାନ୍ ସେନାପତି, ପ୍ରବୀଣ ରାଜନିତୀଜ୍ଞ, ଅପ୍ରତିଦ୍ୱନ୍ଦ୍ୱି ପ୍ରଶାସକ, ସଂସ୍କାରକ, ବିଚକ୍ଷଣ କୂଟନିତିଜ୍ଞ, ସୁଲେଖକ, ସୁବକ୍ତା ତଥା ରାଷ୍ଟ୍ରନାୟକ ଭାବରେ ଜୁଲିୟସ୍ ସିଜର କେବଳ ରୋମ୍ ନୁହେଁ, ବରଂ ସମଗ୍ର ବିଶ୍ୱ ଇତିହାସ ପୃଷ୍ଠା ମଣ୍ଡନ କରି ପାରିଛନ୍ତି । ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ରୋମ୍ ସାଧାରଣତନ୍ତ୍ରର ଶାସନ ଦାୟିତ୍ୱ ନିଜ ହାତ ମୁଠାକୁ ଆଣି ଜନସାଧାରଣଙ୍କ ମନରେ ନୂତନ ଆଶା ସଂଚାର କରିଥିଲେ ।

ଖ୍ରୀ:ପୂ: ୧୦୦ ରେ ଜୁଲିୟସ୍ ସିଜର ଏକ ପାଟ୍ରିସିଆନ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗାୟସ ସିଜର ଏବଂ ମାତାଙ୍କ ନାମ ଅରେଲିଆ । ଗୁରୁ ମାର୍କସ ଏଣ୍ଟୋନିଓ ନିଫୋଙ୍କ ତତ୍ତ୍ୱାବଧାନରେ ସେ ବାଲ୍ୟ ଶିକ୍ଷା ସମାପ୍ତ କରିଥିଲେ । ସେ ସିନ୍ନାଙ୍କ କନ୍ୟା କର୍ଣ୍ଣେଲିଆକୁ ବିବାହ କରିଥିଲେ । ଖ୍ରୀ:ପୂ: ୩୯ ସେ, ଜଣେ କ୍ୱେଷ୍ଟର ଭାବରେ, ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ମେରିଅସ୍, ସିନ୍ନା, ସଲା ଆଦି ନେତାମାନେ ରୋମ୍‌ର ଶାସନ କ୍ଷମତା ଅଧିକାର କରିବା ପାଇଁ ଚେଷ୍ଟିତ ହେବାରୁ ଏକ ଗୃହ ଯୁଦ୍ଧର ସୂତ୍ରପାତ ହେଲା । ଫଳରେ, ସାମ୍ରାଜ୍ୟର ଚାରିଆଡ଼େ ଅରାଜକତା ଏବଂ ବିଶୃଙ୍ଖଳା ଖେଳିଗଲା । ଏଭଳି ଦୁର୍ଦ୍ଦିନରେ ଜୁଲିୟସ୍ ସିଜର ଖ୍ରୀ:ପୂ. ୬୦ରେ ରୋମ୍‌ର ଦୁଇଜଣ ଯୁବ ନେତା ପମ୍ପେ ଏବଂ କ୍ରେସସ୍‌ଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର କଲେ । ଜୁଲିୟସ୍ ସିଜର, ପମ୍ପେ ଏବଂ କ୍ରେସସ୍‌ଙ୍କ ମଧ୍ୟରେ ସଂଗଠିତ ଚୁକ୍ତି "ତ୍ରିବ୍ୟକ୍ତି ମେଣ୍ଟ" ନାମରେ କଥିତ । ପମ୍ପେ ଥିଲେ ଜଣେ ବିଶେଷ ଯୋଦ୍ଧା । ଏଣୁ, ପମ୍ପେଙ୍କ ସହିତ ସମ୍ପର୍କକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସିଜର ନଜର କନ୍ୟା ଜୁଲିଆକୁ ତାଙ୍କ ସହିତ ବିବାହ ଦେଲେ । କ୍ରେସସ୍ ଥିଲେ ଜଣେ ଧନୀକ ବ୍ୟକ୍ତି । ତ୍ରିବ୍ୟକ୍ତି ମେଣ୍ଟ ଗଠିତ ହେଲାପରେ କ୍ରେସସ୍, ପାର୍ଥିଆ ଅଭିମୁଖେ ଏକ ଯୁଦ୍ଧ ଯାତ୍ରାର ନେତୃତ୍ୱ ବହନ କଲେ । ପମ୍ପେ, ରୋମ୍‌ର ଆଭ୍ୟନ୍ତରୀଣ ଅବସ୍ଥା ଅନୁଧ୍ୟାନ କଲେ ଏବଂ ସିଜର ଗଲ (ଫ୍ରାନ୍ସ) ଅଧିକାର କରିବା ପାଇଁ ଏକ ଅଭିଯାନ ଆରମ୍ଭ କଲେ ।

**ଗଲ ଆକ୍ରମଣ :** ଖ୍ରୀ:ପୂ: ୫୮ ରେ ଜୁଲିୟସ୍ ସିଜର ଗଲ୍ ବିରୁଦ୍ଧରେ ଏକ ଯୁଦ୍ଧ ଅଭିଯାନରେ ବାହାରି ସେଠାରେ ଖ୍ରୀ:ପୂ: ୫୧ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ସେ ପ୍ରଥମେ ହେଲଭେତି (Helveti) ଏବଂ ଜର୍ମାନ (German) ଉପଜାତିଙ୍କୁ ପରାଜିତ କରି ସମଗ୍ର ଗଲ୍ (ଫ୍ରାନ୍ସ) ଅଧିକାର କରିନେଲେ ।

**ଜର୍ମାନୀ ଏବଂ ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧ :** ଜୁଲି[illegible] ସିଜର ଗଲ ଅଧିକାର କଲାପରେ ଜର୍ମାନମାନଙ୍କୁ ରାଇନ୍ ନଦୀର ଅପର ପାର୍ଶ୍ୱକୁ ପଳାୟନ କରିବା ପାଇଁ ବାଧ୍ୟ କଲେ ।

ଖ୍ରୀ:ପୂ: ୫୪ ରେ ସେ ଇଂଲିଶ ଚ୍ୟାନେଲ ଅତିକ୍ରମ କରି ଟେମସ୍ ନଦୀ କୂଳରେ ପଦାର୍ପଣ କଲେ । ଇଂରେଜମାନେ ତାଙ୍କର ବଶ୍ୟତା ସ୍ୱୀକାର କରି, ତାଙ୍କୁ ପ୍ରଚୁର ଧନରତ୍ନ ଅର୍ପଣ କଲେ ।

**ରୋମ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ :** କ୍ରେସସ୍ ପାର୍ଥିଆ ବିରୁଦ୍ଧରେ ଯୁଦ୍ଧ କରୁଥିବା ସମୟରେ ମୃତ୍ୟୁବରଣ କଲେ । ସିଜରଙ୍କ କନ୍ୟା ଜୁଲିଆର ମୃତ୍ୟୁ ହେବାରୁ ପମ୍ପେଙ୍କ ସହିତ ତାଙ୍କର ବନ୍ଧୁତା ଛିନ୍ନ ହେଲା । ସିଜର ରୋମ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଯୋଜନା କଲେ ମାତ୍ର ପମ୍ପେ ତାଙ୍କୁ ବାଧା ଦେବା ପାଇଁ ପ୍ରସ୍ତୁତ ହେଲେ ।

**ଫାର୍ସାଲସ୍ ଯୁଦ୍ଧ :** ଖ୍ରୀ:ପୂ:୪୮ ରେ ସିଜର, ନିଜର ସେନାବାହିନୀ ସହିତ ରୋମ୍‌ରେ ପ୍ରବେଶ କରିବା ନିମନ୍ତେ ରୁବିକନ୍ ନଦୀ [illegible] ପମ୍ପେ, ତାଙ୍କୁ ବାଧା ଦେବାରୁ, ଉଭୟଙ୍କ ମଧ୍ୟରେ ଫାର୍ସାଲସ୍‌ଠାରେ ଏକ ଯୁଦ୍ଧ ସଂଗଠିତ ହେଲା । ପମ୍ପେ [illegible] ପଳାୟନ କଲେ ।

**ମିଶର ଅଭିଯାନ :** ପମ୍ପେଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ସିଜର ମିଶର ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କଲେ । ସେତେବେଳେ ଦ୍ୱାଦଶ ଟଲେମୀ ଏବଂ ତାଙ୍କ ଭଗିନୀ କ୍ଲିଓ ପେଟ୍ରା ମିଳିତ ଭାବରେ ମିଶରରେ ଶାସନ କରୁଥିଲେ । ରାଜା ଦ୍ୱାଦଶ ଟଲେମୀ, ସିଜରଙ୍କୁ ପମ୍ପେଙ୍କ କଟାମୁଣ୍ଡ ଉପହାର ସ୍ୱରୂପ ପ୍ରଦାନ କଲେ । ସିଜର, ରାଜକୁମାରୀ କ୍ଲିଓପେଟ୍ରାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ବିବାହ କଲେ ଏବଂ ସେମାନଙ୍କ ଔରସରୁ ପୁତ୍ରଟିଏ ଜନ୍ମ ନେଲା ଏବଂ ତା'ର ନାମ ରଖାଗଲା "ସିଜେରିନ୍" ।

**ଅନ୍ୟାନ୍ୟ ଅଭିଯାନ :** ମିଶରରୁ ଏସିଆ ମାଇନର ଆଡ଼କୁ ଅଗ୍ରସର ହୋଇ ସିଜର ମିଥ୍ରେଡ୍ରେଟସ୍‌ଙ୍କ ଅତ୍ୟାଚାରୀ ପୁତ୍ର ଫର୍ନାଶେଷଙ୍କୁ ଜେଲା ଯୁଦ୍ଧରେ ପରାସ୍ତ କରି ସିନେଟ୍ ନିକଟକୁ ଏକ ଚିଠି ପଠାଇଥିଲେ । ସେଥିରେ ଉଲ୍ଲେଖ ଥିଲା – "ଭିନି, ଭିଡ଼ି, ଭିସି" ଯାହାର ଅର୍ଥ ହେଲା "ମୁଁ ଆସିଲି, ମୁଁ ଦେଖିଲି, ମୁଁ ଜୟକଲି" (I came, I saw, I conquered) ।

**ଆଫ୍ରିକାରେ ପଦାର୍ପଣ :** ଖ୍ରୀ:ପୂ: ୪୬ ରେ ସିଜର ଉତ୍ତର ଆଫ୍ରିକାରେ ପହଞ୍ଚି ଥାପ୍‌ସସ୍ (Thapsus) ନାମକ ସ୍ଥାନରେ ପମ୍ପେଙ୍କ ସହଯୋଗୀ ମାନଙ୍କୁ ହତ୍ୟା କଲେ ।

**ସ୍ପେନ୍ ଅଭିଯାନ :** ଖ୍ରୀ:ପୂ: ୪୫ ରେ ଜୁଲିୟସ୍ ସିଜର ସ୍ପେନ୍‌ରେ ପହଞ୍ଚି ପମ୍ପେଙ୍କର ସମସ୍ତ ସମ୍ପର୍କୀୟମାନଙ୍କୁ ହତ୍ୟା କରିବା ସହିତ ମଣ୍ଡା ନାମକ ସ୍ଥାନରେ ସ୍ପେନୀୟମାନଙ୍କୁ ପରାଜିତ କଲେ ।

ରୋମ୍‌ରେ ସିଜରଙ୍କ ଲୋକପ୍ରିୟତା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଲା । ତାଙ୍କ ଦକ୍ଷତା ଦେଖି ସିନେଟ୍ ଆତଙ୍କିତ ହେବା ସହିତ ଭୟରେ ତାଙ୍କୁ ଏକଛତ୍ରପତି ଶାସକ ରୂପେ ନିଯୁକ୍ତ କଲା ।

**ସିଜରଙ୍କ ଶାସନ ସଂସ୍କାର :** ଜୁଲିୟସ୍ ସିଜର ଅଖଣ୍ଡ ଶାସନ କ୍ଷମତାର ଅଧିକାରୀ ହୋଇ ମଧ୍ୟ ଜନସାଧାରଣଙ୍କ କଲ୍ୟାଣ ପ୍ରତି ବିଶେଷ ଧ୍ୟାନ ଦେଇଥିଲେ ।

କ) ଜନସାଧାରଣଙ୍କୁ ଉତ୍ତମ ଶାସନ ଯୋଗାଇ ଦେବା ନିମନ୍ତେ ସିଜର ନିଜର ଅଧସ୍ତନ କର୍ମଚାରୀମାନଙ୍କୁ ନିଯୁକ୍ତି କରିଥିଲେ ।

ଖ) ସେ ନଦୀବନ୍ଧ ଯୋଜନା ପ୍ରସ୍ତୁତ କରି ଟାଇବର ନଦୀର ବନ୍ୟାଜଳକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କଲେ ।

ଗ) ବାଣିଜ୍ୟ ବ୍ୟବସାୟର ଉନ୍ନତି ଘଟାଇବା ସହିତ ବେକାରୀ ସମସ୍ୟା ଦୂର କରିବା ପାଇଁ ସେ ବିଭିନ୍ନ ଯୋଜନା ପ୍ରସ୍ତୁତ କଲେ ।

ଘ) ସେ, ପ୍ରାଦେଶିକ କର୍ମଚାରୀମାନଙ୍କ ଖର୍ଚ୍ଚ ଉପରେ କଟକଣା ଧାର୍ଯ୍ୟ କଲେ ।

ଙ) ସହର ଗୁଡ଼ିକର ବିକାଶ ନିମନ୍ତେ ନୂତନ ପୌର ସଂସ୍ଥା ଗଠନ କରାଗଲା । ଶିକ୍ଷାର ବିସ୍ତାର ନିମନ୍ତେ ଅନେକ ଗୁଡ଼ିଏ ପାଠାଗାର ସ୍ଥାପନ କରାଗଲା ।

ଚ) ଲାଟିନ୍ ଭାଷାର ବିକାଶ ଘଟାଇବା ପାଇଁ ସେ ଲେଖକମାନଙ୍କୁ ଉତ୍ସାହିତ କରୁଥିଲେ । ସେ ନିଜେ ମଧ୍ୟ "କମେଣ୍ଟାରିଜ୍" ନାମରେ ଏକ ଗ୍ରନ୍ଥ ରଚନା କରିଥିଲେ ।

ଛ) ବିଶ୍ୱର ପ୍ରଥମ ସମ୍ବାଦପତ୍ର "ଆକ୍‌ଟରବିସ୍" (Actauribis) ର ପ୍ରତିଷ୍ଠାତା ଭାବରେ ସେ ସୁନାମ ଅର୍ଜନ କରିଥିଲେ ।

ଜ) ସୋସିଜେନସ୍ (Sosigenes) ତଥା ଅନ୍ୟ ଗଣିତଜ୍ଞମାନଙ୍କୁ ନିୟୋଜିତ କରି ସେ "ଜୁଲିଆନା କ୍ୟାଲେଣ୍ଡର"ର ପ୍ରଚଳନ କରିଥିଲେ । ସିଜରଙ୍କ ନାମାନୁଯାୟୀ ଏଥିରେ ଗୋଟାଏ ମାସର ନାମ ରଖା ଯାଇଥିଲା ଜୁଲାଇ । ଖ୍ରୀ.ପୂ. ୪୫ ଜାନୁୟାରୀ ୧ ତାରିଖରୁ ଏହି ନୂତନ କ୍ୟାଲେଣ୍ଡରରେ ପ୍ରଚଳନ କରା ଯାଇଥିଲା ।

**ସିଜରଙ୍କ ଶେଷ ଜୀବନ :**

କ୍ଷମତାର ଶୀର୍ଷସ୍ଥାନରେ ପହଞ୍ଚି ମଧ୍ୟ ସିଜର କେବେ ବାସ୍ତବତାକୁ ଅସ୍ୱୀକାର କରି ନଥିଲେ । ତାଙ୍କର ଲୋକପ୍ରିୟତା ବୃଦ୍ଧି ହେବା ସହିତ ଶତ୍ରୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଥାଏ । ହଠାତ୍, ସିନେଟର୍ ୨୩ ଜଣ ସଭ୍ୟ ବିଶ୍ୱାସଘାତକତା କରି ସିଜରଙ୍କୁ ସିନେଟ୍ କକ୍ଷ ମଧ୍ୟରେ ଖ୍ରୀ:ପୂ: ୪୪ ମାର୍ଚ୍ଚ ୧୫ ରେ ହତ୍ୟା କଲେ । ସେହି ଷଡ଼ଯନ୍ତ୍ରର ମୁଖ୍ୟ ଖଳନାୟକ ଥିଲେ ସିଜରଙ୍କ ଏକଦା ପରମ ବନ୍ଧୁ ବ୍ରୁଟସ୍ । ମୃତ୍ୟୁ ବରଣ କରିବା ପୂର୍ବରୁ ହତ୍ୟାକାରୀମାନଙ୍କ ମଧ୍ୟରେ ବ୍ରୁଟସଙ୍କୁ ଦେଖି ସିଜର କହିଥିଲେ, ତୁମେ ବ୍ରୁଟସ୍ ମଧ୍ୟ । । (Et tu Brutus or you too Brutus) ଉତ୍ତର ଦେବାକୁ ଯାଇ ବ୍ରୁଟସ୍ କହିଥିଲେ, "ତଥାପି, ମୁଁ ଆପଣଙ୍କୁ ଭଲ ପାଏ, ମାତ୍ର ବେଶୀ ଭଲ ପାଏ ମୋ ଦେଶକୁ । (I still love you, but I love my country more) । ପ୍ରାଚୀନ ବିଶ୍ୱ ଇତିହାସରେ ଏହା ହିଁ ଥିଲା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇ ପାରିଥିବା ଜଣେ ମହାନାୟକଙ୍କ ଜୀବନର ଅନ୍ତିମ ପରିଣତି ।

□□□

ଷଷ୍ଠ ଅଧ୍ୟାୟ

# ଇଉରୋପ୍‌ରେ ସାମନ୍ତବାଦ

## (Feudalism in Europe)

**ବୈଶିଷ୍ଟ୍ୟ (Features) ଉପକାରିତା ଏବଂ ଅପକାରିତା : (Merits & Demerits)**

**ସାମନ୍ତବାଦର ସଂଜ୍ଞା :** ନବମ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟକୁ ଇଉରୋପ ଇତିହାସରେ ସାମନ୍ତ ଯୁଗ ବୋଲି କୁହାଯାଇଥାଏ । ନବମ ଶତାବ୍ଦୀରେ ଫ୍ରାଙ୍କର ସମ୍ରାଟ ସାର୍ଲମେନ୍ ପବିତ୍ର ରୋମ ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ସକ୍ଷମ ହୋଇ ପାରିଥିଲେ । କିନ୍ତୁ, ତାଙ୍କ ମୃତ୍ୟୁ ପରେ ବିଶାଳ ରୋମ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହେଲା । ଫଳରେ ଇଉରୋପ୍‌ର ଚାରିଆଡ଼େ ଘୋର ଅରାଜକତା ଏବଂ ବିଶୃଙ୍ଖଳା ଦେଖିବାକୁ ମିଳିଲା । ବାରମ୍ବାର ବାହ୍ୟ ଆକ୍ରମଣ ଯୋଗୁ ଲୋକମାନଙ୍କର ଧନଜୀବନ ବିପନ୍ନ ହେଲା । ଦୁର୍ବଳ ରାଜାମାନେ ଲୋକମାନଙ୍କୁ ସୁରକ୍ଷା ଦେଇ ପାରିଲେ ନାହିଁ । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଃସହାୟ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ସାମନ୍ତମାନେ ଆଗ୍ରହ ପ୍ରକାଶ କଲେ ।

ଇଉରୋପର ରାଜାମାନେ ଶକ୍ତିହୀନ ହୋଇ ପଡ଼ିବାରୁ ସାର୍ଲସେନଙ୍କ ରାଜତ୍ୱ ସମୟରେ କେତେକ କର୍ମଚାରୀ ଯଥା : ମାରଗ୍ରେଭ (Margrave), କାଉଣ୍ଟ (Count), ଡ୍ୟୁକ (Duke)ଙ୍କର ଉତ୍ତରାଧିକାରୀ ମାନେ ସ୍ୱାଧୀନ ହୋଇ ଉଠି ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କଲେ । ସମୟକ୍ରମେ, ସେମାନେ ଦୁର୍ବଳ ଲୋକମାନଙ୍କ ମଧ୍ୟରେ ଭୂମି ବଣ୍ଟନ କରିବା ସହିତ ସେମାନଙ୍କୁ ବାହ୍ୟ ଆକ୍ରମଣରୁ ସୁରକ୍ଷା ପ୍ରଦାନ କଲେ । ଫିଫ୍ (Fief) ବା ଫିଉଡ୍ (Feud) ଜର୍ମାନ ଶବ୍ଦରୁ ସାମନ୍ତବାଦର ଉତ୍ପତ୍ତି ହୋଇଛି । ଏହାର ଅର୍ଥ ଖଣ୍ଡିଏ ଭୂମି । ରାଜା, ସାମନ୍ତ ଓ ପ୍ରଜାମାନଙ୍କ ମଧ୍ୟରେ ହୋଇଥିବା ଅଲିଖିତ ଚୁକ୍ତିରୁ ଜନ୍ମ ନେଲା ସାମନ୍ତବାଦ । ସର୍ବପ୍ରଥମେ, ଫ୍ରାନ୍ସରେ ସାମନ୍ତବାଦରର ଅଭ୍ୟୁଦୟ ହୋଇ ଇଉରୋପ୍‌ର ଅନ୍ୟ ଦେଶମାନଙ୍କରେ ପ୍ରସାର ଲାଭ କରିଥିଲା ।

**ସାମନ୍ତବାଦର ବୈଶିଷ୍ଟ୍ୟ :** ଇଉରୋପର ବିଭିନ୍ନ ଦେଶର ରାଜାମାନେ ଥିଲେ ଦୁର୍ବଳ । ସେମାନେ ନିଜ ନିଜର ରାଜ୍ୟକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଅସମର୍ଥ ଥିଲେ । ଲୋକମାନେ ରାଜାଙ୍କ ଉପରେ ବିଶ୍ୱାସ ରଖି ପାରିଲେ ନାହିଁ । ଫଳରେ ଦୁର୍ବଳ ରାଜାମାନେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ଭୂ-ସମ୍ପତ୍ତି ବଣ୍ଟନ କରି ଆବଶ୍ୟକସ୍ଥଳେ ସେମାନଙ୍କର ସାହାଯ୍ୟ ଲୋଡ଼ିଲେ । ସେହି ପ୍ରଭାବଶାଳୀ ବ୍ୟକ୍ତିମାନେ ସାମନ୍ତ ନାମରେ ପରିଚିତ ହେଲେ ।

୧. **ଫିଫ୍ ବା ଫିଉଡ଼ି (Fief or Feud) :** ସାମନ୍ତମାନେ ରାଜାଙ୍କଠାରୁ ପାଇଥିବା ଭୂମିକୁ ପ୍ରଜାମାନଙ୍କ ମଧ୍ୟରେ ବଣ୍ଟନ କଲେ । ସେହି ଜମିକୁ ଫିଉଡ୍ ବା ଫିଫ୍ (Fief ବା Feud) କୁହାଗଲା ।

୨. **ଆତ୍ମ ସମର୍ପଣ (Commendation):** ସାମନ୍ତ ପ୍ରଭୁମାନେ ପ୍ରଜାମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତି ଦେଲେ । ଫଳରେ, ପ୍ରଜାମାନେ ସାମନ୍ତଙ୍କ ନିକଟରେ ସମର୍ପିତ ହେଲେ । ଏହି ବ୍ୟବସ୍ଥାକୁ ଆତ୍ମସମର୍ପଣ (Commendation) କୁହାଯାଏ ।

୩. **ସର୍ଫ (Serf) :** ସାମନ୍ତଙ୍କଠାରୁ ଜମି ଗ୍ରହଣ କରି ତାଙ୍କ ନିକଟରେ ସମର୍ପିତ ବ୍ୟକ୍ତିବିଶେଷ ସର୍ଫ ବା ଦାସ ବା କରଦପ୍ରଜା (Vessal),ବା କୃଷି ଭୃତ୍ୟ (Villein) ବା ରୟତ (Tenant) ଭାବରେ ପରିଚିତ ହେଲେ ।

ଅପର ପକ୍ଷରେ, ସାମନ୍ତମାନେ ବେରନ୍ (Baron), ସିଗ୍‌ନୋର (Seignur), ଲର୍ଡ (Lord), ହର (Herr) ଇତ୍ୟାଦି ନାମରେ ପରିଚିତ ହେଲେ ।

୪. **ଆନୁଗତ୍ୟ ଉତ୍ସବ (Ceremony of Homage) :** ସାମନ୍ତଙ୍କ ଦୁର୍ଗ ଭିତରେ ଆୟୋଜିତ ଉତ୍ସବରେ କୃଷି ଭୃତ୍ୟ ସାମନ୍ତଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ତାଙ୍କୁ ପ୍ରଭୁ ଭାବରେ ସ୍ୱୀକାର କରୁଥିଲା । ଏହି ଉତ୍ସବ ଆନୁଗତ୍ୟ ଉତ୍ସବ ନାମରେ କଥିତ ।

୫. **ପଦାଭିଷେକ ଉତ୍ସବ (Investiture) :** ସାମନ୍ତ ପ୍ରଭୁଙ୍କଠାରେ ଦାସ ତାର ସମସ୍ତ ଭୂ-ସମ୍ପତି ସମର୍ପଣ କରୁଥିଲା ଏବଂ ସାମନ୍ତ ପ୍ରଭୁ ସେସବୁର ରକ୍ଷଣାବେକ୍ଷଣ ପାଇଁ ଦାସଠାରେ ପ୍ରତ୍ୟାର୍ପଣ କରୁଥିଲା । ଏହାକୁ ପଦାଭିଷେକ ଉତ୍ସବ (Investiture) କୁହାଯାଏ ।

୬. **ଦୁର୍ଗ (Castle) :** ସାମନ୍ତ ପ୍ରଭୁ ଏକ ବିଶାଳ ଦୁର୍ଗ ନିର୍ମାଣ କରି ଅବସ୍ଥାନ କରୁଥିଲେ । ସାମନ୍ତଙ୍କ ଭୂସମ୍ପତିର ମଧ୍ୟ ଭାଗରେ ଏହି ଦୁର୍ଗ ନିର୍ମିତ ଥିଲା । ଏହା ଏକ ପାଚେରୀ ଦ୍ୱାରା ପରିବେଷ୍ଟିତ ଥିଲା । ବାହ୍ୟ ଆକ୍ରମଣ ସମ୍ପର୍କରେ ଅବଗତ ହେବା ନିମନ୍ତେ ପାଚେରୀର ବିଭିନ୍ନ ସ୍ଥାନରେ ଗମ୍ବୁଜ ମାନ ରହିଥିଲା ।

୭. **ମେନୋର (Manor) :** ସାମନ୍ତ ପ୍ରଭୁଙ୍କ ଦୁର୍ଗକୁ କେନ୍ଦ୍ର କରି ଚତୁର୍ଦିଗରେ ଦାସମାନଙ୍କର ବସିତ ଗଢ଼ି ଉଠିଥିଲା । ତାହା ଭିଲ୍ ବା ମେନର୍ ନାମରେ କଥିତ । ଫ୍ରାନ୍ସରେ ତାକୁ ଭିଲ୍ଲା (Villa) କୁହା ଯାଉଥିଲା । ଏହାର ମଧ୍ୟସ୍ଥଳରେ ରହିଥିଲା ସାମନ୍ତଙ୍କ ଦୁର୍ଗ ।

୮. **ଡିମେନସ୍ (Dimens):** ସାମନ୍ତ ପ୍ରଭୁ ପ୍ରଜାମାନଙ୍କ ମଧ୍ୟରେ ସମସ୍ତ ଭୂ-ସମ୍ପତି ବଣ୍ଟନ କଲାପରେ ତାଙ୍କ ଅଧିନରେ ଯେଉଁ ଭୂମି ରହୁଥିଲା, ତାହାକୁ ଡିମେନସ୍ କୁହାଯାଉଥିଲା ।

୯. **ନାଇଟ (Knights) :** ସାମନ୍ତ ପ୍ରଥାର ପ୍ରଚଳନ ଯୋଗୁ ନାଇଟ୍ ପଦବୀଧାରୀ ବୀର ପୁରୁଷମାନଙ୍କର ଉତ୍‌ଥାନ ଘଟିଲା । ସାହସ ଏବଂ ଯୁଦ୍ଧ କୌଶଳ ଥିଲା ଜଣେ ନାଇଟ୍‌ର ଯୋଗ୍ୟତା । ସମ୍ଭ୍ରାନ୍ତ ମାନଙ୍କର ପୁତ୍ରମାନେ ନାଇଟ୍ ଭାବରେ ନିଯୁକ୍ତ ହେଉଥିଲେ । ନାଇଟ୍‌ମାନେ ପ୍ରଜାମାନଙ୍କୁ ଅତ୍ୟାଚାର ଏବଂ ବାହ୍ୟ ଆକ୍ରମଣରୁ ରକ୍ଷା କରୁଥିଲେ ।

**ସାମନ୍ତବାଦର ଉପକାରିତା (Merits of Feudalism):**

୧. ସାମନ୍ତବାଦର ପ୍ରଚଳନ ଯୋଗୁ ଜନସାଧାରଣ ବାହ୍ୟ ଆକ୍ରମଣରୁ ମୁକ୍ତ ହେଲେ । ସମାଜରେ ଶାନ୍ତି, ଶୃଙ୍ଖଳା ରକ୍ଷା ସମ୍ଭବପର ହେଲା ।

୨. ଇଉରୋପ୍‌ରେ ସ୍ୱେଚ୍ଛାଚାରୀ ଶାସନର ଅବସାନ ଘଟିଲା । ଛୋଟ ଛୋଟ ରାଜ୍ୟର ରାଜାମାନେ ଦୁର୍ବଳ ସାବ୍ୟସ୍ତ ହେବାରୁ ସାମନ୍ତମାନେ ଜନସାଧାରଣଙ୍କୁ ଉପଯୁକ୍ତ ଶାସନ ଯୋଗାଇ ଦେବା ପାଇଁ ସମର୍ଥ ହେଲେ ।

୩. ସାମନ୍ତବାଦର ପ୍ରଚଳନ ଯୋଗୁ ସାମନ୍ତ ପ୍ରଭୁ ଏବଂ କୃଷିଭୃତ୍ୟଙ୍କ ମଧ୍ୟରେ ଏକ ଅଲିଖିତ ରାଜିନାମା ସ୍ୱାକ୍ଷରିତ ହେଲା । ଫଳରେ, ପୂର୍ବରୁ ପ୍ରଚଳିତ ଦାସତ୍ୱ ପ୍ରଥାର ବିଲୋପ ସାଧିତ ହେଲା । ୧୨୧୬ ରେ ଇଂଲଣ୍ଡର ରାଜା ଜନ୍ ସାମନ୍ତଙ୍କ ପାଇଁ "ମୁକ୍ତି ସନନ୍ଦ ବା ମାଗ୍ନାକାର୍ଟା" ସ୍ୱାକ୍ଷର କଲେ ।

୪. ସାମନ୍ତବାଦ ପ୍ରଚଳନର ପରିଣତି ସ୍ୱରୂପ କୃଷି ଭୃତ୍ୟମାନେ କ୍ରମଶଃ ଆତ୍ମନିର୍ଭରଶୀଳ ହେବାରୁ ସେମାନଙ୍କ ମଧ୍ୟରେ ଏକତାଭାବ ସୃଷ୍ଟି ହେଲା ।

୫. ସାମନ୍ତବାଦର ପ୍ରଚଳନ ଯୋଗୁ କୃଷି ଉତ୍ପାଦନ ବହୁଳ ଭାବରେ ବୃଦ୍ଧି ପାଇଲା । ଏତଦ୍‌ବ୍ୟତୀତ ଗୋଚର ତଥା ଜଙ୍ଗଲ ଜମିକୁ ମଧ୍ୟ କୃଷି ପରିସରଭୁକ୍ତ କରାଗଲା ।

୬. ସାମନ୍ତବାଦ ପ୍ରସାରର ଫଳସ୍ୱରୂପ **ଖ୍ରୀଷ୍ଟଧର୍ମ ସୁରକ୍ଷିତ** ହେଲା । ପୁନଶ୍ଚ, ମୁସଲମାନମାନେ ଚେଷ୍ଟା କରି ମଧ୍ୟ ଭଇରୋପରେ ଇସ୍‌ଲାମ ଧର୍ମର ପ୍ରସାର ଘଟାଇ ପାରିଲେ ନାହିଁ ।

**ଅପକାରିତା :**

୧. ସାମନ୍ତବାଦର ପ୍ରସାର ଫଳରେ **ଆଞ୍ଚଳିକବାଦର** ଉନ୍ମେଷ ଘଟିଲା । ଫଳରେ ଜାତୀୟ ଏକତା ବାଧାପ୍ରାପ୍ତ ହେଲା ।

୨. ସାମନ୍ତବାଦର ପ୍ରଚଳନ ଯୋଗୁ ସମାଜର **ବିଭାଜନ** ହେଲା । ସାମନ୍ତମାନେ ଭୋଗବିଳାସରେ ଜୀବନ ଯାପନ କଲାବେଳେ ପ୍ରଜାମାନେ ଶୋଷଣର ଶରବ୍ୟ ହେଲେ । ଫଳରେ, ବିଭିନ୍ନ ସମୟରେ ପ୍ରଜା ଆନ୍ଦୋଳନ ଦେଖାଦେଲା ।

୩. ସାମନ୍ତମାନେ ବହୁ ସମୟ ଧରି ଯୁଦ୍ଧରେ ଲିପ୍ତ ରହିବା ଫଳରେ କୃଷି ଭୃତ୍ୟମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ ।

୪. ସାମନ୍ତବାଦର ପ୍ରଚଳନ ଫଳରେ ଦେଶର ସାର୍ବଭୌମ୍ୟ କ୍ଷମତା ନଷ୍ଟ ହେଲା ଏବଂ ରାଜତନ୍ତ୍ର ଶାସନର ପତନ ପାଇଁ ମାର୍ଗ ପ୍ରସ୍ତୁତ ହେଲା ।

୫. ପ୍ରଜାମାନେ ସଦା ସର୍ବଦା ଆମୋଦ ପ୍ରମୋଦରେ ଲିପ୍ତ ରହିବା ଫଳରେ ସାମାଜିକ କଲ୍ୟାଣ ବ୍ୟାହତ ହେଲା ।

୬. ସାମନ୍ତବାଦର ପ୍ରସାର ଯୋଗୁ ଗୀର୍ଜ୍ଜା ଏବଂ ରାଜ୍ୟ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଲା । ଫଳରେ ସାର୍ବଭୌମ୍ୟ ରାଷ୍ଟ୍ର ଗଠନ ପ୍ରକ୍ରିୟା ସମୟ ସାପେକ୍ଷ ହୋଇ ରହିଲା ।

**ଉପସଂହାର :**

ଇଉରୋପ୍‌ରେ ଶକ୍ତିଶାଳୀ ରାଜାମାନଙ୍କର ଅଭ୍ୟୁଦୟ, ସହରୀକରଣ ବ୍ୟବସ୍ଥାର ପ୍ରସାର, ସାମରିକ ବ୍ୟବସ୍ଥାରେ ସଂସ୍କାର, ଅଷ୍ଟମ ହେନେରୀଙ୍କ ଲିଭେରୀ ଓ ମେଣ୍ଟେନାନ୍‌ସ ଆଇନ୍, ମଧ୍ୟବିତ୍ତ ଗୋଷ୍ଠୀର ଆବିର୍ଭାବ, ଶିକ୍ଷାର ପ୍ରସାର ଏବଂ ବିଶେଷ କରି ପୁର୍ନଜାଗରଣ ଯୋଗୁଁ ଶେଷରେ ସାମନ୍ତବାଦର ଅନ୍ତ ଘଟିଲା ।

❑❑❑

# ଆଦର୍ଶ ପ୍ରଶ୍ନାବଳୀ

## "କ" ବିଭାଗ

୧. ଚାରିଗୋଟି ବିପକ୍ଷ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) କେଉଁ ଗ୍ରୀକ୍ ନଗର-ରାଜ୍ୟରେ ସାମରିକ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲା ?

୧. ଏଥେନ୍ସ  ୨. ସ୍ପାର୍ଟା  ୩. ଥେବସ୍  ୪. କୋରିନ୍ଥ

ଖ) ଏଥେନସ୍‌ର ପ୍ରଥମ ଆଇନ୍ ପ୍ରଣେତାଙ୍କ ନାମ ଲେଖ ।

୧. ସୋଲନ୍  ୨. ପିସିଷ୍ଟଟସ୍  ୩. ଡ୍ରାକୋ  ୪. ଲାହକରଗସ୍

ଗ) କିଏ ଅଷ୍ଟ୍ରାସିଜିମ୍ ପ୍ରଥାର ପ୍ରଚଳନ କରିଥିଲେ ?

୧. ପେରିକ୍ଲିସ୍  ୨. ଡେରାୟସ  ୩. ହୋମର୍  ୪. କ୍ଲେଇସ୍ଥିନିସ୍

ଘ) କେଉଁ ନଦୀ କୂଳରେ ରୋମ ସହର ସ୍ଥାପନ କରାଯାଇଥିଲା ?

୧. ଟାଇବର  ୨. ନୀଳନଦୀ  ୩. ଟେମ୍ସ ନଦୀ  ୪. ଇଉଫ୍ରେଟିସ୍ ନଦୀ

ଙ) ପାଟ୍ରିସିଆନ କିଏ ?

୧. ଏଥେନ୍ସର ଦରିଦ୍ର ବ୍ୟକ୍ତି  ୨. ରୋମର ସମ୍ଭ୍ରାନ୍ତ ବ୍ୟକ୍ତି

୩. ସ୍ପେନ୍‌ର ସମ୍ଭ୍ରାନ୍ତ ବ୍ୟକ୍ତି  ୪. ସ୍ପାର୍ଟାର ଦରିଦ୍ର ବ୍ୟକ୍ତି

ଚ) କେବେ ଫାର୍ସାଲସ୍ ଯୁଦ୍ଧ ସଂଘଟିତ ହୋଇଥିଲା ?

୧. ଖ୍ରୀ:ପୂ: ୬୦  ୨. ଖ୍ରୀ:ପୂ: ୫୮

୩. ଖ୍ରୀ:ପୂ: ୪୮  ୪. ଖ୍ରୀ:ପୂ: ୪୫

ଛ) ଅଲିଭ୍ ତୈଳ ପରିବହନ ନିମନ୍ତେ ବ୍ୟବହାର କରାଯାଇଥିବା ଡବାର ନାମ କ'ଣ ଥିଲା ?

୧. ଆମ୍ଫୋରାଇ  ୨. ମୋପାଲିଆ

୩. କାସ୍ଟେଲା  ୪. ଅଲିଭା

ଜ) ରୋମ ସାମ୍ରାଜ୍ୟର କେଉଁ ଅଞ୍ଚଳରେ ଅଧିକ ସଂଖ୍ୟକ ପଶୁପାଳକ ଦେଖିବାକୁ ମିଳିଥାନ୍ତି ?

୧. ସିସିଲ  ୨. କମ୍ପାନିଆ

୩. ନୁମିଡ଼ିଆ  ୪. ଫୟୁମ୍

ଝ) କେଉଁ ଦେଶରେ ସାମନ୍ତବାଦର ଉତ୍ପତ୍ତି ଘଟିଥିଲା ?

୧. ସ୍ପେନ୍  ୨. ଇଂଲଣ୍ଡ

୩. ଫ୍ରାନ୍ସ  ୪. ଆଲ୍‌ଜେରିଆ

ଞ) ସାମନ୍ତଙ୍କ ଅଧୀନସ୍ଥ ଥିବା ଭୂ-ସମ୍ପତିକୁ କ'ଣ କୁହାଯାଏ ?

୧. ମାରଗ୍ରେଭ୍ ୨. ନାଇଟ୍

୩. ମନୋର୍ ୪. ବୋଲ୍ଟ

୨. ଶୂନ୍ୟସ୍ଥାନ ପୂରଣ କର ।

କ) "ଦି ପାର୍ସିଆନ୍"ର ଲେଖକ ଥିଲେ ________ ।

ଖ) ପାଶ୍ଚାତ୍ୟ ଦର୍ଶନର ଜନକ ଭାବରେ ________ ପରିଚିତ ଥିଲେ ।

ଗ) ________ ଙ୍କୁ ପ୍ରତ୍ୟକ୍ଷ ଗଣତନ୍ତ୍ରର ଜନକ କୁହାଯାଏ ।

ଘ) ରୋମର ଦରିଦ୍ର ବ୍ୟକ୍ତିମାନଙ୍କୁ ________ କୁହାଯାଉଥିଲା ।

ଙ) ________ ବର୍ଷ ଧରି ପେରିକ୍ଲିସ୍ ଏଥେନ୍ସର ଷ୍ଟ୍ରାଟେଗସ୍ ଭାବରେ ନିର୍ବାଚିତ ହୋଇଥିଲେ ।

ଚ) "କମେଣ୍ଟାରିଜ"ର ରଚୟିତା ଥିଲେ ________ ।

ଛ) ସାମନ୍ତବାଦ ଯୁଗରେ ବୀର ପୁରୁଷଙ୍କୁ ________ କୁହାଯାଉଥିଲା ।

ଜ) ________ ଥିଲେ ଏଟ୍ରୁସ୍କାନ ବଂଶର ଶେଷ ଶାସକ ।

ଝ) ସାମନ୍ତ ବାଦର ପ୍ରସାର ଯୋଗୁ ଇଉରୋପରୁ ________ ପ୍ରଥାର ଉଚ୍ଛେଦ ଘଟିଲା ।

ଞ) ________ ମସିହାରେ ରାଜା ଜନ୍ "ମୁକ୍ତି ସନନ୍ଦ" ବା "ମାଗ୍ନାକାର୍ଟା" ସ୍ୱାକ୍ଷର କରିଥିଲେ ।

## "ଖ" ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଲେଖ ।

କ) ହୋମର୍ କିଏ ? ତାଙ୍କ ଲିଖିତ ୨ଟି ମହାକାବ୍ୟର ନାମ ଲେଖ ।

ଖ) କେଉଁଠାରେ ପାର୍ଥେନନ୍ ମନ୍ଦିର ନିର୍ମିତ ହୋଇଥିଲା ? ଏହାର ସ୍ଥପତି କିଏ ଥିଲେ ?

ଗ) ପେରିକ୍ଲିସ୍ ଯୁଗର ୨ଜଣ ବୈଜ୍ଞାନିକଙ୍କ ନାମ ଲେଖ ।

ଘ) କେବେ ଏବଂ କାହା ଦ୍ୱାରା ରୋମ୍ ସହର ସ୍ଥାପନ କରା ଯାଇଥିଲା ?

ଙ) ପ୍ଲେବିଆନ୍ କିଏ ? ରୋମ୍ ସମାଜରେ ତାଙ୍କର ସ୍ଥିତି କିପରି ଥିଲା ?

ଚ) ଜୁଲିୟସ୍ ସିଜରଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ଏବଂ ତାଙ୍କ ହତ୍ୟାକାରୀ କିଏ ଥିଲେ ?

ଛ) ରୋମ୍‌ରେ କେଉଁ ଦ୍ରବ୍ୟଗୁଡ଼ିକ ଅଧିକ ପରିମାଣରେ ଉତ୍ପାଦିତ ହେଉଥିଲା ?

ଜ) ସାମନ୍ତମାନଙ୍କ ପ୍ରତି ପ୍ରଜାମାନଙ୍କର ୨ଟି କର୍ତ୍ତବ୍ୟ ଉଲ୍ଲେଖ କର ।

ଝ) "ମାନୋର" କହିଲେ ତୁମେ କ'ଣ ବୁଝ ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ଏଥେନ୍ସରେ ବିଜ୍ଞାନର ବିକାଶ ହେଲା କିପରି ?

ଖ) ସ୍ପାର୍ଟାର ଶାସନ ପଦ୍ଧତି ଉଲ୍ଲେଖ କର ।

ଗ) କ୍ଲେଇସ୍ଥିନିସ୍

ଘ) ଟ୍ରାଇବ୍ୟୁନ୍ମେଣ୍ଟ

ଙ) ପାଟ୍ରିସିଆନ୍ ଏବଂ ପ୍ଲେବିୟାନ୍

ଚ) ସିନେଟ୍

ଛ) ଟ୍ରିବ୍ୟୁନ

ଜ) ରୋମ୍‌ର ସଂସ୍କୃତି

ଝ) ଦାସତ୍ୱ ପ୍ରଥା

ଞ) ରୋମର ସମ୍ବିଧାନ

ଟ) ରୋମ୍‌ର ସାକ୍ଷରତା

ଠ) ପ୍ରାଚୀନ ରୋମ୍‌ରେ ଲିଙ୍ଗ ବ୍ୟବସ୍ଥା

ଡ) ସାମନ୍ତବାଦର ଉତ୍ପତ୍ତି

ଢ) ଆନୁଗତ୍ୟ ଉତ୍ସବ

ଣ) ନାଇଟ୍

ତ) ମେନୋର

## "ଗ" ବିଭାଗ

### ଦୀର୍ଘତମ ପ୍ରଶ୍ନୋତ୍ତର

୫. ସ୍ପାର୍ଟାର ସାମରିକ ସଂଗଠନ ଏବଂ ଶାସନ ପଦ୍ଧତି ସମ୍ପର୍କରେ ଆଲୋଚନା କର ।

୬. ପେରିକ୍ଲିସ୍ ଯୁଗକୁ କାହିଁକି ସୁବର୍ଣ୍ଣଯୁଗ କୁହାଯାଏ ?

୭. ରୋମ୍‌ର ସାମାଜିକ ଗଠନ ଏବଂ ସମ୍ବିଧାନ ସମ୍ପର୍କରେ ଆଲୋଚନା କର ।

୮. ଜୁଲିୟସ୍ ସିଜରଙ୍କ କୃତିତ୍ୱର ମୂଲ୍ୟାୟନ କର ।

୯. ସାମନ୍ତବାଦର ବୈଶିଷ୍ଟ୍ୟ ଉପରେ ଆଲୋକପାତ କର ।

୧୦. ସାମନ୍ତବାଦର ଉପକାରିତା ଏବଂ ଅପକାରିତା ସମ୍ବନ୍ଧରେ ଯାହା ଜାଣ ଲେଖ ।

❑❑❑

Unit-III

## ସପ୍ତମ ଅଧ୍ୟାୟ

# ପୃଥିବୀର ପ୍ରମୁଖ ଧର୍ମ

ମଣିଷର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ବିସ୍ମୟକର ଅନୁଭୂତିର ରୂପହିଁ ଧର୍ମ । ଏହା କେତେକ ବିଶ୍ୱାସ , ଏକ ନିର୍ଦ୍ଦିଷ୍ଟ ପ୍ରଥା, ନିର୍ଦ୍ଦିଷ୍ଟ ସଦାଚାର ଓ ଲୋକାଚାର ଅନୁମୋଦିତ ବିଶ୍ୱାସ । ଧର୍ମ ମଣିଷର ଜୀବନ ପ୍ରସାରୀ, ମାଗର୍ଭରେ ସୃଷ୍ଟିଠାରୁ ଶ୍ମସାନ ପର୍ଯ୍ୟନ୍ତ ବ୍ୟାପ୍ତ । ମଣିଷ ବିଶ୍ୱାସ କରେ ଯେ ଧର୍ମ ମଣିଷ ଜୀବନର ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟ କରିଥାଏ । ଧର୍ମ ସମନ୍ୱୟ ଓ ଏକତା ପାଇଁ ସାହାଯ୍ୟ କରିଥାଏ । ଧର୍ମ ଏକ ସମ୍ବେଦନଶୀଳ ଓ ଆବେଗ ଉଦ୍ଦୀପକ ବିଷୟ । ଧାର୍ମିକ ବିଶ୍ୱାସ ଓ ପ୍ରଥା ଗୋଷ୍ଠୀର ସାମାଜିକ ବିଶ୍ୱ ଦୃଷ୍ଟି ଓ ଚିରାଚରିତ ରୀତିକୁ ବହୁ ମାତ୍ରାରେ ରୂପ ଦେଇଥାଏ । ପୃଥିବୀର ପ୍ରତ୍ୟେକ ସମାଜରେ ନିଜ ନିଜର ଧର୍ମବିଶ୍ୱାସ, ଧର୍ମବିଧି ଏବଂ ଅନୁଷ୍ଠାନ ଅଛି । ତନ୍ମଧ୍ୟରୁ ଆମେ ପୃଥିବୀ ଇତିହାସର ଦୁଇଟି ମୁଖ୍ୟଧର୍ମ ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମ ବିଷୟରେ ଆଲୋଚନା କରିବା

### ଖ୍ରୀଷ୍ଟଧର୍ମ

ଖ୍ରୀଷ୍ଟଧର୍ମ ବିଶ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଧର୍ମଧାରା । ଖ୍ରୀଷ୍ଟଧର୍ମ ଇଶ୍ୱରଙ୍କ ପ୍ରେରଣାରେ ପ୍ରକଟ ହୋଇଥିବା ଧର୍ମର ଅନ୍ତର୍ଭୁକ୍ତ । ଦୈବୀ ପ୍ରେରଣାରୁ ପ୍ରାପ୍ତ ଧର୍ମ ଉପଦେଶ ସଂଗୃହୀତ ପୁସ୍ତକ ପବିତ୍ର ଗ୍ରନ୍ଥ 'ବାଇବେଲ' ଦୁଇ ଭାଗରେ ବିଭକ୍ତ । ଓଲଡ ଟେସଟାମେଣ୍ଟ ଓ ନ୍ୟୁ ଟେସଟାମେଣ୍ଟ । ନ୍ୟୁ ଟେସଟାମେଣ୍ଟରେ ଯିଶୁ ଖ୍ରୀଷ୍ଟଙ୍କ ଜୀବନୀ ତାଙ୍କର ନୀତିବାଣୀ ଓ ତାଙ୍କ 'ଏପଟସଲ' ବା ଶିଷ୍ୟ ମାନଙ୍କ କାର୍ଯ୍ୟକଳାପର ବର୍ଣ୍ଣନା ରହିଛି । ନ୍ୟୁଟେସଟାମେଣ୍ଟର ପ୍ରଥମ ଚାରୋଟି ଧର୍ମ ପୁସ୍ତକରେ କଥିତ ଯିଶୁଙ୍କ ଜୀବନ ,ମୃତ୍ୟୁ ଓ ପୁନଃ ଜାଗରଣ 'ଗସପେଲ' ରୂପେ ପ୍ରସିଦ୍ଧ । ବାଇବେଲ ଖ୍ରୀଷ୍ଟଧର୍ମର ଧର୍ମଗ୍ରନ୍ଥ ।

ଖ୍ରୀଷ୍ଟଧର୍ମ ବିଶ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଧର୍ମଧାରା । ଯିଶୁଖ୍ରୀଷ୍ଟ ଖ୍ରୀଷ୍ଟ ଧର୍ମର ପ୍ରତିଷ୍ଠାତା କିନ୍ତୁ ଏ ଧର୍ମର ମୂଳ ଇହୁଦୀୟ ପରମ୍ପରା ଉପରେ ଆଧାରିତ । ଆଜକୁ ପ୍ରାୟ ୨୧୦୦ ବର୍ଷ ପୂର୍ବେ ଐତିହାସିକ ପୁରୁଷ ଯିଶୁ ଖ୍ରୀଷ୍ଟ ଜନ୍ମ ଗ୍ରହଣ କରିଥିଲେ । ୩୩ବର୍ଷର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ସେ ଅଭୂତପୂର୍ବ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କର ବାଲ୍ୟ ଜୀବନ ରହସ୍ୟମୟ । ସାମାଜିକ ଜୀବନର ଶେଷ ତିନିବର୍ଷରେ ସେ ନିଜ ଶିଷ୍ୟମାନଙ୍କୁ ସତ୍ ପଥରେ ଚାଲି ଇଶ୍ୱରଙ୍କୁ ଖୁସି କରିବା ବାଟ ଦେଖାଇଥିଲେ । ତତ୍ ସଙ୍ଗେ ସଙ୍ଗେ ଦୁଃଖୀଙ୍କ ଦୁଃଖ ଉପସମ ପାଇଁ ସେବା କରୁଥିଲେ । ତାଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହଉଛି ତାଙ୍କ ଶିଷ୍ୟଙ୍କ ମଧ୍ୟରେ ବିଶ୍ୱାସ ଯେ ଯିଶୁଙ୍କ କୃଶବିଦ୍ଧ ମୃତ ଶରୀରକୁ କବର ଦେବାର ତିନିଦିନ ପରେ ପୁନଃ ଉତ୍ଥିତ ହୋଇ ତାଙ୍କର ଶିଷ୍ୟ ଅନୁଗାମୀ ମାନଙ୍କୁ ଚାଳିଶ ଦିନ ମଧ୍ୟରେ ଅନେକଥର ଦୃଶ୍ୟ ହେଲେ ଏବଂ ସ୍ୱ ଉଦ୍ଦେଶ୍ୟ ସଂପାଦନ କରି ଶିଷ୍ୟମାନଙ୍କୁ ଧର୍ମପ୍ରଚାରକ ରୂପେ ଅଭିହିତ କରି ସ୍ୱର୍ଗକୁ ଆରୋହଣ କରିଥିଲେ । ଯିଶୁଖ୍ରୀଷ୍ଟ ନିଜକୁ ଇଶ୍ୱରଙ୍କ ପୁତ୍ର ଏବଂ ବ୍ୟବହାରରେ ପାପୀକୁ କ୍ଷମା ପ୍ରଦାନ କରିବା ତାଙ୍କର କ୍ଷମତା ବୋଲି ଦାବି କରୁଥିଲେ । ଉପରୋକ୍ତ କାରଣରୁ ଇହୁଦୀୟ ଧର୍ମଗୁରୁ ମାନେ ବିରକ୍ତି ପ୍ରକାଶ କରିଥିଲେ । କିନ୍ତୁ ଯିଶୁଖ୍ରୀଷ୍ଟଙ୍କ ଅନୁଗାମୀମାନେ ଯିଶୁଙ୍କୁହିଁ ଇଶ୍ୱର ବୋଲି ବିଶ୍ୱାସ କଲେ । ସେଥିପାଇଁ ଖ୍ରୀଷ୍ଟଧର୍ମ ବିଶ୍ୱାସରେ ମୌଳିକ ସିଦ୍ଧାନ୍ତ ଯେ ଯିଶୁ ଖ୍ରୀଷ୍ଟହିଁ ସତ୍ୟ ମଣିଷ ଓ ସତ୍ୟ ଇଶ୍ୱର ।

ହିବ୍ରୁମାନଙ୍କ ଧର୍ମଗ୍ରନ୍ଥରେ ଯିଶୁଙ୍କୁ ମସିହା ବା ତ୍ରାଣକର୍ତ୍ତା (ମୁକ୍ତିଦାତା) ରୂପେ ପରିଗଣିତ କରାଯାଇଛି । ଅନ୍ୟ ଏକ ହିବ୍ରୁ ଗ୍ରନ୍ଥ 'ତାଲମ'ରେ ଯିଶୁଙ୍କୁ ନାଜାରେଥର ଅଧିବାସୀ ବୋଲି ବର୍ଣ୍ଣନା ହୋଇଛି । ଜୁନିୟର ପ୍ଲିନି ଏବଂ ସେଣ୍ଟପଲଙ୍କ ଲେଖାରେ ଯିଶୁଙ୍କ ଜୀବନୀର କେତେକ ସୂଚନା ଅଛି । ହିବ୍ରୁ ମାନଙ୍କ ବିଶ୍ୱାସରେ ହେରୋଡଙ୍କ ଯୁଡିଆ ରାଜ୍ୟ ଶାସନ କାଳରେ ଯିଶୁ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ବିଷୟରେ ସଠିକ୍ ସୂଚନା ପ୍ରାପ୍ତ ହୋଇନାହିଁ । ବିଜ୍ଞ ଐତିହାସିକଙ୍କ ମତରେ ସେ ଖ୍ରୀ:ପୂ ୬ରେ ବା ରୋମୀୟ ବର୍ଷ ୭୪୮ରେ ଜନ୍ମଗ୍ରହଣ କରିଥିଲେ । ଲ୍ୟୁକଙ୍କ ରଚନାନୁସାରେ ରୋମ୍ ଦେଶର ସମ୍ରାଟ ଟାଇବେୟସଙ୍କ ଶାସନର ପନ୍ଦର ବର୍ଷ ପୂର୍ତ୍ତି ସମୟରେ ଯୀଶୁଙ୍କ ବୟସ ୩୦ ବର୍ଷ ହୋଇଥିଲା । ଖ୍ରୀଷ୍ଟପୂର୍ବ ୨୮-୨୯ରେ ତାଙ୍କ ଶାସନର ପନ୍ଦର ବର୍ଷ ଅର୍ଥାତ୍ ଯିଶୁଙ୍କୁ ସେ ସମୟରେ ୩୦ ବର୍ଷ ଏବଂ ତଦନୁସାରେ ଯୀଶୁଙ୍କ ଜନ୍ମ ବର୍ଷ ଖ୍ରୀଷ୍ଟପୂର୍ବ ୧ କିମ୍ବା ଖ୍ରୀଷ୍ଟପୂର୍ବ ୨ । ଏସବୁ ବିରୋଧାଭାଷ ସତ୍ତ୍ୱେ ଖ୍ରୀଷ୍ଟପୂର୍ବ ୪ ଯିଶୁଙ୍କୁ ଜନ୍ମ ବର୍ଷ ବୋଲି ବିଜ୍ଞମାନେ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଯିଶୁଙ୍କ ଜନ୍ମସ୍ଥାନ ନିର୍ଣ୍ଣୟରେ ବାଦବିବାଦ ଅଛି । ମେଥ୍ୟୁ ଏବଂ ଲ୍ୟୁକଙ୍କ ମତରେ ଯିଶୁ ଜୁଡିଆ ରାଜ୍ୟ ଅନ୍ତର୍ଗତ ଜେରୁସେଲମ ଠାରୁ ପାଞ୍ଚ ମାଇଲ ଦୂର ବାଥେଲହାମ୍ ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ମେରୀ ଓ ପିତାଙ୍କ ନାମ ଜୋସେଫ୍ । ସେମାନେ ନାଜାରେଥ ଗ୍ରାମର ମୂଳ ବାସିନ୍ଦା । କିନ୍ତୁ ଜୀବନ ଜୀବିକା ଅନୁସନ୍ଧାନରେ ବେଥଲହାମ ପହଞ୍ଚିଥିଲେ ଏବଂ ସେଇଠି ସେମାନଙ୍କ ପୁତ୍ର ଯିଶୁ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ଯିଶୁଙ୍କ ପିତାମାତା ବେଥଲହାମ୍‌ର ଏକ ଘୋଡାଶାଳାରେ ଆଶ୍ରୟ ନେଇଥିଲେ । ପରବର୍ତ୍ତୀ କାଳରେ ଜୋସେଫ୍ ବେଥଲହାମରୁ ସପରିବାର ମିଶରକୁ ଯାଇଥିଲେ । ଅର୍ଥାଭାବରୁ ଯିଶୁଙ୍କ ପିତା ନିଜ ପୁତ୍ର ପାଇଁ ଆନୁଷ୍ଠାନିକ ଶିକ୍ଷାଦାନର ବ୍ୟବସ୍ଥା କରିପାରିନଥିଲେ । ତେଣୁ ସେ ହେବ୍ରୁମାନଙ୍କ ଉପାସନା ବା ଧର୍ମଶିକ୍ଷା କେନ୍ଦ୍ରରେ ଧର୍ମ ଶାସ୍ତ୍ର ଅଧ୍ୟୟନ କରିଥିଲେ । ଧର୍ମଗୁରୁଙ୍କ ବାଣୀ ଓ ଶିକ୍ଷା ବାଳକ ଯୀଶୁଙ୍କ ଜୀବନ ଶୈଳୀକୁ ଅନେକାଂଶରେ ପ୍ରଭାବିତ କରିଥିଲା । ରାଜା ହେରୋଡଙ୍କ ମୃତ୍ୟୁ ପରେ ମିଶରରୁ ଜୋସେଫ୍ ସପରିବାର ନିଜ ସ୍ଥାନ ନାଜାରେଥକୁ ଫେରି ଆସିଥିଲେ । ଯିଶୁ ତାଙ୍କର ବାଲ୍ୟ ଜୀବନ ନାରାରେଥରେ କଟାଇଥିଲେ ତେଣୁ ତାଙ୍କ ପରିଚୟ ନାଜାରେଥର ଯିଶୁ ହୋଇଥିଲା । ବିଶ୍ୱାସ ଅନୁସାରେ ତାଙ୍କର ବାଲ୍ୟ କାଳରେ ସେ ବାଲ୍ୟ ବନ୍ଧୁମାନଙ୍କୁ ଅନେକ ଚମତ୍କାର ଦେଖେଇଥିଲେ । ସେ ଅନେକ ସ୍ଥାନ ଯଥା ଗାଲିଲି, ଜୁଡିଆ ଓ ତତ୍ ନିକଟସ୍ଥ ଅଞ୍ଚଳକୁ ଯାତ୍ରା କରିଥିଲେ । ଲୋକେ ଯୀଶୁଙ୍କ ଆକର୍ଷଣକାରୀ ପ୍ରତିଭାରେ ଆଶ୍ଚର୍ଯ୍ୟ ଚକିତ ହୋଇ ତାଙ୍କୁ 'ମେସିହା' ଆଖ୍ୟା ଦେଲେ । ସେ ଲୋକ ପ୍ରିୟ ହେଲେ ଏବଂ ତାଙ୍କର ଅନୁଗାମୀ ଓ ପ୍ରଶଂସକଙ୍କ ସଂଖ୍ୟା ଦିନକୁ ଦିନ ବଢିବାକୁ ଲାଗିଲା । ଯୀଶୁ ୩୦ ବର୍ଷ ବୟସରେ ଗାଲିଲିରୁ ଜୋର୍ଡାନ ପହଞ୍ଚି ଜନ ନାମକ ଏକ ପ୍ରଚାରକଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେ ସମୟରେ ଜନ୍ ତାଙ୍କର ବାଣୀରେ 'ମୁକ୍ତିଦାତା', 'ମେସିଆ' ବା ତ୍ରାଣକର୍ତ୍ତାଙ୍କ ନିକଟ ଭବିଷ୍ୟତରେ ଆଗମନ କଥା ଭବିଷ୍ୟତବାଣୀ କରୁଥିଲେ । ଯୀଶୁଙ୍କ ଆଲୌକିକ ଗୁଣ ଦେଖି ତାଙ୍କର ଅନୁଗାମୀ ପ୍ରଶଂସକ ନିଜର ପ୍ରିୟ ତ୍ରାଣକର୍ତ୍ତା ବା ମୁକ୍ତିଦାତା ପଦାର୍ପଣ କଲେ ବା ପହଞ୍ଚିଥଲେ ବୋଲି ଦୃଢ ବିଶ୍ୱାସ କଲେ । ଯିଶୁଙ୍କ ନିକଟତମ ଶିଷ୍ୟ ମଧ୍ୟରେ ପିଟର, ଜନ୍ ଜେମସ୍ ଏବଂ ଏନଡ୍ରୁ ଅନ୍ୟତମ । ଯିଶୁ ଲୋକପ୍ରିୟ ହେବା ଦେଖି ଇହୁଦୀ ପୂଜକମାନେ ସହ୍ୟ କରିପାରିଲେ ନାହିଁ । ସେମାନେ ଯିଶୁଙ୍କୁ ଈଶ୍ୱର ଦ୍ରୋହୀ ଓ ସାମାଜିକ ରାଜନୈତିକ ଅପରାଧୀ ବ୍ୟକ୍ତି ବୋଲି ଘୋଷଣା କଲେ । ତାଙ୍କ ବିରୁଦ୍ଧରେ ଅନେକ ମିଥ୍ୟା ଅରୋପ ଆଣି ତତ୍କାଳୀନ ରୋମ ନଗରୀର ଶାସକ ପୋନଟିୟସ ପିଲେଟ ସମ୍ମୁଖରେ ନ୍ୟାୟ ବିଚାର ପାଇଁ ଉପସ୍ଥାପନ କଲେ ।

ପ୍ରଥମେ ପୋନଟିୟସ ପିଲେଟ ଯିଶୁଙ୍କ କାର୍ଯ୍ୟକଳାପ ରାଜଦ୍ରୋହ ବୋଲି ସ୍ୱୀକାର କରିନଥିଲେ । ସେତେବେଳେ ହିବ୍ରୁମାନେ ପ୍ରତିବାଦ କରି କହିଲେ ଯଦି ସେ ଦଣ୍ଡ ନଦିଅନ୍ତି ତାହେଲେ ରୋମ ସମ୍ରାଟ ଟିବେରିୟସ୍ ସିଜରଙ୍କୁ ଜଣାଇବେ । ଶେଷରେ ପୋନଟିୟସ ପିଲେଟ ହିବ୍ରୁମାନଙ୍କ ପ୍ରଭାବ ଓ ଚାପରେ ଯିଶୁଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ ।

ଯିଶୁଙ୍କୁ ଶୁକ୍ରବାର ଦିନ ଖ୍ରୀଷ୍ଟାବ୍ଦ ୨୯ରେ ମୁଣ୍ଡ ଓ ହାତରେ କ୍ରୁଶ ବିଦ୍ଧ କରାଗଲା । କ୍ରୁଶବିଦ୍ଧ ସମୟରେ ଯିଶୁ ଘାତକ ମାନଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କୁ ପ୍ରାର୍ଥନା କରି ମାଗିଥିଲେ 'ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ'।

ଯିଶୁ ଇହୁଦୀ ପରମ୍ପରା ଓ ପ୍ରଥାକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିନଥିଲେ ମଧ୍ୟ କେତେକ ଆଚରଣ କୁ ରଦ୍ଦ କରି ମୌଳିକ ପରିବର୍ତ୍ତନ ଆଣିଥିଲେ ପୁରାତନ ନୈତିକ ନୀତି ନିୟମରେ ଓ ଉପସ୍ଥାପନ କରିଥିଲେ ଆଦର୍ଶ ସାମାଜିକ ବ୍ୟବସ୍ଥା । ଇହୁଦୀମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ହିଁ କେବଳ ଧର୍ମ ପ୍ରଚାରର ଓ ଫଳ ପ୍ରାପ୍ତିର ମୂଳ ଅଧିକାରୀ । କିନ୍ତୁ ଯୀଶୁ ପ୍ରଚାର କଲେ "ଯେଉଁମାନେ ନିସ୍ୱ ସେମାନେ ଧନ୍ୟ, ସେମାନେ ହିଁ ପ୍ରକୃତ ସ୍ୱର୍ଗର ଅଧିକାରୀ" । ଯେଉଁମାନେ ମିଷ୍ଟଭାଷୀ, ବିନୟୀ, କ୍ଷମାଶୀଳ ସେମାନେ ଧନ୍ୟ କାରଣ ସେମାନେ ପବିତ୍ର । ସେମାନେ ଭଗବତ୍ ସାକ୍ଷାତକାର ପ୍ରାପ୍ତ ହେବେ । ଯେଉଁମାନେ ଶାନ୍ତିପ୍ରିୟ ସେମାନେ ଇଶ୍ୱରଙ୍କ ଯୋଗ୍ୟପୁତ୍ର ବିବେଚିତ ହେବେ । ବାହ୍ୟ ପୂଜା ଓ ଉତ୍ସବ ଇଶ୍ୱରଙ୍କ ଦୃଷ୍ଟିରେ ନିର୍ମଳ ନୁହେ ବରଂ ଯେଉମାନଙ୍କ ହୃଦୟ ଓ ମସ୍ତିଷ୍କ ବା ମନ ନିର୍ମଳ ସେହିମାନେ ହିଁ ପ୍ରକୃତରେ ନିର୍ମଳ"।

ଯିଶୁ କହୁଥିଲେ " ଯାହା ନିଜ ଉପରେ ଅନୁଭୂତ ହେଲେ ଭଲ ଲାଗେ ନାହିଁ ସେପରି କାମ ଅନ୍ୟମାନଙ୍କ ଉପରେ ପ୍ରୟୋଗ କର ନାହିଁ । ମଣିଷ ଇଶ୍ୱରଙ୍କ ସନ୍ତାନ ତେଣୁ ସମସ୍ତ ମଣିଷକୁ ଭଲ ପାଅ । "ପାପକୁ ଘୃଣା କର ପାପୀକୁ ନୁହେଁ" । ତାଙ୍କର ସରଳ ନୀତି ବାଣୀ ଏବଂ ଚିନ୍ତନକୁ ପ୍ରକାଶ କରିଥିଲେ ଏକ ପାହାଡ ଉପରେ ତେଣୁ ତାହା 'ସରମନ ଅନ ଦି ମାଉଣ୍ଟ' ରୂପେ ଜଣା ।

ଯୀଶୁ ଥିଲେ କ୍ଷମାର ପ୍ରତୀକ । ସେ କହୁଥିଲେ "ପଡୋଶୀକୁ ପ୍ରେମକର, ଶତ୍ରୁକୁ ପ୍ରେମକର, ଯିଏ ତୁମକୁ ଘୃଣା କରୁଛି ତାର ମଙ୍ଗଳ କାମନା କର, ଯିଏ ଅଭିଶାପ ଦଉଛି ତାକୁ ଆର୍ଶୀବାଦ ଦିଅ । ମନରେ ଅନ୍ୟପ୍ରତି ହିଂସା ଚିନ୍ତା କରିବା ଇଶ୍ୱରଙ୍କ ଦୃଷ୍ଟିରେ ପାପ ଏବଂ ତାଙ୍କ ଠାରୁ ଇଶ୍ୱର ପ୍ରାର୍ଥନା ଗ୍ରହଣ କରନ୍ତି ନାହିଁ ଯେ ପର୍ଯ୍ୟନ୍ତ ସେ ମନରୁ ହିଂସା ତ୍ୟାଗ ନ କରନ୍ତି"। ପାର୍ଥିବ ସଂସାରରେ ପାର୍ଥିବ ବସ୍ତୁ ପାଇବା ପାଇଁ ଚିନ୍ତା ନକରି ନିଭୃତରେ ନିଷ୍ଠାର ସହ ପ୍ରଭୁଙ୍କ ପ୍ରାର୍ଥନା କରିବା ପାଇଁ ଯୀଶୁଖ୍ରୀଷ୍ଟ ଉପଦେଶ ଦେଉଥିଲେ ।

ଯିଶୁଙ୍କ ଉପଦେଶ ଅସଙ୍ଗତ ଓ କାର୍ଯ୍ୟତଃ ଅସମ୍ଭବ ମନେ ହଉଥିଲା । କିନ୍ତୁ ସେ ନିଜ ଜୀବନର ସବୁଠାରୁ ବଡ କ୍ଳେଶ କର ସମୟରେ ଅର୍ଥାତ୍ ତାଙ୍କୁ ଯେତେବେଳେ ମିଥ୍ୟା ମକଦ୍ଦମାରେ ବନ୍ଦୀ କରି ରଖାଗଲା ଓ ପରେ ମୃତ୍ୟୁଦଣ୍ଡ ଘୋଷଣା କରାଗଲା ସେତେବେଳେ ସେ ତାଙ୍କର ଶତ୍ରୁ ବନ୍ଦୀ ଦାତାଙ୍କୁ ପ୍ରତିରୋଧ କରିନଥିଲେ କିମ୍ବା ଅଦାଲତରେ ନିଜ ସପକ୍ଷରେ ଯୁକ୍ତି ବାଢିନଥିଲେ । ତାଙ୍କ ଜୀବନର ଶେଷ ଘଡିସନ୍ଧି ମୁହୂର୍ତ୍ତ କ୍ରୁଶ ବିଦ୍ଧ ପ୍ରକ୍ରିୟା ସମୟରେ ଅତ୍ୟନ୍ତ ନିର୍ମଳ ଆକର୍ଷଣୀୟ କ୍ଷମା ଓ କରୁଣାର ଶବ୍ଦ ନିଜ ଶତ୍ରୁ ପାଇଁ ଉଚ୍ଚାରଣ କରି ନିଜ ଧର୍ମ ଉପଦେଶର ପ୍ରଭାବଶାଳୀ ସନ୍ଦେହଶୂନ୍ୟ ଜ୍ୱଳନ୍ତ ପ୍ରମାଣ ପ୍ରତିପାଦନ ପୂର୍ବକ ବ୍ୟକ୍ତିଗତ ଉଦାହରଣ ସୃଷ୍ଟି କରି ଇତିହାସ ସୃଷ୍ଟି କରିଗଲେ । ତାଙ୍କର ଶିଷ୍ୟ ଓ ଅନୁଗାମୀମାନେ ତାଙ୍କୁ 'ସୂର୍ଯ୍ୟଙ୍କ ପୁତ୍ର', 'ମେସିହା', 'ସେଭିୟର', ରୂପରେ ଦେଖିବାକୁ ଲାଗିଲେ । ଯିଶୁଙ୍କର କ୍ରୁଶବିଦ୍ଧ ପରେ ତାଙ୍କରବାଣୀ ଓ ବଳିଦାନ ଏକ ଚମତ୍କାର ଓ ଗଭୀର ପ୍ରଭାବ ପକାଇ ଶିହରଣ ସୃଷ୍ଟିକଲା କେତେ ଲୋକଙ୍କ ଜୀବନରେ । ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ପାଉଲ ଓ ସେଣ୍ଟ ପିଟର ଅନ୍ୟତମ । ସେମାନେ ଯୀଶୁଙ୍କ ଉପଦେଶ ଓ ବାଣୀକୁ ପ୍ରଚାର ପ୍ରସାର କରି ଜନପ୍ରିୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଣ୍ଟ ପାଉଲ ଇଉରୋପର ଅନେକ ଦେଶ ଭ୍ରମଣ କରି ଖ୍ରୀଷ୍ଟ ଧର୍ମର ପ୍ରଚାର କଲେ । ସେ ମଧ୍ୟ ଯିଶୁଙ୍କ ଭଳି ରାଜତନ୍ତ୍ରର ଶିକାର ହୋଇ ରୋମ ସମ୍ରାଟ ନେରୋଙ୍କ ରାଜତ୍ୱକାଳରେ ୬୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଦଣ୍ଡ ପାଇଥିଲେ । ଯିଶୁଙ୍କ ଅନୁଗାମୀମାନେ ଅନେକ ନିର୍ଯ୍ୟାତନାର ଶିକାର ହୋଇଥିଲେ ମଧ୍ୟ ସତ୍ୟ ଉପରେ ପର୍ଯ୍ୟବେସିତ ଥିଲେ । ଧର୍ମ ସ୍ଥାପନ ପାଇଁ ପ୍ରଚାର ବନ୍ଦ କରି ନଥିଲେ । ଯିଶୁ ତାଙ୍କ ଜୀବନ କାଳ ମଧ୍ୟରେ ତାଙ୍କ ଶିଷ୍ୟମାନଙ୍କୁ ପ୍ରେମ ଓ କ୍ଷମାର ବାର୍ତ୍ତା ପ୍ରଚାର ପାଇଁ କହୁଥିଲେ । ଯିଶୁଙ୍କ ଧର୍ମନୀତି (ସୁସମାଚାର) ର ପ୍ରଚାର ପ୍ରସାରକୁ "ଇଭାଞ୍ଜେଲାଇଜେସନ" ବା ସୁସମାଚାର ପ୍ରଚାର ପ୍ରସାର କୁହାଯାଏ । ସୁସମାଚାର ପ୍ରଚାରକ ମଧ୍ୟରେ ସେଣ୍ଟ ପିଟରଙ୍କ ଭୂମିକା କେବଳ ଇଉରୋପରେ ସୀମାବଦ୍ଧ ନଥିଲା । ସେ ଏସିଆ ମାଇନର ଯାତ୍ରା କରି ଖ୍ରୀଷ୍ଟ ଧର୍ମର ପ୍ରଚାର କରିଥିଲେ । ଶେଷରେ ନିରୋଙ୍କ ରାଜ କର୍ମଚାରୀଙ୍କ ଦ୍ୱାରା ସେ ନିହତ ହୋଇଥିଲେ ।

ଖ୍ରୀଷ୍ଟଧର୍ମ ବିରୋଧରେ ଶହ ଶହ ବର୍ଷ ଧରି ରୋମ ସମ୍ରାଟମାନେ ଓ ତାଙ୍କ ଶାସନ ବ୍ୟବସ୍ଥା ପ୍ରଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ । ଖ୍ରୀଷ୍ଟ ଧର୍ମକୁ ପ୍ରତିହତ କରିବା ପରିପ୍ରେକ୍ଷୀରେ ବରଂ ସେମାନେ ନିଜେ ପ୍ରଭାବିତ ହୋଇଗଲେ । ଖ୍ରୀଷ୍ଟଧର୍ମ ପ୍ରଚାର ପ୍ରସାର ଦ୍ୱାରା ରୋମର ସାମାଜିକ -ଆର୍ଥିକ ପରିବର୍ତ୍ତନ ସହ ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା । ୩୧୩ ଖ୍ରୀଷ୍ଟାବ୍ଦରେ ସମ୍ରାଟ କନଷ୍ଟାଣ୍ଟାଇନ ଙ୍କ ଶାସନ କାଳରେ ମିଳନ ଆଦେଶ ନାମା ବଳରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନଙ୍କୁ ଉପାସନା ଅଧିକାର ମିଳିଲା । ଶେଷରେ ରୋମ ସମ୍ରାଟ ଥିଓଡସିଅସଙ୍କ ଶାସନ କାଳରେ (୩୪୬-୩୯୫) ଖ୍ରୀଷ୍ଟଧର୍ମକୁ ଏକମାତ୍ର ରାଷ୍ଟ୍ରଧର୍ମ ରୂପେ ବିଧିବଦ୍ଧ ସ୍ୱୀକୃତି ମିଳିଲା । ଖ୍ରୀଷ୍ଟଧର୍ମର ଅନୁଗାମୀଙ୍କ ପାଇଁ ଏହା ଏକ ନୂତନ ଉତ୍ସାହ, ଉଦ୍ଦୀପନା,ସାହାସ ଓ ଆତ୍ମବିଶ୍ୱାସ ସୃଷ୍ଟିକଲା ଏବଂ ତାହାର ପ୍ରଭାବ ମଣିଷ ଜୀବନରେ ପ୍ରତ୍ୟେକ ସ୍ତରରେ ପଡିଲା ଏବଂ ସାରା ବିଶ୍ୱରେ ସ୍ଥାନ ପାଇଲା ।

## ଇସଲାମ ଧର୍ମ

ଇସଲାମ ଧର୍ମର ଆରମ୍ଭ ହୋଇଥିଲା ଆରବ ସମାଜରେ । ଇସଲାମ ଧର୍ମର ଜନ୍ମ ଓ ପ୍ରସାର ବିଷୟରେ 'ସିରା' ବା ଜୀବନ ଚରିତ , 'ହାଡିଥ୍' ବା ମହମ୍ମଦଙ୍କ ବାଣୀ ଓ କାର୍ଯ୍ୟକଳାପ ଏବଂ "ତଫସିର" ବା ଧର୍ମଗ୍ରନ୍ଥ କୋରାନ ଉପରେ ଟୀକା (ବ୍ୟାଖ୍ୟା)ରୁ ସୂଚନା ମିଳେ ।

ଷଷ୍ଠ ଶତାବ୍ଦୀରେ ଆରବ ସଂସ୍କୃତି ସୀମିତ ଥିଲା ଆରବ ଉପଦ୍ୱୀପ , ଦକ୍ଷିଣ ସିରିଆ ଓ ମେସୋପୋଟାମିଆ ଅଞ୍ଚଳରେ । ଆରବୀୟମାନେ ଛୋଟ ଛୋଟ ଯାଯାବର ଗୋଷ୍ଠି ବା 'କାବିଲା'ରେ ବିଭାଜିତ ଥିଲେ । ପ୍ରତ୍ୟେକ 'କାବିଲା'ର ଜଣେ ମୁଖିଆ ବା ନେତା ଥିଲେ । ମୁଖିଆଙ୍କ ଚୟନ ରକ୍ତ ସଂପର୍କ ବ୍ୟତୀତ ବ୍ୟକ୍ତିର ସାହାସ, ବୁଦ୍ଧିମତ୍ତା ଓ 'ମୁରଓ୍ୱ' ବା ମହାନୁଭବତା ଉପରେ ଆଧାରିତ ଥିଲା । ପ୍ରତ୍ୟେକ କାବିଲା ନିଜ ନିଜ ଦେବାଦେବୀଙ୍କ 'ସନମ' ବା ମୂର୍ତ୍ତିକୁ 'ମସଜିତ' ବା ଦେବାଳୟରେ ପୂଜା କରୁଥିଲେ । ଅନେକ ଆରବୀୟ କାବିଲା ଯାଯାବର ବେଦୁଇନ୍ ଥିଲେ, ସେମାନେ ନିଜର ଏବଂ ଓଟମାନଙ୍କ ଖାଦ୍ୟପେୟ ଅନ୍ୱେଷଣରେ ବୁଲୁଥିଲେ । ଅଳ୍ପ କିଛି କାବିଲା ସହରମାନଙ୍କରେ ସ୍ଥାୟୀ ବାସିନ୍ଦା ହୋଇ କୃଷି ଓ ବ୍ୟବସାୟ କରୁଥିଲେ । ମହମ୍ମଦଙ୍କ ନିଜ କାବିଲା କ୍ୟୁରେସ ମକ୍କାରେ ବସବାସ କରୁଥିଲେ । ସେଠାକାର ମୁଖ୍ୟ ଦେବାଳୟ 'କାବା ତାଙ୍କ ଅଧୀନରେ ଥିଲା । କାବାରେ ଦେବାଦେବୀ ସ୍ଥାପନ ହୋଇ ପୂଜା ପାଉଥିଲେ । ମକ୍କା ସହର ବାହାର ଅଞ୍ଚଳର ଅନେକ କାବିଲାମାନେ ମଧ୍ୟ କାବା ଦେବାଳୟକୁ ପବିତ୍ର ଦେବାଳୟ ରୂପେ ଗ୍ରହଣ କରି ପ୍ରତିବର୍ଷ 'ହଜ' ବା ତୀର୍ଥ ଯାତ୍ରାରେ ଆସୁଥିଲେ । ତା ବ୍ୟତୀତ ମକ୍କା ଦେଇ ଯାଉଥିଲା ସିରିଆ ଓ ୟେମେନ୍ ରାଜ୍ୟର ବାଣିଜ୍ୟ ବ୍ୟବସାୟର ମୁଖ୍ୟ ରାସ୍ତା । ତେଣୁ ସିରିଆ ଓ ୟେମେନ୍ ବ୍ୟବସାୟୀମାନଙ୍କ ପାଇଁ ମକ୍କା ଥିଲା ଯୋଗସୂତ୍ର । ମକ୍କା ସହରର ଦେବାଳୟରେ ହିଂସା ନିଷିଦ୍ଧ ଥିଲା ଓ ସମସ୍ତ ପରିଦର୍ଶକଙ୍କ ସୁରକ୍ଷା ସୁନିଶ୍ଚିତ ଥିଲା । ତେଣୁ ମକ୍କା ସହରର ମହତ୍ତ୍ୱ ଆହୁରି ବଢୁଥିଲା । ମକ୍କା ତୀର୍ଥସ୍ଥଳ ତଥା ବ୍ୟବସାୟ କେନ୍ଦ୍ରର ପୀଠସ୍ଥଳୀ ହୋଇ ସ୍ଥାନୀୟ ବାସିନ୍ଦା ଓ କାବିଲାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ତଥା ବିଶ୍ୱାସ ଓ ପ୍ରଥାର ଆଦାନ ପ୍ରଦାନର ଯୋଗସୂତ୍ର ର କାମ କରୁଥିଲା ଆରବୀବାସୀଙ୍କ ଅନେକ ଦେବାଦେବୀ ଓ ଦେବାଳୟ ଉପରେ ପ୍ରଗାଢ ଆସ୍ଥା ଓ ବିଶ୍ୱାସ ଥିଲା ଯଦିଓ ସେମାନ ଏକ ଇଶ୍ୱରବାଦ କଥା ଇହୁଦୀ ଓ ଖ୍ରୀଷ୍ଟିଆନମାନଙ୍କ ଠାରୁ ଶୁଣିଥିଲେ ।

ସପ୍ତମ ଶତାବ୍ଦୀ ସମୟରେ ଆରବ ସମାଜ ବିବିଧ ସମସ୍ୟାର ସଂମୁଖୀନ ହେଉଥିଲା ଏକାଧିକ ହାନିକର କୁସଂସ୍କାର ଆରବ ସମାଜକୁ ଆଧୋପତନକୁ ଟାଣି ନେଇଥିଲେ । ସେ ସମୟରେ ସଂସ୍କାରକ ଓ ଅଭିଜ୍ଞ ବ୍ୟକ୍ତି ଆରବ ସମାଜରେ ସଂସ୍କାର ଆଣିବା ପାଇଁ ଚିନ୍ତା କଲେ । ପ୍ରୋଫେଟ ମହମ୍ମଦ ମଧ୍ୟ ଅଧୋପତିତ ସମାଜ ଓ ଧାର୍ମିକ ଜୀବନ ଦେଖି ବିଚଳିତ ହୋଇଥିଲେ । ସେ ସମାଜକୁ ମାର୍ଜିତ କରିବା ପାଇଁ ଏକ ସୁଯୋଗ ରୂପେ ଗ୍ରହଣ କରି ନୂତନ ନୈତିକ ମୂଲ୍ୟବୋଧ ଉପସ୍ଥାପନ କଲେ

। ସେ ମଣିଷକୁ ମଣିଷ ସହ ରକ୍ତର ସଂପର୍କ ଦ୍ୱାରା ବାନ୍ଧିବା ପରିବର୍ତ୍ତେ ବିଶ୍ୱାସକୁ ମୂଳ ଆଧାର କରି ସମାଜକୁ ଏକତ୍ରିତ କରିବାର ପ୍ରୟାସ କରିଥିଲେ । ବିଶ୍ୱାସର ମୂଳଦୁଆକୁ ଆଧାର କରି ଭାତୃତ୍ୱର ବନ୍ଧନରେ ଏକ ସମାଜର ସୂତ୍ରପାତ କଲେ । ଏ ନୂତନ ଗୋଷ୍ଠି ବା ସମାଜ ହେଲା 'ଇସଲାମ' । ଇସଲାମର ଆକ୍ଷରିକ ଅର୍ଥ "ଇଶ୍ୱରଙ୍କ ଇଚ୍ଛା (ଉଦ୍ଦେଶ୍ୟ) ସମ୍ମୁଖରେ ସଂପୂର୍ଣ୍ଣ ସମର୍ପଣ" । ଇସଲାମ ଶବ୍ଦ ମୂଳ ଅର୍ଥ ଶାନ୍ତିର ଆନୀତ । ସେଥିପାଇଁ ଇସଲାମର ପ୍ରକୃତ ଅନୁଗାମୀ ଇଶ୍ୱରଙ୍କ ଉଦ୍ଦେଶ୍ୟ ସମ୍ମୁଖରେ ସମର୍ପଣ କରି ତାଙ୍କର ଦେବାଜ୍ଞା ଅନୁସରଣ କରି ସାଥି ମଣିଷଙ୍କ ସହ ଶାନ୍ତିପୂର୍ବକ ସହାବସ୍ଥାନ କରନ୍ତି । ଏହି ଇସଲାମ ଧର୍ମର ଅନୁଗାମୀ ମାନଙ୍କୁ ମୁସଲମାନ କୁହାଯାଏ ।

୬୧୨ ଖ୍ରୀଷ୍ଟାବ୍ଦ ବେଳକୁ ମହମ୍ମଦ ନିଜକୁ 'ରସୁଲ' ବା 'ଇଶ୍ୱରଙ୍କ ବାର୍ତ୍ତାବହ' ରୂପେ ପ୍ରଚାର କଲେ ଯେ ଆଲ୍ଲା ହିଁ ଏକମାତ୍ର ପୂଜନୀୟ । ଆଲ୍ଲା ଙ୍କ ପୂଜାପଦ୍ଧତି ସରଳ ଯଥା 'ସଲତ' ବା ପ୍ରତିଦିନ ପ୍ରାର୍ଥନା କରିବା ଓ କେତେକ ସଦାଚାର ନିୟମ ପାଳନ କରିବା ଯଥା ଅନ୍ୟକୁ ଦାନ କରିବା ଓ ଚୋରୀ କାର୍ଯ୍ୟରୁ ନିବୃତ୍ତ ରହିବା । ସେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ବିଶ୍ୱାସରେ ଏକତ୍ରିତ ହୋଇଥିବା ଏକ ଗୋଷ୍ଠି ବା 'ଉମ୍ମା' ସଙ୍ଗଠିତ କଲେ, ଯେଉଁ ଗୋଷ୍ଠୀ ସାକ୍ଷୀ ରୂପେ ଇଶ୍ୱର ଓ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ସମ୍ମୁଖରେ ସହଦ ବା ସାକ୍ଷୀରୂପେ ଧର୍ମକୁ ଉପସ୍ଥାପନ କରିପାରିବେ । ମହମ୍ମଦଙ୍କ ବାର୍ତ୍ତା ଓ ସଙ୍ଗଠନ ଅନେକଙ୍କ ମନଛୁଆଁ ହେଲା । ବିଶେଷକରି ତତ୍କାଳୀନ ମକ୍କାରେ ବସବାସ କରୁଥିବା ନୂତନ ସଂବୃଦ୍ଧ ଓ ଅନ୍ୟାନ୍ୟ ବ୍ୟକ୍ତି ଯେଉଁମାନେ ପୁରାତନ ବ୍ୟବସାୟ ଓ ଧାର୍ମିକ ବ୍ୟବସ୍ଥାରୁ ବଞ୍ଚିତ ଥିଲେ । ସେମାନେ ବିକଳ୍ପ ଗୋଷ୍ଠି ପରିଚୟର ଅନୁସନ୍ଧାନରେ ଥିଲେ । ଯେଉଁମାନେ ମହମ୍ମଦଙ୍କ ମତବାଦକୁ ଗ୍ରହଣ କଲେ ସେମାନେ ହେଲେ ମୁସଲମାନ । ମୁସଲମାନ ଅଦ୍ୱିତୀୟ ଆଲ୍ଲା ବା ଇଶ୍ୱରଙ୍କ ଉପରେ ବିଶ୍ୱାସ କରନ୍ତି । ସେ ସର୍ବ ଶକ୍ତିମତ୍ତା , ଶ୍ୱାସତ ଓ ପରମ ମହାନତା ଗୁଣଯୁକ୍ତ ଐଶୀଶକ୍ତି । ମଣିଷ ସମାଜ ତାଙ୍କ ଉପରେ ନିର୍ଭରଶୀଳ । ସେଥିପାଇଁ ସମସ୍ତେ ବିନୟର ସହ ତାଙ୍କୁ ନିର୍ଭର କରି ଉପରକୁ ଉଠି ତାଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିବା ଉଚିତ୍ କାରଣ ସମସ୍ତେ ତାଙ୍କ ଆଶ୍ରିତ ବ୍ୟକ୍ତି । ଯେଉଁମାନେ ତାଙ୍କର ଆଦେଶ / ଉପଦେଶ ପବିତ୍ର ହୃଦୟରେ ଗ୍ରହଣ କରନ୍ତି ସେମାନେ ତାଙ୍କର ଅନୁଗ୍ରହ ପ୍ରାପ୍ତ ହୁଅନ୍ତି ।

ମୁସଲମାନ ବିଶ୍ୱାସ କରନ୍ତି ଇଶ୍ୱର ଯୁଗେଯୁଗେ ତାଙ୍କର ବାର୍ତ୍ତାବହ ମାଧ୍ୟମରେ ମାନବ ସମାଜକୁ ଉଦ୍ଧାର କରିଥାନ୍ତି ମୂର୍ତ୍ତିପୂଜା ଓ ଅନ୍ଧବିଶ୍ୱାସ ମଧ୍ୟରୁ ଏବଂ ମହମ୍ମଦ ହେଉଛନ୍ତି ଇଶ୍ୱରଙ୍କ ଶେଷ ବାର୍ତ୍ତାବହ । ଇଶ୍ୱର ପ୍ରୋଫେଟ୍ ମହମ୍ମଦଙ୍କ ମାଧ୍ୟମରେ ପ୍ରକଟ କରିଛନ୍ତି ପବିତ୍ର ଗ୍ରନ୍ଥ କୋରାନ । ମୁସଲମାନ 'ଜନ୍ନତ' ବା ସ୍ୱର୍ଗ ଓ 'ଜହ୍ନୁମ୍' ନର୍କ ଉପରେ ବିଶ୍ୱାସ କରନ୍ତି । ସେମାନେ ବିଶ୍ୱାସ କରନ୍ତି ଦିନ ଆସୁଛି ମଣିଷ ପାଇଁ ; ଇଶ୍ୱର ଭାଗ୍ୟ ନିର୍ଦ୍ଧାରଣ କରିବେ । ସେ ଦିନ ସମସ୍ତ ମୃତ ଜିଇଁ ଉଠିବେ ଓ ପ୍ରତ୍ୟେକ ନିଜ ନିଜର କାର୍ଯ୍ୟର ବିବରଣୀ ଦେବେ । ମୁସଲମାନ 'କୟାମତ୍' ବା ଶେଷ ନିଷ୍ପତ୍ତି ଦିନ ମୁକ୍ତି ପାଇବେ ଓ ଏ ଧାରାରେ ସମାଜ ଦ୍ୱାରା ସଂଗୃହୀତ ସଂପଦର ଭାଗ ପାଇବେ ।

ଇସଲାମ ଧର୍ମର ପ୍ରଚାରର ଅଳ୍ପ ଦିନ ମଧ୍ୟରେ ମକ୍କା ସହରର ଧନିକ ପ୍ରତିପତିଶାଳୀ ଗୋଷ୍ଠୀ ମୁସଲମାନଙ୍କୁ ପ୍ରତିରୋଧ କଲେ କାରଣ ନୂତନ ଇସଲାମ ଧର୍ମ ସେମାନଙ୍କର ଉଚ୍ଚ ସାମାଜିକ ସ୍ଥିତି ଓ ସମ୍ମାନ ତଥା ସଂବୃଦ୍ଧି ହ୍ରାସର ଆଶଙ୍କା ସୃଷ୍ଟି କଲା । ମୁସଲମାନଙ୍କ ମକ୍କାବାସୀଙ୍କ ବହୁ ଦେବାଦବୀ ପୂଜାର ପ୍ରତ୍ୟାଖ୍ୟାନକୁ ଅପରାଧ ବୋଲି ଗଣନା କଲେ ପ୍ରତିପତ୍ତିଶାଳୀ । ମୁସଲମାନ ମାନେ ବହୁତ ବିରୋଧର ସମ୍ମୁଖୀନ ହେଲେ । ବିରୋଧର ଚାପରେ ୬୨୨ ଖ୍ରୀଷ୍ଟାବ୍ଦରେ ମହମ୍ମଦ ବାଧ୍ୟ ହୋଇ ନିଜର ଅନୁଗାମୀ ସହ ମକ୍କା ଛାଡି ମଦିନା ସହରରେ ବସବାସ କରିବା ପାଇଁ ସ୍ଥାନାନ୍ତର ହେଲେ । ମହମ୍ମଦଙ୍କ ମକ୍କାରୁ ମଦିନା ଯାତ୍ରାକୁ "ହିଜ୍‌ରା" କୁହାଯାଏ । ଏ ଯାତ୍ରା ବା ହିଜରା ଇସଲାମ ଧର୍ମ ଇତିହାସର ମୋଡ ବଦଳାଇ ଦେଲା । ମଦିନାରେ ମହମ୍ମଦଙ୍କ ପ୍ରବେଶ ମୁସଲମାନ ମାନଙ୍କ ନୂତନ ଦିନ ପଞ୍ଜିକା ବା କେଲେଣ୍ଡରର ପ୍ରାରମ୍ଭ ବା ପ୍ରଥମ ବର୍ଷ ।

ଇସଲାମ ଧର୍ମକୁ ପ୍ରତିରୋଧ ସତ୍ତ୍ୱେ ତିଷ୍ଠି ରହିବା ପାଇଁ ମୁସଲମାନ ଗୋଷ୍ଠୀକୁ ଏକତ୍ରିତ ଓ ସଙ୍ଗଠିତ କରିବା ପ୍ରଥମେ ଜରୁରୀ ଥିଲା ଓ ଦ୍ୱିତୀୟରେ ମୁସଲମାନମାନଙ୍କୁ ବାହ୍ୟ ଆକ୍ରମଣରୁ ପ୍ରତିରକ୍ଷା । ଏ ଦୁଇଟି ପାଇଁ ସାହାଯ୍ୟ ଓ ବଳ ଦରକାର ଓ ସେଥିପାଇଁ ରାଜନୈତିକ ଅନୁଷ୍ଠାନ ଯଥା ରାଜ୍ୟ ଓ ସରକାରଙ୍କ ସାହାଯ୍ୟ ଦରକାର ପଡିଲା । ବଳ ଓ ସାହାଯ୍ୟ ନିଜ ସଙ୍ଗଠନ ମଧ୍ୟରୁ ଉଦ୍ରେକ ହୋଇପାରେ ନଚେତ୍ ବାହାରୁ ମିଳିପାରେ । ମହମ୍ମଦ ତିନୋଟି ସୂତ୍ରରୁ ନିଜଗୋଷ୍ଠୀକୁ ସୁଦୃଢ କରିଥିଲେ । ପ୍ରଥମେ ନିଜର ରାଜନୈତିକ ନେତୃତ୍ୱରେ ଉମ୍ମାକୁ ବ୍ୟାପକ ଗୋଷ୍ଠୀରେ ରୂପାନ୍ତରିତ କରି ଇହୁଦିମାନଙ୍କ ଠାରୁ ଆରମ୍ଭ କରି ବହୁ ଦେବାଦେବୀ ବିଶ୍ୱାସ କରୁଥିବା ଲୋକଙ୍କୁ ସାମିଲ କଲେ । ଦ୍ୱିତୀୟରେ ନିଜ ଅନୁଗାମୀଙ୍କ ବିଶ୍ୱାସକୁ ସୁଦୃଢ କରିବା ପାଇଁ ପୂଜା ପଦ୍ଧତିରେ ଓ ନୀତି ନିୟମରେ କେତେକ ପରିବର୍ତ୍ତନ ଆଣିଲେ । ତୃତୀୟରେ ସେ ଅନୁଭବ କଲେ ଯେ କୃଷି, ବ୍ୟବସାୟ ଓ ଦାନ ସୂତ୍ରରୁ ଆସୁଥିବା ଆୟରୁ ଗୋଷ୍ଠିକୁ ଭରଣ ପୋଷଣ କରି ବଞ୍ଚାଇ ରଖିବା କଷ୍ଟକର । ତେଣୁ ସେ ଘେଜଓ୍ୱ ବା ଧନ ସଂଗ୍ରହ ପାଇଁ ଚଢାଉ ଅଭିଯାନ ସଙ୍ଗଠିତ କରିଥିଲେ । ଏହି ଚଢାଉ ଅଭିଯାନରେ ସେମାନେ ମକ୍କାର ବଣିକ ଦଳ ଓ ଆଖପାଖର ମରୁଦ୍ୟାନଙ୍କୁ ସାମିଲ କରିଥିଲେ । ଏ ସମସ୍ତ ଚଢାଉ ଅଭିଯାନ ମକ୍କାବାସୀଙ୍କ ମନରେ କ୍ରୋଧ ଓ ଉତ୍ତେଜନା ଜାତ କରି ପ୍ରତିକ୍ରିୟା ସୃଷ୍ଟି ହୋଇ ଯୁଦ୍ଧସ୍ତରକୁ ଟାଣିନେଲା । ଶେଷରେ ମୁସଲମାନମାନେ ମକ୍କା ଜୟ କଲେ । ମହମ୍ମଦ ଜଣେ ସୁଦକ୍ଷ ରାଜନୈତିକ ନେତା ତଥା ନାମୀ ଧର୍ମ ପ୍ରଚାରକ ରୂପେ ଦୂର ଦୂରାନ୍ତ ପର୍ଯ୍ୟନ୍ତ ପ୍ରସାରିତ ହେଲା । ମହମ୍ମଦ ତାଙ୍କ ଧର୍ମରେ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ ଚେଷ୍ଟିତ ହେଲେ । ତାଙ୍କର କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଅନେକ କାବିଲା ଯାଯାବର ବିଶେଷକରି ବେଦୁଇନମାନେ ଇସଲାମ ଧର୍ମରେ ଯୋଗ ଦେଲେ । ମହମ୍ମଦଙ୍କ ସହଯୋଗୀ ବଢିବାରେ ଲାଗିଲେ ଓ ଶେଷରେ ସାରା ଆରବ ତାଙ୍କ ଇସଲାମ ଧର୍ମକୁ ଗ୍ରହଣ କଲା ।

ମଦିନା ନୂତନ ଇସଲାମିକ୍ ରାଜ୍ୟର ରାଜନୈତିକ ଓ ପ୍ରଶାସନିକ ରାଜଧାନୀ ଏବଂ ମକ୍କା ଇସଲାମ ଧର୍ମର ଧାର୍ମିକ କେନ୍ଦ୍ର ସ୍ଥଳ ହେଲା । କାବାର ଚତୁର୍ଦିଗରେ ସଭାକରି ସମସ୍ତ ମୂର୍ତ୍ତି ହଟାଗଲା ଓ ଦେବାଳୟକୁ ସାମନା କରି ପ୍ରାର୍ଥନା କରିବା ଚଳଣି ଆରମ୍ଭ ହେଲା । ଅଳ୍ପ ସମୟ ମଧ୍ୟରେ ମହମ୍ମଦ ଆରବର ଅଧିକାଂଶ ଅଞ୍ଚଳକୁ ନିଜର ବିଶ୍ୱାସ, ନିଜ ଗୋଷ୍ଠି ଓ ନିଜ ରାଜ୍ୟରେ ଯୋଡି ଦେଇପାରିଲେ । ତେଣୁ ଆରମ୍ଭ କାଳରୁ ଅନେକ ବର୍ଷ ପର୍ଯ୍ୟନ୍ତ ଇସଲାମିକ୍ ରାଜନୀତି ଆରବର କାବିଲା ଏବଂ ଅନ୍ୟାନ୍ୟ ଗୋଷ୍ଠୀଙ୍କ ଏକ ସଂଘ ରୂପେ ସଫଳ ଥିଲା ।

ମହମ୍ମଦ ୫୯୫ ଖ୍ରୀଷ୍ଟାବ୍ଦରେ ମକ୍କାର ଧନୀ ମହିଳା ବ୍ୟବସାୟୀ ଖାଦିଜାଙ୍କୁ ବିବାହ କରିଥିଲେ । ଖାଦିଜାଙ୍କ ଅବଦାନ ମହମ୍ମଦଙ୍କ ଜୀବନରେ ଓ ଇସଲାମ ଧର୍ମରେ ମହତ୍ତ୍ୱପୂର୍ଣ୍ଣ ।

୬୧୦-୬୧୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହମ୍ମଦଙ୍କ ସମ୍ମୁଖରେ ଆଲ୍ଲା ତାଙ୍କର ମୁଖ୍ୟ ଦେବଦୂତ ଗେବ୍ରିଆଲଙ୍କ ମାଧ୍ୟମରେ ସତ୍ୟ ଉଦଘାଟନ କରିଥିଲେ । ଗେବ୍ରିଆଲ ଉଦଘାଟନ କରିଥିବା ପ୍ରଥମ ଶବ୍ଦ 'ଇକ୍ରା' ଶବ୍ଦରୁ କୋରାନ ଶବ୍ଦ ଆନୀତ । ପ୍ରୋଫେଟ ମହମ୍ମଦ ସର୍ବସାଧାରଣରେ ପ୍ରଥମ ପ୍ରବଚନ ଉପସ୍ଥାପନ କରିଥିଲେ ୬୧୨ ଖ୍ରୀଷ୍ଟାବ୍ଦରେ ।

### ମୁସଲମାନ ମାନଙ୍କ ଦାୟୀତ୍ୱ :-

ମୁସଲମାନମାନେ ତାଙ୍କର ବିଶ୍ୱାସ ସହିତ ନିମ୍ନଲିଖିତ ଦାୟୀତ୍ୱ ନିର୍ବାହ କରିବା ଶ୍ରେୟ ।

ପ୍ରଥମରେ, ଧର୍ମମତକୁ ଅନ୍ୟମାନଙ୍କ ସମ୍ମୁଖରେ ପରିବେଷଣ

ଦ୍ୱିତୀୟରେ, ଦିନକୁ ପାଞ୍ଚ ଥର ପ୍ରାର୍ଥନା ବା 'ନମାଜ' । ପ୍ରାର୍ଥନା ପ୍ରତ୍ୟୁଷ, ମଧାହ୍ନ, ଅପରାହ୍ନ, ସୂର୍ଯ୍ୟାସ୍ତ ଏବଂ ସୂର୍ଯ୍ୟାସ୍ତର ଦେଢ ଘଣ୍ଟା ପରେ । ଶୁକ୍ରବାର ଦିନ ବିଶେଷ ସମାବେଶରେ ପ୍ରାର୍ଥନା ।

ତୃତୀୟରେ, ଦାତବ୍ୟ କର ବା 'ଯାକତ' ବା ଆଇନ ଶିଦ୍ଧ ଦାନ ପଇଠ ।

ଚତୁର୍ଥରେ , ମୁସଲମାନ କେଲେଣ୍ଡରର ନବମ ମାସ ରମଜାନ ସମୟରେ ଏକ ମାସ ଉପବାସ ବା ରୋଜା ।

ପଞ୍ଚମରେ, ଯେଉଁମାନେ ସକ୍ଷମ ସେମାନେ ଜୀବନ କାଳରେ ଅତି କମ୍‌ରେ ଥରେ କାବା ଦର୍ଶନ ବା ତୀର୍ଥ ଯାତ୍ରା ।

ଉପରୋକ୍ତ ବିଶ୍ୱାସ ଓ ନିୟମ ପାଳନ ପୂର୍ବକ ଆଲ୍ଲା ବା ଇଶ୍ୱରଙ୍କ ଇଚ୍ଛା ଉପରେ ସଂପୂର୍ଣ୍ଣ ଆତ୍ମସମର୍ପଣ କଲେ ଜନ୍ନତ ବା ସ୍ୱର୍ଗ ପ୍ରାପ୍ତ ହୁଏ । ଇସଲାମ ଧର୍ମର ନିୟମ ପାଳନ ଓ ପୂଜା ମାଧ୍ୟମରେ ସମ୍ମାନର ଚରମସୀମା ମାନବୀୟ ବ୍ୟବହାର ଏବଂ ଚିନ୍ତନର ପରାକାଷ୍ଠା ପ୍ରାପ୍ତ ହୁଏ । ଉକ୍ତ ସାଧନା ବଳରେ ମୁସଲମାନ ନିଜର ଇଚ୍ଛା ଏବଂ ଭାବାବେଗ ଉପରେ ନିୟନ୍ତ୍ରଣ କରିପାରେ ।

❑❑❑

### ଅଷ୍ଟମ ଅଧ୍ୟାୟ

# ଇଉରୋପୀୟମାନଙ୍କ ଦୂର ଜଳଯାତ୍ରା ପାଇଁ ନୂତନ ସନ୍ଧାନ

ଭୌଗୋଳିକ ଆବିଷ୍କାର ପଞ୍ଚଦଶ ଶତାବ୍ଦୀରେ ପର୍ତ୍ତୁଗୀଜ ଓ ସ୍ପେନୀୟ ଆରମ୍ଭ କରିଥିଲେ ବୋଲି ଧାରଣା ଥିଲା । କିନ୍ତୁ ଅନୁସନ୍ଧାନରୁ ଜଣାପଡିଛି ଯେ ଆରବ, ଚୀନ ଓ ଭାରତର ଲୋକେ ଜଳପଥରେ ଯାତ୍ରା କରି ବାଣିଜ୍ୟ କରୁଥିଲେ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ । ପୋଲିସେନିଆ ଓ ମାଇକ୍ରୋସିଆର ବଣିକମାନେ ପ୍ରଶାନ୍ତ ମହାସାଗର ପାର କରି ବାଣିଜ୍ୟ କରିଥିଲେ । ନରୱେର ଭାଇକିଂମାନେ ଦ୍ୱାଦଶ ଶତାବ୍ଦୀରେ ଉତ୍ତର ଆମେରିକା ପହଞ୍ଚି ସାରିଥିଲେ ।

## ଦିଗ ନିର୍ଣ୍ଣୟ ଯନ୍ତ୍ର ଓ ନୌଯାତ୍ରା କୌଶଳର ଉନ୍ନତି

ପଞ୍ଚଦଶ ଶତାବ୍ଦୀ ବେଳକୁ ସାମାଜିକ, ଆର୍ଥିକ ପରିବର୍ତ୍ତନ ସହ ମଣିଷର ଧାରଣା ବିଶେଷତଃ କରି ପୃଥିବୀର ଆକାର, ମହାସାଗର , ମହାଦେଶ ବିଷୟରେ ପରିବର୍ତ୍ତନ ଆସିଲା । ଚୁମ୍ବକୀୟ ଦିଗ ନିର୍ଣ୍ଣାୟକ ଯନ୍ତ୍ର ଯାହା ୧୩୮୦ ବେଳକୁ ପ୍ରଚଳନ ଥିଲା । ପଞ୍ଚଦଶ ଶତାବ୍ଦୀରେ ନାବିକମାନେ । ଏହି ଦିଗ ନିର୍ଣ୍ଣୟ ଯନ୍ତ୍ର (Meriners Compass) ବ୍ୟବହାର କରି ସମୁଦ୍ରରେ ବହୁ ଦୂର ଯାତ୍ରା କରିବାର ସାହସ ବାନ୍ଧି ପାରିଲେ । ସୌଭାଗ୍ୟ ବଶତଃ ଡଙ୍ଗା ଓ ଜାହାଜ ତିଆରିରେ ନୂତନ କୌଶଳ ଦ୍ୱାରା ଉଚ୍ଚମାନର ପାଲ ବା ପୋତ ଦ୍ୱାରା ପରିଚାଳିତ ହେଉଥିବା ବଡ ବଡ ଡଙ୍ଗା ଓ ଜାହାଜର ବ୍ୟବହାର ବଢିଲା ତଦ୍ୱାରା ନାବିକମାନେ ନିଜ ସାଙ୍ଗେ ଯଥେଷ୍ଟ ମାଲ ଓ ଆବଶ୍ୟକ ସରଞ୍ଜାମ ,ନିଜର ବ୍ୟବହାର୍ଯ୍ୟ ଜିନିଷ, ଖାଦ୍ୟ ପଦାର୍ଥ ତଥା ଆତ୍ମରକ୍ଷା ଯନ୍ତ୍ରପାତି ନେଇପାରିଲେ ।

## ଲିଖିତ ପୁସ୍ତକରୁ ପ୍ରେରଣା

ନୌଯାତ୍ରା, ଭୂଗୋଳ, ଭୂ ତଥା ଜୀବଜଗତର ସୃଷ୍ଟି ସମ୍ପର୍କିତ ସୃଷ୍ଟି ବିଜ୍ଞାନ ଉପରେ ଲିଖିତ ପୁସ୍ତକରୁ ଅନେକ ସୂଚନା ମିଳିଲା ଏବଂ ସାରା ଇଉରୋପରେ ଆଗ୍ରହ ବଢିଲା ଦୂର ନୌଯାତ୍ରା ପାଇଁ । ବିଶେଷ କରି ପର୍ତ୍ତୁଗାଲ ଓ ସ୍ପେନ ନାବିକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସମୁଦ୍ରରେ ଦୀର୍ଘ ଯାତ୍ରା କରି ଭୌଗୋଳିକ ଆବିଷ୍କାର ପାଇଁ । ମାର୍କୋପୋଲାଙ୍କ ଭ୍ରମଣ ବୃତାନ୍ତ(Travel of Markopolo) ମରଚାଣ୍ଟସ ହେଣ୍ଡବୁକ୍ Merchants Handbook)ସିକ୍ରେଟସ୍ ଅଫ୍ ଫେଥ୍ ଲ୍ କ୍ରୁସେଡର (Secrets of Faith Crusader), ହୋଲିଲ୍ୟାଣ୍ଡ (Holyland) ଏବଂ ମିଶର ଦେଶର ଲେଖକ ଟଲେମି (Ptolomy)ଙ୍କ ପୁରାତନ ଭୁଗୋଳ ବହିର ୟୁରୋପରେ ନୂତନ ପ୍ରକାଶନ ପ୍ରେରଣା ଓ ଉତ୍ସାହ ସୃଷ୍ଟି କଲା ।

## ଶାସକ ବର୍ଗଙ୍କ ଆର୍ଥିକ ସାହାଯ୍ୟ ଓ ପ୍ରୋତ୍ସାହନ

ୟୁରୋପୀୟ ଓ ବିଶେଷ ଭାବରେ ସ୍ପେନ ଓ ପର୍ତ୍ତୁଗାଲର ଶାସକ ବର୍ଗ ଦୀର୍ଘ ଦିନ ଜଳଯାତ୍ରା ପାଇଁ ନାବିକମାନଙ୍କୁ ଆର୍ଥିକ ସାହାଯ୍ୟ ଓ ପ୍ରୋତ୍ସାହନ ଦେବା ପଛରେ କାରଣ ନିହିତ ଅଛି । ନିଶ୍ଚିତ ଭାବେ ରୌପ୍ୟ, ସ୍ୱର୍ଣ୍ଣ ଓ ଧନ ରତ୍ନ ଲାଭ କରିବାର ଆଗ୍ରହ ସହିତ ନିଜର ଗୌରବ, ସମ୍ମାନ ଏବଂ ଉପାଧି ବଢାଇବାର ଆଶା ମଧ୍ୟ ଥିଲା । ମୋଟା ମୋଟି ଭାବରେ ସାମାଜିକ, ଆର୍ଥିକ ଓ ଧର୍ମିକ ଅଭିପ୍ରାୟ ସଂଶ୍ଳିଷ୍ଟ ଥିଲା ଦିର୍ଘ ଜଳଯାତ୍ରା ପ୍ରୟାସରେ ସ୍ପେନ ରାଜତ୍ୱରୁ ପର୍ତ୍ତୁଗାଲ ୧୧୩୯ରେ ସ୍ୱାଧୀନତା ପାଇଲା ପରବର୍ତ୍ତୀ କାଳରେ ପର୍ତ୍ତୁଗାଲର ନାବିକ ରାଜା ହେନ୍ରୀ ନାବିକମାନଙ୍କୁ ସଙ୍ଗଠିତ କରି ପଶ୍ଚିମ ଆଫ୍ରିକା

ସିଟା(Ceuta) ରେ ପ୍ରଥମ ଉପନିବେଶ ସ୍ଥାପନ କଲେ ୧୪୧୫ ଖ୍ରୀଷ୍ଟାବ୍ଦରେ । ମୂଲ୍ୟବାନ ଧାତୁ ସହିତ ଆଫ୍ରିକାବାସୀଙ୍କୁ ଦାସ ରୂପେ ବ୍ୟବହାର କଲେ । ହେନେରୀ ସ୍କୁଲ ଅଫ୍ ନେଭିଗେସନ ସ୍ଥାପନ କରି ନାବିକମାନଙ୍କୁ ଜଳଯାତ୍ରାର ପ୍ରଶିକ୍ଷଣ ଦେଲେ । ଲୋପୋ ଗୋନସାଲଭେସ (Lopo Gonslaves) ବିଷୁବ ରେଖା ଅତିକ୍ରମ କଲେ ।। ବାରିଥୋଲମ୍ୟୁ ଡାଏସ୍ (Barlhol mew Daiz) ଦକ୍ଷିଣ ଆଫ୍ରିକାର ଅ୍ ଗୁଡ ହେ଼ ହୋପ ପର୍ଯ୍ୟନ୍ତ ଜଳଯାତ୍ରା କଲେ ।

## ୟୁରୋପର ଅର୍ଥନୈତିକ ଦୁରାବସ୍ଥା

ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେଲା । ସୁନାରୂପା ଧାତୁର ଅଭାବ ଦେଖାଦେଲା । ଏପରିକି ମୁଦ୍ରା ତିଆରି ପାଇଁ ପର୍ଯ୍ୟାପ୍ତ ଧାତୁ ସରକାର ପାଖରେ ନଥିଲା । ଦୁର୍ଭାଗ୍ୟକୁ ପ୍ଲେଗ ମହାମାରୀରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ । ୧୪୫୩ରେ ତୁର୍କମାନଙ୍କ ଦ୍ୱାରା କନଷ୍ଟାଣ୍ଟାଇନ୍‌ନୋପଲ ଅକ୍ତିଆର ହେଲା । ଫଳସ୍ୱରୂପ ୟୁରୋପୀୟ ମାନଙ୍କ ଦୂର ସ୍ଥାନକୁ ବିଶେଷ କରି ଏସିଆକୁ ସ୍ଥଳପଥ ବାଧାପ୍ରାପ୍ତ ହେଲା । ଇଟାଲୀୟ ମାନଙ୍କୁ ତୁର୍କ ମାନଙ୍କ ସହ ବ୍ୟବସାୟ ପାଇଁ ଉଚ୍ଚ ଦରରେ କର ଦେବାକୁ ପଡିଲା । ଏସିଆର ବିଳାସ ଓ ଆରାମ ଦାୟକ ସାମଗ୍ରୀର ଚାହିଦା ୟୁରୋପ ବଜାରରେ ଅଧିକ ଥିଲା ଓ ସରକାର ମଧ୍ୟ କର ପାଉଥିଲେ । ସେଥିପାଇଁ ଏସିଆକୁ ଜଳପଥର ଆବିଷ୍କାର ଓ ବ୍ୟବହାର ଅତି ଜରୁରୀ ହୋଇପଡିଲା ।

ଏକାଦଶ ଶତାବ୍ଦୀରୁ ତ୍ରୟୋଦସ ଶତାବ୍ଦି ମଧ୍ୟରେ ମୁସଲମାନ ଶାସନ ବର୍ଗ ଓ ଖ୍ରୀଷ୍ଟିଆନ ଶାସନ ବର୍ଗ ମଧ୍ୟରେ ଧର୍ମ ସ୍ଥାନ ଜେରୁଜେଲମକୁ ଅକ୍ତିଆର କରିବା ପାଇଁ ଲଢେଇ ହେଲା । ଯିଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ସ୍ଥାନ ଜେରୁଜେଲମକୁ ଖ୍ରୀଷ୍ଟିଆନମାନେ ସର୍ବୋତ୍ତମ ପବିତ୍ର ପୀଠ ଗଣନା କରି ମୁସଲମାନ ଶାସକ ହସ୍ତରୁ ଉଦ୍ଧାର କରିବା ପାଇଁ ଲଢେଇ କୁ କ୍ରୁଶେଡ ବା ଧର୍ମଯୁଦ୍ଧର ଆଖ୍ୟା ଦିଆ ହୋଇଛି । ଦୀର୍ଘ ଦିନର ଯୁଦ୍ଧ ସହିତ ସେମାନେ ଏସିଆରେ ବାଣିଜ୍ୟ ବ୍ୟବସାୟ ମଧ୍ୟ ବଢାଇଥିଲେ । ଯୁଦ୍ଧ ସମୟରେ ନୌକା ଓ ଜାହାଜର ବ୍ୟବହାର ନାବିକମାନଙ୍କ ସାମୁଦ୍ରିକ ଯାତ୍ରା ଉପରେ ଜ୍ଞାନ ବୃଦ୍ଧିରେ ସହାୟକ ହେଲା । ଏହି ଜ୍ଞାନ ଓ ଅନୁଭୂତି ସେମାନଙ୍କ ସାହାସ ଓ ଆଗ୍ରହ ଯୋଗାଇଲା ଦୂର ଜଳ ଯାତ୍ରା ପାଇଁ । କ୍ରୁସେଡ ସମୟରେ ଏସିଆର ଅନୁଭୂତି ପ୍ରେରଣା ଯୋଗାଇଥିଲା ଏସିଆରେ ବାଣିଜ୍ୟ ସହିତ ରାଜନୈତିକ ପତିଆରା ବଢାଇବାକୁ କାରଣ ଏସିଆର ଉଷ୍ମ ଜଳବାୟୁ ସେମାନଙ୍କ ପାଇଁ ଲାଭପ୍ରଦ ଥିଲା ।

ସ୍ପେନର ରାଜା ନାବିକମାନଙ୍କ ଦୁଃସାହସିକ ନେତା ମାନଙ୍କୁ ସେମାନଙ୍କ ନୂତନ ଦ୍ୱୀପ ଆବିଷ୍କାର ପାଇଁ ପୁରସ୍କୃତ କରୁଥିଲେ ଏବଂ ସମୁଦ୍ରର ନାଇଟ୍ ଉପାଧି ଦେଉଥିଲେ ଓ ସ୍ପେନ ରାଜାର ଅଧିକା ସାବ୍ୟସ୍ତ କରି ସେ ଅଞ୍ଚଳ ଉପରେ ନାବିକଙ୍କ ଶାସନ କରିବା ଅଧିକାର ଦେଉଥିଲେ ।

ଧର୍ମ ପରାୟଣ ଖ୍ରୀଷ୍ଟିଆନ୍ ମାନେ ଧର୍ମ ପ୍ରଚାର ପାଇଁ ନୂତନ ସୁଯୋଗ ଓ ସମ୍ଭାବନା ଦେଖିଲେ ଓ ଅଧିକ ଲୋକଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରିବା ପାଇଁ ଦୁଃସାହସିକ ଜଳଯାତ୍ରାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୋଇ ବାହାରି ପଡିଲେ ।

## କ୍ରିଷ୍ଟୋଫର କଲମ୍ବସ(୧୪୫୧-୧୫୦୬)

କଲମ୍ବସ୍ ଦୁଃସାହସିକ ଜଳଯାତ୍ରାର ଗୌରବ ଅର୍ଜନ କରିବା ପାଇଁ ନିଜ ପ୍ରୟାସରେ ନୌକା ଚାଳନା ଓ ଜଳଯାତ୍ରା କୌଶଳ ଶିଖିଥିଲେ । ସେ ନିଜକୁ ନିଜେ ନିଶ୍ଚିତ କରିଥିଲେ ଯେ ତାଙ୍କର ଜନ୍ମ ଓ ଭାଗ୍ୟରେ ଭାରତକୁ ବା ପ୍ରାଚ୍ୟକୁ ଜଳପଥ ଆବିଷ୍କାର ରହିଛି । ତାଙ୍କର ଧାରଣା ଥିଲା ଯଦି ସେ ଆଟଲାଣ୍ଟିକ ମହାସାଗରର ପଶ୍ଚିମ ଦିଗରେ ଯାତ୍ରା କରନ୍ତି ତାହେଲେ ଭାରତର ପହଞ୍ଚିବେ । ସେ ମାର୍କୋପୋଲୋଙ୍କ ଦ୍ୱାରା ଲିଖିତ ପୁସ୍ତକ ପଢି ଭୌଗୋଳିକ ଧାରଣ ବଢେଇଲେ । ସେ କାରଡିନାଲ ପିଏରି ଡିଏଲି (Cardinal Pierred Ailly) ଙ୍କ ୧୪୧୦ରେ ଭୂଗୋଳ ଓ ଜ୍ୟୋତି ବିଜ୍ଞାନ ଲେଖା ବିଷୟରେ ଇମାଗୋ ମୁନ୍‌ଡି (Imago Mundi) ପାଠ କରି ବିଭିନ୍ନ ଧାରଣା ପ୍ରଭାବିତ ହୋଇଥିଲେ । ସେ ତାଙ୍କର ନୌଯାତ୍ରା ଯୋଜନା ପ୍ରସ୍ତୁତ କରି ପର୍ତ୍ତୁଗାଲ ରାଜାଙ୍କୁ ପ୍ରସ୍ତାବ ଦେଲେ କିନ୍ତୁ ତାହା ମନା କରିଦେଲେ । ସେ ଏହି ପ୍ରସ୍ତାବକୁ ଜେନୋଆ, ଭେନିସ , ଇଂଲଣ୍ଡ ଓ

ସ୍ପେନର ଶାସକମାନଙ୍କୁ ମଧ୍ୟ ଦେଲେ । ଶେଷରେ ସ୍ପେନ ଶାସକ ସାହାଯ୍ୟ ପାଇଁ ସ୍ୱୀକୃତି ଦେଲେ । ୧୪୯୨ ମସିହା ଅଗଷ୍ଟ ୩ ତାରିଖରେ ସ୍ପେନର ଛୋଟ ବନ୍ଦର ପାଲୋସ (Palos) ଠାରୁ ଯାତ୍ରା ଆରମ୍ଭ କଲେ ଗୋଟିଏ ନାଓ (Nao) ବା ଭାରି ଜାହାଜ ସାନ୍ତାମାରିଆ (Santa Maria) ଏବଂ ଦୁଇଟି କାରାଭାଲ ବା ଛୋଟହାଲୁକା ଜାହାଜ ପିନଟା (Pinta) ଓ ନିନା (Nina) କୁନେଇ । ସାନ୍ତା ମାରିଆର ନିୟନ୍ତ୍ରଣ ଦାୟୀତ୍ୱ ନିଜେ କଲମ୍ବସ ଗ୍ରହଣ କଲେ ଓ ସଙ୍ଗରେ ରଖିଲେ ସୁଦକ୍ଷ ୪୦ ଜଣ ନାବିକ । ଅନ୍ୟ ଦୁଇ ନାବରେ ରହିଲେ ଆହୁରୀ ୪୦ଜଣ ନାବିକ । ଦୀର୍ଘ ୩୩ଦିନ ଯାତ୍ରା କଲା ପରେ ମଧ୍ୟ ସେମାନଙ୍କୁ କେବଳ ଆକାଶ ଆଉ ଜଳ ଛଡା ଭୂଖଣ୍ଡର ଦର୍ଶନ ହେଲା ନାହିଁ । ବ୍ୟତିବ୍ୟସ୍ତ ନାବିକମାନେ କଲମ୍ବସଙ୍କୁ ଫେରିଯିବା ପାଇଁ ଜୋର ଦେଲେ । କଲମ୍ବସ ଧୈର୍ଯ୍ୟହରା ନହୋଇ ବୁଦ୍ଧି କୌଶଳ ବଳରେ ନାବିକମାନଙ୍କୁ ଶାନ୍ତ କରାଇ କିଛି ଦିନ ଯାତ୍ରା କଲେ । ଶେଷରେ ୬୧ ଦିନର ଯାତ୍ରା ପରେ ଭାରତରେ ପଦାର୍ପଣ କଲେ । ଭୂଖଣ୍ଡ ଦେଖିବାକୁ ପାଇଲେ ୧୨ ଅକ୍ଟୋବର ୧୪୯୨ରେ ସେ ଭାବିଲେ ପ୍ରକୃତରେ ସେ ସ୍ଥାନ ଭାରତ ନଥିଲା ତାହା ଥିଲା ବାହମାର ଏକଦ୍ୱୀପ ଗୁଆନାହାନୀ (Guanahani) । ଏହି ଦ୍ୱୀପର ନାମ ହେଲା ପରବର୍ତ୍ତୀ ସାଲଭାଡୋର (San Salvor) । ସେଠାକାର ଅଧିବାସୀ ଆରାଓ୍ୱାକ ଖୁସିରେ ଆମନ୍ତ୍ରଣ କରି କଲମ୍ବସ ଓ ସାଥିଙ୍କୁ ଅତିଥି ଭଳି ସତ୍କାର କଲେ ।

କଲମ୍ବସ ଗୁଆନାହାନିରେ ସ୍ପେନ ଦେଶର ପତାକା ଉତ୍ତୋଳନ କଲେ, ପ୍ରାର୍ଥନା ସଭାର ଆୟୋଜନ କଲେ ଏବଂ ନିଜକୁ ସେ ଅଞ୍ଚଳର ରାଜ୍ୟପାଳ ଘୋଷଣା କଲେ । ସେଠାକାର ଲୋକଙ୍କ ସାହାଯ୍ୟରେ ନିକଟରେ ଥିବା ଦୁଇଟି ବଡ ଦ୍ୱୀପକୁ କ୍ୟୁବାନାସକାନ (Cubanasan) ଓ କିସକେୟ (Kishkeya) ଆବିଷ୍କାର କଲେ । ସେ ଭାବୁଥିଲେ ଯେ ସେ ଜାପାନ ଆବିଷ୍କାର କରିଛନ୍ତି କିନ୍ତୁ ଏହି ଦ୍ୱୀପ ଦୁଇଟି ହେଲା ବର୍ତ୍ତମାନର କ୍ୟୁବା (Cuba) ଓ ହାଇତି (Haiti) । ସେ ନିକଟରେ ଥିବା ଦ୍ୱୀପମାନଙ୍କୁ ଯିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ କିନ୍ତୁ ସେ ଅଞ୍ଚଳର ଅନ୍ୟ ଏକ ଅଧିବାସୀ ଗୋଷ୍ଠି କେରିବ୍‌ମାନେ ଏହାର ପ୍ରତିରୋଧ କଲେ । ଫଳ ସ୍ୱରୂପ କଲମ୍ବସ ଫେରି ଆସିଲେ ବହୁ କଷ୍ଟରେ ୩୨ ସପ୍ତାହର ଯାତ୍ରା ପରେ । ସେ ଆହୁରି ତିନିଥର ୧୪୯୩, ୧୪୯୮ ଓ ୧୫୦୨ ରେ ଜଳଯାତ୍ରା କରିଥିଲେ ଓ ବାହାମା ଦ୍ୱୀପ ଗ୍ରେଟର ଏଣ୍ଟିଲେନସ୍ ଓ ଦକ୍ଷିଣ ଆମେରିକାର ସମୁଦ୍ରକୂଳ ଏବଂ ଭିତର ଭାଗ ଯାତ୍ରା କରି ସେ ଅଞ୍ଚଳକୁ ଇଣ୍ଡିଜ ଓ ଏହି ଅଞ୍ଚଳର ଅଧିବାସୀ ରେଡ ଇଣ୍ଡିଅନ୍ ଆଖ୍ୟା ଦେଲେ । ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ସେ ଜାଣିପାରିଲେ ନାହିଁ ଯେ ସେ ଭାରତ ଆବିଷ୍କାର କରିନାହାନ୍ତି ବରଂ ଏକ ନୂତନ ମହାଦେଶ ଆବିଷ୍କାର କରିଛନ୍ତି ।

ପରବର୍ତ୍ତୀ କାଳରେ ଫ୍ଲୋରେନ୍ସର ଜଣେ ନାବିକ ତଥା ଭୂଗୋଳ ଶାସ୍ତ୍ରି ଆମେରିଗୋ ଭେସପୁଚି – ସେ ଅଞ୍ଚଳର ବିଶାଳତା ଉପରେ ଆଲୋକପାତ କଲେ ଓ ତାକୁ ନୂତନ ବିଶ୍ୱ (New World) ବୋଲି ଅଭିହିତ କଲେ । ତାଙ୍କ ନାମରେ ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକାର ନାମ ହେଲା । କଲମ୍ବସଙ୍କ ନାମରେ କେବଳ ଗୋଟିଏ ଦକ୍ଷିଣ ଆମେରିକା ଦ୍ୱୀପ କଲମ୍ବିଆ ନାମିତ ହେଲା । ୧୫୦୭ରେ ଜର୍ମାନୀର ଜଣେ ପ୍ରକାଶକ ପ୍ରଥମଥର ପାଇଁ ଆମେରିକାର ର ନାମ ବ୍ୟବହାର କଲେ ।

### ଭାସ୍କୋଡାଗାମା (Vasco da Gama) ୧୪୬୦-୧୫୨୪

ଯେଉଁ ସମୟରେ କଲମ୍ବସ ଦକ୍ଷିଣ ଆମେରିକାକୁ ଭାରତ ଭାବି ବାରମ୍ବାର ଯାତ୍ରା କରିଥିଲେ ପର୍ତ୍ତୁଗାଲର ଜଣେ ନାବିକ ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କଲେ ୧୪୯୮ ମସିହାରେ । ସେ ପର୍ତ୍ତୁଗାଲର ଏକ ସମ୍ଭ୍ରାନ୍ତ ପରିବାରରେ ୧୪୬୦ ଜନ୍ମଗ୍ରହଣ କରିଥିଲେ । ସମୁଦ୍ର ଯାତ୍ରା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା ଓ ସମୁଦ୍ର ତାଙ୍କୁ ବାଲ୍ୟକାଳରୁ ଆକୃଷ୍ଟ କରିଥିଲା । ସେ ବଡ ହୋଇ ଜଣେ ଦକ୍ଷ ନାବିକ ହେଲେ ଓ ପର୍ତ୍ତୁଗାଲ ଶାସକଙ୍କ ସାହାଯ୍ୟରେ ଆଫ୍ରିକାର ଉତ୍ତମାଶା ଅନ୍ତରୀପ ଦେଇ ଭାରତକୁ ଜଳପଥ ଆବିଷ୍କାର କଲେ ସେ ୧୪୯୭ରେ ଚାରୋଟି ଜାହାଜ ସହ ଲିସବନ ବନ୍ଦରରୁ ଯାତ୍ରା ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ଉତ୍ତମାଶା

ଅନ୍ତରୀପ ପାରି ହୋଇ ଆଫ୍ରିକାର ପୂର୍ବ ଉପକୂଳ ମାଲିନ୍ଦି ଠାରେ ପହଞ୍ଚି ଆରବ ନାବିକଙ୍କ ସହାୟତାରେ ଭାରତ ମହାସାଗରର ବାଟ ଦେଇ ୧୪୯୮ ମସିହା ମେ ମାସ ୨୦ତାରିଖରେ ଭାରତର ମାଲାବାର ଉପକୂଳ କାଲିକଟ୍‌ରେ ପହଞ୍ଚିଲେ । କାଲିକଟ୍‌ର ତତ୍କାଳୀନ ରାଜା ଜାମୋରିନ ପର୍ତ୍ତୁଗୀଜମାନଙ୍କୁ ବାଣିଜ୍ୟ ପାଇଁ ଅନୁମତି ଦେଲେ । ଖ୍ରୀଷ୍ଟାବ୍ଦ ୧୪୯୯ରେ ଭାସ୍କୋଡଗାମା ସ୍ୱଦେଶକୁ ବହୁ ମାତ୍ରାରେ ମସଲା ଓ ଧନ ସମ୍ପତ୍ତି ଜାହାଜମାନଙ୍କରେ ଭର୍ତ୍ତି କରି ଫେରିଥିଲେ । ପର୍ତ୍ତୁଗାଲର ରାଜା ତାଙ୍କର ଭାରତକୁ ଜଳପଥ ଆବିଷ୍କାରରେ ଖୁସି ହୋଇ ଭାରତର ଆଡମିରାଲ(Admiral of India) ଉପାଧି ପ୍ରଦାନ କରିଥିଲେ । ଭାସ୍କୋଡାଗାମା ଆଉ ଦୁଇଥର ଭାରତ ଯାତ୍ରାରେ ଆସିଥିଲେ ଓ ସେ ତାଙ୍କର ଶେଷ ନିଃଶ୍ୱାସ ଭାରତରେ ଖ୍ରୀଷ୍ଟାବ୍ଦ ୧୫୨୪ରେ ତ୍ୟାଗ କରିଥିଲେ ।

## ଫର୍ଡିନାଣ୍ଡ ମ୍ୟାଗେଲାନ (୧୪୮୦-୧୫୨୧)

ପର୍ତ୍ତୁଗାଲ ଦେଶର ଦୁଃସାହସିକ ନାବିକ ଫର୍ଡିନାଣ୍ଡ ମ୍ୟାଗେଲାନଙ୍କ ଜନ୍ମ ୧୪୮୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ସେ ପୃଥିବୀ ଚତୁଃପାର୍ଶ୍ୱ ଜଳପଥରେ ବୁଲିବାର ଦୃଢ଼ ସଂକଳ୍ପ ନେଇଥିଲେ କାରଣ ତାଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ ପୃଥିବୀ ଗୋଲ ଏବଂ ଜଣେ ଯେ କୌଣସି ସ୍ଥାନକୁ ସାଧା ଯାତ୍ରା ସଳଖ ରାସ୍ତାରେ କଲେ ମଧ୍ୟ ଦିନେ ସେ ସ୍ଥାନକୁ ଫେରିଆସିବ । ସେ ଜଳପଥରେ ଭାରତକୁ ଭାସ୍କୋଡାଗାମା ଓ ବଣିକମାନଙ୍କ ସହିତ ଆସି ଅଞ୍ଚଳକୁ ଯାଇଥିଲେ । ୧୫୧୩ ଜଳଯାତ୍ରା କରି କେପ୍ ଅଫ ଗୁଡହୋପ ଦେଇ ଆଫ୍ରିକାର ମରୋକ୍କୋ ଅଞ୍ଚଳରେ ପହଞ୍ଚିଲେ । ସେଠାରେ ସେ ସ୍ଥାନୀୟ ଅଧିବାସୀଙ୍କ ଆକ୍ରମଣର ଏକ ଅଙ୍ଗ ହରାଇଲେ । ତଥାପି ସେ ନିରୁତ୍ସାହ ନ ହୋଇ ପୃଥିବୀ ଚତୁପାର୍ଶ୍ୱରେ ଜଳପଥରେ ବୁଲିବାପାଇଁ ପର୍ତ୍ତୁଗାଲ ରାଜାଙ୍କୁ ପ୍ରସ୍ତାବ ଦେଲେ । ରାଜା ତାଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲା ପରେ ସେ ସ୍ପେନ ରାଜା ଚାର୍ଲସଙ୍କୁ ଅନୁରୋଧ କଲା । ସ୍ପେନ ରାଜା ତାଙ୍କୁ ପାଞ୍ଚଟି ଜାହାଜ ଓ ୨୮୦ଜଣ ନାବିକ ଦେଇଥିଲେ । ଫଳସ୍ୱରୂପ ୧୫୧୯ ଖ୍ରୀଷ୍ଟାବ୍ଦରେ ପାଞ୍ଚଟି ଜାହାଜ ସାନଆଣ୍ଟିନିଓ, ଟ୍ରିନିଦାଦ, କନ୍‌ସେପସନ ଭିଟୋରିଆ ଓ ସାଣ୍ଟିଆଗୋରେ ସ୍ପେନର କାଡିଜ ବନ୍ଦରରୁ ଜଳଯାତ୍ରା ଆରମ୍ଭ କଲେ । ସେ ଆଟଲାଣ୍ଟିକ ମହାସାଗର ଅତିକ୍ରମ କରି ଅନ୍ୟ ଏକ ମହାସାଗରରେ ପ୍ରବେଶ କଲେ । ଆଟଲାଣ୍ଟିକ ମହାସାଗର ଅପେକ୍ଷା ଏ ମହାସାଗର ଶାନ୍ତ ଥିବାରୁ ଏହି ମହାସାଗର ନାମ ରଖିଲେ ପ୍ରଶାନ୍ତ ମହାସାଗର । ସେ ଯେଉଁ ପ୍ରଣାଳୀ ଦେଇ ଆଟଲାଣ୍ଟିକରୁ ପ୍ରଶାନ୍ତ ମହାସାଗର ପ୍ରବେଶ କରିଥିଲେ ସେ ପ୍ରଣାଳୀକୁ ମ୍ୟାଗେଲନ ପ୍ରଣାଳୀ ବୋଲି ନାମିତ କରାଗଲା ।

ତାପରେ ଦୀର୍ଘ ତିନିମାସ ନୌଯାତ୍ରା କରିଥିଲେ ଏକ ନୂତନ ପଥରେ ଯାହା ନାବିକ ମାନଚିତ୍ରରେ ନଥିଲା । ଦିର୍ଘ ଦିନର ଯାତ୍ରା ପରେ ସେମାନେ କେବଳ ଦୁଇଟି ମରୁଦ୍ୱୀପ ପାଇଲେ । ଫଳସ୍ୱରୂପ ଖାଦ୍ୟାଭାବ ପଡିଲା ତାଙ୍କର ଜାହାଜରେ । ଅଖାଦ୍ୟ ଖାଇବାକୁ ବାଧ ହେଲେ ଓ ନାବିକମାନେ ରୋଗଗ୍ରସ୍ତ ହେଲେ ଏବଂ କିଛି ପ୍ରାଣ ହରାଇଲେ । ଶେଷରେ ସେ ମେରିଆନା ଓ ଫିଲିପାଇନ୍ ଦ୍ୱିପ ପୁଞ୍ଜରେ ପହଞ୍ଚିଲେ । ମେଗାଲନଙ୍କ ନାବିକ ଓ ଫିଲିପାଇନର ଅଧିବାସୀଙ୍କ ମଧ୍ୟରେ କଳହ ସୃଷ୍ଟି ହେଲା । କଳହ ସଂଘର୍ଷରେ ପରିଣତ ହେଲା ଏବଂ ଦୁଃଖଦ ଭାବରେ ଏପ୍ରିଲ ୨୭ ଦିନ ୧୫୨୧ ମସିହାରେ ମେଗେଲେନ୍ ନିହତ ହେଲେ । ତାଙ୍କର ୨୮୦ଜଣ ନାବିକ ଦଳ ମଧ୍ୟରୁ ୧୫୧୨ ମସିହା ମାତ୍ର ପ୍ରଥମ ଥର ଜଣ ଭାବରେ ଜଳପଥରେ ପୃଥିବୀ ପରିକ୍ରମା କରି ଫେରି ଆସିଥିଲେ । ପାଞ୍ଚଟି ଜାହାଜ ମଧ୍ୟରୁ ମାତ୍ର ଗୋଟିଏ ଜାହାଜ ଭିଟୋରିଆ ଯାତ୍ରା ସଂପୂର୍ଣ୍ଣ କରିଥିଲା ।

## ସାର ଫ୍ରାନସିସ୍ ଡ୍ରେକ୍

ଇଂରେଜ ନାବିକ ଫ୍ରାନସିସ୍ ଡ୍ରେକ ୧୫୭୭ରୁ ୧୫୮୦ମସିହା ମଧ୍ୟରେ ପୃଥିବୀ ପରିକ୍ରମା କରିଥିଲେ ଜଳପଥରେ । ସେ ଯେଉଁ ଜାହାଜରେ ପରିକ୍ରମା କରିଥିଲେ ସେ ଜାହାଜର ନାମ ଗୋଲଡେନ ହିନ୍ଦ । ଇଂଲଣ୍ଡ ରାଣୀ ଏଲିଜାବେଥ ତାଙ୍କର କାମ ପାଇଁ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ । ଭୌଗୋଳିକ ଆବିଷ୍କାର ଓ ନୂତନ ଜଳପଥ ଓ ନୂତନ ବିଶ୍ୱ ନୂତନ ସମ୍ଭାବନା ସୃଷ୍ଟି କଲା ବାଣିଜ୍ୟ, ବ୍ୟବସାୟ ବହୁ ଗୁଣରେ ବଢିଗଲା । ଆଟଲାଣ୍ଟିକ ମହାସାଗର ଉପକୂଳରେ ବନ୍ଦରମାନଙ୍କ ଚାହିଦା ବଢିଲା । 'ଳସ୍ୱରୂପ

ଲିସବନ୍ , ଲଣ୍ଡନ, ସେଭାଇଲ, କାର୍ଡିଜ ବନ୍ଦର ମାନ ମୁଖ୍ୟ ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ହୋଇ ବିଶ୍ୱ ପ୍ରସିଦ୍ଧ ହେଲା । ବାଣିଜ୍ୟ କ୍ଷେତ୍ରରେ ପର୍ତ୍ତୁଗାଲ, ସ୍ପେନ, ଇଂଲଣ୍ଡ ଓ ଫ୍ରାନସ୍ ନିଜନିଜର ଆଧିପତ୍ୟ ବିସ୍ତାର କଲେ । ଇଉରୋପ ଓ ଏସିଆ ମଧ୍ୟର ସ୍ଥଳପଥ ବାଣିଜ୍ୟ ଅପେକ୍ଷା ନୌ-ବାଣିଜ୍ୟ ବୃଦ୍ଧି ହେଲା । ନୂତନ ମହାଦେଶ ଆମେରିକା, ଆଫ୍ରିକାର କଞ୍ଚାମାଲ ଇଉରୋପୀୟ ବ୍ୟବସାୟୀ ନିଜ ଦେଶକୁ ନେଇ ଲାଭବାନ୍ ହେଲେ । ଭାରତରୁ ପ୍ରସ୍ତୁତ ପଦାର୍ଥର ଚାହିଦା ଇୟୁରୋପରେ ଅଧିକ ଥିବାରୁ ପ୍ରାରମ୍ଭ କାଳରେ ଭାରତର କଞ୍ଚାମାଲ ନ ନେଇ ଭାରତର ପ୍ରସ୍ତୁତ ଲୁଗା, ଅଳଙ୍କାର ଓ ଅନ୍ୟାନ୍ୟ ପଦାର୍ଥ ନେଇ ଲାଭବାନ୍ ହେଲେ ବଣିକମାନେ । ଆଫ୍ରିକା ଓ ଆମେରିକାରୁ ଜିନିଷ ପତ୍ର ସହିତ କୃଷ୍ଣକାୟ ଲୋକଙ୍କୁ ଦାସ କରି ଆଣି ବଜାରରେ କ୍ରୀତଦାସ କରି ବିକ୍ରିକରି ଲାଭବାନ୍ ହେଲେ ।

## ଉପନିବେଶ ସ୍ଥାପନ

ୟୁରୋପୀୟ ଦେଶ ଗୁଡିକ ନିଜ ନିଜର ସାମ୍ରାଜ୍ୟ ବିସ୍ତାର ଓ ଉପନିବେଶ ସ୍ଥାପନ ପାଇଁ ପ୍ରାଣ ପଣେ ଚେଷ୍ଟା କଲେ । ଭୌଗୋଳିକ ଆବିଷ୍କାର ନୂତନ ସୁଯୋଗ ସୃଷ୍ଟି କଲା । ଆମେରିକା , ଆଫ୍ରିକା ଓ ଏସିଆର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ପଦକୁ ବ୍ୟବହାର, ଖଣିଜ ସମ୍ପଦ ଉତ୍ତୋଳନ କରି ଲାଭବାନ୍ ହେଲେ । ରାଜନୈତିକ ଦୁର୍ବଳତାର ସୁଯୋଗ ନେଇ ଏସିଆ, ଆଫ୍ରିକାରେ ସାମ୍ରାଜ୍ୟ ସ୍ଥାପନ କରି ଲାଭବାନ୍ ହେଲେ । ପୁଞ୍ଜିବାଦକୁ ପ୍ରୋତ୍ସାହନ ମିଳିଲା । ସାମ୍ରାଜ୍ୟବାଦ, ଉପନିବେଶବାଦ ଓ ପୁଞ୍ଜିବାଦର ଶିକାର ହେଲେ ଏସିଆ, ଆମେରିକା , ଆଫ୍ରିକା ଉପନିବେଶର ଅଧିବାସୀ । ଶୋଷଣ ଓ ନିର୍ଯ୍ୟାତନା ଭୋଗିଲେ । ଆର୍ଥିକ ଅଧୋଗତି ଦେଖାଦେଲା । ୟୁରୋପୀୟ ଦେଶରେ ଧନ ସମ୍ପତ୍ତି ବଢିଲା । ସୁନା , ରୁପା, ସହଜରେ ପାଇଲେ । ଜଳପଥ ଶିଳ୍ପର ଅଗ୍ରଗତିରେ ସାହାଯ୍ୟ କଲା । ଆଫ୍ରିକା ଓ ଆମେରିକାରେ ଲୋକଙ୍କୁ ଶ୍ରମିକ ଓ କ୍ରୀତଦାସ ରୂପେ ସାମାଜିକ ଓ ଆର୍ଥିକ ଶୋଷଣ କଲେ ।

ଭୌଗୋଳିକ ଆବିଷ୍କାର ମାନବ ସମାଜର ଜ୍ଞାନକୁ ବହୁଗୁଣରେ ସମ୍ପ୍ରସାରଣ କରିଥିଲା । ନୂତନ ବିଶ୍ୱ ଲୋକ ଲୋଚନକୁ ଆସିଲା । ବାଣିଜ୍ୟ, ବ୍ୟବସାୟ ବଢିଲା ଓ ସଭ୍ୟତାର ଅଭିବୃଦ୍ଧି ହେଲା । ଭୌଗୋଳିକ ଜ୍ଞାନର ବିକାଶ ସଭ୍ୟତାର ଅଭିବୃଦ୍ଧିରେ ସହାୟକ ହେଲା । ଦୁଃସାହସିକ ନୌଯାତ୍ରାର ଅଭିବୃଦ୍ଧି ହେଲା । ଭୌଗୋଳିକ ଜ୍ଞାନ ସମ୍ପ୍ରସାରିତ ହେଲା । ସାମାଜିକ, ଆର୍ଥିକ, ରାଜନୈତିକ ତଥା ଧାର୍ମିକ କ୍ଷେତ୍ରରେ ସାରା ପୃଥିବୀରେ ତତ୍କ୍ଷଣାତ୍ ତଥା ସୁଦୂର ପ୍ରସାରୀ ପ୍ରଭାବ ପଡିଲା ।

□□□

## ନବମ ଅଧ୍ୟାୟ

# ଆମେରିକାର ସଭ୍ୟତା

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଧାରଣା ଥିଲା ଯେ, ୟୁରୋପୀୟବାସୀଙ୍କ ଆମେରିକା ପ୍ରବେଶ ଓ ବସତି ସ୍ଥାପନା ପରେ ସେଠାକାର ସଭ୍ୟତା ଉନ୍ନତ ହୋଇଥିଲା । ଆମେରିକାର ପ୍ରଥମ ଇତିହାସ ୟୁରୋପ ଐତିହାସିକ ମାନେ ରଚନା କରିଥିଲେ ଏବଂ ସେମାନଙ୍କ ଦୃଷ୍ଟିକୋଣରେ ୟୁରୋପୀୟ ମାନଙ୍କ ଆମେରିକା ଆବିଷ୍କାର ପୂର୍ବରୁ ଆମେରିକା ଅଧିବାସୀ ଅନୁନ୍ନତ ଥିଲେ । ସଭ୍ୟତା ନ ଥିଲା ଓ ସେଠାକାର ସଭ୍ୟତାକୁ ୟୁରୋପବାସୀ ସ୍ୱରୂପ ଦେଇଥିଲେ । କିନ୍ତୁ ନୃତତ୍ତ୍ୱବିତ୍‌ ମାନଙ୍କ ଅଧ୍ୟୟନ ପ୍ରାକ ୟୁରୋପୀୟ ଆମେରିକାର ଉନ୍ନତ ସଭ୍ୟତାକୁ ୟୁରୋପବାସୀ ସ୍ୱରୂପ ଦେଇଥିଲେ । କିନ୍ତୁ ନୃତତ୍ତ୍ୱବିଦ ମାନଙ୍କ ଅଧ୍ୟୟନ ପ୍ରାକ୍ ୟୁରୋପୀୟ ଆମେରିକାର ଉନ୍ନତ ସଭ୍ୟତା, ସଂସ୍କୃତି ଓ ଅଧିବାସୀଙ୍କ ସମାଜ ଉପରେ ଆଲୋକପାତ କଲେ । ପରବର୍ତ୍ତୀ କାଳରେ ପତ୍ନତତ୍ତ୍ୱବିତ୍‌ମାନେ ଆମେରିକାର ପୁରାତନ ସହରୀ ସଭ୍ୟତାର ଭଗ୍ନାବଶେଷ ପାଇଲେ ଓ ୧୯୧୧ ମସିହାରେ ମଞ୍ଜୁ ପନଞ୍ଚୁ ଭରାନ (Manju Pinchu) ର ପୁରାତନ ସହର ଇନକା (Inca) କୁ ଲୋକଲୋଚନକୁ ଆଣିଲେ । ଆକାଶମାର୍ଗରୁ ଉଠାଇଥିବା ଫଟୋ ଚିତ୍ର ପ୍ରକଟ କଲା ଯେ ଅନେକ ପୁରାତନ ସହରର ଅବଶେଷ ଉପରେ ଜଙ୍ଗଲ ସୃଷ୍ଟି ହୋଇଛି ।

ୟୁରୋପୀୟଙ୍କ ଆମେରିକାରେ ବସତି ସ୍ଥାପନର ହଜାର ହଜାର ବର୍ଷ ପୂର୍ବେ ସ୍ଥାନୀୟ ଲୋକେ ଦକ୍ଷିଣ ଓ ଉତ୍ତର ଆମେରିକା ତଥା ଆମେରିକାର ଭୂଖଣ୍ଡ ନିକଟରେ ଥିବା ଅନେକ ଦ୍ୱୀପ ଓ ଉପଦ୍ୱୀପରେ ବସତି ସ୍ଥାପନ କରି ରହୁଥିଲେ । ଦକ୍ଷିଣ ସାଗର ଦ୍ୱୀପ ତଥା ଏସିଆ ସହିତ ସେମାନଙ୍କ ସଂପର୍କ ଥିଲା । ଦକ୍ଷିଣ ଆମେରିକାର ଆମାଜୋନ ନଦୀ ବିଶ୍ୱର ବୃହତ୍ତମ ନଦୀ ମଧ୍ୟରୁ ଅନ୍ୟତମ ପାହାଡ ଘେରା ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ବହିଯାଇଛି । ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଦକ୍ଷିଣ ଆମେରିକାର ଅନେକ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । କେନ୍ଦ୍ର ଆମେରିକାର ମେକ୍ସିକୋ ଅଞ୍ଚଳରେ ସମୁଦ୍ର କୂଳ ଓ ସମତଳ ଅଞ୍ଚଳରେ ଘନ ଜନବସତି ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ ଅଞ୍ଚଳରେ ଜଙ୍ଗଲ ଭିତରେ ସ୍ଥାନେ ସ୍ଥାନେ ଗ୍ରାମମାନ ଦେଖିବାକୁ ମିଳେ ।

### ଆମେରିକାର ମୂଳ ଅଧିବାସୀ ଓ ସଭ୍ୟତା :

ୱେଷ୍ଟଇଣ୍ଡିଜ ଓ ତାର ନିକଟବର୍ତ୍ତୀ କେରିବିୟନ ସାଗରରେ ଶହ ଶହ ଦ୍ୱୀପରେ ବସବାସ କରୁଥିବା ଅଧିବାସୀମାନଙ୍କୁ କେରିବ ( Carib) କୁହାଯାଏ । ଏ ଅଞ୍ଚଳ ବାହମା (Bahama) ଏବଂ ଗ୍ରେଟର ଏନ୍‌ଟିଲେସ ( Greater Antilles) ନାମରେ ପରିଚିତିଲାଭ କରିଛି । ସ୍ଥାନୀୟ ଅଧିବାସୀ ମଧ୍ୟରେ କେରିବ ଓ ଆରାୱାକିୟନ ଲିକୋୟୋସ (Arawakian Lucayos) ଗୋଷ୍ଠି ପ୍ରଧାନ । କେରିବ ଆଦିବାସୀ ନିଜର ସ୍ୱାତନ୍ତ୍ର୍ୟ ଓ ଆଧିପତ୍ୟ ଜାହିର କରି ଅନ୍ୟକୁ ସହଜରେ ଗ୍ରହଣ କରନ୍ତି ନାହିଁ କିନ୍ତୁ ଆରାୱାକିୟ ଆଦିବାସୀମାନେ ଉଦାରମନା । ଅନ୍ୟକୁ ସହଜରେ ଗ୍ରହଣ କରନ୍ତି ଏବଂ ଦୁଃଖମୁଣାରେ ବିଶ୍ୱାସ କରନ୍ତି । ସେମାନେ ଶିକାର, ମାଛଧରା, କୃଷି ଉପରେ ନିର୍ଭର କରି ପ୍ରାରମ୍ଭରୁ ଜୀବିକା ନିର୍ବାହ କରୁଥିଲେ । ସେମାନେ ଗଛ କାଠଗଣ୍ଡିକୁ ସୁନ୍ଦର ଭାବରେ ସଜାଇ ହାଲୁକା ଡଙ୍ଗା ତିଆରି କରି ସମୁଦ୍ର ଭିତରକୁ ଯାତ୍ରା କରିବାରେ ସିଦ୍ଧହସ୍ତ ଥିଲେ ।

ଆଦିବାସୀ ସ୍ୱଗୋତ୍ର ପରିବାରବର୍ଗ ନେଇ ଏକ ମୁଖିଆଙ୍କ ନେତୃତ୍ୱରେ ସଂଗଠିତ ଥିଲେ । ତାଙ୍କର ମୌଳିକ ସାଂସ୍କୃତିକ ମୂଲ୍ୟବୋଧ ଲୋକ ସଂଗଠନ, ସାମୂହିକ ଖାଦ୍ୟର ଉତ୍ପାଦନ ଓ ସମାଜର ପ୍ରତ୍ୟେକ ସଭ୍ୟ ପାଇଁ ଖାଦ୍ୟର ବ୍ୟବସ୍ଥା ଉପରେ ଆଧାରିତ ଥିଲା । ସେମାନେ ପ୍ରତ୍ୟେକ ବସ୍ତୁରେ ଜୀବସତ୍ତା ଥିବାର ବିଶ୍ୱାସ କରୁଥିଲେ ।

ଆରାଓ୍ଵାକ ଆଦିବାସୀ କୁଶଳୀ ବୁଣାକର ଥିଲେ । ତାଙ୍କର ବୁଣାକର ଶୈଳୀ ଉଚ୍ଚକୋଟିର ଥିଲା । ସୁଦକ୍ଷ ବୁଣାକାରଙ୍କ ପ୍ରସ୍ତୁତ ଦୋଳିଶଯ୍ୟା ୟୁରୋପୀୟମାନଙ୍କ ଦୃଷ୍ଟି ଆକର୍ଷଣ କରି ମୁଖ୍ୟ ଚାହିଦା ଦେଲା । ସେମାନେ ସୁନାକୁ ମହତ୍ତ୍ୱ ବା ମୂଲ୍ୟ ଦେଉନଥିଲେ ମଧ୍ୟ ସୁନା ଅଳଙ୍କାର ବ୍ୟାବହାର କରୁଥିଲେ । ସୁନା ବଦଳରେ ୟୁରୋପୀୟମାନଙ୍କ ଠାରୁ କାଚ ଗୋଲିରେ ତିଆରି ମାଳି ଗ୍ରହଣ କରୁଥିଲେ । ସେମାନେ ଉଦାର ହୃଦୟରେ ସ୍ପେନବାସୀଙ୍କୁ ସୁନା ଖୋଜିବାରେ ସାହାଯ୍ୟ କଲେ କିନ୍ତୁ ପରବର୍ତ୍ତୀ କାଳରେ ସ୍ପେନର ନିଷ୍ଠୁର ନୀତି ଓ ଶୋଷଣ ବିରୋଧରେ ବିଦ୍ରୋହ କଲେ । ସ୍ପେନୀୟମାନେ ଆରାଓ୍ଵାକମାନଙ୍କୁ ଦମନ କରି ସରଳ ଉଦାରବାଦୀ ସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରିଦେଲେ ।

ଦକ୍ଷିଣ ଆମେରିକାର ପୂର୍ବ ଉପକୂଳରେ ଅନ୍ୟ ଏକ ଆଦିବାସୀ ସଂପ୍ରଦାୟ ଟୁପିନାମ୍ବା (Tupinamba ) ଘଞ୍ଚ ଜଙ୍ଗଲ ମଧ୍ୟରେ ଛୋଟ ଛୋଟ ଗ୍ରାମମାନଙ୍କରେ ବସବାସ କରୁଥିଲେ । ଜଙ୍ଗଲରେ 'ବ୍ରାଜିଲଉଡ୍' ବୃକ୍ଷ ଅଧିକ ଥିବାରୁ ସେ ଅଞ୍ଚଳର ନାମ ହେଲା ବ୍ରାଜିଲ । ଜଙ୍ଗଲରେ ଫଳମୂଳ, ପନିପରିବା ପ୍ରଚୁର ଥିଲା ଓ ଜଙ୍ଗଲ ମଧ୍ୟରେ ଅନେକ ଜଳାଶୟରେ ପ୍ରଚୁର ମାଛ ଥିଲା । ଜଙ୍ଗଲ ଜାତୀୟ ଦ୍ରବ୍ୟ ଓ ମାଛ ଧରା ଉପରେ ସେମାନେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ସେମାନେ କୃତ୍ରିମ ଚାଷକୁ ଗୁରୁତ୍ୱ ଦେଉନଥିଲେ । ତେଣୁ ଜଙ୍ଗଲ ସଫା କରୁନଥିଲେ କିମ୍ବା ଲୁହାର ବ୍ୟବହାର କରୁନଥିଲେ । ତାଙ୍କ ସମାଜରେ ରାଜା, ସୈନ୍ୟଦଳ କିମ୍ବା ଗୀର୍ଜା ନ ଥିବା ଦେଖି ୟୁରୋପୀୟବାସୀ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ସେମାନେ ଥିଲେ ଅମୃତର ସନ୍ତାନ ।

## କେନ୍ଦ୍ରିୟ ଓ ଦକ୍ଷିଣ ଆମେରିକାରେ ରାଜ୍ୟ ସ୍ଥାପନ

ରାଜ୍ୟ ସ୍ଥାପନ, ସରକାର ଗଠନ ଓ ଶାସନ ବ୍ୟବସ୍ଥାର ଭରଣପୋଷଣ ପାଇଁ ଅଧିକ ଉତ୍ପାଦନ ସହ ଉତ୍ପାଦନର ଯଥେଷ୍ଟ ବଳକା ପ୍ରାକ ଜରୁରୀ । ଆଦିବାସୀମାନଙ୍କ ରାଜ୍ୟ ସ୍ଥାପନ କରିବା ଅସମ୍ଭବ ନୁହେଁ କିନ୍ତୁ ଆଦିବାସୀମାନଙ୍କ ଅନଗ୍ରସର ଉତ୍ପାଦନ ପ୍ରଣାଳୀ ଓ ଅର୍ଥନିତି ଜୀବନ ଧାରଣ ସାଧନରେ ସୀମିତ ଥିଲେ ବଡ଼ ରାଜ୍ୟ ସ୍ଥାପନ ସମ୍ଭବ ନୁହେଁ । ସେ ଦୃଷ୍ଟିରୁ କେରିବିୟନ ଓ ବ୍ରାଜିଲ ଅଞ୍ଚଳରେ ବୃହତ ରାଜ୍ୟ ବ୍ୟବସ୍ଥା ସ୍ଥାପନ ନ ହୋଇ ଛୋଟ ଛୋଟ ଗ୍ରାମ ଓ ସହର ଗଢି ଉଠିଥିଲା । କିନ୍ତୁ ମଧ୍ୟ ଆମେରିକାର ଏଜଟେକ ( Aztek ) ମାୟା (Maya ) ଓ ଇନ୍‌କା (Inca) ମାନଙ୍କ ସମାଜରେ ଉତ୍ପାଦିତ ଖାଦ୍ୟଶସ୍ୟ ଯଥେଷ୍ଟ ବଳକା ଥିଲା, କୃଷି ପ୍ରଣାଳୀ ଉନ୍ନତ ଥିଲା, ଖଣିଜ ପଦାର୍ଥ ଉତ୍ତୋଳନ ଓ ବ୍ୟାବହାର ଜାଣିଥିଲେ ଓ ବ୍ୟବସାୟ ମଧ୍ୟ କରୁଥିଲେ । ଫଳସ୍ୱରୂପ ସହର ସଭ୍ୟତା ଗଢି ଉଠିବାର ସମସ୍ତ ଉପାଦାନ ଉପଲବ୍ଧ ଥିଲା । ଏଣୁ ଗଢି ଉଠିଥିଲା ଏକ ଉନ୍ନତ ସହରୀ ସଭ୍ୟତା । କେଉଁ କାରଣରୁ ତାହା ଧ୍ୱଂସ ପ୍ରାପ୍ତ ହେଲା ତାହାର ସଠିକ୍ ଅଧ୍ୟୟନ ହୋଇପାରିନାହିଁ କିନ୍ତୁ ସେ ଅଞ୍ଚଳରେ ଉପଲବ୍ଧ ଭଗ୍ନାବଶେଷରେ ସ୍ଥାପତ୍ୟ କଳାର ବିରାଟ ସ୍ଥାନଗୁଡ଼ିକ ଆଜି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଆସୁଛି ।

### ମାୟା ବା ପ୍ରାଚୀନ ମଧ୍ୟ ଆମେରିକୀୟ ଭାରତୀୟମାନଙ୍କ ସଭ୍ୟତା

କେନ୍ଦ୍ର ଆମେରିକାର ମେକ୍ସିକୋ ଅଞ୍ଚଳ ଏକାଦଶ ଶତାବ୍ଦୀ ଓ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ମାନବ ସଭ୍ୟତା ଉନ୍ନତି ପଥରେ ଥିଲା ଏ ସଭ୍ୟତାକୁ ଆମେରିକାର ମାୟା ଅଧିବାସୀମାନେ ସ୍ଥାପନ କରିଥିଲେ । ମାୟା ସଭ୍ୟତା କୃଷି କେନ୍ଦ୍ରିକ ଥିଲା । ଖାଦ୍ୟଶସ୍ୟର ପ୍ରଚୁର ଉତ୍ପାଦନ ମାୟା ସଭ୍ୟତାକୁ ସୁଦୃଢ଼ କରିଥିଲା । ସେମାନଙ୍କ ଜୀବନ, ସଂସ୍କୃତି, ଧାର୍ମିକ କର୍ମକର୍ମାଣି କୃଷି କେନ୍ଦ୍ରିକ ଥିଲା । ମଞ୍ଜି ବୁଣିବା ସମୟରେ, ଶସ୍ୟ ଉଠିବା ସମୟରେ ଓ ଶସ୍ୟକୁ ଅମଳ କରି ଗୃହକୁ ନେବା ସମୟରେ ତାଙ୍କର ପର୍ବପର୍ବାଣୀ, ଜାନିଯାତ୍ରା ପାଳନ କରୁଥିଲେ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଖାଦ୍ୟଶସ୍ୟ ଅର୍ପଣ କରି ଧାର୍ମିକ ଉତ୍ସବ ପାଳନ କରୁଥିଲେ । ଉନ୍ନତ ଫଳପ୍ରଦ କୃଷି ଉତ୍ପାଦନ ଓ ପଶୁପାଳନ ଲୋକଙ୍କ ଦୈନନ୍ଦିନ ଚାହିଦାପୂର୍ଣ୍ଣ ବଳକା ଓ ଅତିରିକ୍ତ ଖାଦ୍ୟଶସ୍ୟ ମାୟା ସଭ୍ୟତାର ସମସ୍ତଙ୍କୁ ସଂପୃକ୍ତ କରିବାରେ ସାହାଯ୍ୟ କରିଥିଲା । ଶାସକବର୍ଗ, ପୁରୋହିତ ଗୋଷ୍ଠିପତିଙ୍କ ଉଦବୃତ୍ତ ଶସ୍ୟ ପ୍ରେରଣା ହୋଇଥିଲା କୃଷିକୁ ଆହୁରି ବିକଶିତ କରିବାକୁ । ସେମାନଙ୍କ ବଳକା ଧନକୁ ଅନ୍ୟ କ୍ଷେତ୍ରରେ ଉପଯୋଗ କରି ସୁନ୍ଦର ସୁନ୍ଦର ଘର,

ପ୍ରାସାଦ, ମନ୍ଦିର ତିଆରି କଲେ । ସ୍ଥପତିମାନଙ୍କୁ ପ୍ରୋତ୍ସାହନ ଦେଇ ବିନିଯୋଗ କଲେ । ମାୟା ସଭ୍ୟତାବାସୀ ନିଜର ଭାବ ଓ ଚିନ୍ତା ପ୍ରକାଶ କରିବା ପାଇଁ ଛବିଲିପିର ବ୍ୟବହାର କଲେ । ଆଜି ପର୍ଯ୍ୟନ୍ତ ତାଙ୍କର ଛବିଲିପିରେ ଲିଖିତ ବିଷୟବସ୍ତୁର ସଂପୂର୍ଣ୍ଣ ଅର୍ଥ ନିରୂପିତ ହୋଇନାହିଁ । ମାୟା ସଭ୍ୟତାବାସୀ ଜ୍ୟୋତିର୍ବିଦ୍ୟାରେ ବିଶେଷ ଅଗ୍ରଗତି କରିଥିଲେ । ସମୟ ଓ ଋତୁ ପରିବର୍ତ୍ତନର ଲକ୍ଷ୍ୟ କରି ଚାଷ କରୁଥିଲେ । ସେମାନେ ଗଣିତ ବିଦ୍ୟାର ବିକାଶ କରିଥିଲେ । ତାଙ୍କର ପ୍ରାସାଦ, ମନ୍ଦିର ନିର୍ମାଣ ପାଇଁ ସଠିକ ମାପ କରୁଥିଲେ । ଜମିଜମା ମାପ ପାଇଁ ଗଣିତ ଓ ଜ୍ୟାମିତିର ବ୍ୟବହାରରେ ବର୍ଗକ୍ଷେତ୍ର, ଚତୁର୍ଭୁଜ ତିଆରି କରି ଉନ୍ନତି ସାଧନ କରିଥିଲେ । ସହର ରାଜ୍ୟମାନେ ଗଢି ଉଠିଥିଲା ଚତୁର୍ଦ୍ଦଶ ଶତାବ୍ଦୀରେ । ଥିଓଟିହିୟୁକାନ ସହର ରାଜ୍ୟ, ମେକ୍ସିକୋ ଅଞ୍ଚଳ ଉନ୍ନତ ଥିଲା । ସେମାନଙ୍କ ମନ୍ଦିର ପିରାମିଡ ପରି ତିଆରି ହେଉଥିଲା । ଉତ୍ସବ ପାଳନ ପାଇଁ ଉତ୍ସବ କେନ୍ଦ୍ରମାନ ସ୍ଥାପନ କରିଥିଲେ ।

## ଏଜ୍‌ଟେକମାନଙ୍କ ସଭ୍ୟତା

ଆମେରିକାର ଏଜଟେକ୍ ଅଧିବାସୀମାନେ ଉତ୍ତର ଆମେରିକାରୁ ମେକ୍‌ସିକୋ ଅଞ୍ଚଳର କେନ୍ଦ୍ରିୟ ଉପତ୍ୟକାରେ ଦ୍ୱାଦଶ ଶତାବ୍ଦୀରେ ପ୍ରବେଶ କଲେ । ସେ ଅଞ୍ଚଳର ଆଦିବାସୀଙ୍କୁ ଛୋଟ ଛୋଟ ରଣରେ ପରାସ୍ତ କରି ନିଜ ସାମ୍ରାଜ୍ୟ ବିସ୍ତାର କଲେ । ଆଦିବାସୀ ମୁଖ୍ୟଙ୍କଠାରୁ ବାର୍ଷିକ ଭେଟି ସଂଗ୍ରହ କଲେ । ମାୟାଙ୍କ ପରି ଏଜ୍‌ଟେକ ମାନେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଉନ୍ନତ କୃଷି ପ୍ରଣାଳୀରେ କରୁଥିଲେ ।

ସେମାନଙ୍କ ସମାଜ ଢାଞ୍ଚା ବହୁସ୍ତର ବିଶିଷ୍ଟ ଥିଲା । ତାଙ୍କ ସାମାଜିକ ସ୍ତର ବିନ୍ୟାସ, ମର୍ଯ୍ୟାଦା କ୍ରମିକ ଥିଲା । ସମ୍ଭ୍ରାନ୍ତବର୍ଗରେ ସମ୍ଭ୍ରାନ୍ତ ପରିବାର ରକ୍ତ ସମ୍ପର୍କୀୟ ବ୍ୟକ୍ତି, ପୁରୋହିତ ଏବଂ ରାଜ୍ୟର ପଦପଦବୀରେ ଥିବା ବ୍ୟକ୍ତି ଥିଲେ । ଏମାନଙ୍କ ମଧ୍ୟରୁ କେତେଜଣ ଉତ୍ତରାଧିକାରୀ ସୂତ୍ରରେ ଉଚ୍ଚତର ପଦାଧିକାରୀ, ସେନାଧ୍ୟକ୍ଷ ଓ ରାଜ ପୁରୋହିତ ଆସନ ଅଳଙ୍କୃତ କରୁଥିଲେ । ସମ୍ଭ୍ରାନ୍ତ ଗୋଷ୍ଠି ନିଜ ମଧ୍ୟରୁ ଜଣଙ୍କ ସର୍ବୋଚ୍ଚ ନେତା ଚୟନ କରୁଥିଲେ । ରାଜା ତାଙ୍କ ଜୀବନ ଶେଷ ପର୍ଯ୍ୟନ୍ତ ଏଜ୍‌ଟେକ ରାଜ୍ୟର ମୁଖିଆ ରହୁଥିଲେ । ଲୋକେ ରାଜାଙ୍କୁ ଧରାପୃଷ୍ଠରେ ସୂର୍ଯ୍ୟ ଦେବତାଙ୍କ ପ୍ରତିନିଧି ଭାବରେ ସମ୍ମାନ ଦେଉଥିଲେ । ତାଙ୍କ ସମାଜରେ ପୁରୋହିତ, ଯୋଦ୍ଧା ଓ ସମ୍ଭ୍ରାନ୍ତ ପରିବାରବର୍ଗଙ୍କୁ ଉଚ୍ଚସ୍ଥାନ ଦେଉଥିଲେ । ଶିକ୍ଷକ, ଚିକିତ୍ସକ ଏବଂ କଳାକାରଙ୍କ ସମ୍ମାନ ବି କମ୍ ନଥିଲା ସେମାନଙ୍କ ସମାଜରେ । ବ୍ୟବସାୟୀମାନେ ସମାଜରେ ବିଶେଷ ସୁବିଧାସୁଯୋଗ ଉପଭୋଗ କରୁଥିଲେ । ସମୟ ସମୟରେ ରାଜାମାନେ ସେମାନଙ୍କୁ ନିଜର ରାଷ୍ଟ୍ରଦୂତ ରୂପେ ଅନ୍ୟ ଦେଶକୁ ପଠାଉଥିଲେ ତଥା ଅନ୍ୟ ଦେଶର ଗୁପ୍ତ ଖବର ଆଣିବା ପାଇଁ ଗୁପ୍ତଚର ମୁତୟନ କରୁଥିଲେ ।

ଏଜ୍‌ଟେକ ମାନେ କଠିନ ପରିଶ୍ରମୀ ଥିଲେ । ତାଙ୍କର ଦେଶରେ ଚାଷଜମି ସୀମିତ ଥିଲା ସେଥିପାଇଁ ପତିତ ଜମିର ଉଦ୍ଧାର କରି ଚାଷ ଉପଯୋଗୀ କରୁଥିଲେ । ସେମାନେ ବୁଦ୍ଧିମାନ ଥିଲେ ବୁଦ୍ଧି ବିଦ୍ୟା ଓ ପରିଶ୍ରମରେ ସନ୍ତସନ୍ତିଆ ସ୍ଥାନରେ ବଢୁଥିବା ଏକ ପ୍ରକାର ଉଦ୍ଭିଦର ନାଡ଼କୁ ଘନଭାବରେ ଛନ୍ଦି ଆସ୍ତରଣ ରୂପେ ଆଚ୍ଛାଦିତ କରି ତା ଉପରେ ମାଟି ପକାଉଥିଲେ । ତାପରେ ଚାରା ଓ ବିବିଧ ଉଦ୍ଭିଦ ଲଗାଇ ଅତି ଉର୍ବର ଜମି ସୃଷ୍ଟିକରି ମେକ୍ସିକୋ ହ୍ରଦରେ 'ଚୀନାମପାସ୍' ବା କୃତ୍ରିମ ଦ୍ୱୀପ ସ୍ଥାପନ କଲେ ଓ ଇତିହାସରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । କୃଷିର ଉନ୍ନତି ପାଇଁ ସେମାନେ କେନାଲ ବ୍ୟବସ୍ଥା ମଧ୍ୟ କରିଥିଲେ । ୧୩୨୫ ଖ୍ରୀଷ୍ଟାବ୍ଦରେ ସେମାନେ ତାଙ୍କର ରାଜଧାନୀ ଟେନୋକଟିଟ୍‌ଲାନ୍ ( Tenochtitlen ) ସହର ସ୍ଥାପନ କଲେ । ତାଙ୍କର ସ୍ଥାପତ୍ୟ ଅତି ମନୋରମ, ଦୂରରୁ ଦେଖିଲେ ତାଙ୍କ ପ୍ରାସାଦ , ମନ୍ଦିର ଏବଂ ପିରାମିଡ୍ ହ୍ରଦର ଜଳ ମଧ୍ୟରୁ ଦେବତାଙ୍କୁ ସମର୍ପିତ ଥିଲା । ଯଦିଓ ଏଜ୍‌ଟେକମାନଙ୍କ ସହର ଆକର୍ଷଣୀୟ ଥିଲା ତାଙ୍କ ସାମ୍ରାଜ୍ୟର ମୂଳପିଣ୍ଡ ଥିଲା । ଗ୍ରାମାଞ୍ଚଳ କୃଷି ତାଙ୍କର ମୁଖ୍ୟ ଜୀବନ ଓ ଜୀବିକା ଥିଲା । ଖାଦ୍ୟଶସ୍ୟ, ବିନସ୍, ଆଳୁ, କଖାରୁ, ଲାଉ, କନ୍ଦା ଓ ଅନ୍ୟାନ୍ୟ ଫଳ ଚାଷ ହେଉଥିଲା । ଗ୍ରାମାଞ୍ଚଳରେ ଜମି ଗୋଷ୍ଠୀ ସମ୍ପତ୍ତି ଥିଲା ଓ ଗ୍ରାମର ରାସ୍ତାଘାଟ ଓ ଜନସାଧାରଣଙ୍କ ପାଇଁ କୋଠାବାଡି ତିଆରି ସାମୂହିକ ଭାବରେ ସଙ୍ଗଠିତ ହୋଇ ଗୋଷ୍ଠୀ ଦ୍ୱାରା ସଂଗଠିତ ହେଉଥିଲା ।

ସମ୍ଭ୍ରାନ୍ତ ଗୋଷ୍ଠୀ ବ୍ୟକ୍ତିଗତ ଚାଷ ଜମିରେ ଭାଗଚାଷୀ ନିଯୁକ୍ତ କରୁଥିଲେ। ଭାଗଚାଷୀ ଉତ୍ପାଦନର କିଛି ଅଂଶ ନିଜେ ରଖି ବାକି ସମସ୍ତ ଜମିମାଲିକଙ୍କୁ ପ୍ରଦାନ କରୁଥିଲେ। ଭାଗାଂଶର ଅନୁପାତ ସମ୍ଭ୍ରାନ୍ତ ଜମି ମାଲିକ ନିଶ୍ଚିତ କରି ନେଉଥିଲେ। ସମାଜର ଗରିବ ଶ୍ରେଣୀର ଲୋକେ ଏକ ନିର୍ଦ୍ଦିଷ୍ଟ ପରିମାଣର ଖାଦ୍ୟ ଶସ୍ୟ ବଦଳରେ ନିଜ ସନ୍ତାନଙ୍କୁ ବର୍ଷକ ପାଇଁ ବନ୍ଧକ ରଖୁଥିଲେ। ବର୍ଷ ଶେଷରେ ସେ ମୁକ୍ତ ହେଉଥିଲା। ସମୟ ବିଶେଷରେ ସେମାନେ କୃଷିଦାସ ଓ କ୍ରୀତଦାସ ହେବାର ମଧ୍ୟ ଅନେକ ଦୃଷ୍ଟାନ୍ତ ଅଛି।

ଏଜଟେକମାନେ ଆନୁଷ୍ଠାନିକ ଶିକ୍ଷା ପ୍ରତି ସଚେତନ ଥିଲେ, ଯଦିଓ ସମସ୍ତଙ୍କ ପାଇଁ ସମାନ ପ୍ରକାର ଶିକ୍ଷା ଅନୁଷ୍ଠାନ ନଥିଲା। ତଥାପି ସର୍ବ ସାଧାରଣ ପାଇଁ ନିଜ ଗ୍ରାମ ପାଖରେ ଶିକ୍ଷାନୁଷ୍ଠାନ ଟେପୋଚଲି (Tepachalli) ରେ ପାଠ ପଢୁଥିଲେ। ସ୍କୁଲ ଶିକ୍ଷାରେ ଧର୍ମ, ପୌରାଣିକ ଉପାଖ୍ୟାନ ଓ ଇତିହାସ ପାଠ୍ୟ ଖସଡାରେ ଥିଲା। ତା ବ୍ୟତୀତ ଆନୁଷାନିକ ସଙ୍ଗୀତ ଶିକ୍ଷାଦେଇ ଉତ୍ସବମାନଙ୍କରେ ସମବେତ ଗାନ କରୁଥିଲେ। ସମ୍ଭ୍ରାନ୍ତ ପରିବାରର ଶିଶୁମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ 'କାଲମେକାକ୍' (Calmecac)ରେ ଯୁଦ୍ଧବିଦ୍ୟା ଓ ଧର୍ମ ଶିକ୍ଷାଦାନ କରାଯାଉଥିଲା। ଶିକ୍ଷାନୁଷ୍ଠାନରେ ଝିଅମାନଙ୍କ ଗୃହ କର୍ମ ପାଇଁ କୌଶଳ ପ୍ରଶିକ୍ଷଣ ବ୍ୟବସ୍ଥା ଥିଲା। ପୁଅମାନଙ୍କୁ ଚାଷ କରିବା କୌଶଳ ବ୍ୟତୀତ ଯୁଦ୍ଧବିଦ୍ୟାର ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ଥିଲା। ଷୋଡଶ ଶତାବ୍ଦୀ ବେଳକୁ ଏଜ୍‌ଟେକ ସାମ୍ରାଜ୍ୟ ବିସ୍ତାର ଲାଭ କଲା ମେକ୍ସିକୋ ଅଞ୍ଚଳରେ। ପରାଧୀନ ଗୋଷ୍ଠି ସମୟ ସମୟରେ କେନ୍ଦ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ। କେନ୍ଦ୍ର ସରକାରର ଅଧିକାରୀ ମଧ୍ୟରେ ଧୀରେ ଧୀରେ ଫାଟ ସୃଷ୍ଟି ହେଲା ଏବଂ ବିଦ୍ରୋହର ସ୍ୱର ତୀବ୍ର ହେଲା। ପରାଧୀନ ଗୋଷ୍ଠୀ ନିଜ ନିଜର ସ୍ୱାଧୀନତା ପାଇଁ ସଂଗ୍ରାମ ଆରମ୍ଭ କଲେ।

## ପେରୁ ଅଞ୍ଚଳରେ ଇନକା (Incas) ଅଧିବାସୀ

ଦକ୍ଷିଣ ଆମେରିକା ପେରୁ ଅଞ୍ଚଳରେ ମୂଳ ଅଧିବାସୀଙ୍କ ବୃହତ୍ତମ ସଭ୍ୟତା ଗଢିଥିଲେ ଇନକା ବା କେଚୁଆସ (Quechuas) ମାନେ। ଦ୍ୱାଦଶ ଶତାବ୍ଦୀରେ ଇନକା ଗୋଷ୍ଠିର ନେତୃତ୍ୱରେ ମାନକୋ କେପାକ(Manco Capac) ପ୍ରଥମ ରାଜ୍ୟ ସ୍ଥାପନ କରି କୁଜକୋ (Cuzco) ଠାରେ ନିଜର ରାଜଧାନୀ ସ୍ଥାପନ କଲେ। ସେମାନଙ୍କ ନବମ ରାଜା ନିଜ ସାମ୍ରାଜ୍ୟକୁ ଏକୁଆଡୋର (Ecuador) ଠାରୁ ଚିଲି (Chile) ପର୍ଯ୍ୟନ୍ତ ତିନିହଜାର ମାଇଲ ବିସ୍ତାର କରିବାର ସକ୍ଷମ ହୋଇଥିଲେ।

ତାଙ୍କ ସାମ୍ରାଜ୍ୟ କେନ୍ଦ୍ର ଶାସିତ ଥିଲା। ପରାଜିତ ରାଜ୍ୟ ଓ ଅଧିବାସୀଙ୍କୁ ନିଜ ରାଜ୍ୟରେ ସଂପୂର୍ଣ୍ଣ ଅର୍ନ୍ତଭୁକ୍ତ କରୁଥିଲେ। ତାଙ୍କ ରାଜ୍ୟବାସୀ ଏକ ଭାଷା କେଚୁଆ କହିବାକୁ ବାଧ୍ୟ କରୁଥିଲେ ଏବଂ କେଚୁଆ ହିଁ ଏକମାତ୍ର ରାଜଭାଷା ରୂପେ ପରିଷଦ ବା ସ୍ଥାନୀୟ ପରିଚାଳନା ସଂଘ ସ୍ୱୀକୃତି ଦେଇଥିଲେ। ଇନକା ଆଦିବାସୀ ମାନେ ନିଜ ନିଜ ଅଞ୍ଚଳରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପରିଷଦ ଦ୍ୱାରା ପରିଚାଳିତ ହେଉଥିଲେ କିନ୍ତୁ ଆଦିବାସୀ ସଂଘବଦ୍ଧ ଭାବରେ ସମ୍ରାଟଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ଯୁଦ୍ଧ ସମୟରେ ପୂର୍ଣ୍ଣ ସାହାଯ୍ୟ କରୁଥିଲେ। ସମ୍ରାଟ ମଧ୍ୟ ସମୟ ସମୟରେ ଆଞ୍ଚଳିକ ମୁଖ୍ୟମାନଙ୍କୁ ପୁରସ୍କୃତ କରୁଥିଲେ ସେମାନଙ୍କ ସାମରିକ ସହାୟତା ପାଇଁ। ଇନକା ସାମ୍ରାଜ୍ୟରେ ଯଦିଓ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ଥିଲା ଇନକା ସମ୍ରାଟ ପାଖରେ କିନ୍ତୁ ନିରୀକ୍ଷଣରୁ ଅନୁଭୂତ ହୁଏ ସମୁହ ଏକ ପ୍ରକାର ଇନକା ଆଦିବାସୀଙ୍କ ପାରମ୍ପରିକ ମିଶ୍ରଣ ଉପରେ ପର୍ଯ୍ୟବେଶିତ ଏକ ସଂଘ ଥିଲା।

ଇନକା ସଭ୍ୟତା କୃଷି ଉପରେ ଆଧାରିତ ଥିଲା। ପାହାଡ ପର୍ବତରେ ପରିପୂର୍ଣ୍ଣ ଅଞ୍ଚଳରେ ପଥୁରିଆ ଜମିରେ ଚାଷ କରିବା ଏତେ ସହଜ ନଥିଲା ତଥାପି ସେମାନେ ପାହାଡ ତଳ ଅଞ୍ଚଳକୁ କାଟି ଚାଷ ପାଇଁ ସ୍ତରସ୍ତରରେ ସମତଳ ଅଞ୍ଚଳ ସୃଷ୍ଟି କରି ପାହାଡ ଝର ଠାରୁ ଜଳସେଚନର ଓ ଜଳ ନିଷ୍କାସନର ବ୍ୟବସ୍ଥା କରିଥିଲେ। ଏନଡିଅନ୍ ଉଚ୍ଚ ଭୂମିରେ ଆଜକୁ ୬୦୦ ବର୍ଷ ପୂର୍ବେ ଯାହା ଉତ୍ପାଦନ ହଉଥିଲା ଏକବିଂଶ ଶତାବ୍ଦୀରେ ତା ଠାରୁ କମ୍ ହଉଛି। ଚାଷରେ ଖାଦ୍ୟ ଶସ୍ୟ ଓ ଆଳୁ ଉତ୍ପାଦନ ମୁଖ୍ୟ ଥିଲା। ଗୃହପାଳିତ ପଶୁଙ୍କ ମଧ୍ୟରେ ଲାମା ମୁଖ୍ୟ ଥିଲା। ଲାମାର ମାଂସ ଖାଦ୍ୟପେୟ ଓ ଲୋମରୁ ବସ୍ତ୍ର ତିଆରି କରୁଥିଲେ। ଲାମାକୁ ଜିନିଷ ପରିବହନ ପାଇଁ ମଧ୍ୟ ବ୍ୟବହାର କରୁଥିଲେ।

Scanned by CamScanner

ଇନକାମାନଙ୍କ ବୟନ ଶୈଳୀ ଓ ପୋଡାମାଟିର ପାତ୍ର ବା ମୃଣ୍ମୟ ପାତ୍ର ଉଚ୍ଚକୋଟୀର ଥିଲା । ସେମାନଙ୍କ ଆୟ ବ୍ୟୟର ହିସାବ ବ୍ୟବସ୍ଥା ଥିଲା କିନ୍ତୁ ସେମାନେ ଲିଖନ ଜାଣି ନଥିଲେ । କ୍ବିପ ବା ଦଉଡିରେ ଗଣ୍ଠିପକାଇ ଗଣନା କରୁଥିଲେ । କ୍ବିପରେ ବନ୍ଧନ ପକାଇ ଏକ ସାଙ୍କେତିକ ସୂଚନା ରଖୁଥିଲେ ଓ ପ୍ରେରଣ କରୁଥିଲେ ।

ଇନକାମାନେ ଚିତ୍ତାକର୍ଷକ ବିରାଟ ପ୍ରାସାଦ ଓ ମନ୍ଦିରରେ ନିର୍ମାଣ କରିଥିଲେ । ସେମାନଙ୍କର ଦୁର୍ଗ ବଡ ବଡ ପଥର ଖଣ୍ଡରେ ତିଆରି । ପଥର ଖଣ୍ଡକୁ ଏପରି କୌଶଳରେ ଚାରିକୋଣିଆ କରି କାଟି ପ୍ରସ୍ତୁତ କରୁଥିଲେ ଯେ ପ୍ରତ୍ୟେକ ପ୍ରସ୍ତର ଖଣ୍ଡର ଓଜନ ୧୦୦ ମେଟ୍ରିକ ଟନ୍ ଥିବା । ପଥରକୁ ସ୍ଥାନାନ୍ତର କରିବା ପାଇଁ ସେ ସମୟରେ ଚକଯୁକ୍ତ ଯାନ ନଥିବା ସମୟରେ ମଣିଷର ଜ୍ଞାନ କୌଶଳ ଶ୍ରମ ଉପରେ ନିର୍ଭର କରୁଥିବା ନିଶ୍ଚିତ ଭାବେ ଇନକା ସଭ୍ୟତାର ଶ୍ରମିକ, ମିସ୍ତ୍ରୀ ଓ କାରିଗରମାନେ ଧନ୍ୟବାଦର ପାତ୍ର । ଆଜି ପର୍ଯ୍ୟନ୍ତ ଦର୍ଶକଙ୍କୁ ଆଚାର୍ଯ୍ୟ ଚକିତ କରେ ଇନକା ମାନଙ୍କ କଳା ନୈପୁଣ୍ୟ ଏବଂ କୌଶଳ । ପାହାଡ ଉପର ସହର ମାଚୁ ପିଚ୍ଛୁ ( Machu Pichhu) ବର୍ତ୍ତମାନ ପର୍ଯ୍ୟନ୍ତ ଦର୍ଶକଙ୍କୁ ଆକୃଷ୍ଟ କରେ । ଏକୁଆଡୋରରୁ ଚିଲି ପର୍ଯ୍ୟନ୍ତ ୩ହଜାର ମାଇଲ୍ ଲମ୍ବ ରାସ୍ତା ତିଆରି କରିଥିଲେ । ଯାହା ପାହାଡ ପର୍ବତ ଦେଇ ଯାଇଥିଲା ।

ଇନକା ସାମ୍ରାଜ୍ୟ ଇନକା ଆଦିବାସୀଙ୍କ ଏକ ସଂଘୀୟ ଥିଲା କିନ୍ତୁ ସମ୍ରାଟଙ୍କ ନିକଟରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ଥିଲା ଏଣୁ ଯେଉଁ ସମୟରେ ଇଉରୋପୀୟମାନେ ଆକ୍ରମଣ କଲେ ଏବଂ ସମ୍ରାଟଙ୍କୁ ଅକ୍ତିଆର କଲେ ସାମ୍ରାଜ୍ୟ ସହଜରେ ବିଭାଜିତ ହୋଇଥିଲା । ଇଉରୋପିୟ ସଂସ୍କୃତି ଏବଂ ଇନକା ଓ ଏଜଟେକ୍ ମାନଙ୍କ ସଂସ୍କୃତି ମୂଳଭୂତ ପାର୍ଥକ୍ୟ ହେଲା ଦକ୍ଷିଣ ଆମେରିକାଙ୍କ ମୂଳ ଅଧିବାସୀଙ୍କ ସମାଜ ବ୍ୟବସ୍ଥାରରେ ସାମାଜିକ ସ୍ତର ଥିଲା କିନ୍ତୁ ସମ୍ପତ୍ତିରେ ବ୍ୟକ୍ତିଗତ ମାଲିକାନା ନଥିଲା ଯେପରିକି ଇଉରୋପର ସମାଜରେ କିଛି ବ୍ୟକ୍ତିଙ୍କ ପାଇଁ ଦେଶର ସମ୍ପତ୍ତି ବ୍ୟକ୍ତିଗତ ଥିଲା । ଧାର୍ମିକ ବ୍ୟବସ୍ଥାରେ ପୂଜାସ୍ଥଳ ବିଶାଳ ପ୍ରାସାଦ ଥିଲା ଏବଂ ଧର୍ମୀୟ କର୍ମ କାଣ୍ଡରେ ସୁନା ରୂପାର ବହୁ ମାତ୍ରାରେ ବ୍ୟବହାର ହେଉଥିଲା କିନ୍ତୁ ଧାତୁକୁ ସେମାନେ ଅତି ମୂଲ୍ୟବାନ ପଦାର୍ଥ ରୂପେ ଗଣନା କରୁନଥିଲେ । ପୂଜା ସ୍ଥଳରେ ପୂଜକ ଓ ଗୁଣିଆଙ୍କ ଉଚ୍ଚସ୍ଥାନ ଥିଲା । କିନ୍ତୁ ସେମାନେ ନୀତିନିର୍ଦ୍ଧାରକ କିମ୍ବା ସେମାନଙ୍କ ସମାଜ ଉପରେ ନିୟନ୍ତ୍ରଣ ସୀମିତ ଥିଲା । ସେ ଦୃଷ୍ଟିରୁ ଇନକା ଓ ଏଜଟେକ୍ ସଭ୍ୟତା ଇଉରୋପୀୟ ସଭ୍ୟତାଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା ।

୧୪୯୨ମସିହାରେ କଲମ୍ବସ ବାହାମା ଅଞ୍ଚଳର ଗୁଆନାହାନିରେ ପ୍ରଥମେ ପଦାର୍ପଣ କରି ନୂତନ ଇତିହାସ ସୃଷ୍ଟି କଲେ । ସେ ଅଞ୍ଚଳକୁ ଭାରତ ଭାବି ଓ ସେଠାକାର ଅଧିବାସୀ ଆରାଓ୍ୱାକମାନଙ୍କ ଆତିଥ୍ୟ ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଓ ଲେଖିଥିଲେ "ସେମାନେ ଏତେ ଅମାୟିକ ଓ ମୁକ୍ତ ହସ୍ତ ଯେ ଜଣେ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିବ ନାହିଁ । ମୁକ୍ତହସ୍ତରେ ଖୋଲାହୃଦୟରେ ନିଜ ହସ୍ତଗତ ବସ୍ତୁକୁ ଅନ୍ୟକୁ ଏପରିକି ଆଗନ୍ତୁକକୁ ଭାଗ ଦିଅନ୍ତି" । କଲମ୍ବସ୍‌ଙ୍କ ଜଳପଥ ଆବିଷ୍କାରର ୫୦ବର୍ଷ ଭିତରେ ସ୍ପେନର ନାବିକ ଓ କଲମ୍ବସଙ୍କ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାର ଅନେକ ଦ୍ୱୀପ ଆବିଷ୍କାର କରି ଉପନିବେଶ ସ୍ଥାପନ କଲେ ଓ ସ୍ଥାନୀୟ ସାମ୍ରାଜ୍ୟକୁ ଅକ୍ତିଆର କଲେ ।

୧୫୧୯ ମସିହାରେ ସ୍ପେନର ନାବିକ କୋରଟେସ୍ (Cortes) ଏବଂ ତାଙ୍କ ସୈନ୍ୟଦଳ ମେକ୍ସିକୋ ଜୟ କଲେ । ସେତେବେଳେ ଏଜ୍‌ଏଟକ୍ ରାଜ୍ୟର ରାଜା ମନଟେଜୁମା (Mantzuma) ସ୍ପେନୀୟ ମାନଙ୍କ ଅଶ୍ୱାରୋହୀ ଓ ଗୋଲାବାରୁଦ ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଓ ଭାବିଲେ ଯେ କୋରଟେସ ହଉଛନ୍ତି ଏଜଟେକ୍ ମାନଙ୍କ ନିର୍ବାସିତ ଦେବତାଙ୍କ ଅବତାର । ସେ ପ୍ରତିଶୋଧ ନେବା ପାଇଁ ଧରାପୃଷ୍ଠକୁ ଆସିଛନ୍ତି । କୋରଟେଜ୍ ଯେଉ ସମୟରେ ଏଜଟେକ୍ ମାନଙ୍କ ସହର ଟେନେକଟିଟଲାନ(Tenochtitlan) ପହଞ୍ଚିଲେ ସେ ସହର ଦେଖି ଆଶ୍ଚର୍ଯ୍ୟ ହେଲେ । କାରଣ ସ୍ପେନର ସବୁଠାରୁ ବଡ ସହର ସେଭିଲି (Seville) ଠାରୁ ଏହା ଦ୍ୱିଗୁଣ ବଡ ଥିଲା । କିନ୍ତୁ ଏଜଟେକ ମାନଙ୍କ ରାଜା ତାଙ୍କୁ ଉପହାର ଦେଇ ଆମନ୍ତ୍ରଣ କଲା ।

କୋରଟେସ ଏଜଟେକ୍ ମାନଙ୍କ ରାଜାଙ୍କୁ ଗୃହବନ୍ଦୀ କଲେ ଓ ସେମାନଙ୍କ ମନ୍ଦିରରେ ଖ୍ରୀଷ୍ଟିଆନ ମାନଙ୍କ ପ୍ରତୀକ ସ୍ଥାପନ କଲେ। କୋରଟେସଙ୍କ ନିଷ୍ଠୁରତା ବିରୁଦ୍ଧରେ ଏଜଟେକମାନେ ବିଦ୍ରୋହ କଲେ ଏବଂ ଶେଷରେ କୋରଟେସ୍ ସେଠାରୁ ବାଧ୍ୟ ହୋଇ ଫେରି ଆସିଲେ । ଦୁର୍ଭାଗ୍ୟ ବଶତଃ ଏଜଟେକ ରାଜାଙ୍କ ମୃତ୍ୟୁ ହେଲା ଏବଂ ବସନ୍ତ ରୋଗରେ ହଜାର ହଜାର ଏଜଟେକ ବାସୀ ମୃତ୍ୟୁବରଣ କଲେ । ଏଜଟେକମାନଙ୍କ ନୂତନ ରାଜା କ୍ୟୁଟୋମୋକ ପ୍ରତିରୋଧ ଜାରି ରଖିଲେ କିନ୍ତୁ ଶେଷରେ କୋରଟେସ ଦୁଇ ବର୍ଷ ପରେ ଜୟଲାଭ କଲେ ଓ ମେକ୍ସିକୋ ଅକ୍ତିଆର କଲେ । ତାଙ୍କୁ ମେକ୍ସିକୋର କ୍ୟାପଟେନ୍ ଜେନେରାଲ ରୂପେ ଅବସ୍ଥାପିତ କରାଗଲା । ମେକ୍ସିକୋ, ଗୁଆଟାମେଲା, ନକାରାଗୋଆ ଓ ହାଣ୍ଡୁରସ୍ ସ୍ପେନର ନୂଆ ଉପନିବେଶ ହେଲା ।

ଏଜଟେକମାନଙ୍କ ଭଳି ଆରାଓ୍ୱାକ ମାନେ ମଧ୍ୟ ବସନ୍ତ ଓ ପ୍ଲେଗ ମହାମାରୀର ଶିକାର ହେଲେ । ଆରାଓ୍ୱାକ ମାନେ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେ କିନ୍ତୁ ସେମାନଙ୍କ ଅବଶେଷ, ତାଙ୍କର ଜୀବନ ଶୈଳୀ ଓ ସ୍ପେନ ଉପନିବେଶଙ୍କ ସହିତ ଦୁଃଖଦ ମୁକାବିଲାର ମୂକସାକ୍ଷୀ ହୋଇ ଆଜି ବି ବିଦ୍ୟାମାନ ଲାଟିନ୍ ଆମେରିକାରେ ।

❑❑❑

### ଦଶମ ଅଧ୍ୟାୟ

# ୟୁରୋପରେ ବିଜ୍ଞାନ ଓ ପରିବର୍ତ୍ତନଶୀଳ ସାଂସ୍କୃତିକ ପରମ୍ପରା

# (ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ)

ପରମ୍ପରା ଓ ସଂସ୍କୃତି ମାନବ ସମାଜରେ ସଦାସର୍ବଦା ପରିବର୍ତ୍ତନଶୀଳ । ପରିବର୍ତ୍ତନର କାରଣ ଓ ବାଟ ଅନେକ । ପଶ୍ଚିମ ୟୁରୋପରେ ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ମାନବ ସମାଜର ପରିବର୍ତ୍ତନ ମଧ୍ୟରେ ଆଧୁନିକିତାର ନିହ ବା ମୂଳ ପରିଲକ୍ଷିତ ହୁଏ । ଧର୍ମବିଶ୍ୱାସ ଅପେକ୍ଷା ପରୀକ୍ଷା ନୀରୀକ୍ଷାରୁ ଉପନୀତ ବିଜ୍ଞାନ ସମ୍ମତ ଜ୍ଞାନ, ସରକାର ଗଠନ ଓ ସଙ୍ଗଠନକୁ ନେଇ ତତ୍ତ୍ୱଜ୍ଞାନ, ଶାସନ ସୁପରିଚାଳନା ପାଇଁ ବେସାମରିକ କର୍ମଚାରୀ ସେବା, ପାର୍ଲାମେଣ୍ଟ ଏବଂ ଶାସନବିଧି , ବୈଷୟିକ ଜ୍ଞାନ କୌଶଳର ଉନ୍ନତି ବହୁଲୋକଙ୍କ ପାଖରେ ପହଞ୍ଚୁଥିଲା । କୃଷି ଓ ଶିଳ୍ପ କ୍ଷେତ୍ରରେ ବିପ୍ଳବର ସୂତ୍ରପାତ ହେଲା । ଏ ସମସ୍ତ ପରିବର୍ତ୍ତନ କେବଳ ୟୁରୋପରେ ସୀମା ବଦ୍ଧ ନହୋଇ ସାରା ପୃଥିବୀର ଦେଶମାନଙ୍କରେ ନୂତନ ଉଦ୍ଦୀପନା ସୃଷ୍ଟି କରି ପରିବର୍ତ୍ତନର ଦ୍ୱାର ଉନମୁକ୍ତ କଲା ।

## ଏକାଦଶ ଶତାବ୍ଦୀ ପୂର୍ବର ୟୁରୋପ:

ନବମ ଓ ଏକାଦଶ ଶତାବ୍ଦୀ ମଧ୍ୟରେ ୟୁରୋପର ଗ୍ରାମାଞ୍ଚଳରେ ଖ୍ରୀଷ୍ଟିଆନ ଗୀର୍ଜାର ପାଦ୍ରୀ ଓ ରାଜଶାସନ ମିଳିତ ଭାବେ ରୋମ ସାମ୍ରାଜ୍ୟର ଶାସନ ପଦ୍ଧତି ସହିତ ସ୍ଥାନୀୟ ଆଦିବାସୀଙ୍କ ଲୌକିକ ପରମ୍ପରା ଏକ ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ବାଟ ଦେଉଥିଲେ । ରୋମ ସମ୍ରାଟ ଚାର୍ଲାମେଗଙ୍କ ରାଜ୍ୟତ୍ୱ ସମୟରେ ତଥା ତାଙ୍କ ମୃତ୍ୟୁରେ ସାମ୍ରାଜ୍ୟର ଦ୍ରୁତ ପତନ ସତ୍ତ୍ୱେ ସମନ୍ୱୟର ପ୍ରକ୍ରିୟା ଚାଲୁ ରହିଲା । ବିଦେଶୀ ଆକ୍ରମଣ ଓ ଆଭ୍ୟନ୍ତରୀଣ ଅରାଜକତା ମଧ୍ୟରେ ସହର ଓ ବାଣିଜ୍ୟ କେନ୍ଦ୍ରମାନ ନିଜର ଅସ୍ତିତ୍ୱ ବଜାଇ ରଖିଲେ ।

ରୋମ ସାମ୍ରାଜ୍ୟ ପତନ ପରେ ଚାଷ, ଚାଷୀ ଓ ଚାଷ ଜମି କେନ୍ଦ୍ରୀକ ସାମନ୍ତବାଦୀ ବ୍ୟବସ୍ଥାରେ ଶାସକ ବର୍ଗ ସୁବିଧା ଭୋଗୀ ହୋଇ କେସଲ୍ ବା ଦୁର୍ଗ ଓ ମେନରରେ ଆବାସ ସ୍ଥାପନକରି ତତ୍ ସଂଲଗ୍ନ ଚାଷ ଜମିରେ କୃଷିଭୃତ୍ୟ ମାଧ୍ୟମରେ ଉତ୍ପାଦିତ ସାମଗ୍ରୀର ମାଲିକ ହେଲେ । ଚାଷି ଲର୍ଡ ବା ଜମି ମାଲିକ ପାଖରେ ସେବା ଓ ସାମଗ୍ରୀ ଯୋଗାଇବ ଏବଂ ବିଶ୍ୱସ୍ତ ରହିବ ବୋଲି ଶପଥ ନେଉଥିଲା । ଲର୍ଡମାନେ ତାଙ୍କ ଉପରିସ୍ଥ ବଡ ଲର୍ଡ ବା ଶାସକ ପାଖରେ ଶପଥ ଦେଉଥିଲେ ସାମନ୍ତ ରହିବା ପାଇଁ । ପାଦ୍ରୀ ଏ ବ୍ୟବସ୍ଥାକୁ ସ୍ୱୀକୃତି ଦେଇ ପ୍ରତ୍ୟକ୍ଷ ସାହାଯ୍ୟ କରୁଥିଲା । ଚର୍ଚ୍ଚ ବା ଗୀର୍ଜା ମଧ୍ୟ ନିଜ ଅଧିନରେ ଚାଷ ଜମି ରଖି କୃଷିଭୃତ୍ୟ ନିୟୋଜନ କରୁଥିଲା । ଏ ବ୍ୟବସ୍ଥାରେ ଚାଷ ଓ ଚାଷୀଙ୍କ ଅବସ୍ଥା ଶୋଚନୀୟ ଥିଲା । ମଣିଷର ମୃତ୍ୟୁହାର ମାତ୍ରାଧିକ ଥିଲା । ଅଳ୍ପ ବୟସରେ ଲୋକେ ମୃତ୍ୟୁବରଣ କରିବା ସାଧାରଣ ଥିଲା । ଔଷଧ ଓ ଚିକିତ୍ସା ବ୍ୟବସ୍ଥା ଅନ୍ଧ ବିଶ୍ୱାସ ଉପରେ ଆଧାରିତ ଥିଲା ଏବଂ ଜୀବନ ଧାରଣ ଅନିଶ୍ଚିତ ଥିଲା । ଗୀର୍ଜା ପରିଚାଳିତ ଧର୍ମଧାରଣରେ ଧର୍ମଯାଜକ ଓ ଗୀର୍ଜାର ସେବାକଲେ ଓ ନିର୍ଦ୍ଦିଷ୍ଟ ପଦ୍ଧତିରେ ପୂଜାପାଠ କଲେ ମୃତ୍ୟୁ ପରେ ଜୀବନ ସହଜ ହେବ ବୋଲି ଜନମାନସ ସୃଷ୍ଟି କରୁଥିଲେ ଶିକ୍ଷା ମାଧ୍ୟମରେ ।

ଈଶ୍ୱରଙ୍କୁ ଭୟ କରୁଥିବା ଲୋକ ସୃଷ୍ଟି ହି ମୂଳ ଲକ୍ଷ୍ୟ ଥିଲା । କାରଣ ଭୟାକୁ ଲୋକହିଁ ଚର୍ଚ୍ଚ ଓ ସାମନ୍ତବାଦୀ ବ୍ୟବସ୍ଥାରେ ଭୃତ୍ୟ ଓ ବିଶ୍ୱସ୍ତ ହୋଇରହିବ । କିନ୍ତୁ ଏ ବ୍ୟବସ୍ଥାର ମୂଳଦୁଆ ଦୁର୍ବଳ ଥିଲା ଓ ଭୁଷୁଡି ପଡିଲା ପରିବର୍ତ୍ତନର ସୁଅ ମୁଖରେ ।

**ଏକାଦଶ ଶତାବ୍ଦୀ:**

ବ୍ୟବସ୍ଥାରେ ପରିବର୍ତ୍ତନର ଅନେକ କାରଣ ଅଛି । ତନ୍ମଧ୍ୟରୁ ଏକାଦଶ ଶତାବ୍ଦୀରେ ପରିବେଶର ଧୀର ପରିବର୍ତ୍ତନ, ନାଟକୀୟ ଭଙ୍ଗିରେ ପ୍ରଯୁକ୍ତିଜ୍ଞାନ କୌଶଳରେ ଏବଂ ଚାଷ ଜମିକୁ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଅନ୍ୟତମ । ଉପରୋକ୍ତ ପରିବର୍ତ୍ତନ ପରିସର ଭିନ୍ନ ହେଲେ ମଧ୍ୟ ମଣିଷ ସହିତ ମଣିଷର ସଂପର୍କ ଓ ବନ୍ଧନରେ ପ୍ରଭାବ ପକାଇଥିଲା । ଲର୍ଡ , ସାମନ୍ତ , ଚାଷୀ ଓ କୃଷିଭୃତ୍ୟ ମଧ୍ୟରେ ଥିବା ସାମାଜିକ, ଅର୍ଥନୈତିକ ସଂପର୍କ ଓ ବନ୍ଧନକୁ ଦୋହଲାଇ ଦେଲା । ପରିବେଶ ଅଧ୍ୟୟନ କରୁଥିବା ଐତିହାସିକଙ୍କ ମତରେ ଏକାଦଶ ଶତାବ୍ଦୀରେ ୟୁରୋପରେ ଉତ୍ତାପ ବଢିବା ଦ୍ୱାରା ତୁଷାର ମାତ୍ରା କମିଲା ଓ ଫଳସ୍ୱରୂପ ଚାଷିଙ୍କୁ ଚାଷ କରିବା ସହଜ ହେଲା ଓ ଅଧିକ ଅବଧି ମିଳିଲା । କାଠ ଲଙ୍ଗଳ ବଦଳରେ ଧାତୁ ନିର୍ମିତ ଲଙ୍ଗଳମୁନ ଓ ବଳଦ ସ୍ଥାନରେ ଘୋଡାର ବ୍ୟବହାର, କୃଷି କ୍ଷେତ୍ରରେ ପବନଶକ୍ତି ଓ ଜଳଶକ୍ତିର ଉପଯୋଗ ବଢିଲା । ଶସ୍ୟକୁ ଗୁଣ୍ଡକରିବା, ଚୋପା ଛଡାଇବା , ଅଙ୍ଗୁର ଓ ଅନ୍ୟାନ୍ୟ ଫଳ ରସ ବାହାର କରିବା ପାଇଁ ପବନ ଓ ଜଳ ଚାଳିତ କଳକାରଖାନା ସହାୟକ ହେଲା ।

ଜମିର ସୁଉପଯୋଗ ପାଇଁ ୟୁରୋପରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଲା ଏକାଦଶ ଶତାବ୍ଦିରେ । ଚାଷଜମି ଓ 'ସଲର ଆବର୍ତ୍ତନ ଦ୍ୱାରା ଜମିର ଉର୍ବରତା ରକ୍ଷା ଯୋଗୁଁ ଉତ୍ପାଦନ ଦ୍ୱିଗୁଣିତ ହେଲା , ପନିପରିବା ଉତ୍ପାଦନ ବଢିଲା । ବିଶେଷତଃ ପ୍ରତ୍ୟେକ ପରିବାର ପ୍ରୋଟିନଯୁକ୍ତ ଆହାର ପାଇଲେ ଓ ଉତ୍ତମ ପଶୁ ଖାଦ୍ୟ ମିଳିଲା । ଚାଷୀ ପୂର୍ବରୁ ଯେତେ ପରିଶ୍ରମ ଓ ସମୟ ଖଟେଇ ଚାଷ କରୁଥିଲା ତା ଠାରୁ କମ୍ ସମୟ ଓ ପରିଶ୍ରମରେ ଅଧିକ ଉତ୍ପାଦନ କଲା । 'ଳସ୍ୱରୂପ ଚାଷୀ ପାଖରେ ବଳକା ସମୟ ରହିଲା ଅନ୍ୟାନ୍ୟ ଉଦ୍ୟମ ପାଇଁ ।

ପରିବର୍ତ୍ତନ ସୁଯୋଗ ସୃଷ୍ଟି କରେ । ସଂପନ୍ନ ତଥା ଜ୍ଞାନର ଅଧିକାରୀ ବ୍ୟକ୍ତି ପରିବର୍ତ୍ତନର ସୁଯୋଗ ନିଅନ୍ତି । ଚାଷ କ୍ଷେତ୍ରରେ ଓ ଚାଷ ଉପକରଣ କ୍ଷେତ୍ରରେ ପରିବର୍ତ୍ତନ ଓ କଳକାରଖାନା ପାଇଁ ପୁଞ୍ଜି ଦରକାର । ଚାଷୀସ ପାଖରେ ଶ୍ରମ ଥିଲା କିନ୍ତୁ ସମ୍ବଳ ନଥିଲା । ଜମି ମାଲିକ ପାଖରେ ପର୍ଯ୍ୟାପ୍ତ ସମ୍ବଳ ମହଜୁଦ ଥିଲା । ସେମାନେ ପବନ ଓ ଜଳ ଚାଳିତ କାରଖାନା ସ୍ଥାପନ କଲେ । ଚାଷୀ ଘୋଡାନାଳ, ଧାତୁ ନିର୍ମିତ ଲଙ୍ଗଳ ମୁନ ଓ ଅନ୍ୟାନ୍ୟ ଛୋଟ ଛୋଟ ଚାଷ ସାମଗ୍ରୀ ତିଆରି କଲା ।

ପୁରୁଣା ସାମନ୍ତବାଦୀ ବ୍ୟବସ୍ଥାରେ ଅର୍ଥନୈତିକ ଆଦାନ ପ୍ରଦାନ ସେବା ତଥା ବ୍ୟକ୍ତିଗତ ସଂପର୍କ ଓ ସମ୍ବନ୍ଧ ଆଧାରିତ ଥିଲା । ବର୍ତ୍ତମାନ ନଗଦ ମୁଦ୍ରାର କାରବାର ହେଲା । ଚାଷୀ ଶସ୍ୟ ବିକ୍ରିକରି ନଗଦ ମୁଦ୍ରା ପଇଠ କଲା ନିଜ ଜମିମାଲିକଙ୍କୁ । ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପିରଲକ୍ଷିତ ହେଲା । ମରୁଡି ବର୍ଷରେ କଷ୍ଟକର ହେଲା ମୁଦ୍ରା ପଇଠ କାରବାର ଏଣୁ ସେ ମହାଜନଠାରୁ ଋଣ ନେଲା । ୧୨୭୦ ରୁ ୧୩୨୦ ମସିହା ମଧ୍ୟରେ ପାଞ୍ଚଥର ମରୁଡି ପଡିଲା ୟୁରୋପରେ । ଦରବୃଦ୍ଧି ଦ୍ୱିଗୁଣିତ ହେଲା । ବାଣିଜ୍ୟ ବ୍ୟବସାୟୀ ଓ ମହାଜନ ଲାଭବାନ୍ ହେଲେ ।

ୟୁରୋପରେ ୧୦୦୦ ଖ୍ରୀଷ୍ଟାବ୍ଦରେ ୪୨ ନିୟୁତ ଲୋକସଂଖ୍ୟା ଥିଲା । ୧୨୦୦ ଖ୍ରୀଷ୍ଟାବ୍ଦରେ ୭୩ ନିୟୁତରେ ପହଞ୍ଚିଥିଲା ଲୋକଙ୍କ ହାରାହାରୀ ଜୀବଦ୍ଦଶା ୧୦ବର୍ଷ ବଢିଗଲା ଯଦିଓ ପୁରୁଷ ତୁଳନାରେ ନାରୀଙ୍କ ହାରାହାରୀ ଜୀବଦ୍ଦଶା ବଢିନଥିଲା ସାମାଜିକ କାରଣରୁ ।

ଚାଷୀତାର ଶସ୍ୟ ବିକ୍ରି କରି ଦରକାରୀ ସାମଗ୍ରୀ କିଣିବା ପାଇଁ ବଜାର ଦରକାର କଲା । ଫଳ ସ୍ୱରୂପ ଅନେକ ସାପ୍ତାହିକ ବଜାର ଓ ମେଳାର ଆୟୋଜନ ହେଲା । ଯେଉଁଠି ସାପ୍ତାହିକ ବଜାର ଓ ମେଳା ବସିଲା ସେ ସ୍ଥାନରେ ସହର ଗଢି ଉଠିଲା । ସହରର ଚାରି ଛକରେ ଓ [illegible] ଦୋକାନ ସ୍ଥାପନ ହେଲା । ଚାଷୀଙ୍କୁ ସହର ମାନଙ୍କରେ ସେବା ଦେବାକୁ ପଡିଲା ନାହିଁ । ସେଠାରେ

ତାର ଶ୍ରମକୁ ବିକ୍ରୟ କରି ରୋଜଗାର କରିବାର ସୁଯୋଗ ପାଇଲା । ସେ ଅନୁଭବ କଲା ଯେ ସେ ଜମିମାଲିକଠାରୁ ମୁକ୍ତ । ବିଶେଷ କରି ଯୁବ ସମ୍ପ୍ରଦାୟ ଏ ମୁକ୍ତିକୁ ସହଜରେ ଗ୍ରହଣ କଲେ । କୃଷିଭୃତ୍ୟମାନେ ଲୁଚିଛପି ସହରକୁ ପଳାୟନ କରି ଲୁଚି ଲୁଚି କାମ କଲେ । ଚାଷି ଓ ପଳାତକ କୃଷିଭୃତ୍ୟ ସହରମାନଙ୍କରେ ଅଣକୁଶଳୀ ଶ୍ରମିକ ଭାବରେ କାମ କଲେ ଦୋକାନ ବଜାରରେ ଓ କୋଠାବାଡି ତିଆରି କରିବାରେ । ସହର ବଢିବା ସଙ୍ଗେ ଅନେକ ଲୋକର ଦରକାର ହେଲା ବ୍ୟାଙ୍କ , କଚେରୀ, ସୁରକ୍ଷାକର୍ମୀ, ଉତ୍ସବରେ ନାଚଗୀତ, ସଙ୍ଗୀତ , ରାନ୍ଧୁଆ , ଚୌକିଦାର , ପାନ୍ଥଶାଳାର ପରିଚାଳକ ଇତ୍ୟାଦି ନିମନ୍ତେ ।

ଏକାଦଶ ଶତାବ୍ଦୀରେ ଇଂଲଣ୍ଡ, ଫ୍ରାନସରେ ବାଣିଜ୍ୟ ବ୍ୟବସାୟ ବଢିବା ଆଗରୁ କାରିଗର ନିଜର ହାତକାମକୁ ବିକ୍ରି କରିବା ପାଇ ମେଳରରୁ ମେଳର ବୁଲି ବୁଲି ବିକ୍ରି କରୁଥିଲା । ବର୍ତ୍ତମାନ ସେମାନେ ଗୋଟିଏ ସହରରେ ବିକ୍ରି କରି ପାରିଲେ ଓ ନିଜ ଖାଦ୍ୟ ପେୟ ଓ ଦରକାରୀ ସାମଗ୍ରୀ ସେହି ସହରରେ କିଣିପାରିଲେ । ବ୍ୟବସାୟୀମାନେ ଧନଶାଳୀ ହୋଇ ସାମନ୍ତମାନଙ୍କ ସହିତ ପ୍ରତିଯୋଗିତା ପାଇଁ ସକ୍ଷମ ହେଲେ । ରାଜନୀତିରେ ନିଜର ଅର୍ଥ ବଳରେ ପ୍ରଭାବ ବିସ୍ତାର କଲେ ।

କିଛି ବଡ ବ୍ୟାପାରୀ ଲାଭର କିଛି ଅଂଶ ଗୀର୍ଜାକୁ ଦାନ କଲେ ଓ କେତେକ ସ୍ଥାନରେ ବିଶାଳ ଗୀର୍ଜାଘର ତିଆରି ପାଇଁ ପାଣ୍ଠି ଯୋଗାଇ ଦେଲେ । ବିଶାଳ ଗୀର୍ଜାଘର ତିଆରି ସମୟ ସାପେକ୍ଷ ଓ ଏଥିପାଇଁ ବହୁ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଦରକାର ହେଲା । ସେହି ସ୍ଥାନରେ ସେମାନେ ବହୁଦିନ ରହିବା ଦ୍ୱାରା ଗୀର୍ଜାଘର ପାଖରେ ଛୋଟ ସହର ଗଢିଉଠିଲା ।

## ଚତୁର୍ଦ୍ଦଶ ଶତାବ୍ଦୀରେ ୟୁରୋପରେ ସଙ୍କଟ:-

ପରିବେଶର ଓଲଟା ପରିବର୍ତ୍ତନ ସହ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗରେ ୟୁରୋପରେ ଗ୍ରୀଷ୍ମଋତୁ ଏକମାସ କମ ହୋଇ ଶୀତର ପ୍ରକୋପ ବଢିଲା । ଚାଷ କ୍ଷତିଗ୍ରସ୍ତ ହେଲା ଏବଂ ଉଚ୍ଚ ଜମିରେ ଚାଷ କରିବା କଷ୍ଟକର ହେଲା । ସାମୁଦ୍ରିକ ଝଡ, ବତାଶ, ବନ୍ୟା, ଚାଷ ଓ କୃଷିକ୍ଷେତ୍ରକୁ ନଷ୍ଟ କଲା । ମୃତ୍ତିକା କ୍ଷୟ ଘଟିଲା ଓ ଚାରଣଜମି ପ୍ରଭାବିତ ହେଲା । ପଶୁ ସଂପଦ ନଷ୍ଟ ହେଲା । ଲୋକସଂଖ୍ୟା ତୁଳନାରେ ଖାଦ୍ୟଶସ୍ୟ ଓ ସମ୍ପଦର ଅଭାବ ଦେଖାଦେଲା । ୧୩୧୫ ଓ ୧୩୧୭ରେ ଦୁର୍ଭିକ୍ଷ ପଡିଲା । ୧୩୪୭ ଓ ୧୩୫୦ରେ ପଶ୍ଚିମ ୟୁରୋପରେ ପ୍ଲେଗ ମହାମାରୀରେ କୋଡିଏ ଶତକଡା ଲୋକ ମରିଗଲେ । ମଠ ଓ କନଭେଣ୍ଟ ଯେଉଁଠି ଏକ ସୀମା ଭିତରେ ଲୋକେ ବସବାସ କରୁଥିଲେ ସେଠାରେ ସମସ୍ତେ ମୃତ୍ୟୁବରଣ କଲେ । ଅର୍ଥ ଆଦାୟ କମିଗଲା ସାରା ୟୁରୋପରେ ସୁନା ରୂପାର ଅଭାବରୁ ଧାତୁ ନିର୍ମିତ ବିନିମୟ ମୁଦ୍ରାର ଘୋର ଅଭାବ ଦେଖାଦେଲା ।

ମହାବିପତ୍ତି ସହିତ ଆର୍ଥିକ ସଙ୍କଟ ସମାଜ ଉପରେ ଅମାପ ପ୍ରଭାବ ପକାଇ ସମାଜକୁ ଅବ୍ୟବସ୍ଥିତ ଓ ମଣିଷକୁ ସ୍ଥାନଚ୍ୟୁତ କରିଦେଲା । ଜନସଂଖ୍ୟା କମିବା ଦ୍ୱାରା ଶ୍ରମଶକ୍ତିର ଅଭାବ ଦେଖାଦେଇ କର୍ମକ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି କଲା । ଶ୍ରମିକ ଶ୍ରମର ଦୈନିକ ମଜୁରୀ ଇଂଲଣ୍ଡରେ ୨୫୦% ବଢିଲା ତଥାପି ଶ୍ରମିକ ମିଳିଲେ ନାହିଁ । କୃଷି ସାମଗ୍ରୀର ମୂଲ୍ୟ କମିଗଲା କାରଣ କିଣିବା ପାଇଁ ଲୋକ ନଥିଲେ । ଜମିମାଲିକମାନେ ମଧ୍ୟ ପ୍ରଭାବିତ ହେଲେ ଏବଂ ପୁଣିଥରେ ପୁରୁଣା ସାମନ୍ତବାଦୀ ସେବା ବ୍ୟବସ୍ଥାରେ ଜମିକୁ ଠିକା ଦେବାକୁ ଚେଷ୍ଟା କଲେ । ଫଳସ୍ୱରୂପ ୧୩୨୩ରେ ଫ୍ଲେଣ୍ଡରସ (Flanders), ୧୩୪୮ରେ ଫ୍ରାନ୍ସ (France), ଓ ୧୩୮୧ ରେ ଇଂଲଣ୍ଡରେ (England), ଚାଷୀ ବିଦ୍ରୋହ ହେଲା । ବିଦ୍ରୋହକୁ ନିଷ୍ଠୁରତା ସହ ଶାସକ ଗୋଷ୍ଠୀ ଦମନ କଲେ । ବିଦ୍ରୋହ ଦମନ ହେଲା କିନ୍ତୁ ପୂର୍ବ ସାମନ୍ତବାଦୀ ସେବା ବ୍ୟବସ୍ଥା ପୁନଃସ୍ଥାପନ ହୋଇପାରିଲା ନାହିଁ କାରଣ ଚାଷୀ ନିଜର ଥରେ ପାଇଥିବା ସ୍ୱାଧୀନତାକୁ ଓ ଲାଭକୁ ହରାଇବାକୁ ପ୍ରସ୍ତୁତ ନଥିଲା ।

## ଶିକ୍ଷା ଓ ତତ୍କାଳୀନ ମାନବବାଦ

ସେ ସମୟରେ ଧର୍ମଯାଜକ ଓ ଗିର୍ଜା ଶିକ୍ଷା କାର୍ଯ୍ୟକ୍ରମ ନିର୍ଣ୍ଣୟ କରୁଥିଲେ ଓ ଶିକ୍ଷା ଖସଡାରେ ପୁରାତନ ରୋମ ଓ ଗ୍ରୀସର ସଂସ୍କୃତି ସାହିତ୍ୟର ସ୍ଥାନ ନଥିଲା । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ଯେଉଁ ଶିକ୍ଷକ ବ୍ୟାକରଣ , ଅଳଙ୍କାର , କବିତା, ଇତିହାସ ନୀତି

ଦର୍ଶନ ଶିକ୍ଷା ଦେଉଥିଲେ ସେମାନଙ୍କୁ 'ମାନବବାଦୀ' କହୁଥିଲେ । ଏ ସମସ୍ତ ବିଷୟ ବସ୍ତୁ ସଂପର୍କିତ ଗୀର୍ଜା କିମ୍ବା ଧର୍ମଗୁ ଆନିତ କିମ୍ବା ସମ୍ପର୍କିତ ନୁହେଁ । ଧର୍ମ ଶିକ୍ଷାରେ ଧର୍ମ ଗୁରୁଙ୍କ ମତ ବିନା ତର୍କରେ ଗ୍ରହଣ କରିବାକୁ ପଡେ କିନ୍ତୁ 'ମାନବବାଦୀ' ଶିକ୍ଷା ଆଲୋଚନା , ବାଦାନୁବାଦ, ବିଚାର ବିମର୍ଷ ମାଧ୍ୟମରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଗଲା ।

ତତ୍କାଳୀନ 'ମାନବବାଦୀ'ଙ୍କ ମତରେ ରୋମ ସାମ୍ରାଜ୍ୟର ଅଧୋପତନ ପରେ ୟୁରୋପରେ 'ଅନ୍ଧକାର' ଯୁଗ ଆସିଥିଲା । କାରଣ ଗିର୍ଜା ଓ ଧର୍ମ ମଣିଷର ବିଚାରକୁ ସଂପୂର୍ଣ୍ଣ ବନ୍ଦକରି ରଖିଥିଲେ । ସେମାନଙ୍କ ମତରେ ଆଧୁନିକ ଯୁଗ ଆରମ୍ଭ ହେଲା ପଞ୍ଚଦଶ ଶତାବ୍ଦୀରେ ସେମାନେ 'ପ୍ରକୃତ ସଭ୍ୟତାର' ପୁନଃସ୍ଥାପନ କଲେ । ତତ୍କାଳୀନ 'ମାନବବାଦୀ' ଧାରଣାକୁ ସରଳ ଭାବରେ ଗ୍ରହଣ କରି ୟୁରୋପୀୟମାନେ 'ନୂତନ ଯୁଗର' ପ୍ରାରମ୍ଭ ବୋଲି ଗ୍ରହଣ କଲେ । ରୋମ ସାମ୍ରାଜ୍ୟ ପତନର ୧୦୦୦ବର୍ଷ ବା ସହସ୍ରାବ୍ଦକୁ 'ମଧ୍ୟ ଯୁଗ' ବା 'ମଧ୍ୟ ଯୁଗୀୟ' ବା 'ଅନ୍ଧକାର ଯୁଗ' ବୋଲି ଆଖ୍ୟା ଦିଆଗଲା ।

ବର୍ତ୍ତମାନ ଅନେକ ଐତିହାସିକ ଓ ବିଜ୍ଞ ବ୍ୟକ୍ତି ଏକାଦଶ ଠାରୁ ପଞ୍ଚଦଶ ଶତାବ୍ଦୀର ସଂସ୍କୃତି , ପରମ୍ପରା, ଇତିହାସ ଅଧ୍ୟୟନ ଓ ଗବେଷଣା କରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଇତିହାସର ସମୟକୁ ନିର୍ଦ୍ଦିଷ୍ଟ ଯୁଗର ବା ନିର୍ଦ୍ଦିଷ୍ଟ ଯୁଗରେ ବିଭାଜନ କରିବା ଆଖ୍ୟାଦେବା ବା 'ଅନ୍ଧାର ଯୁଗ' କହିବା ଅଣ ଐତିହାସିକ ହେବ ଓ ସେ ସମୟ ପ୍ରତି ଅନ୍ୟାୟ ହେବ କାରଣ ସେ ସମୟରେ ମଧ୍ୟ ବିଜ୍ଞାନ , ଦର୍ଶନ ଓ ସାହିତ୍ୟ ସୃଷ୍ଟି ବନ୍ଦ ନଥିଲା ।

## ବିଜ୍ଞାନ ଓ ଦର୍ଶନ

ପୁରାତନ ଗ୍ରୀକ ଓ ରୋମୀୟ ସାହିତ୍ୟ କୃତି ଓ ସୃଷ୍ଟି ୟୁରୋପରେ ସନ୍ୟାସୀ ଓ ଧର୍ମଯାଜକମାନେ ଜାଣିଥିଲେ ଓ ସଂଗ୍ରହ ମଧ୍ୟ କରିଥିଲେ କିନ୍ତୁ ସେ ସମସ୍ତକୁ ସାର୍ବଜନୀନ କରିନଥିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ୟୁରୋପର ଲେଖକ ଓ ସଂଗ୍ରାହକମାନେ ଗ୍ରୀକ୍ ଲେଖକ ପ୍ଲାଟୋ ଓ ଅରିଷ୍ଟୋଟଲଙ୍କ ଲେଖାର ଆରବୀୟ ଅନୁବାଦ ପ୍ରଥମେ ପଢିଲେ ଓ ପ୍ରଭାବିତ ହେଲେ । ଆରବୀୟମାନେ କେବଳ ଅନୁବାଦ କରିନଥିଲେ ସେମାନେ ଗ୍ରୀସ ଓ ରୋମର ପୁରୁଣା ପାଣ୍ଡୁ ଲିପିକୁ ସୁରକ୍ଷିତ ରଖିଥିଲେ । ଉଦାହରଣ ସ୍ୱରୂପ ଆରବ ବିଦ୍ୱାନ ଆଫଲାଟୁନ୍ (Atlatun) ପ୍ଲାଟୋଙ୍କ ଲେଖା ଓ ଅରିସ୍ଟୁ (Aristu) ଅରିଷ୍ଟୋଲଙ୍କ ଲେଖାକୁ ସଂଗ୍ରହ ଓ ଅନୁବାଦ କରିଥିଲେ । ସେ ଦୃଷ୍ଟିରୁ ୟୁରୋପୀୟମାନେ ଆରବୀୟମାନଙ୍କଠାରେ ଋଣୀ । ଅନେକ ୟୁରୋପୀୟ ଆରବୀୟ ଭାଷାରେ ଅନୁବାଦତି ଗ୍ରୀକ୍ ଓ ରୋମ ସାହିତ୍ୟକୃତି ପଢିଲେ ଓ ୟୁରୋପୀୟ ଭାଷାରେ ଅନୁବାଦ କଲେ । ବିଜ୍ଞାନ, ପ୍ରକୃତି, ଗଣିତ, ଜ୍ୟୋତିର୍ବିଜ୍ଞାନ, ଔଷଧ ଓ ରସାୟନ ବିଜ୍ଞାନର ଆରବୀୟ ଅନୁବାଦକୁ ୟୁରୋପୀୟ ଭାଷାରେ ଭାଷାନ୍ତର କରାହେଲା । ଏହା ବ୍ୟତୀତ ଆରବ ବିଜ୍ଞାନୀମାନେ ଇଟାଲୀରେ ସ୍ୱୀକୃତି ପ୍ରାପ୍ତ ଥିଲେ । ସେମାନଙ୍କ ମଧ୍ୟରେ ମଧ୍ୟ ଏସିଆ ବୁଖାରାର ଚିକିତ୍ସକ ତଥା ଦାର୍ଶନିକ 'ଇବନ ସିନା'(Ibnsina) (୯୮୦-୧୦୩୭) ଏବଂ ଚିକିତ୍ସା ଜ୍ଞାନକୋଷର ରଚୟିତା ଆଲ୍ ରାଜି (Al Razi) (୧୧୨୬-୧୧୯୮) ଅନ୍ୟତମ ସ୍ପେନର ଆରବୀୟ ଦର୍ଶନଶାସ୍ତ୍ରି ଇବନ୍‌ରୁସଦ୍ (Ibn Rushd), ଦର୍ଶନ ଜ୍ଞାନ ଓ ଧର୍ମ ବିଶ୍ୱାସ ମଧ୍ୟରେ ଥିବା ଉତ୍ତେଜନା ଓ ମତଭେଦକୁ ଦୂର କରିବା ପାଇଁ ନିଜ ଲେଖା ଓ କଥା ମାଧ୍ୟମରେ ପ୍ରୟାସ କରିଥିଲେ । ତାଙ୍କର ଧାରା ବା ପ୍ରଣାଳୀକୁ ଖ୍ରୀଷ୍ଟିଆନ ବିଜ୍ଞ ଚିନ୍ତାଶୀଳ ବ୍ୟକ୍ତିମାନେ ଉପଯୋଗ କରିଥିଲେ ।

ପରିବର୍ତ୍ତନର ବାର୍ତ୍ତାବହ ହେଲେ ଫ୍ରାନସେସକୋ ପିଟାର୍କ ( ୧୩୦୪-୭୮ ) (Francesco Petrach)। ପିଟ୍ରାର୍କଙ୍କ ମତରେ ପ୍ରାଚୀନ କାଳର ଅବଶେଷ ପୁରାତନ ସଭ୍ୟତାର ପ୍ରତିନିଧି ଏବଂ ସେହି ଅବେଶଷକୁ ଯଦି ପୂର୍ବାପର ସଙ୍ଗତି ସହ ଅଧ୍ୟୟନ କରାଯାଏ ତାହେଲେ ସଠିକ ଧାରଣା ମିଳିପାରିବ । ବିଶେଷ କରି ରୋମ ଓ ଗ୍ରୀକ୍ ସଭ୍ୟତାର ଅବଶେଷକୁ ଗ୍ରୀକ୍ ଓ ରୋମର ଭାଷା ମାଧ୍ୟମରେ ଅଧ୍ୟୟନ କଲେ ପ୍ରକୃତ ତଥ୍ୟ ସାମନାକୁ ଆସିବ । ସେଥିପାଇଁ ସେ ରୋମ ଓ ଗ୍ରୀକ ସଭ୍ୟତାର ପୁରାତନ ଲେଖକ କବି ଓ ତାଙ୍କ କୃତିକୁ ଉଦ୍ଧାର , ସଂଗ୍ରହ , ଅଧ୍ୟୟନ ଓ ରକ୍ଷଣାବେକ୍ଷଣ ଆରମ୍ଭ କଲେ । ବୋକାସିଓ ( ୧୩୧୩-୭୫ ) (Boccacia) ଗ୍ରୀକ୍ ସାହିତ୍ୟ କୃତିକୁ ଉଦ୍ଧାର, ସଂଗ୍ରହ ଅଧ୍ୟୟନ ଓ ରକ୍ଷଣାବେକ୍ଷଣ କରିଥିଲେ ।

ମାନବବାଦୀ ମାନେ ବିଭିନ୍ନ ଉପାୟରେ ଲୋକଙ୍କ ପାଖରେ ପହଞ୍ଚିଥିଲେ ଯଦିଓ ବିଶ୍ୱବିଦ୍ୟାଳୟ ପାଠ୍ୟ ଖସଡାରେ ଧର୍ମ ଓ ଆଇନ ପ୍ରଭାବ ବିସ୍ତାର କରିଥିଲା । ଧୀରେ ଧୀରେ ମାନବୀୟ ବିଷୟବସ୍ତୁ ସ୍ଥାନ ପାଇଲା । ସ୍କୁଲମାନଙ୍କରେ ବ୍ୟାକରଣ, ଅଳଙ୍କାର , କବିତା , ଇତିହାସ ଓ ନୀତି ଦର୍ଶନ ପଢାଇବା ଆରମ୍ଭ ହେଲା । ଏହା ଇଟାଲିରୁ ଆରମ୍ଭ ହୋଇ ସାରା ୟୁରୋପର ସ୍କୁଲର ପାଠ୍ୟ ଖସଡାରେ ସାମିଲ ହେଲା ।

## କଳାକାର ଓ ବାସ୍ତବବାଦ

ମାନବବାଦୀଙ୍କ ପ୍ରକାଶର ମାଧ୍ୟମ କେବଳ ଆନୁଷ୍ଠାନିକ ଶିକ୍ଷାନୁଷ୍ଠାନରେ ସୀମିତ ନଥିଲା । ସେମାନେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ପୁସ୍ତକକୁ ମାଧ୍ୟମ କରି ମର୍ମସ୍ପର୍ଶୀ ଫଳପ୍ରଦ ହୃଦୟଗ୍ରାହୀ ମାନବୀୟତାକୁ ପ୍ରକାଶ କରି ଯୁଗ ଚେତନାର ରୂପ ରେଖ ଗଢିଥିଲେ । କଳାକାରମାନେ ହଜାରେ ବର୍ଷ ତଳର ରୋମୀୟ କଳାକୃତିର କିୟଦଂଶ ଭଗ୍ନ ସହରମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ହଜାରେ ବର୍ଷ ତଳେ ମୂର୍ତ୍ତିକାର ମାନେ ସଠିକ ଅନୁପାତିକ ନାରୀ ଓ ପୁରୁଷର ମୂର୍ତ୍ତି ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି । ତାହା ଦେଖି ପ୍ରଭାବିତ ହେଲେ ନୂତନ ମୂର୍ତ୍ତିକାର ମାନେ । ଇଟାଲିର ଶିଳ୍ପୀମାନେ ସେ ଭାସ୍କର୍ଯ୍ୟ ପରମ୍ପରାକୁ ଆଗକୁ ବଢାଇଲେ । ୧୪୧୬ ଖ୍ରୀଷ୍ଟାବ୍ଦରେ ଡୋନାଟେଲୋ (୧୩୮୬-୧୪୬୬) (Donatello) ଜୀବନ୍ତ ସଦୃଶ ନିଖୁଣତାର ଭାସ୍କର୍ଯ୍ୟ ସୃଷ୍ଟି କରିବାରେ ନୂତନ ପଥ ଉନ୍ମୋଚନ କଲେ । ବିଜ୍ଞାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ କାମର ପ୍ରଭାବ ସମାଜ ଓ ଦେଶରେ ପଡିବାର ଅନେକ ଉଦାହରଣ ଅଛି । ବେଲଜିୟମର ପାଡୁଆ (Padua) ବିଶ୍ୱବିଦ୍ୟାଳୟର ଡାକ୍ତର ଏନଡ୍ରିୟସ ଭେସାଲିଅସ (Andreas Vesalius) (୧୫୧୪-୧୫୬୪) ପୃଥିବୀର ସର୍ବ ପ୍ରଥମେ ମଣିଷ ଶରୀରର ବ୍ୟବଚ୍ଛେଦ କରିଥିଲେ ଏବଂ ଶରୀର ବିଜ୍ଞାନ ବିକାଶର ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ । କଳାକାରମାନେ ଚିକିତ୍ସା ବିଦ୍ୟାଳୟର ପ୍ରୟୋଗ ଶାଳାରେ ମଣିଷ ହାଡର ଆକାର ଓ ଗଠନ ଅଧ୍ୟୟନ କରିବାକୁ ଗଲେ । ବୈଜ୍ଞାନିକ ମାନଙ୍କ କାମ କଳାକାରଙ୍କ କୃତିକୁ ଉଚ୍ଚ ସୋପାନକୁ ନେଇଥିଲା ।

ରଙ୍ଗ ଶିଳ୍ପୀଙ୍କ ପାଇଁ ପୁରାତନ ଯୁଗର କୌଣସି ବିଶେଷ ଆଦର୍ଶ ନଥିଲା । କିନ୍ତୁ ସେମାନେ ମଧ୍ୟ ନିଜ କ୍ଷେତ୍ରରେ ଭାସ୍କର୍ଯ୍ୟ ବା ମୂର୍ତ୍ତି ଶିଳ୍ପୀଙ୍କ ପରି ପ୍ରାକୃତିକ ରଙ୍ଗ ଚିତ୍ର ଚିତ୍ରଣ କଲେ । ସେମାନେ ଜ୍ୟାମିତିଜ୍ଞାନ ଦ୍ୱାରା ବୁଝିପାରିଲେ ସମତଳ ଉପରେ ଘନବସ୍ତୁ ଚିତ୍ରଣ ଦ୍ୱାରା ପ୍ରଦର୍ଶିତ ଦୃଶ୍ୟରାଜିର ଆପେକ୍ଷିପ ଅବିସ୍ଥିତି ଏବଂ ଆଲୋକର ଗୁଣାତ୍ମକ ପ୍ରୟୋଗ ଦ୍ୱାରା ଲମ୍ବ, ଓସାର ଓ ଉଚ୍ଚତାକୁ ସୁନ୍ଦର ଉପସ୍ଥାପନ କରିପାରିଲେ । ଚିତ୍ରକଳାରେ ତେଲକୁ ମାଧ୍ୟମ ରୂପେ ବ୍ୟବହାର କରିବା ଦ୍ୱାରା ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳ ମନୋରମ ରଙ୍ଗିନ ଚିତ୍ର ତିଆରି ହେଲା । ଚିତ୍ରକଳାରେ ଚୀନ ଓ ପାର୍ସି ମାନଙ୍କ ପ୍ରଭାବ ପଡିଥିବାର ଯଥେଷ୍ଟ ସମ୍ଭାବନା ଅଛି କାରଣ ମଙ୍ଗୋଲୀୟମାନେ ଚୀନ ଓ ପାର୍ସିଙ୍କଠାରୁ ତୈଳଚିତ୍ର ଆଣିଥିଲେ । ରାଫେଲ, ଲିଓନାର୍ଡୋ ଡା ଭିନସି (୧୪୫୨-୧୫୧୯) ଓ ମାଇକେଲ ଏନ୍‌ଜେଲୋ (୧୪୭୫-୧୫୬୪)ଚିତ୍ରକଳାକୁ ଉଚ୍ଚସ୍ତରକୁ ନେଇଥିଲେ । ଲିଓନାର୍ଡୋ ଡା ଭିନସଙ୍କ ମୋନାଲିସା ଅନବଦ୍ୟ ସୃଷ୍ଟି । ରାଫେଲଙ୍କ ମାଡୋନା (୧୪୮୩-୧୫୨୦)ମଧ୍ୟ ଉଚ୍ଚ କୋଟୀର ।

ଶରୀର ଜ୍ଞାନ, ଜ୍ୟାମିତି, ପଦାର୍ଥ ବିଜ୍ଞାନ ଏବଂ ଶିଳ୍ପୀଙ୍କ ସୁଦୃଢ ଚୈତନ୍ୟ, ସୌନ୍ଦର୍ଯ୍ୟ ପ୍ରୀତି ଜନ୍ମଦେଲା ନୂତନ ଯୁଗର ଇଟାଲୀୟ କଳା ଯାହାଥିଲା ବାସ୍ତବତା ଉପରେ ଆଧାରିତ ।

ସ୍ଥାପତ୍ୟ- ପଞ୍ଚଦଶ ଶତାବ୍ଦୀରେ ରୋମ ସହରକୁ ମନୋହର ଓ ଚିତ୍ତାକର୍ଷକ କରିବା ପାଇଁ ପୁନରୁଦ୍ଧାର କାମ ଆରମ୍ଭ ହେଲା । ପୁରାତନ ରୋମର ଭଂଗ୍ନାବଶେଷକୁ ପତ୍ନତତ୍ତ୍ୱବିତ୍‌ମାନେ ବୈଜ୍ଞାନିକ ପ୍ରଣାଳୀରେ ଖନନ ଓ ଉଦ୍ଧାର କଲେ । ନୂତନ ପିଢିକୁ ପୁନରୁଦ୍ଧାର ହୋଇଥିବା ପୁରାତନ ରୋମୀୟ କୀର୍ତ୍ତିରାଜି ପ୍ରଭାବିତ କରିଥିଲା । ସେମାନେ ନିଜର ଜ୍ଞାନ କୌଶଳ ପ୍ରୟୋଗକରି ପୁରାତନ ଶୈଳୀକୁ ନୂତନ ରୂପ ଦେଲେ । ତାହାକୁ କ୍ଲାସିକାଲ ବା ଶାସ୍ତ୍ରୀୟ କୁହାଗଲା । ଧନିକ ବ୍ୟବସାୟୀ, ସମ୍ଭ୍ରାନ୍ତ ଏବଂ ପୋପମାନେ

ଶାସ୍ତ୍ରୀୟ ଜ୍ଞାନ ଥିବା ସ୍ଥପତିମାନଙ୍କୁ ନୂତନ ସ୍ଥାପତ୍ୟ ସୃଷ୍ଟି ପାଇଁ ବିନିଯୋଗ କଲେ । ପ୍ରାସାଦ , ଅଟ୍ଟାଳିକାକୁ ଆହୁରି ସୁସଜ୍ଜିତ କରିବା ପାଇଁ ଚାରୁ ଶିଳ୍ପ ଓ ଚିତ୍ର ବ୍ୟବହାର ଓ ଭାସ୍କର୍ଯ୍ୟ ସ୍ଥାପନ କଲେ ।

ମାଇକେଲ ଏଞ୍ଜେଲୋ ବ୍ୟୁନୋରୋଟି (୧୪୭୫-୧୫୬୪) ଏକାଧାରରେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ , ସ୍ଥପତି ଓ ମୂର୍ତ୍ତିକାର ଥିଲେ । ସେ ରୋମର ସିସଟାଇନ ଚାପେଲର ଛାତ ତଳକୁ ଚାରୁକଳାରେ ସଜେଇ ନୂତନତ୍ୱ ସୃଷ୍ଟି କଲେ ଯାହା ଅମର ହୋଇଯାଇଛି । ତା ବ୍ୟତୀତ ମୂର୍ତ୍ତିକଳାରେ 'ପିଏତା' ଓ ସେଣ୍ଟପିଟର ଚର୍ଚ୍ଚରେ ଗମ୍ବୁଜ ତାଙ୍କର ଉତ୍କର୍ଷ ପ୍ରମାଣ ଦିଏ । ଆଉ ଜଣେ ଶିଳ୍ପୀ ମୂର୍ତ୍ତିକାର ଥିଲେ ଫିଲିପୋ ବ୍ରୁନେଲଚି (Filippo Brunellischi) (୧୩୩୭-୧୪୪୬) ସ୍ଥପତିବିଦ୍ୟାରେ ତାଙ୍କ କୃତି ଦେଖାଇ ଫ୍ଲୋରେନସର ମୁଖ୍ୟ ଗୀର୍ଜା ଘରରେ ଗମ୍ବୁଜ ଚିତ୍ତାକର୍ଷକ ଡୁମୋ (Duomo) ର ରୂପରେଖ ଦେଇଥିଲେ ।

୧୪୫୫ ପୂର୍ବରୁ ହାତଲେଖା ପାଣ୍ଡୁଲିପି ଅଳ୍ପ ସଂଖ୍ୟାରେ ଉପଲବ୍ଧ ଥିଲା । ଜୋହାନେସ ଗୁଟେନବର୍ଗ (Johannes Gutenberg) (୧୪୦୦-୧୪୫୮) ଜର୍ମାନୀରେ ତାଙ୍କର ନିଜ କର୍ମଶାଳାରେ ମୁଦ୍ରଣ ଯନ୍ତ୍ର ସାହାଯ୍ୟରେ ୧୫୦ ଖଣ୍ଡ ବାଇବଲର ପ୍ରଥମ ମୁଦ୍ରଣ କରି ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପଚାଶ ବର୍ଷ ମଧ୍ୟରେ ମୁଦ୍ରଣ ଯନ୍ତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ଓ ୧୫୦୦ ବେଳକୁ ପ୍ରାୟ ସମସ୍ତ ଶାସ୍ତ୍ରୀୟ ପୋଥି ଲାଟିନ ଭାଷାର ଛପା ସରିଥିଲା । ଛପା ବହି ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହେଲା । ଏହା ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାରେ ଅଭୂତପୂର୍ବ ସାହାଯ୍ୟ କରିଥିଲା । ମତ, ଚିନ୍ତାଧାରା, ସୂଚନା, ଆଲୋଚନା ଇତ୍ୟାଦି , ଶୀଘ୍ର ଦୂରାଦୂରାନ୍ତ ଲୋକଙ୍କ ପାଖରେ ପହଞ୍ଚିଲା । ପାଠକଙ୍କ ସଂଖ୍ୟା ବଢିଲା ଓ ବହି ପଢାର ଅଭ୍ୟାସ ବଢିଲା । ଲୋକେ ନିଜ ନିଜର ବ୍ୟକ୍ତିଗତ ବ୍ୟବହାର ପାଇଁ ବହି ସ୍ୱଳ୍ପ ଖର୍ଚ୍ଚରେ କିଣି ପାରିଲେ ।

## ମାନବୀୟତା ପ୍ରତି ନୂତନ ଚେତନା

ମାନବ ଜୀବନଧାରା ଓ ଚଳଣି ଉପରେ ଧର୍ମର ପ୍ରଭାବ ଧିରେ ଧିରେ ହ୍ରାସ ହେଲା । ଇଟାଲୀୟ ସମାଜରେ ଲୋକେ ପାର୍ଥିବ ସମ୍ପଦ, କ୍ଷମତା ଓ ଯଶ କୀର୍ତ୍ତୀ ପ୍ରତି ଆକୃଷ୍ଟ ହେଲେ । ମାନବବାଦୀ ଫ୍ରାନ୍ସେସକୋ ବାରବେରୋ (Francesco Barbaro) (୧୩୪୦-୧୪୫୪) ତାଙ୍କର ଲେଖା ମାଧ୍ୟମରେ ପାର୍ଥିବ ସଂପଦ ସଂଗ୍ରହ ସପକ୍ଷରେ ମତ ରଖିଥିଲେ । ଲରେନ୍ଜୋ ଭାଲା (୧୪୦୬-୧୪୫୭) ତାଙ୍କ ଲେଖା ଅନପ୍ଲେଜରରେ (On Pleasure) ଉପସ୍ଥାପନ କଲେ ଯେ ଇତିହାସ ମଣିଷକୁ ବନ୍ଧନରୁ ମୁକ୍ତ କରେ ସଠିକ୍ ଜୀବନଯାପନର ରାସ୍ତା ଦେଖାଏ । ସେ ଆନନ୍ଦ ଉଲ୍ଲାସ ଉପରେ ଧର୍ମର ପ୍ରତିବନ୍ଧକକୁ ଖୋଲାଖୋଲି ସମାଲୋଚନା କରିଥିଲେ । ଲୋକଙ୍କ ଆଚାର, ବ୍ୟବହାର, କଥାକହିବା ଶୈଳୀ, ପୋଷାକ ପରିଧାନ ଉପରେ ମଧ୍ୟ ଅନେକ ତର୍କ, ବିତର୍କ ,ସମାଲୋଚନା ଓ ପ୍ରସ୍ତାବ ଆସିଲା । ୧୫୧୩ ମସିହାରେ ନିକୋଲୋ ମେକିଆଭେଲି (Niccolo Machivelli) ତାଙ୍କ ପ୍ରସିଦ୍ଧ ବହି ଦି ପ୍ରିନ୍ସରେ ମଣିଷର ଇଚ୍ଛାର ଅନ୍ତ ନାହିଁ ଓ ସ୍ୱାର୍ଥ ମଣିଷକୁ ପ୍ରେରଣା ଯୋଗାଏ ବୋଲି ଉପସ୍ଥାପନା କଲେ ।

ମାନବବାଦୀମାନେ ବିଶ୍ୱାସ କଲେ ଓ ମତ ଦେଲେ ଯେ ମଣିଷ ପ୍ରକୃତିରେ ଅନେକ ଦିଗ ଅଛି ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜଜୀବନକୁ ଗଢିତୋଳିବାର ପାଇଁ ସମକକ୍ଷ୍ୟ । କେବଳ କ୍ଷମତା ଓ ଟଙ୍କା ପଇସା ଅନୁସରଣ ପଛରେ ଏକମାତ୍ର ପଥ ନୁହେଁ । ପରୋକ୍ଷରେ ସେମାନେ ସାମନ୍ତବାଦୀ ବ୍ୟବସ୍ଥାରେ ସମାଜକୁ ତିନିସ୍ତରରେ ବିଭାଜନକୁ ପ୍ରତ୍ୟାଖ୍ୟାନ କଲେ ।

## ମହିଳାମାନଙ୍କ ଉଚ୍ଚ ଅଭିଳାଷ

ବ୍ୟକ୍ତି ସତ୍ତା ଏବଂ ନାଗରୀକତ୍ୱକୁ ନେଇ ଉତ୍କଣ୍ଠତା ସତ୍ତ୍ୱେ ମହିଳାମାନଙ୍କୁ ସାମିଲ କରିନଥିଲା । ଇଉରୋପୀୟ ସମାଜ ବ୍ୟବସ୍ଥା । ସମ୍ଭ୍ରାନ୍ତ ପରିବାରର ପୁରୁଷମାନେ ହିଁ ସର୍ବସାଧାରଣ କାର୍ଯ୍ୟରେ ସମସ୍ତ ସୁବିଧା ସୁଯୋଗର ଅଧିକାରୀ ଥିଲେ ଏବଂ ନିଜନିଜ ପରିବାରର ମଧ୍ୟରେ ନିଷ୍ପତ୍ତି ନେବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ପରିବାରର ଉତ୍ତରାଧିକାରୀ ପୁଅ ହିଁ ଥିଲା । ପରିବାରର ସମସ୍ତ କାରବାର ପୁଅହିଁ ବୁଝୁଥିଲା । ମହିଳାଙ୍କ ଆଣିଥିବା ଯୌତୁକ ବ୍ୟବସାୟରେ ଲାଗୁଥିଲା । ତଥା ବୈବାହିକ

ସମ୍ବନ୍ଧ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ପାଇଁ ସ୍ଥାପିତ ହେଉଥିଲା । କିନ୍ତୁ ମହିଳାମାନଙ୍କ ମତର ସ୍ଥାନ ନଥିଲା ବାଣିଜ୍ୟ ବ୍ୟବସାୟ ତଥା ବିବାହ ବନ୍ଧନରେ ନିର୍ଣ୍ଣୟ ନେବାରେ । ଯୌତୁକ ଅଭାବରୁ ମହିଳାମାନଙ୍କୁ ସନ୍ୟାସିନୀ ହୋଇ ଧାର୍ମିକ ସଂସ୍ଥାରେ ଜୀବନ କଟାଇବାକୁ ପଡୁଥିଲା ମହିଳାମାନଙ୍କ ଭୂମିକା ଘରକାମ ମଧ୍ୟରେ ସୀମିତ ଥିଲା ।

ସମସ୍ତ କଟକଣା ଏବଂ ସମାଜ ବ୍ୟବସ୍ଥାରେ ମହିଳାଙ୍କ ଗୌଣସ୍ଥାନ ସତ୍ତ୍ୱେ କେତେକ ମହିଳା ମାନବବାଦୀ ଶିକ୍ଷା ସପକ୍ଷରେ ଦୃଢମତ ପ୍ରଦାନ କରିଥିଲେ । ସେମାନେ ସୃଜନଶୀଳ ଓ ସମ୍ବେଦନଶିଳ ଥିଲେ । ସେମାନଙ୍କ ମଧ୍ୟରୁ ଭେନିସିଆର କାସାନଡ୍ରା ଫିଡେଲ (Cassandra Fidele) (୧୪୬୫-୧୫୫୮) ଅନ୍ୟତମ । ସେ ଲେଖିଥିଲେ ‘ ଯଦି ପାଠ ପଢିଲେ ମଧ୍ୟ ମହିଳା ମାନଙ୍କୁ ସମାଜରେ ମାନ୍ୟତା, ସମ୍ମାନ ଓ ପୁରସ୍କାର ମିଳେ ନାହିଁ ତଥାପି ସମସ୍ତ ମହିଳା ପାଠ ପଢିବା ଜରୁରୀ’ । ସେ ନିଜେ ଜଣେ ଗ୍ରୀକ୍ ଓ ଲାଟିନ୍ ଭାଷାରେ ସିଦ୍ଧହସ୍ତା ବୋଲି ସମାଜ ସ୍ୱୀକୃତି ଦେଇଥିଲା ଏବଂ ପାଡୁଆ ବିଶ୍ୱ ବିଦ୍ୟାଳୟ ତାଙ୍କୁ ବକ୍ତାରୂପେ ବହୁବାର ନିମନ୍ତ୍ରଣ ଦେଇଥିଲା । ସେ ପ୍ରମାଣ କରିଦେଲେ ଯେ ମହିଳାମାନେ ପୁରୁଷମାନଙ୍କ ସମକକ୍ଷ ।

ସେ ତାଙ୍କର ବକ୍ତୃତା ଓ ଲେଖା ମାଧ୍ୟମରେ ତତ୍କାଳୀନ ଭେନିସିଆର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ ଓ କହିଥିଲେ ଭେନିସିଆର ଗଣତାନ୍ତ୍ରିକ ସ୍ୱାଧିନତା ଅତି ସୀମିତ ଏବଂ ପୁରୁଷମାନଙ୍କ ଇଚ୍ଛା ସମ୍ମୁଖରେ ମହିଳା ତୁଚ୍ଛ । ଆଉ ଜଣେ ମହୀୟସୀ ମହିଳା ଥିଲେ ମନଟୁଆର ରାଜ୍ୟର ଇସାବେଲା ଡି ଇସତି (୧୪୭୪-୧୫୩୯) (Isabella d’Este) ସେ ତାଙ୍କର ସ୍ୱାମୀ ମନଟୁଆର ରାଜାଙ୍କ ଅନୁପସ୍ଥିତିରେ ସୁଚାରୁରୂପେ ଶାସନ କରି ବିଜ୍ଞତାର ପରିଚୟ ପ୍ରଦାନ କରିଥିଲେ ।

ମହିଳା ଲେଖିକାମାନେ ତାଙ୍କର ହୃଦବୋଧକୁ ଦୃଢତାର ସହ ପରିପ୍ରକାଶ କଲେ ଯେ ମହିଳାମାନେ ପୁରୁଷଙ୍କ ସମକକ୍ଷ । ସେମାନଙ୍କ ମଧ୍ୟ ସଂପତ୍ତି, ଶିକ୍ଷା ଓ ଅର୍ଥନୈତିକ କ୍ଷମତା ଜରୁରୀ ନିଜର ପରିଚୟ ହାସଲ କରିବା ପାଇଁ ପୁରୁଷ ପ୍ରଧାନ ବିଶ୍ୱରେ ।

## ଖ୍ରୀଷ୍ଟିଆନ ଧର୍ମ ଭିତରେ ତର୍କ ବିତର୍କ

ପଞ୍ଚଦଶ ଓ ଷୋଡଶ ଶତାବ୍ଦୀରେ ୟୁରୋପର ଅନେକ ଅଞ୍ଚଳରେ ମାନବୀୟତାକୁ ନେଇ ତର୍କ ବିତର୍କରୁ ସୁଅ ଛୁଟିଲା । ବିଶେଷକରି ୟୁରୋପର ବିଶ୍ୱବିଦ୍ୟାଳୟର ଜ୍ଞାନୀ ଗୁଣୀମାନେ ମାନବୀୟତାର ନୂତନ ଚିନ୍ତନ ପ୍ରତି ଅନୁପ୍ରାଣିତ ହେଲେ । ସେମାନେ ଧର୍ମ ଶାସ୍ତ୍ର ସହିତ ଗ୍ରୀକ୍ ଓ ରୋମର ଶାସ୍ତ୍ରୀୟ ସାହିତ୍ୟ ଅଧ୍ୟୟନ ଓ ସମାଲୋଚନା ଆରମ୍ଭ କଲେ । କେତେକ ପୂଜା ପଦ୍ଧତି ଓ ଧାର୍ମିକ କର୍ମାନୁଷ୍ଠାନକୁ ସେମାନେ ପ୍ରତ୍ୟାଖ୍ୟାନ କଲେ ଓ କହିଲେ ଏ ସମସ୍ତ ମୂଳ ଖ୍ରୀଷ୍ଟିୟାନ୍ ଧର୍ମରେ ନଥିଲା । ଏକ ନୂତନ ଆନ୍ଦୋଳନର ସୂତ୍ରପାତ ହେଲା ଯାହାକି ସ୍ୱାଧୀନତାର ନୂତନ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା ମାନବଙ୍କୁ ସ୍ୱାଧୀନ ସଂବେଦନଶୀଳତାର ବାହକ ଓ ଦୂତ ବୋଲି ଅନୁଭବ କଲେ । ଦାର୍ଶନିକ ମାନେ ଗଭୀର ଚିନ୍ତା କରି କହିଲେ ଇଶ୍ୱର ମଣିଷକୁ ବଞ୍ଚିବାର ସଂପୂର୍ଣ୍ଣ ସ୍ୱାଧିନତା ଦେଇ ସୃଷ୍ଟି କରିଛନ୍ତି ଏବଂ ନିଜର ସୁଖ ଶାନ୍ତି ଓ ଖୁସି ଏ ସଂସାରରେ ଜୀବନ କାଳରେ ଉପଭୋଗ କରିବାକୁ; ମୃତ୍ୟୁପରେ ଆରପାରିରେ ନୁହେଁ । ଏ ଚିନ୍ତନ ପଞ୍ଚଦଶ ଶତାବ୍ଦୀରେ ବିଚାରଧାରାରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କରିଥିଲା । ମାନବବାଦୀ ଖ୍ରୀଷ୍ଟିଆନମାନେ ମତ ପୋଷଣ କଲେ ଗୀର୍ଜା ତାର ମୂଳ ଲକ୍ଷ୍ୟରୁ ଚ୍ୟୁତ୍ ହୋଇ ଲୋଭ ଓ ଶୋଷଣର ଅନୁଷ୍ଠାନରେ ପରିଣତ ହୋଇଅଛି । ସର୍ବସାଧାରଣଙ୍କଠାରୁ ଅନ୍ୟାୟରେ ଅର୍ଥ ଗ୍ରହଣ କରୁଛି । ଇଂଲଣ୍ଡର ଥେମାସ ମୋର (Thomas More) (୧୪୭୮-୧୦୩୫) ଏବଂ ହୋଲାଣ୍ଡ ବା ନେଦରଲେଣ୍ଡର ଇରାସ୍‌ମସ୍ (Erasmus) (୧୪୬୬-୧୫୩୬) ଗୀର୍ଜା ସହିତ ସଂଶ୍ଳିଷ୍ଟ ଥାଇ ମଧ୍ୟ ଗୀର୍ଜାର ଶୋଷଣ ଓ ଅନ୍ୟାୟ ନୀତିକୁ ଖୋଲାଖୋଲି ସମାଲୋଚନା କଲେ ।

ଗୀର୍ଜା ଦ୍ୱାରା ଅନ୍ୟାୟରେ ଅର୍ଥ ଗ୍ରହଣର ଜ୍ୱଳନ୍ତ ଉଦାହରଣ ଥିଲା ‘ଇନଡଲଜେନସ’ (Indulgenses) ପତ୍ର ବିକ୍ରି । ଧର୍ମଯାଜକ ପ୍ରଚାର କରୁଥିଲେ ଯେ ଜଣେ ଏପି ଯଦି ଇନଡଲ୍‌ଜେନସ୍ କିଣିବ ତାହେଲେ ସେ ତାର ସମସ୍ତ ପାପରୁ ମୁକ୍ତ ହେବ ।

ଏ ବିଷୟ କିନ୍ତୁ ବାଇବେଲରେ ନାହିଁ ଏବଂ ଲୋକେ ଯେତେ ବେଳେ ଆଞ୍ଚଳିକ ଭାଷାରେ ଉପଲବଧ୍ ବାଇବେଲ ପଢିଲେ ଓ ଅନୁଭବ କଲେ ଇନଡଲଜେନସ ବିକ୍ରି ବାଇବେଲର ମୂଳ ଚିନ୍ତାଧାରା ନୁହେଁ ଓ ଧର୍ମଯାଜମାନଙ୍କର ସୃଷ୍ଟି । ଚାରିଆଡେ ସନ୍ଦେହ ସୃଷ୍ଟି ହେଲା । ୟୁରୋପରେ ଅନେକ ଅଞ୍ଚଳରେ କୃଷକମାନେ ଗୀର୍ଜାର କର ଓ ଅନ୍ୟାନ୍ୟ ଅର୍ଥ ଆଦାୟ ବିରୋଧରେ ବିଦ୍ରୋହ କଲେ ।

୧୫୧୭ ଖ୍ରୀଷ୍ଟାବ୍ଦରେ ଜର୍ମାନୀର ଜଣେ ସନ୍ୟାସୀ ମାର୍ଟିନ ଲୁଥର ଅଭିଯାନ ଆରମ୍ଭ କଲେ ତତ୍କାଳୀନ ଗୀର୍ଜାର ଶୋଷଣ ବିରୁଦ୍ଧରେ । ସେ ପ୍ରଚାରରେ ଯୁକ୍ତି ରଖିଲେ ଯେ ମଣିଷକୁ ଇଶ୍ୱରଙ୍କ ସହିତ ସଂପର୍କ କିମ୍ବା ଇଶ୍ୱରଙ୍କ ପାଖକୁ ବା ସ୍ୱର୍ଗକୁ ଯିବାକୁ ଧର୍ମଗୁରୁର ମାଧ୍ୟମ ଦରକାର ନାହିଁ । ବ୍ୟକ୍ତି ଯଦି ନିଜେ ଇଶ୍ୱରଙ୍କୁ ସଂପୂର୍ଣ୍ଣ ବିଶ୍ୱାସ କରିବ ଏବଂ ନିଜ ବିଶ୍ୱାସ ଦ୍ୱାରା ପରିଚାଳିତ ହେବ ତାହେଲେ ସେ ଆପେଆପେ ସଠିକ୍ ରାସ୍ତା ପାଇଯିବ ଓ ସ୍ୱର୍ଗରେ ପହଞ୍ଚିବ । ମାର୍ଟିନ ଲୁଥରଙ୍କ ଆନ୍ଦୋଳନକୁ ପ୍ରୋଟେସଟାଣ୍ଟ ସଂସ୍କାର କୁହାଯାଏ - ଆନ୍ଦୋଳନର ଫଳ ସ୍ୱରୂପ ଜର୍ମାନୀ ଓ ସୁଇଜରଲ୍ୟାଣ୍ଡ ଦେଶର ରୋମର ପୋପ ଓ କେଥୋଲିକ୍ ଚର୍ଚ୍ଚ ସହିତ ସଂପର୍କ ଛିନ୍ନ ହେଲା । ମାର୍ଟିନ ଲୁଥରଙ୍କ ମତରୁ ସ୍ୱିଜରଲ୍ୟାଣ୍ଡର ଦୁଇଜଣ ସଂସ୍କାରକ ଉଲରିଚ ଜୁଇଂଲି ( Ulrigh Zwingli) (୧୪୮୪-୧୫୩୫) ଓ ଯାଁ କାଲଭିନ ( Jean Calvin) (୧୫୦୯-୬୪) ପ୍ରଚାର ପ୍ରସାର କରି ଜନପ୍ରିୟ କରାଇଥିଲେ । ସହରମାନଙ୍କରେ ବଣିକମାନେ ଉକ୍ତ ମତବାଦକୁ ଗ୍ରହଣ କରି ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ କରିଥିଲେ କିନ୍ତୁ ଗ୍ରାମାଞ୍ଚଳରେ ସଂସ୍କାରର ପ୍ରଭାବ ସୁଦୃଢ ନଥିଲା ଓ ଲୋକେ ସହଜରେ ଗ୍ରହଣ କରିନଥିଲେ । ଫଳସ୍ୱରୂପ କେଥଲିକ୍ ଗୀର୍ଜାର ପ୍ରଭାବ ଗ୍ରାମାଞ୍ଚଳରେ ବଳବତ୍ତର ରହିଲା ।

ଜର୍ମାନୀର ଅନ୍ୟ ଏକ ସଂସ୍କାରକ ଗୋଷ୍ଠି ଆନାବାପଟିଷ୍ଟ (Anabaptist) ପ୍ରଚାର କଲେ ଯେ ମାନବ ଜାତିକୁ ଇଶ୍ୱର ସମଦୃଷ୍ଟିରେ ସୃଷ୍ଟି କରିଛନ୍ତି । ତେଣୁ ଜଣେ ଆଉଜଣକଠାରୁ କର ଆଦାୟ କରିବା ଓ ଦେବାର ପ୍ରଶ୍ନ ଉଠୁ ନାହିଁ । ସେମାନେ ମୁକ୍ତିର ସମସ୍ତ ବାଟକୁ ସାମାଜିକ ଶୋଷଣର ଅନ୍ତ ସହିତ ଯୋଡିଲେ । ଏପରି ଏକ ବୈପ୍ଳବିକ ମତ ନିଷ୍ପେଷିତ ଚାଷି ମୂଲିଆଙ୍କ ପ୍ରାଣସ୍ପର୍ଶୀ ହେଲା । ଏପରି ଏକ ସଂପୂର୍ଣ୍ଣ ପରିବର୍ତ୍ତନ ମୂଳକ ଚିନ୍ତାଧାରା ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ବିଦ୍ରୋହ କଲେ । ରାଜାମାନେ ଏହି ବିଦ୍ରୋହକୁ ଦମନ କଲେ କିନ୍ତୁ ବୈପ୍ଳବିକ ଚିନ୍ତାଧାରା ବଞ୍ଚି ରହିଲା ଓ ଫ୍ରାନ୍ସର ପ୍ରୋଟେଷ୍ଟାଣ୍ଟମାନଙ୍କ ପ୍ରତିରୋଧ ଆନ୍ଦୋଳନରେ ମିଶିଗଲା । ଫ୍ରାନସରେ କେଥୋଲିକ ଶାସକ ଦ୍ୱାରା ଉତ୍ପୀଡିତ ହୋଇ ପ୍ରୋଟେଷ୍ଟାଣ୍ଟମାନେ ଘୋଷଣା କଲେ ଯେ ଉତ୍ପୀଡିକ ରାଜାକୁ ଶାସନରୁ ହଟାଇ ନିଜ ପସନ୍ଦର ଲୋକକୁ ଶାସନ ଭାର ଦେବାର ଅଧିକାର ଲୋକଙ୍କ ପାଖରେ ଅଛି । ଶେଷରେ ଫ୍ରାନସର ପ୍ରୋଟେଷ୍ଟାଣ୍ଟ ମାନଙ୍କ ପୂଜା କରିବା ଅଧିକାରକୁ କେଥୋଲିକ ଗୀର୍ଜା ସ୍ୱୀକାର କଲା । ଇଂଲଣ୍ଡ ରାଜା ପୋପ ସହିତ ସଂପର୍କ ଚିହ୍ନ କରି ତାଙ୍କ ଦେଶର ଗୀର୍ଜା ବ୍ୟବସ୍ଥାର ମୁଖ୍ୟ ହେଲେ ।

ପରିବର୍ତ୍ତନ ଓ ସଂସ୍କାରର ସୁଅ ଦ୍ୱାରା କେଥୋଲିକ ଚର୍ଚ୍ଚ ପ୍ରଭାବିତ ହେଲା ଗୀର୍ଜା ଭିତରୁ ସଂସ୍କାରର ସ୍ୱର ବାହାରି ସଂସ୍କାର ପର୍ବ ଆରମ୍ଭ ହେଲା । ସ୍ପେନ ଓ ଇଟାଲୀରେ ପାଦ୍ରୀମାନେ ସରଳ ଜୀବନଯାପନ ଶୈଳୀ ଓ ଗରିବଙ୍କ ସେବା ଉପରେ ଯୋର ଦେଲେ । ୧୫୪୦ ମସିହାରେ ସ୍ପେନର ଇଗନାଇଟସ ଲୋଏଲୋ(Ignitus Loyola) ସୋସାଇଟି ଫର ଯେସସ୍ (Society for Jesus) ସ୍ଥାପନ କଲେ ପ୍ରୋଟେଷ୍ଟାଣ୍ଟବାଦକୁ ଜବାବ ରଖିବା ପାଇଁ । ତାଙ୍କର ଅନୁଗାମୀକୁ ନାମ ଦିଆଗଲା ଯେସୁଇଷ୍ଟ (Jesuits) । ଯେସୁଇଷ୍ଟ ମାନେ କାର୍ଯ୍ୟରେ ଗରିବ ନାରାୟଣର ସେବା ଏବଂ ଅନ୍ୟମାନଙ୍କ ସଂସ୍କୃତି ଉପରେ ଜ୍ଞାନ ଆହରଣ କରିବା ଲକ୍ଷ୍ୟ ଓ ମିଶନାରୀ ଶପଥ ନେଇ ଆଗକୁ ବଢିଲେ ।

## ବୈଜ୍ଞାନିକ ପ୍ରମାଣ

ଖ୍ରୀଷ୍ଟିଆନ ସମାଜ ବିଶ୍ୱାସ କରୁଥିଲା ଯେ ପୃଥିବୀ ପାପ ଭୂମି ଓ ପାପ ଏତେ ଅତ୍ୟଧିକ ହେଲା ଯେ ପାପର ...ଝରେ ପୃଥିବୀ ସ୍ଥିର ବା ଅଚଳ ହୋଇଗଲା । ପୃଥିବୀ ବିଶ୍ୱର କେନ୍ଦ୍ରସ୍ଥଳ ଏବଂ ପୃଥିବୀ ଚର୍ତୁଃ ପାର୍ଶ୍ୱରେ ଦିବ୍ୟ ଗ୍ରହମାନେ

ଆବର୍ତ୍ତନ କରୁଛନ୍ତି । ଏ ସମସ୍ତ ଧାରଣା ଓ ବିଶ୍ୱାସକୁ ବୈଜ୍ଞାନିକ ମାନେ ସଂପୂର୍ଣ୍ଣ ନୂତନ ଦୃଷ୍ଟି କୋଣରୁ ପ୍ରଶ୍ନ କଲେ । କୋପରନିକସ (Copernicus) (୧୪୭୩-୧୫୪୩) ଙ୍କ ବୈଜ୍ଞାନିକ ଦୃଷ୍ଟିକୋଣ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା । ସେ ଦୃଢ଼ ଭାବରେ ପ୍ରମାଣ କଲେ ଯେ ପୃଥିବୀ ଏବଂ ଗ୍ରହମାନେ ସୂର୍ଯ୍ୟ ଚାରିପାଖେ ଆବର୍ତ୍ତନ କରୁଛନ୍ତି କିନ୍ତୁ ଧର୍ମଯାଜକଙ୍କ ପ୍ରତିକ୍ରିୟା ଭୟରୁ ସେ ତାଙ୍କ ଲିଖିତ ପାଣ୍ଡୁ ଲିପିକୁ ପ୍ରକାଶ ନକରିବା ପାଇଁ ମନସ୍ଥ କଲେ । କାରଣ ସେ ଜାଣିଥିଲେ ଯେ ରକ୍ଷଣଶୀଳ ଧର୍ମଯାଜକମାନେ ସହଜରେ ତାଙ୍କ ପ୍ରମାଣ କୁ ସ୍ୱୀକାର କରିବେ ନାହିଁ । ସେ ତାଙ୍କ ମୃତ୍ୟୁ ସଜ୍ୟାରେ ତାଙ୍କର ଲିଖିତ ପାଣ୍ଡୁଲିପି ଡି ରିଭୋଲ୍ୟୁସନିବସ ( De Revolutionibus or The Retation) କୁ ତାଙ୍କ ଶିଷ୍ୟ ଜେଆଚିମ୍ ରେଟିକସଙ୍କୁ (Joachim Raticus) ପ୍ରଦାନ କରିଥିଲେ । କୋପରନିକସଙ୍କ ମତକୁ ଗ୍ରହଣ କରିବା ପାଇଁ ଲୋକଙ୍କୁ ସମୟ ଲାଗିଥିଲା । ତାଙ୍କର ମୃତ୍ୟୁର ପ୍ରାୟ ୫୦ ବର୍ଷ ପରେ ଜୋହାନେସ କେପଲର (Johannes Kepler) (୧୪୭୧-୧୬୩୦) ଏବଂ ଗାଲିଲିଓ (Galilio) (୧୫୬୪-୧୬୪୨) ଲେଖା ମାଧ୍ୟମରେ ପୃଥିବୀ, ସ୍ୱର୍ଗ, ଦିବ୍ୟଗ୍ରହ ଓ ପାର୍ଥିବ ଗ୍ରହ ମଧ୍ୟରେ ପ୍ରଭେଦ ବିଷୟକ ଜ୍ଞାନର ସଞ୍ଚାର ହେଲା । କେପଲର ତାଙ୍କର କୃତି କସମୋଗ୍ରାଫିକଲ ମିସଷ୍ଟ୍ରି (Cosmographical mystery ) ରେ ଦର୍ଶାଇଲେ ଯେ ଗ୍ରହମାନେ ସୂର୍ଯ୍ୟଚାରି ପାଖରେ ଅଣ୍ଡାକାର ବୃତ୍ତରେ ବୁଲନ୍ତି ଏବଂ ପୃଥିବୀ ସୌର ଜଗତରେ ଏକ ଗ୍ରହ । ଗାଲିଲିଓ ତାଙ୍କର କୃତି ଦି ମୋସନ (The Motion) ରେ ପୃଥିବୀ ସୌରଜଗତ ବିଷୟ ଧାରଣାକୁ ଦୃଢ଼ ନିଶ୍ଚିତ କଲେ ଓ ପ୍ରମାଣ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଉପସ୍ଥାପନ କଲେ । ଯେତେବେଳେ ଆଇଜାକ ନ୍ୟୁଟନ (Isac Newton) (୧୬୪୨-୧୭୧୭)ଙ୍କ ମାଧ୍ୟାକର୍ଷଣ ଶକ୍ତି ମତବାଦ ପ୍ରମାଣ ସହ ଉପସ୍ଥାପନ କଲେ ବୈଜ୍ଞାନିକ ବିପ୍ଳବ ଚରଣସୀମାରେ ପହଞ୍ଚିଲା ।

ବୈଜ୍ଞାନିକ ଏବଂ ଚିନ୍ତାଶୀଳ ବ୍ୟକ୍ତିଙ୍କ କୃତି ଉପସ୍ଥାପନ କଲା ଯେ ବିଶ୍ୱାସ ଓ ଜ୍ଞାନ ମଧ୍ୟରେ ପାର୍ଥକ୍ୟ ଅଛି । ନିରୀକ୍ଷଣ ତଥ୍ୟାନୁସନ୍ଧାନ ଓ ପରୀକ୍ଷଣରୁ ଫଳ ହୁଏ ଜ୍ଞାନ । ବୈଜ୍ଞାନିକମାନେ ପରୀକ୍ଷା ନୀରିକ୍ଷା , ଅନୁସନ୍ଧାନରୁ ପଦାର୍ଥ ବିଜ୍ଞାନ , ରସାୟନ ବିଜ୍ଞାନ ଓ ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନର ସୂତ୍ରପାତ ହୋଇ ବିକାଶ ଲାଭ କଲା ଏହି ବିକାଶକୁ ବିଜ୍ଞମାନେ ବୈଜ୍ଞାନିକ ବିପ୍ଳବର ଆଖ୍ୟା ଦେଲା ।

ଫଳସ୍ୱରୂପ ଧାର୍ମିକ ବିଶ୍ୱାସରେ ଅନାସ୍ଥା ପୋଷଣ କରୁଥିବା ଓ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ବ୍ୟକ୍ତି ଈଶ୍ୱର ଓ ଭଗବାନଙ୍କ ବଦଳରେ ପ୍ରକୃତିକୁ ସୃଷ୍ଟିର ଉତ୍ସ ବୋଲି ଗ୍ରହଣ କଲେ । ଯେଉଁମାନେ ଈଶ୍ୱର ବିଶ୍ୱାସୀ ଥିଲେ ତାଙ୍କର ଚିନ୍ତାଧାରାରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଲା । ସେମାନେ କହିଲେ ଈଶ୍ୱର ସୃଷ୍ଟିକର୍ତ୍ତା କିନ୍ତୁ ପାର୍ଥିବ ସଂସାର ମଣିଷ କୃତ । ପେରିସ ଏକାଡେମି (୧୬୭୦) ଓ ରଏଲ ସୋସାଇଟି ଅନ ଲଣ୍ଡନ (୧୬୬୨) ପରି ବୈଜ୍ଞାନିକ ସଂସ୍ଥା ରେ ବୈଜ୍ଞାନିକ ଚିନ୍ତାଧାରାକୁ ଲୋକପ୍ରିୟ କରି ଲୋକମାନଙ୍କ ପ୍ରଭାବର ପରିସରକୁ ଆଣି ଏକ ନୂତନ ସଂସ୍କୃତିର ସୃଷ୍ଟି କଲେ ।

ଶିକ୍ଷା ପାଠ୍ୟ ଖସଡାରେ ଓ ଶିକ୍ଷା ପଦ୍ଧତିରେ ବୈଜ୍ଞାନିକ ପରିବର୍ତ୍ତନର ସୂତ୍ରପାତ ଇଉରୋପର ଅନେକ ବିଶ୍ୱ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା ଓ ବିଶେଷ କରି ପିଟ୍ରାର୍କଙ୍କ ନିଜ ସହର ଫ୍ଲୋରେନ୍ସର ନୂତନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଫ୍ଲୋରନସ ସହର ଇଉରୋପର ବାଣିଜ୍ୟ କିମ୍ବା ଶିକ୍ଷା ମାନଚିତ୍ରରେ କୌଣସି ସ୍ଥାନ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ପଞ୍ଚଦଶ ଶତାବ୍ଦୀରେ ବାଣିଜ୍ୟ ବ୍ୟବସାୟ ଓ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସହର ହୋଇଗଲା । ଦାନ୍ତେ ଏଲିଘିଏରି (Dante Alighieri) (୧୨୬୫-୧୩୨୧) ଜଣେ ଧର୍ମଯାଜକ ନହୋଇ ଧର୍ମ ବିଷୟବସ୍ତୁ ଉପରେ ଲେଖିଲେ ଏବଂ ଗିଓଟୋ (Giotto) (୧୨୬୭-୧୩୩୭) ଜଣେ ଚିତ୍ରକର ସାକ୍ଷାତ ଜୀବିତ ମଣିଷ, ପଶୁ , ପକ୍ଷୀଙ୍କ ଉଦ୍ଭାନ ଚିତ୍ରପଟ ଆଙ୍କିବା ଆରମ୍ଭ କଲେ । ସେ ସମୟରେ ଇଉରୋପରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଥିଲା କାରଣ ତାଙ୍କ ପୂର୍ବରୁ ଓ ସମସାମୟିକ ମାନେ କେବଳ ଧର୍ମ ନିର୍ଦ୍ଧାରିତ ବିଷୟବସ୍ତୁ ଉପରେ ଚିତ୍ର ଆଙ୍କୁଥିଲେ ଯାହା ପ୍ରାୟତଃ ଅସ୍ୱାଭାବିକ ବା ଅବାସ୍ତବ ଥିଲା । ସେ ସମୟରୁ ଫ୍ଲୋରେନସ୍ ସହର ବୁଦ୍ଧିଜୀବିଙ୍କ ସର୍ବାଧିକ ଆଗ୍ରହଦାୟକାରୀ ଓ କଳା କ୍ଷେତ୍ରରେ କଳାତ୍ମକ ସୃଜନଶୀଳ ସ୍ଥଳର ପ୍ରାଣକେନ୍ଦ୍ର ହୋଇ ସମସ୍ତଙ୍କ ଦୃଷ୍ଟି

ଆକର୍ଷଣ କଲା । ସେ ସମୟରେ ଯେଉଁ ବ୍ୟକ୍ତି ବିଭିନ୍ନ କଳା କୌଶଳର ଅଧିକାରୀ ଓ ବହୁବିଧ କଳାରେ ଆଗ୍ରହୀ ସେମାନଙ୍କୁ 'ରିନାସାଂ ମେନ' (Rennaissance Men) ବୋଲି ଆଖ୍ୟା ଦିଆଯାଉଥିଲା । ସେମାନେ ଏକାଧାରରେ ଜ୍ଞାନୀ, କୂଟନୀତିଜ୍ଞ, କଳାକାର ଓ ଇଶ୍ୱରତତ୍ତ୍ୱ ବିଶେଷଜ୍ଞ ।

ଇଟାଲୀର ସହର ମାନଙ୍କରେ ସମୟୋଚିତୋ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ଯାହା ଇଉରୋପର ଅଗ୍ରଣୀ ବିଶ୍ୱବିଦ୍ୟାଳୟ । ସେମାନେ ପାଠ୍ୟଖସଡାରେ କ୍ରମେ ପରିବର୍ତ୍ତନ ଆଣି ବିଜ୍ଞାନ ସମ୍ମତ ଓ ଲୋକ ସଂସ୍କୃତି ଆଧାରିତ କଲେ ।

ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀର ଇତିହାସ ଅଧ୍ୟୟନର କେତେକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ମଧ୍ୟରୁ ପ୍ରଥମଟି ହେଲା ଚିନ୍ତାଧାରାରେ ପରିବର୍ତ୍ତନ । ଧିରେ ଧିରେ ବ୍ୟକ୍ତିଗତ କାର୍ଯ୍ୟକ୍ଷେତ୍ର ଓ ସାର୍ବଜନୀନ କାର୍ଯ୍ୟକ୍ଷେତ୍ର ପୃଥକ ହେଲା । ବ୍ୟକ୍ତି କାର୍ଯ୍ୟକ୍ଷେତ୍ରରେ ରହିଲା ପରିବାର, ସଂପର୍କ ଓ ବ୍ୟକ୍ତିଗତ ଧର୍ମ ଧାରଣା ଓ ସାର୍ବଜନୀନ କାର୍ଯ୍ୟକ୍ଷେତ୍ରରେ ସରକାର, ସରକାରୀ ସଂସ୍ଥା ଓ ଆନୁଷ୍ଠାନିକ ଧର୍ମ । ଜଣେ ବ୍ୟକ୍ତିର ବ୍ୟକ୍ତିଗତ ତଥା ସାର୍ବଜନୀନ ଭୂମିକା ରହିଲା । ସେ କେବଳ ସମାଜର ଜଣେ ସଭ୍ୟ ନୁହେଁ ତାର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି ତାର ବ୍ୟକ୍ତି ସ୍ୱାଧୀନତା ଓ ପରିଚୟ ଅଛି ଏହା ସ୍ୱୀକାର୍ଯ୍ୟ ହେଲା ।

ଦ୍ୱିତୀୟ ପରିବର୍ତ୍ତନ ଆସିଲା ଆଞ୍ଚଳିକ ପରିଚୟକୁ ନେଇ । ଭାଷା ଭିତ୍ତିକ ପରିଚୟର ସୂତ୍ରପାତ ହେଲା ଏବଂ ଭାଷାଭିତ୍ତିକ ରାଷ୍ଟ୍ର ଜନ୍ମ ନେଲା । ଆଗରୁ ଥିବା ସମାଜ ଭିତ୍ତିକ, ଲାଟିନ ଭିତ୍ତିକ ଓ ଧର୍ମ ଭିତ୍ତିକ ପରିଚୟ ଧିରେ ଧିରେ ବିଲୀନ ହୋଇଗଲା ।

ତୃତୀୟ ଉପଲବ୍ଧି ଇଉରୋପର ସାଂସ୍କୃତିକ ପରିବର୍ତ୍ତନର ରୂପରେଖ କେବଳ ରୋମ ଓ ଗ୍ରୀସର ଶାସ୍ତ୍ରୀୟ ପରମ୍ପରା ଓ ସଭ୍ୟତାର ପ୍ରଭାବରୁ ହୋଇନଥିଲା । ସେମାନେ ଭାରତ , ଇରାନ, ଆରବ, ଚୀନ ଓ ମଧ୍ୟ ଏସିଆରୁ ଶିକ୍ଷାଲାଭ କରିଥିଲେ । ରୋମ ପତ୍ନତତ୍ତ୍ୱ ଖନନ ଓ ସାହିତ୍ୟର ପୁନରଦ୍ଧାର ନିଶ୍ଚିତ ଭାବରେ ପୁରାତନ ସଭ୍ୟତାର ପ୍ରଶଂସା ଓ ସମ୍ମାନ ସୃଷ୍ଟି କରିଥିଲା । ଅନେକ ବିଦ୍ୟାରେ ଏସିଆ ରୋମ ଓ ଗ୍ରୀସଠାରୁ ଆଗୁଆ ଥିଲା । ଇସଲାମ ଧର୍ମର ପ୍ରସାର ଓ ମଙ୍ଗୋଲ ମାନଙ୍କ ଇଉରୋପ ଆକ୍ରମଣ ଇଉରୋପ, ଏସିଆ ଓ ଦକ୍ଷିଣ ଆଫ୍ରିକାକୁ କେବଳ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ ,ବାଣିଜ୍ୟ, ବ୍ୟବସାୟ, ଜ୍ଞାନ କୌଶଳ ଓ ଶିକ୍ଷା ଆହରଣ ପାଇଁ ସଂଯୋଗ ସ୍ଥାପନ କରିଥିଲା । ଇତିହାସର ଇଉରୋପ କେନ୍ଦ୍ରିକ ଅଧ୍ୟୟନରେ ବାହ୍ୟ ପ୍ରଭାବ ବିଶେଷ କରି ଏସିଆ ଓ ଆଫ୍ରିକା ମହାଦେଶର ଅବଦାନ ବିଷୟରେ ଆଲୋଚନା ହୋଇନାହିଁ ।

ଚତୁର୍ଥ ଉପଲବ୍ଧି କଥାକଥିତ ଇଉରୋପର ସାହିତ୍ୟ ଓ ଇଟାଲୀର ସଂସ୍କୃତିର 'ମଧ୍ୟଯୁଗ' , 'ଅନ୍ଧାରଯୁଗ' ଏବଂ "ବିକାଶ ବନ୍ଦ" ଥିବା ଧାରଣା ଇତିହାସର ଅବମାନନା ମାତ୍ର । କାରଣ କଥାକଥିତ 'ପୁନର୍ଜନ୍ମ' ବା 'ନବୋଦୟ'ର ଅନେକ ବିଷୟବସ୍ତୁ ଓ ଅନୁଭୂତି ଇଟାଲୀରେ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀର ଉପଲବଧ ଥିଲା । ଫ୍ରାନସ ଦେଶରେ ନବମ ଶତାବ୍ଦୀରେ ସାହିତ୍ୟ ଓ କଳାର ନବୋଦୟ ହୋଇଥିଲା ।

ଶେଷ ଉପଲବ୍ଧି ଏହି ଯେ ନିଶ୍ଚିତ ଭାବରେ ଗ୍ରୀସ ଓ ରୋମର ପୁରାତନ ସାହିତ୍ୟ , ସଂସ୍କୃତି ,କଳା , ସ୍ଥାପତ୍ୟ ନୂତନ ଉଦ୍ଦୀପନା ଓ ପ୍ରେରଣା ଯୋଗାଇଥିଲା । ଫଳତଃ ସଂସ୍କୃତିରେ ନୂତନ ଉତ୍ସାହ , ନୂତନ ସୃଷ୍ଟି ଓ ଗତିଶୀଳତା ଆସିଲା କିନ୍ତୁ କଳା ସ୍ଥାପତ୍ୟ ଓ ସଂସ୍କୃତିର ସଂପୂର୍ଣ୍ଣ 'ନବୋଦୟ' ବା 'ପୁନର୍ଜନ୍ମ' ଆଖ୍ୟା ଦେବା ଐତିହାସିକ ଭୂଲ ହେବ । ଧାର୍ମିକ ଚିନ୍ତାଧାରାରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲେ ମଧ୍ୟ ଇଉରୋପର ସମାଜରେ ଧର୍ମ ଏକ ସୁଦୃଢ ଅଂଶ ଭାବରେ ମଣିଷ ଜୀବନକୁ ପ୍ରଭାବିତ କରୁଥିଲା ଓ କରିଆସୁଛି ।

## ଆଦର୍ଶ ପ୍ରଶ୍ନାବଳୀ

### ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

୧. ଗାଲିଲିଓ କାହିଁକି ପ୍ରସିଦ୍ଧ ?

୨. ପଣ୍ଟିଅସ୍ ପିଲେଟ୍ କିଏ ?

୩. ସେଣ୍ଟପଲ୍ ଓ ସେଣ୍ଟ ପିଟର କିଏ ?

୪. ମୁସଲମାନଙ୍କର ଧର୍ମକୁ କ'ଣ କୁହାଯାଏ ? ଏହି ଶବ୍ଦର ଅର୍ଥ କ'ଣ ?

୫. ମହମ୍ମଦ କାହିଁକି ମକ୍କାରୁ ମଦିନାକୁ ପଳାୟନ କରିଥିଲେ ?

୬. ଇସଲାମ ଧର୍ମର ମୂଳନୀତି କ'ଣ ?

୭. ରମଜାନ୍ ମାସର ମହତ୍ତ୍ୱ କ'ଣ ?

୮. କୋରାନ କ'ଣ ?

୯. ଯୀଶୁଙ୍କର ବାଣୀ ସଂକ୍ଷେପରେ ଲେଖ ।

୧୦. ଯୀଶୁଙ୍କୁ କେଉଁମାନେ ଓ କାହିଁକି କ୍ରୁଶବିଦ୍ଧ କରିଥିଲେ ?

### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ଯିଶୁଙ୍କର ଜୀବନୀ ଓ ବାଣୀ ଆଲୋଚାନା କର ।

୨. ଇସଲାମ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କ ର ଜୀବନୀ ଓ ବାଣୀ ବର୍ଣ୍ଣନା କର ।

### ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

୧. ମୁଦ୍ରଣଯନ୍ତ୍ରର ଉଦ୍ଭାବନ କିଏ କରିଥିଲେ ?

୨. ଦୂରବୀକ୍ଷଣ ଯନ୍ତ୍ରର ଉଦ୍ଭାବକ କିଏ ?

୩. ମୋନାଲିସାର ଚିତ୍ରକର କିଏ ?

୪. 'ଦ ପ୍ରିନ୍ସ'- ପୁସ୍ତକ କିଏ ଲେଖିଥିଲେ ?

୫. ପ୍ରାଚୀନ ସାହିତ୍ୟର ଉଦ୍ଧାରକ କିଏ ଓ କେବେ ଅଧିକାର କରିଥିଲେ ?

୬. କୋପରନିକସ କିଏ ? ସେ କାହିଁକି ପ୍ରସିଦ୍ଧ ?

୭. ନିଉଟନ୍‌ଙ୍କର ଅବଦାନ କ'ଣ ଥିଲା ?

୮. ଇରାସମସ୍ କିଏ ? ତାଙ୍କର କୃତି ଗୁଡିକ ଲେଖ ।

୯. ପ୍ରାଚୀନ ସାହିତ୍ୟ କିପରି ପୁନରୁଦ୍ଧାର ହେଲା ?

୧୦. ଇଉରୋପରେ ଆରବୀୟ ମାନଙ୍କର ପ୍ରଭାବ କ'ଣ ଥିଲା ?

### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ସାଂସ୍କୃତିକ ଜାଗରଣ ସମୟରେ ବିଜ୍ଞାନ ଓ କଳା କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଥିଲା ବର୍ଣ୍ଣନା କର ।

୨. ଇଉରୋପରେ ଆସିଥିବା ସାଂସ୍କୃତିକ ପରମ୍ପରାରେ ପରିବର୍ତ୍ତନ ଉପରେ ଆଲୋକପାତ କର ।

### ପ୍ରତ୍ୟକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

୧. ମାର୍କୋପୋଲୋ କିଏ ?

୨. ନାବିକ ହେନେରୀ କେଉଁ ଦେଶର ରାଜା ଥିଲେ ?

୩. କଲମ୍ବସ୍ କେଉଁ ମହାଦେଶ ଆବିଷ୍କାର କରିଥିଲେ ?

୪. ଦିଗନିର୍ଣ୍ଣୟ ଯନ୍ତ୍ର କିପରି ଭୌଗୋଳିକ ଆବିଷ୍କାରକୁ ସାହାଯ୍ୟ କଲା ?

୫. ନୌଯାତ୍ରା ଉନ୍ନତିରେ ଦିଗନିର୍ଣ୍ଣୟ ଯନ୍ତ୍ର କିପରି ସହାୟକ ହେଲା ?

୬. ଏସିଆର ଉତ୍ପାଦିତ ଦ୍ରବ୍ୟର ଇରୋପରେ ଚାହିଦା ଭୌଗୋଳିକ ଆବିଷ୍କାର ପାଇଁ କିପରି ଦାୟୀ ?

୭. ଭୌଗୋଳିକ ଆବିଷ୍କାର ପାଇଁ ପ୍ରଥମେ କିପରି ଉଦ୍ୟମ ହେଲା ?

୮. କଲମ୍ବସ୍ ପ୍ରଥମେ କିପରି ନୌଯାତ୍ରା ଆରମ୍ଭ କଲେ ?

୯. ଭାସ୍କୋଡାଗାମାଙ୍କର ନୌଯାତ୍ରା ସଂକ୍ଷେପରେ ଲେଖ ?

୧୦. ମ୍ୟାଗାଲାନଙ୍କର ନୌଯାତ୍ରା ସଂକ୍ଷେପରେ ଲେଖ ?

୧୧. ଡ୍ରେକଙ୍କର ନୌଯାତ୍ରା ସମ୍ପର୍କରେ ଆଲୋଚନା କର ?

### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ପଞ୍ଚଦଶ ଓ ଷୋଡଶ ଶତାବ୍ଦୀର ପ୍ରଧାନ ଭୌଗୋଳିକ ଆବିଷ୍କାର ଗୁଡିକର ବିବରଣୀ ପ୍ରଦାନ କର ।

୨. କେଉଁ କାରଣ ଯୋଗୁଁ ଏବଂ କେଉଁ ପରିସ୍ଥିତିରେ ଇଉରେପୀୟମାନେ ଭୌଗୋଳିକ ଆବିଷ୍କାର ପାଇଁ ପ୍ରୟାସୀ ହୋଇଥିଲେ ।

### ପ୍ରତ୍ୟକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

୧. ପୁରାତନ ସହର ଇନକା କେଉଁଠାରେ ଅବସ୍ଥିତ ?

୨. ଦକ୍ଷିଣ ଆମେରିକାର କେଉଁ ନଦୀ କୂଳରେ ପୁରାତନ ସଭ୍ୟତା ଗଢି ଉଠିଥିଲା ?

୩. ବାହାମା ଅଞ୍ଚଳର ସ୍ଥାନୀୟ ଅଧିବାସୀ କିଏ ?

୪. ଦକ୍ଷିଣ ଆମେରିକାର କେଉଁ ଆଦିବାସୀ କୁଶଳୀ ବୁଣାକାର ଥିଲେ ?

୫. ବ୍ରାଜିଲ୍ ର ନାମ କାହିଁକି ବ୍ରାଜିଲ୍ ହେଲା ?

୬. ତୁପିନାମ୍ବା ଆଦିବାସୀ କେଉଁ ଅଞ୍ଚଳରେ ବସବାସ କରୁଥିଲେ ?

୭. ଦକ୍ଷିଣ ଆମେରିକାର କେଉଁ ଆଦିବାସୀ ମାନେ ପ୍ରଥମ ସଭ୍ୟତା ଗଢିଥିଲେ ?

୮. ମାୟା ସଭ୍ୟତା ବିଷୟରେ ସଂକ୍ଷେପରେ ଲେଖ ।

୯. ଏଜ୍‌ଟେକ ସଭ୍ୟତା ବିଷୟରେ ସଂକ୍ଷେପରେ ଲେଖ ।

୧୦. ଇନ୍‌କା ସଭ୍ୟତା ବିଷୟରେ ସଂକ୍ଷେପରେ ଲେଖ ।

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ଦକ୍ଷିଣ ଆମେରିକାର ପୁରାତନ ସଭ୍ୟତା ଉପରେ ଏକ ଟିପ୍ପଣୀ ଲେଖ ।

୨. ଇଉରୋପିୟ ଉପନିବେଶର ଦକ୍ଷିଣ ଓ କେନ୍ଦ୍ରିୟ ଆମେରିକା ଉପରେ ପ୍ରଭାବର ଏକ ଟିପ୍ପଣୀ ଲେଖ ।

❑❑❑

**Unit - IV**

## ଏକାଦଶ ଅଧ୍ୟାୟ

# ଶିଳ୍ପ ବିପ୍ଳବ

# ନବାୟନ ଓ ଯାନ୍ତ୍ରିକ ବିଜ୍ଞାନ ସମ୍ବନ୍ଧୀୟ ପରିବର୍ତ୍ତନ :

# Industrial Revolution : Innovations & Technological Change

---

**ଶିଳ୍ପ ବିପ୍ଳବର ସଂଜ୍ଞା :** ବିପ୍ଳବ ବିନା କୌଣସି କ୍ଷେତ୍ରରେ ପରିବର୍ତ୍ତନ ସମ୍ଭବପର ହୋଇ ନଥାଏ । ଏହି ଅର୍ଥରେ ଶିଳ୍ପ ବିପ୍ଳବ ଥିଲା ଅନ୍ୟ ସମସ୍ତ ବିପ୍ଳବଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶିଳ୍ପ ବିପ୍ଳବର ପ୍ରକୃତ ଅର୍ଥ ହେଲା ହସ୍ତଶିଳ୍ପ ପରିବର୍ତ୍ତେ ଯାନ୍ତ୍ରିକ ଶିଳ୍ପ ପ୍ରତିଷ୍ଠାକରି ଉତ୍ପାଦନ ପ୍ରକ୍ରିୟାରେ ବୃଦ୍ଧି ଘଟାଇବା ।

ଶିଳ୍ପ ବିପ୍ଳବ କହିଲେ ନୂତନ ଯନ୍ତ୍ରପାତିର ବ୍ୟବହାର କରି ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଏବଂ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନକୁ ବୁଝାଇଥାଏ । ୧୭୭୦ ରୁ ୧୮୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ସର୍ବ ପ୍ରଥମେ ଏହି ବିପ୍ଳବ ଇଂଲଣ୍ଡରେ ଆରମ୍ଭ ହୋଇ ଅନ୍ୟ ଇଉରୋପୀୟ ଦେଶମାନଙ୍କରେ ପ୍ରସାର ଲାଭ କରିଥିଲା । ୧୮୨୫ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସ, ୧୮୩୦ ଖ୍ରୀଷ୍ଟାବ୍ଦରେ ବେଲ୍‌ଜିୟମ୍ ଏବଂ ୧୮୫୦ ରେ ଜର୍ମାନୀରେ ଏହି ବିପ୍ଳବର ପ୍ରତିଧ୍ୱନି ଦେଖିବାକୁ ମିଳିଲା ।

**ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହେବା ପଛରେ ଥିବା କାରଣ ସମୂହ :**

ନିମ୍ନଲିଖିତ କାରଣମାନ ଯୋଗୁଁ ସର୍ବପ୍ରଥମେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ।

୧. ଇଂଲଣ୍ଡ ଅଧିନରେ ଥିବା ଉପନିବେଶ ମାନଙ୍କରୁ ପ୍ରଚୁର କଞ୍ଚାମାଲ ଉପଲବ୍ଧ ହୋଇ ପାରୁଥିଲା । ଉପନିବେଶ ମାନଙ୍କରୁ ବହିର୍ବାଣିଜ୍ୟଦ୍ୱାରା ଏହା ପ୍ରଚୁର ପରିମାଣର ପୁଞ୍ଜି ସଂଗ୍ରହ କରିବା ପାଇଁ ସମର୍ଥ ହୋଇ ପାରିଥିଲା । ଉପନିବେଶ ଗୁଡ଼ିକରେ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ଯଥେଷ୍ଟ ଚାହିଦା ରହିଥିଲା । ପୁନଶ୍ଚ, ସେଠାରେ ପ୍ରଚୁର ପରିମାଣର ପ୍ରାକୃତିକ ସମ୍ପଦ ମହଜୁଦ୍ ଥିବା ସହିତ ବ୍ୟାଙ୍କ ବ୍ୟବସ୍ଥାର ସୁବିଧା ମଧ୍ୟ ଉପଲବ୍ଧ ହୋଇ ପାରୁଥିଲା ।

୨. ଇଂଲଣ୍ଡରେ ରାଜନୈତିକ ସ୍ଥିରତା ଥିବା କାରଣରୁ ଅସଂଖ୍ୟ ବନ୍ଦର ନିର୍ମାଣ ସମ୍ଭବପର ହୋଇଥିଲା । ଏହା ଦ୍ୱାରା ନୌବାଣିଜ୍ୟ କ୍ଷେତ୍ରରେ ଆଶାତୀତ ଉନ୍ନତି ଘଟିଲା ।

୩. ଇଂଲଣ୍ଡର ବୁଣାକାରମାନେ ଚରଖା ପ୍ରସ୍ତୁତ ସୂତା ନ ପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ଫଳରେ ବୟନଶିଳ୍ପ କ୍ଷେତ୍ରରେ ନୂତନ ଉଦ୍ଭାବନ ପାଇଁ ଉଦ୍ୟମ କରାଗଲା ।

୪. ଇଂଲଣ୍ଡରେ ଥିବା ଲୁହା ଓ କୋଇଲା ଖଣିଗୁଡ଼ିକରୁ ଜଳ ନିଷ୍କାସନ କରିବା ପାଇଁ ଉଦ୍ୟମ ଆରମ୍ଭ ହେବାରୁ ବାଷ୍ପଚାଳିତ କଳ ଉଦ୍ଭାବିତ ହେଲା ।

୫. ଇଂଲଣ୍ଡରେ ଶ୍ରମିକମାନଙ୍କର ସଂଖ୍ୟା, ଆବଶ୍ୟକତା ତୁଳନାରେ ଅଧିକ ନଥିଲା । ସେମାନେ କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଅଧିକ ଅର୍ଥ ଦାବୀ କରୁଥିଲେ । ଫଳରେ ନୂତନ ଯନ୍ତ୍ରପାତି ଉଦ୍ଭାବନ ପ୍ରତି ଆଗ୍ରହ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା ।

୬. ଯାନ୍ତ୍ରିକ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ତରଫରୁ ଶିଳ୍ପପତିମାନଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦିଆଗଲା । ସୁତରାଂ ଉପର ବର୍ଣ୍ଣିତ କାରଣମାନ ଯୋଗୁ ଇଂଲଣ୍ଡରେ ପ୍ରଥମେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା । ନବାୟନ (Innovations) - ନୂତନ ଉଦ୍ଭାବନ ଯୋଗୁ ଉତ୍ପାଦନ ପ୍ରକ୍ରିୟାରେ ନିମ୍ନଲିଖିତ ପରିବର୍ତ୍ତନ ସମ୍ଭବପର ହେଲା

**କ) ବୟନ ଶିଳ୍ପ : ଶିଳ୍ପ ବିପ୍ଳବ ଯୋଗୁଁ ବସ୍ତ୍ର ବୟନ ଶିଳ୍ପ କ୍ଷେତ୍ରରେ ଆଖି ଦୃଶିଆ ପରିବର୍ତ୍ତନ ଦେଖାଗଲା :-**

**୧. ଫ୍ଲାଇଙ୍ଗ ସଟଲ୍ : (Flying Shuttle)**

୧୭୩୩ ରେ ଜନ କେ (John Key) ଫ୍ଲାଇଙ୍ଗ ସଟଲ୍ ଉଦ୍ଭାବନ କରିବାରୁ ଏକ ସମୟରେ ଅଧିକ ସଂଖ୍ୟାରେ ଲୁଗା ବୁଣା ଯାଇ ପାରିଲା ।

**୨. ସ୍ପିନିଙ୍ଗ ଜେନି (Spinning Jenny) :**

୧୭୬୫ ରେ ୟାର୍କସାୟାରର ଅଧିବାସୀ ଜେମସ୍ ହାରଗ୍ରିଭସ୍ (James Hargreaves) ଉଦ୍ଭାବନ କଲେ ସ୍ପିନିଙ୍ଗ ଜେନି ନାମରେ ଏକ ଉନ୍ନତ ମାନର ଯନ୍ତ୍ର, ଯଦ୍ୱାରା କି ଏକା ଥରକେ ଶହେ ଖିଅ ସୂତା କଟା ଯାଇ ପାରିଲା ।

**୩. ୱାଟର ଫ୍ରେମ୍ (Water Frame) :**

୧୭୬୯ ରେ ବୋଲଟନ୍ ସହରରେ ଅବସ୍ଥାନ କରୁଥିବା ରିଚାର୍ଡ ଆର୍କରାଇଟ୍ ଜଳଶକ୍ତି ଦ୍ୱାରା ପରିଚାଳିତ ୱାଟର ଫ୍ରେମ୍ ନାମରେ ଏକ ଯନ୍ତ୍ର ଉଦ୍ଭାବନ କଲେ । ଏହି ଯନ୍ତ୍ରଦ୍ୱାରା ସୂକ୍ଷ୍ମ ଏବଂ ଶକ୍ତ ସୂତା ପ୍ରସ୍ତୁତ କରିବା ସମ୍ଭବପର ହେଲା ଏବଂ ସେ "ଇଂଲଣ୍ଡର କାର୍ପାସ ଶିଳ୍ପର ପ୍ରତିଷ୍ଠାତା" ରୂପେ ବିବେଚିତ ହେଲେ ।

**୪. ସ୍ପିନିଙ୍ଗ୍ ମ୍ୟୁଲ୍ (Spinning Mule) :**

୧୭୭୯ ରେ ସାମୁଏଲ୍ କ୍ରମ୍ପଟନ୍ (Samuel Cropmton) ନାମକ ଜଣେ ଶିଳ୍ପୀ ସ୍ପିନିଙ୍ଗ୍ ଜେନି ଏବଂ ୱାଟର ଫ୍ରେମ୍‌କୁ ମିଶ୍ରଣ କରି ସ୍ପିନିଙ୍ଗ ମ୍ୟୁଲ୍ ନାମରେ ଏକ ଯନ୍ତ୍ର ଉଦ୍ଭାବନ କରିବା ଫଳରେ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଚୁର ପରିମାଣର ସୂତା ପ୍ରସ୍ତୁତ ହୋଇପାରିଲା ।

**୫. ପାୱାର ଲୁମ୍ (Power Loom) :**

ବୁଣାକାର ମାନଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ନିମନ୍ତେ ୧୭୮୭ ରେ ଏଡମଣ୍ଡ କାର୍ଟରାଇଟ୍ (Edmond Cartwright) ପାୱାର ଲୁମ୍ ନାମକ ଏକ ସ୍ୱୟଂଚାଳିତ ବୟନ-ଯନ୍ତ୍ର ଉଦ୍ଭାବନ କଲେ । ଫଳରେ ସ୍ପିନିଙ୍ଗ୍ ମ୍ୟୁଲ୍ ଦ୍ୱାରା ପ୍ରସ୍ତୁତ ସୂତା ସବୁ ବସ୍ତ୍ର ବୁଣିବାରେ ବ୍ୟବହୃତ ହୋଇ ପାରିଲା ।

**୬. କଟନ୍ ଜିନ୍ (Cotton Gin) :**

୧୭୯୩ ରେ ଅଲି ହ୍ୱାଇଟ୍‌ନେ (Ali Whitney) ଙ୍କ ଦ୍ୱାରା କଟନ୍ ଜିନ୍ ଯନ୍ତ୍ର ଉଦ୍ଭାବିତ ହେବାରୁ ସ୍ୱଳ୍ପ ସମୟ ମଧ୍ୟରେ ତୁଳାରୁ ମଞ୍ଜିକୁ ପୃଥକ କରାଯାଇ ପାରିଲା ।

**୭. ଅଷ୍ଟାଦଶ ଶତକର ଶେଷାର୍ଦ୍ଧରେ ସିଲିଣ୍ଡର ପ୍ରିଣ୍ଟିଙ୍ଗ୍ (Cylinder Printing)**

ଉଦ୍ଭାବନ କରାଯିବାରୁ ରଙ୍ଗୀନ୍ ବସ୍ତ୍ର ପ୍ରସ୍ତୁତ ହୋଇ ପାରିଲା । ଇଂଲଣ୍ଡର ମଞ୍ଚେଷ୍ଟର ଏବଂ ଲାଙ୍କାସାୟାରଠାରେ ବହୁ ସଂଖ୍ୟାରେ ବୟନ ଶିଳ୍ପମାନ ପ୍ରତିଷ୍ଠା କରାଗଲା ।

**ଖ) ଲୁହା ଏବଂ କୋଇଲା ଶିଳ୍ପର ଉନ୍ନତି :**

ଯାନ୍ତ୍ରିକ ଶିଳ୍ପ ପ୍ରତିଷ୍ଠା ଫଳରେ କୋଇଲାର ଚାହିଦା ବୃଦ୍ଧି ପାଇଲା । ଇଂଲଣ୍ଡର ଜନସାଧାରଣ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ କୋଇଲା ଖଣିରୁ କୋଇଲା ନିଷ୍କାସନ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା ।

୧. ଆବ୍ରାହାମ୍ ଡର୍ବି (Abraham Darby) ନାମକ ଜଣେ ବ୍ୟକ୍ତି ଲୁହା ତରଳାଇବା ପାଇଁ ପ୍ରଥମେ ପୋଡ଼ା କୋଇଲା ବା କୋକ୍ (Coke) ବ୍ୟବହାର କରିବା ଫଳରେ ପ୍ରଚୁର ପରିମାଣର ଲୁହା ଉତ୍ପାଦିତ ହେଲା ।

୨. ୧୮୧୫ ରେ ହମ୍ଫ୍ରି ଡେଭି (Humphery Davy) ନାମକ ଜଣେ ବ୍ୟକ୍ତି ନିରାପଦ ବତୀ (Safety Lamp) ଉଦ୍ଭାବନ କରିବାରୁ ଖଣିକୁ ଆଲୋକିତ କରିବା ସମ୍ଭବପର ହେଲା ।

୩. ହେନେରୀ ବିସମାର୍କ (Henery Bismark) ନାମରେ ଜଣେ ବ୍ୟକ୍ତି ଲୁହାରୁ ମଇଳା ପୃଥକ କରିବା ନିମନ୍ତେ ଏକ ନୂତନ ଉପାୟ ଉଦ୍ଭାବନ କଲେ ।

୪. (Henery Cort) ହେନେରୀ କୋର୍ଟ ଲୌହ ପିଣ୍ଡ ପ୍ରସ୍ତୁତ ତଥା ଲୁହା ଚାଦର ଗୁଡ଼ାଇବାର ଏକ ନୂତନ ପଦ୍ଧତି ଉଦ୍ଭାବନ କଲେ ।

୫. ୧୭୧୨ ରେ ଟମାସ୍ ନିଉକୋମିନ୍ (Thomas Newcomin) ନାମକ ଜଣେ ବ୍ୟକ୍ତି ବାଷ୍ପଚାଳିତ ଯନ୍ତ୍ର ଉଦ୍ଭାବନ କରିବାରୁ କୋଇଲା ଖଣିରୁ ଖୁବ୍ ସହଜରେ ଜଳ ନିଷ୍କାସନ କରାଯାଇ ପାରିଲା ।

୬. ୧୬୯୮ ରେ ଖଣିରୁ ଜଳ ନିଷ୍କାସନ କରିବା ପାଇଁ ଟମାସ୍ ସାଭେରି (Thomas Savery) "ମାଇଁନରସ୍ ଫ୍ରେଣ୍ଡ" (Miner's Friend) ନାମରେ ଏକ ଅନୁକରଣଯୋଗ୍ୟ ବାଷ୍ପ ଚାଳିତ କଳ ପ୍ରସ୍ତୁତ କଲେ ।

**ବାଷ୍ପଚାଳିତ ଇଂଜିନ୍‌ର ଉଦ୍ଭାବନ :**

ନିଉକୋମିନ୍‌ଙ୍କ ଦ୍ୱାରା ଉଦ୍ଭାବିତ ବାଷ୍ପଚାଳିତ ଯନ୍ତ୍ର ଖଣିରୁ ଜଳ ନିଷ୍କାସନ କରିବାର ଅସୁବିଧାକୁ ଦୂର କରି ପାରିଲା ନାହିଁ । ଫଳରେ ୧୭୬୯ ରେ ଜେମସ୍ ୱାଟ୍ (James Watt) ଏକ ଉନ୍ନତ ମାନର ବାଷ୍ପୀୟ ଯନ୍ତ୍ର ଉଦ୍ଭାବନ କରିବାରୁ କଳକାରଖାନାମାନ ଚାଳିତ ହେବା ସହିତ ଯାତାୟତ କ୍ଷେତ୍ରରେ ଆଖି ଦୃଶିଆ ଉନ୍ନତି ପରିଲକ୍ଷିତ ହେଲା ।

**ଗ) ପରିବହନ ଏବଂ ଯାତାୟତ ପରିସରରେ ଉଦ୍ଭାବନ :**

ପରିବହନ ଓ ଯାତାୟତର ସୁବିଧା ପାଇଁ ନୂତନ ଯନ୍ତ୍ରପାତିମାନ ଉଦ୍ଭାବନ କରାଗଲା ।

**୧. ସଡ଼କ ପଥ :**

ସର୍ବପ୍ରଥମେ ମ୍ୟାକ୍ ଆଡାମ୍ (Mac Adam) ନାମକ ସ୍କଟଲାଣ୍ଡର ଜଣେ ଯନ୍ତ୍ରୀ ପକ୍କା ରାସ୍ତା ନିର୍ମାଣ କୌଶଳ ଉଦ୍ଭାବନ କଲେ । ଏହି କ୍ଷେତ୍ରରେ ମେଟ୍‌କାଲ୍‌ଫ (Metacalf) ଏବଂ ଟେଲ୍‌ଫୋର୍ଡ (Mac Telford) ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ ।

**୨. ଜଳପଥ :**

ସାଗରପାରୀ ଦେଶମାନଙ୍କୁ ବିଭିନ୍ନ ଶିଳ୍ପଜାତ ଦ୍ରବ୍ୟ ସହଜରେ ରପ୍ତାନୀ କରିବା ନିମନ୍ତେ ଜଳପଥକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଗଲା । ୧୭୬୧ ରେ ଜେମ୍‌ସ ବ୍ରିଣ୍ଡଲେ (James Brindley) ନାମକ ଜଣେ ଯନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ମଞ୍ଚେଷ୍ଟରଠାରୁ ୱାର୍ସଲେ ପର୍ଯ୍ୟନ୍ତ ବ୍ରିଜ୍ ୱାଟର ନାମରେ ଏକ କେନାଲ ଖନନ କରାଗଲା । ପରେ ଲଣ୍ଡନ୍, ବ୍ରିଷ୍ଟଲ, ଲିଭରପୁଲ ଇତ୍ୟାଦି ସହରଗଡ଼ିକୁ ଜଳପଥ ଦ୍ୱାରା ସଂଯୋଗ କରାଗଲା । ୧୮୦୭ ରେ ଫୋଲ୍‌ଟନ୍ (Folton)ଙ୍କ ଦ୍ୱାରା

"କ୍ଲେରମଣ୍ଟ" ନାମକ ପ୍ରଥମ ବାଷ୍ପୀୟ ନୌକା (Steam Boat) ନିର୍ମିତ ହେଲା । ୧୯୩୮ ରେ ୨ଟି ବାଷ୍ପଚାଳିତ ଜାହାଜ ଆଟଲାଣ୍ଟିକ୍ ମହାସାଗର ଅତିକ୍ରମ କଲା ।

**୩. ରେଳପଥ :**

୧୮୦୧ ରେ ରିଚାର୍ଡ ଟ୍ରେଭିଥିକ୍ (Richard Trevethic), ପଫିଙ୍ଗ୍ ଡେଭିଲ୍ (Puffing Devil), ନାମରେ ଏକ ବାଷ୍ପିୟ ଜାନ ପ୍ରସ୍ତୁତ କଲେ ଯଦ୍ୱାରା ଖଣି ଅଞ୍ଚଳରେ ଟ୍ରକ ଚଳପ୍ରଚଳ କଲା । ଦୂରଦୂରାନ୍ତ ଅଞ୍ଚଳମାନଙ୍କୁ ଯାତ୍ରା କରିବା ସହିତ ଶିଳ୍ପଜାତ ଦ୍ରବ୍ୟ ପ୍ରେରଣ କରିବା ନିମନ୍ତେ ରେଳପଥର ବିକାଶ ଘଟାଇବା ପାଇଁ ତତ୍ପରତା ଆରମ୍ଭ ହେଲା । ୧୮୧୩ ରେ ଉଇଲିୟମ୍ ହେଡଲି (William Hedley) "ପଫିଙ୍ଗ୍‌ବିଲୀ" ନାମକ ଏକ ବାଷ୍ପୀୟ ଜାନ ନିର୍ମାଣ କଲେ । ୧୮୧୪ ରେ ଜର୍ଜ ଷ୍ଟିଫେନ୍‌ସନ୍ (George Stephenson) ଉଦ୍ଭାବନ କଲେ ବାଷ୍ପଚାଳିତ ରେଳଗାଡ଼ି । ୧୮୩୦ ରେ ଲିଭରପୁଲରୁ ମଞ୍ଚେଷ୍ଟର ପର୍ଯ୍ୟନ୍ତ ପ୍ରଥମ କରି ରେଳଗାଡ଼ି ଚଳାଚଳ କଲା । ଜର୍ଜ ଷ୍ଟିଫେନ୍‌ସନ୍ ଉଦ୍ଭାବନ କରିଥିବା ରେଳ ଇଂଜିନ୍‌କୁ "ରକେଟ୍" ନାମରେ ନାମିତ କରାଗଲା । ରେଳପଥର ବିକାଶ ଘଟାଇବା ସହିତ ବିଭିନ୍ନ ନଦୀ ଉପରେ ପୋଲ ନିର୍ମାଣ କରାଯାଇ ଯାତାୟତ ବ୍ୟବସ୍ଥାକୁ ବ୍ୟାପକ କରାଗଲା ।

**ଘ) ଯୋଗାଯୋଗ :**

ଉନ୍ନବିଂଶ ଶତକରେ ଯୋଗାଯୋଗ କ୍ଷେତ୍ରରେ ସଂଘଟିତ ହୋଇଥିବା ବିକାଶ ବିଶ୍ୱବାସୀଙ୍କ ପାଇଁ ଶିଳ୍ପ ବିପ୍ଳବର ସର୍ବଶ୍ରେଷ୍ଠ ଅବଦାନ ବୋଲି ବିଚାର କରାଯାଏ ।

୧. ୧୮୩୭ ମସିହାରେ ଇଂଲଣ୍ଡର, ଚାର୍ଲସ୍ ହ୍ୱିଟଲେ (Charles Whitley) ଏବଂ ଆମେରିକାର ସାମୁଏଲ୍ ମୋର୍ସ (Samuel Morse) ଟେଲିଗ୍ରାଫର ପ୍ରଚଳନ ନିମନ୍ତେ ଉଦ୍ୟମ ଆରମ୍ଭ କଲେ ।

୨. ୧୮୭୬ ରେ ଗ୍ରାହାମ୍ ବେଲ୍ (Graham Bell) ଟେଲିଫୋନ୍ ବା ଦୂରଭାଷମାନ ଯନ୍ତ୍ର ଉଦ୍ଭାବନ କଲେ ।

୩. ୧୮୯୫ ରେ ମାର୍କୋନୀ (Marconi) ବେତାର ଯନ୍ତ୍ର ଉଦ୍ଭାବନ କଲେ ।

୪. ୧୮୭୮ ରେ ଟମାସ୍ ଏଡିସନ୍ (Thomas Edison) "ବୈଦୁତିକ ଆଲୋକ", "ଫୋନୋଗ୍ରାଫ୍" ଏବଂ "ବୈଦୁତିକ କ୍ୟାମେରା" ଉଦ୍ଭାବନ କଲେ ।

୫. ୧୮୪୦ ରେ ଇଂଲଣ୍ଡରେ ପେନି ଡାକ ବ୍ୟବସ୍ଥା (Penny Postal System) ପ୍ରଚଳନ କରାଯାଇ ଯୋଗାଯୋଗ କ୍ଷେତ୍ରକୁ ସମୃଦ୍ଧ କରାଗଲା ।

୬. ୧୯୦୩ ମସିହାରେ ରାଇଟ୍ ଭ୍ରାତୃଦ୍ୱୟ ସର୍ବପ୍ରଥମେ ଆକାଶରେ ଉଡ଼ିବା ପାଇଁ ସମର୍ଥ ହେଲେ ।

**ଶିଳ୍ପ ବିପ୍ଳବର ଫଳାଫଳ : (Merits and Demerits)**

ଐତିହାସିକ ରାମ୍‌ସେ ମୁରଙ୍କ ମତରେ ଶିଳ୍ପ ବିପ୍ଳବ ଥିଲା ଏକ "ପ୍ରଭାବଶାଳୀ ତଥା ନିରବ ପରିବର୍ତ୍ତନ" । ଏହି ବିପ୍ଳବର କେତେ ଗୁଡ଼ିଏ ସୁଫଳ ଏବଂ କୁଫଳ ରହିଛି ।

**ସୁଫଳ : (Merits)**

୧. ଶିଳ୍ପ ବିପ୍ଳବ ଫଳରେ ସୁଲଭ ମୂଲ୍ୟରେ ବ୍ୟବହାର୍ଯ୍ୟ ସାମଗ୍ରୀ ଉପଲବ୍ଧ ହେଲା ।

୨. ବହୁ ସଂଖ୍ୟାରେ ଉଦ୍ୟୋଗମାନ ପ୍ରତିଷ୍ଠିତ ହେବାରୁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲା ।

୩. ଶିଳ୍ପ ବିପ୍ଳବ ଯୋଗୁ ସହରୀକରଣ ପ୍ରକ୍ରିୟା ଆରମ୍ଭ ହେଲା । କର୍ମନିଯୁକ୍ତି ଆଶାରେ ଗ୍ରାମାଞ୍ଚଳରେ ରହୁଥିବା ଅସଂଖ୍ୟ ବ୍ୟକ୍ତି ସହରୀ ଜୀବନ ପ୍ରତି ଆକୃଷ୍ଟ ହେଲେ ।

୪. ଶିଳ୍ପ ବିପ୍ଳବର ପରିଣତି ସ୍ୱରୂପ କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ ଉନ୍ନତମାନର ଯନ୍ତ୍ରପାତି ତଥା ରାସାୟନିକ ସାର ଏବଂ କୀଟନାଶକ ଔଷଧର ବହୁଳ ବ୍ୟବହାର କରାଗଲା ।

୫. ଶିଳ୍ପ ବିପ୍ଳବ ଯୋଗୁଁ ଆମଦାନୀ ଏବଂ ରପ୍ତାନୀ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଲା । ବିଦେଶରେ ବିଲାତି ଦ୍ରବ୍ୟର ଚାହିଦା ବୃଦ୍ଧି ପାଇଲା ।

୬. ନୂତନ ଉଦ୍ଭାବନ ହେବା ଦ୍ୱାରା ଇଉରୋପବାସୀଙ୍କର ଚିନ୍ତାଧାରା କ୍ରମଶଃ ଉନ୍ନତ ହେଲା ଏବଂ ସେମାନଙ୍କ ମନରୁ ଅନ୍ଧ ବିଶ୍ୱାସ ଦୂରୀଭୂତ ହେଲା ।

୭. ଶିଳ୍ପ ବିପ୍ଳବ ଯୋଗୁ "ବ୍ୟକ୍ତିବାଦ" ନାମରେ ଏକ ନୂତନ ମତବାଦ ଜନ୍ମ ନେଲା । ଏହି ମତବାଦର ପୁରୋଧା - ଆଡାମ୍ ସ୍ମିଥ୍, ଜେ.ଏସ. ମିଲ, ସ୍ପେନ୍ସର ଇତ୍ୟାଦି ବ୍ୟକ୍ତି ସ୍ୱତନ୍ତତା ଉପରେ ଗୁରୁତ୍ୱ ପ୍ରଦାନ କରିବାରୁ ଶ୍ରମିକ ଏବଂ କୃଷକମାନଙ୍କର ଅଧିକାର ସୁରକ୍ଷିତ ହେଲା ।

୮. ଏହି ବିପ୍ଳବ ଯୋଗୁ ସେଣ୍ଟ ସାଇମନ୍, ଲୁଇ ବ୍ଲାକ୍ ଇତ୍ୟାଦିଙ୍କ ସମାଜବାଦୀ ଚିନ୍ତାଧାରା ବିଶେଷ ଭାବେ ଆଦୃତ ହେଲା ।

**କୁଫଳ : (Demerits)**

୧. ଶିଳ୍ପ ବିପ୍ଳବ ଯୋଗୁ ସହରମାନଙ୍କରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲା । ବିଭିନ୍ନ କଳ କାରଖାନାରେ କାର୍ଯ୍ୟରତ ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ପରିତ୍ୟକ୍ତ ଗୃହରେ ରହିବା ଦ୍ୱାରା ବସ୍ତିମାନ ଗଢ଼ି ଉଠିଲା । ପୁନଶ୍ଚ, ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଜନସଂଖ୍ୟା ବୃଦ୍ଧି କାରଣରୁ ହତ୍ୟା, ଧର୍ଷଣ, ଲୁଣ୍ଠନ ଆଦି ବୃଦ୍ଧି ପାଇଲା ।

୨. କୁଟୀର ଶିଳ୍ପର ଧ୍ୱଂସସାଧନ ହେବାରୁ ହସ୍ତଶିଳ୍ପୀ ଏବଂ ନିପୁଣ କାରୀଗରମାନେ ସେମାନଙ୍କର ଜୀବିକା ହରାଇ ଦାରିଦ୍ର୍ୟର ଶିକାର ହେଲେ ।

୩. କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କାରଣରୁ କ୍ଷୁଦ୍ର ଚାଷୀମାନେ ଆର୍ଥିକ ସଂକଟର ସମ୍ମୁଖୀନ ହେଲେ ।

୪. ଯନ୍ତ୍ରପାତି ସହାୟତାରେ ବିଭିନ୍ନ କାର୍ଯ୍ୟ ସମ୍ପାଦିତ ହେବାରୁ ବେକାରୀ ସମସ୍ୟା ବୃଦ୍ଧି ପାଇଲା ଏବଂ ଗ୍ରାମଗୁଡ଼ିକ କ୍ରମଶଃ ଜନଶୂନ୍ୟ ହେବାକୁ ଲାଗିଲା ।

୫. ନିସ୍ୱତାକୁ ନେଇ ବଞ୍ଚିଥିବା ଜନସାଧାରଣ ବାଧ୍ୟ ହୋଇ ବିଭିନ୍ନ କଳକାରଖାନାରେ ଶ୍ରମିକ ଭାବରେ କାର୍ଯ୍ୟ କଲେ । ଅସ୍ୱାସ୍ଥ୍ୟକର ପରିବେଶରେ ଅଧିକ ସମୟ ଧରି ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କ ଜୀବନ ଧାରଣର ମାନ ହ୍ରାସ ପାଇଲା ।

୬. ଶିଳ୍ପ ବିପ୍ଳବ ଯୋଗୁଁ ସମାଜରେ ପୁଞ୍ଜିପତି ଏବଂ ଶ୍ରମିକ ନାମରେ ୨ଟି ଗୋଷ୍ଠୀ ସୃଷ୍ଟି ହେଲା । ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ମତଭେଦ ଯୋଗୁ ସାମାଜିକ ଶାନ୍ତି ବ୍ୟାହତ ହେଲା ।

୭. ବିଭିନ୍ନ ସ୍ଥାନରେ ଅସଂଖ୍ୟ କଳକାରଖାନା ସ୍ଥାପିତ ହେବାରୁ ପରିବେଶ ପ୍ରଦୂଷିତ ହେଲା ଏବଂ ଦରିଦ୍ର ଜନସାଧାରଣ ରୋଗବ୍ୟାଧିର ଶିକାର ହେଲେ ।

୮. ଏସିଆ ଏବଂ ଆଫ୍ରିକାରେ ପାଶ୍ଚାତ୍ୟ ଶିଳ୍ପ ପ୍ରଧାନ ଦେଶମାନଙ୍କ ଦ୍ୱାରା ଉପନିବେଶ ସ୍ଥାପନ କରାଯାଇ ସେଠାକାର ଜନସାଧାରଣଙ୍କୁ ଶୋଷଣ କରାଗଲା ।

# ଆଦର୍ଶ ପ୍ରଶ୍ନାବଳୀ

## "କ" ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ସର୍ବପ୍ରଥମେ ଶିଳ୍ପ ବିପ୍ଳବ କେଉଁ ଦେଶରେ ଆରମ୍ଭ ହୋଇଥିଲା ?

୧. ଫ୍ରାନ୍ସ  ୨. ଇଂଲଣ୍ଡ  ୩. ଜର୍ମାନୀ  ୪. କାନାଡ଼ା

ଖ) "ଫ୍ଲାଇଙ୍ଗ୍ ସଟଲ୍" କିଏ ଉଦ୍ଭାବନ କରିଥିଲେ ?

୧. ଜନ୍ କେ  ୨. ହାରଗ୍ରିଭସ୍  ୩. ଆର୍କରାଇଟ୍  ୪. ପେନ୍

ଗ) କିଏ ବାଷ୍ପୀୟ ଇଂଜିନ୍ ଉଦ୍ଭାବନ କରିଥିଲେ ?

୧. ଡେଭି  ୨. ଜନ୍ କେ  ୩. ଜେମସ୍ ୱାଟ୍ ୪. ଷ୍ଟିଫେନ୍‌ସନ୍

ଘ) "ବୈଦ୍ୟୁତିକ ଆଲୋକ" ର ଉଦ୍ଭାବକ କିଏ ?

୧. ଡାରବି  ୨. ୱାଟ୍  ୩. ନିଉକୋମେନ୍  ୪. ଏଡିସନ୍

ଙ) କିଏ "ବେତାର ଯନ୍ତ୍ର" ଉଦ୍ଭାବନ କରିଥିଲେ ?

୧. ମାର୍କୋନୀ  ୨. ଫାରାଡେ  ୩. ଗ୍ରାହମ୍ ବେଲ୍  ୪. ଫାରାଡେ

୨. ଶୂନ୍ୟସ୍ଥାନ ପୂରଣ କର ।

କ) ______________ ଟେଲିଫୋନ୍ ଉଦ୍ଭାବନ କରିଥିଲେ ।

ଖ) ପ୍ରଥମ ରେଳପଥ ______________ ଠାରୁ ______________ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ଗ) ______________ ଇଂଲଣ୍ଡରେ ପ୍ରଥମ କେନାଲ ଖନନ କରାଇଥିଲେ ।

ଘ) ______________ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ପେନି ଡାକ ପ୍ରଥା ପ୍ରଚଳିତ ହେଲା ?

ଙ) "କଟନ୍ ଜିନ୍" ର ଉଦ୍ଭାବକ ______________ ।

ଚ) ______________ "ଫନୋଗ୍ରାଫ୍" ଉଦ୍ଭାବନ କରିଥିଲେ ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଲେଖ ।

କ) କିଏ "ସ୍ପିନିଂ ମ୍ୟୁଲ୍" ଉଦ୍ଭାବନ କରିଥିଲେ ଏବଂ କେବେ ?

ଖ) ସେଫ୍‌ଟି ଲ୍ୟାମ୍ପ କ'ଣ ? ଏହାର ଆବଶ୍ୟକତା କ'ଣ ଥିଲା ?

ଗ) ଇଂଲଣ୍ଡରେ କାହିଁକି ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ?

ଘ) କେଉଁମାନଙ୍କ ଉଦ୍ୟମ ଯୋଗୁ ପକ୍କା ସଡ଼କ ନିର୍ମାଣ ସମ୍ଭବପର ହୋଇ ପାରିଥିଲା ?

ଙ) "ଶିଳ୍ପ ବିପ୍ଳବ" କହିଲେ ତୁମେ କ'ଣ ବୁଝ ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ଜର୍ଜ ଷ୍ଟିଫେନ୍‌ସନ

ଖ) କ୍ରମ୍‌ପଟନ୍

ଗ) ଟମାସ୍ ଏଡିସନ୍

ଘ) ଶିଳ୍ପ ବିପ୍ଳବର କାରଣ ସମୂହ

ଙ) ଶିଳ୍ପ ବିପ୍ଳବର ସୁଫଳ

ଚ) ଶିଳ୍ପ ବିପ୍ଳବର କୁଫଳ

## 'ଗ' ବିଭାଗ

୫. ଶିଳ୍ପ ବିପ୍ଳବ କ'ଣ ? ଏହି ବିପ୍ଳବ ଯୋଗୁ ସମ୍ଭବପର ହୋଇଥିବା ଉଦ୍ଭାବନଗୁଡ଼ିକ ସମ୍ପର୍କରେ ଆଲୋଚନା କର ।

୬. ଶିଳ୍ପ ବିପ୍ଳବର ସୁଫଳ ଏବଂ କୁଫଳ ଉଲ୍ଲେଖ କର ।

□□□

## ଦ୍ୱାଦଶ ଅଧ୍ୟାୟ

# ଆମେରିକାର ସ୍ୱାଧୀନତା ସଂଗ୍ରାମ : କାରଣ ଏବଂ ଫଳାଫଳ –

## (American War of Independence : Cause and Consequences)

***ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା, ବାଣିଜ୍ୟ ବ୍ୟବସାୟ ନିୟନ୍ତ୍ରଣ ଜନିତ ତ୍ରୁଟି, ସପ୍ତବର୍ଷୀୟ ଯୁଦ୍ଧ, ଲେଖକ ଏବଂ ଦାର୍ଶନିକ ମାନଙ୍କର ଭୂମିକା, ସାମାଜିକ ଏବଂ ଧର୍ମୀୟ ଏକତା, କରଧାର୍ଯ୍ୟ ନୀତି, ବୋଷ୍ଟନ ହତ୍ୟାକାଣ୍ଡ, ତୃତୀୟ ଜର୍ଜଙ୍କ ଭୂମିକା, ବୋଷ୍ଟନ୍ ଟୀ' ସଂଘର୍ଷ , ସରକାରଙ୍କ ଦମନ ନୀତିର ପ୍ରତିବାଦ ଏବଂ କଂଗ୍ରେସ ସମ୍ମିଳନୀ***

୧୭୭୬ ଖ୍ରୀଷ୍ଟାବ୍ଦରେ ସଂଘଟିତ ଆମେରିକାର ସ୍ୱାଧୀନତା ସଂଗ୍ରାମ ହେଉଛି ମାନବ ଜାତିର ଇତିହାସରେ ଏକ ପ୍ରମୁଖ ଘଟଣା । ଆମେରିକାର ୧୩ ଗୋଟି ଉପନିବେଶର ଜନସାଧାରଣ ସ୍ୱାଧୀନତା ହାସଲ ନିମନ୍ତେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିଥିଲେ । ଶେଷରେ, ସେମାନଙ୍କର ବିଜୟ ଇଂରେଜ ଉପନିବେଶବାଦର ମୃତ୍ୟୁ ସଂକେତ ଘଣ୍ଟି ବଜାଇବା ସହିତ ସମଗ୍ର ବିଶ୍ୱରେ ଉପନିବେଶ ବିରୋଧୀ ଆନ୍ଦୋଳନକୁ ତେଜସ୍ୱିୟ କଲା । ୧୪୯୨ ଖ୍ରୀଷ୍ଟାବ୍ଦରେ, ଇଟାଲୀୟ ନାବିକ କଲମ୍ବସ୍‌ଙ୍କ ଦ୍ୱାରା ଆବିଷ୍କୃତ ନୂତନ ମହାଦେଶ ପରବର୍ତ୍ତୀ ସମୟରେ ଅନ୍ୟତମ ନାବିକ ଆମେରିକା ଭେସ୍‌ପୁସ୍‌ସିଙ୍କ ନାମାନୁସାରେ ଆମେରିକା ନାମରେ ନାମିତ କରାଗଲା । ଧର୍ମସଂସ୍କାର ଆନ୍ଦୋଳନ ପରେ ଇଂଲଣ୍ଡରୁ ପ୍ୟୁରିଟାନ୍‌ମାନେ ଉତ୍ତର ଆମେରିକାରେ ଅସ୍ଥାୟୀ ଭାବରେ ବସବାସ କରିବା ଫଳରେ ତେରଟି ଉପନିବେଶ ଗଢ଼ି ଉଠିଲା । ଇଂରେଜ ସରକାର ସେହି ୧୩ଟି ଉପନିବେଶକୁ ଶାସନାଧିନ କରି ସେଠାକାର ଜନସାଧାରକୁ ଶୋଷଣ କରିବାରୁ ଆମେରିକା ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହେଲା ।

### ଉତ୍ତର ଆମେରିକାରେ ବ୍ରିଟିସ୍ ଉପନିବେଶ ସ୍ଥାପନ :

ଇଂଲଣ୍ଡର ରାଜା ପ୍ରଥମ ଜେମସ୍ (James - I) ଜଣେ କ୍ୟାଥୋଲିକ୍ ହୋଇଥିବାରୁ ପ୍ୟୁରିଟାନ୍‌ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାରୀ ଆରମ୍ଭ କଲେ । ଫଳରେ, ପ୍ୟୁରିଟାନ୍ ମାନେ ଅତିଷ୍ଠ ହୋଇ ଅନ୍ୟତ୍ର ପଳାୟନ କରି ବସବାସ କରିବା କଥା ଚିନ୍ତା କଲେ । ୧୬୭୦ ଖ୍ରୀଷ୍ଟାବ୍ଦରେ ୧୨୦ ଜଣ ପ୍ୟୁରିଟାନ୍ "ମେ ଫ୍ଲାୱାର" (May Flower)ନାମକ ଜାହାଜରେ "ପ୍ଲାଇମାଉଥ" (Plymouth) ନାମକ ବନ୍ଦରରୁ ବାହାରି ଆମେରିକା ଯାତ୍ରା କଲେ । ସେମାନେ "ପିଲିଗ୍ରିମ୍ ଫାଦର" (Pilgrim Father) ନାମରେ ପରିଚିତ ହେଲେ । ଆମେରିକାର ମାସାଚୁଏଟ୍‌ସ୍ ନାମକ ଏକ ଅଞ୍ଚଳରେ ପହଞ୍ଚିବାରୁ ସେଠାରେ ପ୍ଲିମାଉଥ ନାମରେ ଏକ ସହର ଗଢ଼ି ଉଠିଲା । ଏହାର ବହୁ ପୂର୍ବରୁ ୧୬୦୭ ଖ୍ରୀଷ୍ଟାବ୍ଦରେ, ରାଣୀ ଏଲିଜାବେଥ ଜଣେ ଭର୍ଜିନ ବା ଚୀରକୁମାରୀ ହୋଇଥିବା କାରଣରୁ ଆମେରିକାର ଏକ ଅଞ୍ଚଳକୁ ଭର୍ଜିନିଆ ନାମରେ ନାମିତ କରାଯାଇଥିଲା । ୧୬୦୭ ଖ୍ରୀଷ୍ଟାବ୍ଦରେ ସେଠାରେ ପ୍ରଥମେ ଜେମ୍‌ସଙ୍କ ନାମାନୁଯାୟୀ ଜେମସ୍ ଟାଉନ୍ (James Town) ସ୍ଥାପନ କରାଯାଇଥିଲା । ପ୍ରଥମ ଜେମ୍‌ସଙ୍କ ପୁତ୍ର, ଚାର୍ଲସ୍ ଏବଂ ଏପରିକି ଦ୍ୱିତୀୟ ଚାର୍ଲସଙ୍କ ରାଜତ୍ୱ ସମୟରେ ଅସଂଖ୍ୟ ପ୍ୟୁରିଟାନ୍ ଆମେରିକା ଯାତ୍ରା କରି ସ୍ଥାୟୀ ବସବାସ ଆରମ୍ଭ କଲେ । ଏହିପରି ଭାବରେ, ଉତ୍ତର ଆମେରିକାର ଆଟଲାଣ୍ଟିକ୍ ସାଗର ଉପକୂଳରେ ୧୩ଟି ଉପନିବେଶ ଗଢ଼ି ଉଠିଲା ।

**ମାତୃଦେଶ ସହିତ ଆମେରିକାରେ ଗଢ଼ି ଉଠିଥିବା ଉପନିବେଶ ଗୁଡ଼ିକର ସମ୍ପର୍କ :**

ଆମେରିକାରେ ଗଢ଼ି ଉଠିଥିବା ୧୩ଟି ଉପନିବେଶର ଜନସାଧାରଣ ଇଂଲଣ୍ଡକୁ ମାତୃଦେଶ ଭାବେ ବିଚାର କରି ଆବଶ୍ୟକୀୟ ସାହାଯ୍ୟ ଏବଂ ସୁରକ୍ଷା ପାଇବାର ଆଶା ପୋଷଣ କଲେ । ଉପନିବେଶ ଗୁଡ଼ିକ ନିଜସ୍ୱ ଶୈଳୀରେ କ୍ରମଶଃ ଉନ୍ନତି କରି ଚାଲିଲେ ଏବଂ ବିଲାତ ସରକାର ନିଜର ସ୍ୱାର୍ଥ ହାସଲ କରିବା ପାଇଁ ସେଠାକାର ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କଲେ । ଇଂରେଜ ସରକାରଙ୍କ ଅତ୍ୟାଚାର ଏବଂ ଶୋଷଣ ନୀତି ଅସହ୍ୟ ହେବାରୁ ପ୍ରଗତିଶୀଳ ଚିନ୍ତାଧାରାରେ ବିଶ୍ୱାସ ସ୍ଥାପନ କରିଥିବା ୧୩ଟି ଉପନିବେଶର ଜନସାଧାରଣ ସ୍ୱାଧୀନତା ହାସଲ ନିମନ୍ତେ ଏକ ସଂଗ୍ରାମ ଆରମ୍ଭ କଲେ ।

**ସ୍ୱାଧୀନତା ସଂଗ୍ରାମର କାରଣ ସମୂହ :-**

ନିମ୍ନଲିଖିତ କାରଣମାନ ଯୋଗୁଁ ୧୭୭୬ ଖ୍ରୀଷ୍ଟାବ୍ଦରେ ଆମେରିକା ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ଘଟିଥିଲା ।

**୧. ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା :**

ପ୍ରତ୍ୟେକ ଉପନିବେଶ ପାଇଁ ଗୋଟିଏ ଗୋଟିଏ ବିଧାନ ସଭା ଗଠିତ ହୋଇଥିଲା । ଏହା ଆଇନ୍ ପ୍ରଣୟନ କରୁଥିଲା ଏବଂ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ଉପନିବେଶର ଜଣେ ଲେଖାଏଁ ପ୍ରଶାସକ ନିଯୁକ୍ତ ଥିଲେ । ପ୍ରଶାସକ ମାନେ ଇଂରେଜ ସରକାରଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ ଏବଂ ତାଙ୍କ ନିର୍ଦ୍ଦେଶ ଅନୁସାରେ ଶାସନ ପରିଚାଳନା କରୁଥିଲେ । ବିଧାନସଭାକୁ କୌଣସି ଆର୍ଥିକ କ୍ଷମତା ପ୍ରଦାନ କରା ଯାଇ ନଥିଲା । ଫଳରେ ପ୍ରଶାସକ ଏବଂ ବିଧାନ ସଭା ମଧ୍ୟରେ ସଦାସର୍ବଦା ବିବାଦ ଲାଗି ରହୁଥିଲା ।

**୨. ବାଣିଜ୍ୟ ବ୍ୟବସାୟ ନିୟନ୍ତ୍ରଣ ଜନିତ ତ୍ରୁଟି :**

ଇଂଲଣ୍ଡ, ନିଜର ସ୍ୱାର୍ଥ ସାଧନ ନିମନ୍ତେ ଉପନିବେଶ ଗୁଡ଼ିକର ବାଣିଜ୍ୟ ବ୍ୟବସାୟ ଉପରେ କର୍ତ୍ତୃତ୍ୱ ଜାହିର କରି ଆସୁଥିଲା । "ଉପନିବେଶ ଗୁଡ଼ିକ ମାତୃଦେଶ ପାଇଁ ଉଦ୍ଦିଷ୍ଟ" ଥିଲା ଇଂଲଣ୍ଡର ବାଣିଜ୍ୟିକ ନୀତି । ଦ୍ୱିତୀୟ ଚାର୍ଲସଙ୍କ ଶାସନ ସମୟରେ ୧୬୬୦ ରେ ବିଲାତ ସଂସଦଦ୍ୱାରା ନୌ-ଆଇନ୍ (Navigation Act) ପ୍ରଣିତ ହେଲା । ସେହି ଆଇନ୍ ଅନୁସାରେ ନୌବାଣିଜ୍ୟ କ୍ଷେତ୍ରରେ ଉପନିବେଶମାନେ କେବଳ ବ୍ରିଟିସ୍ ଜାହାଜ ବ୍ୟବହାର କରି ପାରିବେ ବୋଲି କୁହାଗଲା । ଉପନିବେଶମାନେ ଅନ୍ୟ ଦେଶମାନଙ୍କୁ ଯେଉଁ ଯେଉଁ ଦ୍ରବ୍ୟ ସାମଗ୍ରୀ ରପ୍ତାନୀ କରୁଥିଲେ ଏବଂ ଯେଉଁ ଦ୍ରବ୍ୟ ଅନ୍ୟ ଦେଶରୁ ଆମଦାନୀ କରୁଥିଲେ, ସେଗୁଡ଼ିକ ପ୍ରଥମେ ଇଂଲଣ୍ଡରେ ପହଞ୍ଚୁଥିଲା ଏବଂ ଏକ ବିଶେଷ କର ଧାର୍ଯ୍ୟ କରାଯାଉଥିଲା । ସେହିପରି ଇଂଲଣ୍ଡରୁ କେତୋଟି ଦ୍ରବ୍ୟ ଯଥା : ଇସ୍ପାତ, ପଶମ ଆଦି କିଣିବା ପାଇଁ ଉପନିବେଶଗୁଡ଼ିକ ବାଧ ହେଉଥିଲେ । ଏପରିକି ଉପନିବେଶମାନଙ୍କ ଉପରେ ଟୋପି ପ୍ରସ୍ତୁତ ନେଇ କଟକଣା ଧାର୍ଯ୍ୟ କରାଯାଇଥିଲା । ୧୭୩୩ ଖ୍ରୀଷ୍ଟାବ୍ଦର ଶର୍କରା ଆଇନ୍ (Molasses Act)ଅନୁସାରେ ଉପନିବେଶଗୁଡ଼ିକ କେବଳ ବ୍ରିଟିସ୍ ଶାସିତ ପଶ୍ଚିମଭାରତୀୟ ଦ୍ୱୀପପୁଞ୍ଜରୁ ଚିନି କ୍ରୟ କରିବାକୁ ବାଧ ହେଲେ । ସୁତରାଂ, ଇଂଲଣ୍ଡର ଏକଚାଟିଆ ବାଣିଜ୍ୟିକ ନୀତି ଏକ ସ୍ୱାଧୀନତା ସଂଗ୍ରାମ ପାଇଁ ପଥ ପ୍ରସ୍ତୁତ କଲା ।

**୩. ସପ୍ତବର୍ଷୀୟ ଯୁଦ୍ଧ :**

ଆମେରିକୀୟ ଉପନିବେଶ ଗୁଡ଼ିକର ଉତ୍ତରରେ କାନାଡ଼ା ଅବସ୍ଥିତ ଥିଲା । କାନାଡ଼ା ଥିଲା ବ୍ରିଟିସ୍ ଶାସିତ ଏକ ଉପନିବେଶ । ଇଂଲଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ଆମେରିକା ଉପରେ ଫରାସୀ ଆକ୍ରମଣର ଆଶଙ୍କା ରହିଥିଲା । ୧୭୫୬ ରେ, ଇଂଲଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହୋଇ ୧୭୬୩ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ସେହି ଯୁଦ୍ଧ "ସପ୍ତବର୍ଷୀ ଯୁଦ୍ଧ" ନାମରେ କଥିତ । ସେହି ଯୁଦ୍ଧରେ ଫ୍ରାନ୍ସ ପରାଜିତ ହେବାରୁ ଆମେରିକୀୟ ଉପନିବେଶ ଉପରେ ଥିବା ଫରାସୀ ଆକ୍ରମଣର ଭୟ ଦୂରୀଭୂତ ହେଲା । ପୁନଶ୍ଚ, ଇଂଲଣ୍ଡର ସାମରିକ ଶକ୍ତି ଉପରେ ନିର୍ଭର କରିବାର

ଆବଶ୍ୟକତା ରହିଲା ନାହିଁ । ଏଣୁ, ଇଂଲଣ୍ଡର ଶାସନ କବଳରୁ ମୁକ୍ତି ପାଇବା ପାଇଁ ଉପନିବେଶବାସୀଙ୍କ ମନରେ ପ୍ରବଳ ଇଚ୍ଛା ସୃଷ୍ଟି ହେଲା ।

୪. ଲେଖକ ଏବଂ ଦାର୍ଶନିକ ମାନଙ୍କର ଭୂମିକା :

ଆମେରିକାର ସମସାମୟିକ ଲେଖକ ଏବଂ ଦାର୍ଶନିକମାନେ ସେମାନଙ୍କର ଲେଖା ଏବଂ ଚିନ୍ତାଧାରା ଦ୍ୱାରା ସେଠାକାର ଜନସାଧାରଣଙ୍କୁ ବିଶେଷ ଭାବେ ପ୍ରଭାବିତ କଲେ । ଟମାସ୍ ପେନ୍‌ଙ୍କ ଲିଖିତ ପୁସ୍ତକ "କମନ୍‌ସେନସ୍" (Commonsense) ଇଂଲଣ୍ଡର ଶାସନ କବଳରୁ ମୁକ୍ତ ହେବା ପାଇଁ ଆମେରିକା ବାସୀଙ୍କୁ ପ୍ରେରଣା ଯୋଗାଇଲା । ସେହିପରି, ସାମୁଏଲ୍ ଆଡାମ୍‌ସ, ଆଡାମ୍ ସ୍ମିଥ୍, ଜନ୍ ଲକ୍, ମିଲଟନ୍ ଇତ୍ୟାଦିଙ୍କ ଲେଖା ମଧ୍ୟ ଆମେରିକା ସ୍ୱାଧୀନତା ସଂଗ୍ରାମ ପାଇଁ ଯଥେଷ୍ଟ ଇନ୍ଧନ ଯୋଗାଇଲା ।

୫. ସାମାଜିକ ଏବଂ ଧର୍ମୀୟ ଏକତା :

ଇଂଲଣ୍ଡର ଯେଉଁ ପ୍ୟୁରିଟାନ୍ ମାନେ ଆମେରିକାରେ ସ୍ଥାୟୀ ଭାବରେ ବସବାସ କରିଥିଲେ, ସେମାନେ ଥିଲେ ଅତ୍ୟନ୍ତ ସରଳ ଏବଂ ଉଦାର । ସେମାନେ ଧର୍ମୀୟ ସଂସ୍କାରରେ ବିଶ୍ୱାସ କରୁଥିଲେ । ସେମାନେ ପୁରାତନ ଗୀର୍ଜାବ୍ୟବସ୍ଥା ଉପରେ ଆସ୍ଥା ହରାଇ ପ୍ରଗତିବାଦୀ ଚିନ୍ତାଧାରାକୁ ଆଦରି ନେଇଥିଲେ । ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଐକ୍ୟଭାବ ଏକ ସ୍ୱାଧୀନତା ସଂଗ୍ରାମ ପାଇଁ ପଥ ପରିଷ୍କାର କଲା ।

୬. କରଧାର୍ଯ୍ୟ ନୀତି :

ସପ୍ତବର୍ଷୀୟ ଯୁଦ୍ଧ ପରେ ଇଂଲଣ୍ଡର ଅର୍ଥ ବ୍ୟବସ୍ଥା ଦୁର୍ବଳ ହୋଇ ପଡ଼ିଲା । ଏଣୁ, ସେହି ଯୁଦ୍ଧର ଖର୍ଚ୍ଚଭାର ଉପନିବେଶବାସୀ ବହନ କରିବା ଯଥାର୍ଥ ବୋଲି ଇଂଲଣ୍ଡର ରାଜା ତୃତୀୟ ଜର୍ଜ ଏବଂ ତାଙ୍କ ମନ୍ତ୍ରୀ ଲର୍ଡ ଗ୍ରେନଭାଇଲ୍ ଚିନ୍ତାକଲେ । ଲର୍ଡ ଗ୍ରେନ୍‌ଭାଇଲ୍‌ଙ୍କ ମନ୍ତ୍ରୀମଣ୍ଡଳ କେତୋଟି ଆଇନ୍ କାର୍ଯ୍ୟକାରୀ କରିବାରୁ ଉପନିବେଶବାସୀଙ୍କ ଅସନ୍ତୋଷ ବୃଦ୍ଧି ପାଇଲା ।

କ) ୧୭୬୪ରେ ପ୍ରଣୀତ ଚିନି ଆଇନ୍ (Sugar Act) ଅନୁସାରେ ପଶ୍ଚିମ ଭାରତୀୟ ଦୀପପୁଞ୍ଜରୁ ଆମଦାନୀ କରାଯାଉଥିବା ଚିନି ଉପରେ କର ଧାର୍ଯ୍ୟ କରାଗଲା ।

ଖ) ପୁନଶ୍ଚ ୧୭୬୪ ରେ ପ୍ରଣୀତ ମୁଦ୍ରା ଆଇନ୍ (Currency Act) ଅନୁସାରେ ଆମେରିକାବାସୀ ଇଂରେଜ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କାଗଜମୁଦ୍ରା ବ୍ୟବହାର କରିବେ ବୋଲି କୁହାଗଲା ।

ଗ) ୧୭୬୫ ରେ ପ୍ରଣୀତ ଟିକସ୍ ଆଇନ୍ (Stamp Act) ଅନୁସାରେ ଉପନିବେଶବାସୀଙ୍କୁ ସମସ୍ତ ସରକାରୀ ଦଲିଲ୍ ଏବଂ କାଗଜପତ୍ର ଉପରେ ଟିକସ୍ ଦେବାକୁ କୁହାଗଲା । ଏହି ଟିକସ୍ ଆଇନ୍ ଉପନିବେଶବାସୀଙ୍କ କ୍ରୋଧକୁ ଦ୍ୱିଗୁଣିତ କଲା ଏବଂ "ପ୍ରତିନିଧିତ୍ୱ ବିନା କରଧାର୍ଯ୍ୟ ଅନ୍ୟାୟ" ବୋଲି ସେମାନେ ପ୍ରତିବାଦ କଲେ । ଫଳରେ, ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ରକିଙ୍ଗ୍‌ହାମ୍ ବାଧ୍ୟ ହୋଇ୧୭୬୪ ରେ ଷ୍ଟାମ୍ପ ଆଇନ୍‌କୁ ପ୍ରତ୍ୟାହାର କରିନେଲେ ।

ଘ) ୧୭୬୭ ରେ ବିଲାତର ନୂତନ ପ୍ରଧାନମନ୍ତ୍ରୀ ରକିଙ୍ଗ୍‌ହାମ୍ ଟିକସ୍ ଆଇନ୍ ଉଚ୍ଛେଦ କଲେ ସତ, ମାତ୍ର ଡିରେକ୍‌ଟୋରୀ ଆଇନ୍ ପ୍ରଣୟନ କଲେ । ଇଂରେଜ ସରକାର ଉପନିବେଶ ଗୁଡ଼ିକ ଉପରେ କର ଧାର୍ଯ୍ୟ କରି ପାରିବେ ବୋଲି ସେହି ଆଇନ୍‌ରେ ଉଲ୍ଲେଖ ରହିଲା ।

ଙ) ୧୭୬୭ ରେ କାମାଥଙ୍କ ମନ୍ତ୍ରୀମଣ୍ଡଳର ଅର୍ଥମନ୍ତ୍ରୀ ଟାଉର୍ନସେଣ୍ଡ ଉପନିବେଶଗୁଡ଼ିକୁ ଚା, କାଗଜ, କାଚ ଏବଂ ରଙ୍ଗ ଉପରେ କର ଦେବା ପାଇଁ ବାଧ୍ୟ କଲେ । ଫଳରେ ଉପନିବେଶକାରୀ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଲେ ।

**୭. ବୋଷ୍ଟନ ହତ୍ୟାକାଣ୍ଡ :**

ଆମଦାନୀ କରର କାର୍ଯ୍ୟକାରିତାକୁ ନେଇ ଆମେରିକାର ବିଭିନ୍ନ ସହରରେ ଆନ୍ଦୋଳନ ଉଗ୍ରରୂପ ନେଲା । ବୋଷ୍ଟନ୍ ନାମକ ସହରରେ ଇଂରେଜ ସୈନିକ ୫ଜଣ ଆମେରିକୀୟଙ୍କୁ ଗୁଳି କରି ହତ୍ୟା କଲେ । ଏହି ଘଟଣା "ବୋଷ୍ଟନ୍ ହତ୍ୟାକାଣ୍ଡ" ନାମରେ କଥିତ ।

**୮. ତୃତୀୟ ଜର୍ଜଙ୍କ ଭୂମିକା :**

ତୃତୀୟ ଜର୍ଜ ଏବଂ ତାଙ୍କ ପ୍ରଧାନମନ୍ତ୍ରୀ ଲର୍ଡ ନର୍ଥଙ୍କ ମନମୁଖୀ କାର୍ଯ୍ୟକଳାପ ଥିଲା ଆମେରିକା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କାରଣ । ତୃତୀୟ ଜର୍ଜ ଥିଲେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ । ସେ କେବେ ବି ଉପନିବେଶବାସୀଙ୍କ ସମସ୍ୟାକୁ ବୁଝିବା ପାଇଁ ସମର୍ଥ ନଥିଲେ । ଉପନିବେଶର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲର୍ଡ ନର୍ଥ "ଚା" ବ୍ୟତୀତ ଅନ୍ୟ ସମସ୍ତ ଦ୍ରବ୍ୟ ଉପରେ ଧାର୍ଯ୍ୟ ହୋଇଥିବା କର ପ୍ରତ୍ୟାହାର କରି ନେଲେ । ଏହି ଆଇନ୍ ଅନୁସାରେ ଇଷ୍ଟଇଣ୍ଡିଆ କମ୍ପାନୀ ଆମେରିକାର ଉପନିବେଶମାନଙ୍କରେ ଚା' ବ୍ୟବସାୟ କରିବାର ଅଧିକାର ସାବ୍ୟସ୍ତ କଲା ।

**୯. ବୋଷ୍ଟନ୍ ଚା' ସଂଘର୍ଷ :**

"ଚା" ଆଇନ୍‌କୁ ବିରୋଧ କରି ଆମେରିକାରେ ଜନ ଅସନ୍ତୋଷ ବଢ଼ି ଚାଲିଲା । ୧୭୭୩ ମସିହା ଡିସେମ୍ବର ମାସ ୧୬ ତାରିଖରେ କେତେଜଣ ଆମେରିକୀୟ ଲୋହିତ ଭାରତୀୟଙ୍କ ଛଦ୍ମବେଶରେ ବୋଷ୍ଟନ୍ ନାମକ ଏକ ବନ୍ଦରରେ, ଏକ ଜାହାଜ ମଧ୍ୟକୁ ପ୍ରବେଶ କରି ୩୪୦ ପେଟି "ଚା" ସମୁଦ୍ର ମଧ୍ୟକୁ ନିକ୍ଷେପ କଲେ । ଏହି ଘଟଣା "ବୋଷ୍ଟ ଚା' ସଂଘର୍ଷ" ନାମରେ କଥିତ । ତୃତୀୟ ଜର୍ଜ ଏବଂ ପ୍ରଧାନମନ୍ତ୍ରୀ ଲର୍ଡ ନର୍ଥ ଉପନିବେଶର ଜନସାଧାରଣଙ୍କୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଚେଷ୍ଟା କଲେ । ତୃତୀୟ ଜର୍ଜଙ୍କ ମତରେ, "ଶେଷ ଚେଷ୍ଟା କରାଗଲା, ଉପନିବେଶଗୁଡ଼ିକ ଆତ୍ମସମର୍ପଣ କରିବେ ଅଥବା ବିଜୟ ହାସଲ କରିବେ ।"

**୧୦. ସରକାରଙ୍କ ଦମନ ନୀତିର ପ୍ରତିବାଦ ଏବଂ କଂଗ୍ରେସ ସମ୍ମିଳନୀ :**

କ) ଜର୍ଜିଆ ବ୍ୟତୀତ ଅନ୍ୟ ୧୨ଟି ଉପନିବେଶର ପ୍ରତିନିଧିମାନେ ୧୭୭୪ ରେ ଫିଲାଡେଲଫିଆ ଠାରେ ଆୟୋଜିତ ପ୍ରଥମ କଂଗ୍ରେସ ଅଧିବେଶନରେ ମିଳିତ ହେଲେ । ଏହି ଆନ୍ଦୋଳନର ନେତୃତ୍ୱ ବହନ କରିଥିଲେ ସାମୁଏଲ୍ ଆଦାମ ଏବଂ ପାଟ୍ରିକ ହେନେରୀ । ଇଂଲଣ୍ଡ ସହିତ ବାଣିଜ୍ୟିକ ସମ୍ପର୍କକୁ ଛିନ୍ନ କରିବା ନିମନ୍ତେ ଏହି ସମ୍ମିଳନୀରେ ନିଷ୍ପତି ଗ୍ରହଣ କରାଗଲା ।

ଖ) ୧୭୭୫ ରେ ଦ୍ୱିତୀୟ ଆମେରିକୀୟ କଂଗ୍ରେସ ଆହୁତ ହେଲା । ଉପନିବେଶମାନଙ୍କ ଉପରେ ଧାର୍ଯ୍ୟ ହୋଇଥିବା ସମସ୍ତ ଶୁଳ୍କକୁ ଉଚ୍ଛେଦ କରିବା ନିମନ୍ତେ "ଓଲିଭ ବ୍ରାଞ୍ଚ ପିଟିସନ୍" (Olive Branch Petition) ନାମରେ ଏକ ଦାବୀପତ୍ର ଇଂରେଜ ସରକାରଙ୍କ ନିକଟରେ ଉପସ୍ଥାପନ କରାଗଲା । ଆମେରିକାର ରାଜା ୨ୟ ଜର୍ଜ ଏବଂ ତାଙ୍କ ମନ୍ତ୍ରୀମଣ୍ଡଳ ସେହି ଦାବୀପତ୍ରକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇ ପଡ଼ିଲା ।

ଗ) ୧୭୭୫ ରେ ଉପନିବେଶର ଅଧିବାସୀମାନଙ୍କ ଦ୍ୱାରା ଅସ୍ତ୍ରଶସ୍ତ୍ର ସଂଗ୍ରହ ଅଭିଯାନ ଆରମ୍ଭ ହେବାରୁ ଇଂରେଜ ସେନାପତି ଗେଗ୍ (Gage) ବିହିତ ପଦକ୍ଷେପ ଗ୍ରହଣ କଲେ । ଫଳରେ, ଇଂରେଜ ସୈନିକ ଏବଂ ଆମେରିକାର ଅଧିବାସୀଙ୍କ ମଧ୍ୟରେ ଲେକ୍‌ସିଙ୍ଗଟନ୍‌ଠାରେ ସଂଘର୍ଷର ସୂତ୍ରପାତ ହେବା ସହିତ ଏକ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

ଘ) ୧୭୭୬ ଜୁଲାଇ ୪ ତାରିଖରେ ଫିଲାଡେଲ୍‌ଫିଆ ଠାରେ ତୃତୀୟ କଂଗ୍ରେସ ବସିଲା । ଏହି କଂଗ୍ରେସରେ ଉପସ୍ଥିତ ଥିବା ବିଶିଷ୍ଟ ବ୍ୟକ୍ତିମାନେ ଥିଲେ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍, ଟମାସ ଜେଫରସନ୍ ଇତ୍ୟାଦି । ଏହି କଂଗ୍ରେସରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ଜର୍ଜ ୱାସିଙ୍ଗ୍‌ଟନ୍‌ଙ୍କୁ ଆମେରିକାର ସେନାପତି ରୂପେ ମନୋନୀତ କରାଗଲା । ସଂଗ୍ରାମକୁ ଅଧିକ କ୍ରିୟାଶୀଳ କରାଇବା ନିମନ୍ତେ ଟମାସ୍ ଜେଫର୍‌ସନ୍ "ଆମେରିକା ସ୍ୱାଧୀନତାର ଏକ ଘୋଷଣାପତ୍ର" ପ୍ରସ୍ତୁତ କଲେ । ସେଥିରେ କୁହାଗଲା ଯେ ସମସ୍ତେ ସମାନ ଅଧିକାର ନେଇ ଜନ୍ମ ହୋଇଥାନ୍ତି । ସେଥିପାଇଁ ସମସ୍ତଙ୍କର ଜୀବନଧାରଣ, ସ୍ୱାଧୀନତା ଏବଂ ଶାନ୍ତି ପାଇବାର ଜନ୍ମଗତ ଅଧିକାର ରହିଛି ।

**ସଂଗ୍ରାମର ଅଗ୍ରଗତି :**

୧୭୭୬ ଜୁଲାଇ ୪ ତାରିଖରୁ ୧୭୮୧ ମସିହା ଅକ୍ଟୋବର ମାସ ୨୯ ତାରିଖ ପର୍ଯ୍ୟନ୍ତ ଆମେରିକା ସ୍ୱାଧୀନତା ସଂଗ୍ରାମ ଅବ୍ୟାହତ ରହିଲା । ଇଂରେଜମାନେ ୩୦୦୦ ହଜାର ମାଇଲ୍ ଦୂରରୁ ଯୁଦ୍ଧ ପରିଚାଳନା କରିବା ଦ୍ୱାରା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଲେ । ଜର୍ଜ ୱାସିଂଟନଙ୍କ ଉନ୍ନତ ଯୁଦ୍ଧ କୌଶଳ ଇଂରେଜ ସେନାବାହିନୀ ପାଇଁ ଚିନ୍ତାର କାରଣ ହୋଇ ପଡ଼ିଲା । ୧୭୭୭ ମସିହା ଅକ୍ଟୋବର ମାସରେ ଇଂରେଜ ସେନାପତି ବୁରଗୋଏନ୍ (Burgoyne) ସାରଟୋଗାଠାରେ ଆତ୍ମସମର୍ପଣ କଲେ । ଶେଷରେ, ୧୭୮୧ ମସିହା ଅକ୍ଟୋବର ୧୯ ତାରିଖରେ ଇଂରେଜ ସେନାବାହିନୀର ମୁଖ୍ୟ ସେନାପତି ଲର୍ଡ କର୍ଣ୍ଣୱାଲସ୍ ୟର୍କସାୟାରଠାରେ ଜର୍ଜ ୱାସିଂଟନଙ୍କ ହସ୍ତରେ ପରାଜିତ ହେଲେ । ଫଳରେ, ଉପନିବେଶମାନଙ୍କ ଉପରେ ଇଂରେଜ ସରକାରଙ୍କ କର୍ତ୍ତୃତ୍ୱର ଅବସାନ ଘଟିଲା ।

**ଆମେରିକା ସ୍ୱାଧୀନତା ସଂଗ୍ରାମର ଫଳାଫଳ :**

ଆମେରିକା ସ୍ୱାଧୀନତା ସଂଗ୍ରାମର ଫଳାଫଳ ଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ :

୧. ୧୭୮୩ ରେ ଆମେରିକା ଏବଂ ବ୍ରିଟେନ୍ ମଧ୍ୟରେ ଫ୍ରାନ୍ସର ଭାର୍ସାଇଠାରେ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା । ସେହି ଚୁକ୍ତି ଅନୁସାରେ ଇଂଲଣ୍ଡ, ଆମେରିକାର ସ୍ୱାଧୀନତାକୁ ସ୍ୱୀକାର କରିନେଲା । ସେହି ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଫ୍ରାନ୍ସ ପଶ୍ଚିମ ଭାରତୀୟ ଦୀପପୁଞ୍ଜର ସେଣ୍ଟଲୁସିଆ ଏବଂ ଟବାକୋ ଦୀପ ସହିତ ପଶ୍ଚିମ ଆଫ୍ରିକାର ସେନିଗାଲ ଅଞ୍ଚଳ ଅଧିକାର କରିନେଲା । ପୁନଶ୍ଚ, ଫ୍ରାନ୍ସ ମଧ୍ୟ ଦକ୍ଷିଣ ଭାରତର ଚନ୍ଦନନଗର ଏବଂ ତାର ପୂର୍ବ ବାଣିଜ୍ୟ କୋଠୀ ଗୁଡ଼ିକୁ ଫେରି ପାଇଲା । ସେହିପରି, ଇଂଲଣ୍ଡଠାରୁ ମିନୋର୍କା ଏବଂ ଫ୍ଲୋରିଡା ଛଡ଼ାଇ ଆଣି ସ୍ପେନ୍‌କୁ ଅର୍ପଣ କରାଗଲା ।

୨. ୧୭୮୭ ରେ ଫିଲାଡେଲ୍‌ଫିଆଠାରେ ସ୍ୱାଧୀନ ଆମେରିକାର ସମ୍ବିଧାନ ପ୍ରଣୟନ କରାଗଲା । ୧୭୮୭ ରେ ସେହି ନୂତନ ସମ୍ବିଧାନକୁ କାର୍ଯ୍ୟକାରୀ କରାଗଲା ଏବଂ ଜର୍ଜ ୱାସିଂଟନ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ।

୩. ବିଶ୍ୱର ସର୍ବପ୍ରଥମ ସାଧାରଣତନ୍ତ୍ର ରୂପେ ଆମେରିକା ଆତ୍ମପ୍ରକାଶ କଲା ଏବଂ "ବ୍ୟକ୍ତିବାଦ" ଅନୁଚିନ୍ତା ବିଭିନ୍ନ ଦେଶର ସରକାରଙ୍କୁ ପ୍ରଭାବିତ କଲା ।

୪. ଏହି ସଂଗ୍ରାମ, ପାଶ୍ଚାତ୍ୟ ଉପନିବେଶବାଦ ମୂଳରେ କୁଠାରଘାତ କଲା । ଫଳରେ, ଇଂଲଣ୍ଡ, ତାର ଉପନିବେଶମାନଙ୍କ ପ୍ରତି ଥିବା ପୂର୍ବ ମନୋଭାବକୁ ବଦଳାଇବା ପାଇଁ ବାଧ୍ୟ ହେଲା । ଏହା ଫଳରେ ଉପନିବେଶମାନେ ଅଧିକ ସୁବିଧା ପାଇବା ପାଇଁ ସମର୍ଥ ହେଲେ ।

୫. ତୃତୀୟ ଜର୍ଜଙ୍କ ବ୍ୟକ୍ତିଗତ ଶାସନର ସମାପ୍ତି ଘଟିଲା । ଇଂଲଣ୍ଡ, କେତେଗୋଟି ଉପନିବେଶ ହରାଇବା ଫଳରେ ତାର ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେଲା । ଚାମାଥଙ୍କ ପୁତ୍ର କନିଷ୍ଠ ପିଟ୍ ଶାସନ କ୍ଷମତାକୁ ଆସିବା ପରେ ବାଣିଜ୍ୟିକ କ୍ଷେତ୍ରରେ ଉନ୍ନତି ଘଟିଲା ।

୬. ଆମେରିକା ସ୍ୱାଧୀନତା ସଂଗ୍ରାମ, ଆୟରଲାଣ୍ଡବାସୀଙ୍କୁ ଇଂଲଣ୍ଡ ବିରୋଧୀ ଆନ୍ଦୋଳନ ଆରମ୍ଭ କରିବା ନିମନ୍ତେ ଯଥେଷ୍ଟ ପ୍ରେରଣା ଯୋଗାଇଲା । ଶେଷରେ, ୧୭୮୨ ରେ ଆୟରଲାଣ୍ଡ, ଇଂଲଣ୍ଡଠାରୁ ସାମ୍ବିଧାନିକ ଅଧିକାର ପାଇଲା ।

୭. ଆମେରିକା ସ୍ୱାଧୀନତା ସଂଗ୍ରାମ, ୧୭୮୯ ରେ ସଂଘଟିତ ମହାନ୍ ଫରାସୀ ବିପ୍ଳବ ନିମନ୍ତେ ଯଥେଷ୍ଟ ଇନ୍ଧନ ଯୋଗାଇଲା ।

ସୁତରାଂ ଉପର ବର୍ଣ୍ଣିତ ଫଳାଫଳକୁ ନେଇ ବିଚାର କରାଯାଏ ଯେ ଆମେରିକା ସ୍ୱାଧୀନତା ସଂଗ୍ରାମ ଥିଲା ବିଶ୍ୱ ଇତିହାସର ଏକ ପ୍ରମୁଖ ଘଟଣା ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ବିକଳ୍ପ ମାନଙ୍କ ମଧ୍ୟରୁ ବାଛି ଲେଖ ।

କ) ଆମେରିକା ସ୍ୱାଧୀନତା ସଂଗ୍ରାମ ସମୟରେ କିଏ ଇଂଲଣ୍ଡର ରାଜା ଥିଲେ ?

୧. ପ୍ରଥମ ଚାର୍ଲସ   ୨. ଦ୍ୱିତୀୟ ଜର୍ଜ

୩. ପ୍ରଥମ ଜେମ୍ସ୍   ୪. ଗ୍ରେନ୍ ଡାଇଲ୍

ଖ) ଇଂଲଣ୍ଡର ସଂସଦ ଦ୍ୱାରା କେବେ ସର୍କରା ଆଇନ୍ ପ୍ରଣୀତ ହେଲା ?

୧. ୧୭୩୩   ୨. ୧୭୩୫   ୩. ୧୭୬୬   ୪. ୧୭୭୭

ଗ) କେବେ ସପ୍ତବର୍ଷୀ ଯୁଦ୍ଧର ପରିସମାପ୍ତି ଘଟିଲା ?

୧. ୧୭୫୬   ୨. ୧୭୫୭   ୩. ୧୭୬୨   ୪. ୧୭୬୩

ଘ) କେବେ "ବୋଷ୍ଟନ୍ ହତ୍ୟାକାଣ୍ଡ" ସଂଘଟିତ ହୋଇଥିଲା ?

୧. ୧୭୬୭   ୨. ୧୭୭୦   ୩. ୧୭୭୨   ୪. ୧୭୭୬

ଙ) ଇଂଲଣ୍ଡ ଏବଂ ଆମେରିକା ମଧ୍ୟରେ କେବେ ପ୍ୟାରିସ୍ ଚୁକ୍ତି ସ୍ୱାକ୍ଷରିତ ହେଲା ?

୧. ୧୭୮୧   ୨. ୧୭୮୨   ୩. ୧୭୮୩   ୪. ୧୭୮୭

୨. ଶୂନ୍ୟସ୍ଥାନ ପୂରଣ କର ।

କ) ______________ ଖ୍ରୀଷ୍ଟାବ୍ଦରୁ ______________ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆମେରିକା ସ୍ୱାଧୀନତା ସଂଗ୍ରାମ ଅବ୍ୟାହତ ରହିଥିଲା ।

ଖ) ______________ ଖ୍ରୀଷ୍ଟାବ୍ଦରେ ଷ୍ଟାମ୍ପ ଆଇନ୍ ପ୍ରଣୀତ ହୋଇଥିଲା ।

ଗ) ______________ ଥିଲେ "କମନ୍‌ସେନ୍‌ସ" ପୁସ୍ତକର ରଚୟିତା ।

ଘ) ______________ ଖ୍ରୀଷ୍ଟାବ୍ଦରୁ ଆମେରିକାର ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା ।

ଙ) ______________ ଙ୍କୁ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବରେ ନିଯୁକ୍ତ କରାଯାଇଥିଲା ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ ।

କ) କେବେ ଏବଂ କାହା କାହା ମଧ୍ୟରେ ସପ୍ତବର୍ଷୀ ଯୁଦ୍ଧ ସଂଘଟିତ ହୋଇଥିଲା ।

ଖ) ଆମେରିକାରେ କେବେ ପ୍ରଥମ ଇଂରେଜ ଉପନିବେଶ ସ୍ଥାପିତ ହେଲା ଏବଂ ଏହାର ନାମ କ'ଣ ଥିଲା ?

ଗ) କେତେଜଣ ପ୍ୟୁରିଟାନ୍ ପ୍ଲେମାଉଥ୍ ବନ୍ଦରରୁ ଆମେରିକା ଯାତ୍ରା କରିଥିଲେ ? ସେମାନେ ଯାତ୍ରା କରିଥିବା ଜାହାଜର ନାମ କ'ଣ ଥିଲା ?

ଘ) ଆମେରିକୀୟମାନେ କାହାର ଛଦ୍ମ ବେଶରେ ଏବଂ କେତେ ପେଟି ଚା' ସମୁଦ୍ର ମଧ୍ୟରେ ନିକ୍ଷେପ କରିଥିଲେ ।

ଙ) ସ୍ୱାଧୀନତା ଘୋଷଣା ପତ୍ର କେବେ ପ୍ରକାଶ ପାଇଲା ଏବଂ ତାହାକୁ କିଏ ଲେଖିଥିଲେ ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) କେଉଁମାନେ "ପିଲିଗ୍ରିମ ଫାଦର" ନାମରେ ପରିଚିତ ଥିଲେ ?

ଖ) ବୋଷ୍ଟନ୍ ହତ୍ୟାକାଣ୍ଡ

ଗ) ଷ୍ଟାମ୍ପ ଆଇନ୍

ଘ) ଜର୍ଜ ୱାସିଂଟନ

ଙ) ତୃତୀୟ ଜର୍ଜ

ଚ) ଫିଲାଡେଲଫିଆ କଂଗ୍ରେସ

ଛ) ବୋଷ୍ଟନ୍ ଚା' ସଂଘର୍ଷ

## 'ଗ' ବିଭାଗ

## ଦୀର୍ଘ ପ୍ରଶ୍ନୋତ୍ତର

୫. ଆମେରିକା ସ୍ୱାଧୀନତା ସଂଗ୍ରାମର ବିଭିନ୍ନ କାରଣ ଉଲ୍ଲେଖ କର ।

୬. ଆମେରିକା ସ୍ୱାଧୀନତା ସଂଗ୍ରାମର ଫଳାଫଳ ଉପରେ ଆଲୋକପାତ କର ।

❑❑❑

ତ୍ରୟୋଦଶ ଅଧ୍ୟାୟ

# ୧୭୮୯ ମସିହା ଫରାସୀ ବିପ୍ଳବ : କାରଣ ସମୂହ ଏବଂ ତାତ୍ପର୍ଯ୍ୟ

## (French Revolution of 1789, causes and significance)

*ରାଜନୈତିକ କାରଣ, ସାମାଜିକ କାରଣ, ବୌଦ୍ଧିକ କାରଣ, ଆମେରିକା ସ୍ୱାଧୀନତା ସଂଗ୍ରାମର ପ୍ରଭାବଳ, ଅର୍ଥନୈତିକ କାରଣ*

ସାଧାରଣତଃ ବିପ୍ଳବ କୌଣସି ଏକ ଶକ୍ତିର ପରିପ୍ରକାଶ ନୁହେଁ ବରଂ ଏହା ହେଉଛି ପ୍ରଚଳିତ ବ୍ୟବସ୍ଥାରେ ରହିଥିବା ଦୁର୍ବଳତାର ପରିଣତି । ଏହି ପରିପ୍ରେକ୍ଷୀରେ, ୧୭୮୯ ମସିହା ଫରାସୀ ବିପ୍ଳବ ସଂଘଟିତ ହେବାର ଅବ୍ୟବହିତ ପୂର୍ବରୁ ସେଠାକାର ସାମାଜିକ, ରାଜନୈତିକ ଏବଂ ଆର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଜଟିଳ ହୋଇ ପଡ଼ିଲା । ବାସ୍ତବରେ, ଫଳାଫଳ ଦୃଷ୍ଟିରୁ ୧୭୮୯ ମସିହାର ଫରାସୀ ବିପ୍ଳବ ହେଉଛି ସମଗ୍ର ବିଶ୍ୱର ଏକ ଯୁଗାନ୍ତକାରୀ ଘଟଣା । ଏହି ବିପ୍ଳବର ପୂର୍ବବର୍ତ୍ତୀ ସମୟକୁ "ପୁରାତନ ଅମଳ" ବୋଲି କୁହାଯାଉଥିଲା । ଭିକ୍ଟର ହ୍ୟୁଗୋଙ୍କ ମତରେ ଏହି ବିପ୍ଳବ ଏପରି ଏକ ଆଲୋକ ଥିଲା ଯାହା ସମଗ୍ର ବିଶ୍ୱକୁ ପ୍ରଜ୍ୱଳିତ କଲା ।

**କାରଣ ସମୂହ :**

୧୭୮୯ ମସିହା ଫରାସୀ ବିପ୍ଳବ ଏକ ଆକସ୍ମିକ ଘଟଣା ନଥିଲା । ଏହାର ପୃଷ୍ଠଭୂମିରେ ଲୁଚି ରହିଥିଲା ଶହ ଶହ ବର୍ଷର ଅସନ୍ତୋଷ । ନିମ୍ନଲିଖିତ କାରଣମାନ ଯୋଗୁଁ, ୧୭୮୯ ମସିହାର ଫରାସୀ ବିପ୍ଳବ ସଂଘଟିତ ହୋଇଥିଲା ।

**୧. ରାଜନୈତିକ କାରଣ (Political Cause ) :**

ଫରାସୀ ବିପ୍ଳବ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସେଠାରେ ବୁରବୋଁ (Burbon) ନାମରେ ଏକ ରାଜବଂଶ ଶାସନ କରୁଥିଲା । ସେହି ବଂଶର ଶାସକମାନେ ଥିଲେ ସ୍ୱେଚ୍ଛାଚାରୀ । ସେମାନଙ୍କ କୁଶାସନ ବିରୋଧରେ ଜନଅସନ୍ତୋଷ ଥିଲା ଏହି ବିପ୍ଳବର ମୁଖ୍ୟ କାରଣ ।

**କ) ଚତୁର୍ଦ୍ଦଶ ଲୁଇ (Louis XIV) :**

ଚତୁର୍ଦ୍ଦଶ ଲୁଇ ଥିଲେ ବୁରବୋଁ ରାଜବଂଶର ପ୍ରଥମ ରାଜା । ସେ ମହାନ୍ ରାଜା ରୂପେ ବିବେଚିତ ହୋଇଥିଲେ । ୧୪୪୩ ରେ ସିଂହାସନ ଆରୋହଣ କରିବା ସମୟରେ ସେ ନାବାଳକ ହୋଇଥିବାରୁ ମନ୍ତ୍ରୀ କାର୍ଡିନାଲ ମ୍ୟାଜାରିନ (Cardinal Mazarin) ତାଙ୍କର ଅଭିଭାବକ ଭାବେ ଶାସନ କରିଥିଲେ । ସେ ଥିଲେ ଅତ୍ୟନ୍ତ ଗର୍ବୀ ଏବଂ ଅହଂକାରୀ ।

ଚତୁର୍ଦ୍ଦଶ ଲୁଇ ଥିଲେ ଜଣେ ଦକ୍ଷ ରାଜା । ସେ ଅସୀମ କ୍ଷମତା ଉପଭୋଗ କରୁଥିଲେ । ସେ କହୁଥିଲେ- "ମୁଁ ହେଉଛି ରାଷ୍ଟ୍ର" (I am the state) । ସେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ଘୋଷଣା କରିଥିଲେ । ତାଙ୍କ କ୍ଷମତାର କୌଣସି ସୀମା ନଥିଲା । ଲୋକମାନେ ତାଙ୍କୁ ଭୟ କରୁଥିଲେ । ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରୁ

୧୯ କିଲୋମିଟର ଦୂରସ୍ଥ ଭାର୍ସାଇ ନାମକ ସୁନ୍ଦର ନଗରୀରେ ଏକ ବିଳାସପୂର୍ଣ୍ଣ ଏବଂ ରମଣୀୟ ପ୍ରାସାଦ ନିର୍ମାଣ କରି ସେ ଅଜସ୍ର ଅର୍ଥ ଅପଚୟ କରିଥିଲେ । ଏହି ପ୍ରାସାଦର ଦର୍ପଣ କକ୍ଷ (Hall of Mirror) ରେ [illegible]ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ । ତାଙ୍କ ନିରଂକୁଶ ଶାସନ ଶେଷରେ ଏକ ବିପ୍ଲବ ନିମନ୍ତେ ପ୍ରେରଣା [illegible] ।

ଖ) **ପଞ୍ଚଦଶ ଲୁଇ (Jouis XV)**

ପଞ୍ଚଦଶ ଲୁଇ ଥିଲେ ଚତୁର୍ଦ୍ଦଶ ଲୁଇଙ୍କ ଉତ୍ତରାଧିକାରୀ । ସେ ୧୭୧୫ ରୁ ୧୭୭୪ ପର୍ଯ୍ୟନ୍ତ ଫ୍ରାନ୍ସର ଶାସନ ପରିଚାଳନା କରିଥିଲେ । ସେ ଥିଲେ ଜଣେ ଅପାରଗ ଏବଂ ଅଦୂରଦର୍ଶୀ ଶାସକ । ସେ ସଦା ସର୍ବଦା ବିଳାସପୂର୍ଣ୍ଣ ସମୁଦ୍ରରେ ନିମଗ୍ନ ରହି ଶାସନକାର୍ଯ୍ୟ ପ୍ରତି ଧ୍ୟାନ ଦେଉନଥିଲେ । ତାଙ୍କୁ ପ୍ରଜାପତି ରାଜା ବୋଲି କୁହାଯାଉଥିଲା । ତାଙ୍କ ସମୟରେ ଫ୍ରାନ୍ସ ବିଭିନ୍ନ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ମଧ୍ୟ ସମସ୍ତ ଯୁଦ୍ଧରେ ପରାଜୟ ବରଣ କଲା । ଏହା ଦ୍ୱାରା ଦେଶର ଆର୍ଥିକ ଦୂରାବସ୍ଥା ଦେଖା ଦେଲା । ଶେଷରେ ସେ ନିଜ ଭୁଲକୁ ବୁଝି ପାରିଥିଲେ ଏବଂ କହିଥିଲେ - "ମୋ ପରେ ମହାପ୍ରଳୟ"(After me the deluge)

ଗ) **ଷୋଡ଼ଶ ଲୁଇ (Louis XVI)**

ଷୋଡ଼ଶ ଲୁଇ ଥିଲେ ବୁରବୋଁ ରାଜାବଂଶର ଶେଷ ରାଜା । ଶାସନ ପରିଚାଳନା କ୍ଷେତ୍ରରେ ତାଙ୍କର କୌଣସି ଅଭିଜ୍ଞତା ନଥିଲା । ଏଣୁ, ସିଂହାସନ ଆରୋହଣ ସମୟରେ ସେ କହିଥିଲେ "ହେ - ଭଗବାନ ! ମୋ ଉପରେ ଏ କି ଗୁରୁଦାୟିତ୍ୱ ଏବଂ ସେମାନେ ମୋତେ କିଛି ଶିକ୍ଷା ଦେଇନାହାନ୍ତି ।" ସେ ଥିଲେ ଧୀର ଏବଂ ନମ୍ର ସ୍ୱଭାବର ବ୍ୟକ୍ତି । ତାଙ୍କ ନିକଟରେ ଚତୁର୍ଦ୍ଦଶ ଲୁଇଙ୍କ ଦକ୍ଷତା କିମ୍ବା ପଞ୍ଚଦଶ ଲୁଇଙ୍କ ଦୁର୍ବଳତା ନଥିଲା । ତାଙ୍କ ଶାସନ ସମୟରେ, ଯେତେବେଳେ ବିପ୍ଳବର ଝଡ଼ ବହିଲା, ସେ ତାର ପ୍ରତିରୋଧ କରି ପାରିଲେ ନାହିଁ ।

ଘ) **ରାଣୀ ମେରୀ ଏଣ୍ଟୋଇନେଟ୍ (Marie Antoineette) :**

ଅଷ୍ଟ୍ରିୟାର ସାମ୍ରାଜ୍ଞୀ ମେରିଆ ଥେରେସାଙ୍କ ଏକମାତ୍ର କନ୍ୟା ମେରୀ ଏଣ୍ଟୋଇନେଟ୍‌କୁ ପତ୍ନୀ ଭାବରେ ପାଇ ଷୋଡ଼ଷ ଲୁଇ ନିଜକୁ ଅସହାୟ ମନେ କଲେ । ସେ ଥିଲେ ଅତ୍ୟନ୍ତ ଉଦ୍ଧତା, ଅହଂକାରୀ ଏବଂ ବଦଖର୍ଚ୍ଚୀ ସ୍ୱଭାବର ନାରୀ । ତାଙ୍କ ନିକଟରେ ଗର୍ବ ଏବଂ ଅହଂକାରର କୌଣସି ସୀମା ନଥିଲା । ସେ ଶୋଡ଼ଷ ଲୁଇଙ୍କର ଜଣେ ରାଣୀ ହୋଇ ଥିବାରୁ ନିଜକୁ ଅପମାନିତ ମନେ କରୁଥିଲେ । ସେ ନିଜର ସ୍ୱାମୀଙ୍କୁ, "ବିଚରା" କହି ସମ୍ବୋଧନ କରୁଥିଲେ । ରାଜାଙ୍କ ଉପରେ ତାଙ୍କ ପ୍ରଭାବକୁ ଲକ୍ଷ କରି ଏକଦା ମୀରାବ୍ୟୁ କହିଥିଲେ - "ରାଜାଙ୍କ ପାଖରେ ମାତ୍ର ଜଣେ ପୁରୁଷ ଅଛନ୍ତି - ତାଙ୍କର ସ୍ତ୍ରୀ ।" କୌଣସି ପ୍ରଶାସନିକ ଅଭିଜ୍ଞତା ନଥାଇ ମଧ୍ୟ ଶାସନ ରୂପକ ବ୍ୟବସାୟରେ ରାଣୀଙ୍କର ଅଯଥା ହସ୍ତକ୍ଷେପ ଫ୍ରାନ୍ସକୁ ଏକ ବିପ୍ଳବ ଆଡ଼କୁ ଟାଣିନେଲା ।

ଙ) **ପ୍ରଶାସନିକ ପରିଚାଳନା କ୍ଷେତ୍ରରେ ବୁରବୋଁ ରାଜବଂଶର ତୃଟି :**

ବୁରବୋଁ ରାଜବଂଶର ପ୍ରଥମ ୨ଜଣ ଶାସକ ଯଥା : ଚତୁର୍ଦ୍ଦଶ ଲୁଇ ଏବଂ ପଞ୍ଚଦଶ ଲୁଇ ନିରଂକୁଶ ଶାସନରେ ବିଶ୍ୱାସ ରଖିଥିଲେ । ସେମାନେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ଭାବରେ ବିଚାର କରୁଥିଲେ । ସେମାନଙ୍କ ଉଚ୍ଚାରିତ ଶବ୍ଦ ଥିଲା ଆଇନ୍ । ସେମାନେ କୌଣସି ବ୍ୟକ୍ତିଙ୍କୁ "ଗିରଫ ପରୱାନା" (Letter de Catchet) ବଳରେ କାରାଗାର ମଧ୍ୟରେ ନିକ୍ଷେପ କରି ପାରୁଥିଲେ । ସୁତରାଂ, ବୁର୍‌ବୋଁ ରାଜବଂଶର ସ୍ୱେଚ୍ଛାଚାରୀ ଶାସନ ଶେଷରେ ଏକ ବିପ୍ଳବ ପାଇଁ ରାସ୍ତା ପରିସ୍କାର କଲା ।

**୨. ସାମାଜିକ କାରଣ (Social Cause) :**

ତତ୍‌କାଳୀନ ଫ୍ରାନ୍ସର ସମାଜରେ ପ୍ରଚଳିତ ଅସମାନତା ଥିଲା ଫରାସୀ ବିପ୍ଲବର ଅନ୍ୟତମ କାରଣ । ଫ୍ରାନ୍ସର ସମାଜ ମୁଖ୍ୟତଃ ୨ଟି ଶ୍ରେଣୀରେ ବିଭକ୍ତ ଥିଲା – ଯଥା : ସୁବିଧାଭୋଗୀ ଶ୍ରେଣୀ ଏବଂ ସୁବିଧା ବଞ୍ଚିତ ଶ୍ରେଣୀ ।

**କ) ସୁବିଧାଭୋଗୀ ଶ୍ରେଣୀ :**

ସାମନ୍ତ ଏବଂ ଧର୍ମଯାଜକଙ୍କୁ ନେଇ ସୁବିଧାଭୋଗୀ ଶ୍ରେଣୀ ଗଠିତ ହୋଇଥିଲା । ସମାଜରେ ସେମାନଙ୍କର ସଂଖ୍ୟା ଥିଲା ସମୁଦାୟ ଜନସଂଖ୍ୟାର ୧ ପ୍ରତିଶତ । ମାତ୍ର, ରାଷ୍ଟ୍ର ଆୟର ୪୦ ପ୍ରତିଶତ ଉପରେ ସେମାନେ ଅଧିକାର ସାବ୍ୟସ୍ତ କରୁଥିଲେ । ଉଚ୍ଚ ପଦପଦବୀରେ ନିଯୁକ୍ତ ସେମାନେ ଥିଲେ । ସେମାନେ ରାଷ୍ଟ୍ରକୁ କୌଣସି କର ପ୍ରଦାନ କରୁ ନଥିଲେ । ସେମାନେ ମଧ୍ୟ ବିଭିନ୍ନ ଉପାୟରେ କୃଷକମାନଙ୍କୁ ଶୋଷଣ କରୁଥିଲେ । ସେମାନଙ୍କ ବିଳାସପୂର୍ଣ୍ଣ ଜୀବନ ଦରିଦ୍ର ଜନସାଧାରଣଙ୍କୁ କ୍ରମଶଃ 'ପ୍ରତିକ୍ରିୟାଶୀଳ କରାଇଲା ।

**ଖ) ସୁବିଧା ବଞ୍ଚିତ ଶ୍ରେଣୀ :**

ଶ୍ରମିକ, କୃଷକ, ଶିକ୍ଷକ, ଲେଖକ, ଓକିଲ ତଥା ମଧ୍ୟବିତ୍ତ ବା ବୁର୍ଜୁଆମାନଙ୍କୁ ନେଇ "ସୁବିଧା ବଞ୍ଚିତ" ଶ୍ରେଣୀ ଗଠିତ ହୋଇଥିଲା । ସେମାନେ ନିଜ ଆୟର ୮୦ ରୁ ୮୫ ପ୍ରତିଶତ ଅର୍ଥ ସାମନ୍ତ ଏବଂ ଧର୍ମଜାଜକମାନଙ୍କୁ କର ଆକାରରେ ପ୍ରଦାନ କରୁଥିଲେ । ସେମାନଙ୍କ ଅବସ୍ଥା ଥିଲା ଅତ୍ୟନ୍ତ ଶୋଚନୀୟ । ସେମାନେ ବିନା ପାରିଶ୍ରମିକରେ ସାମନ୍ତ ଏବଂ ଧର୍ମଯାଜକଙ୍କ ଜମି ଚାଷ କରୁଥିଲେ । ସେମାନଙ୍କ ମଧ୍ୟରୁ ୧୦ଭାଗ ଅନାହାର ତଥା ବଦ୍ ହଜମିରେ ମୃତ୍ୟୁବରଣ କରୁଥିଲେ ।

ଗ) ତତ୍‌କାଳୀନ ଫ୍ରାନ୍ସର ସମାଜ ମୁଖ୍ୟତଃ ୩ଟି ଇଷ୍ଟେଟ୍‌ରେ ବିଭକ୍ତ ଥିଲା : ଯଥା ପ୍ରଥମ ଇଷ୍ଟେଟ୍, ଦ୍ୱିତୀୟ ଇଷ୍ଟେଟ୍ ଏବଂ ତୃତୀୟ ଇଷ୍ଟେଟ୍ । ଧର୍ମଯାଜକମାନଙ୍କୁ ନେଇ ପ୍ରଥମ ଇଷ୍ଟେଟ୍ ଗଠିତ ହୋଇଥିବାବେଳେ ସମ୍ଭ୍ରାନ୍ତମାନଙ୍କୁ ନେଇ ଦ୍ୱିତୀୟ ଇଷ୍ଟେଟ୍ ଗଠନ କରାଯାଇଥିଲା । ଶିକ୍ଷକ, କୃଷକ, ଶ୍ରମିକ ଏବଂ ବୁର୍ଜୁଆମାନଙ୍କୁ ନେଇ ତୃତୀୟ ଇଷ୍ଟେଟ୍ ଗଠିତ ହୋଇଥିଲା । ଏହି ତିନି ଇଷ୍ଟେଟ୍‌ର କର୍ମକର୍ତ୍ତାମାନଙ୍କ କର୍ତ୍ତବ୍ୟକୁ ନେଇ ଫ୍ରାନ୍ସରେ ଏକ ପ୍ରବାଦ ପ୍ରଚଳିତ ଥିଲା – "ସାମନ୍ତବାଦମାନେ ଯୁଦ୍ଧ କରନ୍ତି, ଧର୍ମଜାଜକମାନେ ପ୍ରାର୍ଥନା କରନ୍ତି ଏବଂ ଜନସାଧାରଣ କର ପ୍ରଦାନ କରନ୍ତି ।"

ପ୍ରଥମ ଏବଂ ଦ୍ୱିତୀୟ ଇଷ୍ଟେଟ୍‌ର ସଭ୍ୟମାନେ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଥିଲେ । ଶାସନ କଳ ଉପରେ ସେମାନଙ୍କର ଯଥେଷ୍ଟ ପ୍ରଭାବ ରହିଥିଲା । ସେମାନେ ଦରିଦ୍ର ଜନସାଧାରଣଙ୍କ ଠାରୁ ବିବାହ କର, ଜନ୍ମ କର, ମୃତ୍ୟୁ କର, ପଥକର ଇତ୍ୟାଦି ଆଦାୟ କରି ସୁଖରେ କାଳାତିପାତ କରୁଥିଲେ ।

ଅପରପକ୍ଷରେ ତୃତୀୟ ଇଷ୍ଟେଟ୍ ଅର୍ନ୍ତଭୁକ୍ତ ଜନସାଧାରଣଙ୍କ ଜୀବନ ଅତି ମାତ୍ରାରେ ଦୁର୍ବିସହ ହୋଇ ପଡ଼ିଥିଲା । ସେମାନଙ୍କୁ ସମସ୍ତ ସୁବିଧାରୁ ବଞ୍ଚିତ କରାଯାଉଥିଲା । ଏପରିକି କୃଷକମାନଙ୍କ ପରି ନୀଚ ଧର୍ମଜାଜକ ମାନଙ୍କର ଅବସ୍ଥା ମଧ୍ୟ ସ୍ୱଚ୍ଛଳ ନଥିଲା । ଫ୍ରାନ୍ସରେ ସାମାଜିକ ଅସମାନତା ଏଭଳି ସ୍ଥିତିରେ ପହଞ୍ଚି ଥିଲା ଯେ କେବଳ ବିପ୍ଳବ ଏକମାତ୍ର ବିକଳ୍ପ ବୋଲି ଚିନ୍ତା କରାଗଲା । ଏକଦା ନେପୋଲିୟନ କହିଥିଲେ – "ଏହି ବିପ୍ଳବ ବିଶେଷ ଅଧିକାର ବର୍ଗ ବିରୁଦ୍ଧରେ ସଂଘଟିତ ହୋଇଥିଲା ।"

**୩. ବୌଦ୍ଧିକ କାରଣ : (Intellectual Cause)**

ଇଉରୋପ୍ ଇତିହାସରେ ଅଷ୍ଟାଦଶ ଶତାବ୍ଦୀ ଥିଲା ବିଦ୍ରୂପ ଏବଂ ସଚେତନତାର ଯୁଗ । ଫ୍ରାନ୍ସର ଲେଖକ ଏବଂ ଦାର୍ଶନିକ ତଥା ବୁର୍ଜୁଆମାନେ ପ୍ରଚଳିତ ପ୍ରଥା ଏବଂ ପରମ୍ପରା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଜନସାଧାରଣଙ୍କୁ ସଚେତନ

କରାଇଥିଲେ । ସମାଲୋଚନାମୂଳକ ଲେଖା ମାଧ୍ୟମରେ ସେମାନେ ଦେଶବାସୀଙ୍କ ମନରେ ନୂତନ ଆଶା ସଂଚାର କଲେ । କେତେକ ଐତିହାସିକଙ୍କ ମତରେ "ଯଦି ଜ୍ଞାନୀ ବ୍ୟକ୍ତିମାନେ ନ ଥାନ୍ତେ, ତେବେ ଫ୍ରାନ୍ସରେ ଏକ ବିପ୍ଳବ ସମ୍ଭବପର ହୋଇ ନଥାନ୍ତା ।" ଐତିହାସିକ କେଟଲ୍‌ବାଏଙ୍କ ମତରେ "ସବୁ ଶ୍ରେଣୀର ଲେଖକମାନେ ଫରାସୀ ବିପ୍ଳବ ପ୍ରସ୍ତୁତ କରିଥିଲେ । ସଂସଦ ନଥିବା ରାଷ୍ଟ୍ରରେ ଲେଖକମାନେ ରାଜନୀତିଜ୍ଞ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ।"

ଦାର୍ଶନିକମାନେ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ସମାଲୋଚନା କରିବା ସହିତ ଗୀର୍ଜା ତଥା ଧର୍ମଯାଜକ ଗୋଷ୍ଠୀର ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିଲେ । ସେମାନଙ୍କ ବୈପ୍ଳବିକ ଲେଖା ଏବଂ ଭାବନା ଜନସାଧାରଣଙ୍କ ମନକୁ ସ୍ପର୍ଶ କଲା । ଏହି ଦାର୍ଶନିକମାନଙ୍କ ମଧ୍ୟରେ ମଣ୍ଟେସ୍କ୍ୟୁ, ଭଲଟେୟାର ଏବଂ ରୁଷୋ ଥିଲେ ଅନ୍ୟତମ ।

### କ) ମଣ୍ଟେସ୍କ୍ୟୁ (୧୬୮୯ - ୧୭୫୩)

ମଣ୍ଟେସ୍କ୍ୟୁ ଥିଲେ ଜଣେ ଆଇନଜୀବୀ ଏବଂ ରାଜନୀତିଜ୍ଞ । ସେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କରିଥିଲେ । ଇଂଲଣ୍ଡ ଭଳି ଫ୍ରାନ୍ସରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରଚଳନ ଉପରେ ସେ ଗୁରୁତ୍ୱ ଦେଇଥିଲେ । ୧୭୪୮ ରେ ତାଙ୍କ ଲିଖିତ ପୁସ୍ତକ "ଆଇନର ତାତ୍ପର୍ଯ୍ୟ" (Spirit of Laws) ପ୍ରକାଶ ପାଇଲା । ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା ପାଇଁ ସେ ତାଙ୍କ ପୁସ୍ତକରେ "କ୍ଷମତାର ବିକେନ୍ଦ୍ରୀକରଣ ନୀତି" ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ତାଙ୍କ ମତରେ ସରକାରଙ୍କର ୩ଟି ଅଂଗ ଯଥା : ବ୍ୟବସ୍ଥାପିକା ବିଭାଗ, କାର୍ଯ୍ୟପାଳିକା ବିଭାଗ ଏବଂ ନ୍ୟାୟପାଳିକା ବିଭାଗ ପରସ୍ପରଠାରୁ ପୃଥକ୍ ରହିବା ଉଚିତ୍ । କ୍ଷମତାର ପୃଥକୀକରଣ ଦ୍ୱାରା ନିରଂକୁଶ ଶାସନର ଅନ୍ତ ଘଟିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ ମଧ୍ୟ "ପର୍ସିଆନ୍ ଲେଟରସ୍" ନାମରେ ଏକ ପୁସ୍ତକ ଲେଖି ସେଥିରେ ରାଜଦରବାର ଏବଂ ଅଭିଜାତବର୍ଗଙ୍କ କାର୍ଯ୍ୟକଳାପର ତୀବ୍ର ନିନ୍ଦା କରିଥିଲେ ।

### ଖ) ଭଲଟେୟାର (୧୬୯୪ - ୧୭୭୮)

ଭଲଟେୟାର ଥିଲେ ଏକାଧାରରେ ଜଣେ କବି, ଦାର୍ଶନିକ, ଐତିହାସିକ, ନାଟ୍ୟକାର, ଗାଳ୍ପିକ ଏବଂ ସମାଲୋଚକ । ସେ ତାଙ୍କ ରଚିତ ପୁସ୍ତକ "ଇଂରେଜଙ୍କ ଉପରେ ପତ୍ରମାନ" (Letters to the English) ରେ ତ୍ରୁଟିପୂର୍ଣ୍ଣ ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ସେ ଥିଲେ ମୁଖ୍ୟତଃ ଗୀର୍ଜା ଏବଂ ଧର୍ମଯାଜକ ଗୋଷ୍ଠୀର ସମାଲୋଚକ । ସେ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ତାଙ୍କ ମତରେ ଯେଉଁସବୁ କୁପ୍ରଥାର ପ୍ରଚଳନ ଯୋଗୁ ସମାଜ କଳୁଷିତ ହୋଇପଡ଼ିଛି, ସେ ଗୁଡ଼ିକର ବିଲୋପ ସାଧନ ଅତ୍ୟନ୍ତ ଜରୁରୀ । ମନୁଷ୍ୟର ପ୍ରଗତି ପଥରେ ଗୀର୍ଜା ଏକ ପ୍ରତିବନ୍ଧକ ବୋଲି ସେ କହୁଥିଲେ । ବିବେକ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରିବା ନିମନ୍ତେ ସେ ଉପଦେଶ ଦେଉଥିଲେ । ତାଙ୍କ ମତରେ, ଏକଶତ ମୂଷା ଅପେକ୍ଷା ଗୋଟିଏ ସିଂହ ଦ୍ୱାରା ଶାସିତ ହେବା ଶ୍ରେୟସ୍କର । ପ୍ରୁସିଆର ସମ୍ରାଟ ଫ୍ରେଡେରିକ୍ ମହାନ୍, ଭଲଟେୟାରଙ୍କ ସମାଲୋଚନା ମୂଳକ ଲେଖାର ପ୍ରଶଂସା କରୁଥିଲେ । ଫ୍ରାନ୍ସରେ ସାମ୍ବିଧାନିକ ରାଜତନ୍ତ୍ର ଶାସନ ପ୍ରଚଳନ ସପକ୍ଷରେ ସେ ଯୁକ୍ତି ଦର୍ଶାଇଥିଲେ । ଐତିହାସିକ ହେଜେନଙ୍କ ମତରେ "ଯେଉଁମାନେ ମୁକ୍ତିଯୁଦ୍ଧ ପାଇଁ ତାଲିକାଭୁକ୍ତ ହୋଇଛନ୍ତି, ସେମାନଙ୍କ ପାଇଁ ସେ ଥିଲେ ଦିନରେ ମେଘର ଏକ ସ୍ତମ୍ଭ ଏବଂ ରାତିରେ ଏକ ଅଗ୍ନି" । ବାସ୍ତବରେ ତାଙ୍କ ବିଦ୍ରୁପ ଏବଂ ଲେଖା ବିପ୍ଳବ ପାଇଁ ଅଗ୍ନି ସଂଚାର କଲା ।

ଗ) **ରୁଷୋ :**

ଫ୍ରାନ୍ସର ଯେଉଁ କେତେଜଣ ଦାର୍ଶନିକ ଫରାସୀ ବିପ୍ଳବ ପାଇଁ ଇନ୍ଧନ ଯୋଗାଇଥିଲେ, ରୁଷୋ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ । ଏହି ବିପ୍ଳବ ପାଇଁ ତାଙ୍କର ଅବଦାନ ଥିଲା ଅତୁଳନୀୟ । ଏକଦା ଫ୍ରାନ୍ସର ଏକଛତ୍ରବାଦୀ ଶାସକ ନେପୋଲିୟନ୍ କହିଥିଲେ ଯେ ଯଦି ରୁଷୋ ନ ଥାନ୍ତେ, ତେବେ ଫରାସୀ ବିପ୍ଳବ ସମ୍ଭବପର ହୋଇ ନଥାନ୍ତା । ୧୭୬୧ ରେ ସେ "ସାମାଜିକ ଚୁକ୍ତି" (Social Contact) ନାମକ ପୁସ୍ତକ ଲେଖି ସେଥିରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଶାସନର କଟୁ ସମାଲୋଚନା କରିଥିଲେ । ସେ ଉକ୍ତ ପୁସ୍ତକରେ ଉଲ୍ଲେଖ କରିଥିଲେ - "ମନୁଷ୍ୟ ମୁକ୍ତ ଭାବରେ ଜନ୍ମ ହୋଇଥାଏ ମାତ୍ର ପ୍ରତ୍ୟେକ ସ୍ଥାନରେ ଶୃଙ୍ଖଳ ଦ୍ୱାରା ପରିବେଷ୍ଟିତ ।" ରାଜା ଏବଂ ପ୍ରଜାଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ବଳରେ ରାଷ୍ଟ୍ର ସୃଷ୍ଟି ହୋଇଥାଏ ବୋଲି ସେ ମତ ଦେଇଥିଲେ । ରାଷ୍ଟ୍ରର ସାର୍ବଭୌମ କ୍ଷମତା ଯାହା "ସାଧାରଣ ମତ" (General Will) ନାମରେ କଥିତ, ତାହା ଆରମ୍ଭରୁ ପ୍ରଜାମାନଙ୍କ ହାତରେ ରହିଥାଏ ଏବଂ ଏକ ଚୁକ୍ତି ବଳରେ ରାଜା ତାହାର ଅଧିକାରୀ ହୋଇଥାଆନ୍ତି । ଏଣୁ ରାଜା ଉତ୍ତମ ଶାସନ ଯୋଗାଇଦେବା ପାଇଁ ବାଧ୍ୟ ଅଟନ୍ତି । ଯଦି ରାଜା ତାଙ୍କ କର୍ତ୍ତବ୍ୟ ପାଳନରେ ବିଫଳ ହୁଅନ୍ତି, ତେବେ ପ୍ରଜାମାନେ ତାଙ୍କୁ ବହିଷ୍କାର କରି ପାରିବେ । ସେ ଥିଲେ ଫରାସୀ ବିପ୍ଳବର ମୂଳମନ୍ତ୍ର, "ସାମ୍ୟ, ମୁକ୍ତି ଏବଂ ଭ୍ରାତୃତ୍ୱ"ର ପୁରୋଧା । ବାସ୍ତବରେ, ରୁଷୋଙ୍କ ସିଦ୍ଧାନ୍ତ ଫ୍ରାନ୍ସର ଜନସାଧାରଣଙ୍କ ମନରେ ବିପ୍ଳବାତ୍ମକ ଆଶା ସଂଚାର କରିବାରୁ ୧୭୮୯ ରେ ଏକ ବିପ୍ଳବ ସଂଘଟିତ ହେଲା ।

**ଫ୍ରାନ୍ସର କେତେଜଣ ବୁଦ୍ଧିଜୀବୀ ସେମାନଙ୍କର ବଳିଷ୍ଠ ଲେଖା ଦ୍ୱାରା ବୌଦ୍ଧିକ ବିପ୍ଳବ ଘଟାଇଥିଲେ ।**

କ) **ଦିଦେରୋ (Diderot) :**

ଦିଦେରୋ ଥିଲେ ଜଣେ ମହାନ୍ ବୁଦ୍ଧିଜୀବୀ । ସ୍ୱେଚ୍ଛାଚାରୀ ଶାସକ ଏବଂ ଧର୍ମଯାଜକ ଗୋଷ୍ଠୀ ସମସ୍ତ ତିକ୍ତତାକୁ ଜନ୍ମ ଦେଇଥାନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ୧୭୭୨ ରେ ସେ ଏକ ବିଶ୍ୱକୋଷ (Eucyclopedia) ର ସଂକଳନ କରି ରାଜାଙ୍କ ସ୍ୱେଚ୍ଛାଚାରିତା, ସାମନ୍ତମାନଙ୍କର ବିଶେଷ ଅଧିକାର ତଥା ଗୀର୍ଜାରେ ପ୍ରଚଳିତ ଦୁର୍ନୀତିର ତୀବ୍ର ନିନ୍ଦା କରିଥିଲେ । ତାଙ୍କ ଭାବନା ଫରାସୀ ବିପ୍ଳବ ପାଇଁ ଇନ୍ଧନ ଯୋଗାଇଥିଲା ।

ଖ) **କ୍ୱେସନେ (Quesney) :**

କ୍ୱେସନେ ଥିଲେ ଫ୍ରାନ୍ସର ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ । ସେ ମୁକ୍ତ ବାଣିଜ୍ୟ ନୀତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ, ଫ୍ରାନ୍ସରେ ପ୍ରଚଳିତ ନିରଂକୁଶ ରାଜତନ୍ତ୍ର ଶାସନକୁ ସାମ୍ବିଧାନିକ ଆକୃତି ଦେବାପାଇଁ ମତ ଦେଇଥିଲେ । ସେ ମଧ୍ୟ ବାଣିଜ୍ୟ ତଥା କୃଷି ସଂଗଠନ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ ।

ଗ) **କୋଣ୍ଡିଲାକ୍ (Condilac) :**

କୋଣ୍ଡିଲାକ୍ ଭୌତିକ ଦର୍ଶନ ତତ୍ତ୍ୱର ଅବତାରଣା କରିଥିଲେ । ସେ ମାନବଜାତିର ଭୌତିକ ସମୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ତାଙ୍କ ମତରେ ସ୍ୱାର୍ଥ ହିଁ ପ୍ରତ୍ୟେକ କର୍ମର ମୂଳଉତ୍ସ । ଏଣୁ ସେ କୁହନ୍ତି - "ମଣିଷ ମାନେ ହେଉଛନ୍ତି ସମ୍ପୂର୍ଣ୍ଣ ପଶୁ, ଏବଂ ପଶୁମାନେ ଅସମ୍ପୂର୍ଣ୍ଣ ମଣିଷ ।"

ଘ) **ହୋଲ୍‌ବାକ୍ (Holbach) :**

ହୋଲ୍‌ବାକ ଥିଲେ ଅତି ମାତ୍ରାରେ ଜଣେ ବସ୍ତୁବାଦୀ । ଧର୍ମ ଏବଂ ରାଜନୀତି ମନୁଷ୍ୟ ଦୁର୍ଗତିର ମୁଖ୍ୟ କାରଣ ବୋଲି ସେ ମତ ଦେଇଥିଲେ । ରାଜାମାନଙ୍କର କୁଶାସନକୁ ସେ ସମାଲୋଚନା କରିଥିଲେ । ଏଣୁ, ସେ ଧର୍ମ ତଥା ରାଜନୀତିର ମୂଳୋତ୍ପାଟନ ନିମନ୍ତେ ପରାମର୍ଶ ଦେଇଥିଲେ ।

ଙ) ହେଲଭେସିଅସ୍ (Helvetius) :

ଫ୍ରାନ୍ସର ଅନ୍ୟତମ ବୁଦ୍ଧିଜୀବୀ ହେଲଭେସିଅସ୍ କହିଥିଲେ ଯେ ବିଶ୍ୱବକ୍ଷରେ ଧର୍ମ ଏବଂ ସଦାଚାର ବୋଲି କିଛି ନାହିଁ । ଏହି ନୀତିରେ ପ୍ରତ୍ୟେକ ମନୁଷ୍ୟ ସ୍ୱାର୍ଥପର ଏବଂ ସୁଖପ୍ରିୟ ଅଟନ୍ତି ।

ସୁତରାଂ ଦାର୍ଶନିକ ତଥା ବୁଦ୍ଧିଜୀବୀମାନଙ୍କ ଭାବନା ଏବଂ ମତାମତ ଦ୍ୱାରା ଫ୍ରାନ୍ସର ଜନସାଧାରଣ ଏଭଳି ଭାବରେ ଅନୁପ୍ରାଣିତ ହୋଇ ପଡ଼ିଥିଲେ ଯଦ୍ୱାରା କି ଏକ ବିପ୍ଳବ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

୪. ଆମେରିକା ସ୍ୱାଧୀନତା ସଂଗ୍ରାମର ପ୍ରଭାବ :

୧୭୭୬ ମସିହାରେ ସଂଘଟିତ ଆମେରିକା ସ୍ୱାଧୀନତା ସଂଗ୍ରାମ ଫରାସୀ ବିପ୍ଳବ ନିମନ୍ତେ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା । ଲାଫାଏତ୍ (Lafayette)ଙ୍କ ନେତୃତ୍ୱରେ ସେଠାକୁ ଏକ ସ୍ୱେଚ୍ଛାସେବୀ ବାହିନୀ ପ୍ରେରଣ କରା ଯାଇଥିଲା । ସଂଗ୍ରାମର ଅବସାନ ପରେ ସେମାନେ ନୂତନ ଭାବନା ଏବଂ ଅଭିଜ୍ଞତା ସେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ସେମାନେ ଦେଶରେ ବିପ୍ଳବର ମନ୍ତ୍ର ପ୍ରଚାର କରିବାରୁ ବହୁଦିନ ଧରି ପୁଞ୍ଜିଭୂତ ହୋଇ ରହିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେଲା ।

୫. ଅର୍ଥନୈତିକ କାରଣ (Economic Cause) :

ଫ୍ରାନ୍ସରେ ଦେଖା ଦେଇଥିବା ଆର୍ଥନୀତିକ ସଂକଟ ଥିଲା ଫରାସୀ ବିପ୍ଳବର ମୁଖ୍ୟ କାରଣ । ସେହି ଆର୍ଥିକ ସଂକଟର ମୁଖ୍ୟ କାରଣ ହେଲା - ରାଜ ପରିବାର ତଥା ସମ୍ଭ୍ରାନ୍ତ ଗୋଷ୍ଠୀର ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ନିରବଚ୍ଛିନ୍ନ ଯୁଦ୍ଧ । ଅଷ୍ଟ୍ରିଆର ଉତ୍ତରାଧିକାରୀ ଯୁଦ୍ଧ ଏବଂ ସପ୍ତବର୍ଷୀ ଯୁଦ୍ଧରେ ଅଂଶଗ୍ରହଣ କରି ଫ୍ରାନ୍ସ ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲା । ଚତୁର୍ଦ୍ଦଶ ଲୁଇ ତାଙ୍କର ଉତ୍ତରାଧିକାରୀ ପଞ୍ଚଦଶ ଲୁଇଙ୍କୁ ଦେଶର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ, ସେଥିପ୍ରତି ସେ ଭ୍ରୂକ୍ଷେପ କଲେ ନାହିଁ । ଅର୍ଥର ଅପଚୟ କାରଣରୁ ରାଜକୋଷ କ୍ରମଶଃ ଶୂନ୍ୟ ହେବାକୁ ଲାଗିଲା । ଋଣଭାର ଦିନକୁ ଦିନ ବଢ଼ି ଚାଲିଲା । ରାଜଦରବାରରେ ପ୍ରଚଳିତ ଭ୍ରଷ୍ଟାଚାର ଏବଂ ଭୋଗବିଳାସ, ଆର୍ଥିକ ସଂକଟକୁ ଅଧିକ ଘନୀଭୂତ କଲା । ଦେଶକୁ ଆର୍ଥିକ ସଂକଟରୁ ରକ୍ଷା କରିବା ପାଇଁ ରାଜା ଷୋଡ଼ଶ ଲୁଇ ଯୁଦ୍ଧନୀତିକୁ ପରିହାର କରିଥିଲେ । କିନ୍ତୁ ଆମେରିକା ସ୍ୱାଧୀନତା ସଂଗ୍ରାମରେ ଫ୍ରାନ୍ସର ହସ୍ତକ୍ଷେପ ଆର୍ଥିକ ସ୍ଥିତିକୁ ଅଧିକ ଦୁର୍ବଳ କରିଦେଲା । ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହେବା ସହିତ ଋଣଭାର ବଢ଼ି ଚାଲିଲା । ଭୟଙ୍କର ଆର୍ଥିକ ଦୁରାବସ୍ଥା ସତ୍ତ୍ୱେ ରାଣୀ ତଥା ଦରବାରର କର୍ମଚାରୀମାନଙ୍କ ଖର୍ଚ୍ଚ ହ୍ରାସ ପାଇଲା ନାହିଁ । ଏଥିପାଇଁ ରାଣୀ ଏନ୍ତୋଇନେଟ୍‌ଙ୍କୁ "ମାଡାମ ନିଅଣ୍ଟ" (Madam deficit) ବୋଲି କୁହାଗଲା । ଆର୍ଥର ୟଙ୍ଗ୍ ଏବଂ ଆଦାମ ସ୍ମିଥ୍ ତତ୍‌କାଳୀନ ଫ୍ରାନ୍‌ସକୁ "ଅର୍ଥନୈତିକ ତ୍ରୁଟିର ସଂଗ୍ରାହାଳୟ" ବୋଲି ବର୍ଣ୍ଣନା କରିଛନ୍ତି ।

କ) ତୁର୍ଗୋ (Tutgot) :

ଦେଶକୁ ଆର୍ଥିକ ସଂକଟରୁ ରକ୍ଷା କରିବା ପାଇଁ ଷୋଡ଼ଶ ଲୁଇ ତୁର୍ଗୋ ନାମକ ଜଣେ ଅର୍ଥନୀତିଜ୍ଞଙ୍କୁ ଅର୍ଥମନ୍ତ୍ରୀ ଭାବରେ ନିଯୁକ୍ତ କଲେ । ସେ ରାଜଦରବାର ତଥା ସରକାରଙ୍କ ଖର୍ଚ୍ଚ ହ୍ରାସ ପାଇଁ ପ୍ରସ୍ତାବ ଦେବା ସହିତ ସମ୍ଭ୍ରାନ୍ତ ଏବଂ ଧର୍ମଯାଜକ ଗୋଷ୍ଠୀର ସଦସ୍ୟମାନେ ରାଷ୍ଟ୍ରକୁ କିଛି କର ପ୍ରଦାନ କରିବା ଜରୁରୀ ବୋଲି ମତ ଦେଲେ । ଶେଷରେ ରାଣୀ ମେରୀ ଆନ୍ତୋଇନେଟ୍‌ଙ୍କ ପ୍ରରୋଚନାରେ ୧୭୭୬ ରେ ରାଜା ତାଙ୍କୁ ବହିଷ୍କାର କଲେ । ଅର୍ଥମନ୍ତ୍ରୀ ପଦରୁ ବିତାଡ଼ିତ ହେବା ସମୟରେ, ସମ୍ରାଟଙ୍କୁ ସତର୍କ କରାଇ ଦେବାକୁ ଯାଇ ତୁର୍ଗୋ କହିଥିଲେ ଯେ ଏହି ପ୍ରକାରର ଆର୍ଥିକ ସଂକଟାବସ୍ଥା କାରଣରୁ ଇଂଲଣ୍ଡର ରାଜା ପ୍ରଥମ ଚାର୍ଲସ୍‌ଙ୍କୁ ମୁଣ୍ଡ ହରାଇବାକୁ ପଡ଼ିଥିଲା ।

ଖ) ନେକର (Necker) :

ତୁର୍ଗୋଙ୍କ ବିଦାୟ ପରେ ନେକରଙ୍କୁ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରାଗଲା । ଜଣେ ବ୍ୟାଙ୍କର ଭାବରେ ତାଙ୍କ ନିକଟରେ ଯଥେଷ୍ଟ ଅଭିଜ୍ଞତା ଥିଲା । ଏଣୁ, ସେ ଦେଶର ଆୟବ୍ୟୟର ଏକ ବିବରଣୀ ଲୋକଲୋଚନକୁ

ଆଣିଲେ । ମାତ୍ର, ତାଙ୍କର ଏହି କାର୍ଯ୍ୟ ସମ୍ଭ୍ରାନ୍ତଶ୍ରେଣୀ ତଥା ରାଣୀଙ୍କୁ କ୍ଷୁବ୍ଧ କଲା । ଏବଂ ରାଜା ବାଧ ହୋଇ ୧୭୮୧ ରେ ତାଙ୍କୁ ବହିଷ୍କାର କଲେ ।

ଗ) **କେଲୋନ୍ (Calonne) :**

୧୭୮୧ ରେ କେଲୋନଙ୍କୁ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରାଗଲା । ରାଣୀଙ୍କୁ ଖୁସି କରିବା ପାଇଁ ସେ ପ୍ରଥମେ ଋଣ ଗ୍ରହଣ ନିମନ୍ତେ ସୁପାରିଶ କରିଥିଲେ । ମାତ୍ର ୧୭୮୫ ରେ ଋଣ ପାଇବା ଆଦୌ ସମ୍ଭବ ହେଲା ନାହିଁ । ଏଣୁ ସାମନ୍ତ ଏବଂ ଧର୍ମଯାଜକଗୋଷ୍ଠୀ ଉପରେ କରଧାର୍ଯ୍ୟ କରିବା ପାଇଁ ପରାମର୍ଶ ଦେବାରୁ ତାଙ୍କୁ ମଧ୍ୟ ନିଜ ପଦବୀରୁ ବିଦାୟ ନେବାକୁ ପଡ଼ିଲା ।

ଘ) **ବ୍ରିଏନି : (Brienne)**

୧୭୮୭ ରେ ବ୍ରିଏନି ଫ୍ରାନ୍ସର ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ ହେଲେ । ରାଜକୋଷ ଶୂନ୍ୟ ହୋଇ ପଡ଼ିଥିଲାବେଳେ ଏବଂ ଋଣଭାର ଯୋଗୁ ଦେଶ ଦେବାଳିଆ ସ୍ଥିତିକୁ ଆସି ଯାଇଥିଲା ବେଳେ ନୂତନ ଅର୍ଥମନ୍ତ୍ରୀ ଉପାୟ ଶୂନ୍ୟ ହୋଇପଡ଼ିଲେ । ଶେଷରେ ରାଜା ଷୋଡ଼ଶ ଲୁଇ ସାମନ୍ତମାନଙ୍କର ଏକ ସଭା (Assembly of Notables) ଡକାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ସେ ବାଧ ହୋଇ ୧୭୮୯ ମେ ୫ ତାରିଖରେ ଇଷ୍ଟେଟ୍ସ୍ ଜେନେରାଲ୍‌ର ଏକ ଅଧିବେଶନ ଡକାଇଲେ । ଏହି ଇଷ୍ଟେଟସ୍ ଜେନେରାଲ (ଫ୍ରାନ୍ସର ସଂସଦ) ର ଅଧିବେଶନ ୧୭୫ ବର୍ଷ ଧରି ବସି ନଥିଲା । ଏହି ସଭାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଇଷ୍ଟେଟ୍‌ର କର୍ମକର୍ତ୍ତାଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ନିୟନ୍ତ୍ରଣ ବାହାରକୁ ଚାଲିଗଲା । ଶେଷରେ, ୧୭୮୯ ମସିହା ଜୁନ୍ ୧୭ ତାରିଖରେ ମୀରାବିଉଙ୍କ ନେତୃତ୍ୱରେ ତୃତୀୟ ଶ୍ରେଣୀର କର୍ମକର୍ତ୍ତାମାନେ ଜାତୀୟ ସଭା ଗଠନ କରି ବିପ୍ଳବ ଘୋଷଣା କଲେ । ୧୭୮୯ ମସିହା ଜୁଲାଇ ୧୪ ତାରିଖରେ ବାଷ୍ଟିଲଦୁର୍ଗ (Fort of Bastile) ର ପତନ ଘଟିଲା ଏବଂ ଏହି ବିପ୍ଳବର ଶଙ୍ଖଧ୍ୱନି ସମଗ୍ର ଦେଶକୁ ପ୍ରକମ୍ପିତ କଲା । ସେଥିପାଇଁ ଜୁଲାଇ ମାସ ୧୪ ତାରିଖକୁ ଫ୍ରାନ୍ସର ଜାତୀୟ ଦିବସ ରୂପେ ପାଳନ କରା ଯାଇଥାଏ ।

## ଫରାସୀ ବିପ୍ଳବର ତାତ୍ପର୍ଯ୍ୟ : (Significance of French Revolution)

୧୭୮୯ ମସିହା ଫରାସୀ ବିପ୍ଳବର ତାତ୍ପର୍ଯ୍ୟ ଏତେ ମାତ୍ରାରେ ସୁଦୂର ପ୍ରସାରୀ ଥିଲା ଯେ ଏହା କେବଳ ଫ୍ରାନ୍ସ ନୁହେଁ ବରଂ ସମଗ୍ର ବିଶ୍ୱ ଉପରେ ତାର ପ୍ରଭାବ ପ୍ରତିଫଳିତ ହେଲା । ସମଗ୍ର ବିଶ୍ୱବାସୀ ସ୍ୱତନ୍ତ୍ରତାର ପ୍ରକୃତ ଅର୍ଥ ବୁଝିବା ପାଇଁ ସମର୍ଥ ହେଲେ ।

କ) ଏହି ବିପ୍ଳବ ଯୋଗୁ କଳଙ୍କିତ ସମାନ୍ତବାଦ ପ୍ରଥାର ବିଲୋପ ସାଧିତ ହେଲା । ସୁବିଧାବାଦୀ ଶ୍ରେଣୀର ମଧ୍ୟ ଅନ୍ତ ଘଟିଲା ।

ଖ) ଏହି ବିପ୍ଳବ ପରେ ଗୀର୍ଜା ଏବଂ ଅଭିଜାତ ସମ୍ପ୍ରଦାୟ ଅଧୀନରେ ଥିବା ଭୂ-ସମ୍ପତ୍ତିକୁ ବାଜ୍ୟାପ୍ତ କରାଗଲା ।

ଗ) ଏହ ବିପ୍ଳବ ଯୋଗୁ ମଧ୍ୟଯୁଗୀୟ ରାଜତନ୍ତ୍ର ଶାସନ ପଦ୍ଧତିର ଅବସାନ ଘଟିଲା । ପୁନଶ୍ଚ, ଏହା ପ୍ରମାଣିତ କଲା ଯେ ପ୍ରକୃତ ସାର୍ବଭୌମ କ୍ଷମତା ଜନସାଧାରଣଙ୍କଠାରେ ନିହିତ ରହିଛି ।

ଘ) ଫରାସୀ ବିପ୍ଳବ ସମୟରେ ଉଚ୍ଚାରିତ ମନ୍ତ୍ର - "ସାମ୍ୟ, ମୁକ୍ତି ଏବଂ ଭାତୃତ୍ୱ" ବିଶ୍ୱବାସୀଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଲା । ଏହି ମନ୍ତ୍ରକୁ ବିଶ୍ୱବାସୀ ଜାତୀୟତାର ଆଦର୍ଶ ବୋଲି ମାନିନେଲେ ।

ଙ) ଫରାସୀ ବିପ୍ଳବ ଯୋଗୁ ଫ୍ରାନ୍ସରେ ଜନ୍ମ ନେଇଥିବା ଜାତିୟତା ଭାବନା ସେଠାକାର ଜନସାଧାରଣଙ୍କୁ ବିପ୍ଳବରେ ସାମିଲ ହେବା ପାଇଁ ପ୍ରେରଣା ଯୋଗାଇଲା । ପରାବର୍ତ୍ତୀ ସମୟରେ ଏହି ଜାତିୟତା ଗ୍ରୀସ୍, ଇଟାଲୀ, ଜର୍ମାନୀ ଆଦି ଦେଶରେ ପରିଲକ୍ଷିତ ହେଲା ।

ଚ) ବିପ୍ଳବ ସମୟରେ ପ୍ରକାଶ ପାଇଥିବା "ମାନବିକ ଅଧିକାର ଘୋଷଣାପତ୍ର" ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁକ୍ତି ଏବଂ ବାକ୍ ସ୍ୱାଧୀନତା ପ୍ରଦାନ କଲା । ଏଥି ଦ୍ୱାରା, ସେମାନେ ଏକତ୍ରିତ ହୋଇ ସଭା ସମିତିରେ ଅଂଶଗ୍ରହଣ କରିବାର ଅଧିକାର ପାଇଲେ । ଶାସନ କଳ ଜନସାଧାରଣଙ୍କର ସେବା ପାଇଁ ଉଦ୍ଦିଷ୍ଟ ବୋଲି ଏହା ସୂଚନା ଦେଲା ।

ଛ) ଫରାସୀ ବିପ୍ଳବ ପରେ ୧୭୯୧ ରେ ଫ୍ରାନ୍ସରେ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହେଲା । ବିଶ୍ୱର ପ୍ରଥମ ଲିଖିତ ସମ୍ବିଧାନ ଭାବରେ ଏହା ସମାଜରେ ସାମ୍ୟବାଦର ପ୍ରଚଳନ କରାଇଲା ।

ଜ) ଫରାସୀ ବିପ୍ଳବ ଯୋଗୁ କୃଷି-ଭୃତ୍ୟ ତଥା ଦାସ ପ୍ରଥାର ଉଚ୍ଛେଦ ଘଟିଲା । ସବୁ ଶ୍ରେଣୀର ଲୋକମାନେ ସମାନ ସୁବିଧା ସୁଯୋଗ ପାଇବା ପାଇଁ ସମର୍ଥ ହେଲେ ।

ଝ) ଏହି ବିପ୍ଳବ ପରେ ପୁରାତନ ଅନୁଷ୍ଠାନଗୁଡ଼ିକୁ ଉଚ୍ଛେଦ କରି ନୂତନ ବିଭାଗମାନ ସୃଷ୍ଟି କରାଗଲା । ପ୍ରତ୍ୟେକ ସ୍ଥାନୀୟ ଶାସନ ବିଭାଗର ମୁଖ୍ୟ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହେବାର ବ୍ୟବସ୍ଥା ରହିଲା ।

ଞ) ଏକ ଜାତୀୟ ବିଚାରାଳୟ ପ୍ରତିଷ୍ଠା କରାଯାଇ ଜାତୀୟ ସଭାଦ୍ୱାରା ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କର ବିଚାର କରାଗଲା । ଜୁରିମାନଙ୍କ ଦ୍ୱାରା ଫୌଜଦାରୀ ମୋକଦମା ଗୁଡ଼ିକର ବିଚାର କରାଗଲା ।

ସୁତରାଂ, ୧୭୮୯ ରେ ସଂଘଟିତ ଫରାସୀ ବିପ୍ଳବ ଫ୍ରାନ୍ସର ରାଜନୈତିକ, ସାମାଜିକ, ଅର୍ଥନୈତିକ ତଥା ଧର୍ମୀୟ ବ୍ୟବସ୍ଥାରେ ସଂସ୍କାର ଆଣିବା ସହିତ ବିଶ୍ୱର ଅନ୍ୟ ଦେଶମାନଙ୍କରେ ସଂସ୍କାରମୂଳକ ପଦକ୍ଷେପ ଆଣିବା ନିମନ୍ତେ ପ୍ରେରଣା ଯୋଗାଇଲା । ଏହି ବିପ୍ଳବ ଥିଲା ସାଧାରଣ ଲୋକଙ୍କର ବିଜୟ । ଏଣୁ ଐତିହାସିକ ଗୁଚ୍ (Gooch) କହନ୍ତି - "ଫରାସୀ ବିପ୍ଳବ ହେଉଛି ସମଗ୍ର ଇଉରୋପ ଇତିହାସର ଏକ ମୁଖ୍ୟ ଘଟଣା ।"

## ଆଦର୍ଶ ପ୍ରଶ୍ନାବଳୀ

### 'କ' - ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୪ଟି ବିକଳ୍ପ ମଧ୍ୟରୁ ବାଛି ଲେଖ ।

କ) "ମୁଁ ହେଉଛି ରାଷ୍ଟ୍ର" - ଏହା କାହାର ଉକ୍ତି ?

୧. ଚତୁର୍ଦ୍ଦଶ ଲୁଇ ୨. ପଞ୍ଚଦଶ ଲୁଇ ୩. ଷୋଡ଼ଶ ଲୁଇ ୪. ଅଷ୍ଟଦଶ ଲୁଇ

ଖ) "ଆଇନ୍‌ର ତାତ୍ପର୍ଯ୍ୟ" ପୁସ୍ତକର ସ୍ରଷ୍ଟା କିଏ ?

୧. ଭଲଟେୟାର ୨. ତୁରଗୋ ୩. ମଣ୍ଟେସ୍କ୍ୟୁ ୪. ନେକର

ଗ) କିଏ କହିଥିଲେ - "ବୋ ପରେ ମହାପ୍ଲାବନ"

୧. ରୁଷୋ ୨. ଆଦାମ ସ୍ମିଥ ୩. ଟ୍ରେଭେଲିଅନ ୪. ପଞ୍ଚଦଶ ଲୁଇ

ଘ) କେବେ ବାଷ୍ଟିଲ ଦୁର୍ଗର ପତନ ଘଟିଲା ?

୧. ୧୭୮୭ ଜୁଲାଇ ୧୪ ୨. ୧୭୮୯ ମେ ୫

୩. ୧୭୮୯ ଜୁଲାଇ ୧୪ ୪. ୧୭୯୧ ନଭେମ୍ବର ୫

ଙ) ଫରାସୀ ବିପ୍ଲବ ସମୟରେ ଫ୍ରାନ୍ସର ରାଜା କିଏ ଥିଲେ ?

୧. କେଲୋନୀ ୨. ଚତୁର୍ଦ୍ଦଶ ଲୁ ଇ ୩. ପଞ୍ଚଦଶ ଲୁଇ ୪. ଷୋଡ଼ଶ ଲୁଇ

୨. ଶୂନ୍ୟସ୍ଥାନ ପୂରଣ କର ।

କ) ୧୭୮୯ ମସିହା ଫରାସୀ ବିପ୍ଲବ ପୂର୍ବରୁ ସେଠାରେ ______________ ରାଜବଂଶ ଶାସନ କରୁଥିଲେ ।

ଖ) "ସାମାଜିକ ଚୁକ୍ତି" ପୁସ୍ତକର ରଚୟିତା ______________ ।

ଗ) ______________ "କ୍ଷମତାର ପୃଥକୀକରଣ" ଉପରେ ଗୁରୁତ୍ୱ ଦେଇଥିଲେ ।

ଘ) ମେରୀ ଆଣ୍ଟୋଇନେଟ୍ ______________ ଦେଶର ରାଜକୁମାରୀ ଥିଲେ ।

ଙ) ______________ ଙ୍କ ନେତୃତ୍ୱରେ ଫରାସୀ ସ୍ୱେଚ୍ଛାସେବୀମାନେ ଆମେରିକା ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ ।

### 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଲେଖ ।

କ) ଫ୍ରାନ୍ସର ସମାଜ କେତୋଟି ଶ୍ରେଣୀରେ ବିଭକ୍ତ ଥିଲା ଏବଂ ସେଗୁଡ଼ିକର ନାମ ଲେଖ ।

ଖ) "ଗିରଫ ପରୱାନା" କହିଲେ ତୁମେ କ'ଣ ବୁଝ ?

ଗ) ମେରୀ ଆଣ୍ଟୋଇନେଟ୍ କିଏ ଏବଂ ତାଙ୍କୁ କାହିଁକି ଫରାସୀ ବିପ୍ଲବ ପାଇଁ ଦାୟୀ କରାଗଲା ?

ଘ) ତୁରଗୋ କିଏ ? ତାଙ୍କୁ କାହିଁକି ବହିଷ୍କାର କରା ଯାଇଥିଲା ?

ଙ) ଭଲଟେୟାର କିଏ ଏବଂ ତାଙ୍କ ଲିଖିତ ପୁସ୍ତକର ନାମ କ'ଣ ଥିଲା ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ଚତୁର୍ଦ୍ଦଶ ଲୁଇ

ଖ) ସାମାଜିକ ଅସମାନତା

ଗ) ରଷୋ

ଘ) ମଣ୍ଟେସ୍କ୍ୟୁ

ଙ) ଭଲଟେୟାର

ଚ) ତୁରଗୋ

ଛ) ଜ୍ଞାନକୋଷ

## 'ଗ' ବିଭାଗ

## (ଦୀର୍ଘ ପ୍ରଶ୍ନୋତ୍ତର)

୧. ଫରାସୀ ବିପ୍ଲବର ଯେକୌଣସି ୨ଟି କାରଣ ଉଲ୍ଲେଖ କର ।

୨. ଫରାସୀ ବିପ୍ଲବର ବୌଦ୍ଧିକ କାରଣ ଆଲୋଚନା କର ।

୩. ଫରାସୀ ବିପ୍ଲବର ତାତ୍ପର୍ଯ୍ୟ ବୁଝାଅ ।

❑❑❑

Unit - V

ଚତୁର୍ଦ୍ଦଶ ଅଧ୍ୟାୟ

# ପ୍ରଥମ ବିଶ୍ୱଯୁଦ୍ଧର କାରଣସମୂହ ଏବଂ ଫଳାଫଳ

## (First World War : causes and consequences)

**(ଉଗ୍ର ଜାତୀୟତା, ଔଦ୍ୟୋଗିକ ପ୍ରତିଦ୍ୱନ୍ଦିତା, ବାଣିଜ୍ୟିକ ପ୍ରତିଦ୍ୱନ୍ଦିତା, ଔପନିବେଶିକ ପ୍ରତିଦ୍ୱନ୍ଦିତା, ନୂତନ ସାମ୍ରାଜ୍ୟବାଦ, ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା, ଗୁପ୍ତ ଏବଂ କୂଟନୈତିକ ସାମରିକ ମେଣ୍ଟ, କାଇଜର ୨ୟ ଉଇଲିୟମଙ୍କ ଚରିତ୍ର, ଶକ୍ତି-ଭାରସାମ୍ୟ, ମରକୋ ସଂକଟ, ବଲକାନ୍ ସମସ୍ୟା, ଆନ୍ତର୍ଜାତିକ ସଂସ୍ଥାର ଅନୁପସ୍ଥିତ, ସମ୍ବାଦପତ୍ରର ଦାୟିତ୍ୱହୀନତା ଏବଂ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡଙ୍କ ହତ୍ୟା)**

ବିଂଶ ଶତାବ୍ଦୀ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଇଉରୋପ ମହାଦେଶର ରାଜନୈତିକ ଦୃଶ୍ୟପଟ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇ ପଡ଼ିଥିଲା । ବିଭିନ୍ନ ରାଷ୍ଟ୍ର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସାମରିକ ଶକ୍ତି ପ୍ରଦର୍ଶନ ନିମନ୍ତେ ବ୍ୟଗ୍ର ହୋଇ ଉଠିଥିଲେ । ମିତ୍ରରାଷ୍ଟ୍ରମାନେ ନିରାପତ୍ତା ଉଦ୍ଦେଶ୍ୟରେ ଗୁପ୍ତ ତଥା କୂଟନୈତିକ ଚୁକ୍ତିରେ ଆବଦ୍ଧ ହେଲେ । ପ୍ରାଚ୍ୟ ସମସ୍ୟା କ୍ରମଶଃ ଗମ୍ଭୀର ରୂପ ନେଲା । ସାମରିକ ଶକ୍ତିର ଉତ୍‌ଥାନ, ସାମ୍ରାଜ୍ୟବାଦ, ଉପନିବେଶବାଦ, ଉଗ୍ରଜାତିୟତା ଇତ୍ୟାଦି ନୀତି ପରସ୍ପର ପ୍ରତି ଥିବା ଅବିଶ୍ୱାସ, ସନ୍ଦେହ ଏବଂ ବିଦ୍ୱେଷଭାବକୁ ଅଧିକ ଘନିଭୂତ କରାଇଲା । ଫଳରେ ଶକ୍ତି ଭାରସାମ୍ୟ ଦୁର୍ବଳ ହେବା ସହିତ ଶାନ୍ତିର ବାତାବରଣ କ୍ରମଶଃ କଳୁଷିତ ହେଲା ଏବଂ ଏକ ମହାଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

୧୯୧୪ ରୁ ୧୯୧୮ ମସିହା ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧ ଅବ୍ୟାହତ ରହିଥିଲା । ଦୀର୍ଘ ୧୫୬୫ ଦିନ ଧରି ଲାଗି ରହିଥିବା ଏହି ଯୁଦ୍ଧ ଥିଲା ସର୍ବାଧିକ ବ୍ୟୟସାପେକ୍ଷ ଏବଂ ରକ୍ତ ରଂଜିତ ଯୁଦ୍ଧ । ବିଶ୍ୱର ବହୁ ରାଷ୍ଟ୍ର ଏହି ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । ଏହି ଯୁଦ୍ଧର ପରିଣତି ଥିଲା ଅତ୍ୟନ୍ତ ହୃଦୟ ବିଦାରକ । ଏହି ଯୁଦ୍ଧରେ ବହୁ ନିରୀହ ଲୋକଙ୍କର ପ୍ରାଣହାନୀ ଘଟିବା ସହିତ ବିଜୟୀ ତଥା ପରାଜିତ ରାଷ୍ଟ୍ରମାନଙ୍କର ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇ ପଡ଼ିଥିଲା । ଏହି ଯୁଦ୍ଧର ଅବସାନ ସହିତ ଇଉରୋପୀୟ ସାମ୍ରାଜ୍ୟବାଦର ମୃତ୍ୟୁ ସଂକେତ ଘଣ୍ଟି ବାଜି ଉଠିଲା ଏବଂ ବିଶ୍ୱ-ରାଜନୀତିର ନୂତନ ମାର୍ଗ ପ୍ରସ୍ତୁତ ହେଲା ।

କାରଣ ସମୂହ :

ନିମ୍ନଲିଖିତ କାରଣମାନ ଯୋଗୁଁ ପ୍ରଥମ ବିଶ୍ୱଯୁଦ୍ଧ ଅନିର୍ବାଯ୍ୟ ହୋଇ ପଡ଼ିଥିଲା ।

୧. ଉଗ୍ର ଜାତୀୟତା : (Aggresive Nationalism)

୧୭୮୯ ମସିହା ମହାନ୍ ଫରାସୀ ବିପ୍ଳବ ସମୟରୁ ଇଉରୋପବାସୀ ଜାତିୟତା ମନ୍ତ୍ରରେ ଉଦ୍‌ବୁଦ୍ଧ ହେଲେ । ଜାତିୟତା ଭାବନା କ୍ରମଶଃ ଉଗ୍ର ରୂପ ଧାରଣ କଲା । ଏହି ଭାବନା ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଈର୍ଷା ଏବଂ ବିଦ୍ୱେଷଭାବ ସୃଷ୍ଟି କଲା । ପ୍ରତ୍ୟେକ ରାଷ୍ଟ୍ର ନିଜକୁ ଅନ୍ୟ ରାଷ୍ଟ୍ର ଅପେକ୍ଷା ଅଧିକ ଶକ୍ତିଶାଳୀ ବୋଲି ବିଚାର କଲା । ଏହା ଦ୍ୱାରା ପରସ୍ପର ପ୍ରତି ଥିବା ସନ୍ଦେହ ବୃଦ୍ଧି ପାଇବାରେ ଲାଗିଲା । ପ୍ରତ୍ୟେକ ଜାତି ନିଜକୁ ଭଲ ପାଇଲା ବେଳେ ଅନ୍ୟ ଜାତିକୁ ଈର୍ଷା କରିବାକୁ ଲାଗିଲା । ଏହି ଉଗ୍ର ଜାତୀୟତା ଭାବନା ଯୋଗୁଁ ସର୍ବିଆ ଏବଂ ଅଷ୍ଟ୍ରିଆ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଲା । ଏହି ଭାବନାର ବଶବର୍ତ୍ତୀ ହୋଇ ଇଂରେଜମାନେ ନିଜ ଦେଶକୁ ବିଶ୍ୱ ରାଜନୀତିର କେନ୍ଦ୍ରସ୍ଥଳୀ ବୋଲି ବିଚାର କଲାବେଳେ, ଫରାସୀମାନେ ନିଜକୁ

ଅତ୍ୟନ୍ତ ପବିତ୍ର ବୋଲି କହି ବୁଲିଲେ । ସେହିପରି ଜର୍ମାନବାସୀ ନିଜ ମାତୃଭୂମିକୁ ସମଗ୍ର ବିଶ୍ୱ ପାଇଁ ଈଶ୍ୱରଙ୍କ ଯୋଜନାର ପୀଠସ୍ଥଳୀ ବୋଲି ଘୋଷଣା କଲେ । ଇଂଲଣ୍ଡ ଏବଂ ଫ୍ରାନ୍ସ ନୂତନ ଭାବେ ଗଢ଼ି ଉଠିଥିବା ଜର୍ମାନୀ ଭିତରେ ସେମାନଙ୍କ ନିରାପତ୍ତା ପ୍ରତି ଥିବା ବିପଦକୁ ଦେଖିବାକୁ ପାଇଲେ । ସୁତରାଂ, ପ୍ରମୁଖ ଇଉରୋପୀୟ ରାଷ୍ଟ୍ରମାନଙ୍କ ମନରେ ଉଗ୍ର ଜାତିୟତା କାରଣରୁ ସୃଷ୍ଟି ହୋଇଥିବା ଗର୍ବ ଏବଂ ଅହଂକାର ଶେଷରେ ଏକ ମହା ଯୁଦ୍ଧ ପାଇଁ ପଥ ପ୍ରସ୍ତୁତ କଲା ।

## ୨. ଔଦ୍ୟୋଗିକ ପ୍ରତିଦ୍ୱନ୍ଦ୍ୱିତା (Industrial rivalry)

ବିଂଶ ଶତାବ୍ଦୀର ପ୍ରଥମ ଦଶକ ସୁଧା ଇଉରୋପୀୟ ରାଷ୍ଟ୍ରମାନଙ୍କରେ ଶିଳ୍ପ ବିପ୍ଲବ ଯୋଗୁ ଯଥେଷ୍ଟ ଆର୍ଥିକ ବିକାଶ ଘଟି ସାରିଥିଲା । ଶିଳ୍ପ ପ୍ରଧାନ ଦେଶମାନଙ୍କ ମଧ୍ୟରେ ଉତ୍ପାଦନ ବୃଦ୍ଧିକୁ ନେଇ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା । କଳକାରଖାନା ସଂଖ୍ୟା ବୃଦ୍ଧି ପାଇବାରୁ ବାହ୍ୟ ଦେଶମାନଙ୍କରୁ କଞ୍ଚାମାଲ ସଂଗ୍ରହ କରିବାର ଆବଶ୍ୟକତା ଅନୁଭୂତ ହେଲା । ଫଳରେ ଏସିଆ ଏବଂ ଆଫ୍ରିକାରୁ କଞ୍ଚାମାଲ ସଂଗ୍ରହ ପ୍ରସଂଗକୁ ନେଇ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଗଲା । ପୁନଶ୍ଚ, ଶିଳ୍ପଜାତ ଦ୍ରବ୍ୟ ଗୁଡ଼ିକୁ ଏସୀୟ ଏବଂ ଆଫ୍ରିକୀୟ ଦେଶମାନଙ୍କରେ ବିକ୍ରି କରି ପ୍ରଚୁର ଲାଭ ପାଇବା ପାଇଁ ଇଉରୋପର ଶିଳ୍ପ ପ୍ରଧାନ ଦେଶମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ଅତଏବ, ଇଉରୋପର ଶିଳ୍ପ ପ୍ରଧାନ ଦେଶମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଔଦ୍ୟୋଗିକ ପ୍ରତିଦ୍ୱନ୍ଦ୍ୱିତା ଥିଲା ପ୍ରଥମ ବିଶ୍ୱଯୁଦ୍ଧର ଅନ୍ୟତମ କାରଣ ।

## ୩. ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା (Commercial rivalry) :

ଇଉରୋପର ଶିଳ୍ପ ପ୍ରଧାନ ଦେଶମାନେ ଦରିଆପାରୀ ଦେଶମାନଙ୍କରେ ବଳକା ଶିଳ୍ପଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ମନ ବଳାଇବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା । ଯେଉଁ ଦେଶର ଦ୍ରବ୍ୟ ଯେତେ ଶସ୍ତାରେ ମିଳିଲା, ସେଠାକାର ଦରିଦ୍ର ଜନସାଧାରଣ ସେହି ଦେଶର ଦ୍ରବ୍ୟ ପ୍ରତି ଅଧିକ ଆକୃଷ୍ଟ ହେଲେ । ଏଣୁ ସ୍ୱଳ୍ପ ଦରରେ ନିଜ ନିଜ ଦେଶର ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ବିକ୍ରି କରିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା । ପ୍ରତ୍ୟେକ ଇଉରୋପୀୟ ରାଷ୍ଟ୍ର ବାହ୍ୟ ଦେଶମାନଙ୍କରେ ସ୍ୱପ୍ରସ୍ତୁତ ଦ୍ରବ୍ୟର ଚାହିଦା ସୃଷ୍ଟି କରିବା ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାରୁ ଏକ ମହାଯୁଦ୍ଧ ଆସନ୍ନ ପ୍ରାୟ ହୋଇ ପଡ଼ିଲା ।

## ୪. ଔପନିବେଶିକ ପ୍ରତିଦ୍ୱନ୍ଦ୍ୱିତା (Colonial rivalry) :

ପାଶ୍ଚାତ୍ୟ ରାଷ୍ଟ୍ରମାନେ ହୃଦୟଙ୍ଗମ କରିଥିଲେ ଯେ ରାଜନୈତିକ ପ୍ରାଧାନ୍ୟ ବିନା ଅର୍ଥନୈତିକ ପ୍ରଭାବ ବିସ୍ତାର କରିବା ଅସମ୍ଭବ । ନିଜ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବା ସହିତ କଳକାରଖାନା ପାଇଁ ଆବଶ୍ୟକ ହେଉ ଥିବା କଞ୍ଚାମାଲ ସଂଗ୍ରହ ଉଦ୍ଦେଶ୍ୟରେ ଶିଳ୍ପପ୍ରଧାନ ଦେଶମାନେ ଉପନିବେଶ ପ୍ରତିଷ୍ଠା ପାଇଁ ବ୍ୟଗ୍ରତା ପ୍ରକାଶ କଲେ । ଫଳରେ ଇଂଲଣ୍ଡ, ସ୍ପେନ, ପର୍ତ୍ତୁଗାଲ, ଜର୍ମାନୀ, ଫ୍ରାନ୍ସ, ହଲାଣ୍ଡ ଇତ୍ୟାଦି ଦେଶମାନଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା । ଏସିଆ ଏବଂ ଆଫ୍ରିକାରେ ଇଉରୋପୀୟ ଦେଶମାନଙ୍କ ଦ୍ୱାରା ଉପନିବେଶ ସ୍ଥାପିତ ହେବାରୁ ପରସ୍ପର ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଏବଂ ସଂଘର୍ଷ କ୍ରମଶଃ ବଢ଼ିଚାଲିଲା ଏବଂ ଏକ ବିଶ୍ୱଯୁଦ୍ଧର ସୂତ୍ରପାତ ହେଲା ।

## ୫. ନୂତନ ସାମ୍ରାଜ୍ୟବାଦ (New Imperialism) :

ଔଦ୍ୟୋଗିକ ପ୍ରତିଯୋଗିତାରୁ ଜନ୍ମ ନେଲା ନବ ସାମ୍ରାଜ୍ୟବାଦ । ଇଉରୋପୀୟ ଶକ୍ତିମାନେ ସାମ୍ରାଜ୍ୟ ବିସ୍ତାରକୁ ନେଇ ଗର୍ବ ଅନୁଭବ କଲେ । ଦୃଷ୍ଟାନ୍ତ ସ୍ୱରୂପ, ଇଂରେଜମାନେ ଗର୍ବର ସହିତ କହୁଥିଲେ ଯେ ସେମାନଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ । ସେହିପରି ଜର୍ମାନମାନେ ବିଶ୍ୱର ସର୍ବଶ୍ରେଷ୍ଠ ଯୋଦ୍ଧା ବୋଲି ଦାବୀ କରି ବସିଲେ । ପ୍ରତ୍ୟେକ ସାମ୍ରାଜ୍ୟବାଦୀ ଶକ୍ତି ଅନ୍ୟ ଶକ୍ତିମାନଙ୍କୁ ଶତ୍ରୁ ରୂପେ ବିଚାର କରିବାକୁ ଲାଗିଲେ । ଇଉରୋପୀୟ ରାଷ୍ଟ୍ରମାନଙ୍କ ସାମ୍ରାଜ୍ୟବାଦୀ ଭାବନା କ୍ରମଶଃ ପ୍ରଚଳିତ ରାଜନୈତିକ ସ୍ଥିତିକୁ ଜଟିଳ ଏବଂ ବିଭ୍ରାନ୍ତିତ କଲା । ବିଭିନ୍ନ ସ୍ଥାନରେ ସାମରିକ ଘାଟି ସ୍ଥାପନ କରି

ଇଉରୋପୀୟ ରାଷ୍ଟ୍ରମାନେ ନିଜ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଲାଗିଲେ । ନିଜର ଆର୍ଥିକ ତଥା ରାଜନୈତିକ ପ୍ରାଧାନ୍ୟ ବିସ୍ତାରକୁ ଦୃଷ୍ଟିରେ ରଖି ପାଶ୍ଚାତ୍ୟ ରାଷ୍ଟ୍ରମାନେ ପରସ୍ପରର କ୍ଷତି ଘଟାଇବା ପାଇଁ ପଛଘୁଞ୍ଚା ଦେଲେ ନାହିଁ । ଶେଷରେ, ସେମାନଙ୍କର ସ୍ୱାର୍ଥପର ମନୋଭାବ ଏକ ମହାଯୁଦ୍ଧ ପାଇଁ ଗର୍ତ୍ତ ଖନନ କଲା ।

**୬. ଅସ୍ତ୍ରଶସ୍ତ୍ର ବୃଦ୍ଧି ନିମନ୍ତେ ପ୍ରତିଯୋଗିତା : (Race for Armaments)**

ଇଉରୋପ ମହାଦେଶର ନିରାପତ୍ତା ପରିସ୍ଥିତି ପରସ୍ପର ବିରୋଧୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ସନ୍ଦେହ, ଭୟ ଏବଂ ଘୃଣା ଦ୍ୱାରା ଜଟିଳ ହୋଇ ପଡ଼ିଲା । ୧୮୭୦ ମସିହା ପରଠାରୁ ଇଉରୋପରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆରମ୍ଭ ହେଲା । ଜର୍ମାନୀ ୧୮୯୧ ରେ "ସେନା ଆଇନ୍" ଏବଂ ୧୯୦୬ ରେ "ନୌ ଆଇନ୍" ପ୍ରଣୟନ କରି ସୈନ୍ୟମାନଙ୍କର ସଂଖ୍ୟା ବୃଦ୍ଧି କରିବାରୁ ଅନ୍ୟ ଇଉରୋପୀୟ ରାଷ୍ଟ୍ରମାନେ ପ୍ରମାଦ ଗଣିବାକୁ ଲାଗିଲେ । ଅସ୍ତ୍ରଶସ୍ତ୍ର ବୃଦ୍ଧି ନିମନ୍ତେ ଆରମ୍ଭ ହୋଇଥିବା ପ୍ରତିଯୋଗିତା ରୂପକ ପାଗଳାମୀ ଶେଷରେ ପ୍ରତ୍ୟେକ ରାଷ୍ଟ୍ର ପାଇଁ ଆର୍ଥିକ ବୋଝର କାରଣ ହୋଇ ପଡ଼ିଲା । ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ନିମନ୍ତେ ପ୍ରତ୍ୟେକ ରାଷ୍ଟ୍ରକୁ ଅଜସ୍ର ଅର୍ଥ ଅଯଥା ଖର୍ଚ୍ଚ କରିବାକୁ ପଡ଼ିଲା । ଏହି ପ୍ରତିଯୋଗିତା ପଛରେ ଲୁଚି ରହିଥିବା କାରଣ ହେଲା, ବିଭିନ୍ନ ସମୟରେ ସ୍ୱାର୍ଥ ସାଧନ ଲାଗି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଏବଂ ପ୍ରତିକୂଳ ଚୁକ୍ତି । ଫ୍ରାନ୍ସ ଏବଂ ଜର୍ମାନୀ ଥିଲେ ପରସ୍ପରର ପାରମ୍ପରିକ ଶତ୍ରୁ । ଉଦାହରଣ ସ୍ୱରୂପ, ଭବିଷ୍ୟତରେ ଜର୍ମାନୀର କ୍ଷମତାକୁ ପ୍ରତିହତ କରିବାର ଲକ୍ଷ୍ୟ ନେଇ ଫ୍ରାନ୍ସ ଏକ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ରୁଷିଆକୁ ପ୍ରଚୁର ପରିମାଣର ଅର୍ଥ ଋଣ ଆକାରରେ ପ୍ରଦାନ କଲା । ୧୯୧୪ ମସିହାରେ ରୁଷିଆର ଯୁଦ୍ଧ ମନ୍ତ୍ରୀ କହିଥିଲେ "ରୁଷିଆ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଏବଂ ଫ୍ରାନ୍ସ ମଧ୍ୟ ତଦନୁରୂପ ପ୍ରସ୍ତୁତ ହେବା ଜରୁରୀ ।" ନିରସ୍ତ୍ରୀକରଣ ପ୍ରସ୍ତାବକୁ କୌଣସି ରାଷ୍ଟ୍ର ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେ ନାହିଁ । ଫଳରେ, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ି ଚାଲିଲା ଏବଂ ଶେଷରେ ଏହା ଏକ ବିଶ୍ୱଯୁଦ୍ଧ ପାଇଁ ଇନ୍ଧନ ଯୋଗାଇଲା ।

**୭. ଗୁପ୍ତ ଏବଂ କୂଟନୈତିକ ସାମରିକ ମେଣ୍ଟ ଗଠନ (Secret and Diplomatic Alliance) :**

ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଗଢ଼ି ଉଠିଥିବା ଗୁପ୍ତ ତଥା କୂଟନୈତିକ ସାମରିକ ମେଣ୍ଟ ଥିଲା ପ୍ରଥମ ବିଶ୍ୱଯୁଦ୍ଧର ଏକ ପ୍ରମୁଖ କାରଣ । ଜର୍ମାନୀ ରାଷ୍ଟ୍ରର ଜନକ ଅଟୋଭନ୍ ବିସ୍ମାର୍କ ସର୍ବ ପ୍ରଥମେ ଚୁକ୍ତି ଗଠନ ପ୍ରକ୍ରିୟାକୁ ଜନ୍ମ ଦେଇଥିଲେ । ୧୮୭୦ ମସିହାରେ ଫ୍ରାନ୍ସକୁ ସିଡେନ୍ ଯୁଦ୍ଧରେ ପରାଜିତ କରି ବିସ୍ମାର୍କ ଆଲସେସ୍ ଏବଂ ଲରେନ୍ ଅଞ୍ଚଳ ଦ୍ୱୟକୁ ତାଠାରୁ ଛଡ଼ାଇ ଆଣିଥିଲେ । ଫଳରେ ଫ୍ରାନ୍ସ ସେହି ଅପମାନ ଜନକ ପରାଜୟକୁ କେବେ ବି ଭୁଲି ପାରିଲା ନାହିଁ ଏବଂ ପ୍ରତିଶୋଧ ପରାୟଣ ହୋଇ ରହିଲା । ବିସ୍ମାର୍କ ଥିଲେ ଜଣେ ମହାନ୍ କୂଟନୀତିଜ୍ଞ ଏବଂ ଦୂର ଦୃଷ୍ଟିସମ୍ପନ୍ନ ପ୍ରଶାସକ । ବିଶ୍ୱ ରାଜନୀତିରେ ଫ୍ରାନ୍ସକୁ ଏକ ଘରକିଆ କରି ରଖିବା ପାଇଁ ସେ କୂଟନୈତିକ ମିତ୍ରତା ସ୍ଥାପନକୁ ଅଗ୍ରାଧିକାର ପ୍ରଦାନ କଲେ । ସର୍ବ ପ୍ରଥମେ ୧୮୭୩ ମସିହାରେ ଜର୍ମାନୀ, ରୁଷିଆ ଏବଂ ଅଷ୍ଟ୍ରିଆ ମଧ୍ୟରେ "ତିନି ସମ୍ରାଟ ସଂଘ" ଗଠିତ ହେଲା । ୧୭୭୮ ମସିହାରେ ବର୍ଲିନ୍ ସମ୍ମିଳନୀ ସମାପ୍ତ ହେଲାପରେ ରୁଷିଆ ସେହି ସଂଘରୁ ଓହରି ଗଲା । ପୁନଶ୍ଚ, ୧୮୭୯ ମସିହାରେ ଜର୍ମାନୀ ଏବଂ ଅଷ୍ଟ୍ରିଆ ମଧ୍ୟରେ ଦ୍ୱିଶକ୍ତି ମେଣ୍ଟ ସ୍ୱାକ୍ଷରିତ ହେଲା । ୧୮୮୨ ମସିହାରେ ଇଟାଲୀ ସେହି ମେଣ୍ଟରେ ସାମିଲ ହେଲା । ଫଳରେ ଇଉରୋପର ରାଜନୈତିକ ରଂଗମଂଚରେ ଗଠିତ ହେଲା "ତ୍ରିଶକ୍ତି ମେଣ୍ଟ" ।

୧୮୯୦ ମସିହାରେ ବିସ୍ମାର୍କ ଶାସନ କ୍ଷମତାରୁ ବିଦାୟ ନେଲାପରେ ଇଉରୋପର ରାଜନୈତିକ ଦୃଶ୍ୟପଟ ବଦଳିଗଲା । ୧୮୯୨ ରେ ରୁଷିଆ ଏବଂ ଫ୍ରାନ୍ସ ଦ୍ୱିଶକ୍ତି ଚୁକ୍ତି ଗଠନ କଲେ । ଇତ୍ୟବସରରେ ଜର୍ମାନୀର ସମ୍ରାଟ ୨ୟ କାଇଜର ଉଇଲିୟମଙ୍କ "ବିଶ୍ୱ ଉପରେ ନିୟନ୍ତ୍ରଣ ବିସ୍ତାର ନୀତି" ଇଂଲଣ୍ଡକୁ "ଏକୁଟିଆ ରହିବା ନୀତି" ପରିହାର କରିବା ପାଇଁ ବାଧ୍ୟ କଲା । ୧୯୦୨ ମସିହାରେ ଇଂଲଣ୍ଡ ଏବଂ ଜାପାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ୧୯୦୪ ମସିହାରେ ଇଂଲଣ୍ଡ ଏବଂ ଫ୍ରାନ୍ସ ଏକ ଚୁକ୍ତିରେ ସାମିଲ ହେଲେ । ଶେଷରେ ୧୯୦୭ ରେ ଇଂଲଣ୍ଡ, ଫ୍ରାନ୍ସ ଏବଂ ରୁଷିଆ ମଧ୍ୟରେ "ତ୍ରିଶକ୍ତି ଚୁକ୍ତି" ସ୍ୱାକ୍ଷରିତ ହେଲା ।

ଅତଏବ, ସମଗ୍ର ଇଉରୋପ ୨ଟି ସେନା ଛାଉଣୀରେ ବିଭକ୍ତ ହେବାରୁ ପ୍ରଥମ ବିଶ୍ୱଯୁଦ୍ଧ ସମୟ ସାପେକ୍ଷ ହୋଇ ରହିଲା ।

୮. କାଇଜର ୨ୟ ଉଇଲିୟମ୍‌ଙ୍କ ଚରିତ୍ର : (Character of 2nd Kaiser William)

୧୮୮୮ ମସିହାରେ, ଦ୍ୱିତୀୟ କାଇଜର ଉଇଲିୟମ୍, ଜର୍ମାନୀର ସମ୍ରାଟ ଭାବରେ ଅଧିଷ୍ଠିତ ହେଲେ । ସେ ଥିଲେ ଅତ୍ୟନ୍ତ ଉଚ୍ଚାକାଂକ୍ଷୀ । ତାଙ୍କର ସ୍ୱପ୍ନ ଥିଲା ଅସୀମ । ଜର୍ମାନୀକୁ ସର୍ବଶ୍ରେଷ୍ଠ ଶକ୍ତି ରୂପେ ଗଢ଼ି ତୋଳିବାକୁ ସେ ଆଶା ପୋଷଣ କରିଥିଲେ । ଜର୍ମାନୀର ହସ୍ତକ୍ଷେପ ବିନା ବିଶ୍ୱବକ୍ଷରେ କୌଣସି କାର୍ଯ୍ୟ ସମ୍ଭବ ନୁହେଁ ବୋଲି ସେ ଘୋଷଣା କଲେ । ପୁନଶ୍ଚ "ସମଗ୍ର ବିଶ୍ୱକୁ ସୁଖୀ କରିବା ପାଇଁ ଈଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ ଦେଇଛନ୍ତି" ବୋଲି ସେ ଗର୍ବର ସହିତ ପ୍ରକାଶ କଲେ । କାହାରି ସହିତ ସାଲିସ୍ କରି ବଞ୍ଚିବାରେ ସେ ବିଶ୍ୱାସ କରୁ ନଥିଲେ । କେବଳ କେନାଲର ପୁନଃଖନନ ତଥା ସେନାବାହିନୀର ସଂପ୍ରସାରଣରେ ସେ ଯଥେଷ୍ଟ ଅର୍ଥ ବ୍ୟୟ କଲେ । ତାଙ୍କର କାର୍ଯ୍ୟକଳାପରୁ ଜର୍ମାନୀକୁ କୌଣସି ସୁଫଳ ମିଳିଲା ନାହିଁ । ସୁତରାଂ, ଜର୍ମାନୀର ଶାସକ ଦ୍ୱିତୀୟ କାଇଜର ଉଇଲିୟମ୍‌ଙ୍କ ଦମ୍ଭ, ଗର୍ବ ତଥା ଯୁଦ୍ଧଖୋର ମନୋଭାବ ଏକ ବିଶ୍ୱଯୁଦ୍ଧ ପାଇଁ ମାର୍ଗ ଉନ୍ମୁକ୍ତ କଲା ।

୯. ଶକ୍ତି – ଭାରସାମ୍ୟ :

୧୮୧୫ ମସିହାରେ ଆହୂତ ଭିଏନା ସମ୍ମିଳନୀରେ ଶକ୍ତି -ଭାରସାମ୍ୟ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ୧୮୧୫ ରୁ ୧୯୧୪ ପର୍ଯ୍ୟନ୍ତ କେବଳ ମାତ୍ର କ୍ରିମିଆ ଯୁଦ୍ଧ ବ୍ୟତୀତ ଇଉରୋପରେ ଶକ୍ତି-ଭାରସାମ୍ୟ ରକ୍ଷା ସମ୍ଭବପର ହୋଇ ପାରିଥିଲା । କିନ୍ତୁ, ବିଂଶ ଶତାବ୍ଦୀର ୨ୟ ଦଶକରେ ପୂର୍ବର ଶକ୍ତି-ଭାରସାମ୍ୟ ସମ୍ପୂର୍ଣ୍ଣରୂପେ ଦୋହଲିଗଲା ।

୧୦. ମରକୋ ସଂକଟ :

୧୯୦୪ ମସିହାରେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ମିତ୍ରତା ସ୍ଥାପନ ହେଲାପରେ ଫ୍ରାନ୍ସ ମରକୋ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ମନ ବଳାଇଲା । ଜର୍ମାନୀର କାଇଜର, ମରକୋର ଟାଞ୍ଜିଏର ଠାରେ ଉପସ୍ଥିତ ହୋଇ ସବୁଦେଶକୁ ସମାନ ବାଣିଜ୍ୟିକ ସୁଯୋଗ ଦେବା ପାଇଁ ଦାବୀ କଲେ । ଫଳରେ ଫ୍ରାନ୍ସ ପୂର୍ବରୁ ଉପଭୋଗ କରୁଥିବା ଅଧିକାରରୁ ବଞ୍ଚିତ ହେଲା । ୧୯୦୬ ମସିହାରେ ଆଲ୍‌ଜିୟର୍ସ ଠାରେ ଆହୂତ ସମ୍ମିଳନୀରେ ଫ୍ରାନ୍ସ କୌଣସି ପରିସ୍ଥିତିରେ ମରକୋ ଅଧିକାର କରିପାରିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ୧୯୧୧ ମସିହାରେ ଆଗାଦିର ସଂକଟକୁ ପାଥେୟ କରି ଫ୍ରାନ୍ସ, ମରକୋ ଅଧିକାର ନିମନ୍ତେ ସୈନ୍ୟ ପ୍ରେରଣ କଲା । ଫଳରେ, ଜର୍ମାନୀର କାଇଜର କାଳବିଳମ୍ବ ନ କରି ଆଗାଦିର ବନ୍ଦରକୁ ଏକ ଯୁଦ୍ଧ ଜାହାଜ ପ୍ରେରଣ କଲେ । ଅପର ପକ୍ଷରେ, ଇଂରେଜ ସରକାର ଫ୍ରାନ୍ସକୁ ସମର୍ଥନ ଜଣାଇଲେ । ସେତେବେଳକୁ କାଇଜର ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲେ । ଏଣୁ, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପନ୍ଥାକୁ ସେ କିଛି ମୁହୂର୍ତ୍ତ ପାଇଁ ଆଦରି ନେଲେ ଏବଂ ଭବିଷ୍ୟତରେ ଫ୍ରାନ୍ସ ଏବଂ ଇଂଲଣ୍ଡକୁ ଉଚିତ୍ ଶିକ୍ଷା ଦେବା ପାଇଁ ଯୋଜନା ପ୍ରସ୍ତୁତ କଲେ ।

୧୧. ବଲ୍‌କାନ ସମସ୍ୟା :

ରୁମାନିଆ, ବୁଲଗେରିଆ, ସର୍ବିଆ ଏବଂ ଆଲ୍‌ବାନିଆ ଆଦି ଦେଶକୁ ନେଇ ବଲ୍‌କାନ ଅଞ୍ଚଳ ଗଠିତ ହୋଇଥିଲା । ବହୁ ପୂର୍ବରୁ ସେହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା । ବଲ୍‌କାନ ସଂକଟର ମୁଖ୍ୟ କାରଣ ଥିଲା ଅଷ୍ଟ୍ରିଆ ଓ ସର୍ବିଆ ତଥା ଅଷ୍ଟ୍ରିଆ ଏବଂ ରୁଷିଆ ମଧ୍ୟରେ ବିବାଦ । ଉଭୟ ରୁଷିଆ ଏବଂ ଅଷ୍ଟ୍ରିଆ ସେହି ଅଞ୍ଚଳ ଉପରେ ପ୍ରଭାବ ବିସ୍ତାର କରିବା ପାଇଁ ଚାହୁଁଥିଲେ । ଏକଦା ବିସମାର୍କ କହିଥିଲେ, "ମୁଁ ବିଶ୍ୱ ଯୁଦ୍ଧ ଦେଖି ପାରିବି ନାହିଁ, ମାତ୍ର ସେହି ଯୁଦ୍ଧ ଦିନେ ନା ଦିନେ ପ୍ରାଚ୍ୟରେ ହିଁ ଆରମ୍ଭ ହେବ ।" ଶେଷରେ ତାଙ୍କର ସେହି ମନ୍ତବ୍ୟ ବାସ୍ତବ ରୂପ ନେଲା ।

**୧୨. ଆନ୍ତର୍ଜାତିକ ସଂଗଠନର ଅନୁପସ୍ଥିତି :**

ଆନ୍ତର୍ଜାତିକ ସମସ୍ୟାର ସମାଧାନ ନିମନ୍ତେ ସେପରି କୌଣସି ବିଶ୍ୱ ସଂଗଠନ ନଥିଲା । ସାମରିକ ଶକ୍ତି ପ୍ରୟୋଗ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ କରା ଯାଉଥିଲା । ଯୁଦ୍ଧଖୋର ମନୋଭାବ ପୋଷଣ କରୁଥିବା ଦେଶମାନେ ସଦାସର୍ବଦା ଆନ୍ତର୍ଜାତିକ ଆଇନ୍‌ର ଉଲ୍ଲଂଘନ କରୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରମାନେ ନିରବତା ପାଳନ କରିବାକୁ ବାଧ୍ୟ ହେଉଥିଲେ । ଯେତେବେଳେ ବୃହତ୍ ଶକ୍ତିମାନଙ୍କର ଜାତୀୟ ସ୍ୱାର୍ଥ ବାଧାପ୍ରାପ୍ତ ହେଲା ସେତେବେଳେ ଯୁଦ୍ଧ ଏକମାତ୍ର ବିକଳ୍ପ ଭାବରେ ଉଭା ହେଲା ।

**୧୩. ସମ୍ବାଦପତ୍ରର ଦାୟିତ୍ୱହୀନ ଭୂମିକା :**

ଅଷ୍ଟିଆ, ଜର୍ମାନୀ, ଫ୍ରାନ୍‌ସ, ସର୍ବିଆ ଇତ୍ୟାଦି ଦେଶରେ ସମ୍ବାଦପତ୍ର ଦ୍ୱାରା ବିବାଦୀୟ ତଥା ମିଥ୍ୟା ତଥ୍ୟ ପ୍ରକାଶ କରାଯାଇ ଜନମତକୁ ବିଭ୍ରାନ୍ତ କରାଗଲା । ଫ୍ରାନ୍‌ସ ଏବଂ ଜର୍ମାନୀ ମଧ୍ୟରେ ସୃଷ୍ଟି ହୋଇଥିବା ଏକ ସାମାନ୍ୟ ବିବାଦକୁ ସାମ୍ବାଦିକମାନଙ୍କ ଦ୍ୱାରା ଏକ ମହା ବିପତ୍ତି ବୋଲି ବର୍ଣ୍ଣନା କରାଗଲା । ଫ୍ରାନ୍‌ସରୁ ପ୍ରସାରିତ ସମ୍ବାଦପତ୍ରରେ ଜର୍ମାନୀ ବିରୋଧରେ ନିନ୍ଦା ଏବଂ ତିରସ୍କାରର ଏକ ଅଭିଯାନ ଆରମ୍ଭ କରାଗଲା । ସମ୍ବାଦପତ୍ରରେ ପ୍ରକାଶିତ ଖବର ଦ୍ୱାରା ଫ୍ରାନ୍‌ସ ଏବଂ ଜର୍ମାନୀ ମଧ୍ୟରେ ଏଭଳି ତିକ୍ତତା ସୃଷ୍ଟି ହେଲା ଯଦ୍ଦ୍ୱାରାକି ଦୁଇ ଦେଶ ମଧ୍ୟରେ ବନ୍ଧୁତା କେବେ ବି ସମ୍ଭବପର ହୋଇ ପାରିଲା ନାହିଁ । ସେମାନଙ୍କ ମଧ୍ୟରେ କେବଳ ମାତ୍ର, ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ ହୋଇ ରହିଲା ।

**୧୪. ଆର୍ଚ୍ଚଡ୍ୟୁକ ଫ୍ରାନ୍‌ସିସ୍ ଫର୍ଡ଼ିନ୍ୟାଣ୍ଡଙ୍କ ହତ୍ୟା (Assassination of Archduke Francis Ferdinand) :**

ସମଗ୍ର ଇଉରୋପରେ ଏକ ଯୁଦ୍ଧର କଳା ବାଦଲ ଜମାଟ ବାନ୍ଧୁଥିଲାବେଳେ, ସରାଜେଭୋ ଘଟଣାଟି ଅଗ୍ନି ସ୍ଫୁଲିଙ୍ଗର କାର୍ଯ୍ୟ କଲା । ୧୯୧୪ ମସିହା ଜୁନ୍ ୨୮ ତାରିଖରେ ଅଷ୍ଟ୍ରିଆର ଭାବି ଉତ୍ତରାଧିକାରୀ ଆର୍କ ଡିଉକ୍ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡ ଏବଂ ତାଙ୍କର ପତ୍ନୀ ସୋଫିଆଙ୍କୁ ବୋସନିଆର ରାଜଧାନୀ ସାରାଜେଭୋଠାରେ "କଳା ହସ୍ତ" ବା "Black Hand" ନାମକ ଏକ ସନ୍ତ୍ରାସବାଦୀ ସଂଗଠନର ସଭ୍ୟ, ଗାଭ୍ରିଲୋ ପ୍ରିନ୍‌ସିପ୍ ଗୁଳିକରି ହତ୍ୟା କଲେ । ୧୯୦୮ ମସିହାରେ ଅଷ୍ଟ୍ରିଆ ବଳପୂର୍ବକ ଭାବରେ ବୋସନିଆ ଏବଂ ହରଜେଗୋଭିନା ନାମକ ୨ଟି ସହର ଅଧିକାର କରାନେବାରୁ ସର୍ବିଆ ସହିତ ତାର ସମ୍ପର୍କ ତିକ୍ତ ହୋଇ ପଡ଼ିଥିଲା । ଅଷ୍ଟ୍ରିଆର ଭାବି ଉତ୍ତରାଧିକାରୀଙ୍କ ହତ୍ୟା ସର୍ବିଆ ବିରୋଧରେ ପ୍ରତିଶୋଧ ନେବା ପାଇ ଏକ ସୁଯୋଗ ସୃଷ୍ଟି କଲା । ଏହି ହତ୍ୟାକାଣ୍ଡ ଲାଗି ଅଷ୍ଟ୍ରିଆର ସରକାର ସର୍ବିଆକୁ ଦାୟୀ କଲେ । ଜୁଲାଇ ୨୩ ତାରିଖରେ ଅଷ୍ଟ୍ରିଆର ସମ୍ରାଟ ଫ୍ରାନ୍‌ସିସ୍, ସର୍ବିଆକୁ ଏକ ଚରମ ପତ୍ର ପ୍ରଦାନ କଲେ, ମାତ୍ର ସର୍ବିଆର ଉତ୍ତର ଅଷ୍ଟ୍ରିଆକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ଜର୍ମାନୀ ଠାରୁ ପ୍ରତିଶ୍ରୁତି ପାଇଲା ପରେ ଜୁଲାଇ ମାସ ୨୮ ତାରିଖରେ ଅଷ୍ଟ୍ରିଆର ସରକାର ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲେ । ଏହି ଯୁଦ୍ଧ ସଂଗଠିତ ହେବାର ମାତ୍ର ତିନିଦିନ ପରେ ରୁଷିଆର ସରକାର ସର୍ବିଆ ବିରୋଧରେ ଯୁଦ୍ଧ ଘୋଷଣା କଲାବେଳେ, ଜର୍ମାନୀ ଅଗଷ୍ଟ ୧ ତାରିଖରେ ରୁଷିଆ ବିରୋଧରେ ଯୁଦ୍ଧ ଘୋଷଣା କଲା । ଫ୍ରାନ୍‌ସ, ରୁଷିଆର ସହଯୋଗୀ ହୋଇଥିବାରୁ ଅଗଷ୍ଟ ୩ ତାରିଖରେ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧରେ ଯୋଗଦାନ କଲା । ସେହିପରି ଅଗଷ୍ଟ ୪ ତାରିଖରେ ଜର୍ମାନୀକୁ ବିରୋଧ କରି ଇଂଲଣ୍ଡ, ସର୍ବିଆ ସପକ୍ଷରେ ଯୁଦ୍ଧରେ ଯୋଗଦାନ କଲା । ୧୯୧୭ ମସିହାରେ ଆମେରିକା, ଜର୍ମାନୀ ବିରୋଧରେ ଯୁଦ୍ଧରେ ଯୋଗଦାନ କରିବାରୁ ମିତ୍ରଶକ୍ତି ଯୁଦ୍ଧରେ ବିଜୟୀ ହେବାର ସମ୍ଭାବନା ସୃଷ୍ଟି ହେଲା ।

ସୁତରାଂ, ଏହା ନିସନ୍ଦେହରେ କୁହାଯାଇପାରେ ଯେ ପ୍ରଥମ ବିଶ୍ୱଯୁଦ୍ଧ ଏକ ଆକସ୍ମିକ ଘଟଣା ନଥିଲା । ଏହା ଥିଲା ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଲାଗି ରହିଥିବା ଶତ୍ରୁତା, ବଲ୍‌କାନ୍ ଅଞ୍ଚଳରେ ସୃଷ୍ଟି ହୋଇଥିବା ବିବାଦ ଏବଂ ସର୍ବୋପରି ୧୮୭୦ ମସିହାରୁ ଜର୍ମାନୀ ଏବଂ ଫ୍ରାନ୍‌ସ ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱର ଅନ୍ତିମ ପରିଣତି ।

**ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ :**

ଦୀର୍ଘ ୧୫୬୫ ଦିନ ଧରି ଅବ୍ୟାହତ ରହିଥିବା ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ ଥିଲା ସୁଦୂରପ୍ରସାରୀ । ୧୯୧୪ ମସିହା ପୂର୍ବରୁ ସଂଗଠିତ ସମସ୍ତ ଯୁଦ୍ଧଠାରୁ ଏହା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଏହା ଥିଲା ପ୍ରଥମ ଯୁଦ୍ଧ ଯେଉଁଥିରେ ବିଜୟୀ ତଥା ପରାଜିତ ରାଷ୍ଟ୍ର ସମୂହର ସମ୍ବଳ ନିୟୋଜିତ ହୋଇଥିଲା । ଏହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ହୋଇଥିବାରୁ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ପ୍ରତିଫଳିତ ହେଲା । ଫ୍ରାନ୍ସ, ଇଂଲଣ୍ଡ ଇତ୍ୟାଦି ବିଜୟୀ ଶକ୍ତିମାନେ ୧୯୧୯ ମସିହା ପ୍ୟାରିସ୍ ସମ୍ମିଳନୀରେ ଏକତ୍ରିତ ହୋଇ ପରାଜିତ ଜର୍ମାନୀ ଉପରେ ଭାର୍ସାଇ ସନ୍ଧି ଲଦିଦେଲେ ।

୧. ଏହି ଯୁଦ୍ଧ ଯୋଗୁଁ ଧନଜୀବନର ଅଭୂତପୂର୍ବ କ୍ଷତି ଘଟିଲା । ୧୯୩୧ ମସିହାରେ, ଆନ୍ତ-ସଂସଦୀୟ ଅନୁସନ୍ଧାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ତଥ୍ୟ ଅନୁଯାୟୀ ପାଖାପାଖି ୪ କୋଟି ୧୪ ଲକ୍ଷ ୩୫ ହଜାର ସୈନିକ ଏବଂ ଜନସାଧାରଣ ଏହି ଯୁଦ୍ଧରେ ପ୍ରାଣ ହରାଇଥିଲେ । ଅସଂଖ୍ୟ ବ୍ୟକ୍ତି ଅନାହାର ତଥା ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁବରଣ କଲେ । ଶରଣାର୍ଥୀମାନଙ୍କୁ ଥଇଥାନ କରିବାର ସମସ୍ୟା ଗୁରୁତର ହୋଇ ପଡ଼ିଲା । ଏହି ଯୁଦ୍ଧ ପରେ ଇଉରୋପରେ ଜନ୍ମହାର ହ୍ରାସ ପାଇଲା ।

୨. ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ପରେ ଇଉରୋପ୍‌ରେ ଆର୍ଥିକ ଦୁରାବସ୍ଥା ଭୟଙ୍କର ରୂପ ନେଲା । ଜାତୀୟ ଋଣଭାର ବୃଦ୍ଧି ପାଇବା ସହିତ ମୁଦ୍ରା ସ୍ଫୀତି ସାଧାରଣ ଆର୍ଥିକ ଅବସ୍ଥାକୁ ବିପନ୍ନ କରିଦେଲା । ଇଉରୋପରେ ବାଣିଜ୍ୟ ଭାରସାମ୍ୟ ସ୍ଥିତି ଦୁର୍ବଳ ହୋଇ ପଡିଲା । ବେକାରୀ ସମସ୍ୟା ବହୁଳଭାବରେ ବୃଦ୍ଧି ପାଇବା ସହ ଅପରିପୁଷ୍ଟ ଅବସ୍ଥା ସୃଷ୍ଟି ହେଲା ।

୩. ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ପରେ ଜର୍ମାନୀ, ଅଷ୍ଟ୍ରିଆ ଏବଂ ରୁଷିଆର ରାଜତନ୍ତ୍ର ଶାସନ ବ୍ୟବସ୍ଥା ଭାଙ୍ଗି ପଡ଼ିଲା । ଜାତୀୟତା ପୁନରୁତ୍‌ଥିତ ହେଲା । ଅଷ୍ଟ୍ରିଆ-ହଙ୍ଗେରୀ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହେଲାପରେ ପୋଲାଣ୍ଡ, ଯୁଗୋସ୍ଲୋଭିଆ, ଚେକୋସ୍ଲୋଭାକିଆ, ଲିଥୁଆନିଆ, ଏସ୍ତୋନିଆ ଏବଂ ଲାଟଭିଆ ଆଦି ନୂତନ ତଥା ସ୍ୱାଧୀନ ରାଷ୍ଟ୍ରମାନ ଆତ୍ମପ୍ରକାଶ କଲା ।

୪. ଏହି ଯୁଦ୍ଧ ପରେ ସୁଦୂର ପ୍ରାଚ୍ୟରେ ଜାପାନର ଉତ୍‌ଥାନ ଥିଲା ଇଉରୋପ ଏବଂ ଆମେରିକା ପାଇଁ ପ୍ରତିଯୋଗିତାର ଆହ୍ୱାନ ।

୫. ପ୍ରଥମ ବିଶ୍ୱଯୁଦ୍ଧର ଅନ୍ୟତମ ପ୍ରମୁଖ ଫଳାଫଳ ଥିଲା ତୁର୍କି ସାମ୍ରାଜ୍ୟର ବିଲୟ ଏବଂ ବିଭାଜନ । ମିତ୍ର ଶକ୍ତିମାନଙ୍କ ହସ୍ତକ୍ଷେପ ଯୋଗୁଁ ଆରବ ଅଞ୍ଚଳ ଗୁଡ଼ିକ ତୁର୍କି ସାମ୍ରାଜ୍ୟରୁ ପୃଥକ ହୋଇଗଲେ ।

୬. ସମଗ୍ର ବିଶ୍ୱରେ, ଗଣତନ୍ତ୍ରକୁ ନିରାପଦ ରଖିବା ପାଇଁ ଆମେରିକାର ରାଷ୍ଟ୍ରପତି ଉଇଲ୍‌ସନଙ୍କ ସ୍ୱପ୍ନ ସାକାର ହୋଇ ପାରିଲା ନାହିଁ । ଇଟାଲୀରେ ଫାସୀବାଦ ଏବଂ ଜର୍ମାନୀରେ ନାଜିବାଦର ଅଭ୍ୟୁଦୟ ଯୋଗୁଁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେଲା ଏବଂ ବିଶ୍ୱଶାନ୍ତି ବ୍ୟାହତ ହେଲା ।

୭. ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ପରେ ବିଶ୍ୱ ରାଜନୀତିରେ ଯୁକ୍ତରାଷ୍ଟ୍ର ଆମେରିକା ଏକ ମହାଶକ୍ତିରୂପେ ଦୃଶ୍ୟମାନ ହେଲା । ଇଉରୋପର ପୁନଃ ନିର୍ମାଣ ତଥା ଯୁଦ୍ଧର କ୍ଷତି ପୂରଣ ପ୍ରଦାନ ନିମନ୍ତେ ଜର୍ମାନୀକୁ ଋଣ ଆକାରରେ ପ୍ରଚୁର ଅର୍ଥ ପ୍ରଦାନ କରିବାରୁ ଏହାର ଆର୍ଥିକ ସ୍ଥିତି ଦୃଢ଼ିଭୂତ ହେଲା ।

୮. ଏହି ଯୁଦ୍ଧ ପରେ ପରାଜିତ ଜର୍ମାନୀ ଏବଂ ତାର ସହଯୋଗୀ ରାଷ୍ଟ୍ରମାନଙ୍କୁ ଅପମାନିତ ହେବାକୁ ପଡ଼ିଲା । ବିଜୟୀ ରାଷ୍ଟ୍ରମାନେ, ଜର୍ମାନୀଠାରୁ ଯୁଦ୍ଧର କ୍ଷତି ପୂରଣ ବାବଦକୁ ପ୍ରଚୁର ଅର୍ଥ ଦାବୀ କଲେ । ଜର୍ମାନୀଠାରୁ

ଯୁଦ୍ଧ ଜାହାଜ, ସମସ୍ତ ଉପନିବେଶ ତଥା ଉନ୍ନତ ଅଞ୍ଚଳମାନ ଛଡ଼ାଇ ନିଆଗଲା । ଜର୍ମାନୀ ଉପରେ ଭାର୍ସାଇ ସନ୍ଧି ଲଦି ଦିଆଗଲା । ଅତଏବ୍ ଆର୍ଥିକ ଏବଂ ସାମରିକ ଦୃଷ୍ଟିରୁ ଜର୍ମାନୀ ଦୁର୍ବଳ ହୋଇ ପଡ଼ିଲା ।

୯. ସ୍ଥାୟୀ ବିଶ୍ୱ ଶାନ୍ତି ରକ୍ଷା ଏବଂ ଭବିଷ୍ୟତରେ ବିଶ୍ୱବାସୀଙ୍କୁ ନିରାପତ୍ତା ପ୍ରଦାନ ଉଦ୍ଦେଶ୍ୟରେ ଜାତିସଂଘ ନାମରେ ଏକ ବିଶ୍ୱ ସଂଗଠନ ପ୍ରତିଷ୍ଠା କରାଗଲା । ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ବିଶ୍ୱ ଶାନ୍ତି ରକ୍ଷା ନିମନ୍ତେ ୧୪ ଦଫା ଯୋଜନା ପ୍ରସ୍ତୁତ କଲେ ।

୧୦. ୧୯୧୯ ମସିହା ଭାର୍ସାଇ ସନ୍ଧି ସର୍ତ୍ତକୁ ନେଇ ଜର୍ମାନୀ, ଇଟାଲୀ ଏବଂ ଜାପାନ ସନ୍ତୁଷ୍ଟ ନଥିଲେ । ଜର୍ମାନୀ ଏହି ଚୁକ୍ତିକୁ "ଅଘୋଷିତ ଚୁକ୍ତି" ବୋଲି ବିବେଚନା କଲା । ଜର୍ମାନୀ, ଇଟାଲୀ ଏବଂ ଜାପାନରେ ଏକଛତ୍ରବାଦର ଉତ୍ଥାନ ହେବାରୁ , ବିଶ୍ୱଶାନ୍ତି ରକ୍ଷା କରିବାରେ ଜାତିସଂଘ ସମ୍ପୂର୍ଣ୍ଣ ବିଫଳ ହେଲା । ସୁତରାଂ ପ୍ରଥମ ବିଶ୍ୱଯୁଦ୍ଧ, ୨ୟ ବିଶ୍ୱଯୁଦ୍ଧର ବୀଜ ବପନ କରିଥିଲା ବୋଲି ବିଚାର କରାଯାଏ ।

## ସମ୍ଭାବିତ ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ପ୍ରଥମ ବିଶ୍ୱଯୁଦ୍ଧ କେବେ ସଂଗଠିତ ହୋଇଥିଲା ।

୧. ୧୯୧୪ ୨. ୧୯୧୫ ୩. ୧୯୧୬ ୪. ୧୯୧୭

ଖ) ତ୍ରିଶକ୍ତି ମେଣ୍ଟ କେବେ ଗଠିତ ହୋଇଥିଲା ?

୧. ୧୮୮୧ ୨. ୧୮୮୨ ୩. ୧୮୮୩ ୪. ୧୮୮୪

ଗ) ତ୍ରିଶକ୍ତି ମୈତ୍ରୀ କେବେ ଗଠିତ ହୋଇଥିଲା ?

୧. ୧୯୦୫ ୨. ୧୯୦୬ ୩. ୧୯୦୭ ୪. ୧୯୦୮

ଘ) କେବେ ମରକୋ ସଂକଟ ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଥିଲା ?

୧. ୧୯୦୬ ୨. ୧୯୦୮ ୩. ୧୯୧୦ ୪. ୧୯୧୧

ଙ) ଅଷ୍ଟ୍ରିଆର ଭାବି ଉତ୍ତରାଧିକାରୀଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ?

୧. ଆଗାଦିର ୨. ସାରାଜେଭୋ ୩. ହରଜେଗୋଭିନା ୪. ବାଗ୍‌ଦାଦ

୨. ଶୂନ୍ୟସ୍ଥାନ ପୂରଣ କର ।

କ) ______ ରୁ ______ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧ ଅବ୍ୟାହତ ରହିଥିଲା ।

ଖ) ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ଶାସକ ଥିଲେ ______ ।

ଗ) ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ______ ଙ୍କ ଚେଷ୍ଟା ଯୋଗୁଁ ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ଘଟିଥିଲା ।

ଘ) ଫର୍ଡିନାଣ୍ଡ ଏବଂ ସୋଫିଆଙ୍କୁ ______________ ସଂଗଠନର ଜଣେ ସଭ୍ୟ ହତ୍ୟା କରିଥିଲେ ।

ଙ) ଭାର୍ସାଇ ସନ୍ଧି ______________ ମସିହାରେ ସ୍ୱାକ୍ଷରିତ ହୋଇଥିଲା ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟ ମଧ୍ୟରେ ଲେଖ ।

କ) ତ୍ରିଶକ୍ତି ମେଣ୍ଟ କେବେ ଏବଂ କାହା କାହା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?

ଖ) ତ୍ରିଶକ୍ତି ମୈତ୍ରୀ କେବେ ଏବଂ କାହା କାହା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?

ଗ) ଫ୍ରାନ୍ସିସ୍ ଫର୍ଡିନାଣ୍ଡଙ୍କୁ କେବେ ଏବଂ କେଉଁଠାରେ ହତ୍ୟା କରାଯାଇଥିଲା ?

ଘ) କେବେ ଏବଂ କେଉଁଠାରେ ଭାର୍ସାଇ ସନ୍ଧିରେ ସ୍ୱାକ୍ଷର କରିବା ପାଇଁ ଜର୍ମାନୀକୁ ବାଧ୍ୟ କରାଯାଇଥିଲା ?

ଙ) ଯୁକ୍ତରାଷ୍ଟ୍ର ଆମେରିକା କେବେ ପ୍ରଥମ ବିଶ୍ୱଯୁଦ୍ଧରେ ଯୋଗଦାନ କଲା ଏବଂ କାହିଁକି ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ତ୍ରିଶକ୍ତି ମେଣ୍ଟ

ଖ) ତ୍ରିଶକ୍ତି ମୈତ୍ରୀ

ଗ) ମରକ୍କୋ ସଂକଟ

ଘ) କାଇଜର ଉଇଲିୟମ୍

ଙ) ଉଡ୍ରୋ ଉଇଲସନ୍

ଚ) ବଲ୍‌କାନ୍ ସମସ୍ୟା

## 'ଗ' ବିଭାଗ

୫. ଦୀର୍ଘ ପ୍ରଶ୍ନୋତ୍ତର :

କ) ପ୍ରଥମ ବିଶ୍ୱଯୁଦ୍ଧର କାରଣମାନ ଲେଖ ।

ଖ) ପ୍ରଥମ ବିଶ୍ୱଯୁଦ୍ଧର ଯେକୌଣସି ୪ଟି କାରଣ ଉଲ୍ଲେଖ କର ।

ଗ) ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ ଆଲୋଚନା କର ।

❑❑❑

ପଞ୍ଚଦଶ ଅଧ୍ୟାୟ

# ୧୯୧୭ ମସିହା ଋଷ ବିପ୍ଳବ : କାରଣ ଓ ଫଳାଫଳ

# (Russian Revolution of 1917 - causes and consequences)

***ଜାରତନ୍ତ୍ରର ସ୍ୱେଚ୍ଛାଚାରିତା, ଜାର ଦ୍ୱିତୀୟ ନିକୋଲାସ୍‌ଙ୍କ ଅଦୂରଦର୍ଶିତା, ୧୯୦୪ ମସିହା ରୁଷ-ଜାପାନ ଯୁଦ୍ଧରେ ଜାରଙ୍କ ପରାଜୟ, ଜାରଙ୍କ ଦମନନୀତି, ପ୍ରଥମ ବିଶ୍ୱଯୁଦ୍ଧରେ ରୁଷିଆର ଶୋଚନୀୟ ପରାଜୟ, ରାସ୍‌ପୁଟିନ୍‌ଙ୍କ ଭୂମିକା, ସାମାଜିକ ଅସନ୍ତୋଷ, ବୁଦ୍ଧିଜୀବୀମାନଙ୍କର ଭୂମିକା, ନିହିଲିଜମ୍ ବା ନାସ୍ତିବାଦର ଅଭ୍ୟୁଦୟ, ଲେନିନ୍ ଏବଂ ତାଙ୍କ ବଲ୍‌ସେଭିକ୍ ଦଳର ଭୂମିକା***

୧୭୮୯ ମସିହାର ମହାନ୍ ଫରାସୀ ବିପ୍ଳବ ପରେ ୧୯୧୭ ମସିହାର ଋଷ ବିପ୍ଳବ ବିଶ୍ୱ ଇତିହାସର ଏକ ପ୍ରମୁଖ ଘଟଣା ରୂପେ ବିବେଚିତ । ଫରାସୀ ବିପ୍ଳବ ବିଶ୍ୱବାସୀଙ୍କୁ ସ୍ୱତନ୍ତ୍ରତା, ସମାନତା ଏବଂ ଏକତାର ବାର୍ତ୍ତା ଦେଇଥିଲାବେଳେ, ଋଷ ବିପ୍ଳବ ମଣିଷ ଜୀବନର ସାମାଜିକ ଏବଂ ଆର୍ଥନୀତିକ ପରିସର ମଧ୍ୟକୁ 'ସମାନତା' ଆଣିବା ପାଇଁ ଲକ୍ଷ ରଖିଥିଲା । ଏହି ବିପ୍ଳବ ଫଳରେ ରୁଷିଆର ସାମାଜିକ ଏବଂ ଅର୍ଥନୈତିକ ଦିଗବଳୟରେ ଯୁଗାନ୍ତକାରୀ ପରିବର୍ତ୍ତନ ସଂଗଠିତ ହେଲା ।

**କାରଣ ସମୂହ :**

ପ୍ରତ୍ୟେକ ବିପ୍ଳବ ସଂଗଠିତ ହେବା ପଛରେ ବହୁତ ଗୁଡ଼ିଏ କାରଣ ନିହିତ ରହିଥାଏ । ସେହି ଧାରାରେ ୧୯୧୭ ମସିହାରେ ସଂଗଠିତ ଋଷ ବିପ୍ଳବର ପ୍ରଚ୍ଛଦପଟରେ ଅନେକ ଗୁଡ଼ିଏ କାରଣ ନିହିତ ଥିବା ସ୍ୱୀକାର କରାଯାଏ ।

**୧. ଜାରତନ୍ତ୍ରର ସ୍ୱେଚ୍ଛାଚାରିତା :**

ରୁଷିଆର ଜାର ମାନେ ଥିଲେ ସ୍ୱେଚ୍ଛାଚାରୀ । ଜାରଙ୍କ ନାମରେ ଶାସନ ପରିଚାଳିତ ହେଉଥିଲା । ସେ ଥିଲେ ସମଗ୍ର ଶାସନ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ । ଶାସନ ରୂପକ ବ୍ୟବସାୟକୁ ଚଳାଇବା ପାଇଁ ସେ କେବେ ବି ସଂସଦ ବା ଡୁମାର ପରାମର୍ଶ ନେଉନଥିଲେ । ୧୮୫୪-୫୫ ମସିହାରେ କ୍ରିମିଆ ଯୁଦ୍ଧରେ ରୁଷିଆର ପରାଜୟ ଜାର ପ୍ରଥମ ନିକୋଲାସଙ୍କ ଅପାରଗତାକୁ ପ୍ରମାଣିତ କଲା । ତାଙ୍କ ଉତ୍ତରାଧିକାରୀ, ଜାର ୨ୟ ଆଲେକଜାଣ୍ଡାର ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ "ଦାସତ୍ୱ" ଏବଂ "କୃଷିଭୃତ୍ୟ ପ୍ରଥା" ଉଚ୍ଛେଦ କରିବା ସହିତ ଶାସନ କ୍ଷେତ୍ରରେ କିଛି ସଂସ୍କାର ଆଣିବା ପାଇଁ ଉଦ୍ୟମ କଲେ । ମାତ୍ର ତାଙ୍କ ସଂସ୍କାରମୁଖୀ କାର୍ଯ୍ୟକ୍ରମ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରି ପାରିଲା ନାହିଁ ଏବଂ ଶେଷରେ ସେ ୧୮୮୧ରେ ଆତତାୟୀଙ୍କ ହସ୍ତରେ ନିହତ ହେଲେ । ତାଙ୍କ ଉତ୍ତରାଧିକାରୀ ଜାର ତୃତୀୟ ଆଲେକ୍‌ଜାଣ୍ଡାର ନିଜର ନିରଂକୁଶ ଶାସନ ବଜାୟ ରଖି ୧୮୯୪ ରେ ଶେଷ ନିଃଶ୍ୱାସ ତ୍ୟାଗ କରିବାରୁ ପ୍ରଜାମାନେ ଆଶ୍ୱସ୍ତ ହେଲେ । ସେତେବେଳକୁ ଜାରତନ୍ତ୍ରକୁ ଧ୍ୱଂସ କରିବା ପାଇଁ ଦେଶବାସୀ ପ୍ରସ୍ତୁତ ହୋଇ ସାରିଥିଲେ ।

**୨. ଜାର ଦ୍ୱିତୀୟ ନିକୋଲାସ୍‌ଙ୍କ ଅଦୂରଦର୍ଶିତା :**

ଦୂରଦୃଷ୍ଟି ଅଭାବରୁ ନୂତନ ଜାର, ୨ୟ ନିକୋଲାସ୍ ନିଜ ପୂର୍ବପୁରୁଷମାନଙ୍କ ପରି ନିରଂକୁଶ ଶାସନ ଜାରି ରଖିଥିଲେ । ସେ ଦୃଢ଼ ଭାବରେ ଘୋଷଣା କରିଥିଲେ, "ଗୋଟିଏ ଜାର, ଗୋଟିଏ ଚର୍ଚ୍ଚ ଏବଂ ଗୋଟିଏ ରୁଷିଆ" । ତାଙ୍କର ଏହି ଉକ୍ତି ଦେଶବାସୀଙ୍କୁ କ୍ଷୁବ୍ଧ କଲା । ସେ କେବେ ଚିନ୍ତା କରି ନଥିଲେ ଯେ ସେ ହେବେ ରୁଷିଆର ସର୍ବଶେଷ ଜାର୍ । ଶାସନ

Scanned by CamScanner

ପରିଚାଳନାରେ ଜାରିନା ଆଲେକ୍‌ଜାଣ୍ଡ୍ରାଙ୍କ ଅଯଥା ହସ୍ତକ୍ଷେପ ଯୋଗୁଁ ଅରାଜକତା ଏବଂ ଭ୍ରଷ୍ଟାଚାର ବୃଦ୍ଧି ପାଇବାକୁ ଲାଗିଲା । ଫଳରେ ଅପାରଗ ଜାର ୨ୟ ନିକୋଲାସ୍ ନିଜ ଦୁର୍ଭାଗ୍ୟକୁ ଆବରି ନେବା ବ୍ୟତୀତ ତାଙ୍କ ପାଖରେ କିଛି ବିକଳ୍ପ ନଥିଲା ।

୩. ୧୯୦୪ ମସିହା ରୁଷ-ଜାପାନ ଯୁଦ୍ଧରେ ଜାରଙ୍କ ପରାଜୟ :

୧୯୦୪ ମସିହାରେ କ୍ଷୁଦ୍ର ଜାପାନ ହସ୍ତରେ ବୃହତ୍ ରୁଷିଆର ପରାଜୟ ଜାରତନ୍ତ୍ରର ଦୁର୍ବଳତାକୁ ପ୍ରମାଣିତ କଲା । ଏହି ପରାଜୟ ପାଇଁ ସମଗ୍ର ଶାସନ ବ୍ୟବସ୍ଥାରେ ଚାଲିଥିବା ଦୁର୍ନୀତି ଏବଂ ସେନାବାହିନୀର ଅପାରଗତାକୁ ଦାୟୀ କରାଗଲା । ୧୯୦୫ ମସିହାରେ ଜାର, ୨ୟ ନିକୋଲାସ୍ ଜାପାନ ସହିତ "ପୋର୍ଟସ ମାଉଥ୍ ସନ୍ଧି" ସ୍ୱାକ୍ଷର କଲେ । ବୁଦ୍ଧିଜୀବୀ ଏବଂ ସର୍ବସାଧାରଣ, ସଂସ୍କାର ଆଣିବା ପାଇଁ ଦାବୀ କଲେ । କିନ୍ତୁ, ଜାର ନିକୋଲାସ୍ ଜନମତକୁ ଭ୍ରୂକ୍ଷେପ କଲେ ନାହିଁ । ଫଳରେ ଜନଅସନ୍ତୋଷ ପ୍ରବଳ ବେଗରେ ବଢ଼ି ଚାଲିଲା ଏବଂ ଏକ ବିପ୍ଳବ ଆସନ୍ନ ପ୍ରାୟ ହୋଇ ପଡ଼ିଲା ।

୪. ଜାରଙ୍କ ଦମନନୀତି :

୧୯୦୫ ମସିହା, ଜାନୁଆରୀ ମାସ ଗୋଟିଏ ରବିବାରରେ ବହୁସଂଖ୍ୟକ ବିକ୍ଷୋଭକାରୀ ଗ୍ୟାପନ୍ ନାମକ ଜଣେ ଧର୍ମଯାଜକଙ୍କ ନେତୃତ୍ୱରେ ସେଣ୍ଟପିଟରସ୍‌ବର୍ଗ ସହରସ୍ଥିତ ଜାରଙ୍କ "ଶୀତ ପ୍ରାସାଦ" ଆଡ଼କୁ ଅଗ୍ରସର ହେଲେ । ଜାରଙ୍କ ନିକଟରେ ଏକ ଅଭିଯୋଗ ପତ୍ର ଉପସ୍ଥାପନ କରିବା ଥିଲା ସେମାନଙ୍କର ଲକ୍ଷ୍ୟ । କିନ୍ତୁ ସୈନ୍ୟମାନଙ୍କ ଆଖିବୁଜା ଗୁଳିଚାଳନା ଫଳରେ ବହୁ ବିକ୍ଷୋଭକାରୀ ନିହତ ହେଲେ । ଏପରିକି ଜାରଙ୍କ ପିତୃବ୍ୟ ଗ୍ରାଣ୍ଡଡ୍ୟୁକ୍ ସାର୍ଜ ମଧ୍ୟ ନିହତ ହେଲେ । ଏହି "ରକ୍ତମୁଖୀ ରବିବାର ହତ୍ୟାକାଣ୍ଡ" ଘଟଣା ପ୍ରସାରିତ ହେବାମାତ୍ରେ, ରୁଷିଆର ଚାରିଆଡ଼େ ହିଂସାକାଣ୍ଡ ଦେଖିବାକୁ ମିଳିଲା । ବିକ୍ଷୋଭକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜାର ଦ୍ୱିତୀୟ ନିକୋଲାସ୍ ୧୯୦୫ରେ "ଅକ୍ଟୋବର ଇସ୍ତାହାର" ପ୍ରକାଶ କଲେ । ଏହି ଇସ୍ତାହାର ଅନୁଯାୟୀ ଡୁମାର ଅଧିବେଶନ ବସିଲା ମାତ୍ର କିଛି ସୁଫଳ ମିଳିଲା ନାହିଁ । ନବ ନିଯୁକ୍ତ ମନ୍ତ୍ରୀ ଷ୍ଟୋଲିପିନ୍ କୃଷକମାନଙ୍କୁ ଖୁସୀ କରିବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହେଲେ ।

୫. ପ୍ରଥମ ବିଶ୍ୱଯୁଦ୍ଧରେ ରୁଷିଆର ଶୋଚନୀୟ ପରାଜୟ :

ପ୍ରଥମ ବିଶ୍ୱଯୁଦ୍ଧରେ ରୁଷିଆ ବାରମ୍ବାର ଜର୍ମାନୀ ହସ୍ତରେ ପରାଜିତ ହେବାରୁ ଦେଶବାସୀ କ୍ଷୋଭ ପ୍ରକାଶ କଲେ । ଏହି ସମୟରେ ଦେଶରେ ଉତ୍କଟ ଖାଦ୍ୟାଭାବ ଦେଖାଦେଲା । ଦେଶବାସୀ ଜାରଙ୍କ ଉପରେ ଥିବା ଆସ୍ଥା ହରାଇ ବସିଲେ । ନିଜର ରାଣୀ ଓ ଜଣେ ଭଣ୍ଡ ସନ୍ନ୍ୟାସୀଙ୍କ ଦ୍ୱାରା ପ୍ରରୋଚିତ ହୋଇ ଜାର ଏଭଳି ହୀନକାର୍ଯ୍ୟକୁ ପ୍ରଶ୍ରୟ ଦେଲେ, ଯଦ୍ୱାରା କି ତାଙ୍କ ପ୍ରତି କାହାରି ସମ୍ମାନ ରହିଲା ନାହିଁ । ଏକ ପକ୍ଷରେ ବିଶ୍ୱଯୁଦ୍ଧ ଏବଂ ଅପରପକ୍ଷରେ ଅବଶ୍ୟମ୍ଭାବୀ ହୋଇ ପଡ଼ୁଥିବା ବିପ୍ଳବ, ଏହି ସଂଶୟାକୁଳ ପରିସ୍ଥିତିରେ ନିଜକୁ ଅସହାୟ ମନେ କରି ସେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରଲେ ନାହିଁ ।

୬. ରାସ୍‌ପୁଟିନ୍‌ଙ୍କ ଭୂମିକା :

ଜାର ଦ୍ୱିତୀୟ ନିକୋଲାସ୍ ଥିଲେ ଜଣେ ଧର୍ମାନ୍ଧ ତଥା ଦୁର୍ବଳମନା ବ୍ୟକ୍ତି । ନିଜର ପତ୍ନୀ ଆଲେକଜାଣ୍ଡ୍ରାଙ୍କ ଉପରେ ସେ ରଖିଥିବା ବିଶ୍ୱାସ ଶେଷରେ ତାଙ୍କ ପାଇଁ ମହଙ୍ଗା ପଡ଼ିଲା । ରାସପୁଟିନ୍ ନାମକ ଜଣେ ଭଣ୍ଡ ସନ୍ନ୍ୟାସୀ ଜାରଙ୍କ ପୁତ୍ର ହାମୋଫାଲିଆକୁ ଏକ ଦୁସାଧ୍ୟ ରୋଗରୁ ମୁକ୍ତ କରି ଜାରଙ୍କ ଉପରେ ପ୍ରଭାବ ବିସ୍ତାର କଲେ । ଉଭୟେ ଜାରିନା ଏବଂ ଭଣ୍ଡ ସନ୍ନ୍ୟାସୀ ରାସ୍‌ପୁଟିନ୍ ଶାସନ ପରିଚାଳନାରେ ଅଯଥା ହସ୍ତକ୍ଷେପ କରିବା ଦ୍ୱାରା ବିଶୃଙ୍ଖଳା ଏବଂ ଅରାଜକତା ବଢ଼ିଚାଲିଲା । ଦେଶବାସୀ ରାସପୁଟିନ୍‌କୁ "ପବିତ୍ର ଦାନବ" ରୂପେ ଅଭିହିତ କଲେ । ଶେଷରେ ନହିଲିଷ୍ଟମାନେ ତାଙ୍କୁ ୧୯୧୬ ମସିହାରେ ହତ୍ୟା କଲେ । ସୁତରାଂ, ଜାରିନା ଏବଂ ରାସପୁଟିନ୍‌ଙ୍କ କାର୍ଯ୍ୟକଳାପ ୧୯୧୭ ମସିହା ବିପ୍ଳବ ପାଇଁ ଯଥେଷ୍ଟ ଇନ୍ଧନ ଯୋଗାଇଲା ।

**୭. ସାମାଜିକ ଅସନ୍ତୋଷ :**

୧୯୧୭ ମସିହା ରୁଷ ବିପ୍ଳବ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସେଠାକାର ସମାଜ ଯଥା : ସମ୍ଭ୍ରାନ୍ତ ଏବଂ ସର୍ବହରା ନାମକ ୨ଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ସମ୍ଭ୍ରାନ୍ତ ଗୋଷ୍ଠୀର ସଭ୍ୟମାନେ ଜାରଙ୍କ ନିରଂକୁଶ ଶାସନକୁ ସମର୍ଥନ କରିବା ସହିତ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ । ଅପରପକ୍ଷରେ, କୃଷକ ଏବଂ ଶ୍ରମିକମାନଙ୍କୁ ନେଇ ସର୍ବହରା ଗୋଷ୍ଠୀ ଗଠିତ ହୋଇଥିଲା । ଏହି ଗୋଷ୍ଠୀର ସଦସ୍ୟମାନଙ୍କ ଆର୍ଥିକ ଅବସ୍ଥା ଥିଲା ଅତ୍ୟନ୍ତ ଶୋଚନୀୟ । ସୁତରାଂ ରୁଷିଆରେ ବହୁଦିନ ଧରି ପ୍ରଚଳିତ ହୋଇ ଆସିଥିବା ସାମାଜିକ ଅସମାନତା ଥିଲା ୧୯୧୭ ମସିହା ବିପ୍ଳବର ଅନ୍ୟତମ ମୁଖ୍ୟ କାରଣ ।

**୮. ବୁଦ୍ଧିଜୀବୀମାନଙ୍କର ଭୂମିକା :**

ବହୁ ଲେଖକ, ଦାର୍ଶନିକ ତଥା ବୁଦ୍ଧିଜୀବୀମାନେ ଏକ ବିପ୍ଳବ ନିମନ୍ତେ ରୁଷିଆର ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଲିଓ ଟଲଷ୍ଟୟ, ଦସ୍ତୋଭସ୍କି, ଗର୍କୀ, ତୁର୍ଗେନେଭ, ଚେକଭ, କାର୍ଲ ମାର୍କସ୍ ଇତ୍ୟାଦିଙ୍କ ଲେଖା ଜନଜାଗରଣ ଉଦ୍ରେକ ନିମନ୍ତେ ଯଥେଷ୍ଟ ସହାୟକ ହେଲା । ମାର୍କସ୍‌ଙ୍କ ଲିଖିତ ପୁସ୍ତକ "ଦାସ କ୍ୟାପିଟାଲ୍" ଏବଂ "କମ୍ୟୁନିଷ୍ଟ ମେନିଫେଷ୍ଟୋ" ରେ ପ୍ରତିଫଳିତ ହୋଇଥିବା ବୈପ୍ଳବିକ ଭାବନା କୃଷକ ଏବଂ ଶ୍ରମିକମାନଙ୍କୁ ପ୍ରଭାବିତ କଲା । ଏକଦା ମାର୍କସ୍ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ କହିଥିଲେ, "ବିଶ୍ୱର ସମସ୍ତ ଶ୍ରମିକ ଏକତ୍ର ହୁଅ, ଲୁହ ବ୍ୟତୀତ ତମକୁ ଆଉ କିଛି ହରାଇବାକୁ ପଡ଼ିବ ନାହିଁ" । ଅତଏବ, ମାର୍କସଙ୍କ ସାମ୍ୟବାଦୀ ଚିନ୍ତାଧାରା ଶ୍ରମିକ ଏବଂ କୃଷକମାନଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କଲା ।

**୯. ନିହିଲିଜମ୍ ବା ନାସ୍ତିବାଦର ଅଭ୍ୟୁଦୟ :**

ନାସ୍ତିବାଦର ଅଭ୍ୟୁଦୟ; ୧୯୧୭ ମସିହାର ବିପ୍ଳବକୁ ପ୍ରୋତ୍ସାହନ ଯୋଗାଇଥିଲା । ନାସ୍ତିବାଦର ପୁରୋଧାମାନେ ପ୍ରଚଳିତ ଶାସନ ପଦ୍ଧତି, ସାମାଜିକ ସ୍ଥିତି, ଧର୍ମୀୟ ପରମ୍ପରା ଇତ୍ୟାଦିକୁ ବିରୋଧ କରି ଏକ ନୂତନ ବ୍ୟବସ୍ଥାର ପ୍ରଚଳନ ନିମନ୍ତେ ଆଶା ପୋଷଣ କରିଥିଲେ । ରୁଷ୍ ଦାର୍ଶନିକ, ବାକୁନିନ୍ ଥିଲେ ଏହି "ନିହିଲିଜମ୍ ବ୍ୟବସ୍ଥା"ର ପ୍ରବକ୍ତା । ଏହି ଗୋଷ୍ଠୀର କେତେ ଜଣ ସଭ୍ୟ, ୧୮୮୧ ମସିହାରେ "ମୁକ୍ତିଦାତା ଜାର୍" ଭାବେ ପରିଚିତ ଦ୍ୱିତୀୟ ଆଲେକ୍‌ଜାଣ୍ଡରଙ୍କୁ ହତ୍ୟା କଲେ ।

**୧୦. ଲେନିନ୍ ଏବଂ ତାଙ୍କ ବଲ୍‌ସେଭିକ୍ ଦଳର ଭୂମିକା :**

ଭ୍ଲାଡିମିର ଇଲିଚ୍ ଉଲିନଭ ଲେନିନ୍, ୧୯୦୦ ରୁ ୧୯୧୬ ମସିହା ପର୍ଯ୍ୟନ୍ତ ସୁଇଜରଲାଣ୍ଡରେ ଅବସ୍ଥାନ କରୁଥିଲେ ମଧ୍ୟ ତାଙ୍କର ଅନୁଚରମାନେ ସମଗ୍ର ରୁଷିଆରେ ବିପ୍ଳବର ମନ୍ତ୍ର ପ୍ରଚାର କରିଥିଲେ । ତାଙ୍କ ନେତୃତ୍ୱ ଯୋଗୁ ଶ୍ରମିକ, କୃଷକ ଏବଂ ସୈନିକମାନେ ଏକ ମହାସଂଗ୍ରାମ ନିମନ୍ତେ ଅଗ୍ରସର ହେଲେ ।

ଖାଦ୍ୟାଭାବ କାରଣରୁ ମାର୍ଚ୍ଚ ମାସ ୮ ତାରିଖରେ ଶ୍ରମିକମାନେ ପେଟ୍ରୋଗ୍ରାଡ୍ ସହରରେ ବିକ୍ଷୋଭ ପ୍ରଦର୍ଶନ କଲେ । ଅସଂଖ୍ୟ ନରନାରୀ ବିକ୍ଷୋଭରେ ସାମିଲ ହେଲେ । ଫଳରେ, ବିପ୍ଳବୀମାନେ ପେଟ୍ରୋଗ୍ରାଡ ସହରକୁ ଅଧିନସ୍ଥ କରିବା ପାଇଁ ସମର୍ଥ ହେଲେ । ମାର୍ଚ୍ଚ ୧୨ ତାରିଖରେ ଡୁମା ଏକ ଅସ୍ଥାୟୀ ସରକାର ଗଠନ କଲା ଏବଂ ଠିକ୍ ସେହିଦିନ ଶ୍ରମିକମାନଙ୍କୁ ନେଇ "ସୋଭିଏତ୍" ନାମରେ ଏକ ସଂଗଠନ ଆତ୍ମପ୍ରକାଶ କଲା । ମାର୍ଚ୍ଚ ୧୫ ତାରିଖ ଦିନ ଶାସନ କ୍ଷମତାରୁ ଓହରିଯିବା ପାଇଁ ଜାର ଦ୍ୱିତୀୟ ନିକୋଲାସ୍ ନିଷ୍ପତ୍ତି ନେଲେ ।

**ବିପ୍ଳବର ଅଗ୍ରଗତି :** ରାଜତନ୍ତ୍ର ଶାସନର ପତନ ପରେ, ପ୍ରିନ୍ସ ଲୋଭଙ୍କ ନେତୃତ୍ୱରେ ଏକ ଅସ୍ଥାୟୀ ସରକାର ଗଠିତ ହେଲା । ନୂତନ ସରକାର ବିପ୍ଳବୀମାନଙ୍କୁ ମୁକ୍ତ କରିବା ସହିତ ଏକ ସମ୍ବିଧାନ ପ୍ରଣୟନ ନିମନ୍ତେ ବିଜ୍ଞପ୍ତି ଜାରି କଲେ । ଏହା ସତ୍ତ୍ୱେ ମଧ ଦେଶବାସୀଙ୍କ ବୈପ୍ଳବିକ ଭାବନା ପ୍ରଶମିତ ହେଲା ନାହିଁ । ଶେଷରେ ୧୯୧୭, ମେ ମାସରେ ମନ୍‌ସେଭିକ୍

ଦଳର ନେତା କେରେନ୍‌ସ୍କି ଜଣେ ସାମ୍ୟବାଦୀ ହୋଇଥିବାରୁ ତାଙ୍କୁ ଅସ୍ଥାୟୀ ସରକାରର ନେତୃତ୍ୱ ପ୍ରଦାନ କରାଗଲା । କିନ୍ତୁ କୃଷକ ତଥା ଶ୍ରମିକମାନେ ସମାଜର ଆମୂଳଚୂଳ ପରିବର୍ତ୍ତନ ଆଶା କରି ଏକ ବିପ୍ଳବ ଅପେକ୍ଷାରେ ରହିଲେ ।

୧୯୧୭ ମସିହା ଏପ୍ରିଲ ୧୬ ତାରିଖରେ ଲେନିନ୍ ପେଟ୍ରୋଗାଡ୍‌ରେ ପଦାର୍ପଣ କରିବାରୁ ବିପ୍ଳବୀମାନଙ୍କ ମନରେ ନୂତନ ଉନ୍ମାଦନା ଜାଗ୍ରତ ହେଲା । କୃଷକ ଏବଂ ଶ୍ରମିକମାନଙ୍କ ହସ୍ତରେ ସମସ୍ତ କ୍ଷମତା ଅର୍ପଣ କରିବା ପାଇଁ ଲେନିନ୍ ଦାବି କଲେ । ବଲସେଭିକମାନଙ୍କୁ ଦମନ କରିବା ପାଇଁ ଅସ୍ଥାୟୀ ସରକାର ଉଦ୍ୟମ କଲା । ଅପର ପକ୍ଷରେ "ଶାନ୍ତି, ଜମି ଓ ରୋଟି" ପାଇଁ ଦେଶବାସୀ ଆଉ ଅଧିକ ଦିନ ଅପେକ୍ଷା କରି ପାରିବେ ନାହିଁ ବୋଲି ଲେନିନ୍ ଘୋଷଣା କଲେ । ଲେନିନ୍ ଏବଂ ତାଙ୍କର ସହଯୋଗୀ ଟ୍ରଟସ୍କିଙ୍କ ନେତୃତ୍ୱରେ ବିପ୍ଳବୀମାନେ ଅସ୍ଥାୟୀ ସରକାରଙ୍କୁ, ନଭେମ୍ବର ୭ ତାରିଖରେ ଗାଦିଚ୍ୟୁତ କଲେ ଏବଂ ସେହିଦିନ୍ ଲେନିନ୍‌ଙ୍କ ଦ୍ୱାରା "ସୋଭିଏତ୍ ସାଧାରଣତନ୍ତ୍ର" ବା "ସର୍ବହରାର ଶାସନ" ପ୍ରତିଷ୍ଠା କରାଗଲା । ରୁଷିଆର ପୁରାତନ ପଞ୍ଜିକା ଅନୁସାରେ ଏହି ବିପ୍ଳବକୁ ଅକ୍ଟୋବର ବିପ୍ଳବ ବୋଲି କୁହାଯାଇଥାଏ ।

**ରୁଷ ବିପ୍ଳବର ଫଳାଫଳ :**

୧୯୧୭ ମସିହା ରୁଷ ବିପ୍ଳବର ଫଳାଫଳ ଥିଲା ଅତ୍ୟନ୍ତ ସୁଦୂର ପ୍ରସାରୀ ।

୧. ଦୀର୍ଘ ୩ ଶତାବ୍ଦୀ ଧରି ରୁଷିଆକୁ ଶାସନ କରି ଆସିଥିବା ରୋମାନୋଭ ରାଜବଂଶର ପତନ ଘଟିଲା ଏବଂ ସେହି ବଂଶର ଶେଷ ସମ୍ରାଟ ଦ୍ୱିତୀୟ ନିକୋଲାସ୍ ଶାସନ କ୍ଷମତାରୁ ଓହରି ଗଲେ ।

୨. ବଲସେଭିକ୍ ଦଳର ନେତା ଲେନିନ୍‌ଙ୍କ ନେତୃତ୍ୱରେ ରୁଷିଆରେ ପ୍ରତିଷ୍ଠିତ ହେଲା ସର୍ବହରାର ନିରଂକୁଶ ଶାସନ

୩. କେନ୍ଦ୍ରୀୟ କାର୍ଯ୍ୟପାଳିକା କମିଟି ଦ୍ୱାରା ଗଠିତ ଆୟୋଗ, ୧୯୧୮ ମସିହା ଜୁଲାଇ ମାସରେ ଏକ ନୂତନ ସମ୍ବିଧାନ ପ୍ରଣୟନ କଲା ।

୪. ନୂତନ ସମ୍ବିଧାନ ଅନୁସାରେ, ରୁଷିଆକୁ "ସୋଭିଏତ୍ ସାମ୍ୟବାଦୀ ସାଧାରଣ ତନ୍ତ୍ର ସଂଘ" ରୂପେ ଘୋଷଣା କରାଗଲା । ପ୍ରତ୍ୟେକ ସହର ତଥା ଗ୍ରାମରେ ସୋଭିଏତ୍ ଗଠନ କରିବ ପାଇଁ ଉଦ୍ୟମ ଆରମ୍ଭ ହେଲା ।

୫. ସମଗ୍ର ଶାସନ ବ୍ୟବସ୍ଥାରେ ଶ୍ରମିକମାନଙ୍କର ଅଧିକାରକୁ ସ୍ୱୀକୃତି ପ୍ରଦାନ କରାଗଲା ।

୬. ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଲେନିନ୍, ଜର୍ମାନୀ ସହ "ବ୍ରେଷ୍ଟ ଲିଟୋଭସ୍କ" ଚୁକ୍ତି ସ୍ୱାକ୍ଷର କରି ଏକ ବୃହତ ଅଞ୍ଚଳ ଜର୍ମାନୀକୁ ହସ୍ତାନ୍ତର କରିବା ପାଇଁ ବାଧ୍ୟ ହେଲେ ।

୭. ରାଷ୍ଟ୍ର ମୁଖ୍ୟ ଭାବରେ ଅବସ୍ଥାପିତ ଲେନିନ୍, ଶାନ୍ତି ଏବଂ ଶୃଙ୍ଖଳା ଫେରାଇ ଆଣିବା ନିମନ୍ତେ ରାଜ ପରିବାରର ସଭ୍ୟ ତଥା ସେମାନଙ୍କର ସମର୍ଥକମାନଙ୍କୁ ଦୃଢ଼ ହସ୍ତରେ ଦମନ କଲେ । ୧୯୧୮ ମସିହା ଜୁଲାଇ ୧୮ ତାରିଖରେ ଜାର୍ ୨ୟ ନିକୋଲାସ୍, ତାଙ୍କ ପତ୍ନୀ ଏବଂ ପୁତ୍ର ତଥା ୪ କନ୍ୟାଙ୍କୁ ଗୁଳି କରି ହତ୍ୟା କରାଗଲା ।

୮. ୧୯୨୧ ମସିହାରେ ନୂତନ ଅର୍ଥନୈତିକ ନୀତିର ପ୍ରଚଳନ କରାଗଲା । ଏହା ଥିଲା ସମାଜବାଦ ଏବଂ ପୁଞ୍ଜିବାଦର ଏକ ମଧ୍ୟପନ୍ଥା । ଏହି ନୂତନ ନୀତି ଅନୁଯାୟୀ ଖୋଲାବଜାରରେ ଉତ୍ପାଦନ ସାମଗ୍ରୀ ବିକ୍ରି କରିବା ପାଇଁ କୃଷକମାନଙ୍କୁ ଅନୁମତି ପ୍ରଦାନ କରାଗଲା । ଆଭ୍ୟନ୍ତରୀଣ ବାଣିଜ୍ୟ ଉପରେ ଧାର୍ଯ୍ୟ ସମସ୍ତ କଟକଣାକୁ ଉଚ୍ଛେଦ କରାଗଲା । ବାଧ୍ୟତାମୂଳକ ଶ୍ରମକୁ ଅସିଦ୍ଧ ଘୋଷଣା କରାଗଲା ।

୯. ଭୂ -ସମ୍ପତ୍ତିକୁ ଜାତୀୟକରଣ କରାଯାଇ ସେଗୁଡ଼ିକ ଭୂମିହୀନ କୃଷକମାନଙ୍କ ମଧ୍ୟରେ ବଣ୍ଟନ କରାଗଲା । ରାଷ୍ଟ୍ର ତରଫରୁ କୃଷକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଗଲା ।

୧୦. ଦେଶର କଳକାରଖାନା ଗୁଡ଼ିକର ପରିଚାଳନା ଦାୟିତ୍ୱ ଶ୍ରମିକମାନଙ୍କଠାରେ ନ୍ୟସ୍ତ କରାଗଲା ।

୧୧. ଦେଶରେ ସାମ୍ୟବାଦ ଉପରେ ପର୍ଯ୍ୟବେକ୍ଷିତ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଗଲା । ଗୀର୍ଜା ଅଧୀନରେ ଥିବା ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବା ସହିତ ଧର୍ମଯାଜକ ମାନଙ୍କ ପ୍ରାଧାନ୍ୟକୁ ଅସ୍ୱୀକାର କରାଗଲା ।

୧୨. ରୁଷିଆରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା ହେବା ଫଳରେ ପୋଲାଣ୍ଡ, ହଙ୍ଗେରୀ, ଯୁଗୋସ୍ଲୋଭିଆ, ରୁମାନିଆ ଆଦି ଦେଶର ଜନସାଧାରଣ ଏହି ଆଦର୍ଶଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ ହେଲେ । ଫଳରେ ସେହି ସବୁ ଦେଶମାନଙ୍କରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠିତ ହୋଇ ପାରିଲା ।

୧୩. ବିଶ୍ୱ ଦରବାରରେ, ଏକ ପକ୍ଷରେ ସାମ୍ୟବାଦୀ ଗୋଷ୍ଠୀ ଏବଂ ଅପରପକ୍ଷରେ ଗଣତାନ୍ତ୍ରିକ ଗୋଷ୍ଠୀ ମଧ୍ୟରେ ବିବାଦ କ୍ରମଶଃ ଘନିଭୂତ ହେଲା ଏବଂ ବିଶ୍ୱଶାନ୍ତି ବ୍ୟାହତ ହେଲା ।

୧୪. ଅନ୍ୟ ଦେଶର ଜନସାଧାରଣ, ରୁଷ ବିପ୍ଲବ ଦ୍ୱାରା ଅନୁପ୍ରାଣିତ ହୋଇ ସଂଗ୍ରାମ ମାଧ୍ୟମରେ ସରକାରଙ୍କ ଶୋଷଣ ନୀତି ଏବଂ ଅତ୍ୟାଚାରର ଗତିରୋଧ କରିବାକୁ ଉଦ୍ୟମ କଲେ ।

୧୫. ୧୯୧୭ ମସିହା ରୁଷ ବିପ୍ଲବ ଯୋଗୁ କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଭାବନା ସମଗ୍ର ବିଶ୍ୱରେ ଆଦୃତ ହୋଇପାରିଲା ।

## ସମ୍ଭାବିତ ଆଦର୍ଶ ପ୍ରଶ୍ନାବଳୀ

## ('କ' ବିଭାଗ)

୧. ପ୍ରତ୍ୟେକ ପ୍ରଶ୍ନରେ ଥିବା ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ରୁଷ ବିପ୍ଲବ କେବେ ସଂଘଟିତ ହୋଇଥିଲା ?

୧. ୧୯୧୫ ୨. ୧୯୧୬ ୩. ୧୯୧୭ ୪. ୧୯୧୮

ଖ) ରୁଷ ବିପ୍ଲବ ସମୟରେ ରୁଷିଆର ସମ୍ରାଟ କିଏ ଥିଲେ ?

୧. ପ୍ରଥମ ନିକୋଲାସ୍ ୨. ପ୍ରଥମ ଆଲେକଜାଣ୍ଡାର

୩. ଦ୍ୱିତୀୟ ନିକୋଲାସ୍ ୪. ୨ୟ ଆଲେକଜାଣ୍ଡାର

ଗ) ରୁଷିଆର ସମ୍ରାଟଙ୍କୁ କ'ଣ କୁହାଯାଉଥିଲା ?

୧. କାଇଜର ୨. ଜାର୍

୩. ଫାରୋ ୪. ଖଲିଫା

ଘ) "ଦାସ କ୍ୟାପିଟାଲ୍" ର ରଚୟିତା କିଏ ?

୧. ଲେନିନ୍ ୨. ଟ୍ରଟସ୍କି ୩. କାର୍ଲମାର୍କସ୍ ୪. ଗର୍କୀ

ଙ) କିଏ "ପବିତ୍ର ଦାନବ" ରୂପେ ପରିଚିତ ଥିଲେ ?

୧. ୨ୟ ନିକୋଲାସ୍ ୨. ଲେନିନ୍

୩. ରାସ୍‌ପୁଟିନ୍ ୪. ଟ୍ରଟସ୍କି

୨. ଶୂନ୍ୟସ୍ଥାନ ପୂରଣ କର ।

କ) ୧୯୧୭ ମସିହା ବିପ୍ଳବ ସମୟରେ ରୁଷିଆର ________ ରାଜବଂଶ ଶାସନ କରୁଥିଲା ।

ଖ) ________ "କୃଷିଭୃତ୍ୟ ପ୍ରଥା" କୁ ଉଚ୍ଛେଦ କରିଥିଲେ ।

ଗ) ରୁଷ ବିପ୍ଳବ ସମୟରେ ବଲଶେଭିକ୍ ଦଳର ସ୍ଲୋଗାନ ଥିଲା ________, ________ ଏବଂ ________ ।

ଘ) ________ କହିଥିଲେ, "ଗୋଟିଏ ଜାର୍ ଗୋଟିଏ ଚର୍ଚ୍ଚ ଏବଂ ଗୋଟିଏ ରୁଷିଆ" ।

ଙ) ________ ମସିହାରେ ରୁଷ ଜାପାନ ଯୁଦ୍ଧ ସଂଘଟିତ ହୋଇଥିଲା ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଲେଖ ।

କ) ରାସ୍‌ପୁଟିନ୍ କିଏ ? ଋଷ ବିପ୍ଳବ ପାଇଁ ତାଙ୍କୁ କାହିଁକି ଦାୟୀ କରାଯାଇଛି ?

ଖ) ରୁଷିଆ-ଜାପାନ ଯୁଦ୍ଧ କେବେ ସଂଘଟିତ ହୋଇଥିଲା ଏବଂ ଏହି ଯୁଦ୍ଧରେ କେଉଁ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ?

ଗ) ଋଷ ବିପ୍ଳବକୁ କାହିଁକି ପ୍ରୋଲେଟାରିଏଟ୍ ବିପ୍ଳବ ବୋଲି କୁହାଯାଇଥାଏ ?

ଘ) କାର୍ଲ ମାର୍କସ୍ କିଏ ? ତାଙ୍କ ଲିଖିତ ୨ଟି ପୁସ୍ତକର ନାମ ଲେଖ ।

ଙ) "ନିହିଲିଜମ୍" କ'ଣ ? ଏହା କେଉଁ ଦାର୍ଶନିକଙ୍କ ଦ୍ୱାରା ପ୍ରସାର ଲାଭ କରିଥିଲା ।

## 'ଗ' ବିଭାଗ

## ଦୀର୍ଘ ପ୍ରଶ୍ନୋତ୍ତର

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ରାସ୍‌ପୁଟିନ୍

ଖ) ଲେନିନ୍

ଗ) ରକ୍ତାକ୍ତ ରବିବାର

ଘ) ଷ୍ଟୋଲିପିନ୍

ଙ) ଜାର ୨ୟ ନିକୋଲାସ

ଚ) ଜାର ୨ୟ ଆଲେକ୍‌ଜାଣ୍ଡାର

## 'ଘ' ବିଭାଗ

୫. ଋଷ ବିପ୍ଳବର ବିଭିନ୍ନ କାରଣ ଆଲୋଚନା କର ।

୬. ଋଷ ବିପ୍ଳବର ଫଳାଫଳ ଉଲ୍ଲେଖ କର ।

□□□

ଷୋଡ଼ଶ ଅଧ୍ୟାୟ

# ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ପ୍ରୋତ୍ସାହିତ କରିଥିବା କାରଣ ସମୂହ

## (Events leading to the World War - II)

*ଭାର୍ସାଇ ସନ୍ଧିର ତ୍ରୁଟି, ଜର୍ମାନୀ ସାଧାରଣତନ୍ତ୍ରର ଅପାରଗତା, ଜର୍ମାନୀରେ ନାଜିବାଦର ଉତ୍‌ଥାନ, ହିଟଲରଙ୍କ ସାମରିକ କାର୍ଯ୍ୟକଳାପ, ଇଟାଲୀରେ ମୁସୋଲିନୀ ଏବଂ ଫାସିବାଦର ଉତ୍‌ଥାନ, ସୁଦୂର ପ୍ରାଚ୍ୟରେ ଜାପାନର ବିସ୍ତାର ନୀତି, ଇଉରୋପରେ ସୈର ଶକ୍ତିମାନଙ୍କର ଅଭିଯାନ, ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ଆଦର୍ଶଗତ ସଂଘର୍ଷ, ନିରସ୍ତ୍ରୀକରଣ ନୀତିର ବିଫଳତା, ସନ୍ତୁଷ୍ଟୀକରଣ ନୀତିର କୁଫଳ, କୂଟନୈତିକ ମେଣ୍ଟ ଗଠନ, ଜାତିସଂଘର ବିଫଳତା ଏବଂ ହିଟ୍‌ଲରଙ୍କ ପୋଲାଣ୍ଡ ଆକ୍ରମଣ,*

୧୯୩୮ ମସିହା ସେପ୍ଟେମ୍ବର ମାସରେ ଲଣ୍ଡନ ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ବିଲାତ ପ୍ରଧାନମନ୍ତ୍ରୀ ଚେମ୍ବରଲେନ୍ କହିଥିଲେ, "ମୁଁ ତୁମ୍ଭ ମାନଙ୍କ ପାଇଁ ମର୍ଯ୍ୟାଦାର ସହିତ ଶାନ୍ତି ନେଇ ଆସିଛି ।" ସେଠାରେ ଉପସ୍ଥିତ ଇଂଲଣ୍ଡର ପରବର୍ତ୍ତୀ ଭାବୀ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ଉତ୍ତର ଦେବାକୁ ଯାଇ କହିଥିଲେ, "ଉଭୟ ଇଂଲଣ୍ଡ ଏବଂ ଫ୍ରାନ୍‌ସକୁ ଅମର୍ଯ୍ୟାଦା ଏବଂ ଯୁଦ୍ଧ ମଧ୍ୟରୁ ଯେ କୌଣସି ଗୋଟିଏକୁ ବାଛି ନେବାକୁ ପଡ଼ିବ ।" ଶେଷରେ ଚର୍ଚ୍ଚିଲଙ୍କର ଏହି ଉକ୍ତିଟି ସତ୍ୟରେ ପରିଣତ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତ ହେବାର ମାତ୍ର ୨୦ ବର୍ଷ ପରେ ବିଶ୍ୱବାସୀ ଆଉ ଏକ ଅଧିକତର ଭୟଙ୍କର ମହାଯୁଦ୍ଧର ସମ୍ମୁଖୀନ ହେଲେ । ତାହା ଥିଲା ୧୯୩୯ ମସିହାରେ ସଂଘଟିତ ୨ୟ ବିଶ୍ୱଯୁଦ୍ଧ । ସମଗ୍ର ବିଶ୍ୱକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଜର୍ମାନୀର ସୈର ଶାସକ ଆଡ଼ଲଫ୍ ହିଟଲରଙ୍କ ଅଭିଳାସ ଥିଲା ଏହି ଯୁଦ୍ଧର ମୁଖ୍ୟ କାରଣ । ପୁନଶ୍ଚ ଏହା ଥିଲା ମୂଳତଃ ଲାଳସା ଅପେକ୍ଷା ପୂର୍ବପରାଜୟର ପ୍ରତିଶୋଧ ନେବା ପାଇଁ ସଂଘଟିତ ଯୁଦ୍ଧ । ଏହି ଯୁଦ୍ଧ ୧୯୩୯ ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା ।

କାରଣ ସମୂହ :

ନିମ୍ନଲିଖିତ କାରଣ ମାନ ଯୋଗୁଁ, ୧୯୩୯ ମସିହାରେ ୨ୟ ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିଲା ।

୧. ଭାର୍ସାଇ ସନ୍ଧିର ତ୍ରୁଟି:

ଭାର୍ସାଇ ସନ୍ଧିରେ ୨ୟ ବିଶ୍ୱଯୁଦ୍ଧର ଜୀବାଣୁ ଲୁଚି ରହିଥିଲା ବୋଲି କୁହାଯାଏ । ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ବିଜୟୀ ରାଷ୍ଟ୍ରମାନେ ପରାଜିତ ଜର୍ମାନୀକୁ ଭାର୍ସାଇ ସନ୍ଧିପତ୍ର ଗ୍ରହଣ କରିବା ପାଇଁ ବାଧ କରିଥିଲେ । ଏହା ଜର୍ମାନୀ ପାଇଁ ଘୋର ଅପମାନଜନକ ସାବ୍ୟସ୍ତ ହେଲା । ଜର୍ମାନୀର ସାମରିକ ଶକ୍ତିକୁ ଦୁର୍ବଳ କରିଦିଆଗଲା । ବିଜୟୀ ରାଷ୍ଟ୍ରମାନେ ଜର୍ମାନୀଠାରୁ ସମସ୍ତ ଉପନିବେଶ ତଥା କୋଇଲା ଏବଂ ଲୁହା ସମ୍ପଦରେ ପରିପୂର୍ଣ୍ଣ ଉନ୍ନତ ଅଞ୍ଚଳମାନ ଛଡ଼ାଇନେଲେ । ଯୁଦ୍ଧର କ୍ଷତିପୂରଣ ବାବଦକୁ ଅଜସ୍ର କ୍ଷତିପୂରଣ ଦାବୀ କରି ଏବଂ ସୈନିକମାନଙ୍କୁ ମୁଣ୍ଡନ କରି ଜର୍ମାନବାସୀଙ୍କୁ ଯେପରି ଭାବରେ ଅସମ୍ମାନିତ କରାଗଲା, ତାର ପ୍ରତିକ୍ରିୟା ଆଉ ଏକ ବିଶ୍ୱଯୁଦ୍ଧ ପାଇଁ ଯଥେଷ୍ଟ ମାତ୍ରରେ ଇନ୍ଧନ ଯୋଗାଇଲା ।

୨. ଜର୍ମାନୀ ସାଧାରଣତନ୍ତ୍ରର ଅପାରଗତା :

କାଇଜର ଦ୍ୱିତୀୟ ଉଇଲିୟମଙ୍କ ପତନପରେ ଜର୍ମାନୀକୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଘୋଷଣା କରା ଯାଇଥିଲା । ଉଇମାର ରିପବ୍ଲିକ୍ ନାମରେ ପରିଚିତ ଜର୍ମାନୀ ଆର୍ଥିକ ଶୋଷଣର ଶରବ୍ୟ ହେବାରୁ ୧୯୨୪-୨୫ ମସିହା ବେଳକୁ ଘୋର

ଆର୍ଥିକ ସଂକଟ ଦେଖା ଦେଲା । ଜର୍ମାନୀବାସୀ ନୂତନ ସରକାର ଉପରେ ଆସ୍ଥା ରଖି ପାରିଲେ ନାହିଁ । ଦେଶର ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ସରକାର ସମ୍ପୂର୍ଣ୍ଣ ଅସମର୍ଥ ବୋଲି ଜର୍ମାନବାସୀ ହୃଦୟଙ୍ଗମ କଲେ । ଅତଏବ, ଆର୍ଥିକ ଶୋଷଣ ଯୋଗୁଁ ଜର୍ମାନୀରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଥିଲା ୨ୟ ବିଶ୍ୱଯୁଦ୍ଧର ଅନ୍ୟତମ କାରଣ ।

୩. ଜର୍ମାନୀରେ ନାଜିବାଦର ଉତ୍‌ଥାନ :

ଜର୍ମାନୀର ଦୁର୍ବଳ ଗଣତାନ୍ତ୍ରିକ ସରକାର ଦେଶବାସୀଙ୍କ ଆବଶ୍ୟକତାକୁ ପୂରଣ କରି ପାରିଲା ନାହିଁ । ହିଟଲର୍ ତାଙ୍କ ଲିଖିତ ପୁସ୍ତକ "ମୋର ସଂଘର୍ଷ" (Meinkamf) ରେ ନିଜର ଆଭିମୁଖ୍ୟକୁ ଉଲ୍ଲେଖ କରି ଦେଶବାସୀଙ୍କୁ ଏକତ୍ରିତ କଲେ । "ସ୍ୱସ୍ତିକ" ଥିଲା ତାଙ୍କ ଗଠିତ ନାଜିଦଳର ସଂକେତ । ହିଟଲର୍ ଏବଂ ତାଙ୍କ ନାଜିଦଳ ପ୍ରତିଶୋଧ, ଅପହୃତ ହୋଇଥିବା ଅଞ୍ଚଳଗୁଡ଼ିକର ପୁନରୁଦ୍ଧାର, ପୂର୍ବ ଗୌରବର ପୁନଃ ଉତ୍‌ଥାନ ଇତ୍ୟାଦି ଧ୍ୱନି ଦେଇ ଦେଶବାସୀଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି କଲେ । ହିଟଲରଙ୍କ ଅଲୌକିକ ତଥା ଚୁମ୍ବକୀୟ ବ୍ୟକ୍ତିତ୍ୱ ଏବଂ ଅଗ୍ନିବର୍ଷୀ ବାକ୍‌ଶକ୍ତି ଦେଶବାସୀଙ୍କ ହୃଦୟକୁ ସ୍ପର୍ଶ କଲା । ୧୯୩୩ ମସିହାରେ ହିଟଲରଙ୍କ ଦ୍ୱାରା ଜର୍ମାନୀର ଶାସନ କ୍ଷମତା ଅଧିକାର, ଆଉ ଏକ ବିଶ୍ୱ ସଂକଟ ନିମନ୍ତେ ପଥ ପରିଷ୍କାର କଲା ।

୪. ହିଟଲରଙ୍କ ସାମରିକ କାର୍ଯ୍ୟକଳାପ :

ହିଟଲର, ଶାସନ କ୍ଷମତାକୁ ପ୍ରବେଶ କରିବାର ମାତ୍ର ୭ବର୍ଷ ମଧ୍ୟରେ ଜାତିସଂଘକୁ ବେଖାତିର୍ କରି, ଭର୍ସାଇ ସନ୍ଧିର ସର୍ତ୍ତ ଗୁଡ଼ିକୁ ଉଲ୍ଲଂଘନ କରି, ଜର୍ମାନୀକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି, ରାଜ୍ୟ ପରେ ରାଜ୍ୟ ଅଧିକାର କରି ଚାଲିଲେ । ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଏବଂ ସର୍ବୋପରି ପୋଲାଣ୍ଡ ଉପରେ ନାଜି ଜର୍ମାନୀର ସାମରିକ କାର୍ଯ୍ୟ ବିଶ୍ୱର ବୃହତ୍ ଶକ୍ତିମାନଙ୍କୁ ବ୍ୟଥିତ କଲା ଏବଂ ଆଉ ଏକ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

୫. ଇଟାଲୀରେ ମୁସୋଲିନୀ ଏବଂ ଫାସିଦଳର ଉତ୍‌ଥାନ :

ଇଟାଲୀ, ପ୍ରଥମ ବିଶ୍ୱଯୁଦ୍ଧରେ ବିଜୟୀ ହୋଇଥିଲେ ମଧ୍ୟ ମିତ୍ରରାଷ୍ଟ୍ରମାନେ ତାକୁ ଦୁର୍ବଳ ଭାବି ପଦାଘାତ କରିଥିଲେ । ଫଳରେ ଇଟାଲୀବାସୀ ତତ୍‌କାଳିନ ଗଣତାନ୍ତ୍ରିକ ସରକାର ଉପରେ ରଖିଥିବା ବିଶ୍ୱାସ ତୁଟାଇ ଦେଲେ । ୧୯୨୨ ରେ ମୁସୋଲିନୀ ଏବଂ ତାଙ୍କ ଫାସୀଦଳ ଶାସନ କ୍ଷମତା ଅଧିକାର କରିବା ପରେ ଇଉରୋପରେ ଶକ୍ତି-ଭାରସାମ୍ୟ ଦୋହଲି ଗଲା । ଇଂରେଜମାନଙ୍କ କବଳରୁ ଭୂମଧ୍ୟ ସାଗରକୁ ମୁକ୍ତ କରିବା, ଆଡ୍ରିଆଟିକ୍ ସାଗରର ପୂର୍ବ ଉପକୂଳ ଉପରେ ଆଧିପତ୍ୟ ବିସ୍ତାର କରିବା, ଆଫ୍ରିକା ମହାଦେଶର ଇଥିଓପିଆ ଅଧିକାର କରିବା, ଫ୍ରାନସ୍‌ଠାରୁ ଟିଉନିସିଆ ଛଡ଼ାଇ ଆଣିବା ଇତ୍ୟାଦି ଯୋଜନାକୁ ଫଳପ୍ରଦ କରିବା ପାଇଁ ମୁସୋଲିନୀ ଅଗ୍ରସର ହେବାରୁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

୬. ସୁଦୂର ପ୍ରାଚ୍ୟରେ ଜାପାନ୍‌ର ବିସ୍ତାର ନୀତି :

ପ୍ରଥମ ବିଶ୍ୱଯୁଦ୍ଧ ସମୟରୁ ଏସିଆର ସର୍ବଶ୍ରେଷ୍ଠ ସାମରିକ ଶକ୍ତି ରୂପେ ଜାପାନ୍‌ର ଅଭ୍ୟୁଦୟ ହେଲା । ୧୯୩୧ ମସିହାରେ ଏହା ମାଞ୍ଚୁରିଆ ଆକ୍ରମଣ କରି ଏକ ବିସ୍ତୃତ ଅଞ୍ଚଳ ଉପରେ ପ୍ରଭୁତ୍ୱ ବିସ୍ତାର କଲା । ଚୀନର ପେକିଂ ଏବଂ ନାନ୍‌କିଂ ସହର ଦ୍ୱୟ ମଧ୍ୟ ଜାପାନର ଅଧିନସ୍ଥ ହେଲା । ୧୯୩୭ ମସିହାରେ ରୋମ୍-ବର୍ଲିନ-ଟୋକିଓ ନାମରେ ସାମରିକ ମେଣ୍ଟ ଗଠନ ଭବିଷ୍ୟତରେ ଏକ ମହାଯୁଦ୍ଧ ସଂଘଟିତ ହେବାର ସୂଚନା ପ୍ରଦାନ କଲା । ୧୯୪୧ ମସିହା, ଡିସେମ୍ବର ମାସରେ ଫିଲିପାଇନସ୍ ସ୍ଥିତ ଆମେରିକାର ସୁଦୃଢ଼ ଘାଟି ପର୍ଲ ହାର୍ବର ଉପରେ ଜାପାନ ଆକ୍ରମଣ କରିବାରୁ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗଦାନ କଲା ।

**୭. ୟୁରୋପ୍‌ରେ ସୈରାଚାରୀ ଶକ୍ତିମାନଙ୍କର ଅଭିଯାନ:**

ୟୁରୋପ୍‌ରୁ ଗଣତନ୍ତ୍ର ଶାସନର ବିଲୋପ ଘଟାଇବା ଥିଲା ମୁସୋଲିନୀ ଏବଂ ହିଟ୍‌ଲରଙ୍କ ଲକ୍ଷ୍ୟ । ସ୍ପେନ୍‌ରେ ଏକ ଗୃହ ଯୁଦ୍ଧ ବଳରେ ଶାସନ କ୍ଷମତାକୁ ଆସିବା ପାଇଁ ଆଶାୟୀ ସେନାପତି ଫ୍ରାଙ୍କୋଙ୍କୁ ଉଭୟ ମୁସୋଲିନୀ ଏବଂ ହିଟଲର୍ ସହାୟତା ପ୍ରଦାନ କଲେ । ଶେଷରେ ସ୍ପେନ୍‌ରେ ଗଣତନ୍ତ୍ର ଶାସନର ଅବସାନ ଘଟିଲା ଏବଂ ଫ୍ରାଙ୍କୋ କ୍ଷମତାକୁ ଆସିଲେ । ସୁତରାଂ, ସୈରାଚାରୀ ଶାସକମାନଙ୍କ ସାମରିକ ଅଭିଯାନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ଉନ୍ମୁକ୍ତ କଲା ।

**୮. ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ଆଦର୍ଶଗତ ସଂଘର୍ଷ :**

ଇଂଲଣ୍ଡ, ଫ୍ରାନ୍ସ, ଆମେରିକା ଆଦି ରାଷ୍ଟ୍ରମାନେ ଗଣତନ୍ତ୍ରରେ ବିଶ୍ୱାସ କରୁଥିଲା ବେଳେ ଜର୍ମାନୀ, ଇଟାଲୀ ଏବଂ ଜାପାନ୍ ଏକଛତ୍ର ଶାସନରେ ବିଶ୍ୱାସ ସ୍ଥାପନ କରିଥିଲେ । ଏହି ଦୁଇଗୋଟି ବିପରୀତମୁଖୀ ଆଦର୍ଶ ମଧ୍ୟରେ ମଧୁର ସମ୍ପର୍କ ସ୍ଥାପନର କୌଣସି ସମ୍ଭାବନା ନଥିଲା । ମୁସୋଲିନୀ କହିଥିଲେ – "ଦୁଇ ଜଗତର ସଂଘର୍ଷ କୌଣସି ମିଳାମିଶାକୁ ପ୍ରଶ୍ରୟ ଦେବ ନାହିଁ । ଏକେତ ଆମେ ରହିବା, ଅଥବା ସେମାନେ ।" ହିଟଲର୍‌ଙ୍କ ମତରେ, "କେବଳ ଯୁଦ୍ଧ ଦ୍ୱାରା ହିଁ ସାମନ୍ତବାଦ ଏବଂ ଉପନିବେଶବାଦ ସମସ୍ୟାର ସମାଧାନ କରାଯିବା ଉଚିତ୍, ସ୍ଥିତାବସ୍ଥାର ବ୍ୟାହି ନେଇ ନୁହେଁ ।" ଅତଏବ, ଆଦର୍ଶଗତ ମତଭେଦ ଥିଲା ୨ୟ ବିଶ୍ୱଯୁଦ୍ଧର ଅନ୍ୟତମ କାରଣ ।

**୯. ନିରସ୍ତ୍ରୀକରଣ ନୀତିର ବିଫଳତା :**

ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଉପସ୍ଥିତ ପ୍ରତିନିଧିମାନେ ଭବିଷ୍ୟତରେ ଅସ୍ତ୍ରଶସ୍ତ୍ରର ପରିମାଣ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ଜର୍ମାନୀକୁ ନିରସ୍ତ୍ର କରା ଯାଇଥିଲା । କିନ୍ତୁ ପ୍ରକୃତ ପକ୍ଷେ ବୃହତ ରାଷ୍ଟ୍ରମାନେ ଅସ୍ତ୍ରଶସ୍ତ୍ର ହ୍ରାସ ପ୍ରତି କୌଣସି ତତ୍ପରତା ଦେଖାଇଲେ ନାହିଁ । ଜାତିସଂଘ ତରଫରୁ ବାରମ୍ବାର ନିରସ୍ତ୍ରୀକରଣ ସମ୍ମିଳନୀ ଆହୂତ ହେଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ୧୯୩୨ ରେ ଜାପାନ ଏବଂ ଜର୍ମାନୀ, ନିରସ୍ତ୍ରୀକରଣ ସମ୍ମିଳନୀ ବର୍ଜନ କରି ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଲେ । ୧୯୩୫ ରେ ଜର୍ମାନୀ, ଭର୍ସାଇ ଚୁକ୍ତିପତ୍ରକୁ ଚିରାଚିତି କରି ନିଜ ସେନାବାହିନୀର ସଂପ୍ରସାରଣ କଲା । ଇଟାଲୀ ଏବଂ ଜର୍ମାନୀ କହିବାକୁ ଲାଗିଲେ, "ପ୍ରଥମେ ବନ୍ଧୁକ, ତା'ପରେ ଲହୁଣୀ" । ସୁତରାଂ ନିରସ୍ତ୍ରୀକରଣର ବିଫଳତା ଦ୍ୱିତୀୟ ବିଶ୍ୱଯୁଦ୍ଧ ନିମନ୍ତେ ସଂକେତ ପ୍ରଦାନ କଲା ।

**୧୦. ସନ୍ତୁଷ୍ଟୀକରଣ ନୀତିର କୁଫଳ :**

ଏକଦା ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଚେମ୍ବରଲେନ୍ କହିଥିଲେ – "ଆମ୍ଭମାନଙ୍କ ପାଇଁ ବାସ୍ତବତାକୁ ଦେଖି ଆଖି ବୁଜି ଦେବାର କୌଣସି ଅର୍ଥ ନାହିଁ ।" ୧୯୩୧ ରେ ଜାପାନ, ମାଞ୍ଚୁରିଆ ଆକ୍ରମଣ କଲାବେଳେ ଇଂଲଣ୍ଡ ଏବଂ ଫ୍ରାନ୍‌ସ ତାକୁ ବାଧା ଦେଲେ ନାହିଁ । ସେହିପରି ୧୯୩୬ ରେ ଯେତେବେଳେ ଇଟାଲୀ ଇଥିଓପିଆ ଆକ୍ରମଣ କଲା, ଇଂଲଣ୍ଡ ଏବଂ ଫ୍ରାନ୍‌ସ ନୀରବ ରହିଲେ । ପୁନଶ୍ଚ ହିଟଲର୍ ଭର୍ସାଇ ଚୁକ୍ତିର ସର୍ତ୍ତଗୁଡ଼ିକୁ ତନ୍ନତନ୍ନ କରି ଅବମାନନା କଲାବେଳେ ମଧ୍ୟ ତାକୁ ବାରଣ କରାଗଲା ନାହିଁ । ୧୯୩୮ ମସିହା ସେପ୍ଟେମ୍ବର ୨୯ ତାରିଖରେ ବିଲାତ ପ୍ରଧାନମନ୍ତ୍ରୀ ଚେମ୍ବରଲେନ୍, ଫରାସୀ ପ୍ରଧାନମନ୍ତ୍ରୀ ଦାଲାଡିଅର, ହିଟଲର୍ ଏବଂ ମୁସୋଲିନୀ ମ୍ୟୁନିକ୍ ଚୁକ୍ତି ସ୍ୱାକ୍ଷର କଲାପରେ ହିଟଲର୍ ଅତି ନିଷ୍ଠୁର ଭାବରେ ଚେକୋସ୍ଲୋଭାକିଆର ସୁଦେତାନ୍ ଅଞ୍ଚଳ ଅଧିକାର କରିନେଲେ । ସୁତରାଂ ଇଂଲଣ୍ଡ ଏବଂ ଫ୍ରାନ୍‌ସ ଆଦରି ନେଇଥିବା ତୁଷ୍ଟୀକରଣ ନୀତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର କଲା ।

**୧୧. କୂଟନୈତିକ ମେଣ୍ଟ ଗଠନ :**

୧୯୩୬ ରେ ଇଟାଲୀ ଏବଂ ଜର୍ମାନୀ ମଧ୍ୟରେ ରୋମ୍-ବର୍ଲିନ୍ ଚୁକ୍ତି ସ୍ୱାକ୍ଷରିତ ହେଲା । ୧୯୩୭ ରେ ଜାପାନ ସେହି ଚୁକ୍ତିରେ ସାମିଲ ହେବାରୁ ରୋମ୍-ବର୍ଲିନ୍-ଟୋକିଓ ଚୁକ୍ତି ଗଠିତ ହେଲା । ଏହି ଚୁକ୍ତି ଅନୁସାରେ ହିଟଲର୍, ମୁସୋଲିନୀ

ଏବଂ ଜାପାନର ଶାସକ ହିରୋହିତୋ ଭବିଷ୍ୟତରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ । ସେହିପରି କମ୍ୟୁନିଷ୍ଟ ରୁଷିଆର ଶକ୍ତିକୁ ପ୍ରତିହତ କରିବାର ଉଦ୍ଦେଶ୍ୟ ନେଇ ଇଟାଲୀ, ଜର୍ମାନୀ ଏବଂ ଜାପାନ ସ୍ୱାକ୍ଷର କଲେ କମ୍ୟୁନିଷ୍ଟ ବିରୋଧୀ ଚୁକ୍ତି । ୧୯୩୯ ମସିହାରେ ଇଟାଲୀ ଏବଂ ଜର୍ମାନୀ ମଧ୍ୟରେ ୧୦ବର୍ଷ ପାଇଁ ଇସ୍ପାତ ଚୁକ୍ତି ସ୍ୱାକ୍ଷରିତ ହେଲା । ୧୯୩୯ ରେ ଇଂଲଣ୍ଡ, ଫ୍ରାନ୍ସ, ଗ୍ରୀସ୍, ପୋଲାଣ୍ଡ ଆଦି ରାଷ୍ଟ୍ର ସମୂହକୁ ନେଇ ମିତ୍ରଶକ୍ତି ଗଢ଼ି ଉଠିଲା । ଇଟାଲୀ, ଜର୍ମାନୀ ଏବଂ ଜାପାନ ତଥା ଅନ୍ୟ ସହଯୋଗୀ ରାଷ୍ଟ୍ରମାନଙ୍କୁ ନେଇ ଅକ୍ଷ ଶକ୍ତି ଗଠିତ ହେଲା । ଅତଏବ ସମଗ୍ର ବିଶ୍ୱ ଦୁଇଟି ସେନାଛାଉଣୀରେ ବିଭକ୍ତ ହେବାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।

**୧୨. ଜାତିସଂଘର ବିଫଳତା ଏବଂ ହିଟ୍‌ଲରଙ୍କ ପୋଲାଣ୍ଡ ଆକ୍ରମଣ :**

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ୟତମ ପ୍ରମୁଖ କାରଣ ଥିଲା ଜାତିସଂଘର ଦୁର୍ବଳତା ଏବଂ ପୋଲାଣ୍ଡ ଉପରେ ଜର୍ମାନୀର ଆକ୍ରମଣ । ବୃହତ୍ ରାଷ୍ଟ୍ରମାନେ ଜାତିସଂଘର ନିର୍ଦ୍ଦେଶକୁ ମାନିବା ପାଇଁ ପ୍ରସ୍ତୁତ ନଥିଲେ । ଆକ୍ରମଣକାରୀ ରାଷ୍ଟ୍ରମାନଙ୍କ ଗତିରୋଧ କରିବା ପାଇଁ ତା ନିକଟରେ ସାମରିକ ଶକ୍ତି ନଥିଲା । ୧୯୩୧ ରେ ଜାପାନ୍ ଦ୍ୱାରା ମାଞ୍ଚୁରିଆ ଆକ୍ରମଣ, ୧୯୩୬ ରେ ହିଟ୍‌ଲର୍‌ଙ୍କ ଦ୍ୱାରା ଭାର୍ସାଇ ସନ୍ଧିର ସର୍ତ୍ତ ଉଲ୍ଲଂଘନ, ୧୯୩୮ ରେ ଅଷ୍ଟ୍ରିଆ ଅଧିକାର ଏବଂ ୧୯୩୯ ରେ ଚେକୋସ୍ଲୋଭାକିଆ ଆକ୍ରମଣ ସମୟରେ ଜାତିସଂଘ କୌଣସି ପଦକ୍ଷେପ ନେଇ ପାରିଲା ନାହିଁ ।

୧୯୩୯ ରେ ହିଟଲର୍ ପୋଲାଣ୍ଡର ଡାନଜିଗ୍ ଅଞ୍ଚଳକୁ ଜର୍ମାନୀ ସହିତ ମିଶ୍ରଣ କରିବା ପାଇଁ ଦାବୀ କଲେ । ମାତ୍ର ପୋଲାଣ୍ଡ ସରକାର ତାଙ୍କ ଦାବୀକୁ ପ୍ରତ୍ୟାଖ୍ୟାନ କରିଦେଲା । ଏଣୁ, ୧୯୩୯ ମସିହା ଅଗଷ୍ଟ ୨୩ ତାରିଖରେ ହିଟଲର୍ ରୁଷିଆ ସହିତ ଅଣ-ଆକ୍ରମଣ ଚୁକ୍ତି ସ୍ୱାକ୍ଷର କଲେ । ଏହି ଚୁକ୍ତି ଅନୁସାରେ ଜର୍ମାନୀର ପ୍ରାଚ୍ୟସୀମା ନିରାପଦ ରହିଲା । ୧୯୩୯ ମସିହା ସେପ୍ଟେମ୍ବର ୧ ତାରିଖରେ ହିଟ୍‌ଲର ପୋଲାଣ୍ଡ ଆକ୍ରମଣ କରିବାରୁ ୩ ତାରିଖ ଦିନ ଇଂଲଣ୍ଡ ଏବଂ ଫ୍ରାନ୍ସ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ।

୧୯୪୧ ରେ ଆମେରିକା ଏବଂ ୧୯୪୩ ରେ ରୁଷିଆ ଜର୍ମାନୀ ବିରୁଦ୍ଧରେ ଏବଂ ମିତ୍ର ଶକ୍ତି ସପକ୍ଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହେଲେ । ୧୯୪୫ ମସିହା ମେ ୭ ତାରିଖରେ ଜର୍ମାନୀ ଆତ୍ମସମର୍ପଣ କଲା । ସେହିବର୍ଷ ଅଗଷ୍ଟ ୬ ଓ ୯ ତାରିଖରେ ଆମେରିକା, ଜାପାନର ହିରୋସୀମା ଓ ନାଗାସାକି ସହରଦ୍ୱୟ ଉପରେ ପରମାଣୁ ବୋମା ନିକ୍ଷେପ କରିବାରୁ ଜାପାନ ଆତ୍ମ ସମର୍ପଣ କଲା ଏବଂ ଏଥି ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଘଟିଲା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ସଂଘଟିତ ହୋଇଥିଲା ?

୧. ୧୯୧୪ ୨. ୧୯୨୦ ୩. ୧୯୩୮ ୪. ୧୯୩୯

ଖ) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ସମ୍ରାଟ କିଏ ଥିଲେ ?

୧. ହିରୋହିଟୋ ୨. ହିଟ୍ଲର୍ ୩. ଷ୍ଟାଲିନ୍ ୪. ଚର୍ଚ୍ଚିଲ୍

ଗ) ଜାପାନ କେବେ ମାଞ୍ଚୁରିଆ ଆକ୍ରମଣ କଲା ?

୧. ୧୯୩୧ ୨. ୧୯୩୬ ୩. ୧୯୩୮ ୪. ୧୯୩୯

ଘ) ରୋମ୍-ବର୍ଲିନ୍ ଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ?

୧. ୧୯୩୫ ୨. ୧୯୩୬ ୩. ୧୯୩୮ ୪. ୧୯୩୯

ଙ) ହିଟଲର କେବେ ପୋଲାଣ୍ଡ ଆକ୍ରମଣ କଲେ ?

୧. ୧୯୩୩ ୨. ୧୯୩୫ ୩. ୧୯୩୬ ୪. ୧୯୩୯

୨. ଶୂନ୍ୟସ୍ଥାନ ପୂରଣ କର ।

କ) ୧୯୩୯ ମସିହାରୁ ____________ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବ୍ୟାହତ ରହିଥିଲା ।

ଖ) ____________ ଥିଲା ନାଜୀଦଳର ଚିହ୍ନ ।

ଗ) "ମୋ ସଂଘର୍ଷ" ର ରଚୟିତା ଥିଲେ ____________ ।

ଘ) ____________ ରେ ଇସ୍ପାତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ଙ) ୧୯୪୫ ମସିହା ଅଗଷ୍ଟ ____________ ଏବଂ ____________ ତାରିଖରେ ଆମେରିକା ତରଫରୁ ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପ କରାଯାଇଥିଲା ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଲେଖ ।

କ) ହିଟଲର୍ କିଏ ଏବଂ ସେ କେଉଁ ଦଳ ଗଠନ କରିଥିଲେ ?

ଖ) ରୋମ-ବର୍ଲିନ୍-ଟୋକିଓ ମେଣ୍ଟ କେବେ ଏବଂ କାହା କାହା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?

ଗ) ସ୍ପେନ୍ ଗୃହଯୁଦ୍ଧର ମୁଖ୍ୟ ନାୟକ କିଏ ଥିଲେ ଏବଂ ତାଙ୍କୁ କେଉଁ ୨ଜଣ ଶାସକ ସହାୟତା ପ୍ରଦାନ କରିଥିଲେ ?

ଘ) କେବେ ଏବଂ କାହା କାହା ମଧ୍ୟରେ ଆଣ୍ଟି କୋମିଟାର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?

ଙ) ଇସ୍ପାତ ଚୁକ୍ତି କେବେ ଏବଂ କାହା କାହା ମଧ୍ୟରେ ହୋଇଥିଲା ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ସ୍ପେନ୍ ଗୃହଯୁଦ୍ଧ

ଖ) ମ୍ୟୁନିକ୍ ଚୁକ୍ତି

ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧର ଆଶୁକରଣ

ଘ) ତୁଷ୍ଟିକରଣ ନୀତି

ଙ) ଅକ୍ଷ ଶକ୍ତି ଏବଂ ମିତ୍ର ଶକ୍ତି

## 'ଗ' ବିଭାଗ

## (ଦୀର୍ଘ ପ୍ରଶ୍ନୋତ୍ତର)

୫. ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭିନ୍ନ କାରଣ ଆଲୋଚନା କର ।

୬. ଦ୍ୱିତୀୟ ବିଶ୍ୱଯୁଦ୍ଧର ଯେ କୌଣସି ୪ଟି ମୁଖ୍ୟ କାରଣ ଉଲ୍ଲେଖ କର ।

❑❑❑

ସପ୍ତଦଶ ଅଧ୍ୟାୟ

# ମିଳିତ ଜାତିସଂଘ - ଉତ୍ପତ୍ତି ; ଉଦ୍ଦେଶ୍ୟ ଓ ଗଠନ :

## (United Nations - Origin, objectives and Structure)

ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଏବଂ ଭବିଷ୍ୟତରେ ଭୟଂକର ଯୁଦ୍ଧକୁ ପ୍ରତିରୋଧ କରିବା ଲକ୍ଷ୍ୟରେ ଜାତିସଂଘ ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ବିଭିନ୍ନ ଦେଶର ସ୍ୱାର୍ଥପର ନୀତି ଯୋଗୁଁ ଏହି ବିଶ୍ୱ ଶାନ୍ତି ସଂଗଠନ ତାର ଲକ୍ଷ୍ୟ ହାସଲ କରି ପାରିଲା ନାହିଁ । ଫଳରେ ବିଶ୍ୱବାସୀ ଆଉ ଏକ ମହାଯୁଦ୍ଧର ସମ୍ମୁଖୀନ ହେଲେ । ପ୍ରଥମ ବିଶ୍ୱଯୁଦ୍ଧ ଅପେକ୍ଷା ଦ୍ୱିତୀୟ ବିଶ୍ୱଯୁଦ୍ଧ ଅଧିକ ମାରାତ୍ମକ ବୋଲି ପ୍ରମାଣିତ ହେଲା । ଭବିଷ୍ୟତରେ ବିଶ୍ୱବାସୀ ଏଭଳି ଏକ ଧ୍ୱଂସାତ୍ମକ ଯୁଦ୍ଧରୁ ମୁକ୍ତ ରହିବା ପାଇଁ ଚିନ୍ତା କଲେ । ଏହି ଅବସରରେ ପାରସ୍ପରିକ ସହଯୋଗ, ବନ୍ଧୁତାଏବଂ ଆନ୍ତର୍ଜାତିକ ଭାବନା ଦ୍ୱାରା ବିଶ୍ୱଶାନ୍ତି ସମ୍ଭବପର ହୋଇ ପାରିବ ବୋଲି ବିଶ୍ୱର କେତେକ ରାଷ୍ଟ୍ରନାୟକ ଆଶା ପୋଷଣ କଲେ । ଉକ୍ତ ଭାବନା ଶେଷରେ ମିଳିତ ଜାତିସଂଘକୁ ଜନ୍ମ ଦେଲା ।

ଉତ୍ପତ୍ତି :

୧. ଆଟଲାଣ୍ଟିକ୍ ସନନ୍ଦ, ଅଗଷ୍ଟ ୧୯୪୧ : (Atlantic Charter)

୧୯୪୧ ମସିହା ଅଗଷ୍ଟ ୧୪ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍ଟ ଏବଂ ବିଲାତ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ, ନିଉଫାଉଣ୍ଡଲାଣ୍ଡ ନିକଟସ୍ଥ ଆଟଲାଣ୍ଟିକ୍ ମହାସାଗରରେ "ଅଗଷ୍ଟା" ନାମକ ଜାହାଜରେ ପରସ୍ପରକୁ ସାକ୍ଷାତ୍ କରି ବିଶ୍ୱ ସମସ୍ୟା ଉପରେ ଆଲୋଚନା କଲେ । ଫଳରେ ଭବିଷ୍ୟତରେ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ରକ୍ଷା ନିମନ୍ତେ "ଆଟଲାଣ୍ଟିକ୍ ସନନ୍ଦ" ନାମରେ ଏକ ଘୋଷଣାନାମା ପ୍ରକାଶ ପାଇଲା ।

୨. ପ୍ରତିଶ୍ରୁତି ପତ୍ରରେ ସ୍ୱାକ୍ଷର ଏବଂ ମିଳିତ ଜାତିର ନାମକରଣ : (Naming of U.N.O)

୧୯୪୨ ମସିହା ଜାନୁଆରୀ ମାସ ୧ ତାରିଖରେ ମିତ୍ରପକ୍ଷଭୁକ୍ତ ୨୬ଗୋଟି ରାଷ୍ଟ୍ରର ପ୍ରତିନିଧି ଏକ ପ୍ରତିଶ୍ରୁତି ପତ୍ରରେ ସ୍ୱାକ୍ଷରକଲେ ଏବଂ ସେହି ପତ୍ରଟିକୁ "ମିଳିତ ଜାତିର ଘୋଷଣାନାମା" ନାମରେ ନାମିତ କରାଗଲା ।

୩. ମସ୍କୋ ଘୋଷଣାନାମା ଅକ୍ଟୋବର, ୧୯୪୩ : (Muscow Declaration)

୧୯୪୩ ମସିହା ଅକ୍ଟୋବର ମାସରେ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଚୀନ ଏବଂ ରୁଷିଆର ବୈଦେଶିକ ମନ୍ତ୍ରୀମାନେ ଏକାଠି ହୋଇ ବିଶ୍ୱଶାନ୍ତି ଏବଂ ନିରାପତ୍ତା ରକ୍ଷା ନିମନ୍ତେ ଏକ ଆନ୍ତର୍ଜାତୀୟ ଅନୁଷ୍ଠାନ ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କଲେ ।

୪. ଡମ୍ବରଟନ୍ ଓକସ୍ ସମ୍ମିଳନୀ ; ଅଗଷ୍ଟ ୧୯୪୪ : (Dumberton Oaks Coference)

୧୯୪୪ ମସିହା ଅଗଷ୍ଟ ମାସରେ ରୁଷିଆ, ଆମେରିକା, ଇଂଲଣ୍ଡ ଏବଂ ଚୀନ୍‌ର ପ୍ରତିନିଧିମାନେ ୱାସିଂଟନ୍‌ର ଡମ୍ବରଟନ୍ ଓକସ୍‌ରେ ମିଳିତ ହୋଇ "ମିଳିତ ଜାତିସଂଘ" ପ୍ରତିଷ୍ଠା କରିବା ନିମନ୍ତେ ଏକ ଚିଠା ପ୍ରସ୍ତୁତ କଲେ ।

୫. ୟାଲ୍ଟା ସମ୍ମିଳନୀ ; ଫେବୃଆରୀ ୧୯୪୫ : (Yalta conference)

୧୯୪୫ ମସିହା ଫେବୃଆରୀ ମାସରେ ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ୍, ବିଲାତ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଏବଂ ସୋଭିଏତ୍ ନେତା ଷ୍ଟାଲିନ୍ ମିଳିତ ହୋଇ ଇଉରୋପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କଲେ ।

୬. ସାନ୍ ଫ୍ରାନ୍‌ସିସ୍‌କୋ ସମ୍ମିଳନୀ ; ଏପ୍ରିଲ - ଜୁନ୍ ୧୯୪୫ : (San-Francisco Conference)

୧୯୪୫ ମସିହା ଏପ୍ରିଲ ୨୫ ତାରିଖରେ ୫୦ଟି ରାଷ୍ଟ୍ରର ପ୍ରତିନିଧି ସାନ୍ ଫ୍ରାନ୍‌ସିସ୍‌କୋ ଠାରେ ଏକତ୍ରିତ ହୋଇ ବିସ୍ତୃତ ଆଲୋଚନା ପରେ "ମିଳିତ ଜାତିସଂଘ"ର ସନନ୍ଦ ପ୍ରସ୍ତୁତ କଲେ । ୪୮ଟି ରାଷ୍ଟ୍ରର ପ୍ରତିନିଧି ସେହି ସନନ୍ଦରେ ସ୍ୱାକ୍ଷର କଲାପରେ ୧୯୪୫ ମସିହା ଅକ୍ଟୋବର ମାସ ୨୪ ତାରିଖରୁ ମିଳିତ ଜାତିସଂଘର ସନନ୍ଦ କାର୍ଯ୍ୟକାରୀ ହେବା ବିଷୟ ଘୋଷଣା କରାଗଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ନିଉୟର୍କରେ ଅବସ୍ଥିତ ।

୭. ମିଳିତ ଜାତିସଂଘର ଲକ୍ଷ୍ୟ : (Aims of UNO)

ମିଳିତ ଜାତିସଂଘର ଲକ୍ଷ୍ୟ ଗୁଡ଼ିକ ହେଲା :

(କ) ବିଶ୍ୱଶାନ୍ତି ଏବଂ ନିରାପତ୍ତା ରକ୍ଷା କରିବା ।

(ଖ) ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ଏବଂ ସମନ୍ୱୟ ରକ୍ଷା କରିବା ।

(ଗ) ସମସ୍ତ ସଭ୍ୟ ରାଷ୍ଟ୍ରମାନଙ୍କୁ ସମାନ ଅଧିକାର ଏବଂ ନିଜସ୍ୱ ଶୈଳୀରେ ନିଷ୍ପତି ଦେବାର ଅଧିକାର ପ୍ରଦାନ ।

(ଘ) ପାରସ୍ପରିକ ସହଯୋଗ ମାଧ୍ୟମରେ ଆନ୍ତର୍ଜାତିକ; ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ମାନବିକ ସମସ୍ୟାର ସମାଧାନ କରିବା ।

(ଙ) ମାନବିକ ଅଧିକାର, ମର୍ଯ୍ୟାଦା ତଥା ସ୍ୱତନ୍ତ୍ରତାର ଉନ୍ନତି ଘଟାଇବା ।

(ଚ) କୌଣସି ସଭ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ।

ମିଳିତ ଜାତିସଂଘର ବିଭିନ୍ନ ଅଙ୍ଗ :

ମିଳିତ ଜାତିସଂଘର ବିଭିନ୍ନ ଅଂଗଗୁଡ଼ିକ ହେଲା ସାଧାରଣ ସଭା, ନିରାପତ୍ତା ପରିଷଦ, ଆର୍ଥନୀତିକ ଏବଂ ସାମାଜିକ ପରିଷଦ, ମାରଫତଦାରୀ ପରିଷଦ, ସଚିବାଳୟ ଏବଂ ଆନ୍ତର୍ଜାତୀୟ ନ୍ୟାୟାଳୟ ।

୧. ସାଧାରଣ ସଭା (General Assembly)

ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ନେଇ ସାଧାରଣ ସଭା ଗଠିତ ହୋଇଥାଏ । ପ୍ରତ୍ୟେକ ସଭ୍ୟରାଷ୍ଟ୍ର ୫ ଜଣ ପ୍ରତିନିଧି ପଠାଇବାର ବ୍ୟବସ୍ଥା ରହିଛି । କିନ୍ତୁ, ପ୍ରତ୍ୟେକ ସଭ୍ୟରାଷ୍ଟ୍ର ଗୋଟିଏ ଭୋଟ ପ୍ରଦାନ କରିବାର ଅଧିକାର ସାବ୍ୟସ୍ତ କରି ପାରିବେ । ଜାତିସଂଘର ସନନ୍ଦରେ ସ୍ଥାନ ପାଇଥିବା ବିଭିନ୍ନ ପ୍ରସଂଗ ଉପରେ ଆଲୋଚନା କରିବା; ଆୟବ୍ୟୟ ଉପରେ ନିୟନ୍ତ୍ରଣ ରକ୍ଷା, ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ପ୍ରସ୍ତୁତ କରିବା, ନିରାପତ୍ତା ପରିଷଦର ଅସ୍ଥାୟୀ ସଭ୍ୟ, ଅର୍ଥନୈତିକ ଓ ସାମାଜିକ ପରିଷଦ ଓ ନ୍ୟାସଧାରୀ ପରିଷଦର ସଭ୍ୟ ମାନଙ୍କୁ ନିର୍ବାଚିତ କରିବା ଏବଂ ନିରାପତ୍ତା ପରିଷଦର ପରାମର୍ଶ କ୍ରମେ ନୂତନ ରାଷ୍ଟ୍ରମାନଙ୍କୁ ସଂଗଠନର ସଭ୍ୟ ରୂପେ ଗ୍ରହଣ କରିବା ହେଉଛି ସାଧାରଣ ସଭାର ମୁଖ୍ୟ କାର୍ଯ୍ୟ । ଏତଦ୍ ବ୍ୟତୀତ ବିଶ୍ୱ ଶାନ୍ତି ଏବଂ ନିରାପତ୍ତାକୁ ବିପନ୍ନ କରୁଥିବା ସମସ୍ୟା ପ୍ରତି ଏହା ନିରାପତ୍ତା ପରିଷଦର ଦୃଷ୍ଟି ଆକର୍ଷଣ କରିଥାଏ ।

୨. ନିରାପତ୍ତା ପରିଷଦ (Security Council)

ନିରାପତ୍ତା ପରିଷଦ ହେଉଛି ଜାତିସଂଘର ମୁଖ୍ୟ କାର୍ଯ୍ୟପାଳିକା ଅଂଗ । ଏହା ୫ଟି ସ୍ଥାୟୀ ଏବଂ ୧୦ଟି ଅସ୍ଥାୟୀ ସଭ୍ୟରାଷ୍ଟ୍ରକୁ ନେଇ ଗଠିତ । ଏହାର ପାଞ୍ଚ ଗୋଟି ସଭ୍ୟ ରାଷ୍ଟ୍ରମାନେ ହେଲେ : ଆମେରିକା, ରୁଷିଆ, ଇଂଲଣ୍ଡ, ଫ୍ରାନ୍‌ସ ଏବଂ ଚୀନ । ଏହାର ଅସ୍ଥାୟୀ ସଭ୍ୟମାନଙ୍କୁ ସାଧାରଣ ସଭାର ଦୁଇ ତୃତୀୟାଂଶ ସଭ୍ୟ ୨ ବର୍ଷ ପାଇଁ ନିର୍ବାଚିତ କରିଥାନ୍ତି । ଏହାର ପ୍ରତ୍ୟେକ ସଭ୍ୟର ଗୋଟିଏ ଭୋଟ ଦେବାର ଅଧିକାର ରହିଛି । ଏହାର ମୁଖ୍ୟ କାର୍ଯ୍ୟ ହେଲା ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ରକ୍ଷା କରିବା । ଜାତିସଂଘ ସନନ୍ଦର ସର୍ତ୍ତକୁ ଉଲ୍ଲଂଘନ କରୁଥିବା ରାଷ୍ଟ୍ର ବିରୁଦ୍ଧରେ କୂଟନୈତିକ ଏବଂ ଅର୍ଥନୈତିକ ପଦକ୍ଷେପ ନେବାର କ୍ଷମତା ଏହି ସଂସ୍ଥାଠାରେ ନ୍ୟସ୍ତ କରାଯାଇଛି । ଏହାର ୫ଜଣ ସ୍ଥାୟୀ ସଭ୍ୟଙ୍କୁ "ଭେଟୋ" ବା ବିଶେଷ କ୍ଷମତା ପ୍ରଦାନ କରାଯାଇଛି ଏବଂ ସେହି କ୍ଷମତା ବଳରେ ପ୍ରତ୍ୟେକ ସ୍ଥାୟୀ ସଭ୍ୟରାଷ୍ଟ୍ର ଯେ କୌଣସି ପ୍ରସ୍ତାବକୁ ନାକଚ କରି ପାରିବେ । ସୁତରାଂ ନିରାପତ୍ତା ପରିଷଦ ହେଉଛି ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ।

୩. ଅର୍ଥନୈତିକ ଏବଂ ସାମାଜିକ ପରିଷଦ : (Economic and Social Council)

୫୪ଟି ସଭ୍ୟ-ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ନେଇ ଆର୍ଥନୀତିକ ଏବଂ ସାମାଜିକ ପରିଷଦ ଗଠିତ । ବିଶ୍ୱର ଜନସାଧାରଣଙ୍କ ଜୀବନର ମାନକୁ ବୃଦ୍ଧି କରାଇବା ଏହି ଅଙ୍ଗର ଦାୟିତ୍ୱ । ଏତଦ୍‌ଭିନ୍ନ ବେକାରୀ ସମସ୍ୟା ଦୂରୀକରଣ, ସାମାଜିକ ଉନ୍ନତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ବିକାଶ ସାଧନ, ମାନବୀୟ ଅଧିକାର ତଥା ମୌଳିକ ସ୍ୱାଧୀନତା ପ୍ରତି ସଚେତନତା ସୃଷ୍ଟି କରିବା ନିମନ୍ତେ ଏହା ଉଦ୍ୟମ କରିଥାଏ । ଏହି ଅବୟବ ଅଧିନରେ ଥିବା ବିଭିନ୍ନ ସଂସ୍ଥା ଯଥା : "ଆର୍ନ୍ତଜାତୀୟ ଶ୍ରମ ସଂଗଠନ", (**ILO**), "ଖାଦ୍ୟ ଓ କୃଷି ସଂଗଠନ" (**FAO**), "ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ" (**WHO**), "ଶିକ୍ଷାଗତ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ" (**UNESCO**), ଏବଂ "ଆର୍ନ୍ତଜାତୀୟ ମୁଦ୍ରାପାଣ୍ଠି" (**IMF**) ମାଧ୍ୟମରେ ବିକାଶଶୀଳ ରାଷ୍ଟ୍ରର ଜନସାଧାରଣଙ୍କ ନିମନ୍ତେ ଅଶେଷ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁଛି ।

୪. ମାର୍ଫତଦାରୀ ପରିଷଦ : (Trusteeship Council)

ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ରାଷ୍ଟ୍ରମାନଙ୍କର ପ୍ରତିନିଧି ଏବଂ ବିଭିନ୍ନ ଉପନିବେଶର ଶାସନ ଦାୟିତ୍ୱ ବହନ କରୁଥିବା ବୃହତ୍ତର ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ନେଇ ମାର୍ଫତଦାରୀ ପରିଷଦ ଗଠିତ ହୋଇଥିଲା । ଏହା ବୃହତ୍ତର ଶକ୍ତିମାନଙ୍କଠାରେ ନ୍ୟସ୍ତ ଅଞ୍ଚଳ ଗୁଡ଼ିକର ସର୍ବବିଧ ବିକାଶ ଘଟାଇଥାଏ । ପୁନଶ୍ଚ ଏହି ପରିଷଦ, ମିଳିତ ଜାତିସଂଘ ମାର୍ଫତରେ ଥିବା ଅଞ୍ଚଳଗୁଡ଼ିକର ବିକାଶ ନିମନ୍ତେ ଚେଷ୍ଟା କରିଥାଏ ।

୫. ଆର୍ନ୍ତଜାତୀୟ ନ୍ୟାୟାଳୟ : (International Court of Justice)

ସାଧରଣ ସଭା ଏବଂ ନିରାପତ୍ତା ପରିଷଦ ଦ୍ୱାରା ନଅବର୍ଷ ପାଇଁ ନିର୍ବାଚିତ ୧୫ଜଣ ବିଚାରପତିଙ୍କୁ ନେଇ ଆର୍ନ୍ତଜାତୀୟ ନ୍ୟାୟାଳୟ ଗଠିତ । ଏହାର ମୁଖ୍ୟ କାର୍ଯ୍ୟାଳୟ ନେଦରଲାଣ୍ଡର ହେଗ୍‌ଠାରେ ଅବସ୍ଥିତ । ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦର ବିଚାର କରି, ଏହା ନିଜର ନିଷ୍ପତି ଶୁଣାଇଥାଏ । ପ୍ରତ୍ୟେକ ରାଷ୍ଟ୍ର ଏହାର ଆଇନଗତ ନିଷ୍ପତିକୁ ମାନିବା ପାଇଁ ବାଧ୍ୟ ଅଟନ୍ତି । ସାଧାରଣ ସଭା ଏବଂ ନିରାପତ୍ତା ପରିଷଦ, ଆବଶ୍ୟକ ସ୍ଥଳେ ଉକ୍ତ ନ୍ୟାୟାଳୟର ପରାମର୍ଶ ଲୋଡ଼ିଥାନ୍ତି ।

୬. ସଚିବାଳୟ (Secretariat)

ମିଳିତ ଜାତିସଂଘର ସମସ୍ତ କର୍ମଚାରୀମାନଙ୍କୁ ନେଇ ସଚିବାଳୟ ଗଠିତ ହୋଇଛି । ସଚିବାଳୟର ମୁଖ୍ୟ ହେଲେ ମହାସଚିବ । ନିରାପତ୍ତା ପରିଷଦର ସୁପାରିଶ କ୍ରମେ ସାଧାରଣ ସଭାଦ୍ୱାରା ସହସଚିବ ନିଯୁକ୍ତ ହୋଇଥାଆନ୍ତି । ସେ ସାଧାରଣ ସଭାକୁ ବାର୍ଷିକ ବିକାଶ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥାଆନ୍ତି । ବିଶ୍ୱଶାନ୍ତି ଏବଂ ନିରାପତ୍ତାକୁ ବ୍ୟାହତ କରୁଥିବା ଯେକୌଣସି

ସମସ୍ୟା ପ୍ରତି ସେ ନିରାପତ୍ତା ପରିଷଦର ଦୃଷ୍ଟି ଆକର୍ଷଣ କରିଥାନ୍ତି । ମିଳିତ ଜାତିସଂଘରେ ୬ଟି ଭାଷା ବ୍ୟବହାର କରାଯାଏ । ଭନ୍ କି ମୁନ୍ ବର୍ତ୍ତମାନର ମହାସଚିବ ଭାବରେ କାର୍ଯ୍ୟରତ ।

**ଉପସଂହାର :**

ସୁତରାଂ, ଉପର ବର୍ଣ୍ଣିତ ସଂସ୍ଥା ମାଧ୍ୟମରେ ମିଳିତ ଜାତିସଂଘ ବିଭିନ୍ନ ଆର୍ନ୍ତଜାତୀୟ ଦ୍ୱନ୍ଦ୍ୱର ସମାଧାନ କରି ଆସୁଛି । ବିଶ୍ୱ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏହି ସଂଗଠନର ଅବଦାନ ବାସ୍ତବରେ ଅବିସ୍ମରଣୀୟ । ଆର୍ନ୍ତଜାତୀକ ଡାକ ସଂଘ (Universal Postal Union), ବିଶ୍ୱବ୍ୟାଙ୍କ (World Bank) ଆର୍ନ୍ତଜାତିକ ଆଣବିକ ଶକ୍ତି ସଂଗଠନ (International Atomic Energy Agency) ଇତ୍ୟାଦି ସଂସ୍ଥା ମାଧ୍ୟମରେ ମିଳିତ ଜାତିସଂଘ ନିଜର ଲକ୍ଷ୍ୟ ସାଧନ ନିମନ୍ତେ ଉଦ୍ୟମ ଜାରି ରଖିଛି ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ମିଳିତ ଜାତିସଂଘ କେବେ ଆତ୍ମପ୍ରକାଶ କଲା ?

୧. ୧୯୪୩ ୨. ୧୯୪୪ ୩. ୧୯୪୫ ୪. ୧୯୪୬

ଖ) ୧୯୪୧ ମସିହା ଅଗଷ୍ଟ ମାସ ୧୪ ତାରିଖରେ ପ୍ରକାଶ ପାଇଥିବା ଘୋଷଣା ପତ୍ରର ନାମ କ'ଣ ଥିଲା ?

୧. ଅଟଲାଣ୍ଟିକ୍ ସନନ୍ଦ

୨. ମସ୍କୋ ଘୋଷଣାପତ୍ର

୩. ତେହେରାନ୍ ଘୋଷଣାପତ୍ର

୪. ଡୁମ୍ବରଟୋନ୍ ଓକସ୍ ଘୋଷଣାପତ୍ର

ଗ) କେବେ ତେହେରାନ୍ ସମ୍ମିଳନୀ ଆୟୋଜିତ ହୋଇଥିଲା ?

୧. ୧୯୪୧ ୨. ୧୯୪୨ ୩. ୧୯୪୩ ୪. ୧୯୪୪

ଘ) ନିରାପତ୍ତା ପରିଷଦ କେତୋଟି ସଭ୍ୟ ରାଷ୍ଟ୍ରକୁ ନେଇ ଗଠିତ ?

୧. ୧୦ ୨. ୧୨ ୩. ୧୪ ୪. ୧୫

ଙ) ଆନ୍ତର୍ଜାତୀୟ ନ୍ୟାୟାଳୟ କେଉଁଠାରେ ଅବସ୍ଥିତ ?

୧. ହେଗ୍ ୨. ମସ୍କୋ ୩. ୱାସିଂଟନ ୪. ବେଲଗ୍ରେଡ୍

୨. ଶୂନ୍ୟସ୍ଥାନ ପୂରଣ କର ।

କ) ନିରାପତ୍ତା ପରିଷଦ ________ ଟି ସ୍ଥାୟୀ ଏବଂ ________ ଟି ଅସ୍ଥାୟୀ ସଭ୍ୟ-ରାଷ୍ଟ୍ରକୁ ନେଇ ଗଠିତ ।

ଖ) ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ________ ।

ଗ) "ଆର୍ଥନୀତିକ ଏବଂ ସାମାଜିକ ପରିଷଦ" ରେ ____________ ଜଣ ସଭ୍ୟ ରାଷ୍ଟ୍ର ଅଛନ୍ତି ।

ଘ) ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟରାଷ୍ଟ୍ରଙ୍କ ଠାରେ ____________ କ୍ଷମତା ନ୍ୟସ୍ତ କରାଯାଇଛି ।

ଙ) ମିଳିତ ଜାତିସଂଘରେ ____________ ଟି ଭାଷା ବ୍ୟବହାର କରାଯାଇଥାଏ ।

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) କେବେ ମସ୍କୋ ସମ୍ମିଳନୀ ଆହୂତ ହୋଇଥିଲା ଏବଂ କେଉଁ କେଉଁ ଦେଶର ବୈଦେଶିକ ମନ୍ତ୍ରୀମାନେ ସେଠାରେ ଏକତ୍ରିତ ହୋଇଥିଲେ ?

ଖ) କେବେ ୟାଲ୍‌ଟା ସମ୍ମିଳନୀ ଆୟୋଜନ କରାଯାଇଥିଲା ଏବଂ ସେଠାରେ କେଉଁ ଦେଶର ମୁଖ୍ୟମାନେ ମିଳିତ ହୋଇଥିଲେ ?

ଗ) ଆନ୍ତର୍ଜାତିକ ନ୍ୟାୟାଳୟରେ କେତେଜଣ ବିଚାରପତି ଅଛନ୍ତି ଏବଂ ସେମାନେ କେତେବର୍ଷ ପାଇଁ ତଥା କିପରି ଭାବରେ ନିଯୁକ୍ତ ହୋଇଥାନ୍ତି ?

ଘ) "ଭିଟୋ କ୍ଷମତା" କ'ଣ ଏବଂ ଜାତିସଂଘର କେତେ ଜଣ ସଭ୍ୟ ରାଷ୍ଟ୍ର ଏହି କ୍ଷମତା ଉପଭୋଗ କରନ୍ତି ?

ଙ) ମିଳିତ ଜାତିସଂଘର ଯେ କୌଣସି ୨ଟି ଲକ୍ଷ୍ୟ ଉଲ୍ଲେଖ କର ।

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।

କ) ଆଟଲାଣ୍ଟିକ୍ ସନନ୍ଦ

ଖ) ମାର୍ଗଦର୍ଶନକାରୀ ପରିଷଦ

ଗ) ମହାସଚିବ

ଘ) ଲଣ୍ଡନ ଘୋଷଣାପତ୍ର

ଙ) ଆନ୍ତର୍ଜାତୀୟ ନ୍ୟାୟାଳୟ

## 'ଗ' ବିଭାଗ

## (ଦୀର୍ଘ ପ୍ରଶ୍ନୋତ୍ତର)

୫. ମିଳିତ ଜାତିସଂଘର ଉତ୍ପତ୍ତି ବିଷୟରେ ସଂକ୍ଷେପରେ ଆଲୋଚନା କର ।

୬. ମିଳିତ ଜାତିସଂଘର ବିଭିନ୍ନ ଅଙ୍ଗ ବିଷୟରେ ଉଲ୍ଲେଖ କର ।

□□□

Copy right reserved by

COUNCIL OF HIGHER SECONDARY EDUCATION
ODISHA, BHUBANESWAR

*Printed at :*

ODISHA STATE BUREAU OF TEXTBOOK
PREPARATION & PRODUCTION
POUSTAK BHAVAN, BHUBANESWAR